ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ସେପ୍ଟେମ୍ବର ସଂସ୍କରଣ

କଥା ଓ କାହାଣୀ

ପଦ୍ୟ ଓ କବିତା

ହାସ୍ୟ ଓ ବ୍ୟଙ୍ଗ

ଇତିହାସ ଓ ପ୍ରବଂଧ

ଅନୁବାଦ ସାହିତ୍ୟ

ସମ୍ବଲପୁରୀ ଲେଖା

ଶିଶୁ କଥା

ଏବଂ

ଆହୁରି ଅନେକ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା



ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା - ସମ୍ପାଦକ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍

ଫ୍ଲାଟ୍ ସଂ: ୨୦୨, ଚିଦାନନ୍ଦ ଆବାସ, ବୀମା ନଗର, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ / ହ୍ୱାଟ୍ସଆପ୍ : ୭୦୦୮୫୬୭୦୮୫ | ଇମେଲ୍ : aahwaan@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

'ଆହ୍ୱାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।




**ଆଗାମୀ ମାସରେ ପବିତ୍ର ଦଶହରା ଉପଲକ୍ଷେ ଆହ୍ୱାନ ଇ-ପତ୍ରିକାର ଏକ ବିଶେଷ ଶାରଦୀୟ ବିଶେଷାଂକ ପ୍ରକାଶିତ ହେବ । ଆପଣ ନିଜସ୍ୱ କୃତ ଶ୍ରେଷ୍ଠ ଓଡ଼ିଆ ଆଲେଖ୍ୟ ଯଥାଶୀଘ୍ର ଆମ ନିକଟକୁ ପଠାନ୍ତୁ ।**

 Magazine Downloaded from www.aahwaan.com

# ଲେଖକ ମାନଙ୍କ ପାଇଁ ସୂଚନା

ଯେଉଁ ବନ୍ଧୁମାନେ ଏହି ପତ୍ରିକା ପାଇଁ ଲେଖା ପଠାଉଛନ୍ତି ସେମାନଙ୍କୁ ବିନୀତ ଅନୁରୋଧ, ସେମାନେ ଧୈର୍ଯ୍ୟର ସହ ପତ୍ରିକାର ପ୍ରକାଶନକୁ ଅପେକ୍ଷା କରନ୍ତୁ । ପତ୍ରିକା ପ୍ରକାଶିତ ହେବାପରେ ପରେ ଆହ୍ୱାନ ଇ-ପତ୍ରିକାର ୱେବ୍‌ସାଇଟ ଏବଂ ଆଣ୍ଡ୍ରଏଡ୍ ଆପ୍ ଦ୍ୱାରା ପତ୍ରିକାର ପ୍ରକାଶନ ସମ୍ବନ୍ଧୀୟ ସୂଚନା ପ୍ରେରଣ କରାଯିବ ।

ପ୍ରତ୍ୟେକ ମାସରେ ଜଣେ ଲେଖକଙ୍କ ସର୍ବାଧିକ ଦୁଇଟି ଲେଖା ହିଁ ପ୍ରକାଶିତ ହେବ । ସେଥିପାଇଁ ଲେଖକ ନିଜେ ସ୍ୱରଚିତ କେବଳ ଗୋଟିଏ କିମ୍ବା ଦୁଇଟି ଲେଖା ହିଁ ପଠାନ୍ତୁ । ଏକାଧିକ ଲେଖା ପଠାଇଲେ, ପ୍ରଥମେ ମିଳିଥିବା ଲେଖାକୁ ହିଁ ପ୍ରକାଶନ ହେତୁ ସ୍ୱୀକାର କରାଯିବ । ଲେଖା ପାଇବା ପରେ ଆମେ ଇମେଲ୍ ଦ୍ୱାରା ଜଣାଇଥାଉ, ତଥାପି ଯଦି ଆପଣ ଜାଣି ପାରନ୍ତି ନାହିଁ, ତେବେ ଆମ ଇ-ପତ୍ରିକାର ଆଣ୍ଡ୍ରଏଡ୍ ଆପ୍ ଡାଉନଲୋଡ୍ କରି ସେଠାରେ ସଂଗୃହୀତ ଆଲେଖ୍ୟ ପୃଷ୍ଠାରେ ଆଗାମୀ ସଂସ୍କରଣ ପାଇଁ ମିଳିଥିବା ଲେଖା ତାଲିକା ଦେଖି ପାରିବେ ।

ବାରମ୍ବାର ଅନୁରୋଧ ସତ୍ତ୍ୱେ ଅନେକ ବନ୍ଧୁ ଲେଖାଗୁଡ଼ିକୁ ଟାଇପ୍ କରି ପଠାଉ ନାହାନ୍ତି, ଆଉ ଯଦି ସେମାନଙ୍କୁ ଅଧିକ ବାଧ୍ୟ କରାଯାଏ, ଉଣାଅଧିକେ ଲେଖା ପଠାଉଥିବା ନବେ ପ୍ରତିଶତ ଲେଖକ ଲେଖା ପଠାଇବା ବନ୍ଦ କରିଦେବେ, କାରଣ ସେମାନଙ୍କୁ ଓଡ଼ିଆରେ ଟାଇପ୍ କରି ଆସେନି । ତେଣୁ ଯେମିତି ବି ହେଉ ଏହି ପତ୍ରିକାକୁ ପ୍ରତ୍ୟେକ ମାସରେ ପ୍ରକାଶନ କରିବା ମୋର ଲକ୍ଷ୍ୟ । ତେଣୁ ମୋର ବ୍ୟସ୍ତବହୁଳ ଜୀବନଚର୍ଯ୍ୟାରେ ସୀମିତ ସମୟର ସଦୁପଯୋଗ କରିବା ଉଦ୍ଦେଶ୍ୟରେ ଏହି ପତ୍ରିକାକୁ ପ୍ରକାଶିତ କରୁଛି ଏବଂ କରୁଥିବି ମଧ୍ୟ । ଆପଣ ମାନଙ୍କ ସହଯୋଗ ପାଇଁ ମୁଁ ଆପଣଙ୍କ ନିକଟରେ ଋଣୀ ।

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ, ସମ୍ପାଦକ**

ଆହ୍ୱାନ ଇ-ପତ୍ରିକାର ଆଣ୍ଡ୍ରଏଡ୍ ଆପ୍ ସମ୍ପୂର୍ଣ୍ଣ ନିଃଶୁଳ୍କ ଭାବରେ ଆମ ୱେବ୍‌ସାଇଟ୍‌ରେ ଉପଲବ୍ଧ ଅଛି ।

Magazine Downloaded from www.aahwaan.com

# ସୂଚୀପତ୍ର


| | | |
|---|---|---|
| ସମ୍ପାଦକୀୟ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୧୫ |
| କାହାଣୀ ବିଭାଗ | | ୩୦ |
| ସୁନେଲୀ ସିଂହ | ଅଶୋକ ବିଶ୍ୱାଳ | ୩୧ |
| ଗୁରୁ, ଅନ୍ଧକାର ଜୀବନର ସୂର୍ଯ୍ୟାଲୋକ | ପାରମିତା ମିଶ୍ର | ୩୯ |
| ଇମିଟେସନ୍ ଚୁଡ଼ି | ରୋଜା ପଣ୍ଡା | ୪୪ |
| କର୍ମ ପରିଣାମ | ଶିଶିର କୁମାର ପଣ୍ଡା | ୫୦ |
| ଚାକିରୀ | ସନ୍ତୋଷ ସ୍ୱାଇଁ | ୫୩ |
| ବନ୍ଧୁତ୍ୱ | ମୋନାଲିସା ପ୍ରିୟଦର୍ଶିନୀ ନନ୍ଦ | ୫୭ |
| ସୁନୀତା | ନାରାୟଣ ଚନ୍ଦ୍ର ସେନାପତି | ୬୧ |
| ଉପେକ୍ଷିତା | ବିନୟ ମହାପାତ୍ର | ୬୯ |
| ଅସହାୟ ଦୁଇବନ୍ଧୁ | କୃଷ୍ଣଚନ୍ଦ୍ର ଡାକୁଆ | ୭୬ |
| ନିଜ ଭଗବାନ | ମହେଶ୍ୱର ସାହୁ | ୮୩ |
| ପୁରସ୍କାର | ଅଙ୍କିତା ପାଢ଼ୀ | ୮୮ |
| ଆଲାର୍ମ ଘଡ଼ି | ସନ୍ତୋଷ କୁମାର ନାୟକ | ୯୪ |
| ରମା | ଦୁଷ୍ମନ୍ତ କୁମାର ମିଶ୍ର | ୯୮ |


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

| | | |
|---|---|---|
| ଲାବୋରାଟୋରୀରେ ରାତ୍ରୀ ଉଜାଗର | ସତ୍ୟପ୍ରକାଶ ସେଠୀ | ୧୦୮ |
| କୁମାରୀ | ଅନସୂୟା ପଣ୍ଡା | ୧୧୭ |
| ପରିବର୍ତ୍ତନର ସ୍ୱର | ମିନାକ୍ଷୀ ପଟ୍ଟନାୟକ | ୧୨୩ |
| ଦି'ଧାର ଲୁହ | ଲକ୍ଷ୍ମୀକାନ୍ତ ପଟ୍ଟନାୟକ | ୧୨୭ |
| କାମିନୀ | ଦୀପକ ଷଡ଼ଙ୍ଗୀ | ୧୩୧ |
| ଚାରୋଟି ଲୋକଗଳ୍ପ | ସୁଧାଂଶୁ ଦ୍ୱିବେଦୀ | ୧୩୯ |
| ଭଗବାନଙ୍କ ଭରସାରେ( ?) | ବାଲ୍ମୀକି ନାୟକ | ୧୪୨ |
| ସରି ସାର୍ (ଏକାଙ୍କିକା) | ନୂତନ କୁମାର ବେହେରା | ୧୪୭ |
| କବିତା ବିଭାଗ | | ୧୫୩ |
| ସୁଖ ଖୋଜା | ପୁଷ୍ପାଞ୍ଜଳୀ ପଣ୍ଡା | ୧୫୪ |
| ବୟସର କୃଷ୍ଣଚୁଡ଼ା | ଲିପିନ୍ ରାଉତ | ୧୫୫ |
| ଜାତିବାଦ ଛାଡ଼ | ସନ୍ତୋଷ ପଟ୍ଟନାୟକ | ୧୫୬ |
| ଯଥାର୍ଥତା | ନରସିଂହ ପ୍ରସାଦ ଚଇତି | ୧୫୮ |
| ସ୍ୱଭାବକବିଙ୍କ ପ୍ରତି | ଦେବାଶିଷ ସାଗର | ୧୫୯ |
| ପନ୍ଦର ଅଗଷ୍ଟ | ଜଗବନ୍ଧୁ ସାହୁ | ୧୬୨ |
| କଳି | ବିଜୟଲକ୍ଷ୍ମୀ ପାଣିଗ୍ରାହୀ | ୧୬୩ |
| ସୁନାହରିଣୀ, ମାୟାମୃଗ | ଚିନ୍ମୟ ବାରିକ | ୧୬୪ |

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ଆହେ ଗୁରୁବର | ରବୀନ୍ଦ୍ର କୁମାର ବିଶ୍ୱାଳ | ୧୬୬ |
| କୁହ କାହିଁକି ? | ସାଧନା ପଣ୍ଡା | ୧୬୭ |
| ଶ୍ରଦ୍ଧାଞ୍ଜଳୀ | ସଂଯୁକ୍ତା ସାହୁ | ୧୬୮ |
| ବର୍ଷା | ପ୍ରୀତିରେଖା ପରିଡ଼ା | ୧୬୯ |
| ଛିଦ୍ରକଲେ ରୁଦ୍ଧ | ଚିନ୍ମୟୀ ସାହୁ | ୧୭୧ |
| ପ୍ରେମ ଚିରନ୍ତନ ସତ୍ୟ | ସଂଯୁକ୍ତା ରାଉତ | ୧୭୩ |
| ମୁକୁଟ ମଣ୍ଡିତା ମାଆ | ବୈଜୟନ୍ତୀ ସାହୁ | ୧୭୫ |
| କବି ସମ୍ମିଳନୀ | ପୂଜା ପଣ୍ଡିତ | ୧୭୬ |
| ନରସଂହାର | ପ୍ରଣତି ମହାପାତ୍ର | ୧୭୭ |
| ବର୍ଷାରାଣୀ | ରଂଜିତା ପତି | ୧୭୯ |
| ନିଦ ମାଉସୀ | ବର୍ଷା ମହାପାତ୍ର | ୧୮୦ |
| ତୁମେ କଣ ଠିକ କଲ ? | କୁମୁଦିନୀ ବେହେରା | ୧୮୧ |
| ସ୍ମୃତି | ରୁକ୍ମିଣୀ ସାହୁ | ୧୮୨ |
| ଆଗରୁ ଆଉ ଏବେ | ତପନ ସାହୁ | ୧୮୩ |
| ସେ ମାଆଟିଏ, ସେ ସାହାଟିଏ | ଡିଙ୍ଗର୍ ନାଏକ | ୧୮୪ |
| ବର୍ଷାଭିଜା | ଆଶୁତୋଷ ମେହେର | ୧୮୫ |
| ସୁପ୍ତମାନବ | ସରୋଜିନୀ ମିଶ୍ର | ୧୮୬ |

 Magazine Downloaded from www.aahwaan.com


| | | |
|---|---|---|
| ଅନ୍ଧାରୀ ଦୁନିଆ | ରଙ୍କନିଧି ସେଠୀ | ୧୮୭ |
| ବର୍ଷା | କସ୍ତୁରୀ ଚରଣ ରାଉତ | ୧୮୮ |
| ଖଟାମିଠା | ନାରାୟଣ ଚନ୍ଦ୍ର ସେନାପତି | ୧୮୯ |
| ଯୋଗ : ପରମ ଯୋଗ | ସେଠୀ କାର୍ତ୍ତିକ ଚନ୍ଦ୍ର | ୧୯୦ |
| ବିଦେଶୀ ମାୟାରେ ! | ଅରୂପ କୁମାର ବିଶ୍ୱାଳ | ୧୯୧ |
| ସ୍ୱପ୍ନର ସହରେ ହଜିଯାଏ ମୁଁ | ଅଜୟ କୁମାର ବେହେରା | ୧୯୨ |
| ସେଦିନର ସ୍ୱାଧୀନତା ଦିବସ | କୃଷ୍ଣଚନ୍ଦ୍ର ଡାକୁଆ | ୧୯୩ |
| କଥାଦିଅ | ଅରୁନ୍ଧତୀ ମହାନ୍ତି | ୧୯୪ |
| ହୁଅନ୍ତାକି ଦିନ ଚବିଶିଘଣ୍ଟା | ରବିନାରାୟଣ ବନ୍ଧ | ୧୯୬ |
| ପ୍ରେମରେ ଶ୍ରାବଣ | ପ୍ରଶାନ୍ତ କୁମାର ପ୍ରଧାନ | ୧୯୮ |
| ବୋଉ ଓ ମମ୍ମି | ମନୋଜ କୁମାର ପଣ୍ଡା | ୧୯୯ |
| ବିଶ୍ୱାସ | ଆନନ୍ଦ ସାଗରିଆ | ୨୦୧ |
| ସ୍ମୃତି ମରେନାହିଁ | ଅମ୍ବିକା ସ୍ୱାଇଁ | ୨୦୨ |
| ଯୌବନର ଆଗମନେ | ଭାରତୀ ସାହୁ | ୨୦୩ |
| ବିରହୀ | ଶ୍ରୀ ସୋମନାଥ ରାଜଗୁରୁ | ୨୦୫ |
| କୋଟିଏ ଭିତରେ ଗୋଟିଏ ସିଏ | ଶିଶିର କୁମାର ପଣ୍ଡା | ୨୦୬ |
| କବିତା ହେ ଜୀବନ | ସଂଯୁକ୍ତା ମହାପାତ୍ର | ୨୦୭ |

 Magazine Downloaded from www.aahwaan.com


| | | |
|---|---|---|
| ଆଜି ବି ତୋତେ ଝୁରୁଛି | ଅନନ୍ୟା ଅନୁଷ୍କା | ୨୦୯ |
| ବିରହିଣୀ ପଥିକା | ସୁମିତ୍ରା ପୃଷ୍ଟି | ୨୧୦ |
| ଶେଫାଳୀ | ଶିଶୁପାଲ୍ ସାମ୍ରଥ | ୨୧୧ |
| ଅବାଞ୍ଛିତ ଅତିଥି | ଡଃ ପ୍ରତିମା ଉପାଧ୍ୟାୟ | ୨୧୨ |
| ମନ ମନ୍ଦିରେ | ଶାରଦା ପ୍ରସନ୍ନ ସାହୁ | ୨୧୩ |
| ଶାଶ୍ୱତ ପ୍ରେମ | ସଂଗୀତା ବାରିକ | ୨୧୪ |
| ପରୀକ୍ଷା | ଭୂପେନ୍ଦ୍ର ବେହେରା | ୨୧୫ |
| ବର୍ଷାର ସ୍ମୃତିରେ | ସତ୍ୟବ୍ରତ ସାହୁ | ୨୧୬ |
| ଅବାଞ୍ଛିତ | ବନ୍ଦନା ନାୟକ | ୨୧୭ |
| ବର୍ଷା ତୁମେ ସତକୁହ | ପ୍ରାଧ୍ୟାପିକା ଜ୍ୟୋତ୍ସ୍ନା ରାୟ | ୨୨୦ |
| ମୋ ପ୍ରିୟା ରାଗିକି ନିଆଁ | ଜ୍ୟୋତିରଞ୍ଜନ ମହାରଣା | ୨୨୨ |
| ଏବେ ବି ମନେପଡ଼ | ଶୟନ ନାୟକ | ୨୨୪ |
| ଅଭିବାଦନ | ନବୀନ କୁମାର ପଧାନ | ୨୨୫ |
| ଛବି | ଲିପ୍‌ସା ଆଚାର୍ଯ୍ୟ | ୨୨୬ |
| ପ୍ରେମର ପୃଥିବୀ | ନୂତନ କୁମାର ବେହେରା | ୨୨୮ |
| ଆତ୍ମ ନିର୍ଭରଶୀଳ | ଅବିନାଶ ବେହେରା | ୨୩୦ |
| ଲୋଡ଼ାନାହିଁ ମୋର | ନିବେଦିତା  ମହାପାତ୍ର | ୨୩୨ |


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| କୋଣାର୍କର ଯନ୍ତ୍ରଣା | ଜୟନାରାୟଣ ପରିଡ଼ା | ୨୩୩ |
| ମାଆର ସ୍ୱର୍ଗୀୟ ସ୍ୱପ୍ନ | ବୁଲୁ ପୋଲାଇ | ୨୩୪ |
| ଲକି ନାଁରେ ସବୁ ଝିଅ ଲକି ନୁହନ୍ତି | ଦିଲ୍ଲୀପ କୁମାର ତ୍ରିପାଠୀ | ୨୩୫ |
| ପ୍ରଭୂ | ଇପ୍ସିତାରାଣୀ ସାହୁ | ୨୩୬ |
| ଅହିଂସା | ତୁଷାରକାନ୍ତ ପ୍ରସାଦ୍ | ୨୩୭ |
| ବିଶ୍ୱଯୁଦ୍ଧ | ମହେଶ୍ୱର ସାହୁ | ୨୩୯ |
| ଆମ ଓଡ଼ିଶା | ଅଙ୍କିତା ପାଢ଼ୀ | ୨୪୧ |
| ରଙ୍ଗ ଶ୍ରାବଣର | ସୁଜାତା ଗିରି | ୨୪୩ |
| ପ୍ରେମିକା ପରି କେହିଜଣେ | ଅଖିଳେଶ ମହାନ୍ତି | ୨୪୪ |
| ଈର୍ଷା | ବସନ୍ତ କୁମାର ପଣ୍ଡା | ୨୫୦ |
| କବିର ଭାବନା | ଚିତ୍ତରଞ୍ଜନ ନାୟକ | ୨୫୧ |
| ପ୍ରେମିକ | ମନୋରମା ହାତୀ | ୨୫୩ |
| ପୁରୀକ୍ଷେତ୍ର ବର୍ଣ୍ଣନା | ଦୁଷ୍ମନ୍ତ କୁମାର ମିଶ୍ର | ୨୫୫ |
| ଅଳିକରେ ପୀତବାସ | ପିଣ୍ଟୁ ମିଶ୍ର | ୨୫୭ |
| କବି ଓ କବିତା | ପର୍ଶୁରାମ ସାହୁ | ୨୫୮ |
| କୋଣାର୍କ | ଧୀରେନ୍ଦ୍ର କୁମାର ପ୍ରଧାନ | ୨୫୯ |
| ମୋ ଦେଶ ହସୁଛି | ପ୍ରେମଶିଳା ରାଉତ | ୨୬୦ |


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ବୋଉ | ବିଜୟ ପାଣିଗ୍ରାହୀ | ୨୬୧ |
| ମୁଁ ନାରୀ | ମିହିର ରଞ୍ଜନ ପାତ୍ର | ୨୬୨ |
| ତୁମେ ଆଉ ମୁଁ | ପ୍ରଦୀପ ବନ୍ଧ | ୨୬୩ |
| ଆସ ହେ ଗାନ୍ଧିଜୀ ଆଉଥରେ | ରୋଜା ପଣ୍ଡା | ୨୬୪ |
| ଲୋ ରେବୀ | ଲକ୍ଷ୍ମୀପ୍ରିୟା ଓଝା | ୨୬୫ |
| ମୃତ୍ୟୁ ଆସେ | ପଙ୍କଜ କୁମାର ମାହାନା | ୨୬୬ |
| ଶୁଭ୍ର ଶରତ | ହୀରାବତୀ ପାତ୍ର | ୨୬୭ |
| ମାଟି ମାଆ | ବିକାଶ ଚନ୍ଦ୍ର ଧୁଙ୍ଗିଆ | ୨୬୮ |
| ପରିବେଶ ସୁରକ୍ଷା : ଅନୁଚିନ୍ତା | ପ୍ରଦ୍ୟୁତ କୁମାର ମହାକୁଡ଼ | ୨୭୦ |
| ବାପା | ଶୁଭ ପଧାନ | ୨୭୨ |
| କୃପାଶିଷ ଦିଅଗୋ ଝରାଇ | ଜୟଶ୍ରୀ ମହାରଣା | ୨୭୩ |
| ମାଁ ମଙ୍ଗଳା | ଦୀପା ମହାନ୍ତି | ୨୭୪ |
| ଅସ୍ତରାଗ | ସୂର୍ଯ୍ୟକାନ୍ତ ବେହେରା | ୨୭୫ |
| ଏମିତି କାହିଁକି ହୁଏ ? | କାହ୍ନୁଚରଣ ସାହୁ | ୨୭୭ |
| ଅଭିମାନ | ଶିବଶଙ୍କର ସାହୁ | ୨୭୮ |
| ମାଁ ମହିଷାମର୍ଦ୍ଦିନୀ | ପ୍ରଦୀପ କୁମାର ପଧାନ | ୨୭୯ |
| ଆତ୍ମା ପରମାତ୍ମା | ଅକ୍ଷୟ କୁମାର ବେହେରା | ୨୮୧ |


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ଅନାଥ ଆଶ୍ରମ | ସନାତନ ମହାକୁଡ଼ | ୨୮୨ |
| କବି | ବିଭୁପ୍ରସାଦ ସାହୁ | ୨୮୩ |
| ଗଣେଶ ବନ୍ଦନା | ଶଶିଭୂଷଣ ଗୌଡ଼ | ୨୮୪ |
| ସଂପର୍କର ଶେଷ ଖିଅ | ଯଶୋବନ୍ତ ପଟ୍ଟନାୟକ | ୨୮୫ |
| କାଳିଆ ଗୁଡ଼ିଆ | ପଣ୍ଡିତ ରଞ୍ଜନ ଦାଶ | ୨୮୬ |
| ନିର୍ବାଚନ | ବିଦ୍ୟୁତଲତା ମିଶ୍ର | ୨୮୭ |
| ବନ୍ଧୁ | ହରେରାମ ପଣ୍ଡା | ୨୮୯ |
| ସହିଦ୍ | ପ୍ରକାଶ ଚନ୍ଦ୍ର ପଣ୍ଡା | ୨୯୦ |
| ପଂଚରାଗିଣୀ | ପୁଷ୍ପାଞ୍ଜଳୀ ପଟ୍ଟନାୟକ | ୨୯୧ |
| ଧୈର୍ଯ୍ୟ ହୁଏ ଆତ୍ମହରା | ଜୟନ୍ତ କୁମାର ସାହୁ | ୨୯୨ |
| ବନ୍ଦକର ବଳିପ୍ରଥା | ଆଶିଷ ବେହେରା | ୨୯୩ |
| ମାଟି ପଲଙ୍କ | ମନୋରଞ୍ଜନ ମୁଦୁଲି | ୨୯୪ |
| ସକାଳ | ସାଗର ନାୟକ | ୨୯୭ |
| ବର୍ଷା | ସୁଦର୍ଶନ ସାହୁ | ୨୯୯ |
| ମଣିଷର ଏଇ ମନ | ଅନୁରାଧା ମିଶ୍ର | ୩୦୦ |
| ମା' | ସୁବାସ ଚନ୍ଦ୍ର ମୁଦୁଲି | ୩୦୨ |
| ଗୁହାରୀ | ପ୍ରକାଶ ଚନ୍ଦ୍ର ମୁଦୁଲି | ୩୦୩ |

 Magazine Downloaded from www.aahwaan.com


| | | |
|---|---|---|
| ମୃତ୍ୟୁ | ସୁଶାନ୍ତ କୁମାର ଧଳ | ୩୦୪ |
| ଜୀବନ୍ତ ଠାକୁର | ରଶ୍ମୀକାନ୍ତ ବାରିକ | ୩୦୫ |
| ମହିମା | ଲିଲି ଗୌଡ଼ | ୩୦୬ |
| ପରାଜିତ ବିଜୟ | ରାଧେଶ୍ୟାମ ମିଶ୍ର | ୩୦୭ |
| ସ୍ୱାଧୀନତା ଦିବସ | ସହଦେବ ପ୍ରଧାନ | ୩୦୮ |
| ବନ୍ଧୁଟିଏ | ଶୈଳବାଳା ଷଡ଼ଙ୍ଗୀ | ୩୧୦ |
| କ୍ରୋଧ | ନୃସିଂହ ଚରଣ ବେହେରା | ୩୧୧ |
| ବସନ୍ତ | ଚନ୍ଦ୍ରକାନ୍ତ ଜେନା | ୩୧୩ |
| ପଲ୍ଲୀ ସକାଳ | ଶ୍ରୀରାଜଶେଖର ସି ଚିମା | ୩୧୪ |
| କେବଳ ତୁମେ | ପବିତ୍ର ଦାସ | ୩୧୫ |
| **ସମ୍ବଲପୁରୀ ବିଭାଗ** | | **୩୧୬** |
| ନୁଆଁଖାଇ ତିହାର | ଦେବାଶିଷ ସାଗର | ୩୧୭ |
| ନୂଆଁଖାଇ ତିହାର | ବେଦବ୍ୟାସ ମାଝୀ | ୩୧୮ |
| ନୂଆଖାଇ | ଯୋଗେଶ୍ୱର ସାହୁ | ୩୨୦ |
| ନୂଆଖାଇ | କବି ପ୍ରସାଦ | ୩୨୧ |
| ପର୍ ଆଶରି | ରାଜେଶ ପୂଜାରୀ | ୩୨୨ |
| ଅନ୍‌ମୁନ୍‌ଷିଆ | ହରୀଶ୍ ତାଣ୍ଡି | ୩୨୩ |


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ଆମେ ଆଦିବାସୀ | ଦେବାଶିଷ ସାଗର | ୩୨୪ |
| ମଦୁଆ ହବା ହିରୋ | ଆର୍ତ୍ତତ୍ରାଣ ଖୁର୍ଦ୍ଦିଆ | ୩୨୬ |
| ଖେତ୍ ଖଲା | କ୍ଷମାନିଧି ସାହୁ | ୩୨୮ |
| ଟଁଢ଼େଇ | ସୁଧୀର ପଣ୍ଡା | ୩୩୦ |
| ପ୍ରବନ୍ଧ ବିଭାଗ | | ୩୩୩ |
| ଇତିହାସ କହେ ଆଜି କାହାଣୀ | ମନୋଜ କୁମାର ପଣ୍ଡା | ୩୩୪ |
| ମୋ ଭାଷା ଓଡ଼ିଆ | ପଙ୍କଜ କୁମାର ମାହାନା | ୩୪୩ |
| ଭାଷା | ଲକ୍ଷ୍ମଣ କୁମାର ବେହେରା | ୩୪୮ |
| ଉତ୍ତର ଜୀବନରେ ସାମାଜିକ ଉତ୍ତରଦାୟିତ୍ୱ | ସୁଦେଷ୍ଣା ତ୍ରିପାଠୀ | ୩୫୬ |
| ଲୀଳାମୟ ଜଗନ୍ନାଥ | ଶାନ୍ତିଲତା ସାହୁ | ୩୫୯ |
| ବ୍ରହ୍ମାଙ୍କର ମତିଭ୍ରମ ହେଲା କାହିଁକି | ନରେନ୍ଦ୍ର ପ୍ରସାଦ ବେହେରା | ୩୬୧ |
| ଗାନ୍ଧୀ ଓ ଲବଣ ସତ୍ୟାଗ୍ରହ | ନାରାୟଣ ଚନ୍ଦ୍ର ସେନାପତି | ୩୬୪ |
| ବିଶେଷ ସୂଚନା | | ୩୬୬ |


**ଆହ୍ୱାନ ଇ-ପତ୍ରିକାର ଆଗାମୀ (ଅକ୍ଟୋବର ୨୦୧୯) ସଂସ୍କରଣ ନିମନ୍ତେ ଲେଖା ଗ୍ରହଣର ଶେଷ ତାରିଖ : ୩ ଅକ୍ଟୋବର ।**

Magazine Downloaded from www.aahwaan.com



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

# ସମ୍ପାଦକଙ୍କ କଲମରୁ...

ନମସ୍କାର

ଆହ୍ୱାନ ଇ-ପତ୍ରିକାର ସେପ୍ଟେମ୍ବର ୨୦୧୯ ସଂସ୍କରଣକୁ ଆପଣଙ୍କୁ ସ୍ୱାଗତ ଜଣାଉଛି । ବ୍ୟସ୍ତବହୁଳ ଜୀବନରେ ସାହିତ୍ୟପାଇଁ ସମୟ ବାହାର କରି ଆପଣ ଏହି ପତ୍ରିକାଟିକୁ ପଢୁଥିବା ଯୋଗୁଁ ମୁଁ ଆପଣଙ୍କୁ ଧନ୍ୟବାଦ ଜଣାଉଛି । ଭଗବାନ କରନ୍ତୁ ଆପଣ ଓଡ଼ିଆ ଭାଷା ଓ ସାହିତ୍ୟର ଉନ୍ନତି ହେତୁ ନିଜର ଆଗ୍ରହ ଏବଂ ଉତ୍ସାହ ନିଜର ବନ୍ଧୁ ଏବଂ ପରିଜନଙ୍କ ମଧ୍ୟରେ ପ୍ରସାରିତ କରିବେ ।

ଘଟଣା ଅନେକ ଏବଂ ଘଟଣାକୁ ନେଇ ଚର୍ଚ୍ଚା ବି ଅନେକ । ବିଗତ ମାସ ଭାରତୀୟ ଉପଦ୍ୱୀପ ବିଶ୍ୱ ସମାଜକୁ ଅନେକ ଭାବରେ ପ୍ରଭାବିତ କରିଛି ଏହା ଆପଣମାନେ ଉଣାଅଧିକେ ସମସ୍ତେ ଜାଣିଥିବେ, ସେ କାଶ୍ମୀରରୁ ଧାରା ୩୭୦ର ଉଚ୍ଛେଦ ହେଉ ବା ବିଶ୍ୱ ଦରବାରରେ ପାକିସ୍ତାନକୁ ଅପମାନିତ କରିବା ହେଉ ବା ଚନ୍ଦ୍ର ଉପରେ ଭାରତର ଚନ୍ଦ୍ରଯାନର ପହଞ୍ଚିବା ଖବର ହେଉ, ପ୍ରତ୍ୟେକ ଖବର ଆମକୁ ଆନନ୍ଦିତ କରିଥିଲା ଏବଂ ହୃଦୟରେ ଭାରତୀୟତାର ଭାବ ଜାଗ୍ରତ କରିଥିଲା । ଆସନ୍ତୁ ଜାଣିବା ବିଗତ ମାସର କିଛି ପ୍ରମୁଖ ଘଟଣାବଳୀର ସଂକ୍ଷେପ ବ୍ୟାଖ୍ୟାନ ।

୧. କାଶ୍ମୀରରୁ ଧାରା ୩୭୦ ହଟିଲା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସ୍ୱାଧୀନତା ପରବର୍ତ୍ତୀ ସମୟରେ କାଶ୍ମୀରକୁ ବିଶେଷ ଅଧିକାର ଦେଉଥିବା ପ୍ରସ୍ତାବ ଧାରା ୩୭୦ ଭାବରେ ପ୍ରଚଳିତ ହୋଇ ଆସୁଥିଲା ଏବଂ ଏହାଫଳରେ କାଶ୍ମୀରରେ ଯେଉଁ ସବୁ ଘଟଣା ବିଗତ ଛଅ ଦଶକରେ ଘଟିଗଲା ତାହା ସର୍ବଜନବିଦିତ । ଅନେକ ବର୍ଷରୁ ଏହି ଧାରା ୩୭୦ ଉଚ୍ଛେଦ ପାଇଁ ଦାବୀ ହୋଇ ଆସୁଥିଲା କିନ୍ତୁ ତତ୍କାଳୀନ କଂଗ୍ରେସ ସରକାର ଏହାକୁ "ଯେଉଁଭଳି ଚାଲିଛି ଚାଲିଥାଉ" ନୀତିରେ ଚଳାଇ ନେଇଥିଲେ । ବିଜେପି ଶାସନରେ ଆସିବାପରେ ଧାରା ୩୭୦ ଉଚ୍ଛେଦ ନେଇ ସଂକେତ ମିଳିଥିଲା । ଏବଂ ବିରୋଧୀମାନେ ବାରମ୍ବାର ଏହା ବିଷୟରେ ସରକାରଙ୍କୁ ଅବଗତ କରାଉଥିଲେ ସୁଦ୍ଧା ହଠାତ୍ ଏମିତି ଧାରା ୩୭୦ ଉଚ୍ଛେଦ ହୋଇଯିବ ବୋଲି କେହି ଆଶା କରିନଥିଲେ ।

ଏହି ଧାରା ଉଚ୍ଛେଦ ହେବାପରେ ବର୍ତ୍ତମାନ ଜମ୍ମୁ କଶ୍ମୀର ସମ୍ପୂର୍ଣ୍ଣତଃ ଭାରତୀୟ ଗଣତନ୍ତ୍ରର ଅବିଭାଜ୍ୟ ଅଂଶ ବୋଲି ପ୍ରମାଣିତ ହୋଇଗଲା । ସେଠାରେ କୌଣସି ସ୍ଥାନୀୟ ସମ୍ବିଧାନ, ଆଇନ ବ୍ୟବସ୍ଥା, ପତାକା ଆଦି ରହିବ ନାହିଁ । ବର୍ତ୍ତମାନ ସେଠାକାର ଅଧିବାସୀମାନଙ୍କୁ ଭାରତୀୟ ନାଗରିକ ଭାବରେ ସମସ୍ତ ସୁବିଧା ସୁଯୋଗ ମିଳିପାରିବ । ଏବଂ ସେଠାରେ ବ୍ୟାପିଥିବା ଆତଙ୍କବାଦୀ କାର୍ଯ୍ୟକଳାପ ଉପରେ ଅଙ୍କୁଶ ଲାଗିପାରିବ ।

୨. ବିଶ୍ୱରେ ପାକିସ୍ତାନ ଏକଘରିକିଆ ହୋଇଛି

ଧାରା ୩୭୦ ହଟିବାପରେ ଭାରତରେ ଆନନ୍ଦର ପରିବେଶ ଥିବା ବେଳେ କିନ୍ତୁ ପଡ଼ିଶା ପାକିସ୍ତାନର ଅବସ୍ଥା ଅତ୍ୟନ୍ତ ଉଦ୍‌ବେଗଜନକ ହୋଇଯାଇଛି । ଏହି ମାମଲାକୁ ନେଇ ଅନେକ ଦେଶ ସହ ଯୋଗାଯୋଗ କରିବା ପ୍ରୟାସରେ ଅସଫଳ ହେବାପରେ ଚୀନ୍ ସହାୟତାରେ ସଂଯୁକ୍ତ ରାଷ୍ଟ୍ର ସୁରକ୍ଷାପରିଷଦରେ ଏହି ମାମଲାକୁ ଉଠାଇବାକୁ ଚେଷ୍ଟା କରିବାପରେ ଅପମାନିତ ହୋଇଛି ପାକିସ୍ତାନ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାକିସ୍ତାନ ପ୍ରଧାନମନ୍ତ୍ରୀ ଆମେରିକା ଗସ୍ତରେ ଯିବା ସମୟରେ ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ୍ ଟ୍ରମ୍ପ୍ ଭାରତ ପାକିସ୍ତାନ ମଧ୍ୟରେ କାଶ୍ମୀର ସମସ୍ୟାପାଇଁ ମଧ୍ୟସ୍ତତା କରିବାପାଇଁ ସୂଚନା ଦେଇଥିଲେ ଏବଂ ଏହାକୁ ନେଇ ପାକିସ୍ତାନ ବହୁତ ଉତ୍ସାହିତ ହୋଇଥିଲା ମଧ୍ୟ, କିନ୍ତୁ ବିଗତ ସପ୍ତାହରେ ପ୍ରଧାନମନ୍ତ୍ରୀ ମୋଦୀ ଫ୍ରାନ୍ସରେ ଅନୁଷ୍ଠିତ ଜି-୭ ସମ୍ମିଳନୀରେ ଯୋଗଦେଇଥିବା ସମୟରେ ଡୋନାଲ୍ଡ୍ ଟ୍ରମ୍ପଙ୍କ ସହ ମିଳିତ ଭାବରେ ଏହ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରିଥିଲେ । ଏହି ସମୟରେ ପ୍ରଧାନମନ୍ତ୍ରୀ ମୋଦୀ ସୂଚେଇ ଦେଇଥିଲେ ଯେ ଭାରତ କୌଣସି ଦେଶର ଅଭ୍ୟନ୍ତରୀଣ ମାମଲାରେ ହସ୍ତକ୍ଷେପ କରୁନଥିବା ହେତୁ ଆମ ଦେଶ ଅନ୍ୟ ଦେଶକୁ ଆମ ମାମଲାରେ ହସ୍ତକ୍ଷେପ କରିବାର କଷ୍ଟ ନ କରନ୍ତୁ ବୋଲି ଆମେ ଚାହୁଁ । ପରୋକ୍ଷରେ ସେ ଜଣାଇ ଦେଇଥିଲେ ଯେ କାଶ୍ମୀର ମାମଲା ସମ୍ପୂର୍ଣ୍ଣ ଭାବରେ ଆମର ଅଭ୍ୟନ୍ତରୀଣ ବ୍ୟାପାର ଆପଣ ଏଠାରୁ ଦୂରରେ ରହନ୍ତୁ । ସେଇ ସମ୍ମିଳନୀରେ ଟ୍ରମ୍ପ୍ କହିଥିଲେ ଯେ ସେ ମୋଦୀଙ୍କ ସହ କାଶ୍ମୀର ବିଷୟରେ ବହୁତ ସମୟ ଧରି ଚର୍ଚ୍ଚା କରିଛନ୍ତି ଏବଂ ମୋଦୀ ଜଣାଇଛନ୍ତି ଯେ କାଶ୍ମୀରରେ ସବୁକିଛି ସାମାନ୍ୟ ରହିଛି । ତେଣୁ ଏହି ମାମଲାରେ କୌଣସି ଦେଶ ହସ୍ତକ୍ଷେପ କରିବା ଦରକାର ନାହିଁ ।

ଏହି ସମ୍ମିଳନୀ ସମୟରେ ମୋଦୀ ଓ ଟ୍ରମ୍ପ ମଧ୍ୟରେ ହୋଇଥିବା କରମର୍ଦ୍ଦନ ଏବଂ ପରିଚିତଙ୍କ ଭଳି ବ୍ୟବହାରକୁ ଦେଖିବାପରେ ବିଶ୍ୱ ଚକିତ ହେଉଥିବା ବେଳେ ପାକିସ୍ତାନ ରକ୍ତଚାଉଳ ଚୋବାଉଥିବ ନିଶ୍ଚୟ ।

୩. ପାକିସ୍ତାନର ମନ୍ତ୍ରୀ ଦେଲେ ଯୁଦ୍ଧର ଧମକ

ଚଳିତ ସମୟରେ କାଶ୍ମୀରରୁ ଧାରା ୩୭୦ ଉଚ୍ଛେଦ ପରେ ପାକିସ୍ତାନର ସରକାର ଦୁଶ୍ଚିନ୍ତାରେ ପଡ଼ିଯାଇଛନ୍ତି । ଭିନ୍ନ ଭିନ୍ନ ସମୟରେ ଭାରତ ବିରୁଦ୍ଧରେ ବକ୍ତବ୍ୟ ଦେଇଚାଲିଛନ୍ତି । ଏହି

Magazine Downloaded from www.aahwaan.com

ଧାରାର ପ୍ରଥମେ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ପରମାଣୁ ଶକ୍ତି ମଧ୍ୟରେ ଯୁଦ୍ଧର ସମ୍ଭାବନା ଏବଂ ଏହାଦ୍ୱାରା ବିଶ୍ୱରେ ଅଶାନ୍ତି ସୃଷ୍ଟି ହେବ ବୋଲି ପରୋକ୍ଷରେ ଧମକ ଦେଇଥିଲେ, ପରେ ପରେ ଅନେକ ମନ୍ତ୍ରୀ ସମାନ ପ୍ରକାର ମନ୍ତବ୍ୟ ଦେଇଛନ୍ତି, କିନ୍ତୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଥିଲା ଯେ ପାକିସ୍ତାନ ସରକାରରେ ଥିବା ରେଳମନ୍ତ୍ରୀ ଶେଖ୍ ରଶୀଦ ଅହମ୍ମଦ ମନ୍ତବ୍ୟ ଦେଇ କହିଥିଲେ ଯେ ଭାରତ ପାକିସ୍ତାନ ଭିତରେ ପରିସ୍ଥିତି ଏଭଳି ଅବସ୍ଥାରେ ରହିଛି ଯେ ସମ୍ଭବତଃ ଅକ୍ଟୋବର କିମ୍ବା ନଭେମ୍ବର ବେଳକୁ ଯୁଦ୍ଧ ହୋଇପାରେ ।

୪. ଆମାଜନ୍ ଜଙ୍ଗଲରେ ଅଣାୟତ ନିଆଁ

ବିଶ୍ୱର ଫୁସଫୁସ୍ କୁହାଯାଉଥିବା ଆମାଜନ୍ ଜଙ୍ଗଲରେ ବ୍ୟାପକ ଅଗ୍ନିକାଣ୍ଡ ଘଟୁଛି, ଏହା ଫଳରେ ଘନ ଅରଣ୍ୟାବୃତ୍ତ ଏହି ଅଞ୍ଚଳରୁ ଦିନକୁ ଦିନ ଗଛ ସଂଖ୍ୟା କମ ହେବାରେ ଲାଗିଛି ଯାହା ବିଶ୍ୱର ବାତାବରଣ ପାଇଁ ନିଶ୍ଚୟ ହାନିକାରକ ହେବ । ଶୁଣାଯାଉଛି ଯେ ବ୍ରାଜିଲର ନବନିର୍ବାଚିତ ରାଷ୍ଟ୍ରପତି ଅର୍ଥନୀତିକୁ ସୁଦୃଢ଼ କରିବାପାଇଁ ନୂଆ ନୂଆ ପ୍ରକଳ୍ପକୁ ମଞ୍ଜୁରୀ ଦେବାପରେ ଜଙ୍ଗଲ ନଷ୍ଟକରି କାରଖାନା ତିଆରି ପ୍ରକ୍ରିୟାରୁ ହିଁ ଏହି ଜଙ୍ଗଲନିଆଁ ବ୍ୟାପୁଛି ।

୫. ବିଶ୍ୱବିଜେତା ହେଲେ ବ୍ୟାଡ଼ମିଣ୍ଟନ ତାରକା ପି ଭି ସିନ୍ଧୁ

ବିଡବ୍ଲୁଏଫ୍ ବିଶ୍ୱ ଚାଂପିୟନ୍‌ଶିପ୍ ସ୍ପର୍ଦ୍ଧାରେ ବିଶ୍ୱ ରେଙ୍କିଙ୍ଗର ତୃତୀୟ ସ୍ଥାନରେ ଥିବା ଜାପାନର ନୋଜୋମି ଓକୁହାରାଙ୍କୁ ୨୧-୭, ୨୧-୭ ସେଟରେ ହରାଇ ସ୍ୱର୍ଣ୍ଣପଦକ ପାଇବାରେ ବ୍ୟାଡ଼ମିଣ୍ଟନ ଖେଳାଳୀ ପିଭି ସିନ୍ଧୁ ପ୍ରଥମ ଭାରତୀୟ ହୋଇଛନ୍ତି ।

୬. ସୋନିଆ ଗାନ୍ଧୀ କଂଗ୍ରେସ୍ ଦଳର ସଭାପତି ନିର୍ବାଚିତ

ଚଳିତ ଲୋକସଭା ନିର୍ବାଚନର ଫଳାଫଳ ପରେ ନିଜ ପଦବୀରୁ ଇସ୍ତଫା ଦେଇଥିବା ରାହୁଲ ଗାନ୍ଧୀଙ୍କ ସ୍ଥାନରେ ଯୋଗ୍ୟ ବ୍ୟକ୍ତିଙ୍କ ଚୟନରେ ସତୁରି ଦିନରୁ ଅଧିକ ସମୟ ବିତିଯିବାପରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଂଗ୍ରେସ ଦଳ ସର୍ବସମ୍ମତି କ୍ରମେ ପୁଣିଥରେ ସୋନିଆ ଗାନ୍ଧୀଙ୍କୁ ସଭାପତି ଭାବରେ ନିର୍ବାଚିତ କରିଛନ୍ତି । ଏହାପରେ ଏହି ନିର୍ବାଚନକୁ ନେଇ ସମୁଦାୟ କଂଗ୍ରେସ ଦଳ ସୋସିଆଲ୍ ମିଡ଼ିଆରେ ଟ୍ରୋଲ୍‌ର ଶୀକାର ହୋଇଥିଲେ । ଉଲ୍ଲେଖଯୋଗ୍ୟ ଯେ ପରିବାର ବା ବଂଶବାଦକୁ ଆଡ଼େଇ ନ ପାରିବାର ଅଭିଯୋଗ କଂଗ୍ରେସ ଦଳ ଉପରେ ଭାରତୀୟ ଜନତା ପାର୍ଟି ଅନେକ ବର୍ଷରୁ ଲଗାଇ ଆସୁଛି ।

୭. କାଶ୍ମୀର ଅବସ୍ଥା ଦିନକୁ ଦିନ ସାମାନ୍ୟ ହେବାରେ ଲାଗିଛି

କାଶ୍ମୀରରୁ ଧାରା ୩୭୦ ଉଚ୍ଛେଦ କରିବା ନିଷ୍ପତ୍ତି ପରେ ଉପତ୍ୟାକାରେ ବଡ଼ ଧରଣର ହିଂସାର ଆଶଂକା କରି ସମ୍ପୂର୍ଣ୍ଣ ରାଜ୍ୟକୁ ସେନା ଛାଉଣୀରେ ପରିବର୍ତ୍ତିତ କରି ଦିଆଯାଇଥିଲା । ଧାରା ୩୭୦ ଉଚ୍ଛେଦ ପରେ ରାଷ୍ଟ୍ରୀୟ ସୁରକ୍ଷା ଉପଦେଷ୍ଟା ଶ୍ରୀ ଅଜିତ ଦୋଭଲ ନିଜେ ଜାମ୍ମୁକାଶ୍ମୀରରେ ବୁଲି ବୁଲି ବିଭିନ୍ନ ଅଞ୍ଚଳରେ ଲୋକମାନଙ୍କ ପ୍ରତିକ୍ରିୟା ସଂଗ୍ରହ କରିଥିଲେ । ଧାରା ଉଚ୍ଛେଦ ପରେ ଶାସକ ଦଳକୁ ନାଜିବାଦୀ ବୋଲି ଆକ୍ଷେପ କରି ବିରୋଧୀ ଦଳମାନେ କାଶ୍ମୀରରୁ ସେନା ହଟାଇବା ଦାବୀ କରିବା ସମେତ ଉପତ୍ୟାକାର ଲୋକମାନେ ଅତ୍ୟନ୍ତ ଅସୁବିଧାରେ ଚଳୁଛନ୍ତି ବୋଲି କହିଥିଲେ ।

ବିଚ୍ଛିନ୍ନତାବାଦୀ ନେତାମାନଙ୍କୁ ଗୃହବନ୍ଦୀ କରାଯାଇଥିବା ବେଳେ ଅନେକ ଅଞ୍ଚଳରେ କର୍ଫ୍ୟୁ କୋହଳ କରାଯାଇଥିଲା ଏବଂ ଏହି ଆଲେଖ୍ୟ ଲେଖୁଥିବା ସମୟରେ ସମଗ୍ର ଜମ୍ମୁ ଓ କାଶ୍ମୀର ଅଞ୍ଚଳରୁ କର୍ଫ୍ୟୁ ପ୍ରତ୍ୟାହାର ହୋଇ ସାରିଥିଲା ଏବଂ ସମସ୍ତ ଯୋଗାଯୋଗ ସାଧନ ଉପଲବ୍ଧ ରହିଥିବା କଥା ସରକାରୀ ଭାବରେ ଜଣାଇ ଦିଆଯାଇଥିଲା ।

ଉଲ୍ଲେଖନୀୟ ଯେ ଲଦାଖ ଅଞ୍ଚଳକୁ ସ୍ୱାୟତ୍ତତା ଦିଆଯାଇ କେନ୍ଦ୍ର ଶାଶିତ ଅଞ୍ଚଳ ଭାବରେ ଘୋଷଣା କରାଯିବାର ଦଶଦିନ ମଧ୍ୟରେ ସେଠାରେ ନଅ ଦିନବ୍ୟାପୀ ସର୍ବଭାରତୀୟ


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଦିବାସୀ ମହୋତ୍ସବର ଆୟୋଜନ କରାଯାଇଥିଲା ଯାହା ବିପୁଳ ଭାବରେ ଲୋକମାନେ ଉପଭୋଗ କରିଥିଲେ ।

୮. ପି ଚିଦାମ୍ବରମ୍ ଶେଷରେ ଜେଲ୍ ଗଲେ

ଅନେକ ଅର୍ଥ ହେରଫେର ମାମଲାରେ ଛନ୍ଦିହୋଇ ନ୍ୟାୟାଳୟଠାରୁ ବାରମ୍ବାର ଜମାନତ ପାଇଥିବା ପୂର୍ବତନ ଅର୍ଥମନ୍ତ୍ରୀ ପି ଚିଦାମ୍ବରମ ଶେଷରେ ମାକ୍ସ ଅର୍ଥ ହେରଫେର ମାମଲାରେ କୌଣସି ନିରାପତ୍ତା ପାଇନଥିଲେ । ବିଶେଷ ନାଟକୀୟ ଢଙ୍ଗରେ ସେ ଦୁଇଦିନ ଗୋପନ ଭାବରେ ରହିବା ପରେ ଶେଷରେ ଦିଲ୍ଲୀସ୍ଥିତ ବାସଭବନରୁ ସିବିଆଇ ଅଧିକାରୀଙ୍କ ଦ୍ୱାରା ଗିରଫ ହୋଇଥିଲେ ।

ତାଙ୍କର ମାମଲାର ଶୁଣାଣୀ କରୁଥିବା ଅଦାଲତ ତାଙ୍କୁ କୌଣସି ପ୍ରକାର ସୁବିଧା ନ ଯୋଗାଇ ତିହାର ଜେଲକୁ ପଠାଇବା ନିଷ୍ପତ୍ତି ନେଇଥିଲେ । ବର୍ତ୍ତମାନ ସେ ତିହାର ଜେଲରେ ରହୁଥିବା ଜଣାଯାଇଛି ।

୯. ପାକିସ୍ତାନକୁ କଳାତାଲିକାରେ ସାମିଲ୍ କରାଗଲା

ବିଶ୍ୱ ସ୍ତରରେ ଆତଙ୍କବାଦୀ କାର୍ଯ୍ୟକଳାପକୁ ପ୍ରତିହତ କରିବା ଉଦ୍ଦେଶ୍ୟରେ ଗଠିତ ଏଫ୍ଏଟିଏଫ୍ ବା ଫାଇନାନ୍ସିଆଲ୍ ଆକ୍ସନ୍ ଟାକ୍ସ ଫୋର୍ସ୍ର ଏସିଆ ପାସିଫିକ୍ ଡିଭିଜନ ଦ୍ୱାରା ପାକିସ୍ତାନକୁ କଳା ତାଲିକା ଭୁକ୍ତ କରାଯାଇଛି । ଏଫ୍ଏଟିଏଫ୍ ଦ୍ୱାରା ପ୍ରସ୍ତାବିତ ଚାଳିଶିଟି ପ୍ରସ୍ତାବରୁ ପାକିସ୍ତାନ ୩୨ଟିରେ ବିଫଳ ହୋଇଥିବା ହେତୁ ଏହା କରାଯାଇଥିଲା । ସୂଚନାଯୋଗ୍ୟ ଯେ ଯଦି କୌଣସି ଦେଶ ଏଫ୍ଏଟିଏଫ୍ ଦ୍ୱାରା କଳାତାଲିକାଭୁକ୍ତ ହୋଇଯାଏ ତେବେ ସେହି ଦେଶକୁ କୌଣସି ଦେଶ ଆର୍ଥିକ ସହାୟତା ଦିଅନ୍ତି ନାହିଁ । ଏବଂ ସାଂପ୍ରତିକ ସମୟରେ ପାକିସ୍ତାନ ଆର୍ଥିକ ଦେବାଳିଆ ଭଳି ସ୍ଥିତି ଦେଇ ଗତି କରୁଛି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

### ୧୦. ଅରୁଣ ଜେଟଲୀଙ୍କ ଦେହାନ୍ତ

ମୋଦୀ ସରକାରଙ୍କ ପ୍ରଥମ କାର୍ଯ୍ୟକାଳର ଅର୍ଥମନ୍ତ୍ରୀ ଶ୍ରୀ ଅରୁଣ ଜେଟଲୀ ଦୀର୍ଘଦିନର ଅସୁସ୍ଥତା ପରେ ଦେହତ୍ୟାଗ କରିଛନ୍ତି । ମାତ୍ର ଛଷଠି ବର୍ଷ ବୟସରେ ସେ ବୃକକରେ ସମସ୍ୟା ଜନିତ କାରଣରୁ ମୃତ୍ୟୁବରଣ କରିଥିଲେ । ସୂଚନାଯୋଗ୍ୟ ଯେ ଆଗରୁ ସେ ଆମେରିକା ଯାଇ ନିଜ ସ୍ୱାସ୍ଥ୍ୟପାଇଁ ପରୀକ୍ଷା କରି ଆସିଥିଲେ ଏବଂ ସ୍ୱାସ୍ଥ୍ୟଗତ କାରଣରୁ ମୋଦୀ ସରକାରଙ୍କ ଦ୍ୱିତୀୟ କାର୍ଯ୍ୟକାଳରେ ସେ ମନ୍ତ୍ରୀମଣ୍ଡଳରେ ଯୋଗ ଦେବାକୁ ଅନିଚ୍ଛା ପ୍ରକାଶ କରିଥିଲେ ।

ତାଙ୍କର ନିଧନ ହେବାପରେ ଅନେକ ଆଶ୍ଚର୍ଯ୍ୟଜନକ ତଥ୍ୟ ପ୍ରକାଶିତ ହୋଇଥିଲା । ଅବିଶ୍ୱାସ ହେଉଥିଲେ ସୁଦ୍ଧା ସେ ନିଜ ଅଧୀନରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ପ୍ରତି ଅତି ସ୍ନେହ ଓ ସମ୍ମାନର ବ୍ୟବହାର କରୁଥିଲେ ଏବଂ ସେମାନଙ୍କ ପରିବାରର ସାମୁହିକ ଉନ୍ନତି ପାଇଁ ସେହି ପରିବାରର ସନ୍ତାନ ମାନଙ୍କୁ ଉଚ୍ଚ ଶିକ୍ଷା ହେତୁ ସମସ୍ତପ୍ରକାର ସହାୟତା ଯୋଗାଇ ଦେଉଥିଲେ ।

### ୧୧. ମୋଦୀଙ୍କୁ ମିଳିଲା ସଂଯୁକ୍ତ ଆରବ ଅମିରାତର ପୁରସ୍କାର

ସଂଯୁକ୍ତ ଆରବ ଅମିରାତର ସର୍ବୋଚ୍ଚ ନାଗରିକ ସମ୍ମାନ "ଅର୍ଡ଼ର ଅଫ୍ ଜାୟେଦ୍" ଦ୍ୱାରା ଭାରତୀୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କୁ ସମ୍ମାନିତ କରାଯାଇଛି । ଏହି ସମ୍ମାନ ଫଳରେ ଦୁଇ ଦେଶ ମଧ୍ୟରେ ଶିଳ୍ପ ଓ ବାଣିଜ୍ୟିକ ସଂପର୍କ ଅଧିକ ସୁଦୃଢ଼ ହେବ ବୋଲି ଜଣାଯାଇଛି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏହି ପୁରସ୍କାରକୁ ସମ୍ପୂର୍ଣ୍ଣ ଭାରତୀୟ ସମାଜ ପାଇଁ ସମ୍ମାନ ବୋଲି ସୂଚନା ଦେଇଛନ୍ତି ।

ସେହିଭଳି ବାହରିନର ସର୍ବୋଚ୍ଚ ନାଗରିକ ସମ୍ମାନ "ଦ କିଙ୍ଗ୍ ହମାଦ୍ ଅର୍ଡ଼ର ଅଫ୍

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରେନାଇସାନ୍ସ୍" ଦ୍ୱାରା ମଧ୍ୟ ଶ୍ରୀ ମୋଦୀଙ୍କୁ ସମ୍ମାନିତ କରାଯାଇଛି । ଏହି ସବୁ ସମ୍ମାନ ପାଇବା ଦ୍ୱାରା ଭାରତର ସମ୍ମାନ ବିଶ୍ୱସ୍ତରରେ ବୃଦ୍ଧି ପାଇଛି ଏଥିରେ ଦ୍ୱିମତ ନାହିଁ ।

୧୨. ଭାରତୀୟ ଅର୍ଥନୀତିକୁ ଦୁର୍ବଳ କରୁଛି ଆର୍ଥିକ ମାନ୍ଦାବସ୍ଥା

ଚଳିତ ବର୍ଷ ଭାରତର ଜିଡ଼ିପି ( ଗ୍ରସ୍ ଡୋମେଷ୍ଟିକ୍ ପ୍ରୋଡ଼କ୍ଟ) ପାଞ୍ଚ ପ୍ରତିଶତକୁ ଓହ୍ଲାଇ ଆସିବା ଚିନ୍ତାର ବିଷୟ ହୋଇଛି । ସୂଚନାଯୋଗ୍ୟ ଯେ ଏହି ମାନ୍ଦାବସ୍ଥା ହେତୁ ଅନେକ ବ୍ୟବସାୟିକ ଅନୁଷ୍ଠାନ ଏବଂ କାରଖାନାରେ କର୍ମଚାରୀ ଛଟେଇ ହୋଇଥିବା ହେତୁ ବିରୋଧୀ ଦଳମାନେ ସରକାରଙ୍କୁ ଦାୟୀ କରିଛନ୍ତି ।

ବିଶ୍ୱ ସ୍ତରରେ ଆର୍ଥିକ ମାନ୍ଦାବସ୍ଥା ସୃଷ୍ଟି ହୋଇଛି ଏବଂ ଏହାର ପ୍ରମୁଖ କାରଣ ହେଉଛି ଆମେରିକା ଓ ଚୀନ ମଧ୍ୟରେ ବାଣିଜ୍ୟିକ ଅଶାନ୍ତି । ଆମେରିକା ଆମଦାନୀ କରୁଥିବା ଚୀନିୟ ଉତ୍ପାଦ ଉପରେ ଅଧିକ କର ଲଗାଇବା ଫଳରେ ଚୀନ ମଧ୍ୟ ଆମେରିକୀୟ ଉତ୍ପାଦ ଉପରେ କର ବସାଇଥିଲା । ଏହାଫଳରେ ବିଶ୍ୱର ଏହି ଦୁଇ ଆର୍ଥିକ ମହାଶକ୍ତିଙ୍କ ମଧ୍ୟରେ ଶୀତଳ ଯୁଦ୍ଧ ଆରମ୍ଭ ହୋଇଥିଲା । ଏହାର ପ୍ରଭାବ ସମୁଦାୟ ବିଶ୍ୱ ଅର୍ଥନୀତି ଉପରେ ପଡିଛି । ସମ୍ଭବତଃ ଆହୁରି ଅନେକ ମାସ ପରେ ଏହି ଅବସ୍ଥା ସୁଧିରିପାରେ । ସେତେବେଳେ ପୁଣିଥରେ ଜିଡ଼ିପି ବଢ଼ିବ ବୋଲି କୁହାଯାଉଛି ।

ଆର୍ଥିକ ମାନ୍ଦାବସ୍ଥା ଏବଂ ବ୍ୟାଙ୍କ ମାନଙ୍କର ଦୁର୍ବଳ ସ୍ଥିତିକୁ ଦୃଷ୍ଟିରେ ରଖି ସରକାର ଦଶଟି ପବ୍ଲିକ୍ ସେକ୍ଟର୍ ବ୍ୟାଙ୍କକୁ ଚାରୋଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସହ ମିଶ୍ରଣ ପ୍ରକ୍ରିୟାକୁ ମଞ୍ଜୁରୀ ଦେଇଛନ୍ତି ।

୧୩. ଆସାମରେ ନାଗରୀକତା ତାଲିକା ପ୍ରକାଶିତ

ଆସାମ ରାଷ୍ଟ୍ରୀୟ ଅଧିବାସୀ ରେଜିଷ୍ଟାର (ଏନ୍ଆର୍ସି)ର ସର୍ବଶେଷ ତାଲିକା ପ୍ରକାଶିତ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୋଇଛି । ଏହାପୂର୍ବରୁ ଏହି ତାଲିକା ପ୍ରକାଶିତ ହୋଇଥିଲା ଯେଉଁଥିଲେ ପ୍ରାୟ ଚାଳିଶି ଲକ୍ଷ ବାସିନ୍ଦା ତାଲିକାରେ ନିଜ ନାମ ପାଇନଥିଲେ ଏବଂ ଏହାକୁ ନେଇ ଅନେକ ରାଜନୈତିକ ସଂକଟ ଦେଖା ଦେଇଥିଲା । ସେତେବେଳେ ସରକାର ଘୋଷଣା କରିଥିଲେ ଯେ ଏହି ତାଲିକା ପ୍ରାରମ୍ଭିକ ପର୍ଯ୍ୟାୟର ମାତ୍ର ଏହାକୁ ପରେ ତ୍ରୁଟି ସଂଶୋଧନ କରାଯାଇ ପ୍ରକାଶ କରାଯିବ । ଅଗଷ୍ଟମାସ ଶେଷ ଦିନ ଏହି ତାଲିକାର ପ୍ରକାଶନ ପରେ ପ୍ରାୟ ଉଣେଇଶି ଲକ୍ଷ ଲୋକ ଏହିଭଳି ଅଛନ୍ତି ଯେଉଁମାନେ ଅନଧିକୃତ ଭାବରେ ଭାରତରେ ବସବାସ କରୁଛନ୍ତି । ସେମାନେ ବଙ୍ଗଳାଦେଶୀ ହୋଇପାରନ୍ତି ବୋଲି ଜଣାଯାଇଛି ।

ଗୃହମନ୍ତ୍ରୀ ଶ୍ରୀ ଅମିତ୍ ଶାହ ଘୋଷଣା କରିଛନ୍ତି ଯେ କୌଣସି ବି ଅନଧିକୃତ ବ୍ୟକ୍ତିଙ୍କୁ ଭାରତରେ ରହିବାକୁ ଦିଆଯିବ ନାହିଁ । ଏହି ତାଲିକା ଘୋଷଣା ହେବାପରେ ଦିଲ୍ଲୀ ବିଜେପି ପ୍ରମୁଖ ମନୋଜ ତିୱାରୀ ଦିଲ୍ଲୀରେ ମଧ୍ୟ ଏନ୍ଆର୍ସି କରିବାପାଇଁ ଦାବୀ କରିଛନ୍ତି, ଏବଂ ଓଡ଼ିଶାରେ ଅନୁପ୍ରବେଶ କରିଥିବା ବଙ୍ଗଳାଦେଶୀ ନାଗରିକଙ୍କୁ ବାହାର କରିବାପାଇଁ ଏନଆର୍ସି କରିବା ଦାବୀ ଉଠିଛି ।

୧୪. ପାକିସ୍ତାନ ବିଦେଶମନ୍ତ୍ରୀ କହିଲେ ଜମ୍ମୁକାଶ୍ମୀର ଭାରତ ଅଂଶ

ମଙ୍ଗଳାବାର ଦିନ ପାକିସ୍ତାନର ବିଦେଶ ମନ୍ତ୍ରୀ ଶାହ୍ ମହମ୍ମଦ କୁରେଶୀ ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତର ଦେଇ କାଶ୍ମୀରକୁ ଭାରତୀୟ ରାଜ୍ୟ ବୋଲି କହିଛନ୍ତି । ସେ କହିଥିଲେ ଯେ ଭାରତ ବିଶ୍ୱକୁ ଜଣାଇବାକୁ ଚାହୁଁଛି ଯେ କାଶ୍ମୀରରେ ସବୁକିଛି ସାମାନ୍ୟ ହୋଇଛି, କିନ୍ତୁ କୌଣସି ଅନ୍ତରାଷ୍ଟ୍ରୀୟ ଗଣମାଧ୍ୟମକୁ, ସଂସ୍ଥା, ସଂଗଠନ ବା ବେସରକାରୀ ସଂଗଠନକୁ ଭାରତୀୟ କାଶ୍ମୀରରେ ପ୍ରବେଶ କରିବା ଅଧିକାର ଦେଉନାହିଁ ।

ବିଳମ୍ବରେ ହେଲେ ସୁଦ୍ଧା ଭାରତକୁ ପରମାଣୁ ବୋମାର ଧମକ ଦେଉଥିବା ପାକିସ୍ତାନ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶେଷରେ ମାନିଲା ଯେ କାଶ୍ମୀର ଭାରତର ହିଁ ଅଂଶ ।

୧୫. ଚୀନ ଓ ପାକିସ୍ତାନର ମିଳିତ ବିବୃତ୍ତିରେ କାଶ୍ମୀର

ଚୀନ ବୈଦେଶିକ ମନ୍ତ୍ରୀ ୱାଙ୍ଗ୍ ୟିଙ୍କ ପାକିସ୍ତାନ ଯାତ୍ରା ପରେ ଉଭୟ ଦେଶ ମିଳିତ ବିବୃତ୍ତିରେ କାଶ୍ମୀର ବିଷୟ ଉଲ୍ଲେଖ କରିଥିବା କଥାକୁ ଭାରତ ସରକାର ଦୃଢ଼ତାର ସହ ନିନ୍ଦା କରିଛନ୍ତି । ବୈଦେଶିକ ବିଭାଗ ପ୍ରବକ୍ତା ରବୀଶ କୁମାର ଜଣାଇଛନ୍ତି ଯେ ଚୀନ ଦ୍ୱାରା ପାକ୍ ଅଧିକୃତ କାଶ୍ମୀରରେ ନିର୍ମାଣାଧୀନ ଚୀନ୍ ପାକିସ୍ତାନ ଇକୋନୋମିକ୍ କରିଡର୍ ପ୍ରକଳ୍ପ ବେଆଇନ୍ । ସୂଚନାଯୋଗ୍ୟ ଯେ ୧୯୪୭ ପରେ ସ୍ୱାଧୀନ ଭାରତର ଜମ୍ମୁକାଶ୍ମୀର ରାଜ୍ୟର ଏକ ଅଞ୍ଚଳକୁ ପାକିସ୍ତାନ ଅନଧିକୃତ ଭାବରେ ନିଜ ଅକ୍ତିଆରରେ ରଖିବା ସହ ଏହାକୁ ଆଜାଦ୍ କାଶ୍ମୀର ବୋଲି କହି ଆସୁଛି । ଏବଂ ଏହି ଅଞ୍ଚଳରେ ଚୀନ ନିଜର ବିକାଶୋନ୍ମୁଖୀ ପ୍ରକଳ୍ପ ସିପିଇସି ନିର୍ମାଣ କରୁଛି । କିନ୍ତୁ ଭାରତ ଏହାକୁ ଦୃଢ଼ତାର ସହ ନିନ୍ଦା କରୁଛି ।

୧୬. ଶେଷମୁହୂର୍ତ୍ତରେ ନିରାଶ କଲା ଚନ୍ଦ୍ରଯାନ-୨

ଭାରତର ଅତି ଆକାଂକ୍ଷିତ ଚନ୍ଦ୍ରଯାନ-୨ ପରିଯୋଜନା ସଫଳତାର ସହ କାର୍ଯ୍ୟକାରୀ ହେବାପରେ ଏହା ଗତ ଆଠ ତାରିଖ ମଧ୍ୟରାତ୍ରୀରେ ଚନ୍ଦ୍ରର ଦକ୍ଷିଣ ମେରୁରେ ଓହ୍ଲାଇବା ଯୋଜନା ଥିଲା । ଏଥିପାଇଁ ଦେଶବ୍ୟାପୀ ଜନ ସଚେତନତା ସୃଷ୍ଟି କରାଯାଇଥିଲା ଏବଂ ଅନେକ ଲୋକ ଏହା ଦେଖିବାପାଇଁ ଅପେକ୍ଷା କରିଥିଲେ । ଏହି କାର୍ଯ୍ୟକ୍ରମକୁ ପ୍ରତ୍ୟକ୍ଷ ଭାବେ ଦେଖିବାପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ବେଙ୍ଗାଲୁରୁ ସ୍ଥିତ ଇସ୍ରୋ କାର୍ଯ୍ୟାଳୟରେ ନିଜେ ଉପସ୍ଥିତ ଥିଲେ ।

ଯୋଜନା ମୁତାବକ ଚନ୍ଦ୍ରଯାନରୁ ବିକ୍ରମ ଲ୍ୟାଣ୍ଡର ସଫଳତାର ସହ ଓହ୍ଲାଇଥିଲା କିନ୍ତୁ ଚନ୍ଦ୍ରର ପୃଷ୍ଠକୁ ଛୁଇଁବାର ମାତ୍ର ଦୁଇ କିଲୋମିଟର ପୂର୍ବରୁ ଏହାର ଯୋଗାଯୋଗ ଇସ୍ରୋ କେନ୍ଦ୍ର ସହ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଚ୍ଛିନ୍ନ ହୋଇଥିଲା । ଏହାପରେ ବିକ୍ରମ ପହଞ୍ଚିଲା ନା ନାହିଁ ଜଣାପଡ଼ିନଥିଲା । ଏହାକୁ ନେଇ ଦେଶବ୍ୟାପୀ ଦୁଃଖର ବାତାବରଣ ଖେଳି ଯାଇଥିଲା । ଏହି ସମୟରେ ଇସ୍ରୋର ବୈଜ୍ଞାନିକ ମାନଙ୍କୁ ଏବଂ ଦେଶବାସୀଙ୍କୁ ଉଦ୍‌ବୋଧନ ଦେଇ ଶ୍ରୀ ମୋଦୀ କହିଥିଲେ ଯେ ଆମେ ବିଫଳ ହୋଇନାହୁଁ । ପ୍ରଚେଷ୍ଟା ପୁଣି କରାଯିବ । କିନ୍ତୁ ସାମୟିକ ବିଫଳତାରେ କାନ୍ଦି ପକାଇଥିବା ଇସ୍ରୋର ନିର୍ଦ୍ଦେଶକ କେ ଶିବନଙ୍କୁ ଯେଉଁଭଳି ଭାବରେ ମୋଦୀ ଆଲିଙ୍ଗନ କରି ସମବେଦନା ଜଣାଇ ସାହାସ ଓ ଧୈର୍ଯ୍ୟ ଦେଇଥିଲେ ସେଥିପାଇଁ ସେ ପୁଣିଥରେ ଦେଶବାସୀଙ୍କ ଦୃଷ୍ଟିରେ ମହାନ ହୋଇଯାଇଥିଲେ ।

ସୂଚନାଯୋଗ୍ୟ ଯେ ଗତକାଲି ଏହି ଲ୍ୟାଣ୍ଡରକୁ ଚନ୍ଦ୍ରପୃଷ୍ଠରେ ଉତ୍ତାପଛବି (ଥର୍ମାଲ୍ ଇମେଜ୍) ଦ୍ୱାରା ଚିହ୍ନଟ କରାଯିବାପରେ ଭାରତ ଦକ୍ଷିଣ ମେରୁରେ ପହଞ୍ଚିଥିବା ପ୍ରମାଣିତ ହୋଇଥିଲା । ଯଦିଓ ବର୍ତ୍ତମାନ ସୁଦ୍ଧା ଏହା ସହିତ କୌଣସି ପ୍ରକାର ଯୋଗାଯୋଗ ସମ୍ଭବ ହୋଇ ପାରିନାହିଁ । କିନ୍ତୁ ବୈଜ୍ଞାନିକ ମାନେ ସକାରାତ୍ମକ ଭାବରେ ନିରନ୍ତର ପ୍ରଚେଷ୍ଟା ଜାରୀ ରଖିଛନ୍ତି ।

୧୭. ଦେଶରେ ଚର୍ଚ୍ଚାରେ ରହିଛି ନୂତନ ଟ୍ରାଫିକ୍ ନିୟମ

ଅନେକ ବର୍ଷରୁ ପ୍ରଚଳିତ ମୋଟର ଭେହିକଲ୍ ଆକ୍ଟରେ ବ୍ୟାପକ ପରିବର୍ତ୍ତନ କରାଯାଇଛି ଏବଂ ଏଥିରେ ଥିବା ଦଣ୍ଡାଦେଶ ପ୍ରାବଧାନକୁ ବହୁଳ ମାତ୍ରାରେ ବୃଦ୍ଧି କରାଯାଇଛି, ଯେଉଁ ଦୋଷପାଇଁ ଆଗରୁ ଆପଣଙ୍କୁ ମାତ୍ର ଶହେ ଦୁଇଶହ କିମ୍ବା ପାଞ୍ଚଶହ ଦେବାକୁ ପଡୁଥିଲା ଏବେ ସେହି ଦୋଷପାଇଁ ଦୁଇ ହଜାରରୁ ଆରମ୍ଭ କରି ଦଶହଜାର ପର୍ଯ୍ୟନ୍ତ ଦଣ୍ଡର ବିଧାନ କରାଯାଇଛି । ଏହାଫଳରେ ଦେଶରେ ବ୍ୟାପକ ଜନଅସନ୍ତୋଷ ସୃଷ୍ଟି ହୋଇଛି ।

ଚଳିତ ମାସ ପହିଲାରୁ ଏହି ନିୟମ ଲାଗୁ ହେବାର କିଛି ଘଣ୍ଟା ମଧ୍ୟରେ ଦିଲ୍ଲୀ ନିକଟରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜଣେ ବ୍ୟକ୍ତିଙ୍କୁ ଏହି ନିୟମ ଅନ୍ତର୍ଭୁକ୍ତ ଗାଡ଼ିର କାଗଜପତ୍ର ନଥିବା, ଡ୍ରାଇଭିଂ ଲାଇସେନ୍ସ ନଥିବା ଏବଂ ହେଲ୍‌ମେଟ୍ ନ ପିନ୍ଧିଥିବା ହେତୁ ୨୩ ହଜାର ଟଙ୍କାର ଚାଲାଣ କଟାଯାଇଥିଲା । ସଂପୃକ୍ତ ବ୍ୟକ୍ତି ସୋସିଆଲ୍ ମିଡ଼ିଆରେ ଏହାକୁ ନେଇ ବ୍ୟାପକ ପ୍ରସାର କରି ଜଣାଇଥିଲେ ଯେ ମାତ୍ର ପନ୍ଦର ହଜାର ଟଙ୍କାର ସ୍କୁଟି ପାଇଁ ତେଇଶି ହଜାର ଟଙ୍କାର ଦଣ୍ଡ ସେ କାହିଁକି ଦେବେ । ଦେଖୁ ଦେଖୁ ଏହିଭଳି ଅନେକ ଚାଲାଣ ସୋସିଆଲ୍ ମିଡ଼ିଆରେ ପ୍ରସାର ହେବାର ଲାଗିଲା । କେଉଁଠି ତେଇଶି ତ କେଉଁଠି ସତଚାଳିଶି, କେଉଁଠି ପଚାଶ ତ କେଉଁଠି ଅଶୀ ହଜାର । ଏହାକୁ ନେଇ ଲୋକମାନଙ୍କ ମଧ୍ୟରେ କ୍ରୋଧ ଜାଗ୍ରତ ହେଉଥିବା ବେଳେ ଅନେକେ ଏହାକୁ ନିନ୍ଦା କରିଥିଲେ । କିନ୍ତୁ ଏହାଫଳରେ ଅନେକ ବ୍ୟକ୍ତି ନିଜର ବେଖିଆଲି ଗାଡ଼ି ଚାଳନାରୁ ଦୂର ହୋଇ ପାରିଛନ୍ତି । ଆଗାମୀ ଦିନରେ ଏହାର ସୁଫଳ ନିଶ୍ଚୟ ଦେଖିବାକୁ ମିଳିବ ।

ଗତକାଲି ଭୁବନେଶ୍ୱର ରାଜମହଲ ଛକରେ କର୍ତ୍ତବ୍ୟରତ ଟ୍ରାଫିକ୍ କନେଷ୍ଟବଳ ଜଣେ ବ୍ୟକ୍ତିଙ୍କ ଚାଲାଣ କାଟୁଥିବା ବେଳେ ଉପସ୍ଥିତ ଜନତାଙ୍କ ମଧ୍ୟରେ କ୍ରୋଧ ବଢ଼ିଥିଲା ଏବଂ ସେମାନେ ସମସ୍ତ ସରକାରୀ ଗାଡ଼ିର କାଗଜପତ୍ର ଦେଖିବାକୁ ଦାବୀ କରିଥିଲେ । ଅବସ୍ଥା ଏଭଳି ହୋଇଥିଲା ଯେ ଉଚ୍ଚପଦସ୍ଥ ପୋଲିସ ଅଧିକାରୀ ସେଠାକୁ ଆସିବାକୁ ବାଧ୍ୟ ହୋଇଥିଲେ । ଏବଂ ଉତ୍ୟକ୍ତ ଜନତାଙ୍କୁ ଶାନ୍ତ କରିବା ଅସମ୍ଭବ ହୋଇପଡ଼ିବା ପରେ ପୋଲିସ ପକ୍ଷରୁ ମୃଦୁ ଲାଠିଚାଳନା କରାଯାଇଥିଲା । ଏଥିରେ ଅନେକ ବ୍ୟକ୍ତି ଆହତ ହୋଇଥିଲେ ସୁଦ୍ଧା ଏହାକୁ ନେଇ କେତେ ଅସନ୍ତୋଷ ଜନତାଙ୍କ ମଧ୍ୟରେ ରହିଛି ତାହାର ଏକ ଚିତ୍ର କାଲି ଦେଖିବାକୁ ମିଳିଥିଲା ।

ସୂଚନାଯୋଗ୍ୟ ଯେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆଗାମୀ ତିନିମାସ ପାଇଁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଟ୍ରାଫିକ୍ ନିୟମ କୋହଳ କରାଯିବା ନେଇ ଘୋଷଣା କରିବା ସହ ଏହି ସମୟ ସୀମା ମଧ୍ୟରେ ସମସ୍ତେ ନିଜ ଗାଡ଼ିର ଆନୁସଙ୍ଗିକ କାଗଜପତ୍ର ଯୋଗାଡ଼ କରିବାକୁ ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି ।

ଦୁଃଖର ବିଷୟ ଏହି ନିୟମ ପ୍ରକାଶିତ ହେବାପରେ ଅନେକ ବ୍ୟକ୍ତି ଏବେ ଗାଡ଼ିର କାଗଜପତ୍ର ଯୋଗାଡ଼ କରିବାପାଇଁ ବିଭିନ୍ନ ସଡ଼କ ପରିବହନ କାର୍ଯ୍ୟାଳୟ, ପ୍ରଦୁଷଣ ପରୀକ୍ଷଣ କେନ୍ଦ୍ର ଆଗରେ ଧାଡ଼ି ବାନ୍ଧିଥିବା ଦେଖିବାକୁ ମିଳୁଛି । ଆବଶ୍ୟକ ଅନୁସାରେ ମାନବ ସମ୍ବଳ ଅଭାବରେ ଅନେକ ବ୍ୟକ୍ତି ଏହି ସବୁ ସ୍ଥାନରେ ଅଯଥା ହଇରାଣ ହେଉଥିବା ଦେଖିବାକୁ ମିଳୁଛି ।

ଅତ୍ୟନ୍ତ ଆଶ୍ଚର୍ଯ୍ୟର ବିଷୟ ଏହି ନିୟମ କଡ଼ାକଡ଼ି ଭାବରେ ଲାଗୁ ହେଉଥିବା ହେତୁ ଲୋକମାନେ ଆଉ ଗାଡ଼ି ବାହାର କରୁନାହାନ୍ତି ଏବଂ ସେଥିପାଇଁ ବିଗତ ଦିନରେ ପେଟ୍ରୋଲ୍ ପମ୍ପମାନଙ୍କରେ ଅନ୍ୟୁନ ଚାଳିଶି କୋଟି ଟଙ୍କାର କ୍ଷତି ହୋଇଛି ବୋଲି ଜଣାଯାଇଛି, କିନ୍ତୁ ଖୁସିର ବିଷୟ ଲୋକମାନେ ସାମାଜିକ ପରିବହନ ବ୍ୟବସ୍ଥା ଉପରେ ଅଧିକ ନିର୍ଭରଶୀଳ ହେଉଛନ୍ତି ଏବଂ ପେଟ୍ରୋଲିୟମ ତୈଳର ବ୍ୟବହାର କମ ହେବାରେ ଲାଗିଛି ।

୧୮. ଭାରତୀୟ ବାୟୁସେନାରେ ସାମିଲ୍ ହେଲା ଆପାଚେ ହେଲିକପ୍ଟର

ଆମେରିକା ସୈନ୍ୟବାହିନୀର ସବୁଠାରୁ ନିର୍ଭରଯୋଗ୍ୟ ହେଲିକପ୍ଟର ଆପାଚେ ବର୍ତ୍ତମାନ ଭାରତୀୟ ସେନାବାହିନୀରେ ସାମିଲ ହୋଇଛି । ଆମେରିକାଠାରୁ ପ୍ରସ୍ତାବିତ ଚବିଶିଟି ଆପାଚେ ହେଲିକପ୍ଟରର ପ୍ରଥମ କିସ୍ତିରେ ଆଠଟି ଆପାଚେ ହେଲିକପ୍ଟର ଭାରତରେ ପହଞ୍ଚିବାପରେ ଆନୁଷ୍ଠାନିକ ଭାବରେ ସେମାନଙ୍କୁ ସେନାବାହିନୀରେ ସାମିଲ୍ କରାଯାଇଛି । ସୂଚନାଯୋଗ୍ୟ ଯେ ଏହି ୨୪ଟି ଆପାଚେ ହେଲିକପ୍ଟର ଭାରତ ପାକିସ୍ତାନ ଏବଂ ଚୀନ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସୀମାରେ ମୃତୟନ କରିବ ଏବଂ ଏହାଫଳରେ ଦେଶର ଆନ୍ତରିକ ସୁରକ୍ଷା ସମେତ ସୀମାରେଖାରେ କୌଣସି ପ୍ରକାରର ଉତ୍ତେଜନାକୁ ତ୍ୱରାନ୍ୱିତ ଭାବରେ ପ୍ରତିହତ କରିହେବ ।

୧୯. ଭାରତ ଦେବ ରୁଷକୁ ଋଣ

ବିଗତ ଦିନରେ ଋଷଗସ୍ତ ସମୟରେ ଋଷର ପୂର୍ବାଞ୍ଚଳ ଉନ୍ନତି ପାଇଁ ଭାରତ ସରକାର ଏକ ବିଲିୟନ ଆମେରିକୀୟ ଡଲାର ସହାୟତା ଦେବେ ବୋଲି କଥା ଦେଇଛନ୍ତି । ତିନିଦିନିଆ ଋଷ ଗସ୍ତ ସମୟରେ ଅନେକ ବିଷୟରେ ସନ୍ଧି ସ୍ୱାକ୍ଷରିତ ହୋଇଥିଲା ଏବଂ ଏହାଫଳରେ ଉଭୟ ଦେଶ ଲାଭବାନ ହେବେ ବୋଲି ମିଳିତ ବିବୃତି ଦିଆଯାଇଛି । ସେ ଯା ହେଉ ଭାରତ ଭଳି ଏହ ପ୍ରଗତିଶୀଳ ରାଷ୍ଟ୍ର ଋଷ ପରି ଏକ ରାଷ୍ଟ୍ରକୁ ଆର୍ଥିକ ସହାୟତା ଦେଇ ପାରିବ ବୋଲି ଚିନ୍ତା କଲେ ଛାତି ଗର୍ବରେ ଫୁଲିଯାଉଛି ।

୨୦. ପାକିସ୍ତାନ ଭାରତରୁ ଔଷଧ ଆମଦାନୀ କରିବ

ଧାରା ୩୭୦ ଉଚ୍ଛେଦ ପରେ  ତ୍ୱରାନ୍ୱିତ କାର୍ଯ୍ୟାନୁଷ୍ଠାନ କରି ପାକିସ୍ତାନ ଭାରତ ସହ ସମସ୍ତ ବାଣିଜ୍ୟିକ ସମ୍ପର୍କ ବିଚ୍ଛିନ୍ନ କରିଥିଲା । କିନ୍ତୁ ଦେଶରେ ଔଷଧ ଅଭାବ ହେବାପରେ ନିଜଆଡୁ ପୁଣି ଭାରତରୁ ଔଷଧ ଆମଦାନୀ କରିବାପାଇଁ ଆବେଦନ କରିଛି । ସୂଚନାଯୋଗ୍ୟ ଯେ ପ୍ରତିବର୍ଷ କୋଟି କୋଟି ଟଙ୍କାର ଔଷଦ ଭାରତରୁ ଆମଦାନୀ କରି ପାକିସ୍ତାନ ସ୍ୱାସ୍ଥ୍ୟସେବା ଯୋଗାଇଥାଏ । ଯକ୍ଷ୍ମା, କୁଷ୍ଠରୋଗ ସମେତ ଅନେକ ବିପଦଜନକ ରୋଗପାଇଁ ଔଷଦ ଭାରତଠାରୁ ହିଁ ଆମଦାନୀ କରିଥାଏ ।

ଏଠାରେ ଆଉଗୋଟିଏ ଉଲ୍ଲେଖନୀୟ ଖବର ଜଣାଇବାକୁ ଚାହୁଁଛି ଯେ ଯେଉଁ ପାକିସ୍ତାନ ପ୍ରତି କଥାରେ ସଂଯୁକ୍ତ ଆରବ ଅମିରାତକୁ ନିଜର ଆତ୍ମୀୟ ବୋଲି ଦର୍ଶାଉଥିବା ବେଳେ ବିଗତ ଦିନରେ ୟୁଏଇରେ କାର୍ଯ୍ୟକରୁଥିବା ପାକିସ୍ତାନୀ ମୂଳର ଡାକ୍ତରମାନଙ୍କୁ ଅବୈଧ ବୋଲି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଘୋଷଣା କରି ସେମାନଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛି ।

ଅନେକ ଘଟଣା ଦୁର୍ଘଟଣାର ସମୟ କେମିତି ବିତିଯାଉଛି ଜଣାପଡୁନି । ବିଗତ ଦିନରେ ଆହ୍ୱାନ ଇ-ପତ୍ରିକା ପାଇଁ ଆପଣମାନଙ୍କ ସ୍ନେହ ଓ ଶ୍ରଦ୍ଧା ଅନେକ ଗୁଣରେ ବୃଦ୍ଧିପାଇଛି । ଆଶା କରୁଛି ଏହିଭଳି ଏହା ବୃଦ୍ଧିପାଇବ । ଯେତେବେଳେ ସବୁ ସାହିତ୍ୟ ସଭାରେ ଏବଂ ସଂଗଠନରେ ଓଡ଼ିଆ ଭାଷା ପ୍ରତି ବିପଦ ଭଳି କଥା ଶୁଣିବାକୁ ମିଳେ ମନରେ ଦୃଢ଼ ଆଶା ସଂଚାର ହୁଏ ଯେ ଆପଣଙ୍କ ଭଳି ଗୁଣଗ୍ରାହୀ ସାହିତ୍ୟପ୍ରେମୀ ଥିଲେ ଏହା କଦାପି ସମ୍ଭବ ନୁହେଁ ।

ଆଶା କରୁଛି ଚଳିତ ମାସର ଆହ୍ୱାନ ଆପଣଙ୍କୁ ଭଲ ଲାଗିବ ।

ଧନ୍ୟବାଦ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା - ସମ୍ପାଦକ, ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କାହାଣୀ ବିଭାଗ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସୁନେଲୀ ସିଂହ



ଅଶୋକ ବିଶ୍ୱାଳ

ରାଜ୍ୟ ଅଧିକାର

ଦୁଇ ଭାଇ ଅନେକ କିଛି ଅଭିଜ୍ଞତା ହାସଲ କରିନେଲେଣି । ଏ ଭିତରେ କିଛି ମାସ କଟିଯାଇଛି । ସେମାନେ ଖୁବ ସାବଧାନତାର ସହ ଜୀବନ ବିତାଉଛନ୍ତି । କେଉଁ ଦଳ ସହ ଲଢାଇ କରି ନାହାନ୍ତି । ଏମିତି ଏକୁଟିଆ ରହିବାକୁ ସେମାନଙ୍କୁ ମୋଟେ ଇଛା ହେଉନଥିଲା । ନିଜ ଭିତରେ ଅସୁମାରୀ ଶକ୍ତିର ପ୍ରବାହ ଅନୁଭବ କରୁଥିଲେ । ଏବେ ସହଜରେ ସେମାନେ ଶିକାରମାନଙ୍କୁ ତଂଟି ଝୁଣି ମାରି ଦେଉଛନ୍ତି । ତାଙ୍କ ଥାବା ମାଡରେ ହରିଣ ଏକଥରେ ତଳେ ପଡି ମରିଯାଉଛି । ଏମାନେ ଶକ୍ତିଶାଳୀ ହୋଇଗଲେଣି । ଏବେ ଦୁଇ ତରୁଣ ସିଂହ ନିଜ ଅକ୍ତିଆରର ଏକ ରାଜ୍ୟ ରଖିବାକୁ ଚାହୁଁଥିଲେ ।

ଏକ ଅନ୍ଧାରିଆ ରାତି, ଗିର୍ ଜଙ୍ଗଲରେ ଅନେକ ସିଂହର ଗର୍ଜନ କରୁଥିଲେ । ଏ ସିଂହ ଦୁହେଁ ଏମିତି ଏକ ସିଂହର ଗର୍ଜନ ପାଖରେ ଶୁଣିଲେ । ତେଣୁ ବର୍ତ୍ତମାନ ଜଣାପଡିଲା ପାଖରେ ଥିବା ରାଜ୍ୟର ପରିଧି ଓ ସାମ୍ରାଜ୍ୟର ସ୍ଥିତି । ସେ ଗର୍ଜ୍ଜନରେ ଗଛ ପର୍ବତ ହଲି ଯାଉ ନଥିଲା । ବୋଧହୁଏ ରାଜ୍ୟଧିପତି ଟିକେ ବୟସ୍କ ହୋଇ ଆସିଲାଣି ଏ ଏହାହିଁ ସୁବର୍ଣ୍ଣ ସୁଯୋଗ ।

ଜୟ, ଗର୍ଜ୍ଜନ ଶୁଣିଲୁ - ବିଜୟ କହିଲା ।

ଗଛ, ପବନ ତ କାହିଁ ଥରିଗଲା ନାହିଁ ।- ଜୟ କହିଲା । ଜୟ ଆଖି ତାରା ଭଳି ଜଳୁଥିଲା । ଏକ ଶକ୍ତିଶାଳୀ ସିଂହର ଆଖି ସବୁବେଳେ ଜଳୁଥାଏ ।

ଅର୍ଥ ବୁଝିପାରୁଛୁ ? - ବିଜୟ କହିଲା । ତା ମୁହଁରେ ଆନନ୍ଦର ଭାବ । ପାଖରେ ସିଂହ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଛି । କିନ୍ତୁ ଗର୍ଜ୍ଜନରୁ ଲାଗୁଛି ଏତେ ଶକ୍ତିଶାଳୀ ନୁହେଁ । ଶକ୍ତିଶାଳୀ ସିଂହର ଗର୍ଜ୍ଜନରେ ଆକାଶ ପାତାଳ କମ୍ପିଯାଏ । ସେ କମ୍ପନ ନାହିଁ ।

ଏମିତିଆ ସିଂହଠାରୁ କିଛି ଡରିବାର ନାହିଁ । ନିଜର ଭାଗ୍ୟ ପରୀକ୍ଷା କରାଯାଇପାରେ । ତେଣୁ ଦୁହେଁ ସେ ରାଜ୍ୟ ଅକ୍ତିଆର କରିବା ପାଇଁ ବେଗରେ ଆଗେଇ ଗଲେ । ସେଇଠି ସେମାନଙ୍କର ଶକ୍ତି ଦେଖାଇବେ ଆଉ ପୁରୁଣା ସିଂହକୁ ତଡିଦେବେ । ସେମାନେ ରାତିରେ ପାଖ ସିଂହର ଅଂଚଳକୁ ଆସିଗଲେ । ଦିନରେ ସେମାନେ ଦଳପତି ସିଂହର ଶକ୍ତି ପରୀକ୍ଷା କରିବେ ।

ପ୍ରଥମେ ଛପିକରି ସେ ସିଂହର ଆକାର ଆଉ ଶକ୍ତି ଆକଳନ କରିବେ । ଜିତିବାର ସମ୍ଭାବନା ଥିଲେ ଷଣ୍ଢୁଆସୀ ଆକ୍ରମଣ କରିବେ । ଦୁଇଟି ସିଂହର ଆହ୍ୱାନ ନଥିଲା ଅର୍ଥାତ ଏଠି ଏ ଅଂଚଳ ଏକ ସିଂହର ଅଧିକାରରେ ଅଛି ।

ବିଜୟ, ଡର ଲାଗୁଛି କି ? - ଜୟ କହିଲା । ତାର ସ୍ୱର ଉତ୍ତେଜନାରେ ଥରୁଥିଲ । ଏହା କମ୍ପନ ନୁହେଁ । ସେ ଥରରେ କିଛି ଡର ନଥିଲା । ନିଜ ପାଖର ସାଥିକୁ ସାହାସ ଦେବା ଦରକାର ।

ନାହିଁ । - ବିଜୟ କହିଲା ।

ସ୍ୱରରୁ ଲାଗୁଛି, ଅପେକ୍ଷାକୃତ ବୟସ୍କ ସିଂହ । କିନ୍ତୁ ଦଳର ରାଜା ହେତୁ ଆମେ ତାକୁ ହେୟ କରିବା ନାହିଁ । ତାର ଶକ୍ତି ପ୍ରଥମେ ଆକଳନ କରିନେବା । ଜୋର ଚାଲି, ଗର୍ଜ୍ଜନ ହେଉଛି ସିଂହର ସାମର୍ଥ୍ୟର ପରିଚାୟକ । ସେମିତି କାହିଁ ଜଣାପଡୁନି । ଯଦି ଖୁବ ଜୋରରେ ଆମକୁ ସେ ଖେଦିବ ତେବେ ତାର ଶକ୍ତି ଅଛି ବୋଲି ଜଣା ପଡିଯିବା – ବିଜୟ ନିଜର ବୁଦ୍ଧି ବିବେକ ଖଟାଇ ନିଜର ମନ୍ତବ୍ୟ ରଖୁଥିଲା ।

ସିଂହମାନଙ୍କ ଯୁଦ୍ଧରେ ବୁଦ୍ଧିର ମଧ୍ୟ ଆବଶ୍ୟକତା ଅଛି । ସେମାନେ ନିଜ ଭିତରେ

 Magazine Downloaded from www.aahwaan.com

ଆଲୋଚନା କରିନେଲେ । ନିଜର ମୁଣ୍ଡ ଘଷା ଘଷି ହେଲେ । ଏମିତି କରି ଜଣେ ଜଣଙ୍କୁ ସାହାସ ଦେଉଥିଲା । ଏମିତି ଯୁଦ୍ଧରେ ଭୟଙ୍କର ଆଘାତ ଲାଗିପାରେ ବା ମୃତ୍ୟୁ ହୋଇପାରେ । ତେଣୁ ନିଜ ଭିତର ସାହାସ ଆଉ ଶକ୍ତିକୁ ଉଜ୍ଜିବୀତ କରିବା ଅତି ଆବଶ୍ୟକ ।

ସକାଳ ଟିକେ ଗଡି ଯାଇଥିଲା । ଦୁଇ ଭାଇ ପୁରୁଣା ସିଂହର ଅଂଚଳକୁ ଚାଲିଆସିଲେ । ଏ ଅଂଚଳ ଟିକେ ଶୁଖିଲା । ବେଶୀ ଘାସ ନଥିଲା । ଅଳ୍ପ ପଥୁରିଆ ଯାଗା । କିନ୍ତୁ ପାଣି ଥିଲା । ପାଣି ପାଖରେ ସିଂହ ସହଜରେ ଶିକାର କରି ନେଇପାରେ । ସେମାନେ ଦୂରରୁ ଏକ ବୁଦା ଗହଳରୁ ଉଣ୍ଡିଲେ । କିଛି ସିଂହୀ ଆଉ ଏକ ସିଂହ ଦିଶୁଥିଲେ । ସେମାନେ ଧିରେ ଦୌଡିଲେ । ସେମାନଙ୍କ ସବୁ ଇନ୍ଦ୍ରିୟ ଜାଗ୍ରତ ଥିଲା । କାନ, ଆଖି, ନାକ ଖୋଲାଥିଲା । ସବୁ ଶବ୍ଦ ସେମାନେ ଶୁଣୁଥିଲେ । ସେଠିକାର କର୍ତ୍ତା ସିଂହ ନିଜ ଆଗରେ ଥିବା ବିପଦକୁ ଜାଣିପାରିଲା । ଜାଣିପାରିଲା ଯେ ଦୁଇଟି ସିଂହ ଆସି ତାର ଅଧିକାର ଛଡାଇ ନେବାକୁ ଚାହୁଁଛନ୍ତି । ସେ ବହୁତ ସାହାସୀ ଥିଲା । ତେଣୁ ଯୁଦ୍ଧ କରିବାକୁ ପ୍ରସ୍ତୁତ ହେଲା ଆଉ ଖୁବ୍ ଜୋରରେ ଗର୍ଜନ କଲା । ଏବେ ତାର ଗର୍ଜ୍ଜନ ଜୋରରେ ଶୁଣା ଯାଉଥିଲା । ସେ ଗର୍ଜ୍ଜନରୁ ତାର ଶକ୍ତି ଅନ୍ୟ ସିଂହମାନେ ତଉଲୁଥିଲେ ।

ସିଂହଟି ଅପେକ୍ଷାକୃତ ବୟସ୍କ । ଦଳର ନେତୃତ୍ୱ ପ୍ରାୟ ୩ ବର୍ଷ ହେଲା ନେଲାଣି । ଦଳରେ ସବୁ ଛୁଆ ତାର ଔରସରୁ ଜାତ ହୋଇଛନ୍ତି । ଆଗରୁ ତାର ଦଳ ପ୍ରତି ଅନେକ ଆକ୍ରମଣ ହୋଇଛି । କିନ୍ତୁ ସବୁ ଆକ୍ରମଣକୁ ସେ ପ୍ରତିହତ କରିଛି ଆଉ ଆକ୍ରମଣକାରୀ ମାନଙ୍କୁ ଉପଯୁକ୍ତ ଶାସ୍ତି ଦେଇଛି । ଏବେ ତାର ବୟସ କିଛି ଆଗେଇ ଗଲାଣି । ଦେହରେ ଆଗଭଳି ଶକ୍ତ ନାହିଁ । ତଥାପି ବି ସେ ଏତେ ଶକ୍ତିହୀନ ନୁହେଁ । ସେ ପୁଣିଥରେ ଖୁବ୍ ଜୋରରେ ଗର୍ଜନ କଲା । ତାର ସିଂହୀମାନେ ତାକୁ ଅନାଉଥିଲେ । ଏପଟେ ତାର ସିଂହୀମାନେ ମଧ୍ୟ ଡରିଯାଇଥାନ୍ତି । ଯଦି ତାଙ୍କ ରକ୍ଷାକର୍ତ୍ତା ସିଂହ ମୃତ୍ୟୁବରଣ କରେ ତେବେ

 Magazine Downloaded from www.aahwaan.com

ସେମାନଙ୍କୁ ମଧ୍ୟ ମାରି ଦିଆଯାଇପାରେ ।

ବାସ୍, ଅନେକ ସମୟ ଧରି ନିଃସ୍ତବ୍ଧତା । ଦୁଇ ପକ୍ଷ ଅପର ପକ୍ଷର ଶକ୍ତି ତଉଲୁଥିଲେ । ଦୁଇ ପକ୍ଷରୁ କିଛି ଗର୍ଜନ ନଥିଲା । ଯୁଦ୍ଧ ଆରମ୍ଭ ପୂର୍ବରୁ ପ୍ରଥମେ ଯୋଦ୍ଧାମାନେ ଅନ୍ୟ ପକ୍ଷର ଶକ୍ତି ଆକଳନ କରନ୍ତି ଆଉ ସେମାନଙ୍କ କୌଶଳ ଭାବନ୍ତି । ସିଂହମାନେ ହେଉଛନ୍ତି ଶ୍ରେଷ୍ଠ ଯୋଦ୍ଧା । ସେମାନେ ଛଳ କୌଶଳର ସାହାରା ନିଅନ୍ତି ନାହିଁ । ସମ୍ମୁଖ ଯୁଦ୍ଧରେ ପ୍ରତିଦ୍ୱନ୍ଦୀଙ୍କୁ ହରାଇବାକୁ ପ୍ରାଧାନ୍ୟ ଦିଅନ୍ତି । ସେମାନଙ୍କ ଲାଙ୍ଗୁଡ ଟିକିଏ ଉଠି ଯାଇଥିଲା ଆଉ ହଲୁଥିଲା । ସେମାନେ ଆକ୍ରମଣ କରିବାକୁ ପ୍ରସ୍ତୁତ । ସେମାନେ ଜଣେ ଜଣକୁ ଭଲ ଭାବେ ଦେଖୁଥିଲେ । ଆଖି ତରାଟି ଯାଇଛି । କେଶର ଠିଆ ହୋଇ ଯାଇଛି ଆଉ ଦାନ୍ତ ଏଡେ ଏଡେ ଦେଖା ଯାଉଛି । ନିଜର ସବୁ ଅସ୍ତ୍ରକୁ ସେମାନେ ସଜ କରୁଥିଲେ । ସିଂହଙ୍କର ଭୟଙ୍କର ମୁହଁରେ ଆଖିମାନ ଜଳୁଥିଲା ।

ଏ ନୂଆସିଂହ ଦୁହେଁ ଗର୍ଜ୍ଜନରେ କିଛି ଡରିଲେ ନାହିଁ । ହଠାତ୍ ଏ ଦୁଇ ସିଂହ ପ୍ରବଳ ଗର୍ଜନ କରି ସେଠାକାର ଅଧିକର୍ତ୍ତା ସିଂହକୁ ଆକ୍ରମଣ କଲେ । ଏମାନଙ୍କ ମିଶ୍ରିତ ଗର୍ଜ୍ଜନ ଘଡଘଡିଠାରୁ ଅଧିକ ଶବ୍ଦ କରୁଥିଲା । ସମସ୍ତେ ସ୍ତବ୍ଧ ହୋଇଗଲେ ।

ତାପରେ ତୁମୁଳ ସଂଗ୍ରାମ ହେଲା । ଜଣେ ଜଣଙ୍କୁ ମାରି ଦେବା ପାଇଁ ଚେଷ୍ଟା କରୁଥାନ୍ତି । ନିଜର ଥାବାକୁ ଖୁବ ଜୋରରେ ମାରୁଥାନ୍ତି । ଟିକିଏ ସୁଯୋଗ ମିଳିଲେ ଜୋରରେ କାମୁଡି ଦେଉଥାନ୍ତି । କିନ୍ତୁ ଏମାନେ ଦୁଇଟି ଅଳ୍ପ ବୟସ୍କ ସିଂହ । ଦେହରେ ନବ ଶକ୍ତି ଭରପୂର ଅଛି । ଏ ଲଢେଇରେ ଜିତିଲେ ସେମାନଙ୍କୁ ନୂଆ ସାମ୍ରାଜ୍ୟ ମିଳିବ । ତେଣୁ ଦୁଇ ଭାଇ ଖୁବ ଜୋରରେ ଲଢାଇ କରୁଥାନ୍ତି । ସେମାନେ ଷଣ୍ଢୁଆସୀ ଆକ୍ରମଣ କରୁଥିଲେ । ବୁଢା ସିଂହ ଜଣଙ୍କ ଆଡେ ତଡିଲେ ଅନ୍ୟ ଭାଇଟି କଡରୁ ଆସି ଖୁବ ଜୋରରେ କାମୁଡି ଦେଉଥିଲା । ଏପଟକୁ ବୁଲିବାମାତ୍ରେ ଅନ୍ୟପଟୁ ଆର ଭାଇଟି କାମୁଡି ଦେଉଥିଲା । ଏହି

 Magazine Downloaded from www.aahwaan.com

କାରଣରୁ ବୁଢା ସିଂହକୁ ଲଢାଇ କରିବାକୁ ଖୁବ ଅସୁବିଧା ହେଉଥିଲା । ବୟସ୍କ ସିଂହଟି ଏମାନଙ୍କ ଭଳିଆ ଆଉ ପ୍ରତାପୀ ନଥିଲା । ସେ ଥକି ଯାଉଥିଲା । ଏମାନେ ତାକୁ ଅନେକ ଥର ତଳେ ପକାଇଦେଇ ଝୁଣି ପକାଇଲେ । ଅବଶ୍ୟ ତାର ବେକ କାମୁଡି ତାର ଶ୍ୱାସ ରୋଧ କରିପାରି ନାହାନ୍ତି ।

ଏମାନଙ୍କ କାମୁଡାରେ ତାର ଦେହସାରା ରକ୍ତ ଝରୁଥିଲା । ସେ ବହୁତ ଘାଇଲା ହୋଇ ଯାଇଥିଲା । ତାକୁ ଏ ଦୁଇଜଣ ଷଣ୍ଢୁଆସୀ ଆକ୍ରମଣ କରି ଖୁବ ଜଲଦି ହରାଇଦେଲେ । ପୂର୍ବର ଅଧିକର୍ତ୍ତା ସିଂହ ବହୁ ଚେଷ୍ଟା କଲା । କିନ୍ତୁ ଆଉ ପାରିଲା ନାହିଁ । ଏ ପ୍ରତାପୀ ସିଂହମାନଙ୍କୁ ହରାଇ ହେଉନଥିଲା । ସେ ସିଂହଟି ନିଜ ରାଜ୍ୟ ହରାଇ ପ୍ରାଣ ବିକଳରେ ପଳାୟନ କଲା । ଦୁଇ ଭାଇ ତାକୁ ଅନେକ ଦୂର ଯାଏଁ ଖେଦିଲେ । ଦିନେ ଏତେ ପ୍ରତାପୀ ସିଂହ ଆଜି ରାଜ୍ୟଚ୍ୟୁତ ହେଲା । ତାର ମୁଣ୍ଡ ତଳୁଆ ହୋଇଯାଇଥିଲା । କେଶର ସବୁ ନଇଁ ଯାଇଥିଲା । ଧୂଳିରେ ତାର ଦେହ ଭରିଯାଇଥିଲା । ସେ ସିଂହଟା ପ୍ରାଣ ବିକଳରେ ଦୌଡୁଥାଏ ।

ଏମାନେ ନିଜ ମୁଣ୍ଡ ଘଷି ହେଲେ । ବିଜୟୀ ହୋଇଛନ୍ତି । ବର୍ତ୍ତମାନ ଏ ସିଂହ ଦୁହେଁ ଅନ୍ୟ ଏକ ରାଜ୍ୟର ମଧ୍ୟ ଅଧିକର୍ତ୍ତା । ସବୁ ସିଂହୀ ଏମାନଙ୍କ ଅଧିନରେ ରହିବେ । ସେମାନେ ଏବେ ଖାଇବାରେ ଅଧିକାର ଜମାଇବେ । ନିଜ ରାଜ୍ୟର ସୀମା ନିର୍ଦ୍ଧାରଣ କରିବେ । ନିଜ ରାଜ୍ୟରେ ସେମାନେ ଗର୍ଜ୍ଜନ କରିବେ ଅନେକ ସିଂହୀଙ୍କ ସହିତ ଏମାନଙ୍କର ମିଳନ ହେବ । ଅନେକ ନୂଆ ସିଂହ ଜନ୍ମ ନେବେ । ସିଂହ ସାମ୍ରାଜ୍ୟର ଏହାହିଁ ନିୟମ ।

ଏହି ଦଳର ସିଂହୀମାନେ ଖୁବ ଡରି ଯାଇଥିଲେ । ନୂଆ ସିଂହମାନେ ସେମାନଙ୍କ ସହ କେମିତି ବ୍ୟବହାର କରିବେ ଜଣାନଥିଲା । ଏ ଦୁଇ ସିଂହ ସିଂହୀମାନଙ୍କ ଆଡକୁ ଦୌଡି ଆସିଲେ । ଚାଲିରେ ଔଦ୍ଧତ୍ୟ, ଆଉ ଆଖିରୁ ନିଆଁ ଝରୁଥିଲା । ସେମାନଙ୍କ ଲାଙ୍ଗୁଡ ସବୁ

 Magazine Downloaded from www.aahwaan.com

ଠିଆ ହୋଇଥିଲା । ଜୟ ସବୁଠାରୁ ବୟସ୍କା ସିଂହୀ ଆଡକୁ ମାଡି ଆସିଲା । ସେ ସିଂହୀ ଟିକିଏ ଦୌଡି ପଳେଇ ଠିଆ ହୋଇଗଲା । ଜୟ ପୁଣି ତାକୁ ଦୁଇପାଦ ଖେଦିଲା । ସିଂହୀ ତଳେ ଗଡି ନିଜର ଆନୁଗତ୍ୟ ଦେଖାଇଲା । ଏମିତି ସବୁ ସିଂହୀ ଦୁଇ ସିଂହଙ୍କୁ ଆନୁଗତ୍ୟ ଦେଖାଇଲେ । ସେମାନେ ଏହି ସିଂହୀମାନଙ୍କ କାମୁଡିଲେ ନାହିଁ । ଆବଶ୍ୟକ ନାହିଁ । ସେମାନେ ଏମାନଙ୍କ ସାମ୍ରାଜ୍ୟର ପ୍ରଜା । ଏମାନେ ଦୁଇ ଭାଇଙ୍କ ପାଇଁ ଶିକାର କରିବେ ।

ଏ ଭିତରେ ଏକ ସିଂହୀ ଟିକେ ପଛକୁ ରହିଯାଇଥିଲା । ତାର ଦୁଇଟି ଶିଶୁ । ପୁରୁଣା ସିଂହର ସନ୍ତାନ । ଜୟ ତାକୁ ଦେଖିଦେଲା । ସେ ବିଜୟ ଆଡକୁ ଅନାଇଲା । ବିଜୟ ମଧ୍ୟ ସେ ଛୁଆ ଦୁହିଁଙ୍କୁ ଲକ୍ଷ୍ୟକଲା । ସେମାନେ ଠାରରେ ନିଜ ଭିତରେ କଥା ହୋଇଗଲେ । ସେଇ ଦୁଇ ଛୁଆଙ୍କୁ ବଧ କରିବାକୁ ପଡିବ । ଏ ଦଳରେ କେବଳ ସେମାନଙ୍କର ସନ୍ତାନ ରହିବେ ।  ଜୟ ଡରି ଲୁଚୁଥିବା ଛୁଆ ମାନଙ୍କୁ ବଧ କରିବାକୁ ଆଗେଇଲା । ଛୁଆମାନେ ଡରି ବୁଦାତଳକୁ ଖସିଗଲେ । ନୂଆ ସିଂହ ବୁଦା ଆଡକୁ ଖେଦି ଆସିଲା । ସିଂହୀମାନେ ଡରି ଠିଆ ହୋଇଥାନ୍ତି । କିନ୍ତୁ ଛୁଆଙ୍କର ମା ଛୁଆଙ୍କୁ ବଂଚେଇବାକୁ ଦୌଡି ଆସିଲା । ସେ ଗର୍ଜନ କରି ବଡ ସିଂହ ଜୟକୁ ଅଟକାଇ ଦେଲା ।

ଜୟ ସିଂହ ଆଉ ସିଂହୀ ଭିତରେ ଥାବା ଯୁଦ୍ଧ ହେଉଥିଲା । ଏ ବଡ ସିଂହ ମାକୁ କାମୁଡିବାକୁ ବେଶୀ ଚେଷ୍ଟା କରୁନଥିଲା । ତାବା ପ୍ରହାର ଦ୍ୱାରା ତାର ଔଦ୍ଧତ୍ୟରେ ଶାସ୍ତି ଦେବାକୁ ଚାହୁଁଥିଲା । ଥାବା ଦ୍ୱାରା ତାକୁ ପ୍ରହାର କରୁଥିଲା । କର୍ତା ସିଂହକୁ ଏକ ସିଂହୀ ଅଟକାଇ ପାରେନା । କିନ୍ତୁ ମା ଛୁଆଙ୍କୁ ମରିବାକୁ ଦେଇ ପାରିବନି । ମା ଯେମିତି ହେଲେ ଛୁଆଙ୍କୁ ବଂଚେଇବାକୁ ଚେଷ୍ଟା କରୁଥିଲା । ସେ ନୂଆ ସିଂହର ଆଗେଇବାକୁ ଜଗୁଥିଲା । ନୂଆ ସିଂହ ସିଂହୀର ଔଦ୍ଧତ୍ୟ ଦେଖି ନିଜର କ୍ରୋଧ ଆଉ ବିରକ୍ତି ପ୍ରକାଶ କରୁଥିଲା । ସେ ମା ସିଂହୀ ଆଡକୁ ଜୋରରେ ଖେଦି ଆସିଲା । କିନ୍ତୁ ମା ସିଂହୀ ମୋଟେ ରାସ୍ତା ଛାଡିଲା ନାହିଁ ।

 Magazine Downloaded from www.aahwaan.com

ଏକ ପାଚେରୀ ଭଳି ଜୟ ସିଂହର ରାସ୍ତା ଜଗି ଠିଆ ହେଲା । ସେମାନଙ୍କ ଭିତରେ ଏକ ଥାବା ଯୁଦ୍ଧ ଲାଗିଗଲା ।

ଏ ଭିତରେ ଅନ୍ୟ ଭାଇ ବିଜୟ ବୁଦା ଗହଳିକୁ ଚାଲି ଯାଇଥିଲା । ବୁଦା ଗହଳିରେ ଛୋଟ ସିଂହ ଦୁହେଁ ଛପି ଯାଇଥିଲେ । ଏପଟେ ଜୟ ଆଉ ମା ସିଂହ ଭିତରେ ଘମାଘୋଟ ଯୁଦ୍ଧ ଲାଗିଥାଏ । ମା ସିଂହୀକୁ କେହି ସାଥି ଦେଉନଥିଲେ । ମା ହାଲିଆ ହୋଇ ଯାଉଥିଲା । କିନ୍ତୁ ପ୍ରାଣପଣେ ଜୟକୁ ଅଟକାଇବାକୁ ଚେଷ୍ଟା କରୁଥିଲା । ବିଜୟ ଏପଟେ ବୁଦା ଭିତରକୁ ଥାବା ପୁରାଇ ଏକ ଛୁଆକୁ ଟାଣି ଆଣିଲା । ଛୁଆଟି ପଳାଇ ଯିବା ପାଇଁ ବିକଳ ହେଉଥାଏ କିନ୍ତୁ ବିଜୟ ଟିକେ ଦୟା ନଦେଖାଇ ନିମିଷରେ ତାର ତଂଟି ଝୁଣି ମାରିଦେଲା । ଅନ୍ୟ ଛୁଆଟି ଭିତରକୁ ଚାଲି ଯାଉଥିଲା । କିନ୍ତୁ ସେ ମଧ୍ୟ ନିଜର ଅନ୍ୟ ଭାଇର ଦଶା ଲାଭ କଲା । ବିଜୟ ସାଙ୍ଗେ ସାଙ୍ଗେ କାମୁଡି ଛୁଆକୁ ମାରିଦେଲା । ତାର ମୁହଁରେ ରକ୍ତ ଲାଗିଥିଲା ।

ଜୟ ଏକଥା ଲକ୍ଷ୍ୟ କରିଥିଲା । ସେ ଲଢାଇ ବାହନାରେ ମା'କୁ ଅଟକାଇଥିଲା । ମା ବିଜୟର ଚାଲ ବୁଝିନପାରୁ । ଏଣେ ବଡ ଭାଇ ଜୟ ଆଉ ଲଢାଇ କଲାନାହିଁ । ସେମାନଙ୍କର ଉଦ୍ଦେଶ୍ୟ ସାଧିତ ହୋଇ ସାରଲାଣି ଆଉ ଏ ସିଂହୀ ସହ ଲଢେଇ କରି ଲାଭ କଣ ? ପରେ ଏ ସିଂହୀ ତ ସେମାନଙ୍କ ସନ୍ତାନର ମା ହେବ । ସେ ରହିଗଲା ।

ସିଂହୀ ବୁଲିପଡି ଦେଖିଲା ବିଜୟ ମୁହଁରେ ରକ୍ତ ଆଉ ତାର ଛୁଆ ଦୁହେଁ ତଳେ ପଡିଛନ୍ତି । ସେ ଛୁଆ ମାନଙ୍କ ପାଖକୁ ଦୌଡିଗଲା । ସେତେବେଳକୁ ତାର ଛୁଆମାନେ ମରିଗଲେଣି । ସେ ଚାଟିଲା କିନ୍ତୁ ବୃଥା । ତାର ଆଉ କିଛି କରିବାକୁ ନଥିଲା । ଆଉ ଲଢେଇରେ ମୂଲ୍ୟ କଣ ? କାହା ସଙ୍ଗରେ ଲଢାଇ କରିବ । ତାର ମୁଣ୍ଡ ଝୁଲି ପଡିଲା । ଦୁଃଖରେ ଅନ୍ୟ ସିଂହୀ ମାନଙ୍କ ପାଖକୁ ଚାଲିଗଲା । ଏଣିକି ଏଇ ଦୁଇ ସିଂହ ସେମାନଙ୍କର ହର୍ତାକର୍ତା ଆଉ ବିଧାତା ହେବେ ।

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ଏମିତି ଦୁଇ ନବାଗତ ସିଂହ ପୁରୁଣା ସିଂହର ଦଳକୁ ଅଧିକାର କରିନେଲେ । ଏବେ ସବୁ ସିଂହୀ ସେମାନଙ୍କ ନୃଶଂସତା ଦେଖିଲେଣି । ସେମାନଙ୍କର ଆକ୍ରମଣର ତୀବ୍ରତା ଦେଖି ସମସ୍ତେ ଡରି ଯାଇଛନ୍ତି । ଦଳରେ ଶୃଙ୍ଖଳା ରହିବ । ସେମାନେ ନିଜକୁ ଚାଟି ସଫା କଲେ । ଅନ୍ୟ ସିଂହୀମାନେ ଟିକିଏ ଦୂରରେ ଶୋଇ ରହିଲେ । ସେମାନେ ପେଟେଇ ପଡି ସିଂହୀ ଦଳକୁ ଅନାଇ ରହିଲେ ।

ସେମାନଙ୍କର ମୁଖ୍ୟ କାମ ଥିଲା ନିଜର ପରିଧିରେ ପରିକ୍ରମଣ କରିବା । ଯଦି ସେମାନେ କେଉଁଠି ନୂଆ ସିଂହକୁ ଦେଖୁଥିଲେ ତାକୁ ତିଳେମାତ୍ର ଦୟା ନ କରି ଭଗାଉ ଥିଲେ କିମ୍ବା ମାରିଦେବାର ଚେଷ୍ଟା କରୁଥିଲେ । ଏମିତି କରିବା ପାଇଁ ଅନେକ ସମୟ ଦେବାକୁ ପଡୁଥିଲା । ତାଦ୍ୱାରା ନିଜର ସିଂହୀ ଦଳଠାରୁ ସେମାନେ ଅନେକ ଅଲଗା ରହୁଥିଲେ । ଏ ଦୁଇ ସିଂହ ନିଜର ବନ୍ଧୁତ୍ୱ ଦେଖାଇବା ପାଇଁ ବେଳେବେଳେ କାନ୍ଧକୁ କାନ୍ଧ ଘଷି ହେଉଥିଲେ ବା ମୁଣ୍ଡକୁ ମୁଣ୍ଡ ଘଷି ହେଉଥିଲେ ଆଉ ଠେଲା ଠେଲି ହେଉଥିଲେ । ସେମାନେ ଜାଣିଥିଲେ ଯେ ତାଙ୍କର ବନ୍ଧୁତା ହିଁ ତାଙ୍କର ଶକ୍ତି । ଏହାଦ୍ୱାରା ସେମାନେ ତାଙ୍କଠାରୁ ପରାକ୍ରମଶାଳୀ ସିଂହକୁ ମଧ୍ୟ ହରାଇ ଦେଇ ପାରିବେ । ସେମାନେ ଏକ ସାମ୍ରାଜ୍ୟ ଗଠନ କଲେ । ସେହି ସାମ୍ରାଜ୍ୟରେ ଅନେକ ନିୟମ ଥିଲା । ସିଂହୀମାନେ ସେ ନିୟମ ସବୁକୁ ଅକ୍ଷରେ ଅକ୍ଷରେ ପାଳନ କରୁଥିଲେ । ଦଳର କଠୋର ନିୟମ ଯୋଗୁ ସେମାନଙ୍କ ଅଂଚଳ ବଢିଗଲା । କେଉଁ ନୂଆ ସିଂହ ଏପଟେ ଆସିବାକୁ ସାହାସ କରି ପାରୁ ନଥିଲା ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗୁରୁ, ଅନ୍ଧକାର ଜୀବନର ସୂର୍ଯ୍ୟାଲୋକ



ପାରମିତା ମିଶ୍ର

କାହାଣୀ ନବେ ମସିହାର । ଆମେ ସବୁ ପ୍ରାଥମିକ ବିଦ୍ୟାଳୟ ଛାଡି ମାଧ୍ୟମିକ ବିଦ୍ୟାଳୟ ଆଡକୁ ଗତି କରୁଥିଲୁ । ଯଦି ଆପଣଙ୍କ ଭିତରୁ କେହି ସେ ସମୟରେ ଗାଁରେ ରହି ପାଠ ପଢିଥିବେ ତେବେ ମୋ ସହ ଏକମତ ହେବେ ଯେ ଗୁରୁ ସେତେବେଳ ଆମ ଜୀବନରେ କଣ ମହତ୍ତ୍ୱ ରଖୁଥିଲେ । ପ୍ରାଥମିକ ବିଦ୍ୟାଳୟରେ ଦୁଇ ଜଣ ହିଁ ଗୁରୁ ଥିଲେ । ସ୍କୁଲ ସରିଲା ବର୍ଷ ମାନେ ପଞ୍ଚମ ଶ୍ରେଣୀରେ ଗୁରୁ ଦକ୍ଷିଣା ସ୍ୱରୂପ ଭଲ ଧୋତି ଗାମୁଛା ନାରିକେଳ ଦେଇ ଆଶୀର୍ବାଦ ନେଇ ସ୍କୁଲ ତ୍ୟାଗ କରିଥାଉ ।

ସେ ଯାହା ହେଉ ମୁଁ ଆଉ ମୋର କିଛି ସହପାଠୀ ଘର ପାଖ ମାଧ୍ୟମିକ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ଜଏନ କଲୁ । ସତ କହିଲେ ଏବର ପାଠ ଆଉ ଆମ ବେଳର ପାଠରେ ଆକାଶ ପାତାଳର ତଫାତ । ଚତୁର୍ଥ ଶ୍ରେଣୀରେ ଆମେ ଇଂରାଜୀର ବେଣ୍ଟ ଧରିବା ଶିଖିଥିଲୁ । କିନ୍ତୁ ଅସଲ ପାଠ ଷଷ୍ଠ ଶ୍ରେଣୀରେ ଯାଇକି ହୁଏ । ଆଉ ମୁଁ ପଞ୍ଚମ ଶେଷ ଯାଏଁ ଭଲକି ସ୍କୁଲରେ ଯାଉନଥାଏ ପାଠ ତ ତେଣିକି ଥାଉ । ଷଷ୍ଠ ଶ୍ରେଣୀର ପାଠ ମୋ ପାଇଁ ଏମିତି ଥିଲା ଯେମିତି ପହଁରା ଜାଣି ନଥିବା ପିଲାକୁ ନେଇ ମଝି ଦରିଆରେ ଫିଙ୍ଗିଦେଇ ଆସିବା । ସବୁଠୁ ବଡ କଷ୍ଟ ଥିଲା ବିଶ୍ୱାମିତ୍ର ସାର୍ । ବାପ୍‌ରେ ଠିକ୍ ନାମ ଖଣ୍ଡେ ପାଇଥିଲେ । ଯମ ସାଂଗେ ସମାନ ସେ । ଶ୍ରେଣୀରେ କେହି ଗୋଟାଏ ବି ପିଲା ଥିବେ ଯିଏ ତାଙ୍କୁ ପସନ୍ଦ କରୁଥିବେ । ପାଠ ପଢା ଆରମ୍ଭ ହେଲା । ବିଶୁ ସାର୍ ଗଣିତ ପଢାନ୍ତି । କିନ୍ତୁ ଗଣିତ ସବୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବାଷ୍ପ ହୋଇଯାଏ ମୁଣ୍ଡରେ କିଛି ପଶେନି । ଆଉ ତା ଉପରେ କି ଛେଚା ଲୋ ମା । ବାଡ଼ି ଖଣ୍ଡକ ଏବେବି ମନେ ପଡି ଯାଉଛି । ଯୋଡ଼ିଏ ଦିନ ଯାଇଛି ତାପରେ ତ ମୋର ପେଟ କଟା ଆରମ୍ଭ ଆଉ । ଆଉ କି ସ୍କୁଲ । ମାଆ କେତେ କଣ ବାଟି କି ପିଆଇଲା । ବାପା କମ୍ପାଉଣ୍ଡର ଡାକି କି ମେଡିସିନ୍ ବି ଦେଲେ ହେଲେ ପାଞ୍ଚ ଦିନ ହେଇଗଲା । କାଟୁଥିଲେ ତ ଭଲ ହେବ । ଷଷ୍ଠ ଦିନ ସଂଧ୍ୟାରେ ମୁଁ ମନମୌଜରେ ଦାଣ୍ଡରେ ଖେଳୁଥାଏ । ସାଥୀ ପିଲାମାନେ ସ୍କୁଲରୁ ଫେରିବା ଦେଖି ଇଲେଇ ହେଉଥାଏ କି ହଠାତ୍ ମୋର ନଜର ପଡିଲା ଗୋଟିଏ ସାଇକଲ ଆଗରେ ଲାଗିଥିବା ଲାଇଟ ଉପରେ । ଚିହ୍ନା ଚିହ୍ନା । ବିଶୁ ସାରଙ୍କ ସାଇକଲ । ଆଉ କି ଅଛି ପୁଣି ପେଟ କାମୁଡି ଦୌଡିଲି ଘରକୁ । ଦେଖିଲା ବେଳକୁ ସାର୍ ମୋରି ଘରକୁ ଆସିଲେ । ମୋର ଗୋଡ ହାତ ସବୁ ପିଳେହି ପାଣି । ମୁଁ ଯାଇ ସିଧା ଖୁଡି ପାଖରେ ହାଜର । ଜାଣିଛି ଧରା ତ ପଡିଗଲିଣି ହେଲେ ବାପା ବାଡେଇବାକୁ ଏଇ ଆଡକୁ ଆସିବେନି । ବାପା ଡାକ ଛାଡିଲେ, ବୋଉ ହାତ ଧରି ଝିକି ଝିକି ଧରିକି ଆସିଲା । ମୋର ଆଜିବି ମନେ ଅଛି ତଳେ ଗଡି ଯାଇ କାନ୍ଦିଥିଲି । ସାର୍ ଗୋଟିଏ ପାଟିରେ ସାଷ୍ଟାଙ୍ଗ ଠିଆ ହେଲି ଆସି । କହିଲେ କାଲିକୁ ବାଟେ ବାଟେ ସ୍କୁଲ ଆସିଥିବୁ ଆଉ ସ୍କୁଲରୁ ଫେରିଲା ପରେ ଟିକିଏ ଡେଇଁ ଖେଳି ସିଧା ପାଠାଗାରରେ ହାଜରା ପକେଇବୁ, ଗୋଟେ ବି ଦିନ ଖାଇବାକୁ ହବନି । ବିଶୁ ସାର୍ କଥା ବାପା ସଙ୍ଗେ ସଙ୍ଗେ ମୁଣ୍ଡ ଟୁଙ୍ଗାରି ହଁ ମାରିଲେ । ସେ ଗଲାପରେ ମୁଁ ଯେତିକି ଛେଚି ବାଡ଼େଇ ହୋଇ କାନ୍ଦିଛି । ବୋଉ ଯେତକ ବୁଝାଇବା ବୁଝାଇଲା ଶେଷକୁ ଛାଞ୍ଚୁଣି ଧରି ଡରେଇଲା କହିଲା ମଣିଷ ହେଇଯିବୁରେ କୁଳାଙ୍ଗାର, ତୁ ଯେତିକି କାନ୍ଦୁଚୁ କାନ୍ଦେ ହେଲେ କାଲିଠୁ ବିଶୁ ଆଜ୍ଞା ଟୁସନ ତ ଯିବୁ ହିଁ ଯିବୁ । ଆଉ କଣ ହେବ ଗଲି ମୁଁ । ସେଠି ଯାଇ ଦେଖିଲା ବେଳକୁ ମୋ ଶ୍ରେଣୀର ସବୁତକ ଅକାଲକୁଷ୍ମାଣ୍ଡ ସେଇଠି । ରତନ ଆମ ଶ୍ରେଣୀରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପଢେ ମୁଁ ତା ପାଖେ ବସିଲି । ରତନ କହିଲା ଆସିଗଲୁ ! ମୁଁ କହିଥିଲି ହଁ ଯେ ମାତ୍ର ଦୁଇଦିନ ଦେଖିବୁ ରହିଥା । ରତନ ତାତ୍ସଲ୍ୟର ହସ ଦେଇ କହିଲା ଆଜି ଆସିବାକୁ କାନ୍ଦୁଛୁ କାଲି ଗଲାବେଳେ କାନ୍ଦିବୁ । ମୁଁ ବୁଝିପାରି ନଥିଲି । ବେଶି ସମୟ ଲାଗିଲାନି ବୁଝିବାକୁ ମତେ । ଏ ଟ୍ୟୁସନ ଆମ ପରି ଗରିବପିଲାଙ୍କ ପାଇ ମାଗଣା ସଂମ୍ପୂର୍ଣ୍ଣ ମାଗଣା ଥିଲା । ଯିଏ ସ୍ୱଇଛା ଯାହା ଦେଲେ ସେ ରଖୁଥିଲେ । ରତନର ବାପା ନାହିଁ ଆଉ ପାଠ ତ ଦୁର ଖାଇବା ବି ନଥିଲା ତା'ର । ତା ଭଳି କେତେ ପିଲା ବିଶୁ ସାରଙ୍କ ସାଙ୍ଗରେ ତାଙ୍କ ଘରେ ରହୁଥିଲେ । କେଜାଣି କେତେ ପିଲା ଏଇ ଘରୁ ମଣିଷ ହୋଇ ବାହାରିଛନ୍ତି । ସେମାନଙ୍କ ଖାଇବା ପିନ୍ଧିବା ଠୁ ସବୁ ପ୍ରକାର ପରୀକ୍ଷା ପାଇଁ ବି ସାର୍ ଆର୍ଥିକ ସାହାଯ୍ୟ କରନ୍ତି । ଆମ ସମୟର ମ୍ୟାଟ୍ରିକ ପରୀକ୍ଷା ବେଳେ ସାର୍ ରାତିସାରା ନଶୋଇ ଡିବି ବତି ଧରି ବସନ୍ତି ପୁଣି ପରଦିନ ପରୀକ୍ଷା କେନ୍ଦ୍ର ବାହାରେ ପହରା ବି ଦିଅନ୍ତି । ଖାଲି ସେତିକି ନୁହେଁ କେବଳ ଆମରି ପରି ପିଲାଙ୍କ ଶିକ୍ଷା ପାଇଁ ବିଶୁ ସାର୍ ନିଜର ସର୍ବସ୍ୱ ବଳିଦାନ ଦେଇ ଦେଇଥିଲେ ଏମିତିକି ସେ ବିବାହ ବି କରିନଥିଲେ ।

ମାଗଣା ଟ୍ୟୁସନ ପାଇଁ ହୁଏତ ସେ ସ୍କୁଲର ଅନ୍ୟ ସାର୍ ମାନଙ୍କର ଏତେ ପ୍ରିୟଭାଜନ ନଥିଲେ । ପ୍ରଥମ ନଜରରେ ସେ ପିଲାଟିର ଦୁର୍ବଳତା ଜାଣି ନେଉଥିଲେ । ପଢାଇବା ଶୈଳୀ ବି ସମ୍ପୂର୍ଣ୍ଣ ଅଲଗା । ଗୋଟିଏ ଝଟକାରେ ବଡବଡ ଜଟିଳ ଅଂକ ଗୁଡିକ ସମାଧାନ କରିଦିଅନ୍ତି ।

ଉଦାହରଣ ସ୍ୱରୂପ ପଚାଶ ହଜାରକୁ ସେ କହିବେ ତୁ ପ୍ରଥମେ ପାଞ୍ଚକୁ ନେ ତାପରେ ପଚାଶକୁ ହିସାବ କର । ଆହୁରି କେତେ କ୍ଷୁଦ୍ର ସମାଧାନରେ ବଡ ବଡ ଗୁଣନ, ହରଣ ବତାନ୍ତି ।

 Magazine Downloaded from www.aahwaan.com

ପ୍ରଥମ ଦେଖାରେ ଯାହାଙ୍କୁ ମୁଁ ମୋ ଜୀବନରେ ଯମ ସହ ତୁଳନା କରିଥିଲି ସେ ପ୍ରକୃତରେ ମୋ ଅନ୍ଧକାର ଜୀବନର ସୂର୍ଯ୍ୟାଲୋକ ଥିଲେ । ପାଞ୍ଚବର୍ଷ ମୁଁ ତାଙ୍କ ପାଖରେ ପଢିଲି । ଆମ ଆଗରୁ କେତେ ପିଲା ଯାଇଥିଲେ । ପ୍ରତି ଥର ଗୁରୁଦିବସରେ ପିଲାମାନେ ସାର୍ କିଛି ଉପହାର ଦେବାପାଇଁ ଚାହାଁନ୍ତି କିନ୍ତୁ ସାର୍ ଉପହାର ନାଁରେ ରାଗି ଯାଆନ୍ତି । ସେବର୍ଷ ଆମର ମ୍ୟାଟ୍ରିକ ଥିଲା । ଆମ ପାଇଁ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ରଖା ଯାଇଥିଲା । ରତନ କହିଥିବା କଥା ସତ ହେଲା ମୁଁ କାନ୍ଦି କାନ୍ଦି ଆସିଥିଲି ଆଉ ସେଦିନ ବି ନଯିବା ପାଇଁ ଛୁଆ ପରି ଘୁମୁରି ଘୁମୁରି କାନ୍ଦି ଥିଲି ଖାଲି ମୁଁ ଦଶମ ଶ୍ରେଣୀର ସବୁ ପିଲା ସେଦିନ ବିଶୁ ସାରଙ୍କ ଗୋଡ ତଳେ ପଡି କାନ୍ଦିଥିଲୁ । ସାର ବି କହିଥିଲେ ଏଇତ ମୋର ଗୁରୁଦକ୍ଷିଣା ।

ସେଦିନ ଆମର ଶେଷ ପରୀକ୍ଷା ଥିଲା । ପରୀକ୍ଷାକେନ୍ଦ୍ର ବାହାରେ ତାଙ୍କୁ ଦେଖିଥିଲୁ । ବାସ୍ ଫେରିକି ଆସିଲା ବେଳକୁ ସେ ନଥିଲେ । ଗାଁରେ ଆସି ବହୁତ୍ ଖୋଜିଲୁ ତାଙ୍କୁ କିନ୍ତୁ କିଛି ଖୋଜ ଖବର ନାହିଁ । ମନ ଜମା ଭଲ ଲାଗୁନଥାଏ । ନିତି ପାଠାଗାରରେ ଆସି ବସିବସି ଆସୁ । କିନ୍ତୁ ସାରଙ୍କର ଦେଖା ନାହିଁ । ସପ୍ତାହ ପରେ ସ୍କୁଲରୁ ଡାକରା ହଠାତ୍ ଅସିଲା । ଯାଇ ଦେଖିଲା ବେଳକୁ କିଛି ପୋଲିସ ଅଧିକାରୀ ହାତରେ କିଛି ଲୁଗାପଟା ଆଉ କାଗଜ ପତ୍ର ନେଇ ଆସିଥିଲେ । ପ୍ରଧାନଶିକ୍ଷକ ଜଣାଇଲେ ଯେ ବିଶୁ ସାର୍ ଏକ ଜଟିଳ ରୋଗର ଶିକାର ହୋଇଥିଲେ । ତାରି ଚିକିତ୍ସା ପାଇଁ ସେ ଦିଲ୍ଲୀ ଯାଉଥିଲେ । ଅକସ୍ମାତ କି ଜାଣିଶୁଣି କେଜାଣି ଟ୍ରେନରେ କଟି ତାଙ୍କର ମୃତ୍ୟୁ ହୋଇଛି । ମୃତଦେହ ଚିହ୍ନଟ ନହୋଇ ପାରିବାରୁ ସେଇଠି ତାର ଅନ୍ତିମସଂସ୍କାର କରିଦିଆଗଲା । ଛାତିରୁ କଳିଜା ଯେମିତି ବାହାରି ପଡିଲା । ଆମ ଆଦରର ବିଶୁ ସାର ଆମ ସମସ୍ତଙ୍କୁ ପର କରି ଚାଲିଯାଇଥିଲେ ଠକିଦେଇ ।

 Magazine Downloaded from www.aahwaan.com

ଏମିତି ଏକ ପୁଣ୍ୟାତ୍ମା ବଣମଲ୍ଲୀ ପରି ବଣରେ ସମସ୍ତଙ୍କ ଅଗୋଚରରେ ଝଡି ପଡିଲେ । ତାପରେ ତାଙ୍କ ବିଷୟରେ ଆଉ କିଛି ବି ଜଣା ପଡିଲାନି । ବିଶୁ ସାର୍ ଆତ୍ମହତ୍ୟା ତ କେବେ କରିନଥିବେ ତେଣୁ ତାକୁ ଏକ ଦୈବୀ ଦୁର୍ଘଟଣା ବୋଲି ଧରି ନିଆଗଲା । ସାର୍ ସିନା ଚାଲିଗଲେ କିନ୍ତୁ ଆମ ମନ ମନ୍ଦିରରେ ସେ ସବୁଦିନ ପାଇଁ ସର୍ବୋଚ୍ଚ ସ୍ଥାନରେ ରହିଥିବେ । ଆଜିବି ଗାଁର ସେହି ପାଠାଗାର ଟି ତାଙ୍କରି ନାମରେ ଚାଲେ । ତାଙ୍କରି ଛାତ୍ରଛାତ୍ରୀ ମାନେ ଏଇ ପାଣ୍ଠିକୁ ଦାନ ଦେଇଥାନ୍ତି । ପାଣ୍ଠି କେବେ ଖାଲି ହୁଏନି କେହି ଜାଣି ନାହାଁନ୍ତି କୋଉଠୁ କିଏ ଟଂକା ପଠାଏ କିନ୍ତୁ ଗରିବ ନିରାଶ୍ରୟ ପିଲାମାନଙ୍କୁ ସେଠାରେ ପାଠ ପଢିବାର ସବୁ ସାହାଯ୍ୟ ମିଳେ ।

ମୁଁ ସେଇ ଠକ ତପୁ ଯିଏ ଗଣିତ ନାଁରେ ପାଞ୍ଚଦିନ ମିଛ ପେଟକଟା ବାହାନା କରି ଘରେ ପଡିଥିଲା ଆଜି ସେ ଗଣିତରେ ଡକ୍ଟରେଟ ପାଇ ବିଶ୍ୱ ଦରବାରରେ ସୁନାମଧନ୍ୟ ଗଣିତଜ୍ଞ । ବିଶୁ ସାରଙ୍କ ସବୁ ଛାତ୍ରଛାତ୍ରୀ ବର୍ତ୍ତମାନ ସମସ୍ତେ ପ୍ରାୟ ନିଜ ନିଜ ଜୀବନରେ ସଫଳତା ପାଇଛନ୍ତି । ଆମ ସମୟର ସବୁ ପିଲା ତ ଭଲଭଲ ଜାଗାରେ କାର୍ଯ୍ୟରତ କିନ୍ତୁ ରତନ ସେହି ନିରାଶ୍ରୟ ଦରିଦ୍ର ପିଲାଟି ଆଜି ବିଦେଶରେ ଜଣେ ବିଶିଷ୍ଟ ବୈଜ୍ଞାନିକ ।

ବ୍ରହ୍ମପୁର, ଓଡ଼ିଶା

 Magazine Downloaded from www.aahwaan.com

# ଇମିଟେସନ୍ ଚୁଡ଼ି



ରୋଜା ପଣ୍ଡା

ସାବିତ୍ରୀ ମ୍ୟାଡମ ଆମ ପାଖ ପଡୋଶୀ । ଖୁବ ବଡ଼ଲୋକ ସେମାନେ । ତାଙ୍କ ସ୍ୱାମୀ ପୋଲିସ ବିଭାଗର ଜଣେ ଉଚ୍ଚ କର୍ମଚାରୀ । ପେଶାରେ ପୋଲିସ ହେଲେ ବି ଖୁବ ଶାନ୍ତ ସ୍ୱଭାବର ଲୋକ ଏବଂ ଖୁବ ଦୟାଳୁ ମଧ୍ୟ ପୋଲିସ ବାବୁ । ତାଙ୍କର ଦୁଇଟି ଝିଅ ଆଉ ଗୋଟିଏ ପୁଅ । ପୁଅ, ଝିଅମାନେ ବଡ ବଡ ସ୍କୁଲରେ ପାଠ ପଢ଼ନ୍ତି । କଥା କଥାରେ ଇଂରାଜୀ କୁହନ୍ତି । ମ୍ୟାଗି, ଚାଓମିନ୍, ପିଜା ହେଉଛି ତାଙ୍କର ସକାଳର ଜଳଖିଆ । ସାବିତ୍ରୀ ମ୍ୟାଡମ ପ୍ରତିଦିନ କିଟିପାର୍ଟିରେ ବ୍ୟସ୍ତ ରୁହନ୍ତି । ଘର କାମ କରିବାକୁ ତାଙ୍କୁ ସମୟ ନଥାଏ । ସମୟ ହେବ ବା କେଉଁଠୁ ? ଦିନରେ ଦୁଇଥର ହାତ ଆଉ ଗୋଡରେ ନେଲପଲିସ୍ ଲଗାଇବା ତାଙ୍କର ନିତିଦିନିଆ ଅଭ୍ୟାସ । ଭଳି ଭଳି ମ୍ୟାଚିଂ ଚୁଡ଼ି, କାନଫୁଲ, ନେକଲେସ୍ ସାଙ୍ଗକୁ ଅତ୍ୟାଧୁନିକିଆ ବ୍ଲାଉଜ, ମ୍ୟାଚିଂ ଶାଢ଼ୀ ଓ ହାଇହିଲ୍ ପିନ୍ଧି ସେ ସାରାଦିନ ସଜେଇ ହୁଅନ୍ତି । ଏସବୁରୁ ଫୁରସତ ମିଳିଲେ ସିନା ସାବିତ୍ରୀ ମ୍ୟାଡମ ଘରକାମ କରିବେ । ସେଥିପାଇଁ ପୋଲିସ ବାବୁ ବାଧ୍ୟହେଇ ଚମ୍ପାକୁ ରଖିଲେ ଘରକାମ ପାଇଁ । ଚମ୍ପା ପନ୍ଦର କି ଷୋହଳ ବର୍ଷର ଝିଅଟିଏ । ଖୁବ ଗରିବ ଘରର ଝିଅ । ତା ମାଆ ମରିଗଲା ପରେ ବାପାଙ୍କ ନିର୍ଯାତନା ସହି ନପାରି ଘର ଛାଡି ଆସି ଷ୍ଟେସନରେ ଜରି ଗୋଟେଇ ନିଜର ଗୁଜୁରାଣ ମେଣ୍ଟଉଥିଲା । ଦିନେ ପୋଲିସ ବାବୁ ଡିଉଟି କରୁଥିବା ସମୟରେ ତାକୁ ଦେଖି ନିଜ ଘରକୁ ନେଇଆସିଥିଲେ । ଭାବିଥିଲେ ଗରିବ ଛୁଆଟାକୁ ପାଠ ପଢ଼ାଇବେ କିନ୍ତୁ ସାବିତ୍ରୀ ମ୍ୟାଡମ ତାଙ୍କୁ ଘର କାମରେ ଲଗାଇଦେଲେ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚମ୍ପା ଘରର ସବୁକାମ କରେ । ଅଇଁଠା ବାସନ ମାଜେ, ଘର ଝାଡୁ କରେ, କପଡା ସଫା କରେ ଏମିତିକି ବେଳେ ବେଳେ ପିଲାଙ୍କ ଜୋତା ମଧ୍ୟ ପଲିସ୍ କରିଦିଏ । ଏତିକି ଟିକିଏ ଛୁଆ ହାତରେ ଏତେ ବଳ କୋଉଠୁ ଆସେ କେଜାଣି ? ପୋଲିସ ବାବୁ ଚମ୍ପାକୁ ଖୁବ ଭଲ ପାଆନ୍ତି ଠିକ୍ ନିଜ ଝିଅପରି । କିନ୍ତୁ ଘରର ବାକି ସମସ୍ତେ ଚମ୍ପାକୁ ବହୁତ ଗାଳି କରନ୍ତି, କଥା କଥାରେ ତାର ଭୁଲ୍ ଖୋଜନ୍ତି । ଘରର ବଳକା ବାସି ଖାଦ୍ୟ ଖାଇବାକୁ ଦିଅନ୍ତି ଚମ୍ପାକୁ । କିନ୍ତୁ ସେ ଦୁଃଖ କରେନି, ଯାହା ମିଳେ ଚୁପ୍‌ଚାପ୍ ଖାଇଦେଇ ନିଜ କାମରେ ଲାଗିପଡ଼େ । କାମରୁ ଟିକିଏ ଫୁରସତ ମିଳିଲେ ପୋଲିସ ବାବୁ ଆଣିଦେଇଥିବା ବହି ପଢେ । ଖୁବ ବିଶ୍ୱାସୀ ଚମ୍ପା । ଘରର କୌଣସି ଦାମୀ ଜିନିଷ ବାହାରେ ପଡିଥିବାର ଦେଖିଲେ ତାକୁ ଆଣି ଝାଡ଼ିଝୁଡ଼ି ସାବିତ୍ରୀ ମ୍ୟାଡମଙ୍କ ହାତକୁ ବଢାଇଦିଏ । କୋଉ ଜିନିଷରେ ତାର ଲୋଭ ନଥାଏ । ନିଜ ଜିନିଷ କହିଲେ ତାର ଗୋଟେ ଚିରା ପୁଟୁଳି । ସେଇଥିରେ ଥାଏ ଦୁଇହଳ ପୁରୁଣା ଜାମା, ଦୁଇ କି ତିନି ଖଣ୍ଡ ପୁରୁଣା ବହି, ତା ମାଆର ଗୋଟେ ଫୋଟୋ ଆଉ ଗୋଟିଏ ଛୋଟିଆ ନାଲି କନାରେ ବନ୍ଧା ହେଇଥିବା କିଛି ଜିନିଷ । ବୋଧହୁଏ ତା ମାଆର ଅସ୍ଥି ହେଇଥିବ । ବାସ୍ ଆକୁ ଛାଡ଼ି ଚମ୍ପାର ଗୋଟିଏ ଦରଛିଣ୍ଡା ମସିଣା । ଯାହା ସେ ରାତିରେ ଶୋଇବା ପାଇଁ ବ୍ୟବହାର କରେ । ପ୍ରତିଦିନ ଚମ୍ପା ଶୋଇବା ପୂର୍ବରୁ ତା ମାଆର ଫୋଟୋକୁ କାଢି ଦେଖେ, ସେଇ ନାଲିରଙ୍ଗର କନାକୁ ଖୋଲି ସେଥିରେ ଥିବା ଜିନିଷକୁ ଛୋଟ ପପି ଗୋଟେ ଦେଇ ପୁଣି ରଖିଦିଏ । ଏହା ହିଁ ତାର ନିତିଦିନର କାର୍ଯ୍ୟ । ଆଜି ରବିବାର । ଅଫିସ ଛୁଟି । ପୋଲିସ ବାବୁ ବସି ଖବରକାଗଜ ପଢୁଛନ୍ତି । ଚମ୍ପା ଚା ନେଇ ଆସିଲା । ହାତରେ ପିନ୍ଧିଥିଲା ହଳଦୀ ରଙ୍ଗର ଦାଉ ଦାଉ ହେଇ ଜଳୁଥିବା ଦୁଇପଟ ଚୁଡ଼ି ।  ଚମ୍ପା ପୋଲିସ ବାବୁଙ୍କୁ ପ୍ରଣାମ କଲା । ଚମ୍ପା ହାତରେ ଥିବା ଚୁଡ଼ି ଦୁଇପଟ ଦେଖି ପୋଲିସ ବାବୁ ସ୍ମିତହାସ୍ୟ ଦେଇ କହିଲେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

-ଆରେ ଚମ୍ପା ଚୁଡ଼ି ଦୁଇପଟ ତୋ ଗୋରା ହାତକୁ ଖୁବ ଭଲ ମାନୁଛି । ହେଲେ ଟିକେ ବଡ ହେଇଗଲା । ଆଉ ଟିକେ ଛୋଟ ମାନେ ତୋ ହାତ ମାପର କିଣିଲୁନି ? ଚମ୍ପା ପୋଲିସ ବାବୁଙ୍କ ପ୍ରଶ୍ନର ଉତ୍ତର ଦେବା ପୂର୍ବରୁ ପଛରୁ କାହାର କର୍କଶ ସ୍ୱର ଶୁଣି ଚମକି ପଡ଼ିଲା । ସାବିତ୍ରୀ ମ୍ୟାଡମ ଗର୍ଜନ କରି ଆସୁଛନ୍ତି - ତୋର ଏତେ ସାହାସ, ତୁ ମୋର ଚୁଡ଼ି ଚୋରି କରିବୁ । ରହ ଆଜି ତୋ ମଜା ବୁଝୁଛି, ତୋ ଜନ୍ମଦିନ ଛଡାଉଛି । ଚୋରଣୀ ଚମ୍ପା ।

ଏସବୁ ଶୁଣି ପୋଲିସ ବାବୁ ବୁଝିଗଲେ ଯେ ଆଜି ଚମ୍ପାର ଜନ୍ମଦିନ । ହେଲେ ସେ ଛୋଟ ପିଲାଟା କଣ କଲା ଯେ ? ଏ ସାବିତ୍ରୀ ତାକୁ ଚୋରଣୀ ବୋଲି ଆକ୍ଷେପ କରୁଛନ୍ତି । ସାବିତ୍ରୀ ମ୍ୟାଡମ ଚମ୍ପାର କାନ ମୋଡି କହିଲେ - ଏଇ ଚୋରଣୀ, ମୋ ଦାମୀ ଇମିଟେସନ ଚୁଡ଼ି ଚୋରି କରି ନିଜେ ପିନ୍ଧିଛୁ । କୋଉଠୁ ଚୋରି କଲୁ କହ ? ଆଉ କଣ ଚୋରି କରିଛୁ ଦେ, ଶୀଘ୍ର ଦେ, ନହେଲେ ତତେ ପୋଲିସରେ ଦେବି । ଚମ୍ପା କାନ୍ଦି କାନ୍ଦି ବିକଳରେ କହୁଥାଏ - ନା ମୁଁ ଚୋରି କରିନି । ଏଇଟା ମୋର । ମୁଁ ଦେବିନି । ଏଇଟା ମୋ ଚୁଡ଼ି । ଏଇଟା ମୋର । ଏସବୁ ଶୁଣି ପୋଲିସ ବାବୁ ସାବିତ୍ରୀ ମ୍ୟାଡମଙ୍କୁ କହିଲେ - କାହିଁକି ଛୋଟ ପିଲାଟା ସହିତ ଲାଗିଛ, ସେ କାହିଁକି ତୁମ ଇମିଟେସନ ଚୁଡ଼ି ଚୋରି କରିବ ? ଦେଖ ତମେ ଆଉ କୋଉଠି ରଖିଥିବ ? ପୋଲିସ ବାବୁଙ୍କ କଥାର ଉତ୍ତରରେ ସାବିତ୍ରୀ ମ୍ୟାଡମ କହିଲେ - ତମେ ଦେଖ ମୋ ଚୁଡ଼ି ବକ୍ସ ଖାଲି ପଡିଛି । ଆଉ ସେ ଚମ୍ପା ଯେଉଁ ଚୁଡ଼ି ପିନ୍ଧିଛି ସେଇଟା ମୋ ମାପର । ଏମିତି କହୁ କହୁ ଚମ୍ପାର ହାତରୁ ଚୁଡ଼ି ଦୁଇପଟ ଟାଣିନେଇ ନିଜ ହାତରେ ପିନ୍ଧିଦେଇ କହିଲେ - ଦେଖୁନ ଦେଖ, ଏଇ ଚୁଡ଼ି ଦୁଇପଟ କେମିତି ମତେ ପୁରା ଠିକ୍ ହେଉଛି । ଯଦି ଏଇଟା ମୋ ଚୁଡ଼ି ନୁହେଁ ତେବେ ମୋ ଚୁଡ଼ି ବକ୍ସରୁ ଚୁଡ଼ି କୁଆଡେ ଗଲା ? ଆଉ ଏତେ ଦାମୀ ଚୁଡ଼ି ଚମ୍ପା କୋଉଠୁ ଆଣିଲା ? ଏସବୁ ଶୁଣି ପୋଲିସ ବାବୁ ଚମ୍ପାକୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କହିଲେ - ଚମ୍ପା ତୁ ଶେଷରେ ତୋ ମାଆର ଚୁଡ଼ି ଚୋରି କଲୁ ? ମୋ ମୁଣ୍ଡ ତଳକୁ କରିଦେଲୁ ଛିଃ ଛିଃ...

ଚମ୍ପା କାନ୍ଦି କାନ୍ଦି କହିଲା ମୁଁ ଚୋରି କରିନି ବାବୁ, ମତେ ବିଶ୍ୱାସ କର, ମାଆ ମତେ ଏଇଟା ଦେଇଥିଲେ, ମୁଁ ଚୋରି କରିନି, ମୁଁ ସତ କହୁଛି । ହେଲେ କେହି ତା କଥା ଶୁଣିଲେ ନାହିଁ । ଏମିତି ଚୋରି, ପ୍ରମାଣ ଖୋଜାରେ ପୁରା ଦିନଟା ଚାଲିଗଲା । ସମସ୍ତେ କିଛି ନା କିଛି ଖାଇ ଶୋଇବାକୁ ଗଲେ କିନ୍ତୁ ଚମ୍ପା ସେମିତି ବାରଣ୍ଡାରେ ପଡିଥାଏ । ପୋଲିସ ବାବୁ ଭାବୁଥିଲେ ସତରେ କଣ ଚମ୍ପା ଚୋରି କରିପାରିବ ? ଆଉ ଯଦି ସେ ଚୋରି କରିନି ତେବେ ଏତେ ଦାମୀ ଇମିଟେସନ ଚୁଡ଼ି ସେ ପାଇଲା କେଉଁଠୁ ? ଏସବୁ ଭାବୁ ଭାବୁ ପୋଲିସ ବାବୁଙ୍କର ମନେ ପଡ଼ିଲା ଯେ ଚମ୍ପା ସେତେବେଳେ ଚିତ୍କାର କରି କହୁଥିଲା, ମତେ ଏଇ ଚୁଡ଼ି ମାଆ ଦେଇଛନ୍ତି ବୋଲି । ସେ ସଙ୍ଗେସଙ୍ଗେ ସତ ଜାଣିବା ପାଇଁ ଚମ୍ପା ପାଖକୁ ଦୌଡିଲେ । ଚମ୍ପା ସେତେବେଳକୁ ନିଜ ମାଆର ଫୋଟୋକୁ ଛାତିରେ ଚାପି ଧରି କାନ୍ଦି କାନ୍ଦି ବାରଣ୍ଡାରେ କେଉଁ ଏକ କୋଣରେ ଶୋଇପଡିଛି । ପୋଲିସ ବାବୁ ଧୀରେ ଧୀରେ ଚମ୍ପା ପାଖକୁ ଗଲେ । ତା ଛାତିରେ ଲାଗିରହିଥିବା ଫୋଟୋକୁ କାଢ଼ିଲେ ଆଉ ଦେଖିଲେ ସେଇ ଫୋଟୋଟି ଜଣେ ସ୍ତ୍ରୀ ଲୋକର । ଗୋରା ତକତକ ଚେହେରା । ବିଲକୁଲ ଚମ୍ପାର ଗଢ଼ଣ ପରି । ଇଏ ଚମ୍ପାର ମାଆଙ୍କ ଫୋଟୋ । ହେଲେ ହାତରେ ସେଇ ଏକା ପ୍ରକାର ଚୁଡ଼ି ଦୁଇପଟ । ପୋଲିସ ବାବୁ ଆଶ୍ଚର୍ଯ୍ୟ ହେଇ ଚମ୍ପାର ପୁଟୁଳିଟିକୁ ତନ୍ନ ତନ୍ନ କରି ଦେଖିଲେ । ସେ ଯେଉଁ ନାଲି କନାରେ ଚମ୍ପାର ମାଆଙ୍କ ଅସ୍ଥିଥିବ ବୋଲି ଭାବୁଥିଲେ ସେଥିରେ ଗୋଟେ ଚୁଡ଼ିବକ୍ସ ଥିଲା ଆଉ ଖଣ୍ଡେ ଚିଠି ଥିଲା । ପୋଲିସ ବାବୁ ସେଇ ଚିଠିଟିକୁ ଖୋଲିଲେ । ଚିଠିରେ ଲେଖାଥିଲା, "ପ୍ରିୟରେ ଚମ୍ପା, ତୋ ବାପା ମଦ ପିଇବା ପାଇଁ ଘରର ସବୁ ଜିନିଷ ବିକ୍ରି କରିସାରିଲେଣି । ମୋ

 Magazine Downloaded from www.aahwaan.com

ପାଖରେ ତତେ ଦେବାପାଇଁ କିଛି ନାହିଁ । ଏଇ ଚୁଡ଼ି ଦୁଇପଟ ଶେଷ ସମ୍ବଳ । ଏଇଟା ଖାଣ୍ଟି ସୁନା । ତୋ ବାପା ବଞ୍ଚିଛନ୍ତି ଯେତେବେଳେ ମୁଁ ସଧବା । ଆଉ ସଧବାମାନେ କେବେ ହାତ ଖାଲି କରିବା କଥା ନୁହେଁ । ହେଲେ ମୁଁ ସଧବା ରହି ଲାଭ କଣ ? କେତେଦିନ ଯାଏ ଏଇ ଚୁଡ଼ି ଦୁଇପଟକୁ ତୋ ବାପାଙ୍କ ଠାରୁ ଲୁଚେଇ ରଖିବି । ସେ ଯେଉଁଦିନ ମୋ ହାତରେ ଏଇ ଚୁଡ଼ି ଦେଖିବେ ମଦ ପିଇବା ପାଇଁ ନିଜ ହାତରେ ମତେ ବିଧବା ସଜେଇ ମୋ ହାତରୁ ଖୋଲି ନେଇଯିବେ । ସେଥିପାଇଁ ଏଇଟା ମୁଁ ଏକ ନାଲି କନାରେ ଗୁଡେଇ ବାଡି ପଟେ ପୋତିଦେଉଛି । ତୋ ଜନ୍ମଦିନରେ ତ ତତେ କିଛି ଦେଇପାରିଲିନି । ଆରବର୍ଷ ଜନ୍ମଦିନରେ ତୁ ଏଇ ଚୁଡ଼ି ଦୁଇପଟ ପିନ୍ଧିବୁ । ହଁ ଏଇଟା ତତେ ଟିକେ ବଡ ହେବ, ହେଲେ ତୁ ବ୍ୟସ୍ତ ହବୁନି । ତୁ ଯେତେବେଳେ ମୋ ବୟସର ହେଇଯିବୁ ତତେ ଏଇ ଚୁଡ଼ି ଦୁଇପଟ ଠିକ୍ ହେବ । ମୁଁ ମରିଗଲାପରେ ତୁ ମତେ ଏଇ ଚୁଡ଼ିରେ ଦେଖିବୁ ଆଉ ଭାବିବୁ ତୋ ମାଆ ତୋ ପାଖରେ ଅଛି । ଇତି ତୋର ଅଭାଗିନି ମାଆ ।"

ପୋଲିସ ବାବୁ ଏସବୁ ପଢି ଦୁଃଖରେ ଭାଙ୍ଗିପଡିଲେ । ଆଉ ସ୍ପଷ୍ଟ ଭାବରେ ଜାଣିଗଲେ ଯେ ଚମ୍ପା ଚୋରି କରିନି । ସେ ଚମ୍ପାକୁ ଭୁଲ୍ ମାଗିବାପାଇଁ ତାକୁ ନିଦରୁ ଉଠାଇବାକୁ ଚେଷ୍ଟା କଲେ । ହେଲେ ଏ କଣ ? ଚମ୍ପାକୁ ଯେତେ ଡାକିଲେ ବି ସେ ଉଠୁନି । ହାତ ଗୋଡ଼ ନାଠି କରି ପଡିଛି । କିଛି ସମୟ ପୋଲିସ ବାବୁ ଚମ୍ପାକୁ ନିରେଖି ଜାଣିବାକୁ ପାଇଲେ ଯେ ଚମ୍ପା ଆଉ ନାହିଁ । ସମସ୍ତଙ୍କୁ ଛାଡି ଆରପାରିକୁ ମାନେ ତା ମାଆ ପାଖକୁ ଚାଲିଯାଇଛି । ସକାଳ ହେଲା । ସାବିତ୍ରୀ ମ୍ୟାଡମ ରେଡି ହେଇ ଚମ୍ପାଠାରୁ ଛଡେଇ ନେଇଥିବା ଚୁଡ଼ି ପିନ୍ଧି କର୍କଶ ଗଳାରେ ଚିତ୍କାର କରି ଡାକି ଡାକି ଆସିଲେ - ଆଲୋ ହେ ଚୋରଣୀ ଚମ୍ପା, ଆଜି ତୋ' ଜଳଖିଆ ଦେବୁନି କି ? ପୋଲିସ ବାବୁ ସେତେବେଳକୁ ଚମ୍ପାର ମର ଦେହଟାକୁ କାନ୍ଧରେ

 Magazine Downloaded from www.aahwaan.com

କାନ୍ଧେଇ ବାଡିପଟ ଆଡକୁ ଯାଉଥିଲେ । ବାଡିପଟ ଝରକା ପାଖେ ଦେଖିଲେ ସାବିତ୍ରୀ ମ୍ୟାଡମଙ୍କ ହଜିଯାଇଥିବା ଇମିଟେସନ ଚୁଡ଼ି ଦୁଇପଟ ପଡିଛି । ପୁରାପୁରି ରଙ୍ଗ ଛାଡିଯାଇଛି ସେଇ ଚୁଡ଼ି ଦୁଇପଟରୁ । ତା ସାଙ୍ଗରେ ସବିତ୍ରୀ ମ୍ୟାଡମଙ୍କର କିଛି ପୁରୁଣା ରଙ୍ଗ ଛଡା ଇମିଟେସନ ଗହଣା ମଧ୍ୟ । ଏସବୁ ଦେଖି ପୋଲିସ ବାବୁ ଭାବୁଥିଲେ, "ଏଇ ସ୍ତ୍ରୀ ଲୋକମାନେ କିଛିଟା ଅପ୍ରାକୃତିକ ଦାମୀ ଜିନିଷର ଲୋଭ ଫଳରେ ଜୀବନରେ ଅନେକ ପ୍ରାକୃତିକ ମୂଲ୍ୟବାନ ଜିନିଷ ହରାନ୍ତି । ଏଇ ଯେମିତି ସୁନା ଲୋଭରେ ସ୍ୱୟଂ ଲକ୍ଷ୍ମୀଙ୍କୁ ।"

ପୂର୍ଣ୍ଣାନନ୍ଦ ଭବନ,

ନେତାଜୀ ନଗର,ମଧୁପାଟଣା

କଟକ - ୭୫୩୦୧୦



ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କର୍ମ ପରିଣାମ



ଶିଶିର କୁମାର ପଣ୍ଡା

ଏକଦା ଦୁଇ ବନ୍ଧୁ ଏକ ସହରରେ ଗୋଟିଏ ଫ୍ୟାକ୍ଟ୍ରିରେ କାମ ପାଇଲା ପରେ ସ୍ଥିର କଲେ ଗୋଟିଏ ଘର ଭଡ଼ା ନେଇ ରହିଲେ । ଉଭୟେ ଅବିବାହିତ । ହରିସ ତାର ସ୍ୱଭାବାନୁସାରେ ଫିଲ୍ମ ଦେଖିବା, ମଦ ପିଇବା, ମୋବାଇଲରେ ସମଭାବାପନ୍ନ ବ୍ୟକ୍ତି ସହ ଚାଟିଙ୍ଗ ଆଦି ପତ୍ତନମୁଖୀ କାର୍ଯ୍ୟରେ ନିଜର ସମୟ ଅତିବାହିତ କରେ କିନ୍ତୁ ନଗେନ ତାକୁ ବୁଝାଏ ସେସବୁ ନକରିବା ପାଇଁ, ସେ ତାର ବଳକା ସମୟରେ ସତ ସାହିତ୍ୟ ପଢେ, ଉପାସନା କରେ ଯଥାସମ୍ଭବ ସତସଙ୍ଗରେ ସମୟ କଟାଏ । ଉଭୟ ଛୁଟି ନେଇ ଗାଁକୁ ଗଲେ ହରିସ ତାସ ଖେଳ, ଗଞ୍ଜେଇ ଆଖଡା, ମଦ ଭାଟିରେ ସାଙ୍ଗମାନଙ୍କ ସହିତ ଜୀବନକୁ ଉପଭୋଗ କରେ ।

ନଗେନ ଘର କାମରେ ବାପାଙ୍କୁ ସାହାଯ୍ୟ କରିବା ସହ ଗାଁର ପତିତ ଜାଗାରେ ପିଲାମାନଙ୍କୁ ନେଇ ଗଛ ଲଗାଏ, ସେ ଗାଁରେ ଖୋଲିଥିବା ପିଲାମାନଙ୍କ ପାଇଁ 'ଶିଶୁବାଟିକା'ରେ ପ୍ରତି ରବିବାର ଦିନ ଯଜ୍ଞ ଆୟୋଜନ କରି, ଯୋଗ କରାଏ, ଯଜ୍ଞର ଉପକାରିତା ତଥା ନିଜ ଜୀବନକୁ କିପରି ସୁନ୍ଦର, ତେଜୋମୟ କରି ଗଢ଼ି ତୋଳିବା ସହ ପରିବେଶର କିପରି ସୁରକ୍ଷା ନେବା ଆଦି ଅନେକ ବିଷୟରେ କୋମଳମତିଙ୍କୁ ଶିକ୍ଷା ଦିଏ ।

ସେମାନଙ୍କ ବ୍ୟକ୍ତିତ୍ୱ ବିକାଶ ନିମନ୍ତେ ଶିକ୍ଷଣୀୟ, ମନଛୁଆଁ କାହାଣୀମାନ ଶୁଣାଏ । ତାହା ସହ ମନୋରଞ୍ଜନ ନିମନ୍ତେ ନାଚ, ଗୀତ ଆଦିର କାର୍ଯ୍ୟକ୍ରମ କରାଏ । ପିଲାମାନେ ଏବଂ ଗାଁର ସମସ୍ତ ଲୋକ ତାକୁ ବହୁତ ଭଲ ପାଆନ୍ତି, କୁହନ୍ତି, "ପିଲାଟି ମାଟ୍ରିକ ପାସ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନକଲେ କଣ ହେଲା, ସେ ଜ୍ଞାନୀ, ସମାଜ ହିତୈଷୀ ଏବଂ ଆମ ଗାଁର ମଣି ଖଣ୍ଡେ । ଗାଁର ଯାବତୀୟ ବିକାଶମୂଳକ କାମରେ ତାର ଅବଦାନ ନିଶ୍ଚୟ ପ୍ରଶଂସନୀୟ ।"

ଅପର ପକ୍ଷରେ ହରିସକୁ କୁହନ୍ତି, "କୁଳାଙ୍ଗାର ମା, ବାପା, ଗାଁର ନାଁ ପକାଉଛି, ଛିଃ ଏମ.ଏ ପଢ଼ି ସୈତାନ ପରି କାର୍ଯ୍ୟ ।" ନଗେନର ପ୍ରଶଂସା ଶୁଣି, ହରିସ ଇର୍ଷାରେ ଜଳି ମରୁଥାଏ, ସବୁବେଳେ ତାର ନିନ୍ଦା ଗାଏ ଅନ୍ୟମାନଙ୍କ ଆଗରେ ସହରରେ କିନ୍ତୁ ନଗେନ ଏସବୁ ଜାଣି ମଧ୍ୟ ନଜାଣିଲା ପରି ତାକୁ ଭଲ ପାଏ, ବାଟକୁ ଆଣିବାକୁ ଚେଷ୍ଟା କରେ । ପ୍ରତି ଦିନ ସକାଳୁ ଉଠି ନଗେନ ଘର ପରିଷ୍କାର, ପ୍ରାର୍ଥନା କରି ନିକଟରେ ଥିବା ଏକ ବୃଦ୍ଧାଶ୍ରମରେ ସମୟ ଦାନ କରି, କାମକୁ ଯାଏ ।

ହରିସ ଘରେ ରହି ଗଞ୍ଜେଇ ଭିଡ଼ି, ପାନ ଖାଇ ନେଟ୍ ବିପରୀତି ଲିଙ୍ଗୀ ବନ୍ଧୁଙ୍କ ସହ ବହୁତ ଚାଟିଙ୍ଗ କରି ମଜା ମାରେ । କେତେକଙ୍କୁ ପ୍ରଶଂସା କରି, ପ୍ରେମ ସମ୍ବେଦନା ଦେଖାଇ, ମିଳନର ଆଶା ରଖେ । ସମବିଚାରଯୁକ୍ତ ବାନ୍ଧବୀ ଏସବୁ ଶୁଣି କାଳେ କିଛି ସହାୟତା ମିଳିଯିବ ଭାବି, ଭାବକୁ ନିବିଡ଼ କରନ୍ତି । ସେମାନେ ତାକୁ ମହାନ କରି ଦିଅନ୍ତି ତଥା ପ୍ରେମ ଭାବନାରେ ଗଦ ଗଦ ହୋଇଯାନ୍ତି ।

ଆଜିର ଯୁଗରେ ବିନା ସ୍ୱାର୍ଥେ କିଏ କାହିଁ କାହାକୁ ସାହାଯ୍ୟ କରିବ, ତୁମ ନାନା ସଂକଟ ଦୂର କରିବ । ତା ବାଦ ଯିଏ ପ୍ରକୃତରେ ଉତ୍ତମ ଚରିତ୍ରର ହୋଇଥିବ ସେ ସବୁଠାରୁ ଦୂରରେ । ଅଯଥାରେ ସମୟ ନଷ୍ଟ ନକରି କିଛି ନହେଲେ ମଧ୍ୟ ସ୍ୱଳ୍ପସାଧନରେ ବେଶ ସୁଖ, ଶାନ୍ତିରେ ନଗେନ ପରି ବଞ୍ଚିପାରିବ ।

ଦେଖୁ ଦେଖୁ ସମୟ ଅତିବାହିତ ହୋଇଚାଲେ, ଉଭୟଙ୍କ ପିଲା ସ୍କୁଲ ଗଲେଣି । ନଗେନର ପୁଅ ଶିଶୁ ମନ୍ଦିରରେ ପଢୁଛି ଓ ହରିସ ପୁଅ ସରକାରୀ ସ୍କୁଲରେ । ନଗେନ ଆଉ



ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସହରରେ ନରହି ଗାଁରେ ବ୍ୟବସାୟ କରି ତାର ସବୁ କାମ ବୁଝାସୁଝା କରେ, ହରିସ ସହରରେ ରହି ସେମିତି କାମ କରୁଥାଏ । ଦିନେ ଖବର ଆସିଲା କି ହରିସ ବହୁତ ସିରିୟସ, ଘର ଲୋକ ଯାଇ ମେଡ଼ିକାଲରେ ଚିକିତ୍ସା କରାଇ ଘରକୁ ଆଣିଲେ । ସେ ସାଙ୍ଘାତିକ ମାନସିକ ଏବଂ ଶାରୀରିକ ରୋଗରେ ଆକ୍ରାନ୍ତ ହୋଇ କଥା କହି ପାରୁ ନଥାଏ କି ଠିକସେ ଚଲାବୁଲା ମଧ୍ୟ ବନ୍ଦ ।

ନଗେନ ତାର କଷ୍ଟ ଦେଖି କାନ୍ଦି ପକାଇ କହିଲା, "ବନ୍ଧୁ, ମୁଁ କେତେ ବୁଝାଇଛି କିନ୍ତୁ ବୁଝିଲୁନି । ହଉ ଛାଡ଼, ଏବେ ପ୍ରଭୁଙ୍କୁ ଡାକ ।" ହରିସ ନଗେନର ଗୋଡ଼ ତଳେ ପଡ଼ି, ହାତ ଯୋଡ଼ି କ୍ଷମା ମାଗୁଥାଏ, ସେତେବେଳେ ତାର ମନେ ପଡ଼ି ଯାଉଥାଏ ଯେ ମୁଁ କେତେ କଷ୍ଟ ଦେଇଛି, ଘର ମଇଳା ଆବର୍ଜନା କରି, ନିନ୍ଦା ଗାନ କରି ଏବଂ ମାନସିକ ଆଘାତ ଦେବାକୁ ମଧ୍ୟ ପଛାଇନି କିନ୍ତୁ ବନ୍ଧୁ ନଗେନ ନିର୍ବିକାର ଚିତ୍ତରେ ସବୁ ସହି ମୋତେ ସବୁବେଳେ ସ୍ନେହ ଦେଇଛି, ମୋର ଭଲ ଚିନ୍ତା କରିଛି । ତାର ଫଳ ସେ ଆଜି ପାଉଛି, ମୁଁ ମୋ କର୍ମର ପରିଣାମ ଭୋଗୁଛି । ନଗେନ କିଛି ଆର୍ଥିକ ସାହାଯ୍ୟ ଦେଇ ବିଦାୟ ନେଲା ।

ଶିଶିର କୁମାର ପଣ୍ଡା, କଟକ ।

Magazine Downloaded from www.aahwaan.com

# ଚାକିରୀ



ସନ୍ତୋଷ ସ୍ୱାଇଁ

ଠୋ ଠୋର ମାରି ହସୁ ହସୁ ଗୋଟିଏ ବଡ଼ କାଶର ବିକଟାଳ ଶବ୍ଦ ମାହୋଲକୁ ଟିକେ ଶାନ୍ତ କରିଦେଲା । ତା'ପରେ ଖୁଁ ଖୁଁ କରି ମେଞ୍ଚାଏ ଖଙ୍କାର ପାନ ଦୋକାନ କେବିନ୍ ପଛକୁ ଫୋପାଡି କଥା ଆରମ୍ଭ କଲା କୁନ୍ଦୁରି ଜେନା । ଏ ଗୁଡାକ କ'ଣ କଥା ? ହେ .... ଆଜିକାଲି କେତେ ବେକାରୀ ଅଛନ୍ତି ହିସାବ କଲେ ଥଳକୂଳ ପାଇବୁନିରେ ବାପା । ଆଉ କ'ଣ ସେ ଯୁଗ ଅଛି ? ସମୟ ଥିଲା, ସରକାର ଡାକିକି ଚାକିରି ଦଉଥିଲେ, ଆଉ କ'ଣ ସେକାଳ ପଖାଳ ମିଳିବ ? ଇଁ... ହେ... ହେ କରି ହସି ମାହୋଲକୁ ଟିକେ ଗମ୍ଭୀର କରିଦେଲା । ସୁରେଶଟା ପୁରା ସାଦାସିଧା । କାନ ପାଖରେ ଖୋସିଥିବା ବିଡିଟାକୁ ଲଗେଇ ବାକ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ଯୋଡିଲା, ଠିକ୍ କହିଲୁରେ କୁନ୍ଦୁରି, ବିତର୍କ ପୁରର ଜାଲିଆ ଭାଇ ପରା ସେ ସମୟରେ ଦଶମ ଯାଏଁ ପଢିଥିଲା । ତାକୁ ପୁଣି ଏସ୍ ପି ଚାକିରିଟି ମିଳିଲା । ଏମିତି କେତେ କିଏ ଚାକିରି ପାଇଥିବ ତା'ର ହିସାବ ନାହିଁ ଆଉ ଏବେ ପାଠ ପଢି ପଢି ମଧ୍ୟ ଚାକିରି ନାହିଁ । ଏଇ ଦେଖୁନ ଆମ ଗାଁ ଛୁଆ ଗୁଡ଼ାକୁ । କ'ଣ କମ୍ ପଢ଼ିଛନ୍ତି, ହେଲେ ଚାକିରି ଘର ଶୂନ୍ । ପଂଝାଏ ଅଛନ୍ତି ସକାଳୁ ସକାଳୁ କଲେଜ ପଢ଼ିଆରେ ଦୌଡୁଛନ୍ତି । କୁଆଡେ ସବୁ ଡିଫେନ୍ସରେ ଭର୍ତ୍ତି ହେବେ । ସମସ୍ତେ କ'ଣ ପାଉଛନ୍ତି ?

କଥାକୁ ବ୍ରେକ ଦେଇ ଆରମ୍ଭ କଲା ତାଳଗଛ ମହାନ୍ତି । ଆରେ ବଟୁ ଭାଇନାଙ୍କର ଚାକିରି ହେଇଗଲା ନା' କ'ଣ ? ଖାଲି ଭାଇବା ଟା ଥିଲା, ମୋତେ ଲାଗୁଛି ସେ ପକ୍କା ପାଇଥିବ, ତା' ଭଳି ବ୍ରିଲିଆଣ୍ଟ ପିଲା ଆଉ କିଏ ଅଛି ?

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏତିକି ବେଳେ ବାଇକ୍ ରେ ବସି ଗୋଡ଼କୁ ବଙ୍କା କରି ଚଲେଇ ଚଲେଇ ଦୋକାନ ପାଖରେ କ୍ୟାପ୍ଟେନ ପହଞ୍ଚିଲା । ତା' ନାଁ କ୍ୟାପ୍ଟେନ ଏଇଥି ପାଇଁ, ସେ ସବୁବେଳେ ଗାଁର ପ୍ରତ୍ୟେକ କଥାରେ ଆଗ ଧାଡିରେ ଥାଏ ।

ଆରେ କ୍ୟାପ୍ଟେନ, ତୁ ପରା ବଟୁକୁ ନେଇ ପରୀକ୍ଷା ଦବାକୁ ଯାଇଥିଲୁ । କ'ଣ ହେଲା, ପାଇଲା ଟି । ସେ କୁଆଡେ ଗଲା ? ତୁ ପଳେଇ ଆସିଲୁ ?

ଷ୍ଟାଣ୍ଡ ମାରି ବଟୁ କହିଲା, ହେଇ ଯାଇଚି । ସେ ଆସିଲେ ସବୁ ମିଠା ଖାଇବ । ଶ୍ରୀଧର ଭାଇ ସ୍ତ୍ରୀ ପ୍ରେଗନାଂଟ ଅଛି, ସେ କହିଲା ଟିକେ ଚେକ୍ ଅପ୍ କରେଇବାକୁ । ଆସିଛି ଭାଉଜକୁ ହସ୍ପିଟାଲ ନେଇଯିବି ।

ହେଇରେ....... ବଟୁ ଆଉ ଆମକୁ ପଚାରିବ ଟି । ଚାକିରି ପାଇଲା ପରେ ଖାଲି ଗୋଲାପୀ ଗୋଲାପୀ ନୋଟ୍ କୁ ଦେଖିଲେ କିଏ ସମ୍ଭାଳି ହବ । ହଉ ଦେଖାଯାଉ ? କ'ଣ ହଉଛି ।

ଆ ଭିତରେ ଦୁଇଘଣ୍ଟା ବିତିଗଲା, ଖଟି ସରିନି । ଚାଲିବ, ଆହୁରି ଚାଲିବ, ଭୋକ ଲାଗିବା ପର୍ଯ୍ୟନ୍ତ ଚାଲିବ । ଏ ଭିତରେ କେତେ ସଂପାଦକ, ସଭାପତି, ଉପସ୍ଥାପକ, ଗାୟକ, ବାୟକ, ପାଳିଆ ସବୁ ଆସି ନିଜ ନିଜ ଚରିତ୍ରକୁ ନିଖୁଣ ଭାବେ ଚିତ୍ରଣ କରିବେ, ତା'ପରେ ଯେଝା ଘରକୁ ଯିବେ, ସେତେବେଳେ ଯାଇ ସଭା ଭଙ୍ଗ ହେବ ।

ବଟୁ ଭାଇ ଶାନ୍ତ ସରଳ ଭାବେ ମୁହଁରେ ମୁରୁକୁନିଆ ହସ ଦେଇ ଆଗମନ କଲେ । ବଟୁ ଭାଇକୁ ଦେଖି ସମସ୍ତେ ଏକ ସ୍ୱରରେ କହି ଉଠିଲେ କଂଗ୍ରାଜୁଲେସନ୍ ଭାଇ, ପାର୍ଟି ଟା କେବେ ଦଉଛ ?

ବଟୁ ସେମିତି ହସି ହସି କହିଲା, ଆରେ ମୁଁ ପାର୍ଟି ତ ଦେବି, ତା ପୂର୍ବରୁ ମୋ କଥା ଟିକିଏ ଶୁଣ । ମୁରୁକୁନିଆ ହସର ପ୍ରଭାବ ସମସ୍ତଙ୍କୁ ଆନ୍ଦୋଳିତ କରୁଥାଏ । ଆଉ ଏହାର

 Magazine Downloaded from www.aahwaan.com

ଝଲକ ସମସ୍ତଙ୍କ ଓଠରେ ପ୍ରକାଶ ହେଉଥାଏ । ତାଳଗଛ ମହାନ୍ତି ଆରମ୍ଭ କଲେ, ହଉ ଭାଇ ଏଥର ଶୁଣେଇବା ହେଉ, ଶ୍ରୋତା ମଣ୍ଡଳୀ ବହୁତ ଉତ୍ସୁକତାର ସହ ଅପେକ୍ଷା କରିଛନ୍ତି ଆପଣଙ୍କର ମୁଖ ନିସୃତବାଣୀକୁ ହୃଦୟଙ୍ଗମ କରିବା ପାଇଁ, ଆଜି ଠାରୁ ଆପଣ ଆମ ଅଞ୍ଚଳ ପାଇଁ ପ୍ରେରଣାର ସ୍ରୋତ ପାଲଟି ଯିବେ ଆଉ ମୋ ଭଳି କେତେ ଜଣ ନିଜ ଘରୁ ଆପଣଙ୍କ ଉଦାହରଣ ପାଇ ତାଡନାର ଶୀକାର ହେବେ ।

ନା ନା ସେମିତି କିଛି ହବନି । ଶୁଣ.......

ଆଜି ଭାଇବା ଦବାକୁ ଅଫିସରେ ପହଁଚିଲି । ସେଠାରେ କ୍ୱାଲିଫାଏ କରିଥିବାର ପିଲା ସଂଖ୍ୟା କମ୍ ଥିଲା, ଖୁସି ବି ହେଇଗଲି । ଜଣଙ୍କ ପରେ ଜଣେ ପରୀକ୍ଷା ଦେଇ ଯାଉଥାନ୍ତି । ମୋ ପାଳି ବି ଆସିଲା, ଭାଇବା ପରୀକ୍ଷା ନେବାକୁ ଜଣେ ଦକ୍ଷିଣ ଭାରତୀୟ ଥିଲେ । ମୋତେ ଦେଖି କହିଲେ, ଆସନ୍ଟୁ, ବସନ୍ଟୁ । ମୋତେ ତାଜୁବ୍ ଲାଗୁଥିଲା, ଜଣେ ନନ୍ ଓଡ଼ିଆ, ତାମିଲନାଡୁର ବ୍ୟକ୍ତି ଏଭଳି ସୁନ୍ଦର ଓଡ଼ିଆ କହୁଛନ୍ତି । ମୁଁ ଭାବୁଥିଲି ମୋତେ ଇଂରାଜୀରେ ପଚାରିବେ ବୋଲି ।

ପୁଣି କହିଲେ, ଆପଣଙ୍କର ପିଟା କେମିଟି ଅଛନ୍ତି ? କହିଲି ବର୍ଷେ ହବ ଗଲେଣି ।

ମୋ ଉତ୍ତରକୁ ଅପେକ୍ଷା ନ କରି ନନ୍ ଷ୍ଟପ୍ କହି ଚାଲିଲେ, ମୁଁ ଟାଙ୍କୁ ଜାନେ । ସେ ଖୁବ୍ ଭଦ୍ର ଲୋକ । ଟୁମେ ଟାଙ୍କର ଉଟମ ସଣ୍ଟାନ, ଆପଣଙ୍କୁ ନିଯୁକ୍ତ କଡିବି ବୋଲି ମନେ ମନେ ସ୍ଠିର୍ କରିଛି  ଆପଣ କାର୍ଯ୍ୟରେ ଯୋଗ ଡେବାକୁ ପ୍ରସ୍ଟୁଟ କି ନାହିଁ ? ମୁଁ କାଲି ନିଯୁକ୍ଟି ପଟ୍ର ଦେବାକୁ ପ୍ରସ୍ଟୁଟ ।

ଯେମିତି ପ୍ରଚାର ଗାଡ଼ି ନନ୍ ଷ୍ଟପ୍ କହି ଚାଲିଥାଏ କାହାକୁ ଭୃକ୍ଷେପ ନକରି, ସେମିତି ସେ ମୋ ଆଗରେ ମାଡିଗଲେ ଚାରି ନମ୍ବର ଗିଅର ପକେଇ । ମୁଁ ଶେଷ କଷ୍ଟମର ଥିଲି, ଗଲା ବେଳେ ଲମ୍ବା ହସଟିଏ ଦେଇ ହାଣ୍ଡସେକ କରି ବାହାରିଗଲେ । ଏତେଦିନ ଧରି ଚାପି

 Magazine Downloaded from www.aahwaan.com

ରଖିଥିବା କୋହ ମୋ ଆଖିରୁ ଦୁଇ ଧାର ହୋଇ ଲୁହ ବହିଗଲା । ଭଗବାନଙ୍କୁ ଅଜସ୍ର ଧନ୍ୟବାଦ ଦେଲି, ଭାବିଲି, କିଏ ଜଣେ କହିଛନ୍ତି ଅପେକ୍ଷାର ଫଳ ମିଠା ମିଠା । ଉପସ୍ଥିତ ଶ୍ରୋତା ମଣ୍ଡଳୀ ସମସ୍ତେ ଫ୍ଲାସବ୍ୟାକ୍ ରେ ବିଚରଣ କରୁଥାନ୍ତି । ତାଳଗଛ ମହାନ୍ତି ଆରମ୍ଭ କଲେ, ପରେ କ'ଣ ହେଲା ଭାଇ ?

ବଟୁ ଭାଇ କହିଲେ, ସେ ଗଲାପରେ ତାଙ୍କ ଟେବୁଲ୍ ଉପରେ ଥିବା ନାଲି ରଙ୍ଗର କାଗଜଟି ଉପରେ ନଜର ପଡିଲା, ତାକୁ ଆଣି ଦେଖିଲି........ ଇଂରାଜୀରେ ଲେଖା ହେଇଛି, ଆସନ୍ଟୁ, ବସନ୍ଟୁ । ଆପଣଙ୍କ ପିଟା ଜଣେ ଭଦ୍ର ଲୋକ, ମୁଁ ଟାଙ୍କୁ ଜାନେ । ମୁଁ ଟୁମକୁ ନିଯୁକ୍ତି ଡେବି........ ଇତ୍ୟାଦି ଇତ୍ୟାଦି । ଏଗୁଡିକ ପଢିଲା ପରେ ମୋ ମୁଣ୍ଡ ଝାଇଁ ଝାଇଁ ହେଇଗଲା ସେତିକିବେଳେ ସେ ରୁମ୍ କୁ ପଶିଆସିଲେ ଷ୍ଟେନୋ ବାବୁ । ମୋ ହାତରେ କାଗଜଟି ଦେଖି ସାମାନ୍ୟ ହସି କହିଲେ, ଏଇଟିକୁ ମୁଁ ଲେଖିଥିଲି, ଉପରୁ ଅର୍ଡର ଥିଲା । ମୋତେ ଆଉ ବୁଝିବାକୁ ବାକି ନ ଥିଲା ଯେ ସମାନ ଉତ୍ତର ସବୁ ପରୀକ୍ଷାର୍ଥୀଙ୍କୁ ମିଳିଥିବ । ପୁଣି କହିଲେ ଯିଏ ପାଇବା କଥା ସେ କେବେଠୁ ପାଇଗଲେଣି । ଏଇଟା ଗୋଟେ ଏକ୍‌ଜାମ୍ ଫରମାଲିଟି ସମସ୍ତଙ୍କ ଗୋଚରରେ କରାଗଲା ।

ସେଠୁ ଫେରି ନିଷ୍ପତ୍ତି ନେଲି, ଚାକିରି ବିନା କ'ଣ ଜୀବନ ନାହିଁ । ଇଜ୍ଜତ ନାହିଁ । ହଁ ମୁଁ କରିବି । ଚାଷ କରିବି, ଆରେ ମୋ ବାପାର ଜମି ଥାଉ ଥାଉ ତାକୁ ପଡିଆ ପକେଇବି, ନା, କରିବି ମୁଁ ଚାଷ କରିବି । ଆଜିର ସମାଜକୁ ଜଣେଇ ଦେବି, ଚାଷ କରି ଜୀବନ ନିର୍ବାହ କରିବା ସହ ପାଞ୍ଚ ଜଣଙ୍କ ପରିବାରକୁ ପୋଷି ହେବ । ଯେତିକି ପାଠ ପଢିଥିଲି, ଚାକିରି ପଛରେ ଦୌଡିଲି, ଏବେ ସେଇବୁଦ୍ଧିକୁ ଚାଷରେ ଲଗେଇବି । ଶ୍ରୋତା ମଣ୍ଡଳୀର ଅର୍ଦ୍ଧାଧିକ ଶ୍ରୋତା ଆମେ ବି କରିବୁ "ଚାଷ" ନାରା ଦେଇ ସେଦିନରର ସଭାକୁ ଭଙ୍ଗ କଲେ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବନ୍ଧୁତ୍ୱ



ମୋନାଲିସା
ପ୍ରିୟଦର୍ଶିନୀ ନନ୍ଦ

ସ୍ୱାଗତିକାର ପରିବାର ଭୁବନେଶ୍ୱରକୁ ଆସିଲେ ରହିବା ପାଇଁ । ତାର ବାପା ଗୋଟିଏ ସରକାରୀ କିରାଣୀ । ଯାହା ପଇସା ମିଳେ ସୁଖେ ଦୁଃଖେ ପରିବାରର ଭରଣପୋଷଣ ହୋଇଯାଇଥାଏ । ସେଇ ପାଖରେ ଥିବା ଏକ ନୋଡାଲ ମାଧ୍ୟମିକ ବିଦ୍ୟାଳୟରେ ସ୍ୱାଗତିକାର ନାମନବମ ଶ୍ରେଣୀରେ ଲେଖାଇଦେଲେ । ଝିଅଟି ବହୁତ ଭଲ ପାଠ ପଢେ । ବହୁତ ଶୀଘ୍ର । ଅଚିରେ ସମସ୍ତଙ୍କୁ ସ୍ନେହ ବନ୍ଧନରେ ବାନ୍ଧିଦେଇଥାଏ । ଏହି ଗୁଣ ଯୋଗୁ ସେ ତାର ବିଦ୍ୟାଳୟରେ ବହୁତ ସାଙ୍ଗସାଥୀ ହୋଇଗଲେ ।  ତାକୁ ସମସ୍ତେ ବହୁତ ଭଲ ପାଇଥାନ୍ତି । ସନ୍ତୋଷ ବୋଲି ପିଲାଟିଏ ସେ ତାର ସହପାଠୀ ସେ ସ୍ୱାଗତିକାକୁ ପାଠ ପଢ଼ାରେ ବହୁତ ସାହାଯ୍ୟ କରେ ଧୀରେ ଧୀରେ ସେ ତାର ଭଲ ବନ୍ଧୁଟିଏ ହୋଇଗଲା । ଦୁଇଜଣଙ୍କର ଘର ଗୋଟିଏ କଲୋନୀରେ ଦୁଇ ଚାରୋଟି ଘର ଛାଡିକି,  ଦୁଇଜଣ ଅତି ପ୍ରିୟ ବନ୍ଧୁ ହୋଇଗଲେ ଏମିତି କି ଦୁଇ ଜଣ ଟିଫିନ ସାଙ୍ଗ ହୋଇ ଖାଇଥାନ୍ତି । ସାଙ୍ଗ ହୋଇକି ସ୍ୱାଗତିକା ଘରେ ପାଠ ପଢିଥାନ୍ତି । ଦିନକୁ ଦିନ ସମ୍ପର୍କ ଅତି ନିବିଡ଼ ହେବାକୁ ଲାଗିଲା । ଗୋଟେ ଦିନ ବି ନଦେଖି କିଏ କାହାକୁ ରହିପାରନ୍ତିନି । ସନ୍ତୋଷର ବାପା ଜଣେ ବ୍ୟବସାୟୀ ମା ଗୃହିଣୀ ଅଟନ୍ତି । ସ୍ୱାଗତିକା ତାଙ୍କ ଘରେ ଯେମିତି ଝିଅଟିଏ ଭଳି । ସନ୍ତୋଷ ନିଜ ହୃଦୟରେ ସ୍ୱାଗତିକାକୁ ଭବିଷ୍ୟତରେ ଜୀବନସାଥୀ କରିବ ବୋଲି ଭାବିସାରିଛି । କିନ୍ତୁ ମନ କଥା କେବେ ତାକୁ କହିପାରିନି । କାରଣ ବୟସର ଚପଳତାରେ ସ୍ୱାଗତିକା ଏକାଳେ  କିଛି ବୁଝିପାରିବ ନାହିଁ ?

 Magazine Downloaded from www.aahwaan.com

ସମୟ କ୍ରମେ ଦୀର୍ଘପାଞ୍ଚ ପରେ ସନ୍ତୋଷ ଆମେରିକାରୁ ଜଣେ ଡାକ୍ତର ହୋଇ ଓଡିଶାକୁ ଫେରିଆସିଲା । ମନରେ କେତେ ସ୍ୱପ୍ନ ସ୍ୱାଗତିକାକୁ ନେଇ । ଏବେ ସ୍ୱାଗତିକା ତାର ମନର କଥା ବୁଝିପାରିବ । ପୁଣି ମନରେ ବହୁତ ପ୍ରଶ୍ନ ଥିଲା କି ସ୍ୱାଗତିକା କଣ ଏଯାଏଁ କୁଆଁରି ଥିବ ! ମୋତେ କଣ ସେ ଅପେକ୍ଷା କରିଥିବ ? କାରଣ ପାଞ୍ଚ ବର୍ଷ ଭିତରେ ତାର ସ୍ୱାଗତିକା ସହିତ କୌଣସି ସମ୍ପର୍କ ନଥିଲା । ସ୍ୱାଗତିକା ବାପାଙ୍କର ଅବସର ପରେ ସେ ଗାଁକୁ ଚାଲି ଯାଇଥିଲେ । ସନ୍ତୋଷ ନିଜ ବାପାମାଙ୍କୁ ମଧ୍ୟ ଏହି ବିଷୟରେ କିଛି କହିନଥିଲା କି ସ୍ୱାଗତିକା ବିଷୟରେ ପଚାରିବା ପାଇଁ ସାହସ କରିନଥିଲା, କାରଣ ସେ ଭାବୁଥିଲା ସ୍ୱାଗତିକା ବିଷୟରେ ପଚାରିଲେ ବାପା ମା କଣ ମନରେ ଭାବିଦେବେ-ପୁଅ ପାଠପଢ଼ାରୁ ବିଚ୍ୟୁତି ହେଉଛି, ଏହିପରି ମନରେ କିଛି ଦ୍ୱନ୍ଦ ଆଣିପାରନ୍ତି । ଏହି ସବୁ ଭାବନା ଭିତରେ ସନ୍ତୋଷ ଆସି ପହଞ୍ଚି ଗଲା ନିଜ ଗୃହରେ । ସନ୍ତୋଷକୁ ମା ପୂଜା ଥାଳି ଧରି ସ୍ୱାଗତ କଲେ, ବନ୍ଧୁ ବାନ୍ଧବ ବହୁତ ମଧ୍ୟ ସାଥିରେ ଅଛନ୍ତି । ସମସ୍ତେ ଆଜି ସହାସ୍ୟ ବଦନରେ ଉପସ୍ଥିତ ଡାକ୍ତର ସନ୍ତୋଷକୁ ସ୍ୱାଗତ କରିବା ପାଇଁ । କିନ୍ତୁ ସନ୍ତୋଷ ତାର ପିଲାଦିନ ବାନ୍ଧବୀକୁ ଖୋଜିଚାଲିଛି, ହଠାତ ତାର ଚକ୍ଷୁ ନିକ୍ଷେପ ହେଲା ଜଣେ ଧଳା ଶାଢ଼ୀ ପରିଧାନ କରିଥିବା ବିଧବାଙ୍କ ଉପରେ । ସେଇ ନିରୀହ ଆଖି, ସେ ପଦ୍ମ ପାଖୁଡା ଓଠ ସହ ସୁନ୍ଦର ମୁଖ ମଣ୍ଡଳ ! ସେ କଣ ମୋର ସେ ପ୍ରିୟତମା ସ୍ୱାଗତିକା ତାର ଏପରି ପରିଧାନ କଣ ପାଇଁ ସେ କରିଛି କହି -ଜୋରରେ ଚିତ୍କାର କରି ଡାକିଲା ସ୍ୱାଗତିକା........ ! ହଠାତ ସ୍ୱାଗତିକା ରହିଗଲା ଆଉ ହସ ହସ ମୁହଁରେ ତାକୁ ଅଭିନନ୍ଦନ ଜଣାଇଲେ । ସନ୍ତୋଷ କହିଲା ତୋର ଏଇ କି ବେଶ ମୋତେ ରହସ୍ୟ କରୁଛୁ । ଏଭଳି ରହସ୍ୟ ମୋର ପସନ୍ଦ ନୁହେଁ ହେଲା । ଯା ଜଲଦି ଶାଢ଼ୀ ବଦଳାଇକି ଆସେ. ସ୍ୱାଗତିକା ସ୍ତବ୍ଧ ପ୍ରାୟ ହୋଇଯାଇ କହିଲା ରହସ୍ୟ ତୋତେ କାହିଁକି କରିବି । ଭାଗ୍ୟ ମୋ

 Magazine Downloaded from www.aahwaan.com

ସହିତ ଖେଳ ଖେଳି ରହସ୍ୟ କରିଛି କହି ଭୋ ଭୋ କାନ୍ଦି ଉଠିଲା । ସନ୍ତୋଷ କିଛି ବୁଝିପାରିଲାନି । ତାକୁ କହିଲା ତୁ ମୋତେ ସବୁ କହ କଣ ହୋଇଛି ତୋର । ସୁନିତା କହି ଚାଲିଲା ଅତୀତ ଘଟଣା ସବୁ....

ସନ୍ତୋଷ ତୁମେ ମେଡିକାଲ ପଢିବାକୁ ଗଲାପରେ, ମୋର ବିବାହ ଜଣେ ଡାକ୍ତରଙ୍କ ସହିତ ଠିକ ହୋଇଗଲା । ତୁମକୁ ଏକଥା ଜଣାଇବା ପାଇଁ ବହୁତ ଚେଷ୍ଟା କରିଛି କିନ୍ତୁ ଭାବିଲି ଏକଥା ଜାଣିଲେ ତୁମେ ସିଧା ମୋ ବିଭାଘରକୁ ଚାଲିଆସିବ ଫଳରେ ପାଠ ପଢ଼ାରେ ଅସୁବିଧା ହେବ ସେଥିପାଇଁ ମଉସା ଆଉ ମାଉସୀଙ୍କୁ ମଧ୍ୟ ମନା କରିଥିଲି ଏକଥା ତୁମକୁ ନଜଣାଇବା ପାଇଁ, ତୁମେ ଆସିଲେ ମୁଁ ଅଚାନକ ଜଣାଇ ତୁମକୁ ଉପହାର ଦେବି ବୋଲି ଭାବିଥିଲି କିନ୍ତୁ ସବୁ ସରିଗଲା ସନ୍ତୋଷ । ବାହାଘର ବହୁତ ଧୂମଧାମରେ ହେଲା । ବିବାହ ସରିଲା ପରେ କନ୍ୟା ବିଦା ପରେ ରାତ୍ରିରେ ଶାଶୁ ଘରକୁ ଆସିବା ସମୟରେ ଟ୍ରକଧକାରେ ମୋର ସ୍ୱାମୀଙ୍କର ମୃତ୍ୟୁ ହେଲା । ଶାଶୁ ଘର ଲୋକଙ୍କ ନିନ୍ଦା ଅପମାନ ଅସହ୍ୟ ହୋଇଗଲା । ସେମାନଙ୍କ ଆଖିରେ ମୁଁ ଦୋଷୀ ହୋଇଗଲି । ମୋତେ ବିବାହ କରିଲା ପରେ ତାଙ୍କ ପୁତ୍ରର ମୃତ୍ୟୁ ହେଲା ବୋଲି ସବୁଦିନ ଗଞ୍ଜଣା ଶୁଣି ଶୁଣି ଅଣନିଶ୍ୱାସୀ ହୋଇଗଲି ମୁଁ । ଆଜି ମୁଁ ବାପାମାଙ୍କ ପାଖରେ ତାଙ୍କ ମୁଣ୍ଡରେ ବୋଝ ହୋଇରହିଛି । ବହୁତ ସ୍ଥାନରୁ ଚାକିରିଟିଏ ପାଇଁ ଚେଷ୍ଟା କରି । ମାଂସ ଲୋଭୀ ମାନଙ୍କର ଶିକାର ହୋଇ ଆଜି ନିରାଶ୍ରୟା ହୋଇ ପଡ଼ିରହିଛି । କହି କାନ୍ଦି ଉଠିଲା ସ୍ୱାଗତିକା... ସନ୍ତୋଷ ତାକୁ ନିଜ ଆଡକୁ ଟାଣି ଆଣି ଛାତିରେ ଚାପି ଧରିଲା । ଆଖିରୁ ତାର ଲୁହ ପୋଛିଦେଲା । ଆଉ କହିଲା ସ୍ୱାଗତିକା ତୁମକୁ ଗୋଟେ କଥା କହିବି ଖରାପ ଭାବିବନି । ସ୍ୱାଗତିକା କହିଲା ହଁ କୁହ ତୁମେ ମୋର ବନ୍ଧୁ ଯାହା କହିବ ମାନିବି । ସନ୍ତୋଷର ଓଠ ଥରିଉଠିଲା ଥର ଥର ଓଠରେ ସେ କହିଲା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସ୍ୱାଗତିକା-ମୁଁ ତୁମକୁ ପିଲାବେଳୁ ନିଜର ଜୀବନସାଥୀ କରିବି ବୋଲି ଭାବିନେଇଥିଲି । କିନ୍ତୁ କେବେ ତୁମ ନିକଟରେ ପ୍ରକାଶ କରି ନାହିଁ । ତୁମେ ଯଦି ରାଜି ହେବ ମୋର ତୁମ ହସ୍ତ ଧରିବାରେ କିଛି ଆପତ୍ତି ନାହିଁ । ସ୍ୱାଗତିକା କହିଲା, ତୁମେ ଜଣେ ଏତେ ବଡ ଡାକ୍ତର ତୁମକୁ ଜୁଆଇଁ କରିବା ପାଇଁ କେତେ ଧନୀ ବ୍ୟକ୍ତି ତାଙ୍କର ସୁନ୍ଦର ଝିଅମାନଙ୍କ ସହିତ ବିବାହ ଦେବା ପାଇଁ ଚାହିଁବସିଛନ୍ତି । କାହିଁକି ମିଛ ମରୀଚିକା ପଛରେ ଧାବମାନ ହେଉଛ । ଯେଉଁଠି କେବେ ବି ଜଳ ଟୋପେ ମିଳିବା ଅସମ୍ଭବ ଅଟେ । ମୋତେ ଏକାକୀ ବଞ୍ଚିବାକୁ ଦିଅ ସନ୍ତୋଷ । କିନ୍ତୁ ସନ୍ତୋଷ କହିଲା ମୋର ଦରକାର ନାଇଁ ସେ ମାୟାବୀ ଜଳ ବିନ୍ଦୁ ଭରା ତଟିନୀ । ମରୁଭୂମିରେ ମୁଁ ନିଜେ ଜଳଧାରା ଖୋଦିତ କରିବି । ବନ୍ଧୁଟିଏ ହୋଇ ଜୀବନସାରା ବନ୍ଧୁ ହୋଇ ରହିବାକୁ ଭିକ୍ଷା ମାଗୁଛି ତୁମକୁ । ଏହା ପରେ ସ୍ୱାଗତିକା ମୁଖମଣ୍ଡଳରେ ଆନନ୍ଦ ଆଉ ଚକ୍ଷୁରେ ଖୁସିର ଲହୁ । ଏହି ପ୍ରକୃତ ବନ୍ଧୁଙ୍କର ମିଳନରେ ପୃଥିବୀ ରାଣୀର ଆନନ୍ଦ ଅଶ୍ରୁ ଶ୍ରାବଣର ଧାରାରେ ପ୍ରବାହିତ ହେଲା । ଆଜି ଦୁଇଜଣ ପ୍ରକୃତବନ୍ଧୁଙ୍କର ମିଳନ । ଦୁଇ ପରିବାର ମଧ୍ୟ ବହୁତ ଖୁସି ହେଲେ । ଏସବୁ କଥା ଆଗରୁ ଜାଣିଥିଲେ ହୁଏତ ଆଜି ସ୍ୱାଗତିକାକୁ ଏଭଳି ପରିସ୍ଥିତିର ସମ୍ମୁଖୀନ କରିବାକୁ ପଡ଼ିନଥାନ୍ତା । ଦୁଇ ଜଣଙ୍କର ବିବାହ ରୀତି ଅନୁସାରେ ସମ୍ପର୍ଣ୍ଣ ହେଲା । ସମସ୍ତଙ୍କ ଆଶୀର୍ବାଦରୁ ଦୁଇ ବନ୍ଧୁଙ୍କର ବନ୍ଧୁତା ଚିରଦିନ ଅମର ହୋଇ ରହିଗଲା... ଯାକୁ ତ କୁହନ୍ତି ପ୍ରକୃତ ବନ୍ଧୁତା...

ବିନା ସ୍ୱାର୍ଥରେ ଗଢ଼ା ହୋଇଥିବା ବନ୍ଧୁତା କେବେ ବି ଭାଙ୍ଗିଯାଇ ନଥାଏ । ଯଦି ସ୍ୱାର୍ଥ ହାତୁଡି ହୁଏ, ବନ୍ଧୁ ରୂପୀ ପାଚେରୀକୁ ଦୃଢ଼ କରିଥାଏ ସିମେଣ୍ଟ ଆଉ ନଇବାଲି ରୂପୀ ନିସ୍ୱାର୍ଥ ସମ୍ପର୍କ...

ବେଦପୁର, ବାଙ୍କୀ, କଟକ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସୁନୀତା



ନାରାୟଣ ଚନ୍ଦ୍ର ସେନାପତି

ସେଦିନ ପୋଷ୍ଟ ପିଅନଠାରୁ ଏକ ନିମନ୍ତ୍ରଣ କାର୍ଡ ରିସିଭ କଲେ ଜୀବନ ବାବୁ । ବହୁତ ଉତ୍କଣ୍ଠାର ସହ ଖୋଲି ଆବିଳ ସ୍ନେହ ଶରଧାରେ ଦେଖିଲେ ତାକୁ । ସତରେ ଆତ୍ମାଟା ପ୍ରଶାନ୍ତି ଲାଭ କଲା ଯେମିତି । କାହିଁକି ବା ହେବନି ? ସୁଦୂର କେନ୍ଦୁଝର ମାଟିରୁ ଆସିଛି ତା ପାଖକୁ । ଯେଉଁ ମାଟି ସହ କେତେ ଯେ ଜୀବନ୍ତ କିମ୍ବଦନ୍ତୀ ଆଜି ବି ସ୍ମୃତି ହୋଇ ଉଜ୍ଜୀବିତ ହୋଇ ଝଲସୁଛି ତା ମାନସ ପଟରେ । ଯେଉଁ ମାଟି ଥିଲା ତା ଜୀବନ ଯାହାର ଜଳ ବାୟୁ ଥିଲା ତା ସ୍ପନ୍ଦନ, ସବୁଠୁ ଅତି ଅନ୍ତରଙ୍ଗ ଥିଲେ ତା ପ୍ରେମ ବନ୍ଧନରେ ବନ୍ଧା ସାଥିଗଣ । ଯାହାଙ୍କୁ ପାଇଲେ ନିମିଷକେ ତା ଦୁଃଖ ପାଣି ଫୋଟକା ପରି ମିଳେଇଯାଏ । ସେହି ସାଥୀଭିତରୁ ଜଣେ ସାଥି ଡବ୍ଲୁ । ତା ଭଉଣୀ ବାହାଘର । ଯେଉଁ କାର୍ଡରେ ଲେଖାଥିଲା ଶୋଭାଗିନୀ ଢେଡସ ଶଶୀକାନ୍ତ । ଏ ଶୋଭାଗିନୀ କିଏ ? ଡବ୍ଲୁର ତିନି ଭଉଣୀ । କିଏ ଜଣେ ହୋଇଥିବ । ନିଶ୍ଚୟ ବଡ଼ ଭଉଣୀ ହୋଇଥିବ । ଏମାନଙ୍କୁ ଭିତରୁ ମଝିଆଁ ଯିଏ ସେ ତ ଥିଲା ଜୀବନର ଜୀବନ । ତା ମନରେ ବି ଟିକେ ଛାନିଆଁ ପଶୁଥାଏ । କାଳେ ସେ ହୋଇଥିବ କି ? ଏଇ ତିନି ବର୍ଷ ହେବ ତାର ଡବ୍ଲୁ ପରିବାର ସହ ସଂଯୋଗ ନ ଥିଲା । ନାଁ ନିଶ୍ଚୟ ବଡ଼ ହୋଇଥିବ, କାହିଁକି ନା ବଡ଼ର ଯଦି ଆଗରୁ ବିବାହ ସରିଥାନ୍ତା ତେବେ ସେ କଣ ଜାଣି ନ ଥାନ୍ତା । ଚାହିଁ ରହିଥାଏ କାନ୍ଥରେ ଥିବା କ୍ୟାଲେଣ୍ଡରକୁ ସେଇ ସେପ୍ଟେମ୍ବର ୧୫କୁ । ସେ ଯାଇ ବିବାହ ଘରେ ଉପସ୍ଥିତ ହେବ । କଥାଟା ପ୍ରକୃତ ସେଇଠି ନୁହଁ ସେ ବହୁତ ଦିନ ପରେ ତା ମନର ମାନସୀକୁ ପାଖରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାଇବ, କେତେ ହସ ଖୁସି ଆଉ ମଜା ବି କରିବ, ଖାଲି ସେତିକି ନୁହଁ ସେ ପଚାରିବ, ଆଉ ସେମାନେ କେବେ ଏପରି ଉତ୍ସବରେ ମିଳିତ ହେବେ ? କେବେ ସେ ତା ଜୀବନ ସାଥୀ କରି ତା ମହଲକୁ ତା ସ୍ୱପ୍ନର ଅପ୍ସରୀକୁ ରାଣୀକରି ନେଇ ଆସିବ ?

ବିବାହ ଦିନ ପୂର୍ବରୁ ନୂଆ ଦାମିକା ପୋଷାକ ସହ ଚିକ୍କଣ ଚାକ୍କଣ ହୋଇ ପୁରା ହିରୋ ସାଜି ବାହାରିଲା ସେ । ମନରେ କେତେ ଉତ୍କଣ୍ଠା ! କେତେ ଉନ୍ମାଦନା ! ଭଲ ଗିଫ୍ଟ ବି କିଣିଲା । ତା ସହ ତା ଭାବି ଜୀବନ ସାଥୀ ପାଇଁ ବଢିଆ ଉପହାରଟେ କିଣି ଆଗେଇ ଚାଲିଲା ଟ୍ରେନରେ କିନ୍ତୁ ମନ ଉଡୁଥାଏ ଗଗନରେ । ତା ମନର ମଣିଷର ଅତି ମନ ପସନ୍ଦର କିଛି ଚକୋଲେଟ କିଣି ପହଁଚିଲା ଡବ୍ଲୁ ଘରେ । ଡବ୍ଲୁ ଘର ଥିଲେ ମାରୁଆଡି ସମ୍ପ୍ରଦାୟର । ଅଭିନବ ବିବାହ ବ୍ୟବସ୍ଥା । ସତରେ ସଜ୍ଜିତ ଘର ବାହାର ଲାଗୁଥାଏ ସତେ କି ତାଜମହଲ ! ସମ୍ମୁଖରେ କେତେ ଡିଜାଇନରେ ଲେଖା ହୋଇଥାଏ ଶୋଭାଗିନୀ ୱେଡସ ଶଶୀକାନ୍ତ । ମନେ ମନେ ସେ ବହୁତ କୁରୁଳୁଥାଏ କାହିଁକି ନାଁ ଦିନ ଆସିବ ସେହି ଜାଗାରେ ଲେଖାହେବ ସୁନୀତା ୱେଡ଼ସ ଜୀବନ । ବାରମ୍ବାର ସେ ଦେଖୁଥାଏ ଆଉ ହସୁଥାଏ ମଧ୍ୟ, କାରଣ ତାକୁ ଲାଗୁଥାଏ ତାଙ୍କ ଦୁହିଙ୍କ ନାଁ ଲେଖାଯାଇଛି କି ?

ଭିତରକୁ ପଶିଲା । ସୁନ୍ଦର ସାଜସଜ୍ଜା ତା ମନକୁ ଟାଣି ନେଉଥାଏ । ଅବଶ୍ୟ ଭିତରଟା ତାକୁ ଅଚିହ୍ନା ଲାଗୁ ନ ଥିଲା । ଏଇ ଘରକୁ ସେ କେତେଥର ଆସିଛି । ଘରର ପ୍ରତି ରେଣୁ ତା ହସରେ ହସ ବି ଯୋଗ କରୁଥିଲେ । ସେ ଯେତେବେଳେ ଆଗରୁ ଆସେ ଲାଗେ କିଏ ଜଣେ ହାତ ଧରି ଟାଣି ନେଉଛନ୍ତି କି ? ଚାରିଆଡକୁ ଖାଲି ଚାହୁଁଥାଏ । କିଛି ଚିହ୍ନା କିଛି ଅଚିହ୍ନା ବି । ଗେଷ୍ଟ ବସିଥିବା ଚେୟାରରେ ବସିଲା । ତା ପୁରୁଣା ସାଙ୍ଗମାନଙ୍କୁ ମନେ ମନେ ଖୋଜୁଥାଏ । କେତେଜଣଙ୍କୁ ଦେଖିଲା, ହେଲେ ସେମାନେ କାହିଁ ତା ପାଖକୁ ଆସୁନାହାଁନ୍ତି ?

 Magazine Downloaded from www.aahwaan.com

ପ୍ରାୟ କାର୍ଯ୍ୟ ବ୍ୟସ୍ତ ଥିବେ । କେହି କେହି ବି ଶୁଖିଲା ହସଟାଏ ମାରି ଚାଲିଯାଉଛନ୍ତି । ତା ଭିତରୁ ଉଦୟକୁ ଦେଖି ଡାକିଲା, ହ୍ୟାଣ୍ଡସେକ କଲା । ଏଇ ସମୟରେ ଡବ୍ଲୁ ଆସିଲା । ଦୁହେଁ କୋଳାକୋଳି ହେଲେ । ବାଃ କି ସମ୍ପର୍କ ! ଡବ୍ଲୁ କହିଲା ତୁ କି ବାଜେ ପିଲାଟାଏ ବେ । ଏକରେ ଡେରିରେ ଆସିଲୁ ପୁଣି କୁଣିଆ ପରି ଗେଷ୍ଟ ଚେୟାରରେ ବସିଛୁ । ଯା ଘର ଭିତରୁ ବୁଲିଆ । ସୁନୀତାକୁ ଦେଖାକରି ଆସ । ମନରେ ଯେତିକି ଖୁସି ଲାଗୁଥାଏ ସେତିକି ବି ଆଶଙ୍କା । ଆରେ ଏ ଡବ୍ଲୁ ମୋ କଥା ଜାଣି ଦେଇଛି ନା କଣ ? ହଉ ହେଲା ମୁଁ ବସିଛି ଟିକେ ପରେ ଯିବି । କଣ କରିବି ମୋତେ ଟିକେ କହ । ଡବ୍ଲୁ କହିଲା ଆରେ ଏତେ ଦୂରରୁ ଆସିଛୁ ଟିକେ ବିଶ୍ରାମ ନେ । ହଉ ତୁ ଯାହା କରୁଛୁ କର ମୁଁ ଟିକେ ଗେଷ୍ଟ କଥା ବୁଝେ ।

ଚାଲିଲା ଜୀବନ ଭିତରକୁ । ସେହି ଘର ସେହି ଅଗଣା ସେହି ସୁନୀତାର ଷ୍ଟଡି ରୁମ । ଯେଉଁଠି ସମୟ ପାଇଲେ ସେ ଟିକେ ମଜାଖୁସି କରେ । ଡାହାଣ ପଟେ ଦେଖିଲା ବେଦି । ଠିକ ଆକବରଙ୍କ ସିଂହାସନ ପରି ସଜ୍ଜା ହୋଇଛି । ଝିଅ ଚାରିପାଖରେ ସମସ୍ତେ, ଫଟୋ ଉଠାରେ ମାତିଥାନ୍ତି । ନିଜକୁ ଟିକେ ସଜେଇ ନେଲା ସେ । ହାତରେ ଗିଫ୍ଟ ବକ୍ସ । ସେଠାରେ ସୁନୀତା ଯଦି ଥିବ ତାପାଇଁ ଗୁପ୍ତରେ ଆଣିଥିବା ଗିଫ୍ଟ ଆଉ ଚକୋଲେଟ ବି ଦେବ । ଆଗେଇ ଚାଲିଲା । ଭିଡ଼ ଭିତରୁ ଦିଶିଲା ମୁହଁ । ଚମକି ପଡିଲା ଜୀବନ । ତା ହୃତସ୍ପନ୍ଦନ ବଢିଗଲା, ଚାରିଆଡେ ଅନ୍ଧାର ଦେଖାଗଲା । ଏଇ ତ ସୁନୀତା । ଏ ଶୋଭାଗିନୀ କେମିତି ସୁନୀତା ହୋଇପାରେ ? ଓଃ ନିଶ୍ଚୟ ଜାତକ ନାଁ ହୋଇଥିବ, ତାହା ସେ ଚିନ୍ତା କରି ନ ଥିଲା । ସୁନୀତାର ଆଖି ବି ପଡିଗଲା ଜୀବନ ଉପରେ । ବେଦୀରୁ ଆଶ୍ଚର୍ଯ୍ୟର ସହ ଉଠିପଡ଼ି ଚମକି ପଡିଲା । ଅଳ୍ପ କେଇ ପାହୁଣ୍ଡ ଦୂରରେ ସେ ଆଉ ତା ପୁରୁଣା ସ୍ମୃତିର ନାୟିକାଙ୍କ ଆଖିର ମିଳନ । ଦୁହିଙ୍କ ଆଖିରୁ ବିଗଳିତ ଅଶ୍ରୁ । ଜୀବନର ଜୀବନରୁ ଜୀବନ ସତେ ଯେମିତି ଛାଡି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚାଲିଗଲା । ତା ପାଦତଳ ଅତଡାଟା ଖସି ପଡ଼ିଲା । କୁଆଡେ ଯିବ ଆଗକୁ ନା ପଛକୁ । ରାମ, ହଳଧର, ବିଲୁ, ଶକ୍ତି ଯେତେକ ସାଙ୍ଗ ଥିଲେ ଯେଉଁମାନେ କି ଜୀବନ ଓ ସୁନୀତାର ଭଲପାଇବା ଜାଣିଥିଲେ ଭିତରେ ଭିତରେ କାନ୍ଦୁଥାନ୍ତି ହେଲେ କଣ ବା କହିବେ ? କିଂକର୍ତ୍ତବ୍ୟବିମୁଢର ପାଦଦେଶରେ ଦଣ୍ଡାୟମାନ ହୋଇ ଖୋଜୁଥାଏ ଏ ଚକ୍ରବ୍ୟୁହର ବାଟ । ସେପଟେ ସୁନୀତାର ଆଖିରୁ କେତେ ଯେ ଅଶ୍ରୁ ? ଇଚ୍ଛା କରୁଥାଏ କେମିତି ତା ଜୀବନ ପାଖକୁ ଦୌଡ଼ି ଆସି ସବୁ କଥା କହିଦିଅନ୍ତା କି । ହେଲେ ଏ ସମୟ ସେ ସମୟ ନୁହଁ । ସଙ୍ଗେ ସଂଗେ ଜୀବନ ପକେଟରୁ ସେଲ ଫୋନ ଖୋଲି ଫୋନ କରିବାର ଅଭିନୟ କଲା । ଆଉ ହଳଧରର ସାନ ଭାଇ ପ୍ରମୋଦକୁ ଡାକି ଗିଫ୍ଟ, ସ୍ପେଶାଲ ଗିଫ୍ଟ ଆଉ ଚକୋଲେଟକୁ ଦେଇଦେବା ପାଇଁ କହିଲା । ଆଉ ସାଙ୍ଗ ମାନଙ୍କୁ କହିଲା ଗୋଟିଏ ଅର୍ଜେଣ୍ଟ କଲ, ମୋତେ ଫେରିବାକୁ ପଡିବ, ଜେଜେମାଙ୍କ ଦେହ ସିରିୟସ । ସୁନୀତାର ବାପା ମାଆଙ୍କୁ ଆସୁଥିବାର ଦେଖି ପାଦଛୁଇଁ ପ୍ରଣାମ ଜଣାଇଲା ଓ ଜରୁରୀ ଘଟଣା ବର୍ଣ୍ଣନା କରି ଆଜ୍ଞା ଆସୁଛି ପରେ ନିଶ୍ଚୟ ଆସି ସୁନୀ ଘରକୁ ଯିବି କହି ଦ୍ରୁତ ଗତିରେ ଫେରିଗଲା ତା ଆସନ୍ତା ବାଟକୁ । ସାଥୀମାନେ ଅନୁଭବ କରିପାରିଥିଲେ ଜୀବନର ଜୀବନ ଯନ୍ତ୍ରଣା ।

ବାଟସାରା ଭାବୁଥାଏ ତାର ଅତୀତର ସୁନୀତା ସହ ସ୍ମୃତି ବେଳାଭୂଇଁକୁ । ସେ ଥିଲା +୩ ଦ୍ୱିତୀୟ ବର୍ଷ ବିଜ୍ଞାନ ଛାତ୍ର ଐତିହାସିକ ଧରଣୀଧର ମହାବିଦ୍ୟାଳୟର । ଘରୁ ବାହାରି ନିଜ ଷ୍ଟ୍ରିଟ କ୍ୟାଟ ସାଇକେଲ ଧରି ଅପେକ୍ଷା କରିଛି ସାଥି ସୁବାସକୁ ପାଖ ସିରାଜୁଦ୍ଦିନ ଛକରେ । କି ଆଶ୍ଚର୍ଯ୍ୟ ! ଏକ ସୁନ୍ଦରୀ ମନୋହରୀଣି ତନୁପାତଳୀ ଷ୍ଟାଇଲିଷ୍ଟ ଝିଅ ତା ଆଖିରେ ପଡ଼ିଲା । ଛକକୁ ପଏଣ୍ଟେଡ଼ ହିଲରେ ନବୀନ ଢଙ୍ଗରେ ଚାଲି ଏକ ରିକ୍ସା ଧରି ଚାଲିଲା ଦକ୍ଷିଣ ମୁଖେ । ଇତି ମଧ୍ୟରେ ଜୀବନ ଏକ ଲୟରେ ଚାହିଁ ରହିଥାଏ ସେହି

 Magazine Downloaded from www.aahwaan.com

ସୁନ୍ଦରୀକୁ । ତା ଆଖି ବି ମିଶି ଯାଇଥିଲା ଜୀବନ ଆଖିରେ । ହଠାତ ଲାଜେଇ ମୁହଁ ବୁଲେଇ ଚାଲିଗଲା ରିକ୍ସା ଚାଲିବା ଦିଗରେ ମୁହଁ କରି । ଆଉ ପଛକୁ ପୁଣି ଥରେ ବୁଲି ନ ଅନେଇବାକୁ ବି ସେ ଭୁଲି ନ ଥାଏ । ଜୀବନ ମନରେ ଏକ ଅଫୁରନ୍ତ ପୁଲକ ଜାଗ୍ରତ ହେଲା । ସେ କଣ କରିବ ଜାଣିପାରିଲା ନାହିଁ । ସୁନ୍ଦରୀ ତରୁଣୀର ସୌନ୍ଦର୍ଯ୍ୟ ଓ ଚାହାଣୀ ସତେ ଯେମିତି ଆମନ୍ତ୍ରିତ କରିଥିଲା ତା ପଛେ ପଛେ ଯିବାକୁ । ନିଜ ଷ୍ଟାଇଲ ସାଇକେଲରେ ପିଛା କରି ଚାଲିଲା ସେ । ରିକ୍ସା ଆଗ ତ ସେ ପଛ ଆଉ କେତେବେଳେ ସେ ଆଗ ତ ରିକ୍ସା ପଛ । ହଠାତ ତରୁଣୀ ଚାହିଁ ତୋଫା ଦେଇଥିଲା ଏକ ମୁରୁକି ହସ । ଆଉ ସେ ହସରେ ସଂଚାର ହୋଇଥିଲା ପ୍ରେମର ପ୍ରଥମ ସୂଚନା । ରିକ୍ସାରୁ ଓହ୍ଲାଇ ବାରମ୍ବାର ପିଛାକୁ ଚାହିଁ ଯାଉଥାଏ ସେ । ସାଇକେଲ ଉପରେ ବସି ଛିଡ଼ାହୋଇ ଏକ ଲୟରେ ଚାହିଁଥିଲା ଜୀବନ । ଆଉ ଶେଷରେ ଟା ଟା କରିବାକୁ ବି ଭୁଲି ନଥିଲା । ସୁନୀତା ଥିଲା ମହିଳା ମହାବିଦ୍ୟାଳୟ କେନ୍ଦୁଝରର +୨ ଦ୍ୱିତୀୟ ବର୍ଷର କଳା ଛାତ୍ରୀ । ଏଇମିତି ପ୍ରତ୍ୟହ ଚାଲିଥିଲା ଜୀବନ ସୁନୀତାର ଆଗ ପଛ ରିକ୍ସା ସାଇକେଲର ଲୁଚକାଳି ଖେଳ ଓ ଭାବ ବିନିମୟର ସ୍ୱପ୍ନିଳ ସେତୁ ।

ଦିନକର କଥା । ଚାଲିଥିଲା ଶ୍ରୀଗଣେଶ ପୂଜା । ସୁନୀତା ଆସିଥାଏ ଭାଉଜ ଓ ପୁତୁରା ଝିଆରୀଙ୍କ ସଂଗେ ଦେଖିବାକୁ ଗଣେଶ ମେଢ଼ । ହଠାତ ଜୀବନକୁ ଦେଖି ସୁନୀତା ଖୁସିରେ ମୁଗ୍ଧ ହୋଇଗଲା । ଜୀବନ ଚାଲିଲା ସେହି କଲେଜ ମେଢ଼ ଦେଖି । ନିଜ ବୁଟ ଖୋଲି ଗୋଟିଏ ଜାଗାରେ ରଖି ଯାଉଥାଏ ଧୀରେ ଧୀରେ ।ହଠାତ ପିଛାକୁ ଚାହିଁଲା । ସୁନୀତାର ଝିଆରୀ ଗୋଡ଼ ବାଜି ଦୂରରେ ପଡୁଥିବା ଜୀବନର ବୁଟକୁ ହାତରେ ସଜାଡୁଥାଏ ସୁନୀତା । ସତରେ କେତେ ସଂସ୍କାରୀ ଆଉ ଅହଂଶୁନ୍ୟା ଏ ଝିଅ ସୁନୀତା । ପୋଷାକରୁ ଲାଗେ ସେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବହୁତ ଅଲ୍ଟ୍ରା ମଡ଼ର୍ଣ୍ଣ, ହେଲେ ଆଚରଣରେ କି ସଂଭ୍ରମ ! ମନ ବୋଧ ହୋଇଗଲା ତାର, ଆତ୍ମା ଶାନ୍ତ ହୋଇଗଲା ଏସବୁ ଦେଖି । ମନେ ମନେ ଭାବିଲା ଜୀବନ ୟାଠାରୁ ବଳି ସାଥୀ କିଏ ବା ଥିବ ତା ଜୀବନ ସାଥୀ ହେବାକୁ ! ହେଲେ ତା ସମ୍ବନ୍ଧରେ ସେ କିଛି ବି ଜାଣି ନାହିଁ ଯେ ।

ଦିନେ ରିକ୍ସାରେ ଫେରୁଥିବାବେଳେ ତାକୁ ଫଲୋ କଲା ସେ । ଏକ ବିଶାଳ ବିଲ୍ଡିଂକୁ ଗଲା ଝିଅଟି । ଆଉ ଯିବାବେଳେ ଦୂରରୁ ଟାଏ ଟାଏ ଅଭିନନ୍ଦନ ବି ଦେବାକୁ ଭୁଲି ନ ଥାଏ ସୁନୀତା । ଛକରେ କଲେଜ ଗଲାବେଳେ ଜୀବନକୁ ନ ଦେଖିବା ପର୍ଯ୍ୟନ୍ତ ସେ କଦାପି ରିକ୍ସା କରେ ନାହିଁ । ଜୀବନ ବି ଜାଣିଶୁଣି କୌଣସି ଦୋକାନ ଭିତରେ ରହି ଏ ଦୃଶ୍ୟ ଦେଖୁଥାଏ । ପରେ ବାହାରି ଆସି ସୁନୀତା ହସ ସହ ହସ ମିଳାଇଲା ପରେ ସେ ରିକ୍ସାରେ ଓ ଯେ ପଛରେ ।

ଏଇମିତି ଗମନାଗମନର ସୂତ୍ର ଯୋଗାଯୋଗ ସମ୍ପର୍କକୁ ବି ବହୁତ ବଢ଼େଇଦେଲା । ଜୀବନକୁ ହୋଇଥିଲା ଭୀଷଣ ଜ୍ୱର । ପ୍ରାୟତଃ ଏକ ସପ୍ତାହ ଦେଖା ହୋଇନାହିଁ । ସୁନୀତା ପାଗଳି ପରି ହେଉଥାଏ । ଜୀବନର ପ୍ରିୟ ସାଥୀ ହଳଧର ଏସବୁ ଲକ୍ଷ୍ୟକରି ଜୀବନକୁ ସମ୍ବାଦ ଦେଇଥାଏ । ସୁସ୍ଥ ହେଲାପରେ ଜୀବନ ଖୋଜିଥିଲା ସୁନୀତାକୁ । ଛୁଟି ହୋଇଥାଏ ଜୀବନର ମନ ହେଉଥାଏ କେମିତି ଦେଖନ୍ତାକି ତା ମନର ସ୍ୱପ୍ନ ମାନସୀକୁ । ହଠାତ ରୁବି ବିୟୁଟି କର୍ଣ୍ଣରରେ ଦେଖିଲା ତାକୁ ରାସ୍ତାରୁ । ସୁନୀତା ତା ଭାଉଜ ସହ କିଣୁଥାଏ ଷ୍ଟେସନାରୀ । ଅସମ୍ଭାଳ ଜୀବନ ପହଂଚିଗଲା ସେଠାରେ ବେଲ୍ଟ କିଣିବା ବାହାନାରେ । ବଡ ମହଲ । ଭାଉଜ କିଣିବାରେ ବ୍ୟସ୍ତ ବେଳେ ସୁନୀତା ଜିନିଷ ଦେଖୁଦେଖୁ ପଚାରିଲା

କଣ ହୋଇଥିଲା ?

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

- ଜ୍ୱର ଭୀଷଣ ?

- ଯତ୍ନ ନେଉନାହଁ କି ?

- ହଁ ହୋଇଗଲା ? କିଏ ଆଉ ଯତ୍ନ ନେବ ?

- ଭାଉଜ ଆସିଛନ୍ତି ?

- ହଉ ଯାଅ ।

ଜୀବନ ଓ ସୁନୀତାର ମନ ପୁରି ଉଠିଥିଲା । କଲେଜରେ ତ ଅନେକ ସାଙ୍ଗ । ଦିନେ ଡବ୍ଲୁ ତା ବାର୍ଥଡେରେ ସମସ୍ତ ସାଙ୍ଗଙ୍କୁ ଇନଭାଇଟ କରିଥିଲା । ଜୀବନ ବି ଗଲା ଡବ୍ଲୁ ସାଥୀରେ । ଆଶ୍ଚର୍ଯ୍ୟ ହୋଇଥିଲା ସିଏ । ଇଏତ ସୁନୀତା ଘର । ସୁନୀତା ତାହେଲେ ଡବ୍ଲୁ ଭଉଣୀ । ସେଦିନ ସୁନୀତା ଅବାକ ହୋଇଥିଲା ଜୀବନକୁ ତା ଘରେ ଦେଖି । ଆଦରରେ ଆଗ୍ରହରେ ମୁରୁ ମୁରୁ ହସି ଦେଇଥିଲା କେତେ ଦରବ । ଆଉ ଡବ୍ଲୁ ତା ଭଉଣୀଙ୍କୁ ପରିଚୟ ବି କରିଦେଇଥିଲା ସେମାନଙ୍କ ସହିତ । ଏଥର ଜୀବନର ଚଲାବାଟ ଫିଟି ଗଲା । ଡବ୍ଲୁ ସାଥୀରେ ଆସେ ସୁନୀତା ଘରକୁ । ଦିନେ ସୁନୀତା ତାକୁ ଲାଲ ଗୋଲାପ ଦେଇ ପ୍ରପୋଜ କଲା । ଜୀବନ ବି ଖୁସି ହେଲା, ହେଲେ ସେ ଖୁସି ଭିତରେ ଟିକେ ଦୁଃଖ ଥିଲା । ସୁନୀତା ଜାଣିବାକୁ ଚାହିଁବାରୁ ସେ କହିଥିଲା, ତୁମେ ମୋ ସାଙ୍ଗର ଭଉଣୀ, ଭଲ ପାଇବା ଅବିଚାର ହେବ ? ଆମେ ଭଲପାଇବା ପରେ ପରା ଜାଣିଲ ମୁଁ ସାଙ୍ଗର ଭଉଣୀ । ତୁମକୁ ମୁଁ କେବେ ଛାଡ଼ିବି ନାହିଁ । ଏଇମିତି ସମ୍ପର୍କର ବନ୍ଧନ ବହୁତ ଶକ୍ତ ହୋଇଗଲା ଆଉ ଦୁହେଁ ପ୍ରତିଜ୍ଞା କରିଥିଲେ କେହି କାହାଠାରୁ କୌଣସି ପରିସ୍ଥିତିରେ ଅଲଗା ନ ହେବାକୁ । ସେ ଚାଲିଲେ ବାଣୀବିହାର ପିଜି କରିବାକୁ । ଆଉ ସୁନୀତା ସେହି କଲେଜରେ ପଢୁଥାନ୍ତି +୩ । ହଠାତ୍ ସୁନୀତାର ବଡ଼ଭାଇ ସ୍ଥିର କଲେ ସୁବୀତାକୁ ମୁମ୍ବାଇରେ ନିଜ ପାଖରେ ରଖି ପଢ଼ାଇବାକୁ ।

 Magazine Downloaded from www.aahwaan.com

ନିଜର ଇଚ୍ଛା ନ ଥିଲେ ବି ପରିବାର ଚାପରେ ସେ ଯାଇଥିଲା ମୁମ୍ବାଇ । ଶେଷ ଦେଖା କରିଥିଲା ତା କଲେଜ କ୍ୟାମ୍ପସରେ । ଆଖିରୁ ଧାର ଧାର ଲୁହ । ପୋଛିଦେଇ ବୁଝେଇଥିଲା ସେ (ଜୀବନ) । ହେଲେ ଆଜି ତା ଲୁହକୁ କିଏ ପୋଛିବ ? ସତରେ ସୁନୀତା କେତେ ବଦଳିଗଲା ?


ନିଜ ଘରପାଖରେ ପହଁଚିଗଲା ଜୀବନ । କାରରୁ ବାହାରିଛି କି ନାହିଁ ହଠାତ୍ ଫୋନ୍ ରିଂ ହେଲା । ଖବର ପାଇଲା ଆକ୍ସିଡେଣ୍ଟରେ ବର ଶଶୀକାନ୍ତର ଡେଥ ହୋଇଯାଇଛି । ଦ୍ରୁତ ଗତିରେ ଛୁଟିଗଲା ସେ । ସମସ୍ତଙ୍କୁ ବୁଝାଇଲା । ସମସ୍ତେ କହୁଥାନ୍ତି ଏ ଝିଅକୁ ବିବାହ କରିବ କିଏ । ସମସ୍ୟା ସମାଧାନ କରିବାକୁ ଯାଇ ସେ କେବଳ ତା ମୁଣ୍ଡ ଟୁଙ୍ଗାରି ସମ୍ମତି ଜଣାଇଥିଲା । ସୁନିତା ନିଜ ମୁଣ୍ଡ ତଳକୁ କରି ପି ଯାଉଥିଲା ଅମାନିଆ ଆଖିର କେଇଧାର ଲୁହ ।

ଜମ୍ବିରା,କେନ୍ଦୁଝର ।*

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଉପେକ୍ଷିତା



ବିନୟ ମହାପାତ୍ର

ସମୟ ରାତି ଏଗାରଟା ପାଖାପାଖି ହେବ, ଅଧା ସହର ଶୋଇପଡିଲାଣି ସେତେବେଳକୁ, କିନ୍ତୁ ରାନୁ ତାର ପଢା ଟେବୁଲ ପାଖରେ ବସି ମାଟ୍ରିକ୍ ପରୀକ୍ଷା ପାଇଁ ପାଠପଢାରେ ଲାଗିଥାଏ । ଏପ୍ରିଲ ମାସର ଗରମ, ସିଲିଂଫ୍ୟାନଟା ଘୁରୁଛି ମୁଣ୍ଡଉପରେ, ଟେବୁଲ ଲ୍ୟାମ୍ପର ଆଲୁଅ କେବଳ ଟେବୁଲଟାକୁ ଯାହା ଆଲୋକିତ କରୁଥାଏ, କିନ୍ତୁ ବାକି ବଖରାଟା ଝାପ୍ସା ଅନ୍ଧକାର ଭିତରେ ବୁଡିରହିଥାଏ । ରାନୁ ତାର ପାଠପଢା ବହିଭିତରେ ପୁରା ହଜି ଯାଇଥାଏ । ଧିରେ ଧିରେ ନିଦମାଉସୀ ତାର କୋମଳ ହାତ ରାନୁର ସାରା ଦେହରେ ବୁଲାଇ ଆଣୁଥାଏ ଏବଂ ସେ ନିଦର ସ୍ନେହ ବନ୍ଧନ ଭିତରେ ଧୀରେ ଧୀରେ ହଜିଯାଉଥାଏ । ହଠାତ୍ ରାନୁର ମନେପଡିଗଲା, ପରୀକ୍ଷା ପାଇଁ ପଢା ଯେ ବହୁତ ବାକିରହି ଯାଇଛି । ମାଟ୍ରିକ୍ ପରୀକ୍ଷା ତା ଜୀବନର ସବୁଠାରୁ ମହତ୍ୱପୂର୍ଣ୍ଣ ଏବଂ ନିର୍ଣ୍ଣାୟକ ପରୀକ୍ଷା । ସେ ଜାଣିଛି, ଏଇ ପରୀକ୍ଷାର ଫଳାଫଳ ତାର ଭବିଷ୍ୟତର ଦିଗନିର୍ଦ୍ଦେଶ କରିବ । ତାକୁ ନିଦ ଉପରେ ବିଜୟହାସଲ କରିବାକୁ ପଡିବ । ନହେଲେ ହୁଏତ ତାର ଭବିଷ୍ୟତବି ଶୋଇପଡିବ । ରାନୁ ପାଠପଢାରେ ଖୁବ୍ ଭଲ, ସବୁବେଳେ କ୍ଲାସରେ କୌଣସି ନା କୌଣସି ପୋଜିସନ ରଖିଆସିଛି । ଖାଲି ପାଠପଢା ନୁହେଁ, ଖେଳକୁଦରେ ବି ସେ ଆଗୁଆ । ଅନେକ ସାର୍ଟିଫିକେଟ ଆଉ ଟ୍ରଫିରେ ତାଙ୍କର ଡ୍ରଇଂରୁମର ସେଲ୍ଫଟା ପୁରାପୁରି ଭରିଯାଇଛି । ତାର ଇଚ୍ଛା ଭବିଷ୍ୟତରେ ସେ କମ୍ପିଟେଟିଭ୍ ପରୀକ୍ଷା ଦେବ, କଲେକ୍ଟର କି ଆଉକିଛି ବଡ ଅଫିସରଟିଏ ହେବ, ନହେଲେ



ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେନାରେ ଫାଇଟର ପ୍ଲେନ୍ ଉଡେଇବ । କେବଳ ତାର କଠିନ ପରିଶ୍ରମହିଁ ତା ଜୀବନର ସବୁ ସ୍ୱପ୍ନକୁ ସାକାର କରିପାରିବ । ତାର ଦୃଢ ଇଚ୍ଛାଶକ୍ତି ତାକୁ ତାର ଇପ୍ସିତ ଫଳ ପ୍ରଦାନ କରିପାରିବ ।

ନିଦର ପ୍ରଭାବରୁ ନିଜକୁ ମୁକ୍ତ କରିବାପାଇଁ ଡାଇନିଂସ୍ପେସରେ ଲାଗିଥିବା ବେସିନରେ ମୁହଁ ଧୋଇବାକୁ ଚାଲିଆସିଲା । ହଠାତ୍ କେହି ଜଣେ ବଡ କଷ୍ଟରେ କୁନ୍ଥେଇ ହେଉଥିବାର ଶବ୍ଦ ସେ ଶୁଣିପାରିଲା । ବାଆଁ ପଟକୁ ବାପାବୋଉଙ୍କ ବେଡରୁମ୍ । କୁନ୍ଥେଇ ହେଉଥିବା ଶବ୍ଦଟି ତାକୁ ବହୁତ ଚିହ୍ନା ଚିହ୍ନା ଲାଗୁଥାଏ, ତାକୁ ଲାଗିଲା ଏଇଟା ହୁଏତ ବୋଉର ଶବ୍ଦ । ବାପାବି ଆଜି ଘରେ ନାହାନ୍ତି । ଅଫିସ ଟୁର୍ ରେ ସଂଧ୍ୟାବେଳେ କୋରାପୁଟ ବାହାରିଗଲେ । ବୋଉର ଦେହ କଣ କିଛି ଖରାପ ହେଲାକି ? ଏପରି ଭାବି ରାନୁ ବାପାଙ୍କ ବେଡରୁମ ପାଖକୁ ଯାଇ କବାଟ ପାଖରେ କାନଡେରି ଶୁଣିବାକୁ ଲାଗିଲା । ହଁ ଏଇଟା ତ ବୋଉର ଶବ୍ଦ, ତାର ସନ୍ଦେହ ଅମୂଳକ ନଥିଲା । ଏଇଟା ବୋଉର କଷ୍ଟରେ କୁନ୍ଥେଇ ହେବାର ଶବ୍ଦ । ରାନୁ କବାଟରେ ହାତ ମାରିଲା, କବାଟଟା ଭିତରପଟୁ କେବଳ ଆଉଜା ହୋଇଥିଲା । ବେଡରୁମରେ ଜିରୋ ପାୱାର ବଲ୍ବର ମିଞ୍ଜି ମିଞ୍ଜି ଆଲୁଅରେ ରାନୁ ଦେଖିଲା, ବୋଉ ତାର ପେଟକୁ ଜାବୁଡି ଧରି ବଡ କଷ୍ଟରେ କୁନ୍ଥେଇ ହେଉଛି, ସତେ ଯେପରି ବହୁତ କଷ୍ଟ ହେଉଛି । ରାନୁ ପାଖକୁ ଯାଇ ଡାକିଲା, ପଚାରିଲା ବୋଉ କଣ ହେଉଛି ? ବୋଉର ଜନ୍ତ୍ରଣା ସେତେବେଳକୁ ବଢିବାକୁ ଲାଗିଥିଲା । ବଡ କଷ୍ଟରେ ବୋଉ କହିଲା, ଆରେ, ସଂଧ୍ୟାବେଳରୁ ଅଳ୍ପ ଅଳ୍ପ ମୋର ପେଟବଥା ହେଉଥିଲା । ଭାବିଲି ଖାଇବା ପିଇବାରେ କଣ ଟିକେ ଅସୁବିଧା ହୋଇ ଏମିତି ଗ୍ୟାସ ହୋଇଯାଇଥିବ । ଆଜି ସକାଳ ଜଳଖିଆ ଖାଉଖାଉ ଦିନ ବାରଟା ବାଜି ଯାଇଥିଲା । ପେଟବଥା ଲାଗି ଥଣ୍ଡା ଖିର କପେ ପିଇଥିଲି

 Magazine Downloaded from www.aahwaan.com

ସଂଧ୍ୟାବେଳେ, ସେଥିରେ ଏସିଡି ପ୍ରୋବ୍ଲେମ ଠିକ୍ ହୋଇଯାଏ । କିନ୍ତୁ ଆଜି ବଥା କମ୍ ହେଲାନି, ଏବେ ହଠାତ୍ ବହୁତ ବଢିଗଲା । ଦୂର୍ଯୋଗକୁ ବାପା ବି ସଂଧ୍ୟାବେଳେ ଟୁର୍ ରେ ଚାଲିଗଲେ । ବୋଉକୁ କହିଲି, ଘରେ ଭାଇ ତ ଅଛି, ତାକୁ ଡାକିଦେବି ? ସିଏ ବଜାରକୁ ଯାଇ କଣ ଟିକେ ମେଡିସିନ୍ ନେଇ ଆସିବ । ବୋଉ ବିକଳ ହୋଇ କହିଲା, ସେ ଟୋକା ଶୋଇଥିବ । ଏବେ କହିଲେ ସେ କଣ ଯିବ ? ତା କଥା ତୁ କଣ ଜାଣିନୁ ? ତଥାପି କଷ୍ଟ ବିକଳରେ ବୋଉ ସୋନୁ ଭାଇକୁ ଡାକ ଛାଡିଲା, କହିଲା ବାପାରେ, ବଡ କଷ୍ଟ ହେଉଛି, ବେଶି ରାତି ହୋଇନି ରାତି ଏଗାରଟା ବାଜିଛିି, ଯା ଟିକେ ଦେଖ, ମେଡିକାଲ ଛକରେ କେଉଁ କେମିଷ୍ଟ ଦୋକାନ ଖୋଲାଥିବ, ଇନୋ ଗୋଟେ ପାଉଚ୍ ନେଇଆ । ହେଲେ ସୋନୁଭାଇ କିଛି ଜବାବ ଦେଲାନି । ବୋଉ ତିନି ଚାରିଥର ଡାକି ସାରିବା ପରେ ରାନୁ କହିଲା, ତୁ ରହ, ସେ ବୋଧେ ଶୋଇ ପଡିଥିବ । ମୁଁ ଯାଇକି ଦେଖୁଛି ।

ରାନୁ ଯାଇ ସୋନୁର ବେଡରୁମର କବାଟ ଠକ୍ ଠକ୍ କଲା । କେତେ ଚେଷ୍ଟା ପରେ ସୋନୁ କବାଟ ଖୋଲିଲା । ତା କାନରେ ଇଅର ଫୋନ୍ ଟା ଠୁସା ହୋଇଛି । ହାତରେ ମୋବାଇଲ ଫୋନ୍ ଟା ଏବେବି ଅନ୍ ଅଛି । ସେ କିଛି ଫିଲ୍ମ ଡାଉନଲୋଡ କରି ଦେଖୁଥିଲା ବୋଧହୁଏ । ସୋନୁକୁ ଏପରି ଅବସ୍ଥାରେ ଦେଖି ରାନୁର ମୁଣ୍ଡ ଗରମ ହୋଇଗଲା । ହେଲେ ସେ ତା ରାଗକୁ ଚାପିରଖି କହିଲା, ଭାଇ, ବୋଉର ପେଟ ବଥା ହେଉଚି, ସେ କଷ୍ଟରେ କଥା କହି ପାରୁନି । ସୋନୁ କାନରୁ ଇଅରଫୋନଟା ନକାଢି ରାନୁକୁ ପଚାରିଲା କଣ ହେଲା ? ରାନୁର ପିତ ସତେ ଯେପରି ତା ମୁଣ୍ଡକୁ ଚଢି ଚଢି ଆସୁଥିଲା । ସେ ସୋନୁର କାନରୁ ଇଅର ଫୋନଟା ଏକପ୍ରକାର ଓଟାରି ଆଣି କହିଲା ଏଇଟା ତ କାନରେ ଠୁଁସିଛୁ, ଶୁଭିବ କେମିତି । କିଏ ମଲେ କି ଗଲେ ତୋର ଜାଣିବା କଣ ଦରକାର ? ବାପା ଘରେ ନାହାନ୍ତି, ଏବେ ତୁ ଏକା

 Magazine Downloaded from www.aahwaan.com

ପୁଅପିଲା ଏଇ ଘରେ । କାହାର କଣ ହେଲା ନହେଲା ତାର ଧ୍ୟାନ ରଖିବୁନି ? ବୋଉର ପେଟ ଖରାପ ହୋଇ ବଥା କରୁଛି, କଷ୍ଟରେ ସେ କାନ୍ଦି ପାରୁନି । ତୋତେ ଡାକ ଛାଡି ଚାଲିଛି, ହେଲେ ବାବୁଙ୍କୁ ଫିଲିମରୁ ସମୟ ବଳିଲେ ସିନା କାହା ଖବର ଜାଣିବ । ଚାଲ ଦେଖିବୁ ବୋଉକୁ କେତେ କଷ୍ଟ ହେଉଛି କହି ସୋନୁର ହାତଧରି ବାପାଙ୍କ ରୁମ୍ କୁ ଟାଣି ନେଇଗଲା ।

ବୋଉ, ସୋନୁ ପାଖକୁ ଆସିବାଦେଖି କହିଲା, ପୁଅରେ ଏବେ ରାତି ଏଗାରଟା ବାଜିଛି । ମେଡିକାଲ ଛକରେ କେମିଷ୍ଟଦୋକାନ ସବୁ ପ୍ରାୟ ଖୋଲାଥିବ । ଯାଇକି ଗୋଟେ ଇନୋ ନେଇ ଆସିବୁ, ବଡ କଷ୍ଟହେଉଛି । ମେଡିସିନ୍ ଖାଇଦେଲେ ଟିକେ ଭଲ ଲାଗିବ । ହେଲେ ସୋନୁ ଯିବାକୁ ନାରାଜ୍, କହିଲା ଏତେ ରାତିରେ କୋଉ କେମିଷ୍ଟ ଦୋକାନ ଖୋଲିକି ବସିଥିବ ଯେ ? ମୋତେ ନିଦ ବି ଲାଗୁଛି, ମୁଁ ଏବେ ଯାଇ ପାରିବିନି, ତୁ ଶୋଇପଡ, ଶୋଇପଡିଲେ ଟିକିଏ ଭଲ ଲାଗିବ । ମୁଁ କାଲି ସକାଳ ହେଲେ ଯାଇ ମେଡିସିନ୍ ନେଇ ଆସିବି ତୋପାଇଁ, କହି ସୋନୁ ଚାଲିଗଲା ତା ରୁମକୁ ।

ରାନୁ ବୋକି ଝିଅଟିଏପରି ଚାହିଁ ରହିଥାଏ ସୋନୁଭାଇର ଯିବା ବାଟକୁ । ମନେ ମନେ ଭାବୁଥାଏ, ଏଇ ସୋନୁଭାଇ କଲେଜ ଯିବବୋଲି ମୋଟର ସାଇକେଲ କିଣି ଦେବାକୁ ଅଝଟ କରିଥିଲା । ସେତେବେଳେ ବାପା ମନା କରିଦେଇଥିଲେ, କହିଲେ ମୋଟର ସାଇକେଲ ମିଳିଲେ ବାବୁ ଆଉ ପାଠ ପଢାରେ ମନ ଦେବେନି । ସାଙ୍ଗମାନଙ୍କ ସାଙ୍ଗରେ ଖାଲି ବୁଲାବୁଲି କରିବ । ହେଲେ ବୋଉ ସେତିକି ବେଳକୁ ଭାଇ ପାଇଁ ଓକିଲାତି କରିଥିଲା । ବାପାଙ୍କୁ କହିଲା ପୁଅଟା କଲେଜ ଗଲାଣି, କେତେ ସାଇକେଲ ପେଲି ପେଲି ଯାଉଥିବ । ତାର ସାଙ୍ଗମାନେ ସବୁ ମୋଟର ସାଇକେଲରେ ଯିବା ଆସିବା କରୁଛନ୍ତି ବୋଲି କହୁଥିଲା ।

 Magazine Downloaded from www.aahwaan.com

ବାପା କହିଲେ, ବୁଝିଲ ଆମେ ଯେତେବେଳେ କଲେଜରେ ପଢୁଥିଲୁ ଆମ ପାଖରେ ସାଇକେଲଟିଏ ବି ନଥିଲା । ମେସ୍ ରୁ ଦୁଇ କେଲୋମିଟର ରାସ୍ତା ଚାଲି ଚାଲି ଝାଳନାଳ ହୋଇ କଲେଜ ଯାଉଥିଲୁ । ଆଜି ବାବୁଙ୍କ ପାଖେ ସାଇକେଲ ଖଣ୍ଡେ ତ ଅଛି, ସେ କଣ କମ୍ କଥା । ତାକୁ କୁହ ଏଥର ପରୀକ୍ଷାରେ ଯଦି ଭଲ ନମ୍ବର ଆଣିବ ତେବେ ଭାବିବି ତାପାଇଁ ମୋଟର ସାଇକେଲ କିଣିବାକଥା । ଦେଖିଲ, ରାନୁ ଆମର ଝିଅଟା, ହେଲେ କେତେ ପରିଶ୍ରମ କରୁଛି । ସବୁ ପରୀକ୍ଷାରେ କ୍ଲାସରେ ଫାଷ୍ଟ ସେକେଣ୍ଡ ହୋଇ ପୋଜିସନ ରଖୁଛି । ପ୍ରତି ବର୍ଷ ସ୍କୁଲ ସ୍ପୋର୍ଟସରେ କେତେ କେତେ ଟ୍ରଫି ନେଇକି ଆସୁଚି । ଆଉ ପୁଅ ଆମର ସେଇ ଥାର୍ଡ ଡିଭିଜନରୁ ଉପରକୁ ଉଠିବାକୁ ମନ କରୁ ନାହାନ୍ତି । ରାନୁକୁ ଦେଖି କିଛିତ ଶିଖନ୍ତା ସାନ ଭଉଣୀଠୁ । କେଳକୁଦ କଥା ତ ଛାଡ । ବୋଉ ଶେଷରେ ବାପାଙ୍କୁ ବୁଝେଇ କହିଲା ତୁମେତ ମାସରେ ଅଧାଦିନ ଟୁରରେ ଚାଲିଯାଉଛ । ଘରେ ପୁଅଟା ଅଛି, କେତେବେଳେ କଣ ଦରକାର ପଡିଲେ ବଜାର ସଉଦାଟିକିଏ କରିଦେବ । ରାତିଅଧରେ କେବେ କିଛି ଜରୁରୀ ପଡିଗଲେ ସେ କରିଦେବ ନା' ସବୁକାମ । ହେଲେ ସୋନୁକୁ ଆଜିଯାଏ ଘରକାମ ପାଇଁ କେବେ ସମୟ ମିଳିନି । ଆଉ ଆଜି ଯେତେବେଳେ ବୋଉର ଦରକାର ପଡୁଛି, ସେତେବେଳେ ବାବୁଙ୍କର ଫିଲିମରୁ ମନ ଛାଡୁନି ।

ବୋଉର କଷ୍ଟ ରାନୁ ଆଉ ସହି ପାରିଲିନି । ସେ କହିଲା, ବୋଉ ମୁଁ ବଜାର ଯାଇ ନେଇ ଆସିବି ତୋ ମେଡିସିନ୍ । ବୋଉ ତା ମୁହଁକୁ ଟିକେ ସନ୍ଦେହଭାରା ଦୃଷ୍ଟିରେ ଅନେଇ କହିଲା, ଜାଣିଛୁ ଏବେ ରାତି ଏଗାରଟା ବାଜିଲାଣି । ଆଜିକାଲି ଯେମିତି ସମୟ ହେଲାଣି ତୁ ଝିଅପିଲାଟା ଏକୁଟିଆ ଏତେ ରାତିରେ ବାହାରକୁ ଯିବୁ ? ତୁ କଣ ପୁଅପିଲା ହେଇଛୁ ? ନାଁ, ଏତେ ରାତିରେ ଝିଅପିଲା ବାହାରକୁ ଯାଆନ୍ତିନି । ମୁଁ ଶୋଇ ପଡିଲେ ମୋର ଠିକ୍


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୋଇଯିବ, ତୁ ଯା ଶୋଇପଡ । ବୋଉର କଷ୍ଟରେ ସେତା ପଡି ଯାଇଥିବା ମୁହଁ ଆଡକୁ ରାନୁ ପୁଣିଥରେ ଚାହିଁଲା । ତାର ଆଖି ଜକେଇ ଆସିଲା । ଭାବିଲା ଧନ୍ୟରେ ତୁ ମାଆ, ଏତେ କଷ୍ଟରେ ବି ଝିଅର ନିରାପତ୍ତା କଥା ଭାବୁଛୁ । ରାନୁ ବୋଉ ମୁହଁକୁ ଚାହିଁ କହିଲା ମୁଁ ନେଇ ଆସୁଚି ମେଡିସିନ୍ ତୁ ବ୍ୟସ୍ତ ହୁଅନା । ତୁ ମୋ କଥା ଚିନ୍ତା କରନା, ମୁଁ ଏଇ ଗଲି, ଆଉ ପାଞ୍ଚ ମିନିଟରେ ନେଇ ଆସିବି ତୋ ମେଡିସିନ୍ କହି ରାନୁ ବାହାରିଗଲା । ବୋଉ ବାରମ୍ବାର ପାଟିକରି କହୁଥାଏ ଆରେ ଯାଆନାରେ, ମୋ କଥା ମାନ । ମୋର ବେଶି କଷ୍ଟ ହେଉନି, ଏବେ ଟିକେ ଭଲ ଲାଗୁଛି । ଓଃ, କାହାକଥା ଶୁଣିବନି ଝିଅଟା, ଆରେ ହେ ରାନୁ, ବାହାରକୁ ଯାଆନାରେ ମାଆ, ଆଜିକାଲି ସମୟ ଭଲ ନୁହେଁ । ଓହଃ, କେତେ ଆମାନିଆ ଝିଅଟାରେ ତୁ ରାନୁ, କେତେ 'ଅଣ୍ଡିରାଚଣ୍ଡି' ଝିଅଟା ସତେ । ସେତେବେଳକୁ ରାନୁ ସାଇକେଲ ନେଇ ବାରଣ୍ଡ ତଳକୁ ଓହ୍ଲେଇ ସାରିଥିଲା । ମାଆର କଷ୍ଟ ଆଗରେ ତାକୁ ସବୁକିଛି ଖୁବ୍ ଛୋଟ ଲାଗୁଥିଲା । ରାନୁ ମେଡିକାଲ ଛକରେ କେମିଷ୍ଟ ଦୋକାନ ଖୋଜୁ ଖୋଜୁ ଭାବୁଥିଲା, ଏତେ ସବୁ ହେଲା ପରେ ବି, ବୋଉ ତାର ଗେହ୍ଲା ପୁଅକୁ 'ମାଇଚିଆ' ବୋଲି କହି ପାରିଲାନି, କିନ୍ତୁ କେତେ ସହଜରେ ମୋତେ 'ଅଣ୍ଡିରାଚଣ୍ଡି' ବୋଲି କହି ପାରିଲା !

(ନାରୀ ସ୍ୱାଧୀନତା ଏବଂ ସମାନତା କଥା ପ୍ରତିଦିନ ଟିଭି, ଖବରକାଗଜରେ ପଢୁଛୁ ଶୁଣୁଛୁ, ବଡବଡ ସଭା ସମିତିରେ ନେତାମାନେ ଲମ୍ବାଲମ୍ବା ଭାଷଣ ଦେଉଛନ୍ତି । ଆମେ ସମସ୍ତେ ଏ କଥା ଜାଣୁ, ଦରକାର ପଡିଲେ କୌଣସି ଆଲୋଚନାରେ ସେ ବିଷୟରେ ଭଲ ଭାଷଣ ବି ଦେଇପାରୁ, ହେଲେ ସତରେ କଣ ଆମ ପୁରୁଷସମାଜ ନାରୀର ଶକ୍ତିକୁ ସହୃଦୟତାର ସହିତ ସ୍ୱୀକାର କରି ପାରିଛି ? ଖେଳକୁଦ ଠାରୁ ଆରମ୍ଭ କରି ପାଠପଢା



ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ମହିଳାମାନଙ୍କର ପୁରୁଷମାନଙ୍କ ଅପେକ୍ଷା ବହୁତ ଭଲ ପ୍ରଦର୍ଶନ ସତ୍ତ୍ୱେ ନାରୀମାନଙ୍କ ପ୍ରତି ପୁରୁଷମାନଙ୍କର ଦୃଷ୍ଟିକୋଣରେ କିଛି ପରିବର୍ତ୍ତନ ଆସିଛି ? ଆଜିବି ଯଦି କୌଣସି ପୁରୁଷ ସୁଲଭ କାର୍ଯ୍ୟ କୌଣସି ଜଣେ ନାରୀ କେବେ କରିଦିଏ, ତେବେ ଆମେ କେତେ ସହଜରେ ତାକୁ 'ଅଲାଜୁକି' କିମ୍ବା 'ଅଣ୍ଡିରାଚଣ୍ଡି' ବୋଲି କହିଦେଇପାରୁ । ଆଜି କେବଳ ଆମର ଦୃଷ୍ଟି ନୁହେଁ ଆମର ଦୃଷ୍ଟିକୋଣରେ ମଧ୍ୟ ପରିବର୍ତ୍ତନର ଆବଶ୍ୟକତା ରହିଛି ।)

ପଟିଆ, ଭୁବନେଶ୍ୱର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅସହାୟ ଦୁଇବନ୍ଧୁ



କୃଷ୍ଣଚନ୍ଦ୍ର ଡାକୁଆ

ସତରେ ଭଗବାନଙ୍କ ସୃଷ୍ଟିଟା ବିଚିତ୍ର ! କିଏବା କେଉଁ ବେଳେ କେଉଁ ଅବସ୍ଥାରେ ଥିବ ବର୍ତମାନ ଠାରୁ କଳ୍ପନା କରିବା କଷ୍ଟ ସାଧ୍ୟ, ସେ ମଣିଷ ହେଉ ଅବା ପଶୁ । ମନେ ହେଉଛି ଯେମିତି ଜୀବନ ମାତ୍ରକେ ଜିଂବାର ସଂଘର୍ଷ । ଅନ୍ୟ ପଟେ ତ ଗୋଟିଏ ମୁଦ୍ରାର ଦୁଇ ପାର୍ଶ ସୁଖ ଦୁଃଖ ଭଳି ମନେ ହୁଏ ।

ସୃଷ୍ଟି କର୍ତ୍ତା କେତେବେଳେ କାହା ମୁଣ୍ଡରେ ସୁନା କଳସ ଢାଳି ଦିଅନ୍ତି ତ ଆଉ କାହା ମୁଣ୍ଡରେ ଫମ୍ପା କଳସ । ଉକ୍ତ କଥା ଏଠି କହିବାର ଉଦେଶ୍ୟ କିଏ ସୁଖରେ ଜୀବନ କାଟେ ତ ଅନ୍ୟ କିଏ ଦୁଃଖ ରେ ଅର୍ଥାତ ଜୀବନ ଥାଇ ମଧ୍ୟ ନଥିବା ଭଳି । ମନରେ ସର୍ବଦା ଗୋଟିଏ ପ୍ରଶ୍ନ ଉଙ୍କି ମାରେ ଏ ସବୁ କାହିଁକି,ଇଏ ଭଗବାନଙ୍କ  କେଉଁ ବିଚାର ! ଏସବୁ ପୂର୍ବ ଜନ୍ମର କର୍ମ ଫଳ ନେହେଁ ତ । ଯାକୁ ବୁଝିବା କାଠି କର ପାଠ । ସାଧାରଣତଃ ଜୀବନ ବଞ୍ଚି ରହିବା ପାଇଁ ଖାଦ୍ୟ ଆବଶ୍ୟକ ଅନ୍ୟପଟେ ଯେକୌଣସି କର୍ମ କାଲେ ହେଁ ପାଟିକୁ ଦାନା ଓ ଦେହକୁ ପୋଷାକ ଖଣ୍ଡେ ହେବ । ଏମିତିରେ ତ କଥାରେ ଅଛି ଅଳସୁଆ ଦୁଃଖ ପାଏ । ଯିଏ କୌଣସି କର୍ମ କରିବା ପାଇଁ ପଛ ଘୁଞ୍ଚା ଦିଏ ସେ ତ ଅବଶ୍ୟ ଭୋକ ଉପାସରେ ରହେ ।

ଏକଦା ଗୋଟିଏ ଗ୍ରାମରେ ଜଣେ ବ୍ୟକ୍ତି ସର୍ବଦା ବେସ୍ ହସ ଖୁସିରେ ରହୁଥିଲେ । ହଟାତ ଦିନେ ଏମିତି କିଛି ଘଟିଲା ନିଜ ପରିବାର ମଧ୍ୟ ଘୃଣା କରିବାରେ ଲାଗିଲା । ଆପଣ ଭାବୁଛନ୍ତି ନା କାରଣ କଣ ହୋଇଥିବ ବୋଲି ? କହିଲେ ଦେଖିବା, ନା ମୁଁ ଜାଣେ ଆପଣେ କହିପାରିବେନି କାରଣ ସେ କାହାଣୀ ସଂକ୍ଷିପ୍ତ ନଥିଲା  । ଦେଖିବାରେ ବ୍ୟକ୍ତି ଜଣକ ଭଦ୍ର ଓ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସରଳ ଭଳି ଲାଗନ୍ତି କିନ୍ତୁ କିଛିଟା ଖରାପ ଗୁଣ ରହିଥିଲା ଯାହା ତାଙ୍କୁ ଦିନେ ପରିବାର ଠାରୁ ଅଲଗା କରିଲା । ପରିବାର ଲୋକେ ସେହି ଖରାପ ଗୁଣ ବା ବଦ ଅଭ୍ୟାସରୁ ବିରୁତ କରିବା ପାଇଁ ଯେତେ ଚେଷ୍ଟା କଲେ ମଧ୍ୟ ସଫଳ ହୋଇ ନଥିଲେ । ଦିନେ ସେହି ବ୍ୟକ୍ତିଙ୍କୁ ପକ୍ଷାଘାତ ବା ପାରାଲିସିସ୍ ହେଲା । ଘର ଲୋକ ସେହି ରୋଗ ଭଲ କରିବା ପାଇଁ ବହୁ ଡାକ୍ତରଖାନା ତଥା ଓଷା ଉପବାସ କଲେ ହେଲେ ସେହି ରୋଗ ଛାଡ଼ିବାରେ ନା ନେଉନଥିଲା । ସେହି ବ୍ୟକ୍ତିଙ୍କ ବ୍ୟତିତ ଆଉ ଦୁଇ ଭାଇ ତାହାଙ୍କ ଥିଲେ ଓ ସେମାନଙ୍କ ପରିବାର ମଧ୍ୟ ଥିଲା । ଏମିତିରେ ତ ସେ ଅଣରୋଜଗାରୀଆ ଥିଲେ ତେଣୁ ପରିବାର ଲୋକେ ଧୀରେ ଧୀରେ ତାଙ୍କୁ ପଚାରା ଉଚୁରା ବନ୍ଦ କରିଦେଲେ ।

ଏମିତିରେ ତ ଜୀବନ ମାତ୍ରକେ ଯନ୍ତ୍ରଣା,ବ୍ୟକ୍ତି ଜଣକ ପରିବାର ଠାରୁ ଅଲଗା ହେଲା ପରେ ନିଜ ପେଟ ପୋଷିବା ତାଙ୍କ ପାଇଁ କାଠିକର ପାଠ ହୋଇ ପଡ଼ିଲା । ଜୀବନ ବଞ୍ଚାଇବା ପାଇଁ ସେ କେତେବେଳେ ବାର ଦ୍ୱାର ସୁଣ୍ଡି ପିଣ୍ଡା ହୁଅନ୍ତି ତ କେତେବେଳେ ନିକଟରେ ଥିବା ଗ୍ରାମ ମନ୍ଦିର ରେ ଆଶ୍ରୟ ନିଅନ୍ତି । ହେଲେ କିଏ ବା କେତେ ଦିନ ଖାଇବା ପାଇଁ ଦେବ । ଦିନେ ଦିନେ ଉପବାସରେ ଜୀବନ କାଟୁଥିବା ବେଳେ କେତେବେଳେ ଚୁଡ଼ା ବିସ୍କେଟ୍ ସାହା ଭରସା ହୋଇଥାଏ ।

ଉପରିକ୍ତ କାହାଣୀ ଗୋଟିଏ ବ୍ୟକ୍ତିଙ୍କ ଥିବା ବେଳେ ଅନ୍ୟ ବ୍ୟକ୍ତିଙ୍କ କାହାଣୀ ନିମ୍ନରେ ବର୍ଣ୍ଣନା କରାଗଲା, ଯେହେତୁ ଗଳ୍ପଟିର ନାମ ଦୁଇ ଅସହାୟ ବନ୍ଧୁ -

ଗୋଟିଏ ବୃହତ ଗ୍ରାମରେ ଏକ ମାଳି ବା ମୁନି ପରିବାର ଏକଦା ବେସ୍ ହସ ଖୁସିରେ ବସବାସ କରି ଆସୁଥିଲେ । ନିଜର ପରିବାର ପେଟ ପୋଷଣ କରିବା ପାଇଁ ସେ କୌଳିକ ବୃତ୍ତି ମନ୍ଦିର ପୂଜା ଆପଣାଇ ଥିଲେ ଓ ସ୍ୱଳ୍ପ ପାଉଣା ମଧ୍ୟ ମନ୍ଦିର ପ୍ରଶାସନ ଠାରୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାଉଥିଲେ । ସେତିକିରେ ସେ ପରିବାର ଚଳାଇବା ସହ ଦୁଇରୁ ତିନି ଝିଅର ବାହାଘର କରିବା ସହ ପୁଅର ମଧ୍ୟ ବାହାଘର କରିଥିଲେ । ହେଲେ ଆଜିର ମାହାଙ୍ଗା ଯୁଗରେ ମନ୍ଦିର ପ୍ରଶାସନ ଠାରୁ ପାଉଥିବା ସ୍ୱଳ୍ପ ବେତନ ପରିବାର ଚଳାଇବା ପାଇଁ କଷ୍ଟ ସାଧ୍ୟ ହୋଇପଡିଲା । ତେଣେ ପରିବାର ଚଳାଇବା ପାଇଁ ଅନ୍ୟ ଉପାୟ ତଥା ମନ୍ଦିର ପୂଜା କରିବା ପାଇଁ ନିକଟ ବର୍ତୀ ଗ୍ରାମ ମାନଙ୍କରେ ଅନୁସନ୍ଧାନ କରିବାରେ ଲାଗିଲେ ବିରୁଦ୍ଧ ଜଣକ ଲାଗିଲେ,ଏହା ପୁଅକୁ ଭଲଲାଗିଲା ନାହିଁ । ହେଲେ ରୋଜଗାରୀଆ ପୁଅ ବାପାଙ୍କ ଏହି ଅବସ୍ଥା ଦେଖି ସେ ବିଦେଶ ଯିବା ଛାଡ଼ି ଦେଲା ଓ ନିଜ ଗ୍ରାମ ଠାରୁ ଅଳ୍ପ ଦୂରରେ ଥିବା ଏକ ଗ୍ରାମରେ ମନ୍ଦିର ସେବା କରିବା ପାଇଁ ମନ୍ଦିର ପ୍ରଶାସନ ସହ ଚୁକ୍ତିନାମା କଲା ଏବଂ ସପରିବାର ଆସି ସେହି ଗ୍ରାମରେ ବସତି ସ୍ଥାପନ କଲେ । ଦୀର୍ଘ ବର୍ଷ ସେହି ଗ୍ରାମରେ ରହି ମନ୍ଦିର ପୂଜା କରିବା ସହ ଅନ୍ୟାନ କାମ କରୁଥିଲେ । ସେହି ପୁଅର ଗୋଟଏ ପୁଅ ଓ ଝିଅ ଥିଲା,ସେମାନଙ୍କ ଭବିଷ୍ୟତର ଉଜ୍ଜ୍ୱଳ କାମନା କରି ସ୍କୁଲରେ ନାମ ଲେଖାଇଥିଲେ । ଏତିକି ବେଳକୁ ବାପାଙ୍କ ବୟସ ବଢ଼ି ଯାଇଥିଲା ।

ଦୁଃଖର ବିଷୟ ଦିନେ ପୁଅ ନିଜର ମନ୍ଦିର ପୂଜା ଶେଷ କରି ଅନ୍ୟାନ କାମ ପାଇଁ ବାହାରକୁ ଯାଇଥାଏ ହେଲେ ଏମିତି ଖବର ଆସିଲା ପୁଅର ସ୍ୱାସ୍ଥ୍ୟ ଅବସ୍ଥା ଖରାପ । ଖବର ପାଇ ଘର ଲୋକେ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ପହଞ୍ଚିଲେ,ପହଞ୍ଚିଲା ବେଳକୁ ସେ ଗୁରୁତ୍ୱର ଏବଂ ଶେଷରେ ପ୍ରାଣ ମଧ୍ୟ ଚାଲିଗଲା । ଦୁଃଖ କଷ୍ଟରେ ଶୁଦ୍ଧିକ୍ରିୟା ସମାପ୍ତ ହେଲା,ଶେଷରେ ବୋହୂ ଘର ଲୋକେ ନିଜ ଝିଅକୁ ନିଜ ଗ୍ରାମକୁ ନେବା ସହ ତା'ର ପୁଅ ଝିଅକୁ ମଧ୍ୟ ନେଇଗଲେ । ଏଣେ ବୃଦ୍ଧ ବୟସରେ ଶଶୁର ବୁଢାଟି ଦୁଃଖ ଦୁର୍ଦ୍ଦିନରେ ଜୀବନ କାଟୁଥିବା ବେଳେ ସମୟେ ସମୟେ ସେ ତାର ଝିଅ ଘରକୁ ଯାଇ କିଛି ଦିନ ରହିଯାଏ । ଏମିତି କିଛି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦିନ ଗଲା ପରେ ଗୋଟଏ ଗୋଡ଼ ଓ ହାତ ପକ୍ଷାଘାତ ଆକ୍ରମଣ ହେଲା । ଝିଅ ମାନେ ବୃଦ୍ଧ ବାପାଙ୍କୁ କିଛି ଦିନ ଦେଖା ଶୁଣା ପରେ କେହିବି ପଚାରିଲେନି । ବୃଦ୍ଧ ବୟସରେ ବ୍ୟକ୍ତି ଜଣକ ଘୋସଡି ଘୋସଡି ଯିବା ଆସିବା କରନ୍ତି ।

ଦିନେ ଉଭୟ ଦୁଇ ଅସହାୟ ଭେଟ ହୁଅନ୍ତି ଓ ଯୋଜନା କରନ୍ତି ଜୀବନ ଜିଂବା ପାଇଁ ଏବଂ ନିଷ୍ପତି ନିଅନ୍ତି ଗ୍ରାମରେ ଥିବା ଯାତ୍ରୀ ବିଶ୍ରାମଗାରରେ ରହିବା ପାଇଁ । ଏମିତିରେ ତ ଦୁହେଁ ଏକେଲା ମଣିଷ ଖାଇବା ପାଇଁ କିଏ ଦେବ ? ଯଦିଓ କେହି ସହୃଦୟ ବ୍ୟକ୍ତି ହାବୁଡ଼ରେ ପଡ଼ନ୍ତି ତେବେ ଖାଇବା ପାଇଁ ମିଳେ ନଚେତ ଭୋକ ଉପାସରେ ଜୀବନ କଟେ ।

ସେହି ସମୟରେ ଗ୍ରାମର କିଛି ସଚେତନ ଯୁବକ ଓ ଲୋକମାନେ ମିଶି ଯୋଜନା କରନ୍ତି ଦୁହେଁଙ୍କ ଥଇ ଥାନ ସଂପ୍ରକେ ଏବଂ ସ୍ଥିର କରନ୍ତି ସ୍ଥାନୀୟ ପ୍ରଶାସନକୁ ଜଣାଇବା ପାଇଁ । ଏକ ଦରଖାସ୍ତ ଲେଖନ୍ତି ସ୍ଥାନୀୟ ବି.ଡି.ଓ.ଙ୍କୁ, ବି.ଡି.ଓ. ମହୋଦୟ ହଟାତ ବିନା ସୂଚନାରେ ତଦନ୍ତ ପାଇଁ ଘଟଣା ସ୍ଥଳକୁ ନିଜେ ଆସିବା ସହ କିଛି କର୍ମଚାରୀଙ୍କୁ ମଧ୍ୟ ତଦନ୍ତ କାର୍ଯ୍ୟରେ ନିୟୋଜନ କରି ଫେରନ୍ତି । ପରଦିନ ପ୍ରାୟତଃ ସମସ୍ତ ଖବର କାଗଜରେ ଏ ସମ୍ପର୍କରେ ଏକ ବିସ୍ତୃତ ଖବର ପ୍ରକାଶ ପାଏ । ଖବର ପ୍ରକାଶ ପରେ ଏହି ପଦକ୍ଷେପକୁ ପ୍ରଶଂସା କରି କିଛି ବ୍ୟକ୍ତି ବିଶେଷଙ୍କ ଗ୍ରାମକୁ ସୁଅ ଛୁଟି ଥିବା ବେଳେ କେହି କେହି ପହଞ୍ଚି ସୁସ୍ୱାଦୀ ଫଳ ମୂଳ ଆଣି ଦୁଇ ଅସହାୟଙ୍କ ହାତରେ ଦେଇ ଯିବା ସହ ଦେଖି ଯାନ୍ତି । ଏମିତିରେ କିଛି ଦିନ ବିତିଗଲା ହେଲେ ପ୍ରଶାସନ ପକ୍ଷରୁ ସେମିତି କିଛି ପଦକ୍ଷେପ ଗ୍ରହଣ କରିବାର ଜଣା ପଡ଼ିଲା ନାହିଁ । ତେଣେ ସେହି ଗୋଷ୍ଠି ବ୍ୟସ୍ତ ହୋଇ ପୁଣି ବି.ଡି.ଓ. ଙ୍କ ନିକଟକୁ ଯାଇ ଥଇ ଥାନ ସମ୍ପର୍କରେ ଖବର ନିଅନ୍ତି ଓ ସେ କୁହନ୍ତି ମୁଁ ଦିନେ ଦୁଇ ଦିନ ମଧ୍ୟରେ କଣ ଗୋଟଏ ବ୍ୟବସ୍ଥା କରୁଛି ।ତେଣେ ବି.ଡ଼ି.ଓ.ଙ୍କ ଏହି କଥା ଶୁଣି ସମସ୍ତେ ଗାଁକୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଫେରି ଆସନ୍ତି ।

ଦିନେ ଗାଁରେ ଝିପ୍ ଝିପ୍ ବର୍ଷା ଲାଗିଥାଏ ସମୟ ପ୍ରାୟ ପାଖାପାଖି ଦିନ ତିନିଟାରୁ ଚାରିଟା ମଧ୍ୟରେ ହେବ ଏକ ସରକାରୀ ଜିପ୍ ରେ ବୁଟ୍ ସୁଟ୍ ପିନ୍ଧା ଅଫିସର ମାନେ ଯାତ୍ରୀବିଶ୍ରାମଗାର ଠାରେ ନିଜ ଜିପ୍ ରଖୀ ବିଶ୍ରାମଗାର ଭିତରକୁ ଯାନ୍ତି ଓ ଦେଖନ୍ତି ଦୁଇ ଅସହାୟଙ୍କ ଅବସ୍ଥା ଏବଂ ପଚାରି ବୁଝନ୍ତି ଭଲ ମନ୍ଦ । ସରକାରୀ ବାବୁଙ୍କ ସମସ୍ତ ପ୍ରଶ୍ନର ଉତ୍ତର ଦେଲା ପରେ ଅସହାୟ ଦୁଇ ପଚାରନ୍ତି ଆପଣ କିଏ ? ଏତିକି ବେଳକୁ ଗାଁର କିଛି ଲୋକ ସେଠାରେ ପହଞ୍ଚି ଯାଇଥାନ୍ତି ,ସେହି ବୁଟ୍ ସୁଟ୍ ପିନ୍ଧା ବାବୁ ମାନେ ମୁରୁକି ହସନ୍ତି ଓ କୁହନ୍ତି ଆମେ ବ୍ଲକରୁ ଆସିଛୁ ଆଜ୍ଞା ଆପଣ ଦୁହେଁଙ୍କୁ ନେଇ ଯିବା ପାଇଁ ! ଏହି ସବୁ କଥୋପକଥନ ପରେ ଖୋଜା ପଡ଼ନ୍ତି ସେହି ଯୁବ ଗୋଷ୍ଠି । କିଏ ଗାଁରେ ଥାଏ ତ ଆଉ କିଏ ବାହାରେ । ବିଶ୍ରାମଗାର ରାସ୍ତା ଦେଇ ଜଣେ ସେହି ଗୋଷ୍ଠିର ଯୁବକ ସାଇକେଲରେ ଯାଉଥାଏ । ସେତିକି ବେଳକୁ କିଛି ଲୋକ ତାଙ୍କୁ ପାଖକୁ ଡାକନ୍ତି ଓ ସେମାନଙ୍କ ସହ ଜରାଶ୍ରମକୁ ଯିବାକୁ କୁହନ୍ତି । ଏତିକିରେ ସେହି ଯୁବକ ବ୍ୟସ୍ତ ହୋଇ ଫୋନ ଲଗାନ୍ତି ଅନ୍ୟ ସାଙ୍ଗ ମାନଙ୍କ ପାଖକୁ ସେମାନେ କୁହନ୍ତି ତୁ ବ୍ୟସ୍ତ ହେବାର ନାହିଁ ସେମାନଙ୍କ ସହ ଆସେ ଆମେ ବାଟରେ ମିସିବୁ । ଦୁଇ ଜଣଙ୍କ ଲୁଗା ପଟା ପେକ୍ କରିବା ବେଳକୁ ବର୍ଷା ଛାଡ଼ି ଯାଇଥାଏ ଓ ଗାଁରେ ଭାଳେଣି ପଡ଼େ ଆଜି ଦୁଇ ଅସହାୟ ଆଶ୍ରମ ଚାଲୀ ଯାଉଛନ୍ତି । ଧୀରେ ଧୀରେ ଲୋକଙ୍କ ଗହଳି ସେଠାରେ ବଢିବାରେ ଲାଗେ କିଏ ଯୁବକଙ୍କ ପ୍ରୟାସକୁ ପ୍ରଶଂସା କରେତ ଆଉ କିଏ କୁହେ ଏମାଙ୍କ କିଛି କାମ ଧନ୍ଦା ନାହିଁ ତ ଗୋଟଏ ପ୍ରହସନ ଲଗାଇଛନ୍ତି । ଲୋକମାନଙ୍କ କଥା ଶୁଣି ସମସ୍ତ ଯୁବକଙ୍କ ଘରେ ମଧ୍ୟ ନାନା କଥା ପଡ଼େ ହେଲେ ଗାଡ଼ି ସେତିକି ବେଳକୁ ଆଶ୍ରମ ଅଭିମୁଖେ ବାହାରି ଚାଲିଯାଏ ଏବଂ ଗାଡିରେ ବସିଥିବା ଯୁବକ ଜଣକ ବାରମ୍ବାର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଫୋନ ଲଗାଏ ଅନ୍ୟ ସାଙ୍ଗ ମାନଙ୍କୁ ତୁମେ ଜଲଦି ରେଡି ହୁଅ ଗାଡ଼ି ଏଠୁ ବାହାରିଲା ।

ଯୁବ ଗୋଷ୍ଠିର କିଛି ଅଗ୍ରଣୀ ସଭ୍ୟ କଲେଜରେ ପଢ଼ନ୍ତି ।ଗାଡ଼ିରେ ବସିଥିବା ଯୁବକଙ୍କ କଥାନୁସାରେ କଲେଜ ସମ୍ମୁଖରେ ଜିପ୍ ଅଟକି ଯାଏ ଏବଂ ସେହି ଯୁବକଙ୍କୁ ଅପେକ୍ଷା କରେ । ଯୁବକ ତିନି ଜଣ ପଢ଼ନ୍ତି କିନ୍ତୁ ଜଣେ ସାଙ୍ଗରେ ଯିବା ପାଇଁ ରାଜି ଥିବା ବେଳେ ଆଉ ଦୁଇ ଜଣ ନାରାଜ । ରାଜି ହୋଇଥିବା ଯୁବକ ଜିପ୍ ରେ ବସନ୍ତି ଓ ଗାଡି ଜରାଶ୍ରମ ଅଭିମୁଖେ ବାହାରିଯାନ୍ତି । କିଛି ସମୟ ଗଲା ପରେ ଜିପ୍ ଆଶ୍ରମ ନିକଟରେ ଲାଗେ ଓ ସମସ୍ତେ ଓଲ୍ଲାହି ପଡ଼ନ୍ତି । ଦୁହେଁ ଭଲରେ ଚଳିବା ପାଇଁ କହିଦେଇ ଲେଖା ପଢ଼ା ସାରି ବ୍ଲକ ନିକଟକୁ ଆସନ୍ତି,ବି.ଡ଼ି.ଓ. ତଥା ବ୍ଲକର ସମସ୍ତ କର୍ମଚାରୀ ପ୍ରଶଂସାରେ ଯୁବକ ଦୁହେଁଙ୍କୁ ପୋତି ପକାନ୍ତି । ଗାଁକୁ ସେହି ଯୁବକ ମାନେ ରାତି ପ୍ରାୟ ସାତଟା ବେଳକୁ ଆସନ୍ତି,ହେଲେ ଆସିଲା ବେଳେ କିଏ କେଉଁ କଥା କହେ ଏମିତିରେ ତ ଘର ଲୋକ ଅନ୍ୟମାନଙ୍କ କଥା ସୁଣି ବିରକ୍ତ କିଛି ପ୍ରଶଂସା ଏବଂ ଗାଳି ସୁଣି ସେହି ରାତିକଟା କଟିଯାଏ । ଏମିତିକି ଦିନେ ଦୁଇ ଦିନ ଘରେ ଲୁଚି ରହିବାକୁ ପଡ଼େ ଲୋକଙ୍କ ଗାଳି ଠାରୁ ମୁକ୍ତି ପାଇବା ସକାଶେ ।

କିଛି ଦିନ ଗଲା ପରେ ଖବର ଆସେ ସେହି ହାତ ଗୋଡ଼ ପକ୍ଷାଘାତ ଆକ୍ରାନ୍ତ ଥିବା ବୃଦ୍ଧ ଜଣକ ଅବସ୍ଥା ଗୁରୁତ୍ୱର ଓ ସେ ଅନ୍ୟ ଏକ ଆଶ୍ରମକୁ ସ୍ଥାନାନ୍ତରିତ ହୋଇଛନ୍ତି । ଆଉ କିଛି ଦିନ ଗଲା ପରେ ପୁଣି ଏକ ଖବର ଆସେ କେବେଳ ଗୋଡ଼ ପକ୍ଷାଘାତ ଆକ୍ରାନ୍ତ ଥିବା ବ୍ୟକ୍ତି ଜଣକ ଲୁଚି ଜରାଶ୍ରମରୁ ଆସିଛନ୍ତି ! ଦିନେ ତାହାର କାରଣ ଖୋଜୁ ଖୋଜୁ ସେହି ବ୍ୟକ୍ତି ଜଣକ ଆଶ୍ରମରେ ଛାଡ଼ି ଆସିଥିବା ଜଣେ ଯୁବକଙ୍କ ହାବୁଡ଼ରେ ପଡେ ସେମାନଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଅସହାୟଟି କୁହେ ମୋତେ ସେଠି ରହିବା ପାଇଁ ଭଲ ଲାଗିଲା ନାହିଁ। ଯୁବକ ଜଣକ କୁହନ୍ତି ସେଠି ତ ସବୁ ସୁବିଧା ଅଛି ତୁମର ଅବା କଣ ଅସୁବିଧା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହେଲା,ଅସହାୟଟି କିଛି ନ କହି ଚାଲିଯାଏ । ଏବେ ସେହି ଅସହାୟ ବାର ଦ୍ୱାରା ସୁଣ୍ଡି ପିଣ୍ଡା ହେଉଥିବା ବେଳେ କେତେବେଳେ କେମିତି ମନ୍ଦିର ପିଣ୍ଡାରେ ପର୍ବ ପର୍ବଣି ଦେଖି ବସେ କିଏ ଭୋଗ କିମ୍ବା ଖାଇବାକୁ ମୁଠାଏ ଦେବ । ଏହି ଜଣକ କଥା ବୁଝୁ ବୁଝୁ ପୁଣି ଖବର ଆସେ ବୃଦ୍ଧ ଜଣକ ବହୁ ଚିକିତ୍ସା ସତ୍ୱେ ମୃତ୍ୟୁବରଣ କରିଛନ୍ତି । ଏହି ଖବର ସୁଣି ଯୁବକ ମାନଙ୍କୁ ଦୁଃଖ ଲେଗେ ହେଲେ କଣ କରିବେ ଏହା ତ ସୃଷ୍ଟିର ନିୟମ ।

ଜୟ ଜଗନ୍ନାଥ, ଭଗବାନ କରନ୍ତୁ ସମସ୍ତେ ସର୍ବଦା ଭଲରେ ରୁହନ୍ତୁ ।

କୃଷ୍ଣ ଚନ୍ଦ୍ର ଡାକୁଆ
କରଚୁଲି(ବୁଗୁଡ଼ା) ଗଞ୍ଜାମ
ପିନ୍ : ୭୬୧୧୪୩

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନିଜ ଭଗବାନ



ମହେଶ୍ୱର ସାହୁ

ବବୁଲ ବାପା ମାଆଙ୍କର ବହୁତ ଗେହ୍ଲା ଓ ଏକୋଇରବଳା ବିଶିକେସନ । ବାପା ମାଆ ବବୁଲକୁ ବହୁତ ଭଲ ପାଆନ୍ତି ତା ସହିତ ବବୁଲର ସମସ୍ତ ଇଛା ମଧ୍ୟ ପୂରଣ କରନ୍ତି । ବବୁଲ ମନ ଦେଇ ପାଠ ପଢେ । ବାପା ମାଆଙ୍କର କଥା ମାନେ । ବବୁଲ ଛୋଟ ପିଲାଟିଏ । ଦୈନିକ ବିଦ୍ୟାଳୟ ଯାଇଥାଏ । ଦିନେ ବି ବିଦ୍ୟାଳୟ ବନ୍ଦ କରେ ନାହିଁ ।

ଦିନେ ଗୁରୁଜୀ ପିଲାମାନଙ୍କୁ ଶିକ୍ଷା ଦେଉଥାନ୍ତି ଓ କହୁଥାନ୍ତି ପିତାମାତା ହେଉଛନ୍ତି ପିଲାଙ୍କର ପ୍ରକୃତ ଦେବତା । ଆମେ ମନ୍ଦିର, ମସଜିଦ, ଚର୍ଚ୍ଚ ଓ ଗୁରୁଦ୍ୱାର ଯାଇଥାନ୍ତି । ସେଠାରେ କେବଳ ଆମକୁ ପଥରର ମୂର୍ତ୍ତି ଗୁଡିକ ଦେଖା ଯାଇଥାନ୍ତି । ହେଲେ ଘରେ ନିଜର ପିତା ମାତା ହେଉଛନ୍ତି ପ୍ରକୃତ ଭଗବାନ ।

ଆମକୁ ଜ୍ୱର ହେଲେ କି କୌଣସି ଜିନିଷ ପାଇବାର ଆଗ୍ରହ ହେଲେ ଭଗବାନ ଦେଇ ନ ଥାନ୍ତି । କେମିତି ଦେବେ ଯେ ଭଗବାନ ତ ପଥରଟିଏ ମାତ୍ର, ହେଲେ ଆମକୁ ରୋଗ ସମୟରେ ମାଆଙ୍କର ସେବା ମିଳିଥାଏ । କିଛି ଜିନିଷର ଆବଶ୍ୟକତା ରହିଲେ ବାପା ଯୋଗାଇ ଦିଅନ୍ତି । ଏମିତି କି ନିଜେ ଛିଡା ଗୁନ୍ଥା ପିନ୍ଧି ନିଜର ସନ୍ତାନଙ୍କର ମଙ୍ଗଳ କମାନରେ ସଦା ସର୍ବଦା ବାପା ମାଆ ନିଜ ପାଖରେ ରହିଥାନ୍ତି ।

ଆମେ ଯଦି ମନ୍ଦିର ମସଜିଦ କି ଗୁରଦ୍ୱାରରେ ଦିନ ଦିନ ବସିରହି କୌଣସି ଦରକାର କାମନା କରିବା ତେବେ ତାହା ଆମକୁ ମିଳିବ ନାହିଁ । କିଏ ଦେବ ଯେ ? ହେଲେ ଆମେ

 Magazine Downloaded from www.aahwaan.com

ଥରେ କହିଦେଲେ ବାପା ମୋ ପାଇଁ ଜମା ଆଣିବ ତେବେ ସଙ୍ଗେ ସଙ୍ଗେ ବାପା ଯୋଗାଇ ଦିଅନ୍ତି । ବାପା ମାଆ ହେଉଛନ୍ତି ଚଳନ୍ତି ଦେବତା ଓ ଆମେ ସେମାନଙ୍କର ସେବା କରିବା ଆବଶ୍ୟକ । ଏମିତି ଗୁରୁଜୀ ନିଜ ବକ୍ତବ୍ୟରେ ବିଶ୍ଳେଷଣ କରୁଥାନ୍ତି । ବବୁଲ ମନ ଦେଇ ଶୁଣୁ ଥାଏ । ସେ ଘରକୁ ଆସିଲା ଓ ବାପା ମାଆଙ୍କୁ ପଚାରିଲା । ବାପା ବାପା !!!! ମାଆ ମାଆ କୁହତ ତମେ କଣ ମୋ ପାଇଁ ଭାଗବନ ଆମ ଗୁରିଜି କହୁଥିଲେ ।

ବାପା କହିଲେ ଜଉ ମାନେ ଆଦର୍ଶ ଛାତ୍ର ସେମାନଙ୍କ ପାଇଁ ତାଙ୍କର ବାପା ଆଉ ମାଆ ଭଗବାନ ସଦୃଶ । ତେଣୁ ତୁ ଯଦି ତୋ ଗୁରୁଙ୍କର ଆଦର୍ଶ ଛାତ୍ର ହେଇଥିବୁ ତାହାହେଲେ ଆମେ ତୋ ପାଇଁ ଭଗବାନ ସଦୃଶ । ବବୁଲ କହିଲା ହଁ ମାଆ ! ହଁ ବାପା ମୁଁ ହେଉଛି ଜଣେ ପିତୃ ମାତୃ ଭକ୍ତ ଆଦର୍ଶ ଛାତ୍ର ।

ତେବେ ଆଦର୍ଶ ଛାତ୍ର ସବୁବେଳେ କଣ କରନ୍ତି ।କଠିନ ପରିଶ୍ରମ କରନ୍ତି ଓ ଭଲ ମାର୍କ ରଖନ୍ତି ପରା ! ବାପା ମୁଁ ଭଲ ମାର୍କ ରଖିବି, ମୁଁ ବି ଭଲ ପଢିବି ଖୁସିରେ କହି ପକେଇଲା ବବୁଲ । ସେଇ ଦିନ ଠାରୁ ପିଲାଟିର ଏମିତି ପରିବର୍ତ୍ତନ ହୋଇ ଗଲା ଯେ , ସେ ଖାଲି ଦିନ ଆଉ ରାତି ଯେତେବେଳେ ସମୟ ପାଇଲା ବହି ପଡଗିବାରେ ଲାଗିଲା ଓ ବାପା ମାଆଙ୍କର ପାଦ ସେବା କରବାକୁ ଆଗ୍ରହୀ ହେଲା । ଘରେ ଟିକିଏ ବି ଅପରିଷ୍କାର ପକାଏ ନାହିଁ । ଧୂଳି ମଳି ଟିକେ ଦେଖିଲେ ସଙ୍ଗେ ସଙ୍ଗେ ସଫା କରି ଦିଏ । ତା ମନରେ ଏହି ଚିନ୍ତା ଆସିଯାଇଥିଲା ସତରେ ଦୁନିଆରେ ଭଗବାନ କହିଲେ ମୋ ବାପା ଓ ମାଆ ଅଟନ୍ତି । ତେଣୁ ବାପାଙ୍କର ପାଦ ଦବେଇ ଦିଏ ଯେତେବେଳେ ବାପା ନିଜ କାର୍ଯ୍ୟରୁ ଥକି ଯାଇ ଘରକୁ ଫେରି ନିଜର ନିତ୍ୟ କର୍ମ ସାରନ୍ତି ସେତେବେଳେ ବବୁଲ ଟାଣି ଟୁଣି ବାପାଙ୍କର ଗୋଡ଼ ଦବେଇ ଦିଏ । ବାପା ଯେତେ ମନା କଲେବି ଛାଡେ ନାହିଁ ଆଉ କାନ୍ଧି କାନ୍ଧି କହେ ବାପା ବାପା ତମେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପରା ମୋର ଭଗବାନ ଆଉ ମୋତେ ମୋର ଭଗବାନଙ୍କ ସେବା କରିବାକୁ ଦିଅ । ମାଆଙ୍କୁ ମଧ୍ୟ ଏମିତି କରିଥାଏ । ବାପା ମାଆ ଯେତେ ବାରଣ କଲେ ମଧ୍ୟ ବାବୁରେ ଶୋଇବୁ ଯାଆ । ଶୁଣିବ କାହିଁକି ଯେ, ଯେ ପରା ତା ବାପା ମାଆ ରୂପୀ ଚଳନ୍ତି ଭାଗବନଙ୍କର ପ୍ରତିମାର ସେବା କରୁଛି ।

ସତରେ ଘରେ ବୁଢ଼ୀ ମାଆ କି ବୁଢ଼ା ବାପା କ୍ଷୀର ଟିକିଏ ପିଇବାକୁ ସ୍ୱପ୍ନ ହୋଇଥାଉ ! ଫଳର ସ୍ୱାଦ ପାଇବାକୁ ସ୍ୱପ୍ନ ହେଇଥାଉ ହେଲେ ଆଜି କାଲିର ପୁଅ ନିଜ ଭକ୍ତି ଆଉ ନିଜର ଦେଖାଣିଆ ପ୍ରହସନ ଯୋଗୁଁ ହଜାର ହଜାର ଟଙ୍କାର ଫଳ ମୂଳ ମିଠା ନେଇ ଭଗବାନଙ୍କ ଉଦ୍ଦେଶ୍ୟରେ ଅର୍ପଣ କରି ପୂଜାରୀକୁ ମୋଟା ଅଙ୍କରେ ଦକ୍ଷିଣା ଦେଇ ଆସନ୍ତି । ହେଲେ ବୁଢା ବାପାକୁ ଟିକେ ସବଳ କରିବା ପାଇଁ ଗୋଟିଏ ବା ଖଣ୍ଡିଏ ଫଳର ଆବଶ୍ୟକତାରୁ ବଞ୍ଚିତ ହେବାକୁ ପଡିଥାଏ । କ୍ଷୀର ଟୋପେ ବୁଢା ବାପା କି ବୁଢ଼ୀ ମାଆଙ୍କୁ ସ୍ୱପ୍ନ କରି ପଥର ଉପରେ କେଉଁ ଲାଳସାରେ ମଣିଷ ଏମିତି କରିଥାଏ କେଜାଣି ? ଭଣ୍ଡ ଓ ତାନ୍ତ୍ରିକ ବାବାଙ୍କର ଅଲୌକିତ ଶକ୍ତିରେ ନିଜକୁ ମାଲାମାଲ କରିବାର ସ୍ୱପ୍ନ ନେଇ ଏହି ଲୋଭି ଓ ଆସକ୍ତି ପୂର୍ଣ୍ଣ ମାନବ ସମାଜ ଆଗେଇ ଚାଲିଛି ଗନ୍ତବ୍ୟ ପଥରେ ଯାହାକି ଅଜଣା ପାପର ନିଜକୁ ଭାଗୀ କରେଇ । ହେଲେ ଛୋଟ ଓ ଟିକି ବୟସରୁ ବବୁଲ ଉପରେ ପ୍ରଭାବ ପଡ଼ିଥିଲା ଗୁରୁଜ୍ଞାନ । ଉତ୍ତମ ଜ୍ଞାନର ଅଧିକାରୀ ହୋଇ ଗୋଟିଏ ଆଦର୍ଶ ଓ ଗୌରବାନ୍ୱିତ ଛାତ୍ରର ନମୁନା ହୋଇ ପ୍ରକଟ ହୋଇଥିଲା ଦୁନିଆ ଆଗରେ ବବୁଲ ।

ଶିକ୍ଷକ, ଶିକ୍ଷୟତ୍ରୀ, ପିତା, ମାତା ଓ ଅନ୍ୟ ଗୁରୁଜନ ମାନେ ସଦା ସର୍ବଦା ଆଶୀର୍ବାଦର କଳସି ଉଜାଡ଼ି ଦେଇଥିଲେ ବବୁଲ ଉପରେ । ସମସ୍ତେ ମନ୍ଦିର ଯାଆନ୍ତି ଭଗବାନଙ୍କ ଦର୍ଶନ ପାଇଁ ହେଲେ ବବୁଲ ନିଜ ଭାଗବବଙ୍କୁ ନିଜ ଚକ୍ଷୁ ସମ୍ମୁଖରେ ସର୍ବଦା ଦେଖି ଅତ୍ୟନ୍ତ ଖୁସି ଓ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆନନ୍ଦିତ ହେଉଥାଏ ।

ଦିନକର କଥା ଭଗବାନ ତାର ପିତୃ ମାତୃ ସେବାରେ ସନ୍ତୁଷ୍ଟ ହୋଇ ଅତ୍ୟଧିକ ଦର୍ଶନଭିଳାସୀ ହୋଇ ଗଲେ । ୟେ ବବୁଲ କିଏ ଆଉ ତାର ଏତେ ପିତୃ ମାତୃ ସେବା ! ନିଶ୍ଚୟ ଏହି ପିଲାର ଦର୍ଶନ କରିବି ଭାବି ଭଗବାନ ବା ଈଶ୍ୱର ଧାଇଁ ଆସିଲେ ମର୍ତ୍ତ୍ୟପୁରକୁ । ଆସି ସିଧା ପହଞ୍ଚି ଯାଇଥିଲେ ବବୁଲର ବାସ ଭବନରେ । ବବୁଲକୁ ଦେଖିବାକୁ ପହଞ୍ଚି ଦେଖିଲେ ବବୁଲ ତା ବାପାଙ୍କର ପାଦ ଦବେଇ ଦେଉଛି । ଅତି ଯତ୍ନରେ ତେଲ ଲଗେଇ ବାରମ୍ବାର ନମସ୍କାର କରୁଛି । ଆସି ବାହାରେ ଛିଡ଼ା ହୋଇ ଭଗବାନ କହିଲେ ବବୁଲ ତମେ ଟିକେ ବାହାରକୁ ଆସ । ମୁଁ ତୁମର ଦର୍ଶନ କରିବାକୁ ଚାହେଁ । ହେଲେ ବବୁଲ କହିଲା ମୁଁ ଏଇନେ ମୋ ପିତାଙ୍କର ପାଦ ସେବା କରୁଛି ତା ପରେ ମାଆଙ୍କର କରିବି ତା ପରେ ମୁଁ ବାହାରକୁ ଯିବି । ଭଗବାନ କହିଲେ ବାବା ମୋର ବହୁତ କାମ ଅଛି, ତମେ ଟିକେ ବାହାରକୁ ଆସ ମୁଁ ଦର୍ଶନ କରି ଚାଲିଯିବି । ହେଲେ ବବୁଲ କହିଲା ଭଗବାନ ମୋତେ କ୍ଷମା କରିବେ ମୋ ଭଗବାନଙ୍କ ସେବା ନ ସରିବା ଯାଏ ମୁଁ କେମିତି ଯିବି କହିଲେ ।

କିଛି ସମୟ ଅନ୍ତେ ବବୁଲର ପିତା ମତାଙ୍କର ପଦ ସେବା ସରିଯାଇଥିଲା । ବବୁଲ ବାହାରକୁ ଆସି ଦେଖିଲା ଭଗବାନ ସେମିତି ତା ପାଇଁ ଅପେକ୍ଷା କରିଛନ୍ତି । ବବୁଲକୁ ଦେଖି କୋଳେଇ ନେଇଥିଲେ ଭାଗବନ ଆଉ କହିଲେ ବାବା ରେ ମୋ ଦର୍ଶନ ପାଇଁ ଲୋକ କେତେ ବ୍ରତ କେତେ ତପ କରି ଦର୍ଶନ ପାଉ ନାହାନ୍ତି ହେଲେ ତମେ କାହିଁକି ଆସିଲ ନାହିଁ । ବବୁଲ କହିଥିଲା ଭଗବାନ ମୁଁ ମୋ ପିତା ମାତାଙ୍କର ସେବା କରିଥିବାରୁ ଆପଣ ମୋ ପାଖକୁ ଆପେ ଆପେ ଟାଣି ହୋଇ ଆସିଲେ । ମୁଁ ଜାଣିପାରିଲି ପିତା ମାତାଙ୍କ ସେବାରେ ଭଗବାନଙ୍କ ସେବା ହୋଇଥାଏ । ତେଣୁ ଆପଣ ମୋ ପାଖକୁ ଆପେ ଆପେ ଆସିଛନ୍ତି ଅର୍ଥାତ ମୋର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭଗବାନଙ୍କ ସେବା ଓ ନିଷ୍ଠାରେ ମୁଁ ନିଶ୍ଚୟ ମୋ ଭଗବାନଙ୍କୁ ଦେଖି ପାରୁଛି ଏବଂ ଦେଖି ପାରିବି ମଧ୍ୟ । ତେଣୁ ମୁଁ ବିବ୍ରତ ହେଲି ନାହିଁ ।

ଏବେ ଜାଣିପାରିଲି ଈଶ୍ୱର ଆଲ୍ଲା ଓ ଭାଗବନ କିଏ ? ଆମେ ନିଜ ପିତା ମାତାଙ୍କ ଅବହେଳା କରି ହଜାରେ ଚଦର ଚଢ଼େଇ , ହଜାରେ ଭୋଗ ଦେଇ କି ହଜାରେ ପ୍ରାଥନା କରି କୌଣସି ଲାଭ ହୋଇ ନ ଥାଏ । ତେଣୁ ମହତ ମାନେ କହିଛନ୍ତି ପ୍ରୀତରେ ପ୍ରତିମା ପଂନେ ପ୍ରିୟନ୍ତେ ସର୍ବ ଦେବତା ।

ଭଗବାନ ଯାଚି ଯାଚି ବବୁଲ କୁ ଦିବ୍ୟ ଜ୍ଞାନ, ବିଚକ୍ଷଣ ସ୍ମରଣ ଶକ୍ତି ଓ ମାନବ ସେବା ଆଦି ଗୁଣ ଭରିଦେଇଥିଲେ । ଏବେ ସେଇ ବବୁଲ ଦୁନିଆ ପାଇଁ ଏକ ନବୀନ ଆଲୋକ ହୋଇ ପ୍ରକଟିତ ହୋଇ ଅଛି । ଯାହା ଆଜିର ଛାତ୍ର ସମାଜକୁ ଏକ ପ୍ରେରଣା ଅଟେ ।

ଲେଖକ: ମହେଶ୍ୱର ସାହୁ
ଗୋପିବିନ୍ଧା, ବ୍ରାହ୍ମଣ ଗାଁ, ଭଦ୍ରକ,

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପୁରସ୍କାର



ଅଙ୍କିତା ପାଢ଼ୀ

ଗାଁରେ ଦୁଇ ଜଣ ସାଙ୍ଗ ପାଠ ପଢ଼ନ୍ତି ସାଥିରେ ବିଦ୍ୟାଳୟ ଯାଆନ୍ତି ଓ ସାଥିରେ ମଧ୍ୟ ଫେରନ୍ତି । ଦୁଇ ଜଣ ବହୁତ ବୋକା ଥିଲେ । ଯିଏ ଯାହା କହେ ହଁ ମାରିବା ସହିତ କେହି ଜଣେ ହସିଲେ ଏମାନେ ବିନା କାରଣରେ ମଧ୍ୟ ହସି ଦିଅନ୍ତି । ବିଦ୍ୟାଳୟରେ ପିଲାମାନେ ତାଙ୍କ ସହିତ ବହୁତ ମଜା କରନ୍ତି । କିଏ ବସ୍ତାନି ଲୁଚାଇ ଦିଏ ତ କିଏ ତାଙ୍କ ପଛ ପାଖରୁ ପିଠିରେ ଗଧ ଲେଖିଦିଏ । ଏମାନେ ସମସ୍ତଙ୍କର ଟାହି ଟାପୁରା ବୁଝି ପାରନ୍ତି ନାହିଁ । ଓଲଟି ହସି ଦିଅନ୍ତି ଫେଁ କିନା ।

ଦୁଇ ସାଙ୍ଗ ବହୁତ ଖୁସିରେ ଖେଳ ବୁଲ କରନ୍ତି । ଜଣଙ୍କର ନାମ ଗୁଡୁ ଆଉ ଜଣଙ୍କର ନାମ ବବୁଲ । ବାପା ଓ ମାଆ ସେମାନଙ୍କର ବହୁତ ଦୁଃଖ ଅନୁଭବ କରନ୍ତି କାରଣ ତାଙ୍କର ପାଠ ମଧ୍ୟ ଭଲ ହୁଏନି । ଯାହା ହେଲେବି ପୁଅ ପିଲା । ବୋକା ହେଲେ ବି ପୁଅ ଆମର କହି ବାପା ମାଆ ସହି ଯାଆନ୍ତି ନିଜର ପୁଅ ମାନଙ୍କର ଦୁଃଖ ଶୁଣିକରି । ଦିନେ ସେମାନଙ୍କ ପାଇଁ ବିଦ୍ୟାଳୟରେ ଜ୍ୟାମିତି କରିବାବୁ ବାପା ତାଙ୍କର ଗୋଟିଏ ଜ୍ୟାମିତି ବାକ୍ସ ଆଣିଥିଲେ । ଗୁଡୁ ବବୁଲ ବହୁତ ଖୁସି ନୂଆ ଜ୍ୟାମିତି ବାକ୍ସ ଦେଖି । ଖୁସିରେ ପାଗଳ ହୋଇ ଦୁଇଜଣ ଯାକ ଜ୍ୟାମିତି ବାକ୍ସ ନେଇ ବିଦ୍ୟାଳୟକୁ ଗଲେ । ସେମାନେ ସବୁ ପିଲାଙ୍କୁ ନିଜର ଜ୍ୟାମିତି ବାକ୍ସକୁ ଦେଖେଇଲେ । ତା ପରେ ପାଖା ପାଖି ବସୁଥିବାରୁ ସେମାନଙ୍କର ବୋକାମୀ ଆରମ୍ଭ ହୋଇଗଲା । ଗୁଡୁ ବବୁଲକୁ କହିଲା ବବୁଲ ମୋ ଜ୍ୟାମିତି ବାକ୍ସରେ ଗୋଟେ କଇଁଚି ଅଛି ଜାଣିଛୁ । ବବୁଲ କହିଲା ମୋର ବି ଅଛି । ଗୁଡୁ କହିଲା ବବୁଲ ଜାଣିଛୁ ବାରିକ କେମିତି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଇଁଚିରେ ଚୁଟି କାଟିଦିଏ । ଦେଖନା ତୋ କଲି ମୁଁ କାଟି ଦେଇ ନୂଆ ଷ୍ଟାଇଲ୍‌ରେ କରିଦେବି । ଯେମିତି ଓଡ଼ିଆ ହିରୋ ଭଳି । "ହଉ କାଟିଲୁ କାଟିଲୁ ଦେଖିବା ! କେମିତି ମୁଁ ହିରୋ ହେଇଯିବି ?"

ଗୁଡୁ କହିଲା "ହେଲେ ଗୋଟେ ସର୍ତ୍ତରେ କାଟିବି । "

ବବୁଲ କହିଲା "କଣ ସର୍ତ୍ତ କହିଲୁ ଶୁଣେ ?"

ଗୁଡୁ କହିଥିଲା "ମୁଁ ଯେମିତି ନୂଆ ଷ୍ଟାଇଲ୍‌ରେ ତୋର କଲି କାଟିବି, ତୁ ବି ସେମିତି ତୋର ଏକ ନୂଆ ଷ୍ଟାଇଲରେ କାଟିକି ଦେଖେଇବୁ । "

ବବୁଲ ହଉ ଠିକ ଅଛି କହିବାରୁ ଗୁଡୁ ତାର କଲି କାଟିବା ଆରମ୍ଭ କରିଦେଲା ଓ ବବୁଲ ମଧ୍ୟ ଗୁଡୁର କାଟି ଦେଲା । ଏବେ ଆରମ୍ଭ ହେଇଗଲା ହସା ହସି । ବିଦ୍ୟାଳୟର ସମସ୍ତ ପିଲା ଦୁଇଜଣଙ୍କୁ ଦେଖି ହସିବା ଆରମ୍ଭ କରିଦେଲେ । ତା ପରେ ଗୁରୁଜୀଙ୍କ ପାଖକୁ କଥା ଯିବାରୁ ବହୁତ ବାଡେଇ ଥିଲେ ଗୁରୁଜୀ ।

ଘରକୁ ଫେରିବାରୁ ବୁହେ ଗାଳି ଖାଇଥିଲେ ବାପା ମାଆଙ୍କ ଠାରୁ । ବାପା ଗାଳି ଦେବାରୁ ବବୁଲ ହସିଦେଇ କହିଲା, "ବାପା ବାପା ଗୁଡୁ ପରା ମୋତେ ଓଡ଼ିଆ ହିରୋ କରିଦେଇଛି ।"

ବାପା ଛେନା ଗୂଡ଼ କହିକି ଦେଲେ ଗୋଟିଏ ଜବଡା । ବବୁଲ କହିଲା ବାପା ମୋତେ ମାରିଲ କାହିଁକି । ମୁଁ ବି ତାକୁ ହିରୋ କରିଦେଇଛି । ସେଦିନ ଗଲା ତା ପରେ ଦିନେ ବିଦ୍ୟାଳୟରୁ ଫେରୁଛନ୍ତି ଦୁଇଜଣଙ୍କ ପଛରେ ଗୋଟିଏ କୁକୁର ହାତ ଧୋଇକି ପଡିଗଲା । ଆଉ ପିଛା ଛାଡିଲା ନାହିଁ । ଆଗରେ ଦଉଡି ଦଉଡି ଚାଲିଛନ୍ତି ଗୁଡୁ ଆଉ ବବୁଲ ଓ ପଛରେ ଦୌଡ଼ିଛି କୁକୁର । କିଛି ବାଟ ଗଲା ପରେ କୁକୁର ଟିକେ ଧୀର ହୋଇଗଲା । କାରଣ କୁକୁର

 Magazine Downloaded from www.aahwaan.com

ନିଜ ରହୁଥିବା ସ୍ଥାନରେ ସିଂହ ଭଳି ଆଉ ତା ସ୍ଥାନ ପାରି ହୋଇଗଲେ ନିଜ କୁକୁର ଅବସ୍ଥାକୁ ପଳେଇ ଆସେ । କୁକୁର ରହିଯିବାରୁ ବବୁଲ କହିଲା ଗୁଡୁ କୁକୁର ହାରିଗଲା । ଗୁଡୁ କହିଲା ହଁ ମୁଁ ଜାଣିଛି ଆମ ସାଙ୍ଗରେ ପାରିବ ନାହିଁ ସେ । ହେଲେ ଦୌଡୁ ଦୌଡୁ ଗୁଡୁ ତା ବିଦ୍ୟାଳୟ ବହି ବସ୍ତାନି ଝୁଲାଟିକୁ ଖସେଇ ପକେଇଛି । ଏଣୁ ହସି ହସି କହି ଦେଲା ବୁଝିଲୁ ବବୁଲ ବସ୍ତାନି ଥିଲେ ଆମେ ହାରିଥାନ୍ତେ ତେଣୁ ବସ୍ତାନିକୁ ମୁଁ ପକେଇ ଦେଇଛି ସେଇ କୁକୁର ପାଖରେ । ସେ ନେଇକି ବସ୍ତାନିରେ ପାଠ ପଢୁ ମୋର ଆଉ ପଢିବା ଦରକାର ନାହିଁ । ବବୁଲ କହିଲା ତୁ ମୋତେ ଟିକେ କହିଥିଲେ ହେଇ ନଥାନ୍ତା ମୁଁ ବି ପକେଇ ଦେଇଥାନ୍ତି । ହଉ ଯାହା ହେଲା ହେଲା ତୁ ତୋ ବସ୍ତାନି ପକେଇ ଦେଇ ଆରାମରେ ଘରକୁ ଯିବୁ ଆଉ ମୁଁ ବସ୍ତାନି ଧରିକି ଯିବି । ନାଇଁ ନାଇଁ, ନାଇଁ ମ ! ମୁଁ ବି ଏଇ କିଆବୁଦା ମୂଳକୁ ପକେଇ ଦେଉଛି । ଏତିକି କହି ବବୁଲ ତା ବହି ବସ୍ତାନି କିଆ ବୁଦା ମୂଳକୁ ପକେଇ ଦେଲା । ଆଉ କହିଲା ଶିଆଳ ଭାଇ ମାନେ ତମେ ଏବେ ପାଠ ପଢ଼ । ମୁଁ ଆଉ ଏତେ ବୋଝ ବୋହି ପାରିବି ନାହିଁ ।

ଦୁଇ ସାଙ୍ଗ ଖୁସି ହେଇ ଘରକୁ ଫେରି ନିଜ ନିଜର ମାଆଙ୍କୁ କହିଲେ ମାଆ ମାଆ ଆମେ ଦାନ କରି ଦେଇଛୁ । ବବୁଲକୁ ତା ମାଆ ପଚାରିଲେ କଣ ହେଲା କିରେ ତୋ ବସ୍ତାନି କାହିଁ ଯେ ? ବବୁଲ କହିଲା ଜାଣିଛୁ ମାଆ ଶିଆଳ ବିଚରା ବର୍ଷେ ହେଲା ପଢିବ ପଢିବ ହେଉଛି ଆଉ ଦିନରେ ମୋତେ ଅନାଉଛି ଓ ରାତିରେ ବିଚରା ହୁକେ ହୁ ହେଉଛି । ହୁ କେ ହୁ ର ମାନେ ଜାଣିଛୁ ମାଆ ।

ହୁ କେ ହୁ ର ଅର୍ଥ ବବୁଲ ତୋ ବହି ବସ୍ତାନି ଦେ ମୁଁ ପାଠ ପଢିବି । ମାଆ ତ ଶୁଣି ଶୁଣି ପୁରା ରାଗିକି ଖପ୍ପା । ଦେଲେ ଗୋଟେ ଜାବୁଡା । ଯା ଏଇନେ ବହି ବସ୍ତାନି ନେଇକି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆସିବୁ । ନ ହେଲେ ବହୁତ ବଡେଇବି । ଚାଲ କଉଠି ପକେଇଛୁ ।

ସେହି ପରି ଗୁଡୁ ମଧ୍ୟ ତା ମାଆଙ୍କୁ କହିଲା ମାଆ ମାଆ କୁକୁରଟା ବହୁତ ଦିନ ହେଇ ଗଲାଣି ଖାଲି ପଢିବ ପଢିବ କହୁଛି । ଆଜି ମୋତେ ଛାଡିବାର ନାହିଁ । ତୋ ବହି ବସ୍ତାନି ଦେଇକି ଯା । ନ ହେଲେ କାମୁଡି ଦେବି । ଏମିତି କହି ମୋତେ ଓ ବବୁଲ୍କୁ ଗୋଡେଇଲ । ବହୁତ ଜୋରରେ ଦଉଡିଲା । ଶେଷରେ ମୁଁ କଣ କରି ପାରିବି କହିଲୁ ମାଆ । ମୋ ବସ୍ତାନି ତାକୁ ଦେଇ ଆସିଛି । ଶୁଣି ଶୁଣି ଗୁଡୁର ମାଆ ବହୁତ ରାଗରେ ପାଚି ଯାଇଥିଲେ । କହିଲେ ଏତେ ବୋକା ଦୁନିଆରେ କେହି ନ ଥିବେ । ତୋତେ କୁକୁର କହିବ ପାଠ ପଢିବି ତୁ ବହି ବସ୍ତାନି ଦେଇ ଦେବୁ । ଚାଲ କଉଠି ପକେଇଛୁ ତୋ ବହି ବସ୍ତାନି ।

ଏମିତି ଦୁଇ ସାଙ୍ଗ ନିଜ ନିଜର ବୋକାମୀ ପାଇଁ ବହୁତ ଗାଳି ମାଡ଼ ସହ ଟାହି ଟାପୁରା ସହିଥାନ୍ତି ।

ଦିନେ ଦୁଇ ସାଙ୍ଗ ବସି କଥା ହେଉଥିଲେ । ଗୁଡୁ କହିଲା ବବୁଲ ଜାଣିଛୁ କାଲି ଜୋରରେ ବର୍ଷା ହେବ । ବବୁଲ କହିଲା ହଁ ଯେ ହେଲେ ବହୁତ ଜୋରରେ ହୁଅନ୍ତାକି ଆଉ ବିଦ୍ୟାଳୟ ଯାଆନ୍ତେ ନାହିଁ କି ଗୁରୁଜୀ ବାଡେଇ ପାରନ୍ତେ ନାହିଁ । ହଉ କହିଲୁ ବବୁଲ ୟେ ଜଉ ପାଠଟା ନା ଆମର ହେଉ ନାହିଁ କାହିଁକି ?

ବବୁଲ କହିଲା " ବୁଝିଲୁ ଗୁଡୁ ସବୁ ଯଦି ପାଠ ପଢିବେ ତେବେ ଗଧ ହେବ କିଏ ଯେ ?" । ଆମର ତ ପାଠ ହେବନି ! ଆମ ସାଥରେ କାହିଁକି ଲାଗିଛନ୍ତି ଆମର ବାପା ମାଆ ଆଉ ସେ ଗୁରୁଜୀ ଓ ଗୁରୁମା ମଧ୍ୟ । " ହଁ ରେ ବବୁଲ ଗୁରୁଜୀ ଆଉ ଗୁରୁମା ଆମକୁ ବହୁତ ହଇରାଣ କରୁଛନ୍ତି । ଟିକେ କିଛି କହି ନ ପାରିଲେ କି ପଢି ନ ପାରିଲେ କି ଲେଖି ନ ପାରିଲେ କେମିତି ବାଡେଇ ଦେଇ ଯାଉଛନ୍ତି କହିଲୁ । ଇଛା ହୁଏ ତାଙ୍କ ହାତ ଆମ ଆଗରେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଛିଡି ପଡନ୍ତା କି !

ଆଜି ଗଣେଶ ପୂଜା ଆଉ ଦୁଇ ଜଣ ପୁରା ଖୁସି । ବବୁଲ କହିଲା ଗୁଡୁ ଠାକୁରଙ୍କୁ ଆମେ କିଛି ମାଗିବା । ତୁ କଣ ମାଗିବୁ ଗୁଡୁ ? ଗୁଡୁ କହିଲା ମୁଁ ଠାକୁରଙ୍କୁ ଡାକିବି " ଲଡୁ ଖିଆ ଗଣେଶ ପେଟୁଆ ମହାଦେବ । ତମେ ସବୁ ଦିନେ ଆମ ବିଦ୍ୟାଳୟକୁ ଆସ । ଗୋଟେ ଦିନ ବି ବନ୍ଦ ହେବନି । ତମର କଣ ବାପା ମାଆ ନାଁହାନ୍ତି ? ତମକୁ ମାରନ୍ତି ନାହିଁକି ? ଯଦି ମାରନ୍ତି ତେବେ ତମେ କାହିଁକି ଦୈନିକ ଆସିକି ଆମ ସ୍କୁଲରେ ହାଜିରା ପକାଉ ନାଁହ ଯେ । ଏମିତି ଗଲା ବର୍ଷ ଭଲରେ କହିଲି ଶୁଣିଲେ ନାହିଁ କିନ୍ତୁ ଆଜି ଗାଳି ଦେଇ କହିବି ତୁ ମରିଯା ଗଣେଶ ପେଟୁଆ । ତୁ ଏମିତି ଦୈନିକ ଆମ ବିଦ୍ୟାଳୟକୁ ଆସିବୁ ଆଉ ଆମେ କେତେ ମଜା କରୁଛୁ । ତୋର କଣ ଟିକେ ସାଧାରଣ ଜ୍ଞାନ ନାହିଁ ଗଣେଶ ପେଟୁଆ । ନ ହେଲେ ମୁଁ ମାଙ୍କଡ଼କୁ କହିବି ତୋ ଲଡୁ ସବୁ ମାଙ୍କଡ ଖାଇ ଦେବ । ଏମିତି କଥା ହେଇ ଦୁଇ ଜଣ ସଜ ପୋଷାକ ହେଇ ବିଦ୍ୟାଳୟକୁ ଗଲେ ।

ଖୁବ ସୁନ୍ଦର ସଜାଣି ହେଇଛି ଓ ମାଇକି ବାଜୁଛି ତା ସହିତ ନାନା ବ୍ୟଞ୍ଜନ ରୋଷେଇ ଚାଲିଛି । ଦୁଇ ସାଙ୍ଗ ବିଦ୍ୟାଳୟରେ ପହଞ୍ଚି ଟିକେ ଚାରିଆଡେ ବୁଲି ଆସିଲେ । ଗୁଡୁ କହିଲା ହଇରେ ବବୁଲ ଏମିତି ଯଦି ଦୈନିକ ହୁଅନ୍ତା କେମିତି ହୁଅନ୍ତା କହିଲୁ । ୟେ ବହି ବସ୍ତାନି ଗୁଡାକ ବୋଝ ହେଇ ଗଲେଣିରେ । ବବୁଲ କହିଲା ଏଇ ଦେଖିଲୁ ଦେଖିଲୁ କେତେ ସୁନ୍ଦର ନାଚୁଛି ସେ ଝିଅଟା କେତେ ସୁନ୍ଦର ନାଚୁଛି । ହଁ ତ ଭଲ ନାଚୁଛି ରେ ବୋଲି କହିଲା ଗୁଡୁ । ନାଚ କାର୍ଯ୍ୟକ୍ରମ ପରେ ଆରମ୍ଭ ହେଇଥିଲା କୁଇଜ ପ୍ରତିଯୋଗିତା ଓ ତା ପରେ ଦିଆ ଯାଇଥିଲା ପୁରସ୍କାର । ଯିଏ ଭଲ କଲା ପାଇଲା ନାନା ଜାତିର ପୁରସ୍କାର । ପୁରସ୍କାର ବିତରଣ ଦେଖି ମନ ଲାଖି ଯାଇଥିଲା ଦୁଇ ପିଲାଙ୍କର । ଆମେ ବି ଭଲ ପଢିବା

 Magazine Downloaded from www.aahwaan.com

ବଦମାସି କରିବା ନାହିଁ ବୋଲି ଦୁଇ ସାଙ୍ଗ ଶପଥ କରି ନେଇଥିଲେ ଗଣପତି ବାବାଙ୍କ ପାଖରେ । ତା ପର ଠାରୁ ଗୁରୁଜୀ ଯାହା ଦିଅନ୍ତି ଶିଖିବାକୁ ଓ ଲେଖିବାକୁ କେହି ଶୁଣି ନାଁହାନ୍ତି ବବୁଲ ଆଉ ଗୁଡୁ କରି ନାହାନ୍ତି ବୋଲି । ଏବେ ନାଚରେ ହେଉକି କୌଣସି ପ୍ରତିଯୋଗିତାରେ ଏଇ ଦୁଇଟି ପିଲା ପ୍ରଥମ କି ଦ୍ୱିତୀୟ ସ୍ଥାନରେ ରହିଥିବେ ।

ବାପା: ରଞ୍ଜନ ପାଢ଼ୀ

ଜେନିଥ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟ ।

ଗଗନବାବୁ ଛକ , ଏଡ଼ତାଳ, ଭଦ୍ରକ

 Magazine Downloaded from www.aahwaan.com

# ଆଲାର୍ମ ଘଡ଼ି



ସନ୍ତୋଷ କୁମାର ନାୟକ

ମୁଁ ଆଲାର୍ମ ଘଡିକୁ ସବୁଠୁ ଅଧିକ ଘୃଣା କରେ କାରଣ ପ୍ରତିଦିନ ସକାଳ ସାତଟାରେ ସେ ମୋ ନିଦ ଭାଙ୍ଗିଦିଏ । ଖାଲି ନିଦ ନୁହଁ, ନିଦ ସହ ସ୍ୱପ୍ନକୁ ବି ଭାଙ୍ଗିଦିଏ । ମୁଁ ପ୍ରତି ରାତିରେ ନୂଆ ନୂଆ ସ୍ୱପ୍ନ ଦେଖେ, ହେଲେ ସବୁ ସ୍ୱପ୍ନ ଅଧୁରା କେବଳ ଏ ଆଲାର୍ମ ପାଇଁ । ଆଲାର୍ମ ବାଜିବା ମାତ୍ରେ ମୋ ଆଖି ଖୋଲିଯାଏ, ଆଉ ମୁଁ ଅଧଘଣ୍ଟା ଭିତରେ ମୋ ନିତ୍ୟକର୍ମ ସାରି ବସଷ୍ଟାଣ୍ଡକୁ ଦୌଡେ । ବସଷ୍ଟାଣ୍ଡରୁ ବସ୍ ଧରି ପହଞ୍ଚିଯାଏ ମୋର କର୍ମକ୍ଷେତ୍ରରେ । ତା' ପରେ ମୁଁ ହଜିଯାଏ ଟାଇପ୍ ମେସିନର ଧଡଧଡ ଶବ୍ଦ ଭିତରେ; ମୋ ଅସ୍ତିତ୍ୱ ଲୁଚିଯାଏ ବିଡାବିଡା ଫାଇଲ ଭିତରେ ।

ଏମିତି ସବୁଦିନ ଚାଲେ, ହେଲେ ସେ ଦିନ ଟିକିଏ ଭିନ୍ନ ଥିଲା । ସେଦିନ କେଜାଣି କାହିଁକି ଆଲାର୍ମ ବାଜିବା ପୂର୍ବରୁ ମୁଁ ଉଠି ଯାଇଥିଲି । ସାଢେ ଛଅ ଭିତରେ ମୋ ନିତ୍ୟକର୍ମ ସରି ଯାଇଥିଲା । ଭାବିଲି " ଆଜି ତ ଆଟଲିଷ୍ଟ ମୋତେ ଦୌଡିବାକୁ ପଡିବନି, ଚାଲିଚାଲି ଗଲେ ବି ମୁଁ ବସ୍ ପାଇଯିବି ।" ମୋର ରଙ୍ଗହୀନ କଳାଧଳା ୟୁନିଫର୍ମ୍ ପିନ୍ଧି ବସଷ୍ଟାଣ୍ଡ ଅଭିମୁଖେ ଚାଲିବାକୁ ଲାଗିଲି । ମୁଁ ସେଦିନ ହିଁ ପ୍ରଥମ ଥର ପାଇଁ ମୋ ସହରକୁ ନିରେଖି ଦେଖିଥିଲି । ଛୋଟ ଛୋଟ ପିଲାମାନେ ପିଠିରେ ବହିବସ୍ତାନି ଧରି ସ୍କୁଲ ଯାଉଥିଲେ; ଆଭିଜାତ୍ୟ ସମ୍ପନ୍ନ ବୟସ୍କମାନେ ସାଥିରେ ପୋଷା କୁକୁରକୁ ଧରି ମର୍ଣ୍ଣିଙ୍ଗଓକ୍ କରୁଥିଲେ; କ୍ଷୀରବାଲା ଘରଘର ବୁଲି କ୍ଷୀର ବାଣ୍ଟିବାକୁ ବାହାରି ପଡିଥିଲା ଆଉ ପେପରବାଲା ତାଜା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଖବର ସବୁ ବାଣ୍ଟି ଚାଲିଥିଲା । ସକାଳର ତାଜା ପବନ ମୋ ପାଇଁ ଏକ ଭିନ୍ନ ଅନୁଭୂତି ଆଣି ଦେଇଥିଲା । ମୁଁ ଧିରେ ଧିରେ ଆଗେଇ ଚାଲିଥିଲି । ହଠାତ୍ ମୋର ନଜର ପଡିଲା ଏକ ବିଲଡିଂ ଉପରେ । ବିଲଡିଂର ଦ୍ୱିତୀୟ ଫ୍ଲର୍ ବାଲକୋନିରେ ଶୁଖୁଥିଲା ଏକ ଲାଲ୍ ରଙ୍ଗର ଓଢଣୀ । ଲାଲରଙ୍ଗ ମୋର ଭାରି ପ୍ରିୟ । ଲାଲ୍ ରଙ୍ଗ କାହିଁକି ମୁଁ ସବୁରଙ୍ଗକୁ ଭଲପାଏ; ଖାଲି ଭଲ ପାଏନି ମୋର କଳାଧଳା ୟୁନିଫର୍ମକୁ । ଧିର ପବନ ସହ ତାଳଦେଇ ଓଢଣୀଟି ଦହଲୁଥିଲା ଆଉ ତାର ଲାଲ୍ ରଙ୍ଗ ମୋତେ ମୋର ପିଲାବେଳ କଥା ମନେପକାଇ ଦେଇଥିଲା । ମୁଁ ପିଲାବେଳେ ଚିତ୍ର ଆଙ୍କିବାକୁ ଭାରି ଭଲପାଉଥିଲି । ଲାଲ୍, ନୀଳ, ହଳଦିଆ ଭଳି ଗାଢ ରଙ୍ଗ ମୋତେ ଭାରି ଆକର୍ଷିତ କରେ । ଥରେ ରଙ୍ଗୀନ ଛବିଟିଏ ଆଙ୍କି ବାପାଙ୍କୁ ଦେଖାଇଥିଲି । ଆଶା ଥିଲା ବାପା ମୋତେ ଓ ମୋ ଛବିଟିର ଖୁବ୍ ପ୍ରଶଂସା କରିବେ । ହେଲେ ପ୍ରତି ବଦଳରେ ବାପା କହିଥିଲେ, " ଏସବୁ ଚିତ୍ର ଆଙ୍କି କିଛି ଲାଭ ନାହିଁ, ପାଠପଢ଼ାରେ ଧ୍ୟାନ ଦେଏ । ସେ ଦିନଠୁ ମୁଁ କେବଳ ପାଠପଢ଼ାରେ ହିଁ ଧ୍ୟାନ ଦେଇଥିଲି, ଆଉ ମୋର ଛବି ଆଙ୍କିବାର ନିଶା ସବୁଦିନ ପାଇଁ ମଉଳି ଯାଇଥିଲା । କିନ୍ତୁ ସେଦିନର ଲାଲ୍ ଓଢଣୀ ମୋ ମନ ଭିତରେ ମରିଯାଇଥିବା ଚିତ୍ରକରଟିକୁ ପୁଣି ଏକ ନୂଆ ଜୀବନ ଦେଇଥିଲା । କେଜାଣି କାହିଁକି ଛବି ଆଙ୍କିବାକୁ ଭାରି ଇଚ୍ଛା ହେଉଥିଲା । ଓଢଣୀଟିକୁ ଦେଖି ଦେଖି ମୁଁ ଆଗେଇ ଚାଲିଲି । ବସଷ୍ଟାଣ୍ଡରେ ବସ୍ ଲାଗିଯାଇଥିଲା ।ସେଦିନ ପ୍ରଥମ ଥର ପାଇଁ ବସରେ ଯାତ୍ରୀଙ୍କ ଭିଡ ମୋତେ ଭିଡ ଭଳି ମନେ ହେଉ ନ ଥିଲା । ମୁଁ କେବଳ ଭାବି ଚାଲିଥିଲି ଲାଲ୍ ଓଢଣୀ ଆଉ ତାକୁ ପିନ୍ଧୁଥିବା ଝିଅ କଥା । ମୋ ମନ ଭିତରେ ଲାଲ୍ ପରୀଟିଏ ଘର କରି ବସି ସାରିଥିଲା ।

ଅଫିସରୁ ଫେରିବା ବେଳେ ମୁଁ ଆଉ ବସରେ ଆସିଲିନି । ଚାଲିଚାଲି ଆସିଲି କିନ୍ତୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବାଲକୋନିରେ ସେଇ ଲାଲ୍ ଓଢଣୀଟି ଆଉ ନ ଥିଲା । କାହିଁକି ବା ଥିବ ଯେ ! ସେ ତ ଶୁଖିଯାଇଥିବ ଦିନର ପ୍ରଖର ଖରାରେ । ଫେରିଲା ବେଳେ ମୁଁ ବହି ଦୋକାନରୁ ଏକ ବଡ ଡ୍ରଇଂ କାଗଜ ଓ କିଛି ରଙ୍ଗ କିଣି ଆଣିଲି । ରୁମରେ ପହଞ୍ଚି ମୁହଁ ହାତ ଧୋଇ ବସିପଡିଲି ମୋର ସେଇ ଲାଲ୍ ପରୀଟିକୁ କାଗଜରେ ରୂପ ଦେବା ପାଇଁ । ଅନେକ ବର୍ଷ ପରେ ତୁଳୀ ଧରିଥିଲି, ମୋ ହାତ ଥରୁଥିଲା । ତଥାପି ଅତି ସତର୍କତାର ସହ ତୁଳୀଧରି ମୋର ମନର ମାନସୀକୁ ଆଙ୍କିବାକୁ ଲାଗିଲି । ସବୁ ଠିକ୍ ହେଲା, କିନ୍ତୁ ଚେହେରାଟି ଆଦୌ ଆଙ୍କି ପାରିଲି ନାହିଁ । କେମିତି ବା ଆଙ୍କିଥାନ୍ତି ? ମୋ ଆଖି ତ ସେଇ ଲାଲ୍ ପରୀଟିକୁ ଦେଖି ନ ଥିଲା । ଅନେକ ଚେଷ୍ଟା କଲି, ହେଲେ ପାରିଲିନି ।

ସେଦିନ ରାତିରେ ମୋତେ ନିଦ ହେଲାନି । ତା ପର ଦିନ ବି ମୁଁ ଜଲଦି ଉଠିପଡିଲି ଆଉ ମୋର ନିତ୍ୟକର୍ମ ସାରି ଅଫିସ ବାହାରିଗଲି । ଯିବା ବାଟରେ ବାଲକୋନି ଉପରେ ଦେଖିଲି ସେଇ ଲାଲ୍ ଓଢଣୀ । ମୋର ଇଚ୍ଛା ହେଉଥାଏ, ସେଇ ଘରଟିକୁ ଯାଇ ଦେଖି ଆସିବି ମୋର ଲାଲ୍ ପରୀଟିକୁ । କିନ୍ତୁ କେମିତି ଯିବି, କୋଉ ପରିଚୟ ନେଇ ଯିବି ?

ଏମିତି କିଛିଦିନ ଚାଲିଲା । ଅଫିସ ଗଲାବେଳେ ଓଢଣୀଟିକୁ ଦେଖିଥାଏ ଆଉ ଫେରିଲା ବେଳେ ତାକୁ ସେଠାରେ ପାଏନି । ଦିନେ ମୁଁ ସେଇଭଳି ଅଫିସ ଯାଉଥାଏ, ଦେଖିଲି ଓଢଣୀଟି ଖସିଯାଇ ରାସ୍ତାରେ ପଡିଅଛି । ତାକୁ ହାତରେ ତୋଳିନେଲି ଆଉ ଭାବିଲି ଓଢଣୀଟିକୁ ଫେରେଇବା ବାହାନାରେ ମୁଁ ମୋ ମନପରୀଟିକୁ ଦେଖି ଆସିବି । ଓଢଣୀଟି ଧରି ମୁଁ ପାହଚ ଚଢିବାକୁ ଲାଗିଲି । ପ୍ରତିଟି ପାହଚ ମୋ ମନରେ ନୂଆ ଉନ୍ମାଦନା ଭରୁଥିଲା । ମୋର ଅନେକ ଦିନର ସ୍ୱପ୍ନ ସତ ହେବାକୁ ଯାଉଛି । ଆଜି ବୋଧେ ଛବିଟିକୁ ମୁଁ ଠିକ୍ ଭାବେ ଆଙ୍କିପାରିବି । ଅଳ୍ପ କିଛି ସେକେଣ୍ଡରେ ମୁଁ ଦ୍ୱିତୀୟ ଫ୍ଲୋରରେ ପହଞ୍ଚି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯାଇଥିଲି । ରୁମଟି ଭିତରପଟୁ ବନ୍ଦ ଥିଲା । ବାହାରେ ନେମପ୍ଲେଟରେ ଲେଖାଥିଲା କେବଳ ଗୋଟିଏ ନାଆଁ 'ସ୍ୱପ୍ନା' । ଟାଇଟଲ୍ ନାହିଁ, କେବଳ ସ୍ୱପ୍ନା । ମୋତେ ଟିକିଏ ଅଡୁଆ ଲାଗୁଥିଲା, ତଥାପି ଭାବିନେଲି ଇଏ ବୋଧେ ମୋ ସ୍ୱପ୍ନ ନାୟିକା 'ସ୍ୱପ୍ନା' । କଲିଂବେଲ୍ ବଜାଇଲି । ଦୁଇ ମିନିଟ୍ ପରେ କବାଟ ଖୋଲା ହେଲା । ମୋତେ ଲାଗିଲା ସତେ ଯେମିତି ଏଇ ଦୁଇ ମିନିଟ୍ ପାଇଁ ମୋ ହୃଦସ୍ପନ୍ଦନ ବନ୍ଦ ହୋଇ ଯାଇଛି ।କବାଟ ଖୋଲୁଖୋଲୁ ମୁଁ ଓଢଣୀଟି ବଢେଇ ଦେଇ କହିଲି " ତଳେ ପଡି ଯାଇଥିଲା ମୁଁ ନେଇ ଆସିଲି ।" ସ୍ୱପ୍ନା ମୋ ହାତରୁ ଓଢଣୀଟି ନେଇଗଲା । ଓଢଣୀଟି ନେବା ବେଳେ ମୋ ଅଜାଣତରେ ମୁଁ ତା ହାତକୁ ସ୍ପର୍ଶ କଲି । ଏ ଯାଏଁ ମୁଁ ମୁହଁ ଉଠାଇ ସ୍ୱପ୍ନାକୁ ଦେଖି ନ ଥିଲି । ତା ହାତ କିନ୍ତୁ ମୋ ସ୍ୱପ୍ନନାୟିକାର ହାତ ଭଳି କୋମଳ ନଥିଲା । ହଠାତ୍ ମୁଁ ମୁଣ୍ଡଟେକି ତା' ମୁହଁକୁ ଦେଖିଲି । ବ୍ରଣଭରା ମୁହଁରେ କୃତ୍ରିମ ଲେପ, ଓଠରେ ଲିପଷ୍ଟିକ୍, ଆଖିରେ କଜଳ ଆଉ ଦୁଇ ଭ୍ରୁଲତା ମଝିରେ ଏକ ଛୋଟ ଲାଲ୍ ବିନ୍ଦି । ଅତ୍ୟାଧୁନିକ ରୂପଚର୍ଯ୍ୟା ସତ୍ତ୍ୱେ ସ୍ପଷ୍ଟ ବାରି ହୋଇ ପଡୁଥିଲା ଯେ ସେ ଝିଅ ନୁହେଁ । ସେ ରଙ୍ଗକୁ ଭଲପାଉଥିବା ରଙ୍ଗଟିଏ । ଆମ ସମାଜ ତାକୁ ମାଇଚିଆ, ହିଜଡା ବା ବେଜୁ ବୋଲି ଡାକେ ।

ମୁଁ ସ୍ୱପ୍ନାକୁ ଓଢଣୀଟି ଦେଇ ଫେରି ଆସିଲି । ତା ପରଠୁ ମୁଁ ଆଉ କେବେ ଜଲଦି ଉଠିନାହିଁ । ସାତଟାରେ ଆଲାର୍ମ ବାଜିଲେ ହିଁ ମୁଁ ନିଦରୁ ଉଠେ । ସେଦିନ ଈଶ୍ୱର ମୋ ସ୍ୱପ୍ନକୁ ଭାଙ୍ଗି ଦେଇ ଥିଲେ; ଆଉ ପ୍ରତିଦିନ ଏ ଆଲାର୍ମ ଘଡି ମୋ ସ୍ୱପ୍ନକୁ ଭାଙ୍ଗିଦିଏ ।

ବିଷମ କଟକ, ରାୟଗଡା

୭୬୫୦୧୯, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ରମା



ଦୁଷ୍ମନ୍ତ କୁମାର ମିଶ୍ର

(ଏକ ସତ୍ୟ ଘଟଣା ଉପରେ ଆଧାରିତ କାହାଣୀ)

ଶଙ୍କର ସେନାପତି, ପେଷାରେ ସି.ଡି.ଏମ.ଓ । ପରିବାର କହିଲେ ତିନି ପୁଅ ଓ ଗୋଟିଏ ଝିଅ । ରବି, ସୂର୍ଯ୍ୟ ଓ ତପନ ପୁଅ ତିନିପୁଅଙ୍କ ନାମ ଓ ରମା ଝିଅଟିର ନାଁ । ସାବିତ୍ରୀ ଦେବୀ, ଶଙ୍କର ବାବୁଙ୍କ ଧର୍ମପତ୍ନୀ । ପୁଅ ତିନି ଜଣ ଓଡ଼ିଶା ସରକାରଙ୍କ ଅଧୀନରେ ଜଣେ ଜଣେ ପଥମ ଶ୍ରେଣୀ ଅଧିକାରୀ । ଝିଅ ରମା ସବୁଠାରୁ ସାନ ଥିବାରୁ ଶଙ୍କର ବାବୁଙ୍କ ପାଖରେ ରହି ପାଠ ପଢେ ।

ଶଙ୍କର ବାବୁ ଓ ସାବିତ୍ରୀ ଦେବୀଙ୍କର ଟଙ୍କାପଇସାରେ ଅଭାବ ନଥାଏ । ଝିଅକୁ ଅତି ଗେଲ ଓ ଶ୍ରଦ୍ଧାରେ ଲାଳନ ପାଳନ କରନ୍ତି । ଝିଅର ଚାହିଦା ମୁତାବକ ସବୁ ଅଳିକୁ ପୁରଣ କରନ୍ତି ଶଙ୍କର ବାବୁ । ରମାର ପାଟିରୁ ବାହାରିବା କ୍ଷଣି ଯେନତେନ ପ୍ରକାରର ହେଉ ତାହା ଘରକୁ ଆସିଯାଏ । ଏଥିପାଇଁ ରମା କାହାକୁ ଖାତିରି କରେନାହିଁ । ଏମିତି ବି ସାଙ୍ଗ ସାଥିଙ୍କୁ ବି ସେ ପସନ୍ଦ କରେନାହିଁ ।

ଛୁଆ ଥିଲା ରମା, ଏସବୁ ଚଳିଯାଉଥିଲା । ଏବେ ସେ କଲେଜର ପ୍ରଥମ ବର୍ଷର ଛାତ୍ରୀ । ଦିନକୁ ଦିନ ପଇସାର ମୋହ ତଥା ଆଭିଜାତ୍ୟର ବଡ଼ିମାରେ ଅନ୍ଧ ହୋଇ ସବୁବେଳେ ନିଜର ବଡ଼ିମା ଦେଖାଇ ହୁଏ । ରମା ବି ଭଲ ପାଠ ପଢେ । ହେଲେ କ'ଣ ହେବ ? ସମସ୍ତଙ୍କ ଆଗରେ ତାର ବଡ଼ିମା, ବାହାଦୁରୀ ଗୁଣଯୋଗୁଁ କେହି ତାକୁ ଭଲ ପାଆନ୍ତି ନାହିଁ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଝିଅର ସ୍ୱଭାବ ଦିନକୁ ଦିନ ବଢିଚାଲେ, ଶଙ୍କର ବାବୁଙ୍କୁ ଜଣେ ଉଚ୍ଚ ପଦସ୍ଥ ଅଫିସର ହୋଇଥିବାରୁ କୌଣସି ଲୋକ ସାହାସ କରି ଝିଅ ରମାର ଅଭିଯୋଗ କହିପାରନ୍ତି ନାହିଁ । ଶଙ୍କର ବାବୁ କିନ୍ତୁ ଝିଅର ସମସ୍ତ ଅସାମାଜିକ ବ୍ୟବହାରକୁ ଲକ୍ଷ୍ୟ ରଖିଥାନ୍ତି ।

........ରମା ଓରଫ ରାଜଶ୍ରୀ ସେନାପତି । ସୁନ୍ଦର ଓ ମନଜିଣା ଚେହେରା । ଉଚ୍ଚତା ପାଞ୍ଚ ଫୁଟ ସାତ ଇଞ୍ଚ । ହଳଦୀ ଗୋରା ବର୍ଣ୍ଣ ଟଣା ଟଣା ଆଖି, ସୁକେଶୀ, ଗାଲ ଦୁଇଟି ପାଚିଲା ସେଓ ପରି ।

ମୋଟ ଉପରେ କହିବାକୁ ଗଲେ ରମା ବହୁତ ସୁନ୍ଦରୀ ଥିଲା । ଏହି ସୁନ୍ଦରକୁ ନେଇ ବି ରମାର ବହୁତ ଗର୍ବ । ଏମିତି ଗର୍ବ କରେ ଯେମିତି ସ୍ୱର୍ଗକୁ ହାତ ବଢ଼େଇ ସେ ଟାଣି ଆଣିବ ? ? ?

ଦିନକର ଘଟଣା ଶଙ୍କର ବାବୁ ଅଫିସ ଗାଡି ଧରି କୌଣସି ଏକ ଜରୁରୀ କାମରେ ବାହାରି ଯାଆନ୍ତି । ଝିଅ ଯେଉଁ କଲେଜରେ ପାଠ ପଢେ ସେଇ ବାଟେ ଶଙ୍କର ବାବୁ ଯାଉଥିଲେ । ହଠାତ ଦେଖିଲେ ତାଙ୍କ ଝିଅ ରମା, କଲେଜର ଗୋଟିଏ ପୁଅକୁ ରାସ୍ତା ଉପରେ ନିଜ ଗୋଡ଼ରୁ ଚପଲ ଖୋଲି ବାଡେଇ ବାରେ ଲାଗିଛି ।

ଶଙ୍କର ବାବୁ ଆଉ ସମ୍ଭାଳି ନପାରି ଗାଡିରୁ ଓହ୍ଲାଇ ସେଠାରେ ଉପସ୍ଥିତ ହୋଇଗଲେ । କଲେଜରେ ସି.ଡି.ଏମ.ଓଙ୍କୁ ଦେଖି କଲେଜ ପ୍ରିନ୍ସିପାଲ ସେଇ ସ୍ଥାନକୁ ଆସିଗଲେ । ପ୍ରିନ୍ସିପାଲ କହିଲେ ଆସନ୍ତୁ ଅଫିସରେ ବସି କଥା ହେବା । ସେଇଆ ହେଲା ଅଫିସରେ କଥା ହୋଇ ଜାଣିବାକୁ ପାଇଲେ ଝିଅ ରମା ସବୁଦିନ କିଛି ନା କିଛି ଏମିତି କାଣ୍ଡ କରେ । ଝିଅର ଏ ପ୍ରକାର ବ୍ୟବହାରରେ ଶଙ୍କର ବାବୁ ଲଜ୍ଜିତ ହେଲେ ଓ ଝିଅକୁ ଧରି ସେଦିନ ଛୁଟି ବାତିଲ କରି ଘରକୁ ଫେରିଆସିଲେ । ରମାକୁ ବହୁତ କଡା ଭାଷାରେ ପାଟି କରିଥିଲେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶଙ୍କର ବାବୁ, ହେଲେ ସାବିତ୍ରୀ ଦେବୀ ଝିଅକୁ ସପୋର୍ଟ କରିବାରୁ ଶଙ୍କର ବାବୁ ଆଉ ବେଶୀ କିଛି ନ କହି ଚୁପ୍ ହୋଇଗଲେ ।

ରମା ଏମିତି ସବୁବେଳେ କିଛି ନା କିଛି କରିବସେ । ବର୍ଷ ପରେ ବର୍ଷ ଗଡି ଚାଲେ । ରମା ଇତିହାସ ବିଷୟରେ ପି.ଜି.କରି ପ୍ରଥମ ଶ୍ରେଣୀରେ ପାଶ କରେ ।

ଶଙ୍କର ବାବୁ, ସରକାରୀ ଚାକିରୀରୁ ଅବସର ହୋଇଗଲେ । ପୁଅମାନେ ସମସ୍ତେ ମୋଟ ଅଙ୍କର ଦରମା ସହିତ ଶଙ୍କରବାବୁଙ୍କ ଅବସରକାଳୀନ ଗ୍ରାଚୁଇଟ ଓ ମାସିକ ପେନସନ । ଅବସର ନେଲେବି ଟଙ୍କାର କୌଣସି ଅଭାବ ଦେଖାଯାଏ ନାହିଁ ।

ଦିନେ ଶଙ୍କର ବାବୁ ଓ ସାବିତ୍ରୀ ଦେବୀ ଚିନ୍ତା କଲେ ଆଗେ ଆମେ ଝିଅ ରମାର ବାହାଘର କରିଦେବା ତାପରେ ପୁଅ ମାନଙ୍କୁ ବାହା ଦେବା । ସେଇଆ ବି ହେଲା । ରମା ପାଇଁ ବରପାତ୍ର ଖୋଜା ଚାଲିଲା । ଅବସର ପ୍ରାପ୍ତ ସି .ଡି.ଏମ.ଓ. । ତାଙ୍କ ଘରେ ବନ୍ଧୁ କରିବା ପାଇଁ ବହୁ ନାମୀ ନାମୀ ଆଭିଜାତ୍ୟ ସମ୍ପର୍ଣ୍ଣ ଘରର ପୁଅ ମାନଙ୍କର ଲବି ଲାଗିଲା । ଏମିତି ଲବି ଲାଗିଲା ଯେ ଶଙ୍କର ବାବୁଙ୍କ ଘରେ ପ୍ରାୟ ପ୍ରତିଦିନ କୁଣିଆ ଲାଗି ରହିଲେ ।

ରବିନାରାୟଣ ସେନାପତି, ଡାକ ନାମ ରବି । ସରକାରୀ କଲେଜର ପଦାର୍ଥ ବିଜ୍ଞାନର ଅଧ୍ୟାପକ । ପିତାମାତାଙ୍କର ଏକମାତ୍ର ସନ୍ତାନ ଥିଲା ରବି । ଚେହେରା ଅତି ଭଲ ନହେଲେ ବି ମନ୍ଦନୁହେଁ । ଦେଖିବାକୁ କୃଷ୍ଣବର୍ଣ୍ଣ । ଅତି ସାଧାସିଧା ମଣିଷଟିଏ । କାହାରି କଥାରେ ମୁଣ୍ଡ ପୁରାଇ ନାହିଁ ରବି । ନିଜ ଚାକିରୀ ଭଲ ତ ସେ ଭଲ । ଅଧ୍ୟାପକ ହିସାବରେ ବେଶ୍ ଜଣାଶୁଣା ।

ରବିର ବାପା କେଦାର ବାବୁ ଜଣେ ଅବସର ପ୍ରାପ୍ତ ଷ୍ଟେନୋ । ପୁଅର ଯୋଗ୍ୟତା ଦେଖି ଶଙ୍କର ବାବୁଙ୍କ ଘରେ ବନ୍ଧୁ ବାନ୍ଧିବା ପାଇଁ ଆସିଲେ । ଶଙ୍କର ବାବୁ ଓ ସାବିତ୍ରୀ

 Magazine Downloaded from www.aahwaan.com

ଦେବୀ ରବିର ସରଳ ପ୍ରକୃତି ଯୋଗ୍ୟତା ତଥା ଅଳ୍ପ ପରିବାର ଓ ରବିର ଚାକିରୀକୁ ଦେଖି ନିଜ ଝିଅ ରମାର ବିବାହ କରିବା ପାଇଁ ଇଚ୍ଛା କଲେ । ଝିଅ ରମାକୁ ଏହି ପ୍ରସ୍ତାବ ମା ସାବିତ୍ରୀ ଦେବୀ କହିଲେ । ରମା ହଁ, କି ନାଇଁ କିଛି କହିନଥିଲା । ଏଥିରୁ ଶଙ୍କର ବାବୁ ଜାଣିଗଲେ ଯେ ଝିଅ ଏ ପ୍ରସ୍ତାବରେ ରାଜି ।

.........ଶଙ୍କର ବାବୁ, ରବିର ବାପାଙ୍କୁ କଥାଦେଲେ ଯେ ଆପଣଙ୍କ ପୁଅ ସହିତ ମୋ ଝିଅକୁ ବିବାହ ଦେବା ପାଇଁ ରାଜି । ହଁ, ସମୁଦି ଡିମାଣ୍ଡ ପତ୍ର କଣ ତୁମର ଅଛି କୁହ ? ରବିର ବାପା କହିଲେ ମୋର କି ମୋ ପୁଅର କିଛି ଡିମାଣ୍ଡ ନାହିଁ । କେବଳ ରବି ଥରେ ଆସି ଝିଅକୁ ଦେଖିଯିବ । ତାପରେ ଆମେ ଆଗେଇବା ।

ରମାକୁ ଦେଖିବାକୁ ରବି ଆସିଥିଲା । ବାପାଙ୍କ କଥାରୁ ବାହାରି ନଯାଇ ରମାକୁ ଦେଖି ରବି ରାଜି ହୋଇଥିଲା ବିବାହ କରିବା ପାଇଁ । ରମା ମଧ୍ୟ ରବିକୁ ଦେଖି ରାଜି ହୋଇଥିଲା ନିଜ ଜୀବନ ସାଥୀ କରିବାକୁ ।

.....ବିବାହ ତାରିଖ, ଠିକ୍ ହୋଇଗଲା । ଝିଅ ରମା ପାଇଁ ଦାମୀ ଅଳଙ୍କାର ସହିତ ସମସ୍ତ ଜିନିଷ ପତ୍ର ଦେଇ ପିତା ଶଙ୍କର ବାବୁ ଝିଅକୁ ବିବାହ ଦେଲେ । ସମସ୍ତେ ଖୁସି ହୋଇଥିଲେ ବିବାହରେ । ରମା ଚାଲିଗଲା ଶାଶୁଘର । ତିନି ଭାଇ ରମାକୁ ଛାଡିବାକୁ ଯାଇଥିଲେ । ରବିର ଘର ପୁରୁଣା କାଳର । ଜଣେ ଷ୍ଟେନୋ ଯେପରି ଘରେ ଚଳିବା ପାଇଁ କରିଥାଏ ସେହି ପ୍ରକାରର ଘର, କିନ୍ତୁ ସମସ୍ତ ପ୍ରକାର ସୁବିଧା ଥାଏ । ବେଶୀ ଆଡ଼ମ୍ବର ପୂର୍ଣ ଘର ନୁହେଁ ।

ଘରକୁ ଦେଖି ରମା ଖୁବ୍ ବିରକ୍ତ ହୋଇଗଲା । ଭାବିଲା, ଏ ଘରେ ମୁଁ ସାରା ଜୀବନ କିପରି କାଟିବି ?ଏମିତି ଅନେକ ପ୍ରଶ୍ନ । ଆଜି ରମାର ଚତୁର୍ଥୀ ରାତ୍ରୀ ! ଆଡ଼ମ୍ବରପୂର୍ଣ ସଜାଇ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୋଇଥିଲା ରମା, କିନ୍ତୁ ରବି ବେଶ୍ କିଛି ସଜାଇ ହୋଇ ନଥିଲା । ସାଧାରଣତଃ ଗୋଟିଏ ଧଳା ଧୋତି ଓ ଗଂଜି ଏବଂ ଧଳା ରଙ୍ଗର ତଉଲିଆ ଖଣ୍ଡେ ଦେହରେ । ରବିକୁ ଏପରି ବେଶରେ ଦେଖି, ରମା ରକ୍ତ ଚାଉଳ ଚୋବାଇବା ପରି ଜଣା ପଡୁଥିଲା । ସେ ଯାହାହେଉ ଚତୁର୍ଥୀ ଆଜି । ସେହି ରାତିରେ ରମା, ବହୁତ କିଛି ଶୁଣାଇଥିଲା ରବିକୁ । ରବି କହିଲା ତୁମେ ଯାହା ଚାଂହୁଛ ତାକୁ ମୁଁ ଆସ୍ତେ ଆସ୍ତେ ପୁରଣ କରିବି ।

ରମାକିନ୍ତୁ ଏଥିରେ ଶାନ୍ତି ନଥିଲା । ଚତୁର୍ଥୀ ରାତି ସେତେ ଭଲରେ କଟି ନଥିଲା । ରବି ନିରବରେ ସବୁ କର୍ଣ୍ଣପାତ କରି କଥାକୁ ସମ୍ଭାଳି ନେଉଥିଲା । ସକାଳୁ ଉଠି ରମା ରୋଷେଇ କରିବ କଣ ? ଗାଧୋଇ ପଡି ଶାଶୁଙ୍କୁ କହିଥିଲା ଚା ଆଣିବା ପାଇଁ । ନୂଆ ବୋହୁ, କିଛି ଜାଣିନି ଭାବି ଶାଶୁ ଚା ନେଇଥିଲେ ରମା ପାଖକୁ । ସେଠାରେ ରମା ବରାଦ ଦେଲା ଶାଶୁଙ୍କୁ ଯେ ମୋ ପାଇଁ ପରଟା, ଦହି ଓ ଅଣ୍ଡା ଆମେଲେଟ ବନାଇ ଆଣ ? ଶାଶୁ ଆଶ୍ଚର୍ଯ୍ୟ ହୋଇ ଚାହିଁଥାନ୍ତି ରମାର ମୁହଁକୁ !! ଆଉ ରମାକୁ କହିବାକୁ ପଡ଼ିଲାଣି, ଶାଶୁ ସବୁ ସମୟରେ ଖାଇବାକୁ ନେଇ ଦେଇଆସନ୍ତି ରମାପାଖରେ । ରବି କଣ କହିବ ? ?ନିଜ ଇଜ୍ଜତକୁ ଡରି ସମ୍ଭାଳି ନିଏ ।

ଆଜକୁ ପନ୍ଦର ଦିନ ହେବ ଆସିଲାଣି ରବି, ସରକାରୀ ଛୁଟି ସରି ଆଜି ସରିବ । କାଲି ସକାଳୁ ବାହାରିବ ରବି ନିଜ ଚାକିରୀ ସ୍ଥାନକୁ । ଏଖବର ଯେମିତି ରମା ଶୁଣିବାକୁ ପାଇଲେ ସେ ମଧ୍ୟ ରବିସଙ୍ଗେ ଯିବାକୁ ବାହାରିଲା । ଶାଶୁ ଶଶୁର ମନା କଲେ ଓ କହିଲେ ଦେଖ ଝିଅ ବାହାଘର ମାସେ ହୋଇନି ତୁ ଏବେ ଯାଇପାରିବୁ ନାହିଁ ? ପୁଅ ଆର ଥର ଆସିଲେ ତୋତେ ଆମେ ପୁଅ ସହିତ ପଠାଇ ଦେବୁ । ରମା ମାନି ନଥିଲା ଶଶୁରଙ୍କ କଥାକୁ । ବାହାରିଲା ରବି ସଙ୍ଗରେ ଓ ଗଲା ମଧ୍ୟ ।

 Magazine Downloaded from www.aahwaan.com

ଲେକ୍‌ଚରସ କଲୋନୀ, ସାଙ୍ଗ ଅଧ୍ୟାପକମାନେ ରମାକୁ ଦେଖି ଆଶ୍ଚର୍ଯ୍ୟ ! ଏତେ ଶୀଘ୍ର ରମା ଏଠାରେ । ସବୁ କଥା ସାଙ୍ଗ ମାନଙ୍କୁ କହିଲା ରବି । ସମୟ ଗଡିଚାଲେ । ନିଜର ଆଭିଜାତ୍ୟକୁ ଜାହିର କରେ ରମା । ସବୁ କଥାରେ ନିଜ ବାପଭାଇଙ୍କର ଏୟା ଅଛି, ତୁମର ନାହିଁ ତୁମେ ଏୟାକର । ଏମିତି ମାନସିକ ଅଶାନ୍ତି ଦିଏ ରବିକୁ । କିଛି ରୋଷେଇ କରେ ନାହିଁ ରମା, ବଜାରରୁ କଦଳୀ, ବ୍ରେଡ଼ ମଗାଇ ଖାଇନିଏ । ସନ୍ଧ୍ୟାରେ ରବି ଆସିଲେ ରୁଟି, ଡାଲମା କରେ ନିଜେ ଖାଏ, ରମାକୁ ଦିଏ । ଭଲ ରୋଷେଇ ତମେ ଜାଣିନା, ଖାଇ ଶିଖିଥିଲେ ସିନା କରି ଜାଣିଥାନ୍ତ ? ତୁମର କେତେ ଟଙ୍କା ଆୟ ଯେ ତୁମେ ଖାଇବ । ମୋ ବାପଘର କୁକୁର ଯାହା ଖାଏ ତୁମେ ତା ସାତ ଜନ୍ମରେ ପାଇବ ନାହିଁ ?? ହଁ କାଲି ଠାରୁ ଗୋଟେ ରୋଷେୟା ଠିକ୍ କର ? ଗୋଟିଏ କାର କିଣ ? ସହରରେ ଜାଗା ଓ ଘର ତିଆରି କର ? ମୁଁ ବାପଘରେ ଯେମିତି ଚଳି ଆସିଛି ତା ଠାରୁ ଏଠାରେ ଅଧିକରେ ଚଳିବି ?? ରମାର ଏପ୍ରକାର କଥା ଶୁଣି ରବି କହିଲା -ଆମେ ଆସ୍ତେ ଆସ୍ତେ ସବୁ କରିବା, ଏତେ ଶୀଘ୍ର ଏହା କଣ ସମ୍ଭବ ? ରବି ର କଥା ଶୁଣି ରମା, ଶଙ୍କର ବାବୁଙ୍କୁ ଫୋନ କରିକହିଲା ବାପା ମୋ ପାଇଁ ଗୋଟେ ରୋଷେଇ କରିବା ପିଲା ପଠାଅ ? ଶଙ୍କର ବାବୁ ସଂଗେ ସଂଗେ ରୋଷେୟା ପିଲାକୁ ପଠାଇଦେଲେ ।

ରମା ଆହୁରି ଫୁଲିଯାଇ ରବିକୁ କହିଲା-ଦେଖିଲ ଗୋଟେ ଫୋନ୍ ରେ କିପରି ପିଲା ଆସି ଘରେ ହାଜର । ରବି କିଛି କହି ନଥିଲା ରମାକୁ । ରମା, ରବିକୁ ପସନ୍ଦ କରେନି ? କାରଣ ରବି ପାଖରେ ପ୍ରଚୁର ପଇସା ନାହିଁ । ଦୁନିଆକୁ ସ୍ୱାମୀ, ସ୍ତ୍ରୀ ଭୂମିକା ଲିଭାଉଥିବା ରମା କେବେ ବି ସ୍ୱାମୀ ସହ ଶାରୀରିକ ସମ୍ପର୍କ ରଖେ ନାହିଁ । ରବି ଗୋଟିଏ ଘରେ ଶୋଇଲେ, ରମା ଅନ୍ୟ ଏକ ଘରେ ଶୁଏ । ରମାର ଉତ୍ପାତ ଦିନକୁ ଦିନ ବଢ଼ିଚାଲେ । କିଛି କୁହେନି ରବି । ଦିନେ ରମା ଜିଦି ଧରି ବସିଲା ଯେ-ଆଜି ତୁମେ କାରଟିଏ ଘରକୁ ଆଣିବ ।

 Magazine Downloaded from www.aahwaan.com

ରବି କହିଲା ଦେଖ ମୋର ତୁମ କଥା ମନେ ରହିଲା କିଛିଦିନ ପରେ ନିଶ୍ଚୟ କାର କିଣାହେବ ।

ରମା କିନ୍ତୁ ଏଥିରେ ଏକମତ ହୋଇପାରିଲା ନାହିଁ । ଭାଇ କି ଫୋନ କରି କାର ମଗାଇ ଦେଲା । ଡ୍ରାଇଭର ବି ରମାର ଭାଇ ପଠାଇ ଥିଲେ ।..

.......ଦୀର୍ଘ ସାତ ବର୍ଷ ଏପରି ଘଟଣା ଘଟି ଚାଲିଥାଏ । ସ୍ୱାମୀ, ସ୍ତ୍ରୀ କେବେ ଦୁଃଖ ଶୁଖ ହେବାର କେହି ଦେଖିନାହାନ୍ତି, କି ତାଙ୍କ ଭିତରେ ସ୍ୱାମୀସ୍ତ୍ରୀର ସମ୍ପର୍କ ନାହିଁ ।

ଦିନକର ଘଟଣା ରବି କହିଲା-ଆମ ଭବିଷ୍ୟତ ବଂଶଧର ପାଇଁ ଆମ କଣ ଦୁଇରୁ ତିନି ହେବାନି ? ରମା ବାଘୁଣୀ ପରି ଗୋଡେଇ ଆସି କହିଲା-ଯା, ଆଉ କାହାକୁ ବିବାହ କରି ଭବିଷ୍ୟତ ଚିନ୍ତା କରିବୁ ? ରବି ତଥାପି ନିଜ ଇଜ୍ଜତକୁ ଜଗି ସହିଗଲା ।

-----ସବୁ ଅଧ୍ୟାପକଙ୍କର ପାଞ୍ଚ ଦିନିଆ ଟ୍ରେନି ପାଇଁ ଚିଠି ଆସିଛି । ରବିବାବୁ ପାଞ୍ଚ ଦିନ ଦିଲ୍ଲୀରେ ଟ୍ରେନିଂ ନେବା ପାଇଁ ବାହାରି ପଡିଲେ ।

ରମା ଭାବିଲା ଏଠାରେ ରଖି ଲାଭ କଣ ? ଏଣୁ ବାପଘରୁ ଆଣିଥିବା ସବୁ ଜିନିଷକୁ ଧରି କ୍ୱାଟର୍ସକୁ ଚାବି ଦେଇ ସବୁ ଦିନ ପାଇଁ ବାପଘରକୁ, ଚାଲିଗଲା । ରମାବି ଏକଥା ଚିଠିରେ ଲେଖିଥିଲା ମୋତେ ଆଉ ଜୀବନରେ ଖୋଜିବ ନାହିଁ କି ମୁଁ ତୁମ ଠାରୁ କିଛି ଆଶା କରେନାହିଁ ।

ହଠାତ ରମାକୁ ଏପରି ଅବସ୍ଥାରେ ଦେଖି ଶଙ୍କର ବାବୁଙ୍କ ପ୍ରାଣବାୟୁ ଚାଲିଗଲା । କିଛିଦିନ ପରେ ସାବିତ୍ରୀ ଦେବୀ ଝିଅ ଚିନ୍ତାରେ ଆରପାରୁକୁ ଚାଲିଗଲେ ।

....ତିନି ଭାଉଜଙ୍କ ସହିତ ମିଶି ରମା କିଛିଦିନ ହସ ଖୁସିରେ କାଟିଲା । ଭାଇ ମାନେ ରମାକୁ ଅତି ସେହ୍ନ କରନ୍ତି । ଭାଇଙ୍କ ଭୟରେ ଭାଉଜ ମାନେ କିଛି କୁହନ୍ତି ନାହିଁ ।

 Magazine Downloaded from www.aahwaan.com

.....ଟ୍ରେନିଂରୁ ଫେରି ରବି ବାବୁ ଦେଖନ୍ତି ଯେ ଘରେ ତାଲା ପଡିଛି । ପାଖ ଅଧ୍ୟାପକଙ୍କୁ ପଚାରିଲେ ? ଅଧ୍ୟାପକ ବନ୍ଧୁ କହିଲେ ଆପଣଙ୍କ ସ୍ତ୍ରୀ ସବୁ ଜିନିଷ ନେଇ ବାପଘରକୁ ଚାଲି ଗଲେ । ରବିବାବୁଙ୍କର ମନଦୁଃଖ ହୋଇଥିଲା ସେଦିନ । ନିଜ କର୍ମକୁ ଆଦରି ରହିଥିଲେ । ରମାର ଚିଠିକୁ ପଢିଥିଲେ । ଚିଠିରେ ଲେଖାଥିଲା ଯେ -ଆଉ ରମାକୁ ଡାକିବନି ।

ଏମିତି ଏକା ଏକା ଚାଲିଗଲା ଦୀର୍ଘ ପଚିଶ ବର୍ଷ । ଏଥି ଭିତରେ ରବିର ବାପା ମା ସଂସାରରୁ ବିଦାୟ ନେଇଥିଲେ । ସେଦିନ ଥାଏ ୨୦୧୬ ମସିହା ଏପ୍ରିଲ ମାସ ତିରିଶ ତାରିଖ, ସବୁ ସରକାରୀ କର୍ମଚାରୀଙ୍କ ପରି ରବି ବାବୁ ଚାକିରିରୁ ଅବସର ନେଲେ । ଯାହା ପଇସା ପାଇଲେ ଗୋଟିଏ ଜଗନ୍ନାଥଙ୍କ ମନ୍ଦିର ତିଆରି କରି ଅବଶିଷ୍ଟ ଜୀବନ ସେଠାରେ ବିତାଇବା ପାଇଁ ଯୋଜନା କଲେ । ମୁଣ୍ଡର ବାଳ ଓ ନିଶ ଦାଢ଼ି ଲମ୍ବାଇ ବାବାଜୀ ବେଶ ଧାରଣ କଲେ ।

ଦିନକୁ ଦିନ ରମା ତା ତିନି ଭାଉଜଙ୍କ ଉପରେ ଜୁଲମ ଜାରି କରି ଚାଲୁଥାଏ । ଏପରିକି ତା ଭାଉଜଙ୍କ ବାପଘର ଭିକାରୀ, ଦରିଦ୍ର ଇତ୍ୟାଦି କହି ଗାଳି ଗୁଲଜ କରେ । ଭାଇମାନେ ସିନା ଭଉଣୀର କଥାକୁ ସହିବେ ? ଭାଉଜମାନେ ସହିବେ କାହିଁକି । ଏମିତି ଦିନେ ତିନି ଭାଉଜ କଥା ହେଲେ ରମା ଅପା ଯଦି ଆମ ଭିତରୁ କାହାକୁ ଜଣଙ୍କୁ କହିବେ, ଆମେ ତିନି ଜଣ ମିଶି ଭଲକରି ଶୁଣାଇଦେବା ।

....ସୁଯୋଗ ଅପେକ୍ଷାରେ ତିନିଭାଉଜ । ବଡ଼ ଭାଉଜକୁ ରମା କହିଲା -ମୋ ପାଇଁ ଗରମ ପାଣି କର ? ମୁଁ ଗାଧୋଇବି । ବଡ଼ ଭାଉଜ କହିଲେ ରୁହନ୍ତୁ ତୁମ ଭାଇ ଅଫିସ ଗଲାପରେ ମୁଁ ଗରମ ପାଣି କରିଦେବି । ଏତିକିରେ ରମା ବିରକ୍ତ ହୋଇ କହିଲା-ହାଇଲୋ ! ତୋର ତ ବଡ଼ ସାହସ ମୋ କଥା ଉପରେ ଜବାବ ଦେଉଛୁ ?

ବଡ଼ ଭାଉଜ କହିଲେ -ତୁମେ କିଏକି ? ତୁମକୁ ଆମେ ଦୟା ଦେଖାଇ ଘରେ ରଖିଛୁ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯେମିତି ଚଳିବା କଥା ଚଳ ? ନହେଲେ ତୁମ ରାସ୍ତା ତୁମେ ଦେଖ ?

କଥାଟା ବହୁତ ବାଧିଲା ରମାକୁ ? ଚିନ୍ତାକଲା ସେ ଆରେ ମୁଁ, ମୋ ଘର ସଂସାର ଛାଡି ଏମାନଙ୍କ ପାଖକୁ ଚାଲିଆସିଥିଲି, ହେଲେ ଏମାନେ ମୋତେ ଏପ୍ରକାର କଥା କହୁଛନ୍ତି । ଏମାନେ ବି କିଛି ଭୁଲ କହୁ ନାହାନ୍ତି । ମୁଁ କାହିଁକି ଏମାନଙ୍କ ପାଖରେ ପଡି ରହିବି ?

ମୋ ସ୍ୱାମୀ ଜଣେ ପ୍ରଫେସର । ମୋର ସ୍ୱାମୀଙ୍କର ଇଜ୍ଜତ ଅଛି ?

ମୁଁ ସେଠାକୁ ଚାଲିଯିବି ।

ସାନ ଭାଉଜ କହିଲା-ହେ ଅପା ସ୍ୱାମୀକୁ କୋଉ ତୁମେ ସୁଖରେ ରଖିଛ ଯେ ଯିବ ? ସେ ମୃତ କି ଜୀବିତ ଅଛନ୍ତି କେବେ ଦିନେ ପଚାରିଦେଇଛ ? ଆଜି ସ୍ୱାମୀ, ସ୍ୱାମୀ ହେଉଛ ?ତୁମେ ଜଣେ ବନ୍ଧ୍ୟା ନାରୀ, ତୁମ ମୁହଁ ଚାହିଁବା କଥା ନୁହେଁ ? ଶୀଘ୍ର ଆମ ଘରୁ ବାହାରି ଯାଅ ?

ରମା ସାନ ଭାଉଜ କଥା ସମ୍ଭାଳି ନପାରି ଦୁଇ ଚାପୁଡ଼ା ତା ଗାଲରେ ଲଗାଇ ଦେଲା । ସଂଗେ ସଂଗେ ତିନି ଭାଉଜ ମିଶି ରମାକୁ ଭଲକରି ବାଡ଼େଇଥିଲେ ।

ଏମିତି ଅବସ୍ଥାରେ ରବି ବାବୁଙ୍କ ଠିକଣା ଖୋଜି ଖୋଜି ଯାଇ ଲେକ୍‌ଚରସ କଲୋନୀରେ ରମା ପଂହଁଚିଗଲା । ଲୋକମାନେ ତାକୁ ଦେଖି ଛିଛାକର ହେଲେ ? କହିଲେ କୁଆଡେ ଆସିଲୁ । ରମା କେବଳ କାନ୍ଦୁଥାଏ । ବିକଳରେ କହିଲା-ମୋ ସ୍ୱାମୀ କେଉଁଠି ଅଛନ୍ତି ତାଙ୍କ ଠିକଣା ଦୟାକରି ଦିଅନ୍ତୁ ? ? ?

ରମାର ଏପରି ଅବସ୍ଥା ଦେଖି ଜଣେ ଅଧ୍ୟାପିକା କହିଲେ ସେ ଯେଉଁ ଜଗନ୍ନାଥଙ୍କ ମନ୍ଦିର ଦେଖୁଛ ସେଇଠାରେ ଜଣେ ବାବାଜୀ ରହୁଛନ୍ତି, ସେହି ତୁମ ସ୍ୱାମୀ । ରମା ଜଗନ୍ନାଥଙ୍କ ମନ୍ଦିର ଯାଇ ଦେଖେତ ! ଜଣେ ବାବାଜୀ ଅଛନ୍ତି, ଚିହ୍ନି ପାରିଲାନି ରମା ନିଜ ସ୍ୱାମୀ ରବିକୁ କେତେ ସମୟ ପରେ ରବିକୁ ଚିହ୍ନିଲା ରମା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରବିର ଗୋଡ଼ତଳେ ପଡି ଭୁଲ ମାଗିଲା ଓ କହିଲା ସ୍ୱାମୀ ଏବେ ଚାଲ ଆମେ ଆମ ଛୋଟ ଘରକୁ ଚାଲିଯିବା । ସଂସାର କରିବା । ଆଉ କିଛି ତୁମକୁ ମାଗିବିନି । ଏହା ସତ୍ୟ, ସତ୍ୟ, ସତ୍ୟ ।

ରବି କହିଲା-ବହୁତ ଡେରି କରିଦେଲ ? ଆଉ କିଛି ଲାଭ ହେବନି । ବୟସର ଶେଷ ସମୟରେ ଆଉ ମୁଁ ସଂସାର କରି ପାରିବି ନାହିଁ ? ଏୟା କହି ସେଇ ଜଗନ୍ନାଥଙ୍କ ମନ୍ଦିରରେ ରବିର ପ୍ରାଣବାୟୁ ଚାଲିଗଲା ।

-----ରମା ଏକାକୀ ବହୁତ କାନ୍ଦିଥିଲା ସେଦିନ । ଧିକାର କରିଥିଲା ନିଜ ଆଭିଜାତ୍ୟକୁ । ଜଗନ୍ନାଥଙ୍କ ନିକଟରେ ଭୁଲ ମାଗି ଅବଶିଷ୍ଟ ଜୀବନ ଠାକୁରଙ୍କ ସେବାରେ କଟାଇଥିଲା ରମା ।

ପ୍ରଧାନ ଶିକ୍ଷକ

ଓରିଙ୍ଗା, ବାଲିସାହି, ମଠକରଗୋଳା

ଢେଙ୍କାନାଳ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଲାବୋରାଟୋରୀରେ ରାତ୍ରୀ ଉଜାଗର



ସତ୍ୟପ୍ରକାଶ ସେଠୀ

ଅଧ୍ୟାପକ ଜୀବନରେ ଗୋଟେ ଉପକଥା, କିନ୍ତୁ ଲୋମହର୍ଷଣକାରୀ ଭାରି । ଭୟାନକ ସେ କାହାଣୀ । ଶୁଣିଲେ ଛାତି ମୁଣ୍ଡ ବିନ୍ଧି ଉଠିବ ନିଶ୍ଚୟ । ମୁଁ କିନ୍ତୁ କାହିଁକି କହିବି ? ଆପଣମାନେ ତ ପଢ଼ିଲେ ଘଟଣାଟି କେତେ ଆତ୍ମିକ ଓ ସତ୍ୟ ଅନୁସନ୍ଧିତ୍ସୁର ସତ୍ୟ ଉନ୍ମୋଚନ, ତାହା ଆପଣମାନେ ହିଁ କହିବେ । ମୁଁ କେବଳ ସତ୍ୟର ଉଜାଗର କରିବା କଥା ତାହା ହିଁ ତ କରିଛି ।

୧୯୭୮ ମସିହାର କଥା । ଏମ୍. ଏସସି. ପାସ୍ କରି ଲକ୍ଷ୍ମୀକାନ୍ତ ନାୟକ ଗଲେ ଅନୁଗୁଳ କଲେଜକୁ ଅଧ୍ୟାପନା ପାଇଁ । ପ୍ରାଣୀ ବିଜ୍ଞାନରେ ସେ ଅଧ୍ୟାପକ । ନୂଆ ଚାକିରୀ । ମନରେ ଭିନ୍ନ ପ୍ରକାରର ଉତ୍ସାହ ଓ ଉଦ୍ଦୀପନା ଭରି ରହିଥାଏ । ପୁଣି ଟୋକା ଲୋକ ତ, ତେଣୁ ସାତ ସିଂହର ବଳ । ହେଲେ ଖେଚଡଙ୍କର ସେ ଶିରୋମଣୀ । ସବୁ କଥାକୁ ହାଲକା ନିଅନ୍ତି । ଥଟ୍ଟା ମଜ୍ଜା କରି ଯେକୌଣସି ଗମ୍ଭିର ଓ ସମ୍ବେଦନଶୀଳ ବିଷୟକୁ ମଧ୍ୟ ସେ ହସିକି ଉଡେଇ ଦିଅନ୍ତି । ସହଜେ ତ ବୟସ କମ୍, ଏଇ ବୟସରେ ପ୍ରାୟତଃ ସମସ୍ତେ ଏଇମିତି । ଯେମିତିକି ଏକାବେଳକେ ପାହାଡ଼ଟା ଖୋଳି ଓଲାଟାଇ ପକେଇବେ , ଭାରି ପାରିବାର ପଣିଆ ଦେଖାନ୍ତି - ଏମାନେ । ଫୁଟାଣି ଟିପ୍ପଣୀ ସବୁ ମାରନ୍ତି । ଅଭିଜ୍ଞ ଓ ବୟସ୍କ ମାନଙ୍କ କଥାକୁ ବଡ଼ ଅକ୍ଲେଶରେ ବାଏଁ ବାଏଁ ଉଡେଇ ଦିଅନ୍ତି । ହେଲେ ବାସ୍ତବତା ବୁଝିଲା ବେଳକୁ ସବୁ ଶୂନ୍, ସେ ଦମ୍ଭୋକ୍ତି ଓ ମୁହଁ ଭୂରି ଆଉ ବେଳକୁ ନଥାଏ ।

ଲକ୍ଷ୍ମୀକାନ୍ତ ନାୟକ ଡାକରା ପାଇ ଗଲେ ଅନୁଗୁଳ କଲେଜ । ସେଠି ନୂଆ ଚାକିରୀରେ

ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

ଜଏନ୍ କଲେ । ହାତରେ ଛୋଟ ବେଡିଂଟେ, କିଛି ଲୁଗାପଟା, ସାମାନପତ୍ର କେତୋଟି ଓ କାଗଜପତ୍ର କେଇଖଣ୍ଡ ମାତ୍ର । ହଠାତ୍ କେଉଁଠି ରହିବେ ଭାଳେଣି ପଡ଼ିଥାଏ । ବଡ଼ବାବୁ କହିଲେ- "ଲାବୋରଟୋରୀରେ ଗୋଟେ ବେଡ୍ ପଡ଼ିଛି, ସେଇଠି ରାତିକ ରହିଯାଅ ! ତା' ପରେ ଘର ଫର୍ ନେଲେ ଯାହା ହେବ ଦେଖିବା, ଗେଟ୍ ପାଖରେ ତ ଦରୱାନ୍ ରହୁଛି, କେଉଁଠି କିଛି ଦରକାର ହେଲେ ତା' ହାତରେ ମଗେଇ ନେବେ" ।

ସାହସୀ ବିଜ୍ଞାନୀ ମଣିଷ ଜୀବନରେ ଆରମ୍ଭ ହେଲା ନୂଆ ଅଧ୍ୟାୟ । ରାତିକ ଭଲରେ କଟିଲା, ସେଇଠି କିଛି ଦିନ ବିତିଗଲା । ଭାବିଲେ – "ପି. ଏ. ସି. ତ ଏଯାଏଁ ଦୃଢ଼ୀକରଣ (confirm) ହୋଇ ନାହିଁ, ଆଗ ହୋଇଯାଉ ତା'ପରେ ଦେଖିବା । ନହେଲେ ଅଯଥାରେ ଘର ନେଇଥିବେ, ଦେଖିଲା ବେଳକୁ ପୁଣି ବଦଳି ଫଳ ଭୋଗିବାକୁ ପଡିପାରେ । ତେଣୁ କନଫାର୍ମ ପରେ ଯାଇ ଘର ଦ୍ୱାର ଯୋଗାଡ଼ କରିବାକୁ ମନସ୍ଥ କଲେ । ସେଯାଏଁ ମାଡ଼ି ମକଚି ହୋଇ ଏଇଠି ଏଡଯଷ୍ଟ କରିନେଲେ, କାମ ଶେଷ ।

ସେଦିନ ଭାରି ବର୍ଷା ପବନର ରାତି । ବିଜୁଳି ଓ ଘଡଘଡି ଖାଲି ଚମକୁଥାଏ । ଅନ୍ଧାରିଆ ବାଦଲ ଭରା ଆକାଶ, ଦେହରେ ଭିତ୍ତି ସଞ୍ଚାର କରୁଥାଏ । ବର୍ଷଣ ମୁଖର ନିଝୁମ୍ ଶୂନ୍‌ଶାନ୍ ରାତି ତ ଯେକୌଣସି ବସ୍ତୁର ବି ଭିତ୍ତି ପ୍ରସ୍ତର ଦୋହଲାଇ ରଖିଦେଇ ପାରେ, ଏ ତ ଛାର୍ ମଣିଷର କଥା, କିଏ ବା ପଚାରେ । ଆସନ୍ନ ବାତ୍ୟାର ଆଶଙ୍କା କରି, ବିଦ୍ୟୁତ୍ ବିଭାଗ ହୁଏତ କରେଣ୍ଟ କାଟି ଦେଇଥାଇପାରେ । ପବନର ବେଗ ତ ଶହେ ଉପରେ ହେବ କି କ'ଣ । ଗଛପତ୍ର ଖାଲି ରଡ଼ରାଡ଼ ଡାକି ଭାଙ୍ଗି ଯାଉଥାଏ । ଗଛର ପତ୍ର ସବୁ ପତପତ ହୋଇ ଖସୁଥାଏ । ବରକୋଳିଆ ଟୋପା ସବୁ ଝଡୁଥାଏ । ପତ୍ର ଉପରେ ପାଣି ପଡି ଟପଟପ ଶବ୍ଦ ହୋଇ ଛନକା ପଶୁଥାଏ । ତେଣୁ ତାର ଖୁଣ୍ଟିଗୁଡା ସବୁ ଉପୁଡ଼ି ପଡିଥିବ ଓ ତାର ଗୁଡିକ ସବୁ

 Magazine Downloaded from www.aahwaan.com

ରାସ୍ତାରେ ବିଛାଡି ହୋଇ ନିଶ୍ଚୟ ପଡ଼ିଥିବ । ଏତେବେଳେ ଆଉ ଲାଇନ୍ କଥା କିଏ ବା ଚିନ୍ତା କରିବ ? ତେଣୁ ରାତିକ ଅନ୍ଧାରରେ କଟିବାଟା ସ୍ଥିର ନିଶ୍ଚୟ ଜାଣ । ଏଭଳି ପାଗରେ ବରଂ ଘୋଡେଇ ଘାଡେଇ ହୋଇ ଶୋଇ ପଡିବା ଭଲ । କିନ୍ତୁ ବାହାରକୁ ବାହାରି କିଛି ଲାଭ ନାହିଁ । ଖାଲି ଦେହ ପୀଡା ଓ ପ୍ରାଣହାନୀ ।

ବରଂ ନିଢଳ ନିଦର ନିବିଡ଼ ସ୍ପର୍ଶରେ ରାତିଟା ସ୍ୱପ୍ନ ମହଲରେ ହଜେଇ ଦେଲେ ବହୁତ ଭଲ ।ଏଭଳି ଭାବି ବିଛଣାରେ ଲେଟଇ ଶରୀରଟାକୁ ଶୋଇ ଗଲେ । ଲାବୋରଟୋରୀରୁ ଆଉ ବାହାରି ନାହାଁନ୍ତି କି ଖାଇବା ପାଇଁ ମଧ୍ୟ ଯାଇ ପାରିଲେ ନାହିଁ । ରାତିଟା ଆହୁରି ଗାଢରୁ ଗାଢତର ହେଉଥାଏ । ଚାରିଆଡ଼େ ନିଶା ଗର୍ଜିଉଠୁଥାଏ ।ସେ ଟିକିଏ ଉଠି ପଡ଼ି ପୁଣି ସରୁ ବେଡ୍ ସିଟଟା ଘୋଡେଇ ହୋଇ ଶୋଇ ପଡିଲେ ।

ନୂଆ ନୂଆ ମାସେ ହେବ ସେ ବାହା ହୋଇଛନ୍ତି । ତେଣୁ ପତ୍ନୀ ପ୍ରତି ମନରେ ବଡ଼ ସରାଗ ଥାଏ । ସଜୁ କଥା ମନେ ପଡିଯିବାରୁ ମନଟା ବଡ଼ କୁଲୁକୁଲୁ ହେଉଥାଏ । ଇଚ୍ଛା - ବର୍ଷଟା ଏବେ ଛାଡ଼ି ଯାଆନ୍ତା କି ସେ ଦୌଡ଼ି ଦୌଡ଼ି ଯାଇ ଘରେ ପହଂଚି ଯାଆନ୍ତେ । ଏତେ ରାତିରେ ପତ୍ନୀ ଦେଖି ବଡ଼ ସରାଗରେ କବାଟ ଖୋଲି ଦିଅନ୍ତେ । ସେ ନଖାଇପିଇ ଆଗ ତାଙ୍କ କୋଳରେ ଶୋଇ ଯାଆନ୍ତେ । ସେ ମୁଣ୍ଡ ଆଉଁଷି ଦେଉଦେଉ କେତେ ସୁନ୍ଦର ସୁଭାଷଣ ଦେଇଥାନ୍ତେ । ମନ ପ୍ରଫୁଲ୍ଲିତ ହୋଇ ଉଠନ୍ତା । ଇଏ ଟିକିଏ ଦୁଷ୍ଟାମି କରିବାକୁ ଯାଇ ତାଙ୍କ ମୁହଁ ଉପରୁ ଓହଳି ପଡ଼ିଥିବା ଚୁଟିଟାକୁ ଟାଣି ଦିଅନ୍ତେ, ସେ ଖିଲିଖିଲି ହୋଇ ହସି ଉଠନ୍ତେ । ଏଇମିତି ମଣିଷ ଅବାସ୍ତବ ପରିକଳ୍ପନା କରୁକରୁ ହଠାତ୍ ଗୋଟେ ଅଜବ ପ୍ରକାର ଖଡଖାଡ଼ ଶବ୍ଦ ହେଲା । ସେ ଧଡ଼ଧାଡ଼୍ ହୋଇ ଉଠିପଡ଼ି ଚାରିଆଡକୁ ଚାହିଁଲେ । କାହିଁ କିଛି ଜଣା ପଡିଲା ନାହିଁ । ଟର୍ଚ୍ଚ ପକେଇ ନିଖାରି ଦେଖିଲା ବେଳକୁ ପାଖରେ କାଚ ବାକ୍ସ ଭିତରେ ଚାବି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପଡି ବନ୍ଦଥିବା କଙ୍କାଳଟି ଭାରି ଯୋହରସେ ଦୋହଲୁଛି ।ଯେମିତି ଦାନ୍ତ କଡ଼ମଡ଼ କରି ସେ ତାଙ୍କରି ଆଡକୁ ଚାହିଁ ରହିଛି । ଏ ଅସ୍ୱାଭାବିକ ଶବ୍ଦରାଜି ତାଙ୍କ ମନ ଇଲାକାରେ ଅସମ୍ଭବ ପରିବର୍ତ୍ତନ ଆଣିଥିଲା, ଯାହାକୁ ହୁଏତ ବୟାନ କରିବା ଏତେଟା ସହଜ ନୁହେଁ । ସେ ଭୟ ପାଇବାକୁ ଆରମ୍ଭ କଲେ । ମନରେ ଡର ପଶିଗଲା । ମନେ ମନେ ଭାବୁଥାନ୍ତି, ପଢିଲା ବେଳେ ତ ଜଣେ ଲାବୋରେଟାରୀଆନ୍ କହୁଥାନ୍ତି – "ରାତିରେ ଲାବୋରଟୋରୀରୁ କଙ୍କାଳ ଓ ପ୍ରେତାତ୍ମା ଗୁଡାକ ସବୁ ବାହାରି କୁଆଡ଼େ ନାଚନ୍ତି । ଭାରି ଅଥୟ କରନ୍ତି । ଏକୁଟିଆ ପାଇଲେ ନାନା ହଇରାଣ ଓ ହରକତ ମଧ୍ୟ କରିପାରନ୍ତି" । ସେଦିନ ସେ ତାଙ୍କୁ କେତେ ତାଛଲ୍ୟ କରିଥିଲେ । ଆଜି କିନ୍ତୁ କଥାଟି କିଞ୍ଚିତ୍ ସତ୍ୟବୋଧ ହେଉଛି । ସେ ବିଛଣାରୁ ଉଠିଲେ ହାତରେ ଟର୍ଚ୍ଚଟା ଧରି – "ଏ ବାହାଦୁର ! ବାହାଦୁର ! ! ମାତାଲ ସିଂ କୁଆଡ଼େ ଗଲୁ ! ହୁଡ଼ି ପକାଇଥାନ୍ତି । ଜବାବ ନମିଳିବାରୁ ଗେଟ୍ ପାଖକୁ ଆସିଗଲେ । ଦେଖିଲେ ଗେଟ୍ ଟା ବାହାରୁ ତାଲା ପଡିଛି, ମାତାଲ ସିଂ ନାହିଁ । ଏଇ ମାତାଲ ସିଂଟା ଭାରି ଠକ । ଯେତେବେଳେ ମନ ହେବ ରାତି ଅଧରୁ ଉଠି ତା' ସ୍ତ୍ରୀ ବୁଢିନ ପାଖକୁ ଚାଲିଯାଏ । ନହେଲେ ହାଣ୍ଡିଆବାଲି ବୀର୍ ସିଂ ମୁଣ୍ଡା ମାଆ ପାଖକୁ ଯାଇଥିବ । ଏ କଥାଟା ସେ ତ ଦିନେ ତା ମୁହଁରେ କହୁଥାଏ – "ନାଇଁ ବାବୁ ! ସବୁ ଦିନେଟା ନୂହେଁମ, ଏମିତି ଥୁରେ ଥୁରେ ମନ ହେଲେ ହଁ ଯିବୋଟା" ।

ମନେ ମନେ ଅଧ୍ୟାପକ ରାଗି ଆସୁଥିଲେ । ନିଜକୁ ନିଜେ କହିହେଲେ – ରାତି ପାହି ଆସୁ, ସେ ମାତାଲ ସିଂ କଥାଟା ବିଚାର କରିବେ । ପ୍ରିନ୍ସପାଲଙ୍କୁ କହି ଏମିତି ପାନେ ଦେବେ ଯେ ଏକା ଥରେକେ ମଜ୍ଜା ପାଇବ । ଚାକିରୀ ଖଣ୍ଡକ ଗଲେ ଯାଇ ପୁଅ ବୁଦ୍ଧି ଶିଖିବ" ।

ହେଲେ ମୁଣ୍ଡରେ ଚଡକ- ଏକଲା କେମିତି ଏତେ ବଡ ରାତିଟା ଗୁଜାରିବେ ? ରାତିଟା ଆଗ ଜୀବନ ବଞ୍ଚିଲେ ତ ତା'ପରେ ଯାଇ ଯୋଉ କଥା । ବୁଦ୍ଧିବାଟ କିଛି କାହିଁ ଦିଶୁ ନଥାଏ,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଉପାୟ ବି ତ ନାହିଁ । ବାହାରେ ତ ଭୀଷଣ ବର୍ଷା, ମୁହଁକୁ ମୁହଁ ଦିଶୁ ନାହିଁ । ଖାଲି ଅଯଥାରେ ବର୍ଷାରେ ଭିଜି ତିନ୍ତି ଗଲେ ସିନା, ହେଲେ ମାତାଲ ସିଂର ଦେଖା ଅଛି ନା ଏଠୁ ମୁକୁଳିବାର ଭିନ୍ନ କିଛି ଉପାୟ । ଡର ଭୟ ନଥାଉ ପଛେ, ଏକଲାପଣ ଭୂତଟା ପରା ଗୋଡାଇ ଖାଏ ।

ଉଚ୍ଚା ବାଉଣ୍ଡ୍ରୀ ସାଙ୍ଗକୁ ଗେଟ୍ ରେ ଭୁଣ୍ଡା ତାଲା । ପୁଣି ବଜାର ଘାଟ ସବୁ ତ ବନ୍ଦ । ଏଠି ସେ ଆଉ କାହାକୁ ଚିହ୍ନିଛନ୍ତି ଯେ, କାହା ଘରକୁ ଯାଇ ରାତିଟା ମୁଣ୍ଡ ଗୁଞ୍ଜିବେ । ଏହିଭଳି କିଛି ଅନାବଶ୍ୟକ ଚିନ୍ତା ମୁଣ୍ଡରେ ଉଙ୍କାରି ଆସୁଥିଲା । ହେଲେ ଫାଇଦା କ'ଣ ? ବାହାରେ ତ ଭୀଷଣ ବର୍ଷା, ମୁହଁକୁ ମୁହଁ ଦିଶୁ ନାହିଁ ।ଖାଲି ଅଯଥାରେ ବର୍ଷାରେ ଭିଜି ତିନ୍ତିବା ସାର ହେଲା । ନିଜ ପ୍ରକୋଷ୍ଠକୁ ଫେରି ଆସି ପୋଛିପାଛି ହେଲାଠୁଁ ଜଣାପଡ଼ିଲା ଦେହକୁ ଟିକେ ଜ୍ୱର ଆସିଗଲାଣି । ହେଲେ ମନକୁ ଟିକେ ଦୃଢ଼ କଲେ ।ଦେହରେ ଚମକ ଆସିଯିବାରୁ ଛାତିରେ ପୁଳାଏ ଖଣ୍ଡ ଛେପ ପକାଇ ମନକୁ ବୋଧ ଦେଲେ । ଏଥର ଗୋଟେ ଚାଦର ଓ ବେଡ୍‌ସିଟ ଏକାବେଳକେ ମୁହଁ ଉପରେ ଢାଙ୍କି ଦେଇ ଘୋଡ଼େଇ ହୋଇ ଶୋଇପଡିଲେ ।

ଟିକିଏ ଛାଇ ନିଦଟା ଘୋଟି ଆସିଛି । ସେ ଅନୁଭବ କଲେ କଙ୍କାଳଟା କାଚରୁ ବାହାରି ଆସି ତାଙ୍କରି ପାଖରେ ଛିଡ଼ା ହୋଇଛି ମାନେ ଖୁବ୍ ପାଖରେ ।ହେଁ ହେଁ.... ହେଁ ହେଁ.. କୁରୁଳି ଉଠି ହସୁଥାଏ ଓ ନାକରେ କଥା କହୁଥିଲା ପରି ମନେହେଲା – “ରହିଥିଲେ ପୁଅ... ତୋତେ ମଜ୍ଜା ଚଖଉଁଛି...” ଏବେ ସେ ଦୁଇଟା ଯାକ ହାତ ବଢାଇଲା ତାଙ୍କ ଗଳା ଆଡକୁ ଓ ଦୁଇ ହାତରେ ତଣ୍ଟିଟାକୁ ଚିପି ଧରିଲା, କିନ୍ତୁ ସେ କଣ୍ଢେଇ ନାଚ ନାଚିଲା ପରିକା ଦୁଇ ପାହୁଲ ଗୋଟେ ତାଳରେ ତଳ ଉପର କରି ସେମିତି ହିଁ ହିଁ ହୋଇ ହସୁଥାଏ । ଅଧ୍ୟାପକ ଛାଡ଼ ଛାଡ଼ ବୋଲି ବହୁତ ଜୋହର୍ ଚିତ୍କାର ଛାଡୁଥାନ୍ତି । ଅବଶ୍ୟ କଥାଟା ନିଜ ବ୍ୟତୀତ ଆଉ କାହାକୁ ଶୁଭୁନଥାଇପାରେ । ଏଥର ପୂର୍ଣ୍ଣମାତ୍ରାରେ ଶକ୍ତି ଖଟେଇ ସେ ନିଜ ଦୁଇ ହାତରେ ତଣ୍ଟି

 Magazine Downloaded from www.aahwaan.com

ପରିବେଷ୍ଟିତ ତା' ହାତ ଦୁଇଟାକୁ ଛଡ଼େଇବାକୁ ଚେଷ୍ଟା କରୁଥାନ୍ତି । ତଣ୍ଟିଟା ଏଣେ ଚାପି ହୋଇଯାଉଥାଏ । ଶ୍ୱାସରୁଦ୍ଧ ହେଲା ପରି ମନେ ହେଉଥାଏ । ଶରୀରର ବଳ କେଉଁ ଆଡ଼େ ଭୂଶାୟିତ ହୋଇ ଯାଉଥାଏ । ତଥାପି ଆହୁରି ଶକ୍ତି ଲଗାଇ ତାହାର ଶକ୍ତ କବଜାରୁ ସେ ଏଥରକ ମୁକ୍ତି ପାଇବାକୁ ସକ୍ଷମ ହେଲେ । "ଓଃ ! କି ଶାନ୍ତି" ପାଟିରୁ ଅଗତ୍ୟା ବାହାରି ପଡ଼ିଲା । ନିଶ୍ୱାସ ଓ ପ୍ରଶ୍ୱାସ ଟିକିଏ ଫେରିଲା । ଛାତି କିନ୍ତୁ ଧଡପଡ ହେଉଥାଏ । ମୃଦୁ ଭୂମି କମ୍ପ ହେଲା କି କ'ଣ, ସେ ଧଡକିନା ଉଠି ପଡ଼ି ଟର୍ଚ୍ଚଟାକୁ ଆଗ ଅଣ୍ଡାଳି ହେଲେ । ଟର୍ଚ୍ଚଟା ପାଇଗଲାଠୁଁ ଆଗ ଜଳାଇ ଦେଖିଲେ । କାହିଁ କିଛି ତ ଜଣାପଡୁ ନଥାଏ । କଙ୍କାଳଟା ବି ତା ଜାଗାରେ ଠିକ୍ ସେମିତି ଅଛି । ହେଲେ ତାଙ୍କ ଆଡ଼କୁ ପୁନଃ ଦୃଷ୍ଟି ନିବଦ୍ଧ କରି ଚାହିଁ ରହିଥାଏ । ଅଧ୍ୟାପକ ଆଲୁଅଟା ଜାଳି ଦେଇଥିବାରୁ ତେରିମେରି ହୋଇ ତା ଉପରେ କ୍ରୋଧ ପ୍ରକାଶ କରୁଥାନ୍ତି । କଙ୍କାଳଟା ଆଡକୁ ଚାହିଁ କହୁଥାନ୍ତି – "ରହ ! ରହ !! କାଲି ତୋତେ ନେଇ ବାହାରେ ଫିଙ୍ଗି ଦେବି ଯେ ଏକାବେଳକେ ସବୁ ନାଟକ ଖତମ" । ହେଲେ ପରକ୍ଷଣରେ ଭାବିଲେ – "ଏହା କ'ଣ ତାଙ୍କର ମନରେ ଭ୍ରମ ନା ପ୍ରେତାତ୍ମାର ଅଦୃଶ୍ୟ କାଣ୍ଡ ? କାହିଁ ଆମ ବିଜ୍ଞାନରେ ପ୍ରେତାତ୍ମାର ସ୍ଥିତି ସମ୍ପର୍କରେ କିଛି ତ କୁହାଯାଇ ନାହିଁ, ବରଂ ଅସ୍ୱୀକାର କରାଯାଇଛି । " ?ଏବେ ବୁଢୀ ମା କଥାଟା ମନେ ପକେଇ ହାତଟାକୁ ନିଜ ନଖରେ ଚିମୁଟିକି ଦେଖିଲେ । ହଁ ତ କାଟୁଛି ତ । ବୁଢୀ ମା ପରା କହିଥିଲା – "ଭୂତ ପ୍ରେତ କଥା ସତ କି ମିଛ ଜାଣିବାକୁ ହେଲେ, ନିଜ ଶରୀରକୁ ଆଗ ଚିମୁଟିକି ଦେଖିବ, କାଟୁଛି ନା' ନାହିଁ । ଯଦି କାଟୁଛି, ତେବେ ଭୂତଟା ମିଛ ନୂହେଁ କି ସ୍ୱପ୍ନ ସବୁ ସତ ନୂହେଁ " । ଏଥର ଅଜଣା ଡରରେ ଶିହରିତ ହୋଇ ଉଠିଲେ । ତେବେ କ'ଣ ବୁଢୀ ମା'ର ଗପଗୁଡାକ ବି ସବୁ ସତ ଆଉ ସତ ଏ କଙ୍କାଳର ତାଣ୍ଡବ ନୃତ୍ୟ ? ମନେମନେ ଭଗବାନଙ୍କୁ ସୁମରଣା କଲେ –

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

"ହେ ମାଆ ବୁଢୀ ଠାକୁରାଣୀ ମୋତେ ତୁ ରକ୍ଷା କର । ତୋ ଦେହୁରିକୁ ଡାକି ତୋତେ ବରଂ ଗୋଟେ କୁକୁଡା ବଳି ଦେବି" । ସେଦିନ ଏମିତି କିଛି ପରା ମାତାଲ ସିଂ କହୁଥିଲା । ତାକୁ ଯେତେବେଳେ ପଚାରିଲେ – "ତୁ ତ ଏଠି ଏକଲା ଏଇମିତି ରହୁଛୁ ! ହେଲେ ତୋତେ କେବେ ଡର ଲାଗେ ନାହିଁନା ? ସେତେବେଳ ସେ କହିଲା -" ଆମେ ଡରିବୁ କାହେ ବାବୁ କି ! ଆମର ପରା ବୁଢୀ ଠାକୁରାଣୀ ଅଛିନା । ସେଇରି ଲାଗି ଆମେ କାହାକୁ ନାହିଁ ଡରେ, ସତ କହିମୁ ବାବୁ ! ଆରର ବରଷକେ ଆମେରଟା ପରା ତାହାର ଲାଗେ କୁକୁଡା ବଳି ଦେଇଛନ । ସେ ଆମର କିଛି ନାଇ କରେ " । ଏତେବେଳକୁ ବିଜ୍ଞାନୀ ମଣିଷର ସମସ୍ତ ଟାଣପଣ କୁଆଡ଼େ ମାଟିରେ ମିଶିଗଲା । ସେ ଦମ୍ଭୋକ୍ତି ଆଉ ନଥାଏ । ଦେହ ତାତିରେ ଖଇ ଫୁଟୁଥାଏ ।

ଏଥର ସେ ଦେହରୁ ଖୋଲି ଚାଦରଟା ସେ କଙ୍କାଳ ଉପରେ ଥରଥର ହୋଇ ପକାଇଦେଲେ । ଟିକିଏ ମନକୁ ଆଶ୍ୱସ୍ତି ବୋଧ ହେଲା । କାହିଁକିନା ଆଖି ସାମ୍ନାରେ ଆଉ ସେହି କଙ୍କାଳଟା ପଡ଼ିବ ନାହିଁ । ଗୋଟାପୁଣି ଢାଙ୍କି ହୋଇଯାଇଛି । କିନ୍ତୁ ବାତ୍ୟାରେ ଚଡଚଡ ଓ ରଡରଡ ଗଛ ଭାଙ୍ଗିବାର ଶବ୍ଦ ଓ ବର୍ଷାର ଟୁପୁରୁ ଟାପୁର ଶବ୍ଦ ସହିତ ଝରକା ଗୁଡ଼ାକର କେଉଁଠି ଠୋ ଠା ବାଡ଼େଇ ହେଉଥିବାର ଧୋନୀ ପ୍ରତିଦ୍ୱନିର ପ୍ରବାହ କଲିଜାକୁ ଥରାଇ ଦେଉଥାଏ । ତଥାପି ସେ ସବୁକୁ ଭୁଲି ଶୋଇବାକୁ ସଂଗ୍ରାମ ଜାରି ରଖିଥାନ୍ତି ।ନିଦଟା ଘୋଟି ଆସୁଥାଏ ।ହେଲେ ପାଣି ? ପାଣି ତ ମାତାଲ ସିଂ ଆଜି ଦେଇନାହିଁ । ଶୋଷରେ ତଣ୍ଟି ଶୁଖି ଯାଉଛଥାଏ, ଏବେ ସେ କ'ଣ କରିବେ ? ଭାବିଲେ - "ଆଉ ତ କିଛି ବାଟ ନାହିଁ, ଯାଉଛି ଲାବୋରେଟୋରୀର ବ୍ୟବହାର ନିମନ୍ତେ ପିଲାଙ୍କ ପାଇଁ ଥିବା ଆଲକୋହୋଲରୁ ଚଳାଏ ଖଣ୍ଡେ ପିଇଯିବି । ତେଣିକି ପ୍ରିନ୍‌ସିପାଲ ପଛେ ଯାହା କୁହନ୍ତୁ" ।

ଶେଷରେ ସେୟା କଲେ, ଶୋଷ ମେଣ୍ଟିଗଲା । ହେଲେ ନିଶାଟା ଘାରିଲା ଖଟ ଉପରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବେଶ୍ କିଛି ସମୟ଼ ଶାନ୍ତିରେ ଶୋଇଗଲେ ।

ବେଶ୍ କିଛି ସମୟର ବଡ ବ୍ୟବଧାନ ପରେ ସେହି ସମାନ ଘଟଣାକ୍ରମର ପୁନରାବୃତ୍ତି ।କଙ୍କାଳର ଉପଦ୍ରବ, ଉତ୍ପୀଡକର ଉତ୍ପୀଡ଼ନ, ଅଟ୍ଟହାସ୍ୟରେ ପୁରି ଉଠୁଥାଏ ସମଗ୍ର ନିଭୃତ କୋଠରୀଟି ।ଅସ୍ପଷ୍ଟ କୋଳାହଳ ଓ ଅଶରୀରୀ ପ୍ରେତାତ୍ମା ମାନଙ୍କର କଳରବ କର୍ଣ୍ଣ ଗୁହା ଭେଦି ଅଣନିଶ୍ୱାସୀବୋଧ ହେଉଥାଏ ।ସତେ କି ସେମାନଙ୍କର ବୈଠକ ବସିଛି ।ସେମାନଙ୍କ ଭିତରୁ କେହି ଜଣେ ଯେମିତି ଉଠି ଆସି ତାଙ୍କୁ ଜଗି ରହିଛି, ଯେପରି ସେ ଭୂତ ରାଇଜର କଥାଟା ନ ଜାଣି ପାରନ୍ତି । ଯେମିତି ସେ ଟିକିଏ ହାତ ଗୋଡ଼ ହଲେଇ କଡ଼ ଲେଉଟାଇବାକୁ ଚେଷ୍ଟା କଲେ, କେହି ଜଣେ ତାଙ୍କ ଗଳାଟାକୁ ଜୋହରରେ ଦବାଇ ଧରିଲା । ନିଶ୍ୱାସ ଓ ପ୍ରଶ୍ୱାସର ଚଳପ୍ରଚଳ ଥମି ଯାଉଥାଏ । ଯେମିତି ତଣ୍ଟିଟାକୁ କିଏ ଆକଟ କରି ରଖିଛି । ଦୁଇ ହାତର ଦଶଟା ଆଙ୍ଗୁଠି ମାଂସ ନଲଗା ହାଡ଼ରେ ତଣ୍ଟିଟାକୁ ଚିପି ଧରିଥାଏ ଯେ, ଅଧ୍ୟାପକ ଆଉ ହଲି ଚଳି ପାରୁନଥାନ୍ତି । ଆଃ.. ଆଃ.. ଖାଲି ଅସ୍ପଷ୍ଟ ଗୁଞ୍ଜରଣ । ନାକ ବାଟେ ଦେଇ ସିଂଘାଣି ଗୁଡାକ ବାହାରି ଆସୁଥାଏ । ରୀତିମତ କସରତ । ଭୂତ ଛଡେଇବାର ପ୍ରଚେଷ୍ଟା । "ହେ.. ତ.. ତୁ.. କିଏ.. ? – କହି ଜୋହର୍ ଲଗେଇ ହାତଟାକୁ ଛିଞ୍ଚାଡି ଦେଲେ । କ'ଣ ସବୁ ହାତ ବାଜି ଘରରଘରର ଝଣର ଝଣର ଶବ୍ଦ ହୋଇ ଭାଙ୍ଗି ତଳେ ପଡି ଯାଉଥାଏ ।କାନକୁ କିନ୍ତୁ ଜୋହର୍ ଶୁଭ ଥାଏ । ହୋସ୍ ଟିକିଏ ଆସିବାରୁ ଅତରଛିଆ ଟର୍ଚ୍ଚଟା ଜାଳି ଦେଇ କିଛି ସମୟ଼ ଉଠିକି ବସିଲେ । ରେଜେଇ ତକିଆ ଯାହା ଥିଲା ସବୁ ସେହି କଙ୍କାଳ ଉପରେ ପକେଇ ମୋଟା ରକମର ଢାଙ୍କି ପକେଇଲେ ।

ମନକୁ ଆସୁଥାଏ – ଏଥର ଜୀବନ ବଞ୍ଚେଇ ରଖିବା ବୋଧହୁଏ ଆଉ ସମ୍ଭବପର ନୁହେଁ ।ତେବେବି ତ ଆଉ କିଛି ବାଟ ନାହିଁ । ରାତି ପାହିଲା ଯାଏଁ ଯଦି ଜୀବନ ବଞ୍ଚି ରହେ

 Magazine Downloaded from www.aahwaan.com

ତେବେ ଲାବୋରେଟୋରୀ କାହିଁକି, ଏ କଲେଜ ଛାଡ଼ି ସିଧା ଘରକୁ ଧାଇଁବେ । ମାଆକୁ ସବୁ କଥା କହିଲା ପରେ ଯାହା, ନହେଲେ ମନ ଥୟ ଧରୁ ନଥାଏ ।ସଜୁଟା ବି ବ୍ୟସ୍ତ ହେଉଥିବ । ମାଆ ତ ଆଇଲା ବେଳେ ଠିକ୍ କଥା କହୁଥିଲା – "ବାବୁରେ ! ଜଙ୍ଗଲିଆ ଜାଗା ଦେଖିକି ଚଳିବୁ ,ସେଠି ତ ଭୁତପ୍ରେତ ଓ ଗୁଣୀଗାରେଡ଼ି ଭାରି । ଯେତେବେଳେ କିଛି ଡର ଲାଗିବ ହନୁମାନ ଚାଳିଶା ଖଣ୍ଡକ ପଢ଼ିନେବୁ "  । ସେ କିନ୍ତୁ ତାଙ୍କ କଥାକୁ ସେଦିନ ଗିରାଜ କରି ନଥିଲେ । ମାଆ କଥା ମନେ ପଡିବାରୁ, ଏଥର ବ୍ୟାଗରୁ ବହି ଖଣ୍ଡକ ଖୋଲି ଗୁଣୁଗୁଣୁ ହୋଇ ଗାଇଲେ  । କେତେବେଳେ ଯେ ନିଦ ଖଣ୍ଡକ ଆଖିରେ ପହଳ ପକାଇ ମାଡି ଆସିଛି ସେ ଆଦୌ ଜାଣି ପାରି ନାହାଁନ୍ତି ।

ଉଠିଲା ବେଳକୁ ସକାଳେ ବିଛଣାଟା ଉପରେ ପଡ଼ିଛନ୍ତି । ରାତ୍ରିର ଘନ ଅନ୍ଧକାରର ପଟଳ ଦୂରୀଭୂତ ହୋଇସାରିଥାଏ, ଦିବସର ପ୍ରଖର ସୂର୍ଯ୍ୟ କିରଣ ମଧ୍ଯ ଚାରିଆଡ଼େ ବିଛୁରି ହୋଇ ପଡ଼ିଥାଏ  । ବର୍ଷା ପବନ ବି ଏକଦମ୍ ଥପ୍ । ପିଲାମାନେ ବୋଧହୁଏ କଲେଜ ଆସିଗଲେଣି  ।ବେଶ୍ କୋଳାହଳପୂର୍ଣ୍ଣ ଜଣାପଡୁଥିଲା ପରିବେଶ  ।ଏଥର ଝାଡ଼ିଝୁଡ଼ି ହୋଇ ସେ ବିଛଣାରୁ ଉଠିଲେ ।

ଉପସହକାରୀ ନିବନ୍ଧକ

ସମବାୟ ସମିତି ସମୂହ

ଢେଙ୍କାନାଳ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କୁମାରୀ



ଅନସୂୟା ପଣ୍ଡା

ଲୁଗା ଗଣ୍ଠିଲି ଭିତରୁ ମା ଦେଇଥିବା ରୁଟି ଓ ଗୁଡ଼ ପଲିଥିନଟି କୁମାରୀ କାଢ଼ିଲା । ରୁଟି ଖଣ୍ଡିଏ ଗୁଡ଼ ଲଗାଇ ହାତରେ ଧରି ଖାଇବାକୁ ଗଲାବେଳେ ତା ମା'ର ଲୁହ ଟଳଟଳ ଆଖି ଯୋଡ଼ିକ ମନେ ପଡ଼ିଲା । ହରି ସାହୁ ଦୋକାନରୁ ବାକି ଖାତାରେ ଲେଖି ମା ଅଟା କେଜିଏ ଆଣିଥିଲା, 'କୁମାରୀ' ବାଟରେ ଖାଇବ ବୋଲି ରୁଟି କରିଦେବ । ମା ରୁଟି କରୁ କରୁ ତା ସାନ ଭଉଣୀ ଗୁଡ଼ିକ ବିକଳ ହୋଇ ରସ ବେଲାରୁ ରୁଟି କାଢ଼ିକି ନେଇ ଯାଉଥାନ୍ତି । ମା' ତାର ବେଲଣା ବାଡ଼ିରେ ସେମାନଙ୍କୁ ବାଡ଼ିଏ ବାଡ଼ିଏ ଦେଇ କହୁଥାଏ, ଆରେ 'କୁମାରୀ' ଦେଇ ଦୂର ସହରକୁ ଯିବ, ତା ପାଇଁ ରୁଟି କରୁଛି । ବାପା ଦେହ ବି ଖରାପ ତା'ପାଇଁ ଦିଖଣ୍ଡ ରଖ, ବଳିଲେ ଖାଇବ । ହେଲେ ମା' କଥା କେହି ଶୁଣୁନଥିଲେ, ସବୁଦିନେ ବାସି ପଖାଳ, ଆଳୁଚକଟା, ଶାଗଭଜା ଖାଇବା ପାଟି, ରୁଟି ଖାଇବାକୁ ବିକଳ ହେଉଥିଲା ।

ବାପାଙ୍କ ଦେହ ଖରାପ ହେଲାପରେ ଘର ଚଳାଇବାକୁ ବହୁତ ଅସୁବିଧା ହେଲା । ବଡ଼ସାନ ହୋଇ କୁମାରୀକୁ ମିଶେଇ ପାଞ୍ଚଭଉଣୀ, ସବା ସାନ ଭାଇଟିଏ । ତାଙ୍କର ଦିମାଣ ଜମି, ହଳେ ବଳଦ, ସବୁଥିଲା । ସେଥିରେ ପେଟର ଭୋକ ମେଣ୍ଟି ଯାଉଥିଲା । ହେଲେ ବାପା ସବୁଦିନ ରାତିରେ ପଲିଥିନ୍ ପ୍ୟାକେଟରେ ଆସୁଥିବା କମ୍ ଦାମିକିଆ ମଦ, ହାଣ୍ଡିଆ ଖାଇ ଖାଇ ତାଙ୍କ ଲିଭର ଖରାପ ହୋଇଗଲା । ତାଙ୍କ ପେଟକୁ ଦାନା ଗଲାନାହିଁ, ଅହରହ ବାନ୍ତି ହେଲା । ଗାଁପାଖ ସରକାରୀ ଡାକ୍ତରଖାନାରେ ଦେଖାଇବାରୁ ଡାକ୍ତରକହିଲେ କଟକ ବଡ଼

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଡାକ୍ତରଖାନା ଯାଇ ଦେଖାଅ । ମା ତା'ର ମାମୁଁଙ୍କୁ ଡକାଇଲା, ଜମିବାଡ଼ି, ହଳବଳଦ ବିକି ମା ମାମୁଁଙ୍କୁ ନେଇ ବାପାଙ୍କୁ କଟକ ବଡ଼ ଡାକ୍ତରଖାନାରେ ଦେଖାଇଲା । ପରୀକ୍ଷା କରିବାପରେ ଡାକ୍ତର କହିଲେ କ୍ୟାନସର୍ ହୋଇଗଲାଣି ଲିଭରରେ, ବମ୍ବେ ନେଇ ଦେଖାଅ, ଅପରେସନ କରିବାକୁ ପଡ଼ିବ । ବମ୍ବେ ଯିବାକୁ ପଇସା କାହିଁ ? ବାପା ଆଉ ଟାଣ କାମ କରିବା ଅବସ୍ଥାରେ ନଥିଲେ, ଘରେ ପଡ଼ିକି ରହିଲେ । ଔଷଧରେ ଜୀବନ ବଞ୍ଚିରହିଲା, ମାତ୍ର ଭଲ ଡାକ୍ତର ପାଖକୁ ଯିବାକୁ ଅଧିକ ଟଙ୍କା ପଇସା ଦରକାର, ଟଙ୍କା ଆସିବ କେଉଁଠାରୁ ?

କୁମାରୀ ଓ ତା ସାନ ଦୁଇଭଉଣୀ ଗାଁରେ ଥିବା ଆଶ୍ରମ ସ୍କୁଲରେ ପଢୁଥିଲେ । ସେମାନଙ୍କ ପାଠପଢ଼ାରେ ଡୋରି ବନ୍ଧାହେଲା । କୁମାରୀ ସପ୍ତମରେ ପଢୁଥିଲା, ପାଠ ପଢ଼ିବାକୁ ତାର ଭାରି ମନ ହେଲେ ଘରେ ନାନା ଅଭାବ ଅନଟନ ଯୋଗୁଁ ସେ ସମ୍ଭବ ହେଲାନି । ସାର୍ ଆସି ତା ମା'କୁ ପଚାରିଲେ, "କୁମାରୀ ଭଲ ପଢୁଥିଲା, ତା ପାଠ କାହିଁକି ବନ୍ଦ କଲ ?" ମା କହିଲା, "ପାଠ ପଢ଼ି କଣ ସାହେବାଣୀ ହେବ ? ଆମେ ଗରିବ ଗୁରୁବା ଲୋକ ଆଜ୍ଞା, ମୂଲ ଲାଗିଲେ ପେଟକୁ ଦାନା ଗଣ୍ଡିଏ ଯିବ ଆଉ ପାଠପଢ଼ି ଆମେ କଣ କରିବୁ ? ସତରେ ଯେଉଁଠି ପେଟ ଖାଇବା ବିନା ପୋଡ଼ିଯାଉଛି, ସେଠି ପାଠଶାଠ କଥା କିଏ ପଚାରୁଛି ?" ସାର୍ ଫେରିଗଲେ । କୁମାରୀ ଓ ତା ସାନ ଭଉଣୀମାନେ ସ୍କୁଲ୍ ଗଲେନି । ତା ମା' ଓ ତା ବଡ଼ଭଉଣୀ ନିରୁଦେଇ ଖଣିରେ ପଥର କାଟିବାକୁ କାମରେ ଯାଆନ୍ତି, ହେଲେ ପରିଶ୍ରମକୁ ଚାହିଁ ଦରମା ବହୁତ କମ । ଏଣେ ଘରେ ଆଠ ପ୍ରାଣୀଙ୍କ ପେଟରେ ଦାନା ପଡ଼ିବ । କୁମାରୀ ରୋଷେଇବାସ କରେ, ବାପାର ହେପାଜତ କରେ ଓ ସାନ ଭାଇଭଉଣୀଙ୍କୁ ଦେଖାଚାହାଁ କରେ ।

ତାଙ୍କ ଗାଁର ସୁରିଆ ନନା ଭୁବନେଶ୍ୱରରେ କଣ କାମଦାମ କରି ବଡ଼ଲୋକ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୋଇଯାଇଛି । ଗାଁର କେତେଟା ବେକାରିଆ ପିଲାଙ୍କୁ ନେଇ ମଧ୍ୟ କଣ କେଉଁ ଫ୍ୟାକ୍ଟ୍ରିରେ କାମରେ ଲଗାଇ ଦେଉଛି । କୁମାରୀର ମା' ବହୁତ ଥର ତାକୁ କହିଥିଲା ଭୁବନେଶ୍ୱରରେ କଣ କାମଦାମ ଦେଖିଲେ କୁମାରୀକୁ ନେଇ ରଖାଇ ଦେବବୋଲି । କେତେଥର ମା'ଠାରୁ ହାତଗୁଞ୍ଜା ନେବାର ମଧ୍ୟ କୁମାରୀ ଦେଖିଛି । ସବୁଥର ମା'କୁ ଭରସା ଦେଇ କହିବ, "ତୁ ଜମା ବ୍ୟସ୍ତ ହୁଅନା ଲୋ ଫୁଲଦେଇ, ତୋ ଝିଅର ଯୋଉ ରୂପ ନା, ସେ ଶୀଘ୍ର କାମ ପାଇବ । ରାଣୀ ହୋଇ ରହିବ, ତୋର ଦୁଃଖ ଯିବ ।" ଏ କଥା ସୁରିଆ ନନାଠୁ ଶୁଣି ମୋ ମୁହଁରେ ହସ ଖେଳିଯାଏ ।

କୁମାରୀ ମଧ୍ୟ ସ୍ୱପ୍ନ ଦେଖେ, କଳାହାଣ୍ଡିର ଏକ ତଳିଆ ଗାଁରୁ ଯାଇ ରାଜଧାନୀ ଭୁବନେଶ୍ୱରରେ କେଉଁ କାରଖାନାରେ ସେ ଚାକିରୀ କରିବ, ଚକଚକିଆ ସହର, ଗାଡ଼ି ମଟର, ବିଜୁଳି ଆଲୁଅ, ପିଇବା ପାଣି ସବୁ ସୁବିଧା ଥିବ । ତା ଗାଁରେ ସିନା ଆଜିଯାଏ ଏ ସବୁର ବଡ଼ ଅଭାବ । ଚାକିରୀ ପାଇଗଲେ ପ୍ରଥମେ ତା ବାପାଙ୍କୁ ବଡ଼ ଡାକ୍ତର ଦେଖାଇ ଭଲ କରିବ । ତା ନିରୁ ଦେଇର ବାହାଘର କରିବ । ସେ ଖଣିକୁ କାମରେ ଗଲେ କୁମାରୀକୁ ଜମା ଭଲ ଲାଗେନି । ସେ ଖଣିର ସୁପରଭାଇଜରର ସବୁବେଳେ ଖରାପ ଆଖି ନିରୁ ଦେଇ ଦେହ ଉପରେ । ଦିନେ ସନ୍ଧ୍ୟାରେ ତାକୁ ସୁଯୋଗ ଦେଖି ନିଛାଟିଆ ଜାଗାକୁ ଟାଣି ନେଇ ତା ସହ ଜୋର ଜବରଦସ୍ତି କରୁଥିଲା । ଚିତ୍କାର ଶୁଣି ତା ମା ଓ ଅନ୍ୟମାନେ ପହଞ୍ଚିଗଲେ ସିନା, ନ ହେଲେ... ।

କାମ ମିଳିଲେ କୁମାରୀ ତା ମା'କୁ ମଧ୍ୟ ଆଉ ଖଣିକୁ କାମ କରିବାକୁ ପଠାଇବନି । ମା ତା'ର ଘରେ ବାପା ଓ ଭାଇଭଉଣୀଙ୍କ ଯତ୍ନ ନେବ । ତା ମା'ର କାନଫୁଲଟା ବି କଣା ବଣିଆ ପାଖରେ ବନ୍ଧାପଡ଼ିଛି ତାକୁ ମୁକୁଳେଇବ । ସିଏ ସିନା ପାଠ ପଢ଼ିପାରିଲାନି, ହେଲେ କଣ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହେଲା ତା ଭାଇଭଉଣୀଙ୍କୁ ପାଠ ପଢ଼ାଇବ, ଭଲ ମଣିଷ କରିବ । ହଁ ସବୁଠୁ ବଡ଼ କାମ ହେଲା ସେ ହରିସାହୁର ବାକି ଖାତା ତୁଟେଇବ । ଅଧିକ ଦିନ ବାକି ରଖିବାରୁ ସବୁ ମାସରେ ବଢ଼େଇ ଚଢ଼େଇ ବାକି ଲେଖି ଦେଉଛି । କୁମାରୀର ସ୍ୱପ୍ନ ସରେନି । ଓଃ ! କେତେ ଯେ କାମ କରିବାର ଅଛି କୁମାରୀର ।

ଶେଷରେ ସେ ଦିନ ଆସିଥିଲା, ମୁହଁ ସଂଜବେଳେ ସୁରିଆ ନନା ଗୋଟେ ଚାରିଶହସାତ ଟ୍ରକ ଧରି ଆସିଲା । କୁମାରୀକୁ ମିଶେଇ ତାଙ୍କ ଗାଁର ଆହୁରି ବାରଜଣ ପିଲା ଯିବେ । ତାଙ୍କ ଘର ପାଖର ସାବିଦେଇ ମଧ୍ୟ ଯାଉଥିଲା । ସାବି ଦେଇର ନଅଜଣ ଭାଇଭଉଣୀ । ବାପା ତା'ର ରିକ୍ସା ଟାଣେ । ପୁଣି ଆଉଗୋଟେ ବାହା ହୋଇ ଏମାନଙ୍କୁ ଛାଡ଼ି ଗଲାପରେ ଯିଏ ଯୁଆଡ଼େ ପେଟ ବିକଳରେ ମୂଲମଜୁରୀରେ ଲାଗିଛନ୍ତି । କୁମାରୀର ମା ସାବି ଦେଇକୁ ନେହୁରା ହୋଇ କହୁଥାଏ କୁମାରୀର ଦେହପା ହାନିଲାଭ ଟିକେ ବୁଝିବାକୁ । ଘର ଛାଡ଼ିବା ବେଳେ କୁମାରୀ ତା ବାପାଙ୍କ ପେଜୁଆ ଆଖି, ତା ମା'ର ଲୁହଝରା ମୁହଁ, ଭାଇଭଉଣୀଙ୍କ କାନ୍ଦୁରା ମୁହଁ ଆଉ ବେଶୀ ସମୟ ନ ଦେଖିପାରି ତରତର ହୋଇ ଟ୍ରକର ପଛପଟେ ଚଢ଼ିଯାଇ ତା ଲୁଗା ଗଣ୍ଠିଲିଟିକୁ ମୁହଁରେ ଜାକିଧରି ଭୋ ଭୋ ହୋଇ ଅନେକ ବେଳଯାଏ କାନ୍ଦିଥିଲା ।

କୁମାରୀ ରୁଟି ଖାଇସାରି ଛୋଟ ବୋତଲରୁ ପାଣି ଢୋକେ ପିଇଲା । କେତେ ସମୟ ହେବଣି କେଜାଣି । ତା ଘରେ ସମସ୍ତେ ଶୋଇ ସାରିବେଣି । ଦିନସାରା ଧୂଳିବାଲିରେ ଖେଳି ଖେଳି ତା ସାନ ଭାଇ ଭଉଣୀମାନେ ତ ସଞ୍ଜ ହେଉ ହେଉ ଘୁମାଉଥିବେ । ବାପାଙ୍କୁ ଭୋକ ହେବାରୁ ଚିଲାଉଥିବେ । "ଆରେ ନିରୁବୋଉ ରୋଷେଇ ସରିଲା ?" ମା ଚୁଲିଜାଳି ରୋଷେଇ କରିସାରି ସମସ୍ତଙ୍କୁ ଖାଇବାକୁ ଡାକେ । ଦିନ୍‌ସାରା ପଥର କାଟି କାଟି ମା'ର ଗୋଡ଼ହାତ ବି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଘୋଳାବିନ୍ଧା ହେଉଥାଏ, ସେ ଖାଲି ଟିକେ ଟିକେ କଥାରେ ଚିଡ଼ିଚିଡ଼ି ହେଉଥାଏ । ତଥାପି କୁମାରୀକୁ ତା ଘର ଭଲଲାଗେ ।

କୁମାରୀ ସାଥିରେ ତା ଗାଁରୁ ଯାଉଥିବା ପିଲାମାନେ କାହିଁ କେତେବେଳୁ ଖାଇକି ଶୋଇ ସାରିଥିଲେ । କୁମାରୀକୁ ହିଁ ଏ ଟ୍ରକ ଡାଲାରେ ନିଦ ଆସୁନଥିଲା । ଘରେ ସେ ଗୋବର ମାଟି ପୋଛା ତଳ ଖୁବ୍ ଭଲ, ମସିଣାଟିଏ ପାରିଦେଇ ପଡୁ ପଡୁ ନିଦ ହୋଇଯାଏ କୁମାରୀକୁ । ତାଙ୍କର ଗାଡ଼ି ଏକ ଅନ୍ଧାରୁଆ ଜଙ୍ଗଲିଆ ରାସ୍ତାରେ ଚାଲୁଥାଏ । ହଠାତ୍ ଗାଡ଼ି ରହିଲାରୁ କୁମାରି ଭାବନା ରାଜ୍ୟରୁ ଫେରିଆସି ବାହାରକୁ ଚାହିଁଲା । ବାହାରେ ଆଲୁଅ ଦିଶୁଥାଏ, ବୋଧେ ଚା' ଜଳଖିଆ ପାଇଁ ଗାଡ଼ି ଏଠି ରହିଲା । ସୁରିଆ ନନା କାହା ସହ ମୋବାଇଲ୍ ଫୋନରେ କଥା ହେବାର ଶୁଣି କାନ ପାରିଲା କୁମାରୀ । ସେ ଯାହା ବୁଝିପାରିଲା, ସୁରିଆ ନନା ତା ସାଙ୍ଗରେ ନେଉଥିବା ପିଲାମାନଙ୍କୁ ଦେଶବାହାରକୁ ଚାଲାଣ କରୁଛି । ଝିଅମାନଙ୍କୁ ଦେହଜୀବି କରିବାକୁ, ପୁଅ ମାନଙ୍କୁ ଗୋତି ଶ୍ରମିକ କରିବାକୁ ବିକି ଦେଉଛି । ସେଥିପାଇଁ ଦରଦାମ ମୂଲଚାଲ କଥା ଛିଣ୍ଡୁନଥାଏ, କଥାବାର୍ତ୍ତାରେ ଯୁକ୍ତି ଲାଗିଥାଏ ।

ପାଣିରେ ବୁଡ଼ିଯାଉଥିବା ଅସହାୟ ମଣିଷଟି କୁଟାଖିଅକୁ ବି ଭରସା କରେ । ମାତ୍ର ସେ କୁଟାଖିଅଟି ଯଦି ଆଶ୍ରେ ଦେବାପରିବର୍ତ୍ତେ ଶେଷରେ ବୁଡ଼ାଇଦିଏ ? ପାଣିରେ ବୁଡ଼ିଗଲାବେଳେ ପାଣି ଢୋକେ ପିଇ ଅଣନିଶ୍ୱାସୀ ହେଲାବେଳେ, ଅନ୍ୟ କେହି ନୁହେଁ ନିଜକୁ ହିଁ ଢେସ ମାରି ଉପରକୁ ଉଠିବାକୁ ପଡ଼େ । କୁମାରୀ ସବୁ ବୁଝିପାରିଲା । ସେ ସାଥୀ ପିଲାମାନଙ୍କୁ ଡାକିଲା । ଟ୍ରକଟିକୁ ଅନ୍ଧାରୁଆ ଜାଗାରେ ରଖିଦେଇ ଗାଡ଼ି ଡ୍ରାଇଭର ଓ ସୁରିଆ ନନା ଚା ପିଇବାକୁ ରାସ୍ତାକଡ଼ ଢାବାକୁ ଗଲେ । ଏଇ ସୁଯୋଗରେ ଧିରେ ଧିରେ ସମସ୍ତେ ଟ୍ରକରୁ ଓହ୍ଲାଇ ବୁଦାମୂଳେ ଲୁଚି ରହିଲେ । ସୁରିଆ ନନା ଚା ପିଇଦେଇ ଡ୍ରାଇଭର ସହ ଗାଡ଼ି ନେଇ

 Magazine Downloaded from www.aahwaan.com

ଚାଲିଗଲେ । ପିଲାମାନେ ସେମିତି ସେ ବୁଦାମୂଳେ ସକାଳ ହେବାଯାଏଁ ଅପେକ୍ଷା କଲେ । ବଣଜଙ୍ଗଲରେ ବଢ଼ିଥିବା ପିଲାଙ୍କୁ ଅପରିଚିତ ଜାଗାରେ ବୁଦାମୂଳେ ମଶା, ଡାଆଁଶ, ଜନ୍ତୁଯୁନ୍ତା ସରୀସୃପଙ୍କ ଭୟ ନଥିଲା, ଡର ଲାଗୁଥିଲା ତାଙ୍କ ଗାଁର ଚିହ୍ନା ପରିଚିତ ସୁରିଆ ନନାକୁ, କାଳେ ପୁଣି ଟ୍ରକ୍ ଫେରାଇ ଆଣି ସେମାନଙ୍କୁ ଖୋଜି ନେଇଯିବ ? ମା ଡମ୍ବୁରୁଶ୍ୱରୀଙ୍କ କୃପାରୁ ସେମିତି କିଛି ହେଲାନି, ବୋଧେ ସୁରିଆ ନନା ସେମାନେ ସବୁ ଟ୍ରକ ଡାଲାରେ ଶୋଇଛନ୍ତି ଭାବି ନିଶ୍ଚିନ୍ତ ହୋଇଥିବ, ଭୁବନେଶ୍ୱର ପହଞ୍ଚିବାପରେ ସେମାନଙ୍କୁ ଟ୍ରକ ପଛ ଡାଳାରେ ନ ପାଇ, ଦାନ୍ତ କାମୁଡ଼ିଥିବ ।

ସକାଳେ ପାଖ ଗାଁ ଲୋକଙ୍କ ସହାୟତାରେ କୁମାରୀ ତା ଗାଁର ପିଲାଏ ନିଜ ଗାଁକୁ ଫେରିଲେ । ସୁରିଆ ନନାର ଅସଲ ମୁଖା ଖୋଲି ତାକୁ ପୋଲିସ୍ ଜିମା ଦେଲେ ।

ନିଜେ ପଛେ ଗାଁରେ ଦୁଇଓଳି ପେଜ ତୋରାଣୀ ଶାଗଭଜା ଖାଇ ମୁଣ୍ଡ ଟେକି ବଞ୍ଚିଯିବେ, ହେଲେ ପଇସା ପାଇବା ଆଶରେ କଳଙ୍କିତ ହୋଇ ସାରାଜୀବନ ମୁହଁ ଜାକି ବଞ୍ଚି ହେବନି ।

ଜୀବନଠୁ ଅଧିକ ପାଇବାର ଇଚ୍ଛା ଥିଲେ ମଣିଷ ଜୀବନକୁ ସଉଦା କରେ, ଆଉ ଯେଉଁଠି ଜୀବନକୁ ସହଜରେ ଗ୍ରହଣ କରାଯାଏ, ସେଠି ହିସାବ ନିକାଶ, ବେପାର ବଣିଜର କଣ ଆବଶ୍ୟକ ।

ହ୍ୱାଇଟଫିଲ୍ଡ, ବେଙ୍ଗାଲୁରୁ
ଭ୍ରାମ୍ୟଭାଷ : ୯୮୪୦୭୦୬୧୪୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପରିବର୍ତ୍ତନର ସ୍ୱର



ମିନାକ୍ଷୀ ପଟ୍ଟନାୟକ

ସୀମା ପଟ୍ଟନାୟକ, ସହରର ଜଣେ ନାମକରା ହାର୍ଟ୍ ସ୍ପେଶାଲିଷ୍ଟ । ଭଗବାନଙ୍କ ଆଶୀର୍ବାଦରୁ ଆଜି ଧନ, କ୍ଷମତା, ବିଦ୍ୟା ସବୁକିଛି ତା ହାତ ମୁଠାରେ ଅଛି । ଗତକାଲି ରାତିରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ମୋତେ ଡାକ୍ତରଙ୍କ ପାଖକୁ ଯିବାକୁ ପଡ଼ିଲା । ଆଉ କ୍ଲିନିକ୍ ବାହାରେ ଯେତେବେଳେ ସେଇ ନାମଫଳକଟି ମୋ ଆଖିରେ ପଡ଼ିଲା, ମୋତେ ଲାଗିଲା କାହିଁ ଇଏ ସେଇ ସୀମା ନୁହେଁ ତ ? ତା'ର ପିଲାଦିନ କଥା ମୋ ଆଖି ଆଗରେ ଭାସି ଉଠିଲା ।

ସୀମା ଆଠ ବର୍ଷର କୁନି ଝିଅଟିଏ । ଗାଁ ଦାଣ୍ଡରେ ସାଙ୍ଗସାଥୀ ମେଳରେ ହସିଖେଳି ତା'ର ସମୟ ବିତୁଥାଏ । କେତେବେଳେ ପୁଚିଖେଳ ତ କେତେବେଳେ ଦଉଡ଼ି ଡିଆଁ, ପୁନେଇ ପରବରେ ସଜବାଜ ହୋଇ ଆମ୍ବତୋଟାରେ ରଜଦୋଳି ଖେଳ ଏବଂ ହୋଲିରେ ରଙ୍ଗଖେଳ । କୋମଳମତି ନିଷ୍ପାପ ଶିଶୁଟିଏ ଥିଲା ସୀମା । କିନ୍ତୁ ହଠାତ୍ ଦିନେ ସମୟର ନିଷ୍ଠୁର ପ୍ରହାର ତା ଉପରେ ପଡ଼ିଯିବ ବୋଲି ସେ ଆଦୌ ଭାବିନଥିଲା ।

ଦିନେ ଚାରିଟା ବେଳେ ସ୍କୁଲରୁ ଫେରିଲା ପରେ ସେ ଦେଖିଲା ଯେ କେତେଜଣ ଲୋକ ତାଙ୍କ ଘରେ ବସିଛନ୍ତି । ଆଉ ତା'ର ମାଆ ତାଙ୍କ ଚର୍ଚ୍ଚାରେ ଲାଗି ପଡ଼ିଛନ୍ତି । ସୀମା କିଛି ପଚାରିବା ପୂର୍ବରୁ ତାର ମା ତାକୁ ଘରର ଗୋଟେ କୋଣକୁ ଟାଣି ନେଇଥିଲେ । ଗୋଟେ ସୁନ୍ଦର ଶାଢ଼ୀ ଆଣି ତାକୁ ପିନ୍ଧେଇ ଦେଇଥିଲେ । ଆଉ ତାକୁ ସୁନ୍ଦର ଭାବରେ ସଜ କରି ଦେଇଥିଲେ । ସୀମା ସେତେବେଳେ ପ୍ରଶ୍ନ କରିଥିଲା, "ମାଆ ମୁଁ କାହିଁକି ଶାଢ଼ୀ ପିନ୍ଧିଛି ? କ'ଣ

ଆହ୍ବାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆମ କଣ୍ଢେଇ ବାହାଘର ହେବ ?"

- ନାଁ, ତୋର ବାହାଘର ହେବ । ତୋତେ ଦେଖିବାକୁ ଆସିଛନ୍ତି ।

ସୀମାର ଅଜ୍ଞାତ ମନଟିଏ ଜାଣିନଥିଲା, ବାହାଘର ମାନେ କଣ । "ମାଁ ମୁଁ ଖେଳି ପାରିବି ତ ? ପାଠ ପଢ଼ିପାରିବି ତ ?"

- ହଁ ସେମାନେ ତୋତେ ପାଠ ପଢ଼େଇବେ, ତୁ ସ୍କୁଲକୁ ଯିବୁ । ତାଙ୍କ ପାଖରେ ତୁ ଗେହ୍ଲା ଝିଅଟିଏ ପରି ରହିବୁ ।

ତା'ପରେ ସମୟର ନିୟମ ଅନୁସାରେ ସୀମା ହାତକୁ ଦି'ହାତ ହୋଇ, ମୁଣ୍ଡରେ ଓଢ଼ଣା ଟାଣି ତାର ଶାଶୁଘରକୁ ଚାଲି ଯାଇଥିଲା ।

ଶାଶୁ ଘରର ପ୍ରଥମ ଦିନ ପଦ୍ମପତ୍ର ଭଳି ମୁହଁରେ ଲାଲ ଟିପିଟିପି ଚନ୍ଦନ ଲଗାଇ ସୀମା ମୁଣ୍ଡରେ ଓଢ଼ଣା ଦେଇ ବସିଛି । ସାହିପଡ଼ିଶା, ବନ୍ଧୁବାନ୍ଧବ ସମସ୍ତେ ନୂଆ ବୋହୂକୁ ଦେଖିବା ପାଇଁ ଭିଡ଼ ଲଗାଇଛନ୍ତି । କିଛି ସମୟପରେ ଦହି ହାଣ୍ଡିରେ ମୁଦି ଖୋଜିବା କାର୍ଯ୍ୟ ଆରମ୍ଭ ହେବ । ସାମନାରେ ଲଡୁ ପ୍ଲେଟରେ ରଖାଯାଇଛି । ସୀମା ଆଉ ନିଜକୁ ସମ୍ଭାଳି ପାରିଲା ନାହିଁ । ସଙ୍ଗେ ସଙ୍ଗେ ପ୍ଲେଟରୁ ଲଡୁ ଉଠାଇ ନେଇ ଖାଇଦେଲା । ଏହା ଦେଖି ସମସ୍ତେ ହୋ ହୋ ହୋଇ ହସି ଉଠିଲେ । ସାହିଭାଇର ମାଇପିମାନେ ସବୁ ଫୁସୁରଫାସର ହେବାକୁ ଲାଗିଲେ । ଏମିତି ଆଚରଣ ଦେଖି ସୀମାର ଶାଶୁ ବହୁତ ରାଗିଲେ । ଆସ୍ତେ ଆସ୍ତେ ସୀମା ଉପରେ ଅତ୍ୟାଚାର କରିବାକୁ ଲାଗିଲେ । ଏମିତିକି ତା'ର ସ୍ୱାମୀ ମଧ୍ୟ ତାକୁ ଛାଡ଼ିଲେ ନାହିଁ । ସୀମାର ପାଠପଢ଼ା ଡୋରି ବନ୍ଧା ହୋଇଗଲା । ଗୋଟିଏ ଘର ଭିତରେ ବନ୍ଦୀ ହୋଇ ରହିବା ଭଳି ତାକୁ ଲାଗିଲା । ଥରେ କଣ ଗୋଟେ ଭୁଲ କରିଦେବାରୁ ତାର ସ୍ୱାମୀ ତାକୁ ବାନ୍ଧି ବହୁତ ବାଡ଼େଇଲେ । ସୀମା ବୁଝିପାରୁନଥିଲା ଏ ସବୁ ତା ଜୀବନରେ କ'ଣ ଘଟି

 Magazine Downloaded from www.aahwaan.com

ଚାଲିଛି । ଦିନେ ଘରେ କେହି ନଥିବା ସୁଯୋଗ ପାଇ ସେ ଦଉଡ଼ି ଦଉଡ଼ି ନିଜ ଘରକୁ ପଳାଇ ଆସିଲା । ତା'ର ମାଙ୍କୁ ପାଖରେ ପାଇ ବହୁତ କାନ୍ଦିଥିଲା । ତା ଦୁଃଖର କାହାଣୀ ସବୁ ମା'ଙ୍କ ଆଗରେ କହିଥିଲା । ତା'ର ମା ସୀମାଠାରୁ ସବୁ ଶୁଣି ମଧ୍ୟ ବିଶ୍ୱାସ କରି ପାରୁନଥିଲେ । ରାତିରେ ତା'ର ବାପା ଅଫିସରୁ ଫେରିବାପରେ ସୀମାର ମା' ସବୁକଥା ତାଙ୍କୁ ଜଣାଇଥିଲେ । ମାତ୍ର ତା'ର ବାପା ତାକୁ ପୁଣିଥରେ ଶାଶୁଘରକୁ ଫେରିଯିବାପାଇଁ ତାଗିଦ କରିଦେଲେ । ବାହାହେଲାପରେ ଝିଅ ବାପଘରେ ରହିବା ଉଚିତ ନାହିଁ ବୋଲି ରୋକଠୋକ୍ ଜଣାଇଦେଲେ । ତା'ର ବାପାଙ୍କର ବିରୋଧ ସତ୍ତ୍ୱେ ମଧ୍ୟ ସୀମା ସେ କାଳକୋଠରୀକୁ ଯିବାକୁ ଚାହୁଁନଥିଲା ।

କିନ୍ତୁ ତା ମାଆଙ୍କ ହୃଦୟ ଏ ସବୁ ଗ୍ରହଣ କରିବାକୁ ରାଜିନଥିଲା । ସେ ମଧ୍ୟ ସୀମାକୁ ନିଜଠାରୁ ଅଲଗା କରିବାକୁ ଚାହୁଁନଥିଲେ । ସୀମାର କଷ୍ଟ ଦେଖି ତାଙ୍କ ମାତୃ ହୃଦୟ ବିଳାପ କରିବାକୁ ଲାଗିଲା । ନା, ଏଥର ସେ ନିଜର ଅଣ୍ଟା ଭିଡ଼ିଲେ । ସେ ରୋକଠୋକ୍ ଭାବରେ ତାଙ୍କ ବାପାଙ୍କୁ ଜଣାଇଥିଲେ, "ସୀମା ଏଥର ପୁଣି ସ୍କୁଲ୍ ଯିବ । ପାଠ ପଢ଼ିବ । ତା'ର ଭବିଷ୍ୟତ ନିଜେ ଗଢ଼ିବ । ସେ ଆଉ ସେ ନର୍କ ସଦୃଶ ଶାଶୁଘରେ ପାଦ ଦେବନି ।"

ଏଥିପାଇଁ ଉଭୟ ବାପାମାଆ ଭିତରେ ପ୍ରବଳ ଯୁକ୍ତିତର୍କ ଓ ଗଣ୍ଡଗୋଳ ବି ହୋଇଥିଲା । ଶେଷରେ ତା ମା ସୀମାକୁ ସାଙ୍ଗରେ ନେଇ ଘରଛାଡ଼ି ଚାଲିଯାଇଥିଲେ । ସୀମା ସମ୍ପୂର୍ଣ୍ଣଭାବରେ ନୀରବ ଓ ସ୍ତବ୍ଧ ହୋଇ ଯାଇଥିଲା ।

ଏହାପରେ ଅନେକ ବର୍ଷ ବିତିଯାଇଛି । ସୀମାର ମାଆ ବର୍ତ୍ତମାନ ବୃଦ୍ଧାବସ୍ଥାରେ ପହଞ୍ଚିଯାଇଛନ୍ତି । ଜୀବନସାରା ମୁଣ୍ଡଝାଳ ତୁଣ୍ଡରେ ମାରି ସେ ସୀମାକୁ ମଣିଷଟିଏ ପରି ମଣିଷଟିଏ କରି ଗଢ଼ି ତୋଳିଛନ୍ତି । ବର୍ତ୍ତମାନ ସେ ସୀମାରୁ ଡାକ୍ତର ସୀମା ପଟ୍ଟନାୟକ ହୋଇ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯାଇଛି । ଅନବରତ ଭାବେ ରୋଗୀଙ୍କର ସେବାରେ ଲାଗିପଡ଼ିଛି । ଆଉ ବହୁବର୍ଷ ଧରି ବିଚ୍ଛିନ୍ନ ହୋଇଯାଇଥିବା ତା ବାପାଙ୍କୁ ମଧ୍ୟ ତାଙ୍କ ପାଖକୁ ନେଇ ଆସିଛି । ଏବେ ପ୍ରାୟ ତା'ର ସଂଘର୍ଷମୟ ଜୀବନର ଅନ୍ତ ଘଟିଛି । ଏବଂ ପୁଣି ସେଇ ଗେହ୍ଲାଝିଅ ସୀମା ପରି ତାର ବାପାମାଙ୍କ ପାଖରେ ଆନନ୍ଦରେ କାଳ କଟିଯାଉଛି ।

ମାର୍ଫତ : ଜଗବନ୍ଧୁ ପଟ୍ଟନାୟକ
ଇ-୪୦୨, ମରାଠା ମନ୍ଦିର ପଛ
ବାଉଧାନ୍, ସୁବର୍ଣ୍ଣ ପାର୍କ
ପୁନେ - ୨୧, ମହାରାଷ୍ଟ୍ର
ଭ୍ରାମ୍ୟଭାଷ : ୭୭୯୮୦୨୧୬୦୬

Magazine Downloaded from www.aahwaan.com

# ଦି'ଧାର ଲୁହ



ଲକ୍ଷ୍ମୀକାନ୍ତ ପଟ୍ଟନାୟକ

"କୁଆଡ଼େ ଗଲୁକି ଲୋ, ବୁରୁସୁଟା ଦେଲୁ ଦାନ୍ତ ଘଷିବି । ଦି ଦିନ ହେଲା ମତେ ଅଘଷା ପାଟିରେ ଖୁଆଉଛୁ । ଆଜି ଦାନ୍ତ ନ ଘଷି ମୋଟେ ଖାଇବିନି । କ'ଣ ଶୁଭୁନି କି ଲୋ ?"

ରୋଗୀ ଘରର ଶେଷ ଭାଗରେ ପଡ଼ିଥିବା ଏକ ଖଟିଆ ଉପରୁ ଡାକ ପକାଇଲା ନିଧିଆ । ଟିକିଏ ଦୂରରୁ ଆଉ ଜଣେ ରୋଗୀର ସମ୍ପର୍କୀୟାଙ୍କ ସାଥୀରେ କଥା ହେଉଥିଲା ବୁଧେଇ । ନିଧିଆର ପାଟି ଶୁଣି କହିଲା, "ଏବେ ପରା ରାତି ଆଠୁଟା କି ନଅଟା ହେଲାଣି । ଏବେ କି ଦାନ୍ତ ଘଷିବୁ ? ଶୋଇପଡ଼େ ।" ହେଲେ ନିଧିଆର ସେଇ ଏକା ଜିଦ୍, ସେ ଦାନ୍ତ ଘଷିବ । ବାଧ୍ୟ ହେଲା ବୁଧେଇ ଦାନ୍ତ ଘଷେଇବାକୁ । ତିନିଭାଗ ରୁଆ ସରିଯାଇଥିବା ବ୍ରସଟିଏ ନିଧିଆ ହାତରେ ଧରେଇ ଦେଇ ତାକୁ ଝରକା ପାଖକୁ ବାଟ କଢ଼େଇ ନେଲା । ରସ ବେଲାଟାରେ ପାଣି ମନ୍ଦେ ଝରକା ଉପରେ ଥୋଇଦେଇ କହିଲା, "ଘଷେ ।"

ଏଇ ନିଧିଆ - ବଅସ ପଚାଶ ସରିକି ହେବ । କୋଉ ପିଲାଦିନୁ ବସନ୍ତରେ ଆଖି ଦି'ଟା ହରେଇଛି । ସେ ତା ପାଖକୁ ଆସିଲା ଦିନୁ ଦେଖି ଆସୁଛି, ସବୁବେଳେ ସେ ଏଇମିତି । ଘରେ ଥିଲା ଖାଲିଟାରେ ବି ସେ ଏମିତି ଡାକ ପକେଇଥିବ ତାକୁ । ବେଳେ ବେଳେ ବିରକ୍ତ ଲାଗେ ବୁଧେଇକୁ । ରାଗେ, ହେଲେ ସେ ବାହାରକୁ ଗଲେ ତା ଛାତିରେ ଛନକା ଲାଗେ । ଭାତଗଣ୍ଡେ ଫୁଟେଇ ଦେଇ ପିଲା ଦି'ଟାକୁ ଗଣ୍ଡେ ଖୁଆଇ ଦିଏ ଆଉ ସେ ନିଜେ ତା ଫେରିବା ବାଟକୁ ଅନେଇ ବସେ । ସେ ଘରେ ପହଞ୍ଚିଲେ ତା ପିଣ୍ଡରେ ଜୀବନ ପଶେ । ତା'ରି ମନେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପଡ଼ିଯାଏ ନିଧିଆର କଥା, "ତୁ ମୋ ଭାରିଜା ନୁହଁ ଲୋ, ମୋ ଆଖି ।"

ନିଧିଆ ପାଟିକଲା, "ଘଷି ସାଇଲି ଲୋ, ପାଉଁରୁଟି ଖଣ୍ଡେ କି ବିସୁକୁଟୁ ଦିଟା ଦେ ।" ବୁଧେଇ ଚାହିଁଲା ତା ଆଡ଼କୁ । ଖଟିଆଟା ପରେ ବସେଇ ଦେଇ ପାଉଁରୁଟି ଖଣ୍ଡେ ବଢ଼େଇଦେଲା ହାତକୁ ତା'ର । ନିଧିଆ ପାଉଁରୁଟି ଖଣ୍ଡେ ଚୋବେଇଦେଇ ହଠାତ୍ କେମିତି ଅନ୍ୟମନସ୍କ ହୋଇଗଲା ।  କହିଲା, "ଜାଇଁଲୁ, ଡାକତରଖାନାକୁ ଆସିବା ଆଜିକି ଆଠ ଓଳି ହୋଇଗଲା । ପିଲା ଦି'ଟା କଥା ମନେ ପଡୁଚି ଲୋ, ମତେ ତ ଭଲ ନାଗିଲାଣି । ତୁ କାଲି ଗାଁକୁ ଯାଆ, ଘର ଉପରେ ଟିକେ ଆଖି ପକେଇ ଦେଇ ଆସିବୁ ।"

"ମୋର କ'ଣ ମନେ ପଡୁନି ? ତୁ ତ ଖାଲି ଏମିତି ହଇରାଣ କରୁଚୁ । ଚା, ପାନ, ଗୁଣ୍ଡି ଖା'ନା କହିଲେ ଖାଉଚୁ । ଦିହ ଖରାପ ହଉଚି, ଜ୍ୱର ହଉଚି । ତୁ ଭୋଗୁଚୁ, ମୁଁ ହେଲେ ତୋ ସାଥିରେ ଭୋଗୁଚି । ତତେ ଛାଡ଼ିକି ରହିପାରୁନି, ପିଲା ଗୁଡ଼ାକୁ ଛାଡ଼ିକି ଆସିବାକୁ ମନ ବି ଡାକୁନି । କ'ଣ କରିବି କହ ? ଘରେ ବଢ଼ିଲା ଝୁଅଟା, କିମିତି ଥିବେ । ଭଗବନା ଏକା ସାହା ଭରସା । ହଉ, ସକାଳ ହଉ ।" କହିଲା ବୁଧେଇ ।

ରାତି ପାହିଲା, ସକାଳୁ ସକାଳୁ ଦିଦି ଆସି ସବୁ ରୋଗୀଙ୍କ ଆତ୍ମୀୟମାନଙ୍କୁ କହିଗଲେ, ଷ୍ଟୋଭ୍, ଡେକଚି, ବାସନ କୁସନ ଆଦି ରୋଗୀଘରୁ ବାହାର କରିଦେବାପାଇଁ । ଜଣେ ଘର ଝାଡୁ ଚାଲିଯିବା ପରେ ଦି ତିନିଜଣ ଦିଦି ଆସି ସବୁ ରୋଗୀଙ୍କର ଖଟିଆର ବିଛଣା ଚାଦର ବଦଳେଇ ସଫା ଚାଦର ପକେଇଦେଇ ଗଲେ । ବୁଧିଆ ସବୁକଥା ଶୁଣୁଥିଲା । ଭାବୁଥିଲା, ସବୁ ଦିନେ ତ ଏମିତି ହୁଏନି । କୁତୁହୁଳି ହେଇ ପଚାରି ପକାଇଲା, "ଦିଦି ଆଜ୍ଞା, ଆଜି କ'ଣ କି ?"

"ଆଜି ପରା ଅଗଷ୍ଟ ପନ୍ଦର, ସ୍ୱାଧୀନତା ଦିବିସ, ମନ୍ତ୍ରୀ ଅସିବେ, ଡାକ୍ତରଖାନା ବୁଲି

 Magazine Downloaded from www.aahwaan.com

ଦେଖିବା ପାଇଁ । ଫଳ ବାଣ୍ଟିବେ ।" ଦିଦି ଉତ୍ତର ଦେଲେ ।

ନିଧିଆର ମନଟା ଫୁଲି ଉଠିଲା ଆନନ୍ଦରେ । ଠିକ୍ ସମୟରେ ଡାକ୍ତର ଆସିଲେ । କହିଲେ, "ତୋର ଆଉ କିଛି ଅସୁବିଧା ନାହିଁ ନିଧିଆ । ତୁ ଆଜି ଘରକୁ ଚାଲିଯା ।" ନିଧିଆ ଡାକିଲା ବୁଧେଇକି, କହିଲା, "ଜାଇଁଲୁ, ମନୁଟା ଘାଣ୍ଟି ହଉଥିଲା, ଭଲ ହେଲା । ସାଙ୍ଗ ହେଇ ଯିବାହେରି ।"

ପତାକା ଉଡ଼େଇସାରି ମନ୍ତ୍ରୀ ଆସିଲେ । ଡାକ୍ତରଖାନା ବୁଲି ସବୁ ରୋଗୀଙ୍କୁ ଫଳ ବାଣ୍ଟିଲେ । ନିଧିଆର ଭଲମନ୍ଦ ପଚାରି ବୁଝିଲେ । ତାକୁ ଫଳ ଦେଲେ । ଶହେ ଟଙ୍କା ବି ଦେଲେ । ନିଧିଆର ଖୁସିର ସୀମା ନଥିଲା । ବୁଧେଇକି ଫଳ ଓ ଟଙ୍କା ବଢ଼େଇଦେଇ କହିଲା, "ବେଗେ ସବୁ ସଜ କର ଲୋ, ଘରକୁ ପଳେଇବା ।"

ଗାଁ ମୁଣ୍ଡେ ପହଞ୍ଚିଛି କି ନାହିଁ ନିଧିଆ ଶୁଣିଲା, କାଲି ରାତିରେ ତିନିଚାରିଜଣ ଟୋକା କୁଆଡ଼େ ତା ଘରେ ପଶିଥିଲେ । ରାତିରେ ତା ଝିଅ ବଡ଼ ପାଟିରେ ଗାଁ ଲୋକଙ୍କୁ ଡାକ ପକଉଥିଲା । ଗାଁ ଲୋକେ ତା ଘର ଆଡ଼କୁ ଧାଇଁଲେ ହେଲେ କିଏ ଗୋଟେ ବନ୍ଧୁକ ଫୁଟେଇ ଦେଲା ଯେ ଯିଏ ଯୁଆଡ଼େ ଡରି ପଳେଇଲେ ।

ମୁଣ୍ଡଟା ତା'ର ଝିମ୍ ଝିମ୍ ହେଇଗଲା ଏ କଥା ଶୁଣି । ବୁଧେଇ ତ ଅବାକ୍ ହୋଇଯାଇଥିଲା ସେତେବେଳକୁ । ଦୁହେଁ କେମିତି ଯେ ଯାଇ ଘରେ ପହଞ୍ଚିଛନ୍ତି ଜାଣିନାହାନ୍ତି ।

ଅଧା ଭଙ୍ଗା କବାଟଟାକୁ ଠେଲିଦେଇ ଭିତରକୁ ପଶିଗଲା ବୁଧେଇ । ପଛରେ ନିଧିଆ । ବୁଧେଇ ଦେଖିଲା କିଛି ଦୁରରେ ଗଡୁଛି ସାତବରଷର ପୁଅ ବଳିଆ । ପାଟିରେ କନା ବିଣ୍ଡାଟାଏ । ପଛପଟୁ ହାତଦିଟା ବନ୍ଧା । ବୁଧେଇ ଧାଇଁ ଯାଇ କନାବିଣ୍ଡାଟା ପାଟିରୁ ବାହାର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରିଦେଇ ହାତ ଦିଟା ଖୋଲିଦେଲା ଓ ଛାତିରେ ଜଡ଼େଇ ଧରିଲା ବଳିଆକୁ । ବଳିଆ ବଳିଆ ବୋଲି କେତେ ଡାକିଲା, ହେଲେ ବଳିଆ ତୁଣ୍ଡରେ ଉତ୍ତର ନଥିଲା । କେବଳ ବଡ଼ ବଡ଼ ଆଖିରେ ଯାହା ଚାହିଁ ରହିଥିଲା ତା ମୁହଁକୁ । ହଠାତ୍ ବୁଧେଇର ହୃତପିଣ୍ଡର ସ୍ପନ୍ଦନ ଯେମିତି ଧିରେ ଧିରେ ବନ୍ଦ ହେଇ ଆସିଲା । ବଳିଆର ନିଷ୍ପ୍ରାଣ ଶରୀରଟାକୁ ଜାବୁଡ଼ି ଧରି ମୋ ବଳିଆରେ ଡାକିଦେଇ ସେଇଠି ଟଳି ପଡ଼ିଲା ବୁଧେଇ ।

ବାଡ଼ିଟା ଠକ୍ ଠକ୍ କରି ଆଗକୁ ଯାଉ ଯାଉ କଣ ଗୋଟେ ବାଜିଲା ନିଧିଆ ଦେହରେ । ବାଡ଼ିଟା ପକେଇ ଦେଇ ଅଣ୍ଡାଳି ପକେଇଲା ସେ । ତା' ହାତରେ ପଡ଼ିଲା ଗୋଡ଼ ଦି'ଟା । ପରଖି ଦେଖିଲା, ଉପରୁ ଓହଳିଛି ତା ଝିଅ ଶାରିଆର ନିଷ୍ପ୍ରାଣ ଶରୀରଟା । ସେ ଲଥ୍ କରି ବସିପଡ଼ିଲା ସେଇଠି । ତା ମୁହଁରେ ଆଉ ଭାଷା ନଥିଲା । ତା ମୁଣ୍ଡର ତନ୍ତ୍ରୀଗୁଡ଼ାକ ଯେମିତି ଛିଣ୍ଡି ଖିନ୍‌ଭିନ୍ ହୋଇଯାଉଥିଲା । ପିଲା ବେଳର କେଉଁ ଏକ ଅଶୁଭ ମୁହୂର୍ତ୍ତରୁ ତା ଆଖିରେ ଜମାଟ ବାନ୍ଧି ଯାଇଥିବା ବହଳ ଅନ୍ଧାର ଆହୁରି ବହଳ ହେଇ ଆସୁଥିଲା । ନିଷ୍ପ୍ରଭ ଦୁଇ ଆଖି କୋଣରୁ ଝରି ଆସୁଥିଲା ଦି ଧାର ଲୁହ ।

ଅବସରପ୍ରାପ୍ତ ଶିକ୍ଷକ

କୁରୁମ, ବାଙ୍କତରା

ଓଡ଼ଗାଁ, ନୟାଗଡ଼, ଓଡ଼ିଶା

ଭ୍ରାମ୍ୟଭାଷ : ୯୯୩୭୮୭୧୮୦୫

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କାମିନୀ



ଦୀପକ ଷଡ଼ଙ୍ଗୀ

ସୀତାନାଥ ବାବୁ କଟକରେ ନୂଆ କରି ପୋଷ୍ଟମାଷ୍ଟର ଜେନରାଲ ହୋଇ କି ଆସି ଥାଆନ୍ତି । ତାଙ୍କ ଅଧୀନରେ କଟକ ଜିଲ୍ଲାର ଅଧିକାଂଶ ପୋଷ୍ଟ ଅଫିସ ରହିଥିଲା । କିଛିଦିନ ହେବ ବଡମ୍ବା ଅଞ୍ଚଳ ଦୁର୍ଜନପୁରର ଲୋକଙ୍କ ଠାରୁ ସେ ଅଭିଯୋଗ ପାଇ ଆସୁଥିଲେ ଯେ ସେଠିକାର ପୋଷ୍ଟ ଅଫିସରେ କିଛି କାମ ହେଉନି ବୋଲି । ସେଠିକାର ପୋଷ୍ଟମାଷ୍ଟର ଯିଏ ଥିଲେ ସେ ମାସକରେ ୭ ଦିନ ଆସିଲେ ୧୦ ଦିନ ଛୁଟିରେ ରହୁଛନ୍ତି । ଯେହେତୁ ଗ୍ରାମାଞ୍ଚଳ ସେଥି ପାଇଁ ବହୁତ ଲୋକ ପୋଷ୍ଟ ଅଫିସ ଉପରେ ହିଁ ନିର୍ଭର କରି ଆସୁଥିଲେ ଟଙ୍କା ରଖିବା, ଉଠାଇବା ଫିକ୍ସ ଡିପୋଜିଟ, ଚିଠିପତ୍ର ଆଦି ବହୁ କାମରେ ପୋଷ୍ଟ ଅଫିସ ହିଁ ଥିଲା ଲୋକଙ୍କର ଏକମାତ୍ର ସାହା ଭରସା । ସରକାରଙ୍କ ତରଫରୁ ଆଦେଶ ଆସିଲା ଯେ ପର୍ଯ୍ୟନ୍ତ ଦୁର୍ଜନପୁରକୁ କୌଣସି ନୂଆ ପୋଷ୍ଟମାଷ୍ଟରଙ୍କୁ ନିଯୁକ୍ତି ଦିଆଯାଇ ନାହିଁ ସେ ପର୍ଯ୍ୟନ୍ତ ସୀତାନାଥ ବାବୁ କିଛି ଦିନ ଦୁର୍ଜନପୁର ପୋଷ୍ଟଅଫିସରେ ଡେପୁଟେସନରେ କାମ କରିବେ । ବିଧିବଦ୍ଧ ଭାବେ ସରକାରୀ ଚିଠି ପାଇବା ପରେ ସେ ବାହାରିଲେ ଦୁର୍ଜନପୁର ଅଭିମୁଖେ । ବସରେ ପ୍ରାୟ ତିନିଘଣ୍ଟାର ଯାତ୍ରା ପରେ ସେ ଯାଇଁ ପହଞ୍ଚିଲେ ବସଷ୍ଟାଣ୍ଡରେ । ଲୋକଙ୍କ ଠାରୁ ପଚାରି ବୁଝି ନେଲେ ଯେ ସେଇଠୁ ଦୁର୍ଜନପୁର ଗାଁ ପ୍ରାୟ ୧୦ କିଲୋମିଟରର ରାସ୍ତା ଯେଉଠି କି ଯିବା ପାଇଁ ମଧ୍ୟ କିଛି ସାଧନ ନାହିଁ ।

ବସଷ୍ଟାଣ୍ଡରେ କିଛି ସମୟ ବସିଲା ପରେ ଜଣେ ଲୋକ ଆସି ତାଙ୍କୁ ନମସ୍କାର ପକାଇଲା ଆଉ କହିଲା "ଆଜ୍ଞା ଆପଣ ହେଉଛନ୍ତି ସୀତାନାଥ ମହାନ୍ତି ନା ? ସୀତାନାଥ ବାବୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସମ୍ମତି ଦବା ପୂର୍ବରୁ ଲୋକଟି ସୀତାନାଥ ବାବୁଙ୍କର ବ୍ୟାଗ ଦୁଇଟିକୁ ଦୁଇ ହାତରେ ଉଠାଇ ନେଇ କହିଲା "ଆସନ୍ତୁ ମୋ ସାଥିରେ ଆପଣ ଆଜି ଆସୁଛନ୍ତି ବୋଲି ମୋତେ ଆଗରୁ କଟକ ଅଫିସରୁ ଖବର ମିଳି ସାରିଥିଲା । ମୋ ନା ପୀତାମ୍ବର ସାହୁ ମୁଁ ଦୁର୍ଜନପୁର ପୋଷ୍ଟଅଫିସର ଏକମାତ୍ର କର୍ମଚାରୀ । ଆପଣଙ୍କର ରହିବା ଓ ଖାଇବାର ବ୍ୟବସ୍ଥା ସବୁ ଆମ ଗାଁ ଡାକ ବଙ୍ଗଳାରେ ହୋଇଛି । ସୀତାନାଥ ବାବୁ ପଚାରିଲେ "ଆଚ୍ଛା ତୁମେ ମୋତେ ବସ ଷ୍ଟାଣ୍ଡରେ ଚିହ୍ନିଲ କେମିତି"? ପୀତାମ୍ବର କହିଲା ଏଥିରେ କୌଣସି ସନ୍ଦେହ ନଥିଲା ଯେ ପରିଷ୍କାର ସୁଟସାର୍ଟ ପିନ୍ଧା ବାବୁ ତ ଆମ ଗାଁ ବସଷ୍ଟାଣ୍ଡ ରେ ତ ଆପଣ ହିଁ ଥିଲେ । ମୁଁ ଆମ ଗାଁ ର ସବୁ ଲୋକଙ୍କୁ ଚିହ୍ନିଛି ତେଣୁ ଆପଣଙ୍କୁ ପାଇବା ମୋ ପାଇଁ କିଛି କଷ୍ଟକର କାମ ନଥିଲା" । ସୀତାନାଥ ବାବୁ ଅଳ୍ପ ହସି କହିଲେ "ପୀତାମ୍ବର ବର୍ତମାନ ଆମେ ତୁମ ଗାଁ କୁ ଯିବା କେମିତି" । ପୀତାମ୍ବର ସଙ୍ଗେ ସଙ୍ଗେ ନିଜ ସାଇକେଲ ଆଡକୁ ହାତ ଦେଖେଇ କହିଲା ଏଇ ଦେଖୁ ନାହାଁନ୍ତି ସାର ଆପଣଙ୍କୁ ନବା ପାଇଁ ମୁ ମୋ ଶୂନଗାଡି କୁ କେମିତି ସଜେଇ କି ଆଣିଛି । ଶୂନ ଗାଡି ଶୁଣି ସୀତାନାଥ ବାବୁ ହସି ଉଠିଲେ ।

ପୀତାମ୍ବର କହିଲା, "ଆପଣ ହସିଲେ ଯେ ଆମ ଗାଁରେ ତ ୟାକୁ ସମସ୍ତେ ଶୂନ ଗାଡି ବ ସାର ବୋଲି କହୁ । ଆପଣ ପଛରେ ବସନ୍ତୁ ମୁଁ ଆପଣଙ୍କୁ ନେଇ ସାବଧାନରେ ଡାକବଙ୍ଗଳାରେ ଛାଡି ଦେଇ ଆସିବି । ଏତିକି କହି ପୀତାମ୍ବର ବ୍ୟାଗ ଦୁଇଟିକୁ ସାଇକେଲ ହ୍ୟାଣ୍ଡଲ୍ ରେ ଟଙ୍ଗେଇ ଦେଇ ସୀତାନାଥ ବାବୁଙ୍କୁ ସାଇକେଲ ର କ୍ୟାରିଆର ରେ ବସିବାକୁ କହିଲା । ପୀତାମ୍ବର ସାଇକେଲ ରେ ପେଡାଲ ମାରି ଆଗକୁ ମାଡି ଚାଲିଲା ପଛରେ ବସିବାକୁ ସୀତାନାଥ ବାବୁଙ୍କୁ ଟିକେ କଷ୍ଟ ହେଉଥାଏ । କିନ୍ତୁ ଆଉ କିଛି ଉପାୟ ମଧ୍ୟ ନାହିଁ । କିଛି ବାଟ ଗଲା ପରେ ମାଟି ରାସ୍ତା ପଡିଲା । ରାସ୍ତାରେ ବଡ ବଡ ଖାଲଖମା । ଗୋଟେ ଗୋଟେ ଜାଗାରେ ବଡ ବଡ ପଥର ମଧ୍ୟ ବାହାରି କି ଥାଏ । ପଛରେ ବସିଥିବା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସୀତାନାଥ ବାବୁଙ୍କୁ ବଡ କଷ୍ଟ ହେଉଥାଏ । ସେ ପୀତାମ୍ବରକୁ କହିଲେ "ଏମିତିଆ ରାସ୍ତା ଆଉ କେତେ ବାଟ ପର୍ଯ୍ୟନ୍ତ ରହିବ ପୀତାମ୍ବର କହିଲା ହଁ ପ୍ରାୟ ୩/୪ କିଲୋମିଟର ପର୍ଯ୍ୟନ୍ତ ରହିବ । ସୀତାନାଥ ବାବୁ କହିଲେ "ତେବେ ଟିକେ ରହିଯାଅ ଆମେ ସେତିକି ବାଟ ଚାଲିଚାଲି ପଳେଇବା ।" ସୀତାନାଥ ବାବୁଙ୍କ କଥା ଶୁଣି ପୀତାମ୍ବର ସାଇକେଲରୁ ଓହ୍ଲେଇ ଗଡେଇବାକୁ ଲାଗିଲା । ସୀତାନାଥ ବାବୁ ତାକୁ ପଚାରିଲେ "ତୁମେ ଏ ପୋଷ୍ଟ ଅଫିସରେ କେତେ ଦିନ ହେଲାଣି ରହିଲଣି" ? ପୀତାମ୍ବର ଉତ୍ତର ଦେଲା ମୋର ଏଇଠି ତ ଜନ୍ମ ମାଟ୍ରିକ ପାସ କଲା ପରେ ବାପା ମରିଗଲା ପରେ ମୁଁ ବାପାଙ୍କ ପୋଷ୍ଟରେ ରହିଛି । ମୋର ଏଠି ପ୍ରାୟ ୧୫ ବର୍ଷ ହୋଇ ଗଲାଣି" । ସୀତାନାଥ ବାବୁ ପୁଣି ପଚାରିଲେ "ଏଠିକି କୌଣସି ପୋଷ୍ଟ ମାଷ୍ଟର କାହିଁକି ରହୁ ନାହାଁନ୍ତି ? ଯିଏ ବି ରହୁଛି ପୋଷ୍ଟ ଅଫିସକୁ ନିୟମିତ ଆସୁନି ଯାହା ଫଳରେ କି ମୋତେ ଏଠିକି ଡେପୁଟେସନରେ ପଠା ହୋଇଛି । କଣ ପାଇଁ ଏମିତି ହେଉଛି ? ପୀତାମ୍ବର କିଛି ସମୟ ଅଟକି ଯାଇ ପଚାରିଲା "ସାର ଆପଣଙ୍କ ପରିବାରରେ ଆଉ କିଏ କିଏ ଅଛନ୍ତି" ? ସୀତାନାଥ ବାବୁ କହିଲେ "ମୋର ପରିବାର କହିଲେ ମୁଁ ଏକା ମୋ ସ୍ତ୍ରୀ ଗତ ଦୁଇ ବର୍ଷ ହେଲାଣି ଆର ପାରିକି ଚାଲି ଗଲାଣି । ଆଉ ବାପା ମା ତ କେବେ ଠୁ ଚାଲି ଗଲେଣି । ମୁଁ ଏବେ ସମ୍ପୂର୍ଣ୍ଣ ଏକା ପୀତାମ୍ବର ଟିକେ ରହି ଯାଇ କହିଲା "ତେବେ ସାର ଆପଣ ଏଠି ଟିକେ ଜଗି ରଖି ଚଳିବେ" । ସୀତାନାଥ ବାବୁ ପଚାରିଲେ "କାହିଁକି କଣ ପାଇଁ" ? ଏଥର ପୀତାମ୍ବରର ସ୍ୱର ଟିକେ ଗମ୍ଭୀର ହୋଇ ଗଲା ସେ କହିଲା "ସାର ଆମ ପୋଷ୍ଟଅଫିସ ଯିବା ବାଟରେ ଗୋଟେ ନିଛାଟିଆ ରାସ୍ତା ପଡେ ସେଇ ବାଟ ଦେଇ ସାଧାରଣତଃ କେହି ବେଶୀ ଯିବା ଆସିବା କରନ୍ତି ନାହିଁ । ପ୍ରାୟ ପାଞ୍ଚ ବର୍ଷ ତଳେ କାମିନୀ ବୋଲି ଗୋଟେ ୨୦ /୨୧ ବର୍ଷର ଝିଅକୁ ଆମ ଗାଁର ୨ଟା ଟୋକା ତାକୁ ସେଇଠି ଧର୍ଷଣ କରି ମାରି କି ଫୋପାଡି ଦେଇ ଚାଲି ଯାଇଥିଲେ । ସେ ମରିବାର କିଛି ଦିନ ପରେ ଗୋଟେ ଟୋକାର ଶବ

 Magazine Downloaded from www.aahwaan.com

ଠିକ୍ ସେଇ ଜାଗାରୁ ହିଁ ମିଳିଥିଲା । କାମିନୀର ଅମୋକ୍ଷ ଆତ୍ମା ତାକୁ ମାରି ଗଛରେ ଟଙ୍ଗେଇ ଦେଇଥିଲା । ଲୋକମାନେ କୁହନ୍ତି ଯେ କାମିନୀ କୁଆଡେ ରାତି ହେଲେ ସେଇ ରାସ୍ତାରେ ବସି କାନ୍ଦେ । ଏମିତିକି ଗାଁ ଲୋକେ ତାକୁ ସେଠୁ ବାହାର କରିବା ପାଇଁ କେତେ ଥର ଗୁଣିଆ ଓ ତାନ୍ତ୍ରିକ ଆଦି ଆଣି ପୂଜା ପାଠ କରେଇଲେଣି କିନ୍ତୁ କାମିନୀ ସେ ଯାଗା ଛାଡି ଜମାରୁ ଯାଉନି, ଆଉ ସେଥି ଯୋଗୁଁ କୌଣସି ପୋଷ୍ଟମାଷ୍ଟର ଏଠିକି ଆସିବା ପାଇଁ ମନ ବଳାଉ ନାହାନ୍ତି ଆଉ ଯିଏ ବି ଆସୁଛନ୍ତି ସେ କିଛି ଦିନ ପରେ ଏଠୁ ଛାଡି ପଳାଉଛନ୍ତି । ସେଥିପାଇଁ ମୁଁ ଆପଣଙ୍କୁ ଏବେଠାରୁ ସାବଧାନ କରେଇ ଦଉଛି ଆପଣ ୪ଟା ବାଜିଲାମାନେ ପୋଷ୍ଟଅଫିସ ଛାଡି ଡାକ ବଙ୍ଗଳାକୁ ଫେରି ଆସିବେ । ଟିକେ ରାତି ହେଲା ମାନେ ତା'ର ଦୌରାତ୍ମ୍ୟ ଆରମ୍ଭ ହୋଇଯାଉଛି । ସେ ରାସ୍ତାରେ ସେଥିପାଇଁ ସନ୍ଧ୍ୟା ହେଲେ ଆଉ କେହି ଯିବା ଆସିବା କରୁ ନାହାଁନ୍ତି" ।

ଏ ସବୁ କଥା ପୀତାମ୍ବର ଠାରୁ ଶୁଣି ସୀତାନାଥ ବାବୁ ହସି ଉଠିଲେ କହିଲେ "ଆଜିକା ଯୁଗରେ ତୁମେ ଏ ଭୂତପ୍ରେତ କଥାରେ ବିଶ୍ୱାସ କରୁଛ । ହଉ ହଉ ମାଟି ରାସ୍ତା ସରି ଆସିଲାଣି ଏଥର ତୁମେ ପଛରେ ବସ ମୁଁ ସାଇକେଲ ଚଳଉଛି ।" ଏତିକି କହି ସୀତାନାଥ ବାବୁ ନିଜେ ସାଇକେଲ ଚଲେଇଲେ ଆଉ ପୀତାମ୍ବର ପଛରେ ବସିଲା ପ୍ରାୟ ଗୋଟେ ଅଧ ଘଣ୍ଟା ପରେ ସେମାନେ ଯାଇଁ ଦୁର୍ଜନପୁର ଗାଁର ଡାକ ବଙ୍ଗଳାରେ ପହଞ୍ଚି ଗଲେ । ସେଦିନ ଆଉ ପୋଷ୍ଟଅଫିସକୁ ନ ଯାଇ ସୀତାନାଥ ବାବୁ ଡାକ ବଙ୍ଗଳାରେ ବିଶ୍ରାମ କଲେ । ତା ପର ଦିନ ଯାଇ ସୀତାନାଥ ବାବୁ ପୋଷ୍ଟ ଅଫିସର ସବୁ କାମ କୁ ନିଜେ ତନଖି ନେଲେ । କିଛି ଦିନ ଭିତରେ ସୀତାନାଥ ବାବୁଙ୍କୁ ଗାଁର ସମସ୍ତେ ଚିହ୍ନିଗଲେ । ତାଙ୍କ କାମକୁ ମଧ୍ୟ ସମସ୍ତେ ପ୍ରଶଂସା କରୁଥିଲେ କାରଣ ସେ ଥିଲେ ଜଣେ କର୍ତବ୍ୟପରାୟଣ ଲୋକ । ଠିକ ସମୟରେ ପୋଷ୍ଟଅଫିସ କୁ ଯିବା ଓ ବନ୍ଦ କରିବା ଥିଲା ତାଙ୍କର ନିତି ଦିନିଆ କାମ । ଏଇ ଭିତରେ

 Magazine Downloaded from www.aahwaan.com

ସେସବୁ ଦିନ ସେହି ରାସ୍ତା ଦେଇ ଯିବା ଆସିବା କରୁଥାଆନ୍ତି ଯେଉଁ ବାଟର କଥା ସେ ପୀତାମ୍ବର ଠାରୁ ଓ ଗାଁ ର ଅନ୍ୟ ଲୋକ ମାନଙ୍କ ଠାରୁ ମଧ୍ୟ ଶୁଣିଥିଲେ କିନ୍ତୁ ସେ କେବେ କୌଣସି ଦିନ କିଛି ଅସୁବିଧାର ସମ୍ମୁଖୀନ ହୋଇ ନାହାନ୍ତି ।

ଏମିତି ପ୍ରାୟ ୬ ମାସ କଟିଗଲା ବର୍ଷା ଦିନ ଆସି ଯାଇଥାଏ । ଗାଁ ରାସ୍ତା ଏକଦମ କାଦୁଅରେ ଭର୍ତ୍ତି ହୋଇ ଯାଇଥାଏ । ସେଦିନ ଥିଲା ଶନିବାର ଆଉ ଅମାବାସ୍ୟାର ତିଥି । ସୋମବାର କିଛି ଗୋଟେ ଛୁଟି ଦିନ ଥିବାରୁ ସୀତାନାଥ ବାବୁ ଚାହୁଁଥିଲେ ସବୁ କାମ ଠିକ ସେ ସାରିଦେବା ପାଇଁ କାରଣ ଆଗାମୀ ଦୁଇଦିନ ଛୁଟି ରହିବ । ସେଦିନ କାମ ସରୁସରୁ ଟିକେ ବେଶୀ ରାତି ହେଇଗଲା ପୀତାମ୍ବର ବି ଦୁଇ ଦିନ ହେଲାଣି ପୋଷ୍ଟ ଅଫିସ ଆସି ନ ଥିଲା । ରାତି ପ୍ରାୟ ୮ଟା ବାଜି ଯାଇଥାଏ ସବୁ କାମ ସାରି ପୋଷ୍ଟଅଫିସ ବନ୍ଦ କରି ସୀତାନାଥ ବାବୁ ସାଇକେଲ ନେଇ ଡାକବଙ୍ଗଳାକୁ ଯିବାକୁ ବାହାରିଲା ବେଳକୁ କୁଆଡେ ଗୋଟେ ବାଦଲ ଥିଲା କେଜାଣି ଆସି ଅସରାଏ ବର୍ଷା ଢାଳି ଦେଇଗଲା । ଝିଙ୍କାରି, ବେଙ୍ଗ ଆଦି ଜନ୍ତୁ ମାନଙ୍କ ଶବ୍ଦ ପରିବେଶକୁ ଆହୁରି ଭୟଙ୍କର କରେଇ ଦେଉଥାଏ । ପୋଷ୍ଟ ଅଫିସରେ ଲାଇନ ସନ୍ଧ୍ୟା ବେଳଠାରୁ ନାହିଁ । ପାଖରେ ଥିବା ବ୍ୟାଟେରୀ ଟର୍ଚ୍ଚକୁ ସୀତାନାଥ ବାବୁ ବାହାର କଲେ ଓ ସାଇକେଲ ଚଲେଇ ଧୀରେ ଧୀରେ ଆଗକୁ ବଢିଲେ ଆଜି ତାଙ୍କୁ ଟିକେ ବେଶୀ ଭୟ ଲାଗୁଥାଏ । ଅନ୍ଧାର ରାତିକୁ ବର୍ଷା କିନ୍ତୁ ତଥାପି ସେ ମହା ମୃତ୍ୟୁଞ୍ଜୟ ମନ୍ତ୍ର ଜପ କରି କରି ସେ ଆଗକୁ ଚାଲି ଥାଆନ୍ତି । ପୋଷ୍ଟଅଫିସ ଠାରୁ ଡାକ ବଙ୍ଗଳା ପ୍ରାୟ ୫ କିଲୋମିଟରର ରାସ୍ତା । କିଛି ବାଟ ଗଲା ପରେ ସେହି ରାସ୍ତା ପଡିଲା ଯେଉଁ ରାସ୍ତାରେ କାମିନୀ ମରିଥିଲା । ସେ ଚାହୁଁ ଥାଆନ୍ତି ସାଇକେଲ ଜୋରରେ ଚଲେଇବା ପାଇଁ କିନ୍ତୁ ବର୍ଷା ଆଉ କାଦୁଅ ରାସ୍ତାରେ ତାହା ଥିଲା ଅସମ୍ଭବ । ହଠାତ ତାଙ୍କୁ ମନେ ହେଲା ଯେପରି ତାଙ୍କ ପଛରୁ ଜଣେ କିଏ ତାଙ୍କ ପଛେପଛେ ଆସୁଛି । ସେ ଶୁଣି ପାରୁଥାନ୍ତି ଜଣେ କିଏ ସ୍ତ୍ରୀ ଲୋକର

 Magazine Downloaded from www.aahwaan.com

ଚାଲିବାର ଶବ୍ଦ ସେଥିପାଇଁ ସେ ସାଇକେଲର ବ୍ରେକ ମାରିଲେ ଆଉ କିଛି ସମୟ ରହିଗଲେ । ଏଥର ସେ ଚାଲିବାର ଶବ୍ଦ ମଧ୍ୟ ବନ୍ଦ । ସୀତାନାଥ ବାବୁ ପୁଣି ସାଇକେଲ ଚଳେଇବାକୁ ଆରମ୍ଭ କଲେ । ପୁଣି ସେହି ଚାଲିବାର ଶବ୍ଦ ଏଥର ଚାଲିବାର ଶବ୍ଦଟା ବେଶୀ ସ୍ପଷ୍ଟ ଶୁଣାଯାଉଥାଏ ତାଙ୍କୁ । ମନେହେଲା କିଏ ଯେପରି ତାଙ୍କ ସାଇକେଲର ପଛକୁ ଟାଣି ଧରିବାକୁ ଚେଷ୍ଟା କରୁଛି । ଖୁବ ଜୋରରେ ଡରିଗଲେ ସୀତାନାଥ ବାବୁ ମହା ମୃତ୍ୟୁଞ୍ଜୟ ମନ୍ତ୍ରକୁ ସେ ଜୋରରେ ବଡପାଟିରେ ଜପ କରିବାକୁ ଲାଗିଲେ । ତାଙ୍କୁ ଲାଗିଲା ଯେ ସତେ ଯେପରି ସେ ଶବ୍ଦ କୁଆଡେ ଉଭେଇଗଲା ପରି । ସେ ସାଇକେଲ ଚଳେଇବାକୁ ଗଲା ବେଳକୁ ତାଙ୍କୁ ଲାଗିଲା ଯେ କେହି ଜଣେ ସ୍ତ୍ରୀ ଲୋକର କାନ୍ଦିବାର ସ୍ୱର । ସୀତାନାଥ ବାବୁ ସବୁ ସାହସ ଜୁଟେଇ କହିଲେ, "ଯେ କେହି ବି ଏଠି ଅଛ ମୁଁ ସବୁ ତୁମ ବିଷୟରେ ଗାଁ ଲୋକ ଆଉ ପୀତାମ୍ବର ଠାରୁ ଶୁଣି ସାରିଛି ତୁମେ କଣ ପାଇଁ ଏଠି ରହି ଲୋକ ମାନଙ୍କୁ ହଇରାଣ କରୁଛ କଣ ତୁମ ଇଚ୍ଛା ?" ସୀତାନାଥ ବାବୁଙ୍କର ଏତିକି କଥା ସରିଛି କି ନାହିଁ ସେ ଦେଖିଲେ ରାସ୍ତାର ଆରପଟେ ବିଲ ଭିତରେ ଏକ କୁଡିଆ ଘର ଭିତରେ ଗୋଟେ ଉ଼ଜ୍ୱଳ ହୋଇ ଆଲୁଅ ଜଳି ଉଠିଲା ।  ତାଙ୍କୁ ମନେ ହେଲା ଯେପରି କିଏ ତାଙ୍କୁ ଜଣେ ସେଠାକୁ ଭିଡି ନେଇ ଯାଉଛି । ସୀତାନାଥ ବାବୁ କୁଡିଆ ପାଖରେ ପହଞ୍ଚିଲା ବେଳକୁ ଶୁଣିପାରିଲେ ଗୋଟେ ଜୋରରେ ଗର୍ଜନ କରୁଥିବାର ଶବ୍ଦ । ସେ କୁଡିଆ ଭିତରକୁ ଗଲେ ସେ ଯେମିତି ଭିତରକୁ ଯାଇଛନ୍ତି ସଙ୍ଗେ ସଙ୍ଗେ ସେ ଆଲୁଅଟି ଲିଭିଗଲା କିନ୍ତୁ ସେ ଗର୍ଜନ ଆହୁରି ଜୋରରେ ହଉଥାଏ । ଲାଗୁଥାଏ ସତେ ଯେପରି କିଏ ଜେଣେ କାହାର ବେକକୁ ଜୋରରେ ମାଡି ବସିଛି ସୀତାନାଥ ବାବୁ ଟର୍ଚ ମାରିଲା ବେଳକୁ ଆରେ ଏ କଣ ଏ ତ ପୀତାମ୍ବର । କିନ୍ତୁ ପୀତାମ୍ବରର ଶରୀର ଶୂନ୍ୟେ ଶୂନ୍ୟେ କୁଡିଆର ଉପରେ ଥାଏ । ପୀତାମ୍ବରର ବେକକୁ ଗୋଟେ ଅଦୃଶ୍ୟ ଶକ୍ତି ଚିପିକି ଧରିଥାଏ । ସେ ଗଁ ଗଁ ଶବ୍ଦ କରୁଥାଏ । ସୀତାନାଥ ବାବୁ ଯେମିତି ମହା

 Magazine Downloaded from www.aahwaan.com

ମୃତ୍ୟୁଞ୍ଜୟ ମନ୍ତ୍ର ଜପ କରିଛନ୍ତି କଚାଡି ହୋଇ କି ପଡିଲା ପୀତାମ୍ବର ଉପରୁ ତଳକୁ । ସେ ଦଉଡି ଆସି ସୀତାନାଥ ବାବୁଙ୍କ ଗୋଡ ତଳେ ପଡି ଚିତ୍କାର କରି କହିଲା "ସାର ମୋତେ ଏ କାମିନୀ କବଳରୁ ରକ୍ଷା କରନ୍ତୁ ।" ଏତିକି କହିଛି କି ନାଇଁ ପୁଣି ପୀତାମ୍ବରର ଶରୀର ଉପରୁକୁ ଉଠି ସେଇଠି ଲଟକିଲା ଭଳି ରହିଗଲା । ତାକୁ ଜଣେ ଯେମିତି କହୁଥାଏ ଯେ ତୁ ସୀତାନାଥ ବାବୁଙ୍କୁ ସବୁ ସତ କଥା କହ । ପୁଣି କଚାଡି ହୋଇ ତଳେ ପଡିଲା ସେ । ପୀତାମ୍ବର ସୀତାନାଥ ବାବୁଙ୍କ ପାଖକୁ ଦଉଡି ଆସି କହିଲା "ସାର ଏ ହେଉଛି କାମିନୀ ସେ ମୋତେ କହୁଛି ଯେ ମୁଁ ଆପଣଙ୍କୁ ସବୁ ସତକଥା କହି ଦବା ପାଇଁ । ଯଦି ଆପଣ ମୋ କଥା ଶୁଣି ୧୦୮ ମହା ମୃତ୍ୟୁଞ୍ଜୟ ମନ୍ତ୍ର ଜପ କରି ଏ କୁଡିଆରେ ନିଆଁ ଲଗେଇ ଦେଇ ପାରିବେ ତେବେ ଯାଇଁ କାମିନୀର ଆତ୍ମା ମୋକ୍ଷ ହେବ । ସୀତାନାଥ ବାବୁ କହିଲେ କେଉଁ ସତ କଥା ତୁ ମୋତେ କହିବୁ ?

ପୀତାମ୍ବର ଆରମ୍ଭ କଲା "କାମିନୀ ହେଉଛି ଆମ ଗାଁ ଭୋଳା ମଉସାଙ୍କର ଏକମାତ୍ର ଝିଅ । ଦେଖିବାକୁ ବହୁତ ସୁନ୍ଦର ମୁଁ ଦଶମରେ ପଢିଲା ବେଳେ ସେ ସ୍କୁଲରେ ନବମ ଶ୍ରେଣୀରେ ପଢୁଥିଲା । ମୁଁ ତାକୁ ବହୁତ ଭଲ ପାଉଥିଲି । ମୁଁ ଦଶମ ଶ୍ରେଣୀ ପାସ କରିବାପରେ ମୋ ବାପା ମରିଗଲେ ଏବଂ ମୋତେ ତାଙ୍କ ଜାଗାରେ ପୋଷ୍ଟଅଫିସରେ ଚାକିରି ମିଳିଲା । ଭଲ କିଛି ପଇସା ଆସିବା ପରେ ମୁଁ ମୋ ସାଙ୍ଗ ମଦନା ସହିତ ମିଶି ମଦ ପିଇବା ଆରମ୍ଭ କଲି । ମୋତେ କାମିନୀ ସବୁବେଳେ ମନା କରୁଥିଲା ଯେ ମଦନା ସହ ନ ମିଶିବା ପାଇଁ କିନ୍ତୁ ମୁଁ ତାର କିଛି କଥା ଶୁଣି ନଥିଲି । ଏମିତି ଦିନେ ଆମେ ଦୁଇ ଜଣ ସାଙ୍ଗ ଏଇ କୁଡିଆ ଭିତରେ ବସି ମଦ ପିଉଥିଲୁ । ସେଦିନ ଆମକୁ ଏଇ କୁଡିଆ ଭିତରେ କାମିନୀ ଦେଖିନେଲା ମୋତେ ମଦନା ସହ ଦେଖି ସେ ବହୁତ ରାଗିଗଲା କହିଲା ଯେ ଆଜି ଠାରୁ ତା'ର ମୋ ସହ ଆଉ କିଛି ସମ୍ପର୍କ ନାହିଁ ବୋଲି । ମୁଁ ମଦ ନିଶାରେ ଏକ ଦମ୍ ଚୁର୍ ଥିଲି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେ ଏମିତି ସବୁ କହି କୁଡିଆ ବାହାରକୁ ଗଲାବେଳକୁ ମୁଁ ଆଉ ମଦନ ତାକୁ ପଛରୁ ମାଡି ବସିଲୁ ଆଉ ଜଣକ ପରେ ଜଣେ ଆମେ ତାକୁ ବଳତ୍କାର କଲୁ । କାଳେ ସେ ଗାଁରେ ସମସ୍ତଙ୍କୁ ଜଣେଇ ଦବ ବୋଲି ତା'ର ତଣ୍ଟି କି ଚିପି କି ମାରି ଦେଇ ଏଇ ପାଖ ଆମ୍ବ ଗଛରେ ଟଙ୍ଗେଇ ଦେଲୁ । ପର ଦିନ ସମସ୍ତେ ଜାଣିଲେ ଯେ କାମିନୀ ଆତ୍ମହତ୍ୟା କରିଛି ବୋଲି ।"

ପୀତାମ୍ବରର ଏତିକି କଥା ସରିଛି କି ନାହିଁ ସୀତାନାଥ ବାବୁଙ୍କ ଆଗରେ ହିଁ ଗୋଟେ ଅଦୃଶ୍ୟ ଶକ୍ତି ଆସି ପୀତାମ୍ବରର ମୁଣ୍ଡକୁ ମୋଡି ଦେଲା କଡମଡ ହୋଇକି ତା ମୁଣ୍ଡ ତା ପିଠି ଆଡକୁ ବୁଲି ଗଲା ଆଉ ସେ ସେଇଠି ଟଳି ପଡିଲା । ସୀତାନାଥ ବାବୁ ଦେଖିଲେ ସେ ମରିବାର କିଛି କ୍ଷଣ ପରେ ପୁଣି ଆଲୋକିତ ହେଇ ଉଠିଲା କୁଡିଆଟି ସେ ଦେଖିଲେ ଭିତରେ କିଛି କାଠ ଦେଇ ନିଆଁ ଲାଗିଛି । ପୀତାମ୍ବରର କହିବା ମୁତାବକ ସେ ୧୦୮ ଥର ମହା ମୃତ୍ୟୁଞ୍ଜୟ ମନ୍ତ୍ର ଜପ କରି ସାରିଲା ପରେ ସେ କୁଡିଆରେ ନିଆଁ ଲଗେଇ ଦେଲେ । ବର୍ଷାରେ ଓଦା ହୋଇଥବା ଚାଳ ଛପର କୁଡିଆ ହୁତୁହୁତୁ ହେଇ ଜଳିବା ସୀତାନାଥ ବାବୁ ତାଙ୍କ ଜୀବନରେ ପ୍ରଥମ ଥର ଦେଖୁଥିଲେ । ସେପଟେ ଆକାଶରେ ମେଘ ଛାଡି ଯାଇଥିଲା ଆଉ ସୂର୍ଯ୍ୟ ଉଦୟ ହୋଇ ଆସୁଥିଲେ ପୂର୍ବ ଦିଗବଳୟରୁ ।

(ଏକ ବଙ୍ଗଳା କାହାଣୀ ରୁ ଅନୁପ୍ରାଣିତ )

ଅଧ୍ୟାପକ, ରୋଲାଣ୍ଡ ଫାର୍ମାସୀ କଲେଜ,
ବ୍ରହ୍ମପୁର, ଓଡିଶା

Magazine Downloaded from www.aahwaan.com

# ଚାରୋଟି ଲୋକଗଳ୍ପ



ସୁଧାଂଶୁ ଦ୍ୱିବେଦୀ

୧. ତେନାଲି ରାମ (ଦକ୍ଷିଣ ଭାରତର ଲୋକଗଳ୍ପ)

ଦକ୍ଷିଣ ଭାରତର ତେନାଲୀ ଗାଁରେ ତେନାଲୀ ରାମ ବୋଲି ଜଣେ ବାଳକ ଥିଲା । କେହି ଜଣେ ସନ୍ନ୍ୟାସୀଙ୍କ କହିବା ଅନୁସାରେ ସେ କାଳିମନ୍ଦିରରେ ବସି ମା'ଙ୍କର ଲକ୍ଷେ ଜପ କଲା । କାଳି ମା' ତା'ପ୍ରତି ଖୁସି ହୋଇ ସହସ୍ର ମୁହଁ ଓ ଦୁଇଟି ହାତ ସହ ପ୍ରକଟ ହେଲେ । ମା'ଙ୍କୁ ଦେଖି ତେନାଲୀରାମ ଭୟ ନକରି ଖୁବ୍ ଜୋରରେ ହସିଲା ।

ଫଳରେ ମା' କାଳୀ ଆଶ୍ଚର୍ଯ୍ୟ ହୋଇ ତାକୁ ପଚାରିଲେ, "କିରେ ! ମୋର ଏଭଳି ବିକଟାଳ ରୂପ ଦେଖି ଭୟଭୀତ ନ ହୋଇ ଏତେ ଜୋରରେ ହସୁଛୁ କାହିଁକି ?"

ତେନାଲୀ ପୂର୍ବପରି ହସି ହସି କହିଲା, "ହେ ମା ! ଆପଣଙ୍କୁ ଯଦି କେବେ ଥଣ୍ଡା / ସର୍ଦ୍ଦି ହେବ, ସେତେବେଳେ ଦୁଇହାତରେ ହଜାରେଟା ନାକକୁ କେମିତି ପୋଛିବେ ?"

ତେନାଲୀ ରାମର ତାଚ୍ଛଲ୍ୟଭରା କଥା ମା'କ୍ରୋଧିତ ହୋଇ କହିଲେ, "ତୁ ମୋ ବିକଟାଳ ରୂପ ଦେଖି ହସୁଛୁ, ଯା ଆଜିଠୁ ହସିବା ତୋର କାର୍ଯ୍ୟ ହେବ, ତୁ ବିକଟ ହେବୁ ।"

ବିକଟ କବି - ଏହା ଏକ ବିଲୋମ ଶବ୍ଦ, ଡାହାଣରୁ ପଢ଼ିଲେ ଯାହା ବାମରୁ ପଢ଼ିଲେ ବି ସେଇୟା ହୁଏ ।

ସମୟକ୍ରମେ ତେନାଲୀ ରାମ ବିଜୟନଗର ରାଜ ଦରବାରରେ ମହାରାଜା କୃଷ୍ଣଦେବ ଦେବରାୟଙ୍କର ପରାମର୍ଶଦାତା ଭାବେ ଶେଷ ଜୀବନ ଯାଏ ବିକଟ କବି ହୋଇ କାର୍ଯ୍ୟ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭୁଲାଇଥିଲେ ।

୧. ଅପ୍ରସନ୍ନ (କାଶ୍ମୀରର ଲୋକଗଳ୍ପ)

ଜଣେ ଲୋକ ଅଖରୁଟ୍ ଗଛତଳେ ବସିଥାଏ, ନିକଟରେ କଖାରୁ ଲତା ମାଡ଼ି ଗଛ ଉପରକୁ ଯାଇଥାଏ, ସେଥିରେ ମଧ୍ୟ କଖାରୁ ଫଳିଥାଏ । ଲୋକଟି ଅଖରୁଟ ଫଳକୁ ଦେଖି ବଡ଼ ଅପ୍ରସନ୍ନ ଭାବରେ କହିଲା, "ହେ ଭଗବାନ ! ତୁମଭଳି ମୂର୍ଖ ଏ ଦୁନିଆରେ କେହି ନାହାନ୍ତି । ଏତେବଡ଼ ଗଛରେ ଏତେ ଛୋଟ ଫଳ ଅଥଚ ଛୋଟ ଲତାରେ ଏତେବଡ଼ ଫଳ ! ଯଦି ଏହି ବିଶାଳ ବୃକ୍ଷରେ କଖାରୁ ଭଳି ଫଳ ଫଳିଥାନ୍ତା ଆଉ ଏଇ ଲତାରେ ଅଖରୁଟ୍ ହେଉଥାନ୍ତା, ତା ହେଲେ ତୁମ ବୁଦ୍ଧିକୁ ମୁଁ ତାରିଫ୍ କରିଥାନ୍ତି ।"

ଠିକ୍ ସେଇ ସମୟରେ ଗୋଟେ ଅଖରୁଟ୍ ଲୋକଟିର ମୁଣ୍ଡରେ ପଡ଼ିଲା । ସେ ଚମକି ଉଠି କହିଲା, "ପ୍ରଭୂ ! ତୁମ ସର୍ଜନା ସବୁ ଠିକ୍ । ଯଦି ଏତେ ଉଚ୍ଚରୁ କଖାରୁଟା ମୋ ମୁଣ୍ଡରେ ପଡ଼ିଥାନ୍ତା... ! ! ତୁମ ବୁଦ୍ଧି ଓ ଦୟା ସମସ୍ତଙ୍କ ପାଇଁ ଅପାର ଅଟେ ।"

୩. ନଦୀରେ ଚାଲିଲେ (ବଙ୍ଗଳା ଲୋକଗଳ୍ପ)

ଜଣେ ସାଧୁ ଗଙ୍ଗାନଦୀ କୂଳରେ ଧ୍ୟାନରେ ବସିଥାନ୍ତି, ତାଙ୍କୁ ପ୍ରଭାବିତ କରିବାକୁ ଅନ୍ୟଜଣେ ସାଧୁ ସେ କୂଳରୁ ପାଣି ଉପରେ ଚାଲି ଚାଲି ତପସ୍ୟାରତ ସାଧୁଙ୍କ ନିକଟକୁ ଆସିଲେ ।

ପ୍ରଥମେ ସେ ସାଧୁଙ୍କ ନିକଟକୁ ଯାଇ କହିଲେ, "ମୋ ଚମତ୍କାର ଦେଖିଲେ ତ ! କିପରି ମୁଁ ପାଣି ଉପରେ ଚାଲି ଚାଲି ନଦୀ ପାର ହେଲି ।"

"ହଁ ଦେଖିଲି ! ବଡ଼ ଚମତ୍କାର, ହେଲେ ସେ ବିଦ୍ୟା ଆପଣ କାହାଠାରୁ ଶିକ୍ଷା କରିଥିଲେ ?" ତପସ୍ୟାରେ ବସିଥିବା ସାଧୁ ପ୍ରଶ୍ନକଲେ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

"ଦୀର୍ଘ ୧୨ ବର୍ଷ ହିମାଳୟର ପର୍ବତ ଶିଖରରେ ମୁଁ ତପସ୍ୟା କରିଛି, ତା ସହ କ୍ରିୟାଯୋଗ ଅଭ୍ୟାସ କରିଛି । ସପ୍ତାହରେ ମାତ୍ର ଥରେ ଭୋଜନ କରିଛି । ଏତେ ସବୁ ପରେ ସିଦ୍ଧି ହାସଲ କରିପାରିଛି ।" ଆଗନ୍ତୁକ ସାଧୁ ଜଣାଇଲେ ।

ତପସ୍ୟାରେ ବସିଥିବା ସାଧୁ ହଠାତ୍ କହିଲେ, "ଆଛା ସେ ସବୁ ଶିଖିବା ପାଇଁ ଆପଣ କାହିଁକି ଏତେ କଷ୍ଟ କରୁଥିଲେ ? ନାଉରିଆକୁ ଟଙ୍କେ କି ଦି ଟଙ୍କା ଦେଇଥିଲେ ସେ ଘାଟରୁ ଆଣି ଏ ଘାଟରେ ଛାଡ଼ି ଦେଇଥାନ୍ତା ।"

୪. ଲୋକଗଳ୍ପର ମହତ୍ତ୍ୱ ( ଦକ୍ଷିଣ ଭାରତର ଲୋକଗଳ୍ପ)

ଜଣେ ବୁଢ଼ୀ ଗାଢ଼ଅନ୍ଧାରରେ ଗୋଟେ ଗଳି ରାସ୍ତାରେ କିଛି ଖୋଜୁଥାଏ, ଜଣେ ପଥିକ ତାର ଏଭଳି କାର୍ଯ୍ୟ ଦେଖି ପଚାରିଲା, "କଣ ଖୋଜୁଛ ମାଉସୀ ? କିଛି ହଜିଯାଇଛି କି ?"

ବୁଢ଼ୀ କହିଲା, "ହଁରେ ପୁଅ ମୋ ତାଲାଟା ହଜିଯାଇଛି, ସଂଜରୁ ଖୋଜୁଛି ଯେ ମିଳୁନି ।"

"ତାଲା କୋଉଠି ପକେଇଛୁ ତୋର ମନେ ଅଛି ?" ପଥିକ ପଚାରିଲା ।

"ନା, କିଛି ମନେ ପଡୁନି । ବୋଧେ ଘରେ ପକେଇଥିଲି ।"

"ଘରେ ପକେଇଛୁ, ଅଥଚ ଏ ଅନ୍ଧାର ଗଳିରେ ଖୋଜୁଛୁ ?"

"ଘର ଭିତରେ ଖୁବ୍ ଅନ୍ଧାର, ମୋ ଦୀପରେ ବି ତେଲ ନାହିଁ । ଏଠି ଗଳିରେ ଜଳୁଥିବା ବତୀରେ ମୋ ତାଲା ଖୋଜୁଛି ।"

ବୁଢ଼ୀର କଥା ଯେତେ ଆଶ୍ଚର୍ଯ୍ୟ ଥିଲା, ତାର ତାଲା ଖୋଜିବା ପ୍ରସଙ୍ଗ ସେତେ ରୋମାଞ୍ଚକର୍ ମନେ ହେଉଥିଲା ପଥିକକୁ ।

ଭ୍ରାମ୍ୟଭାଷ : ୯୬୮୧୩୭୩୫୧୨, ଇମେଲ୍ : s.dwibedy@rediffmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭଗବାନଙ୍କ ଭରସାରେ ( ? )



ବାଲ୍ମୀକି ନାୟକ

ମୋ : ୯୪୮୨୦୧୬୨୬୦

ଥରେ ଆମେ ବେଙ୍ଗାଲୁରୁ ଠାରୁ ଟ୍ରେନରେ ଓଡିଶା ଯାଉଥିଲୁ । କମ୍ପାର୍ଟମେଣ୍ଟରେ ସମସ୍ତେ ଓଡ଼ିଆ ଯାତ୍ରୀ ଥିଲେ । ଆଖ ପାଖ ବର୍ଥରେ ବସିଥିବା ଯାତ୍ରୀଙ୍କ ସହ ସାମାନ୍ୟ ପରିଚୟ ହୋଇ ଯିବା ପରେ ସମସ୍ତେ ନିଜକୁ ସହଜ ଅନୁଭବ  କରୁଥିଲେ । ମାତ୍ର ଚବିଶ ଘଣ୍ଟାର କଥା । ସମୟ ବିତାଇବା ପାଇଁ ଗପିବା ଜରୁରୀ ଥିଲା ।

ଜଣେ ବୟସ୍କ ଯାତ୍ରୀ କଥା ଆରମ୍ଭ କଲେ - "ଆଜ୍ଞା ଏ ଦେଶର ଅବସ୍ଥା ଯାହା ହେଲାଣି, ଟ୍ରେନରେ ଯାତ୍ରା କରିବା ସୁରକ୍ଷିତ ମନେ ହେଉନି । ଆମେ ଖାଲି ଭଗବାନଙ୍କ ଭରସାରେ ଯାତ୍ରା କରୁଛୁ ।"

ଅନ୍ୟ ଜଣେ ଯାତ୍ରୀ କହିଲେ - "ଠିକ କହିଛନ୍ତି ଆଜ୍ଞା । ଆମ ରାଜ୍ୟର ଅବସ୍ଥା ଏମିତି ଯେ ଆମ ଗ୍ରାମ ଅଞ୍ଚଳରେ ଛୋଟ ଡାକ୍ତରଖାନାଟିଏ ମଧ୍ୟ ନାହିଁ, ଲୋକମାନେ କେବଳ ଭଗବାନଙ୍କ ଭରସାରେ ବଞ୍ଚି ରହିଛନ୍ତି।"

ପୂର୍ବ ଯାତ୍ରୀ କହିଲେ - "ମୁଁ ଜଣେ ଅବସରପ୍ରାପ୍ତ ଅଧ୍ୟାପକ । ବର୍ତ୍ତମାନ ସହର ଛାଡି ନିଜ ଗ୍ରାମରେ ରହୁଛି । ଭାବିଥିଲି ସହରର ପ୍ରଦୂଷଣ ଓ କୋଳାହଳଠାରୁ ଦୂରରେ ରହି ଶାନ୍ତିରେ ଜୀବନ କଟିଯିବ । ପୁଅ ବୋହୂ ବେଙ୍ଗାଲୁରୁରେ ରହି ଚାକିରି କରୁଛନ୍ତି । ବର୍ଷରେ ଦୁଇ ଚାରିଥର ଆମକୁ ଆସିବାକୁ ପଡିଥାଏ । ଗ୍ରାମର ପରିବେଶ ଆଉ ଆଗଭଳି ନାହିଁ ।

 Magazine Downloaded from www.aahwaan.com

ସେଠାରେ ମଧ୍ୟ ଗଛ ଲତା ସବୁ କାଟି ନିର୍ମୂଳ କରି ସାରିଲେଣି । ଗାଆଁ ଟୋକାଙ୍କ ଦ୍ୱାରା ବର୍ଷକୁ ତିନି ଚାରିଟା ପୂଜା ମଣ୍ଡପ ସଜା ହୁଏ । ପୂଜା ପାଇଁ ଚାନ୍ଦା ଦେବା ବାଧ୍ୟତା ମୂଳକ । ପୂଜା ଦିନ ଗୁଡିକରେ ଲାଉଡ଼ ସ୍ପିକର ଲଗେଇ ଅଶ୍ରାବ୍ୟ ଭଜନ ଓ ସିନେମା ଗୀତ ବଜାଉଛନ୍ତି ଯେ ମଣିଷ ଟିକିଏ ଶାନ୍ତିରେ ଶୋଇ ପାରିବନି । ଧ୍ୱନି ପ୍ରଦୂଷଣ କଥା କାହାକୁ କହିଲେ, କେହି ଶୁଣିବାକୁ ନାହିଁ । ସମସ୍ତେ ତେଣୁ ଭଗବାନଙ୍କ ଭରସାରେ ବଞ୍ଚୁଛନ୍ତି ।”

ପାଖରେ ବସିଥିବା ଜଣେ ଯୁବକ ମୁଁହ ଖୋଲିଲେ - “ଦେଶରେ ଯେତେ ଅବ୍ୟବସ୍ଥା ଚାଲିଛି ସବୁ ଆମର ଭ୍ରଷ୍ଟ ରାଜନେତାଙ୍କ ଯୋଗୁ । କୃଷକମାନଙ୍କ ସମସ୍ୟା, ଶ୍ରମିକମାନଙ୍କ ସମସ୍ୟା, ଶିକ୍ଷା କ୍ଷେତ୍ରରେ ସମସ୍ୟା, ସ୍ୱାସ୍ଥ୍ୟ କ୍ଷେତ୍ରରେ ସମସ୍ୟା ସବୁ କିଛି ସେମାନଙ୍କ ଅପାରଗତାର ପରିଣାମ । ସମସ୍ତେ ନିରୁପାୟ ହୋଇ ଭଗବାନଙ୍କ ଭରସାରେ ହିଁ କାଳ କାଟୁଛନ୍ତି ।”

ମୁଁ ସମସ୍ତଙ୍କ ମନ୍ତବ୍ୟକୁ ନିରବରେ ଶୁଣୁଥିଲି । ମୋର ହେତୁବାଦୀ ମନ ଟିକିଏ ଖୁଜୁବୁଜୁ ହେଲା । ମୁଁ କହିଲି - “ଆପଣମାନେ ସମସ୍ତେ ମୋତେ କ୍ଷମା କରିବେ, ମୋର କେତୋଟି ପ୍ରଶ୍ନର ଉତ୍ତର ଦିଅନ୍ତୁ ।” ସମସ୍ତେ ମୋତେ ପ୍ରଶ୍ନବାଚୀ ଦୃଷ୍ଟିରେ ଚାହିଁଲେ । ମୁଁ ପଚାରିଲି - “ଆପଣମାନେ ସମସ୍ତେ ଭଗବାନଙ୍କୁ ବିଶ୍ୱାସ କରୁଛନ୍ତି ତ ?”

ସମସ୍ତେ ଏକ ସ୍ୱରରେ କହିଲେ - ‘ହଁ’

ମୁଁ ପଚାରିଲି - “କରି କରାଉଥାଏ ମୁହିଁ, ମୋ ବିନୁ ଅନ୍ୟଗତି ନାହିଁ । ଅର୍ଥାତ ସବୁ କିଛି ଭଗବାନ ହିଁ କରୁଛନ୍ତି । ଏହି ଆପ୍ତ ବାକ୍ୟଟି ଠିକ ନା ଭୁଲ ?”

ସମସ୍ତେ ହୁଏତ ଟିକିଏ ଚିନ୍ତାରେ ପଡିଗଲେ । କେହି କିଛି ଉତ୍ତର ଦେଲେ ନାହିଁ ।

ମୁଁ ସେମାନଙ୍କର ନିରବତାର ସୁଯୋଗ ନେଇ ଏଥର ପଚାରିଲି - “ଭଗବାନ ସର୍ବ

 Magazine Downloaded from www.aahwaan.com

ଶକ୍ତିମାନ, ସର୍ବଜ୍ଞ ଓ ମଙ୍ଗଳମୟ ବୋଲି ମାନୁଛନ୍ତି କି ନାହିଁ ?"

ସମସ୍ତେ ପୁଣି କହିଲେ - "ହଁ ମାନୁଛୁ ।"

ମୁଁ ଉତ୍ସାହିତ ହୋଇ କହିଲି - "ତା'ହେଲେ ଆପଣମାନେ ସରକାର ଓ ରାଜନେତା ମାନଙ୍କ ଅବ୍ୟବସ୍ଥା ଦେଖି ଚିନ୍ତା କରୁଛନ୍ତି କାହିଁକି ଏବଂ ଏତେ ଦୁଃଖୀ ହେଉଛନ୍ତି କାହିଁକି ? ଭଗବାନଙ୍କ ଭରସାରେ ସମସ୍ତେ ଅଛନ୍ତି ତ ବହୁତ ଭଲ କଥା । ଭଗବାନ ସମସ୍ତଙ୍କର ମଙ୍ଗଳ କରିବେ ।"

ମୋର ଉତ୍ତର ଶୁଣି ସମସ୍ତେ ପରସ୍ପରକୁ ଚାହିଁଲେ । କ'ଣ କହିବେ ହୁଏତ ଭାବୁଥିଲେ ?

ଅଧ୍ୟାପକ ଜଣକ କହିଲେ - "ଆପଣ ଯାହା କହୁଛନ୍ତି ଠିକ ଯେ ହେଲେ ଭଗବାନ କ'ଣ ନିଜେ ଆସି ବ୍ୟବସ୍ଥା ଠିକ କରିଦେବେ ? ମଣିଷର ବି ତ କିଛି କର୍ତ୍ତବ୍ୟ ଅଛି । ମଣିଷ ତା'ର କର୍ତ୍ତବ୍ୟ ନ କରି ଖାଲି ଭଗବାନଙ୍କ ଭରସାରେ ବସି ରହିଲେ କ'ଣ ବ୍ୟବସ୍ଥା ସୁଧୁରିଯିବ ?"

ମୁଁ କହିଲି - "ଠିକ କହିଲେ ଆପଣ । ମଣିଷ ନିଜର ଉଚିତ କର୍ତ୍ତବ୍ୟ ନ କରି, ତଥାକଥିତ ଭଗବାନ ଉପରେ ଭରସା କରୁଥିବାରୁ କିଛି ମଧ୍ୟ ସୁଧୁରି ପାରୁନି । ଗଣତନ୍ତ୍ର ଦେଶରେ ଆମେ ହିଁ ତ ନେତାମାନଙ୍କୁ ଭୋଟଦେଇ ସରକାର ଗଠନ କରିବାକୁ ପଠାଉଛୁ । ସେତେବେଳେ ଆମେ ଭଲ ଲୋକଟିଏ ବାଛି ପାରୁନୁ କାହିଁକି ? ଯଦି ଖରାପ ଲୋକକୁ ଆମେ ବାଛିବା ତେବେ ସରକାର ଭଲ ହେବ କିପରି ?

ଆଉ ଗୋଟିଏ କଥା ଚିନ୍ତା କରନ୍ତୁ - ଆମର ଧାର୍ମିକ ବିଶ୍ୱାସ ଯୋଗୁ ଭାରତର ପ୍ରତ୍ୟେକ ଗ୍ରାମରେ ଗୋଟିଏ ଜାଗାରେ ଦୁଇଟି ମନ୍ଦିର ନିର୍ମାଣ କରିବାପାଇଁ, ଲୋକମାନେ ମୁକ୍ତହସ୍ତରେ ଧନ ଦାନ କରୁଛନ୍ତି କିନ୍ତୁ ସେହି ଗ୍ରାମର ଭଙ୍ଗା ରାସ୍ତାଟିର ମରାମତି ପାଇଁ, ଭଙ୍ଗା ସ୍କୁଲଘରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚାଲୁଥିବା ପିଲାଙ୍କ ବିଦ୍ୟାଳୟ ପାଇଁ, ପାନୀୟ ଜଳର ବ୍ୟବସ୍ଥା ପାଇଁ କିମ୍ବା ସ୍ୱାସ୍ଥ୍ୟ କେନ୍ଦ୍ର ପାଇଁ କେହି ଟଙ୍କାଟିଏ ମଧ୍ୟ ଦାନ କରିବାକୁ ଚାହାନ୍ତି ନାହିଁ । କୁହନ୍ତି - ଏସବୁ ସରକାରଙ୍କର କାମ, ଆମେ କାହିଁକି ଖର୍ଚ୍ଚ କରିବୁ ?"

ସେମାନେ ବୁଝି ପାରୁନାହାନ୍ତି ଯେ ମନ୍ଦିରରେ ଖର୍ଚ୍ଚ କଲେ, ଯଦି କିଛି ଫାଇଦା ହେବ ତାହା ମୃତ୍ୟୁ ପରେ ହିଁ ସ୍ୱର୍ଗ ( ?) ଲାଭହେବ । ହେବ କି ନାହିଁ ତାହା ମଧ୍ୟ ନିଶ୍ଚିତ ନୁହେଁ । କିନ୍ତୁ ବଞ୍ଚିଥିବା ବେଳେ ରାସ୍ତା, ବିଦ୍ୟାଳୟ, ପାନୀୟ ଜଳ ଓ ଡାକ୍ତର ଖାନାରେ ଖର୍ଚ୍ଚ କଲେ ସମସ୍ତଙ୍କର ଜୀବନ ସୁଖମୟ ହେବ । ସେହିଭଳି ସହରରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଦେବୀ ଦେବତାଙ୍କର ମେଢ଼ ଲଗାଇ ଯେଉଁ ଧନ ଖର୍ଚ୍ଚ କରୁଛନ୍ତି, ତାହା ଦ୍ୱାରା ସାଧାରଣ ଜନତାଙ୍କ କ'ଣ ଫାଇଦା ହେଉଛି ? ଓଲଟା ଧ୍ୱନି ପ୍ରଦୂଷଣ, ପରିବେଶ ପ୍ରଦୂଷଣ ଓ ନଦୀ ବା ପୋଖରୀର ଜଳ ପ୍ରଦୂଷଣ ହେଉଛି । ସେହି ଧନରେ ସେହି ସାହି ବା ଗଳିର ଅନେକ ଜନହିତକର କାମ ହୋଇପାରନ୍ତା । କିନ୍ତୁ ପୂଜାପାଇଁ ଦାନ ଦେଉଥିବା ଲୋକ ଏଥିପାଇଁ ଦେବେ ନାହିଁ । ସେମାନେ ବି ସେହି କଥା କୁହନ୍ତି - 'ଏସବୁ ପ୍ରଶାସନର କାମ, ଆମେ କାହିଁକି ଖର୍ଚ୍ଚ କରିବୁ ?' ସେମିତି ଅସ୍ୱାସ୍ଥ୍ୟକର ପରିବେଶରେ, ନାନା ପ୍ରକାର ଅସୁବିଧାରେ, ବର୍ଷ ବର୍ଷ ଧରି ଜୀବନ ବିତାଇବାକୁ ବାଧ୍ୟ ହେଉଛନ୍ତି ସିନା କିନ୍ତୁ ନିଜ ଖର୍ଚ୍ଚରେ ନିଜ ଅଞ୍ଚଳକୁ ସୁଧାରିବାକୁ କେହି ଚାହାଁନ୍ତି ନାହିଁ । ନିଜର ଦୋଷ ଛଡ଼ାଇବା ପାଇଁ କୁହନ୍ତି - 'ଆମେ ତ ଭଗବାନଙ୍କ ଭରସାରେ ବଞ୍ଚିଛୁ ।'

ଜଣେ ବନ୍ଧୁଙ୍କ ଠାରୁ ଶୁଣିଥିଲି - ଜଣେ ଭାରତୀୟ ବାବୁ ଆମେରିକା ଗସ୍ତ ସମୟରେ ଉଡାଜାହାଜରେ ଜଣେ ନାସ୍ତିକ ଇଂରେଜ ଲୋକଙ୍କ ପାଖରେ ବସିଥିଲେ । ଭାରତୀୟ ବାବୁ ତାଙ୍କୁ ପଚାରିଲେ - ଆପଣ ଭାରତ ଭ୍ରମଣ ଅନୁଭୂତି ସମ୍ପର୍କରେ କିଛି କହିବେକି ? ସେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଉତ୍ତର ଦେଲେ - ମୁଁ ଜଣେ ନାସ୍ତିକ (An Atheist) କିନ୍ତୁ ଭାରତ ଭ୍ରମଣ କରିବା ପରେ ମୁଁ ଭଗବାନଙ୍କୁ ବିଶ୍ୱାସ କରିବାକୁ ଚାହୁଁଛି । ଭାରତୀୟ ବାବୁ ଉତ୍ସାହିତ ହୋଇ ପୁଣି ପଚାରିଲେ - ଆପଣ କାହିଁକି ଏପରି କହୁଛନ୍ତି ? ସେ ଉତ୍ତର ଦେଲେ - ଏହି ଦେଶରେ ସବୁ ପ୍ରକାର ଅବ୍ୟବସ୍ଥା ଥାଇ ମଧ୍ୟ ଏତେ ବଡ଼ ଗଣତାନ୍ତ୍ରିକ ଦେଶ ଭଗବାନଙ୍କ ଭରସାରେ ଚାଲିଛି । ଏହା କ*ଣ ଭଗବାନଙ୍କୁ ବିଶ୍ୱାସ କରିବା ପାଇଁ ଯଥେଷ୍ଟ ନୁହେଁ ? ଭାରତୀୟ ବାବୁ ଜଣକ ଏଭଳି ଉତ୍ତର ଶୁଣି ମନରେ ଗର୍ବ ଅନୁଭବ କରୁଥିବେ, କି ଲଜ୍ଜା ଅନୁଭବ କରୁଥିବେ ମୁଁ କହି ପାରିବି ନାହିଁ ।

Magazine Downloaded from www.aahwaan.com

# ସରି ସାର୍ (ଏକାଙ୍କିକା)



ନୂତନ କୁମାର ବେହେରା

(ଭୂମିକାରେ ଦୀପକ, ରବିନ୍, ମଧୁକଣ୍ଠ ଓ ପ୍ରାଚୁର୍ଯ୍ୟ ଚାନ୍ଦା ଆଦାୟକାରୀ, ମହେଶ୍ୱର ବାବୁ, ପଥିକ ଗାଡି ଆରୋହୀ, ଏସ. ଆଇ. ସତ୍ୟାନନ୍ଦ ସାର୍ ଏବଂ କନେଷ୍ଟବଳ ଦୀନାନାଥ )

ପ୍ରଥମ ଦୃଶ୍ୟ

(ମଞ୍ଚକୁ ଆଲୋକ ଆସିବାରୁ ଦେଖାଗଲା ବ୍ୟସ୍ତ ବହୁଳ ସହରର ରାଜ ରାସ୍ତା, ଏକ ଛକ ସ୍ଥାନରେ ଦୋକାନ ବଜାର । ହାତରେ ରସିଦ୍ ବହି ଧରି ଠିଆହୋଇ ପଥିକମାନଙ୍କଠାରୁ ଚାନ୍ଦା ଆଦାୟ କରୁଥାନ୍ତି)

ଦୀପକ - (ସାମ୍ନା ଆଡୁ ଆସୁଥିବା କାରଟିକୁ ହାତ ଦେଖାଇ ଅଟକାଇଛି, ଗାଡି ସାଇଡ୍ ରେ ରଖି ଓହ୍ଲାଇଛନ୍ତି ମହେଶ୍ୱର ବାବୁ)

ମହେଶ୍ୱର ବାବୁ - ଏ କଣ ହେଉଛି ? ମୋ ଗାଡି ଅଟକାଇଲେ କାହିଁକି ?

ଦୀପକ - କିଛି ନାହିଁ ସାର୍, ଆମେ ଦୁର୍ଗା ପୂଜା ଚାନ୍ଦା ଆଦାୟ କରୁଛୁ ।

ମହେଶ୍ୱର ବାବୁ - ତ ! ଏଇଥି ପାଇଁ ଯାକୁ ନାହିଁ ତାକୁ ବାଟରେ ଅଟକାଇବ ।

ରବିନ୍ - (ଆଗକୁ ଆସି) ସାର୍ ଆପଣଙ୍କୁ ନ ଅଟକାଇଲେ ଆମେ ଚାନ୍ଦା ଆଦାୟ କରିବା କେମିତି ?

ପ୍ରାଚୁର୍ଯ୍ୟ - ଆରେ ସାର୍ ବ୍ୟସ୍ତ ଥିବେ, ଛାଡ ।

ସାର୍ ଆପଣ ମାତ୍ର ୫୦୧ ଟଙ୍କା ଦିଅନ୍ତୁ, ଏଇ ରସିଦ୍ ରଖନ୍ତୁ ।

ମହେଶ୍ୱର ବାବୁ - କଣ ହେଲା ୫୦୧ ଟଙ୍କା, ଏଇଟା ଚାନ୍ଦା ଆଦାୟ ନା ଜୁଲୁମ୍ । ତମେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବୋଧ୍ହୁଏ ଜାଣିନ ଏଇଟା ବେଆଇନ୍ କାମ ।

ମଧୁକଣ୍ଠ - ସାର୍, ଏତେ ଲିଗାଲ୍ ଫିଗାଲ୍ ଆମେ ଜାଣୁ ନା, ଆମର ଚାନ୍ଦା ଦରକାର । ଆପଣ ଦେବେ ଆଉ ଆମେ ନେବୁ । ଅଯଥା ଝାମେଲା କରନ୍ତୁ ନାହିଁ । ଶୀଘ୍ର ଦିଅନ୍ତୁ ।

ମହେଶ୍ବର ବାବୁ - ଜମାରୁ ମୁଁ ଗୋଟାଏ ଟଙ୍କା ବି ଦେବିନି, କଣ କରିବାର ଅଛି କର (ଗାଡି ଭିତରକୁ ଯିବାକୁ ଉଦ୍ୟତ)

ରବିନ୍ - ଆବେ ଏଇଟା ଭାରି ଗିଧ ବୁଢାଟା, ଏ ପରା କାହାକୁ ଦିହର ମଳିଟିକେ ଦିଏ ନାହିଁ ।

ଦୀପକ - ହଉ, ଠିକ୍ ଅଛି, ଦେଖି ନେବା ।

ମହେଶ୍ବର ବାବୁ - (ଫେରି ଆସି) କଣ କହିଲ, କଣ କହିଲ, ଦେଖି ନେବ, କଣ ଦେଖିବ ଦେଖ । ଏମିତି ଧମକ୍ କଣ ଦେଉଛ ? ଧମକ୍ ଦେଲେ ଭାବୁଛ ମୁଁ ୫୦୧ ଟଙ୍କା ଦେଇ ଦେବି, ନୁହେଁ । ଆରେ ତୁମେମାନେ ପୁରାପୁରି ବଦମାସ ଗୁଡାକ । କିଛି ଭଲ ବ୍ୟବହାର ଜାଣିନ ।

ମଧୁକଣ୍ଠ - (ବ୍ୟଙ୍ଗ କରି) ଆରେ ସାର୍ ଜାଣିଛନ୍ତିରେ ଆମେ ବଦମାସ୍ ପିଲା ଆମ କେରେକ୍ଟାର ଢିଲା । (ସମସ୍ତେ ବିଦ୍ରୁପ କରି ହସିଲେ )

ଦୀପକ - ଆରେ ଜାଣିଲେ କେତେବେଳେ, ରହ ରହ କାଲି ଯେତେବେଳେ ତାଙ୍କ ଝିଅ କଲେଜ୍ ଆସିବ, ଆମକୁ ଠିକ୍ ଜାଣିବେ ଆମେ କେତେ ଖରାପ ।

ମହେଶ୍ବର ବାବୁ - (ଦୀପକ ଗାଲରେ ଶକ୍ତ ଥାପଡ୍ ମାରି) ବଦମାସ୍ । କଣ ଭାବିଲ, ମୋ ଝିଅକୁ ଖରାପ୍ ବ୍ୟବହାର କରିବ, କିଡ଼ନାପ୍ କରିବ... ଜାଣିଛ ମୁଁ କିଏ ?

ରବିନ୍ - ହଁ, ଆପଣ ପ୍ରଧାନମନ୍ତ୍ରୀ ନା ମୁଖ୍ୟମନ୍ତ୍ରୀ, ପୁରା ବିଶ୍ବ ପ୍ରସିଦ୍ଧ ଯେ ଆମେ ଜାଣିନୁ, ଏବେ ଜାଣିବା ।

ମହେଶ୍ବର ବାବୁ - ଠିକ୍ ଅଛି, ମୋତେ ଜାଣିବ ତ ? ରୁହ ତୁମର ଚାନ୍ଦା ଆଦାୟ ଛଡାଉଛି । ଚାନ୍ଦା ନାଆରେ ଦେବାଦେବୀଙ୍କର ଦ୍ବାହି ଦେଇ ଅନ୍ୟାୟ ଭାବେ ଲୋକଙ୍କୁ ଠକୁଛ ଆଉ

 Magazine Downloaded from www.aahwaan.com

ସେହି ଟଙ୍କାରେ ମଦ ମାଂସ ଭୋଜିକରି ଖାଉଛ । ଏବେ ଦେଖା ହେବ ଥାନା ଅବା କୋର୍ଟରେ...

(ରାଗ ତମ ତମରେ ଗାଡି ସ୍ଟାଟ୍ କରି ଚାଲିଗଲେ )

ମଧୁକଣ୍ଠ - ଆବେ, ସତରେ ସେ ଲୋକଟା କିଏ ?

ରବିନ୍ - ମୁଁ ଜାଣିନି । ଛାଡ୍, ଯିଏ ହେଲେ ହେଉ ଆମର ଢୋ...

ପ୍ରାଚୁର୍ଯ୍ୟ - ରବିନ୍, କଥାଟାକୁ ସେମିତି ହାଲୁକା ଭାବେ ନେ ନା, ଆମକୁ ଜାଣିବାକୁ ହେବ ସେ କିଏ ? (ନେପଥ୍ୟରୁ, ଆରେ ସବୁ ମଲରେ, କାହା ସାଥିରେ ପଙ୍ଗା ନେଉଛ, ଜାଣିଛ ସେ କିଏ ? ସେ ପରା ଆମ ତହସିଲଦାର, ନୂଆ ଆସିଛନ୍ତି, ଭାରି ଷ୍ଟ୍ରିକ୍ଟ ଲୋକ ।)

ସମସ୍ତେ - ଏଁ (ଆଶ୍ଚର୍ଯ୍ୟରେ) କଣ ହେଲା ତହସିଲଦାର...

ମଞ୍ଚ ଅନ୍ଧାର

ପରବର୍ତ୍ତୀ ଦୃଶ୍ୟ

(ମଞ୍ଚରେ ଆଲୋକିତ ହେଲା ପରେ ଦେଖା ଗଲା ଥାନା, ଅଫିସ୍ ସାଜସଜ୍ଜା । ବସିଥାନ୍ତି ଏସ୍. ଆଇ. ସତ୍ୟାନନ୍ଦ ସାର୍ । ଆସିଛନ୍ତି କନେଷ୍ଟବଳ ଦୀନନାଥ ।)

ଦୀନନାଥ - (ସାଲ୍ୟୁଟ୍ ମାରି) ସାର୍ ସେମାନେ ଆସିଛନ୍ତି ।

ସତ୍ୟାନନ୍ଦ ସାର୍ - କେଉଁମାନେ...

ଦୀନାନାଥ - ସାର୍ ସେହି ଚାରି ଜଣ ଯୁବକ, ଯେଉଁମାନେ ଚାନ୍ଦା ମାଗି ତହସିଲଦାର ସାରଙ୍କୁ ହଇରାଣ କରୁଥିଲେ ।

ସତ୍ୟାନନ୍ଦ ସାର୍ - ଓକେ, ଠିକ୍ ଅଛି । ତାଙ୍କୁ ଆସିବାକୁ କୁହ ।

(ଦୀନନାଥ ସାଲ୍ୟୁଟ୍ ମାରି ଗଲା ଓ ତାଙ୍କୁ ନେଇ ଆସି ପୁଣି ସାଲ୍ୟୁଟ୍ ମାରି ପାଖରେ ଠିଆ ହେଲା)

 Magazine Downloaded from www.aahwaan.com

ସତ୍ୟାନନ୍ଦ ସାର୍ - (ହାତରେ ରୁଲ୍ ବାଡି ଧରି) କଣ ସାର୍ ମାନେ ଆସିଗଲେ । ଭାରି ଦାଦାଗିରି କରୁଛ । ଜୁଲୁମ୍ କରି ଚାନ୍ଦା ଆଦାୟ କରୁଛ ।

ସମସ୍ତେ - ଆମର ଭୁଲ୍ ହୋଇଛି ସାର୍ ।

ସତ୍ୟାନନ୍ଦ ସାର୍ - ଦୀନାନାଥ ଏମାନଙ୍କୁ ହାଜତ୍ ଭିତରେ ପୁରାଅ ।

ପ୍ରାଚୁର୍ଯ୍ୟ - ସାର୍ ଆମକୁ ଛାଡି ଦିଅନ୍ତୁ, ହାଜତ୍ ଭିତରକୁ ନିଅନ୍ତୁ ନାହିଁ । ଆମର ଲାଇଫ୍ ମଡର୍ ହୋଇ ଯିବ, ଆମେ ପାଠ ପଢିଛୁ ।

ସତ୍ୟାନନ୍ଦ ସାର୍ - ଚୁପ୍, ବଦମାସ୍, କଣ କହିଲା ପାଠ ପଢିଛୁ, ହଇରେ ଏଇ (ପାଖକୁଆସି) କି ପାଠ ପଢିଛୁ, ରାସ୍ତା ଘାଟରେ ଲୋକଙ୍କୁ ଡରେଇ ଧମକେଇ ବଟି ଆଦାୟ କରିବ ନାହିଁ । (ଚାରି ଜଣଙ୍କୁ ପିଟିପିଟି) ପର ଝିଅକୁ କମେଣ୍ଟ ମାରିବ, ମିସ୍ ବିହେଵ୍ କରିବ ନାହିଁ । ଆଜି ତୁମକୁ ପିଟି ତୁମର ଗୁଣ୍ଡାଗିରି ଛଡେଇ ଦେବି ।

ମଧୁକଣ୍ଠ - ସାର୍ ଆମ କଥା ଟିକେ ଶୁଣନ୍ତୁ, ଆମକୁ ଗୋରୁ ଗାଇ ପରି ମାରନ୍ତୁ ନାହିଁ । ଆମେ ମାନୁଛୁ ଆମର ଭୁଲ୍ ହୋଇଛି ।

ରବିନ୍ - ସମାଧାନ ପାଇଁ ଆମକୁ ଡାକି ଏମିତି ବାଡେଇବାଟା ଉଚିତ ହେଉନି ସାର୍ । ହଁ ଆମେ ଭୁଲ୍ କରିଛୁ, ଏମିତି ପିଟିଲେ କଣ ଆମେ ବଦଳି ଯିବୁ ? କହି ପାରିବେ ସାର୍, ଆପଣମାନଙ୍କ ପରି ପୋଲିସ୍ ଠାରୁ ମାଡ ଖାଇ ଆଜି ପର୍ଯ୍ୟନ୍ତ ବଦଳିଛନ୍ତି କେତେ, ନା ସାର୍ କହିପାରିବେ ନାହିଁ । କେହି ବଦଳି ନାହାଁନ୍ତି ବରଂ ଡକାୟତ ସାଜିଛନ୍ତି,ସନ୍ତ୍ରାସବାଦି ସାଜିଛନ୍ତି ।

ସତ୍ୟାନନ୍ଦ ସାର୍ - ଚୁପ୍ ଚୁପ୍, ସେ ସିନେମା ଡାଇଲଗ୍ ବନ୍ଦକର । ଏମିତି ମୁଁ ବହୁତ ଶୁଣିଛି ।

ମଧୁକଣ୍ଠ - ବହୁତ ଶୁଣି ଥିବେ ସାର୍, ସେହି ସିନେମା ଡାଇଲଗ୍ ତ ଆମରି ପରି କେହି ଲେଖୁଛି କେହି କହୁଛି । ଏ ସବୁ ଏମିତି ଘଟଣାକୁ ବଢେଇବା ପାଇଁ ନୁହେଁ ବରଂ କମେଇବା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାଇଁ, ଆଉ ଆପଣ ନିଆଁରେ କୁଟା ପକାଉଛନ୍ତି । ଆମକୁ ଉପହାସ କରୁଛନ୍ତି ।

ଦୀପକ - ଆମକୁ ଛତରା ଭାବନ୍ତୁ ନାହିଁ ସାର, ଆମେ ବି ଅନେକ ପାଠ ପଢିଛୁ । ଭାଗ୍ୟ ସାଥ୍ ଦେଲେ ଆମେ ବି ବଡ ବଡ ପଦବୀର ଅଧିକାରୀ ହୋଇପାରିବା ।

ସତ୍ୟାନନ୍ଦ ସାର୍ - ଠିକ୍ ଅଛି ଆସ, ବସିବା ଆଲୋଚନା କରିବା ।

ପ୍ରାଚୁର୍ଯ୍ୟ - ଧନ୍ୟବାଦ ସାର, ଆମ ମଜବୁରି ବୁଝନ୍ତୁ । ଆମେ ଶିକ୍ଷିତ ବେକାର, ବାପା ମାଆ ଉପରେ ଏବେ ବି ବୋଝ ।

ସତ୍ୟାନନ୍ଦ ସାର୍ - ତୁମେମାନେ ଏତେ ବୁଝାମଣାର ହୋଇ ଏମିତି କଲ କାହିଁକି ?

ରବିନ୍ - ଆମକୁ ଆମ ସାହିର କିଛି ନେତୃସ୍ଥାନୀୟ ବ୍ୟକ୍ତି ଗୋଟିଏ ଟାର୍ଗେଟ୍ ଦେଇଥିଲେ, ଚାନ୍ଦା ଆଦାୟ କରି ସେତିକି ଦେବା ପାଇଁ ।

ମଧୁକଣ୍ଠ - ଆଉ ପୂରଣ ନ କଲେ ଆମ କେରିୟାର ଖରାପ କରିଦେବେ ବୋଲି ଧମକ୍ ମଧ୍ୟ ଦେଇଛନ୍ତି ।

ଦୀପକ - ଆମ ଅଜଣାତରେ କଲ୍ ଡ୍ରିଂକ୍ସ ରେ ନିଶା ମିଶାଇ ଦେଇଥିଲେ । ଆମେ ଠିକ୍ ରେ କହି ପାରୁନି, କଣ କଣ ହୋଇଛି ।

ପ୍ରାଚୁର୍ଯ୍ୟ - ଆମକୁ ହେଲପ୍ କରନ୍ତୁ ସାର୍ । ଆମେ ଲୋକାଲ୍ ପିଲା ନହୁଁ । ଏଠି ମେସ୍ କରି ଆମେ ପରୀକ୍ଷା ଦେବାପାଇଁ ପଢାପଢି କରୁ । ଏଠି ଆଉ ଆମେ ରହିବୁ ନାହିଁ । ଆପଣ ଏ କେଶ୍ ଟିକୁ ସମାଧାନ କରିଦିଅନ୍ତୁ ନ ହେଲେ ଆମେ ବରବାଦ ହୋଇଯିବୁ ।

ସତ୍ୟାନନ୍ଦ ସାର୍ - ଠିକ୍ ଅଛି । ଏ ସବୁ ମୁଁ ଜାଣି ନଥିଲି । ତୁମେମାନେ ନିଜେ ସଚେତନ ହେବା ଦରକାର, ଅନ୍ୟ କାହା କଥାରେ ଏମିତି

ରବିନ୍ - ସରି ସାର୍,

ସତ୍ୟାନନ୍ଦ ସାର୍ - ଏ ସରି ତୁମକୁ ସାରି ଦେଇଛି । ଆରେ ଆମ ଓଡିଆମାନେ ଏମିତି ସରି

 Magazine Downloaded from www.aahwaan.com

ସରି ଆଉ କେତେଦିନ କହୁଥିବା । ନିଜ ଭୁଲ୍ ବୁଝି ପାରିଛ ସେଇଟା ଯଥେଷ୍ଟ । ମୁଁ ତୁମ ପାଇଁ ତହସିଲଦାର ସାର୍ ଙ୍କୁ କହିବି ଏଥରକ ପାଇଁ ତୁମକୁ କ୍ଷମା କରିବେ । ସେ ରାଜି ହୋଇ କେଶ୍ ଟାକୁ ଉଠାଇନେଲେ ହେଲା ।

ଦୀପକ - ଆମେ ତାଙ୍କ ପାଖକୁ ଯାଇଥିଲୁ ସେ ନ ଥିଲେ ।

ସତ୍ୟାନନ୍ଦ ସାର୍ - ଠିକ୍ ଅଛି, ସାର୍ ଙ୍କୁ ମୁଁ ତୁମ ତରଫରୁ କହିବି, ଶୁଣ ଏବେ ଆଉ ଏମିତି ବାଜେ ଧନ୍ଦାରେ ମନ ନ ଦେଇ ନିଜ ଉପରେ ଧ୍ୟାନ ରଖ । ଭଲ ମଣିଷ ହୁଅ ।

ପ୍ରାଚୁର୍ଯ୍ୟ - ଥ୍ୟାଙ୍କ୍ ଇୟୁ ସାର୍ ।

ସତ୍ୟାନନ୍ଦ ସାର୍ - ପୁଣି ଇଂରାଜୀ, ମନେରଖ ଆମେ ଯେତେ ଇଂରାଜୀ ଜାଣିଲେ ବି ଓଡିଆରେ କହିବା । ଆମ ମାତୃଭାଷାର ଟେକ ରଖିବା ।

ସମସ୍ତେ - ସରି ସାର୍,

ସତ୍ୟାନନ୍ଦ ସାର୍ - (ହସି, ରୁଲ୍ ବାଡି ଉଠାଇ ) ପୁଣି ସେହି ସରି, ଆରେ ଏଣିକି ଓଡିଆ କୁହ ଓଡିଆ ହୁଅ । ଆମ ଓଡିଆ ଭାରି ବଢିଆ ।

ସମସ୍ତେ - କ୍ଷମା କରନ୍ତୁ ଆଜ୍ଞା ।

ସତ୍ୟାନନ୍ଦ ସାର୍ - ଠିକ୍ ଅଛି । ସାର୍ ଆସିଲେ ଡାକି ପଠାଇବି, ତୁମେମାନେ ଆସିପାର ।

ସମସ୍ତେ - ଧନ୍ୟବାଦ ଆଜ୍ଞା, ଆସୁଛୁ ନମସ୍କାର ।

( କ୍ରମେ ମଞ୍ଚ ଅନ୍ଧାର ହୋଇ ଆସିଲା)

କୋହି, ଗଡିଆ, ମୟୂରଭଞ୍ଜ

ଦୂରଭାଷ-୯୯୩୮୫୫୭୮୬୧

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କବିତା ବିଭାଗ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସୁଖ ଖୋଜା



ପୁଷ୍ପାଞ୍ଜଳୀ ପଣ୍ଡା

ଦେଖ, ମୁଁ କେମିତି ଖୁସୀ ପାଳୁଛି !
ତୁମେ ଯାଚି ଦେଇଥିବା ଦୁଖଃକୁ
ଗ୍ରହଣ କରି ସୁଖ ଖୋଜିଛି ।
ତୁମେ ସୁଖ ଖୋଜି ଖୋଜି ଖୁବ୍ ଦୌଡ଼ିଲ
ଦେଖିଲି, ଶେଷରେ ଥକି ପଡିଲ
ସେଇଥିପାଇଁ ତ ନିଜକୁ
ହଜେଇ ଦେଲି ତୁମଠୁ ଗ୍ରହଣ କରିଥିବା
ସମସ୍ତ ଦୁଃଖ ଭିତରେ ।।
ହାତଧରି କଥାଦେଇଥିବା ନିଆଁର ସାକ୍ଷୀ
ଆଗରେ
ସଂପର୍କ ବିନିମୟରେ !!
ସେଇ ନିଆଁରେ ପୋଡ଼ିଗଲା ଆଶା ଆଉ
ବିଶ୍ୱାସ.... ।।

ପ୍ରେମରେ, ଧୋକାରେ, ନିଜକୁ ଖୋଜୁଖୋଜୁ
ହୃଦୟଟା "ପଥର" ପାଲଟିଗଲା !
ପଥର କେବେ ନିଏକି ନିଶ୍ୱାସ ?... ।।
ତୁମକୁ ମନେ ପକାଇବନି ବୋଲି ମନକୁ
କହିଦେଇଛି ।
ହୃଦୟରେ ଖାଲିଯାଗା ନାହିଁ, କେହିଜଣେ ଘର
କରି ବସିଛି ।
ବାଟରେ ହାଟରେ ଚାଲୁ ଚାଲୁ
ଯଦି କେବେ ଦେଖାହେବ,ଦେଖିଯିବ
ଦୁଖଃ ରେ ବି ସୁଖଖୋଜି ବଞ୍ଚିଛି ମୁଁ
" ଆପଣା" ଭିତରେ.... !!

ଆସିଷ୍ଟାଣ୍ଟ ଷ୍ଟାଟିଷ୍ଟିକାଲ୍ ଅଫିସର
ଯାଜପୁର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବୟସର କୃଷ୍ଣଚୁଡ଼ା



ଲିପିନ୍ ରାଉତ

ଉଜୁଡ଼ା ଅତୀତରେ ବୟସର କୃଷ୍ଣଚୁଡ଼ା ଗଭା
ଖୋଲି
ମୁଁ ଖୋଜି ବସେ,
ମଉଳା ଫୁଲରେ ସୁମଧୁର ବାସଟିକୁ

ମୁକ୍ତିର ସାନିଧ୍ୟ ପାଇଁ
ବାରମ୍ବାର ଉପେକ୍ଷିତ ଥିଲା ସେ ପ୍ରାଣ

ଭ୍ରମରର ଅକସ୍ମାତ ଲେଉଟାଣି ପରେ
ପଡିରହିଛି ପ୍ରାଣହୀନ ଶରୀରଟେ
ବାସ କେଉଁଠୁ ଆସିବ କୁହ.... ?

ସୁନ୍ଦରତା ତ କେବେଠୁ ଯାଇଛି
କର୍ପୂରକୁ ସାଙ୍ଗ କରି
ଖାଲି ପଡିରହିଛି ସେଇ
କନା ଖଣ୍ଡକ ଯାହା,
ଆଉ ସେ ସମୟ ନାହିଁ
କୂଳ ଖାଇ ବନ୍ଧ ଏବେ ଭାଙ୍ଗିବା ଉପରେ
ପାଦ ମୋର ଟଳ ମଳ ଟାଙ୍ଗରା ଭୂଇଁରେ,

ଧୀରେ ଧୀରେ ଖସି ଯାଉଛି
ପୁନଶ୍ଚ, ମୋ ମସ୍ତକରୁ
ସେଇ ବୟସର କୃଷ୍ଣଚୁଡା ।।

ମଦନପୁର, କେନ୍ଦୁଝର
ଭ୍ରାମ୍ୟଭାଷ : ୯୭୭୭୧୨୩୧୬୭, ୭୦୦୮୯୮୦୧୯୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜାତିବାଦ ଛାଡ଼ି



ସନ୍ତୋଷ ପଟ୍ଟନାୟକ

ଜାତିବାଦ ଛାଡି ସରବେ ହସନ୍ତୁ, ବିଜୟ ଧ୍ୱଜାର ତଳେ".....

ମୁକ୍ତାକାଶ କୋଳେ ଲହରେ ତ୍ରିରଙ୍ଗା ବଖାଣି ଗୌରବ ଗାଥା
ସ୍ୱାଧୀନ ଭାରତ ବିଜୟ ଧ୍ୱଜା' ଏ ଚରଣେ ନୂଆଁଅ ମଥା
ହଜିଛି ଗୌରବ ଲୁଚିଛି ବୈଭବ ଶାସକ ଆଜି ଶୋଷକ
ଅମୂଲ୍ୟ ରକତ ଢ଼ାଳୁଛି ସୈନିକ ବିଷ ଆଦରେ କୃଷକ ।।

ସ୍ୱାର୍ଥକୁ ଆଦରି ସ୍ୱାଭିମାନ ବନ୍ଧା ଜନନୀ ସମ୍ମାନ ବିକି
ଜନନୀ ବି ଏଠି ନିର୍ଦ୍ଦୟ ସାଜିଛି ସନ୍ତାନକୁ ତାର ଫିଙ୍ଗି
ଆଦର୍ଶବାଣୀକୁ ଧିକ୍କାରୁଛି ମନ ଚାଲୁଛି ଅନୀତି ତାଳେ
ମାନ ସନମାନ ବିକିରି ଚାଲିଛି ଅର୍ଥ ଖର୍ଚ୍ଚ ଆଡୁଆଳେ ।।

ମାତୃଭାଷା ଭୁଲି ବିଦେଶୀ ଭାଷାରେ ଶିକ୍ଷା ପଦ୍ଧତି ତିଆରି
ସଂସ୍କୃତି ବିହୀନ ଶିକ୍ଷାକୁ ଆଦରି ଯୁବକ ଏଠି ବେକାରୀ
ଭାଷଣ ବାଜିରେ ସରଇ ଦିବସ ତୁଚ୍ଛା ମିଛ ଆସ୍ଫାଳନ
ଛାତ୍ରଛାତ୍ରୀ ଗଣ ମଞ୍ଚରେ ଗାଆନ୍ତି ଘୋଷା "ଜନ ଗଣ ମନ" ।।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କନ୍ୟା ରତନକୁ ଚିହ୍ନନ୍ତିନି ଜନେ ବୃଦ୍ଧ-ବୃଦ୍ଧା ହୀନିମାନ
ଅନ୍ୟାୟ ଅନୀତି ସୀମା ଟପିଲାଣି ସହା ହୁଅ ଜନାର୍ଦ୍ଦନ
ସ୍ୱରାଜ ସପନ  ଉଭେଇ ଯାଇଛି ନାହିଁ ଆଉ ଭାତୃଭାବ
ଉତ୍ଥାନ ଆଳରେ ଶାସକ ଗଢ଼ିଛି ଜାତିଆଣ ଭେଦଭାବ  । ।

ସାହାସ ଶକତି ଦିଅ ମହାବାହୁ ଦିଅଏକ ମହାପୁରୁଷ
ଉଜୁଡା ଦେଶକୁ ସଜାଡି ପାରିବ ସମ୍ପର୍କର ହୋଇ ଦାସ
ଆସନ୍ତା ଦିବସେ ମୋଦେଶ ଜନତା ବିଜୟ ଧ୍ୱଜାର ତଳେ
ଜାତିବାଦ ଛାଡ଼ି ସରବେ ହସନ୍ତୁ ଭାରତ ମାତାର କୋଳେ  । ।

ବେଗୁନିଆପଡା ବ୍ଲକ୍, ତିରିଡା, ଗଞ୍ଜାମ
ଦୂରାଭାଷ:- ୮୮୭୬୩୫୯୨୧୧


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଯଥାର୍ଥତା



ନରସିଂହ
ପ୍ରସାଦ ଚଇତି

ରାଜପୁତ୍ର ହୋଇ ଜନ୍ମିନାହଁ ତୁମ୍ଭେ
ଛାରଖାର କରିବାକୁ ଅବନୀ,
ମୁକ୍ତି ପଥର ପଥିକ ହୋଇଣ
ଗାଅ ଜୀବନର 'ହଂସଧ୍ୱନି' ।

ସ୍ୱର୍ଗର ଅଧୀଶ ସାଜିବାକୁ ତୁମ୍ଭେ
କରନାହିଁ କେବେ ଅଯଥା ଆଶା,
ସଫଳତା ତାକୁ ଜଗି ରହିଥାଏ
ଯେ ଜାଣେ ଅସଫଳତା ର ଭାଷା ।

ଦୁଃଖ ପିନ୍ଧିଥାଏ ସୁଖର ମୁଖାକୁ
ସୁଖ ବୋଲି ଏଠି କି ଅଛି କହ ?
ସୁଖ ଅନ୍ୱେଷଣେ ଚାଲିବୁ ଯଦି ତୁ
ଦୁଃଖ ଭରିଦେବ ଅନେକ କୋହ ।

ମରୁଭୂମି ର ତୁ ମରିଚୀକା ଦେଖି
ଆଶାରେ କେବେ ନ ପଡ଼ିବୁ ଥକି ,
ଅଟକିବୁ ନାହିଁ ଚାଲୁଥିବୁ ତୁହି
ଯେତେ ବାଟ ଅଛି ତୋହରି ବାକି ।

କେ ସୀତାପୁର, ପାରଳାଖେମୁଣ୍ଡି
ଗଜପତି, ଓଡିଶା
୮୧୧୪୯୦୭୫୯୧

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସ୍ୱଭାବକବିଙ୍କ ପ୍ରତି



ଦେବାଶିଷ ସାଗର

ଅମୃତ ସ୍ୱଭାବେ ପ୍ରକୃତି ରଞ୍ଜନେ
ଜନ୍ମିତ ହେ ଗଙ୍ଗାଧର ,
ଅମୃତର ଧାରେ ଓଡ଼ିଆ ସାହିତ୍ୟେ
ସାଜି ଅଛ ଜଳଧର, ହେ ଗଙ୍ଗାଧର ।୧

ବରପାଲି ଦେଶେ ପୂର୍ଣ୍ଣିମା ଶ୍ରାବଣେ
ଜନ୍ମିତ ହୋଇଛ ବୀର ,
ଦିବ୍ୟ ଶୋଭା ବଳେ ନିଖିଳ ସଂସାରେ
ଗଢିଛ କାବ୍ୟର ଶିର, ହେ ଗଙ୍ଗାଧର ।୨

ପିତା ଶ୍ରୀ ଚୈତନ୍ୟ ଦେବୀ ସେବତୀ ମାଁ
ଜନ୍ମ ଦେଲେ ଜ୍ଞାନବୀର ,
ଅର୍ଥ ଅଭାବରେ ବିଦ୍ୟା ଅଧ୍ୟୟନେ
ହୋଇ ନ ଥିଲ ହେ ଦୂର, ହେ ଗଙ୍ଗାଧର ।୩

ଉତ୍କଳ ଜନନୀ ଶୋଭା ବିଦ୍ୟାରାଣୀ
ହୃଦୟେ ହୋଇଣ ହାର ,
ତିନି ପୁରେ ରୂପ ସତ୍ୟ -ଧର୍ମ ସ୍ତୁପ
ଗଙ୍ଗାଧର କଲେ ପାର, ହେ ଗଙ୍ଗାଧର ।୪

 Magazine Downloaded from www.aahwaan.com

ବୈଙ୍ଗୀୟ ଚକ୍ରାନ୍ତ ଖଣ୍ଡିଲେ ସମସ୍ତ
ସତ୍ୟ – ଶିବ ହେ ସୁନ୍ଦର ,
ପ୍ରକୃତି ପ୍ରାଣରେ ଓଡ଼ିଆ ସାହିତ୍ୟେ
ଗଢିଛ କୀର୍ତ୍ତି ଅମର, ହେ ଗଙ୍ଗାଧର ।୫
ପୌରାଣିକ ରୂପେ ଆଧୁନିକ ପଦେ
ଗଢି କେତେ ଉପହାର ,
ବିଶ୍ୱ ଦରବାରେ ସାହିତ୍ୟ ଜଗତେ
ଉଚ୍ଚ ତୁମ୍ଭ ଲେଖାଧାର, ହେ ଗଙ୍ଗାଧର ।୬
କାବ୍ୟ ତପସ୍ୱିନୀ ପ୍ରଣୟ ବଲ୍ଲରୀ
କୀଚକ ବଧ ଅମର ,
କବିବର ରାୟ ହିତେ ଇନ୍ଦୁମତୀ
ଗଢି ଭକ୍ତି ଉପହାର, ହେ ଗଙ୍ଗାଧର ।୭
କୃଷକ ସଙ୍ଗୀତ ଭଜନ ମାଳାର
ମହିମା ଅମୃତ ଝର ,
ଗୀତେ ଅର୍ଘ୍ୟଥାଳୀ ମହିମା ପଦ୍ମିନୀ
ଅମୃତ ହୁଏ ନିର୍ଝର, ହେ ଗଙ୍ଗାଧର ।୮
କାବ୍ୟ -କବିତାରେ ନୁହେଁ ସ୍ଥିର ମନ
ରଚିଛ ଗଦ୍ୟର ଧାର ,
ସେ ଆତ୍ମଜୀବନୀ ଉତ୍କଳ ଜନନୀ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗାଏ ଧରି ବାରମ୍ବାର, ହେ ଗଙ୍ଗାଧର ।୯

ମଧୁମୟ ସୃଷ୍ଟି ଅମୃତର ବୃଷ୍ଟି
ଭକ୍ତି ସହିତେ ମନର ,
ସମୁଦ୍ର - ଆକାଶ ଅମର – ଅଜୟ
ପଦ ହୋଇଛି ସୁନ୍ଦର, ହେ ଗଙ୍ଗାଧର ।୧୦

କବି ଗଙ୍ଗାଧର ଅଥଳ ସାଗର
ହୃଦେ ଆଣି ଜ୍ଞାନ ଶର ,
ଜୌତିର୍ମୟୀ ବଳେ ସମଗ୍ର ଭୁବନେ
ଶୁଭେ ତୁମ୍ଭ ଜୟ କାର, ହେ ଗଙ୍ଗାଧର ।୧୧

ଆଲୋକର ପ୍ରଭା ଜନ୍ମର ଭରସା
ସୂଚିତ ସେ ଦିବ୍ୟ ଶୂର ,
ଅନ୍ଧାରର ପ୍ରଭା ଦେବନି ସେ ବାଧା
ଅମର – ଅଜୟ ସୁର, ହେ ଗଙ୍ଗାଧର ।୧୨

ଘେନହେ ମୋହର ଭକ୍ତି ଫୁଲ ହାର
ଋଷିକବି ଗଙ୍ଗାଧର ,
ଚରଣେ ତୁମର ଅର୍ପଣେ ଶରୀର
ଦୂର କର ଅନ୍ଧକାର, ହେ ଗଙ୍ଗାଧର ।୧୩

ଜି.ଏମ୍. ୟୁ, ସମ୍ବଲପୁର, (ଅମୃତ ବିହାର), ସ୍ନାତକ ତୃତୀୟ ବର୍ଷ,
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ମୋ.ନଂ - ୯୯୩୮୮୪୪୯୫୭

ଆହ୍ବାନ ଇ-ପତ୍ରିକା

Magazine Downloaded from www.aahwaan.com

# ପନ୍ଦର ଅଗଷ୍ଟ



ଜଗବନ୍ଧୁ ସାହୁ

ହାତରେ ଧରିବା ତ୍ରିରଙ୍ଗାକୁ ଆଜି
ଗାଇବା ସ୍ୱାଧୀନ ଗାଥା
ସ୍ୱାଧୀନ ଗାଥାକୁ ଶୁଣି ମଧ୍ୟ ଶତୃ
ନୁହାଁଇବ ତାର ମଥା
ଆସ ସର୍ବେ ଆଜି ହୋଇବା ଏକାଠି
ତ୍ରିରଙ୍ଗାକୁ ହାତେ ଧରି
ଭାରତମାତାର ସନ୍ତାନ ହୋଇକି
ଶତୃକୁ ଦେବା ଯେ ତଡି
ପୋଛିଦେବା ସବୁ ଆତଙ୍କକୁ ଆଜି
ଏଇ ଭାରତ ବର୍ଷରୁ
ହେ ଭାରତବାସୀ ଆଗାମୀ ଶୁଭେଚ୍ଛା
ଜଣାଉଛି ହୃଦୟରୁ

ପ୍ରେମ୍ କବି ଜଗବନ୍ଧୁ ସାହୁ
ଛତ୍ରାଣିଆ ପଲ୍ଲୀ, ଗଞ୍ଜାମ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କଳି



ବିଜୟଲକ୍ଷ୍ମୀ
ପାଣିଗ୍ରାହୀ

ଲୀଳାମୟ ତୁମ ଲୀଳା ଅଗୋଚର
ବିଚିତ୍ର ସୃଷ୍ଟି ଭିଆଣ ।
ସଜୀବ ନିର୍ଜୀବ ସଭିଙ୍କୁ ଗଢିଲ
କଳି ରେ ଦିବ୍ୟ ପରାଣ ।
ନିଷ୍ପାପ ମନରେ ବିନା ଛଳନାରେ
ଦରୋଟି ଦରୋଟି ଭାଷା ।
ସରଗ ସୁଷମା ଝରିପଡୁଥାଏ
ବଢାଏ ବଞ୍ଚିବା ନିଶା ।
ଫୁଲର ସୌନ୍ଦର୍ଯ୍ୟ କଳିରୁ ସମ୍ଭବ
କେଡେ ପାରିବାର ସିଏ ।
ବିଚ୍ଛୁରିବା ବାସ ବାନ୍ଧି ରଖି ପାରେ
ଅନ୍ତରେ ମହକୁ ଥାଏ ।
ରଙ୍ଗମୟ ଆଉ କୋମଳତା ଭାବେ
ସଭିଙ୍କୁ ପାଶେ ଆକର୍ଷେ ।
ଖିଲି ଖିଲି ହସ ସୂକ୍ଷ୍ମ ଓଠ ଧାରେ
ପ୍ରାଣେ ପୁଲକ ବରଷେ ।

ଫୁଟା ଫୁଲ ସିନା ପବନରେ ହଲି
ଝୁଲି ଝୁଲି ନାଚୁଥାଏ ।
କଳିଟିଏ କିନ୍ତୁ ସଂଭ୍ରମରେ ରହି
ଫୁଲ ପାଇଁ ଗଢ଼ାହୁଏ ।
କଳିରେ ରହିଛି ଫୁଟିବା ସପନ
ଫୁଲର ଝଡ଼ିବା ଦୁଃଖ ।
କଳି ଜୀବନଟା ଭାରି ଭବ୍ୟ ମୟ
ପିଲେ ବାଣ୍ଟୁଥା ସଦା ସୁଖ ।

ବିଜୟଲକ୍ଷ୍ମୀ ପାଣିଗ୍ରାହି, ଜୟପୁର
ଶିକ୍ଷୟିତ୍ରୀ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସୁନାହରିଣୀ, ମାୟାମୃଗ



ଚିନ୍ମୟ ବାରିକ

ଫୁଲ ଫୁଟେ
ପୁଣି ! ଭୂମିଛୁଏଁ,
ଆଞ୍ଜୁଳାଏ ଫୁଲ ସାଇତି ରଖିଛି
ସୁନା ହରିଣୀର ଭୁଲତାରେ ବିଛୁରୀତ,
କରିବାପାଇଁ । ।

କି ସୁନା ହରିଣୀ ?
କି ମୃଗ ?
ସବୁତକ ମୁହୂର୍ତ୍ତ ଯେମିତି ପଙ୍ଗୁହୋଇ
ଅକାମି ପାଲଟି ଯାଇଛି,
ସେଇ ସୁନା ହରିଣୀ
ଆଉ ମାୟାମୃଗ ର ସନ୍ଧାନରେ । ।

ବେଳେବେଳେ ବର୍ଷା ନଥାଇବି
ମାଟିର ମାଦୁଆ ବାସ୍ନାକୁ ମୁଁ ପିଇଚାଲେ,
ଆନମନା ହୋଇ !

ଏଇ କିଛିକ୍ଷଣ ପାଇଁ ।
ଯେମିତି ଶୋଷ ମେଣ୍ଟିଗଲା
ଏଇ ଅପୂର୍ବ ମହକରେ,
ଆଉ ଆତ୍ମା ବି ସାନ୍ତୋଷ ଲାଭକଲା ।
ଆଉ ମୁଁ ଯେମିତି ଲଙ୍ଘି ଯାଉଛି
ଏ ବିଶାଳ ସମୁଦ୍ରକୁ ଅଚେତନ ଭାବରେ,
ସେଇ ଉପସ୍ଥିତିକୁ ଯାହିର କରିବା ପାଇଁ । ।

କେବଳ ତା'ର ସାନ୍ନିଧ୍ୟରେ
ଆଜି ମୁଁ ଆବାକ୍ ।
ସୁନା ହରିଣୀ ନାହିଁ କି ?
ମୃଗ ବି... ?
କେବଳ କୋଷ ଦୂରରେ
ଦିକି ଦିକି ଜଳୁଛି ବତିଟି,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅନ୍ଧର ସିକୁଳି ନୟନେ ବାନ୍ଧି ।।

କେବଳ ମାୟା

ମୃଗର ସନ୍ଧାନରେ

ଆଜି ଭାଙ୍ଗି ଦେଇଛି

ନିଜ ହାତଗଢ଼ା

ସୌନ୍ଦର୍ଯ୍ୟ ର ମହଲକୁ ।।

ଆଜି ହରେଇଛି

ସୌନ୍ଦର୍ଯ୍ୟର ପରାକଷ୍ଠାକୁ,

ଆଉ ପାଇଛି ?

ମୋହ ଆଉ କୋହରେ

ପରିପୂର୍ଣ୍ଣ ,

ବତୀ ଘରକୁ ।।

(କିଏ ଜାଣେ କେବେ ଆଉ କଉଠି) ।

"ଆଜି ବି ସୁନା ହରିଣୀ ଆଉ ମାୟାମୃଗ ସନ୍ଧାନରେ ?"

ବ୍ରାହ୍ମଣଡିହି, ବାଲିକୁଦା, ଜଗତ୍ ସିଂହପୁର

ଦୂରଭାଷା-୭୩୭୦୩୫୨୦୮୪



ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆହେ ଗୁରୁବର



ରବୀନ୍ଦ୍ରକୁମାର
ବିଶ୍ୱାଳ

ଆହେ ଗୁରୁବର ଘେନା ହେଉ
ଭକତି କୁସୁମ ହାର,
ଚରଣେ କରେ ମୁଁ ତବ ଆରାଧନା
କୋଟି କୋଟି ନମସ୍କାର ।
ଆହେ ଗୁରୁବର...

ତୁମେ ସତ୍ୟଶିବ ସୁନ୍ଦର ମୂରତି
ବ୍ରହ୍ମାବିଷ୍ଣୁ ମହେଶ୍ୱର,
ତୁମରି ମହିମା କି ବର୍ଣ୍ଣିବି ଅବା
ନାହିଁ ତାର ପଟାନ୍ତର,
ସତ୍ୟ ଶାନ୍ତି ପ୍ରେମ ସବୁରି ଅନ୍ତରେ
ଭରିଛ ନମସ୍ୟ ବର ।
ଆହେ ଗୁରୁବର...

ତୁମରି ଦୟାରେ ପଙ୍ଗୁ ଲଙ୍ଘେ ଗିରି
ମୂକ କରେ ଗୁଣଗାନ,
ଅନ୍ଧ ଦେଖିପାରେ ତୁମ ସରଜନା
ହେ ପ୍ରଣମ୍ୟ ଧନ୍ୟଧନ୍ୟ,
ତୁମ ପରସାଦେ ଦୂବ ହୁଏ ଦାରୁ
ଲଭି ପରଶ ଅପାର ।
ଆହେ ଗୁରୁବର...

ତୁମ ପାଦପଦ୍ମେ ଥାଉ ମୋର ମନ
ଘେନା ହେଉ ମୋ ପ୍ରଣତି,
ଦିବାନିଶି ତୁମ ଗୁଣଗାନ କରି
ଏ ଜୀବନ ଯାଉ ବିତି,
ଏହି ମୋର ଶିରେ ଝରିପଡୁ ସଦା
ତୁମରି ଆଶିଷ ଝର ।
ଆହେ ଗୁରୁବର ଘେନା ହେଉ ମୋର
ଭକତି କୁସୁମ ହାର ।

ସତ୍ୟନାରାୟଣ ନୋଡ଼ାଲ ଉଚ୍ଚ ବିଦ୍ୟାପୀଠ ।
ଭୀମପୁର, ବାଲେଶ୍ୱର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କୁହ କାହିଁକି ?



ସାଧନା ପଣ୍ଡା

ଫୁଲ  ଆନମନା ସମୀର ସାଥେ
ବେଢନ୍ତି  ଭ୍ରମର  କୁସୁମ  ପାଶେ
ହସଇ ଚନ୍ଦ୍ରମା ଜୋଛନା ରାତେ
ରାତି ଚହଟେ ତା ଉଷ୍ମ ପରଶେ
ପକ୍ଷୀ  ନୀଡେ ଫେରେ ସଞ୍ଜ ନଇଁଲେ
ତଟିନୀ ତ ଧାଏଁ ସାଗର ପାଶେ
କଇଁ  ଉତ୍ଫୁଲ୍ଲୀତା  ଉଇଁଲେ  ଚାନ୍ଦ
ରୁଣୁଝୁଣୁ  ପାଦେ ନୂପୁର ଛନ୍ଦ
ବେସୁରା ରାଗିଣୀ କା"ର ବିରହେ
ନିଶିଗନ୍ଧା ବାସେ କବରୀ ଦେଶେ
ଶେଫାଳୀ ଝରଇ ଯାମିନୀ ଶେଷେ
ନବ  କିଶଳୟେ ବନ ଯେ ହସେ
ପଳାଶ ରଂଗୀନ ପ୍ରୀତି ସୁବାସେ
ଫଗୁଣ  ସାଜଇ ସେ ମଧୁ ମାସେ
ଶ୍ରାବଣ ଢାଳଇ ବରଷି ପ୍ରୀତି
ମାଟିକୁ  ଭିଜାଏ ପ୍ରେମ  ପରସି
ସାଗର ଅଧୀର ପୂର୍ଣ୍ଣିମା ତିଥେ
ଢେଉ ଚୁମି ଯାଏ  ସୈକତ ଓଠେ
ମଧୁପ ବେଢଇ ଫୁଲ ର ପାଶେ
ଆହା  ! କି ସୁନ୍ଦର ଚୌଦିଗ ଦିଶେ
ସପନ ହଜଇ (ରାତି)ଶେଷ ପ୍ରହରେ
ମନ ଟି  ଝୁରଇ  କା'ର  ଆତୁରେ
କୁହ କାହିଁକି .....  ?
କି ଅବା  ରହିଚି,
ଅନ୍ତରେ  ଲୁଚି,,,,,,,
କହିବକି  ବଂଧୁ ....
ବସି ଭାବୁଚି............  ! !

ଭୁବନେଶ୍ୱର

Magazine Downloaded from www.aahwaan.com

# ଶ୍ରଦ୍ଧାଞ୍ଜଳୀ



ସଂଯୁକ୍ତା ସାହୁ

ଧନ୍ୟ ତୁମେ ନାରୀନେତ୍ରୀ
ପୁରୋଧା ରାଜନୀତିର
ଧନ୍ୟ ତୁମର ତେଜସ୍ୱୀ କଥା
ରହିଗଲ ଚିର ଅମର ।
ଭାରତ ମାଟିରେ ଜନମିଛ
ତୁମେ ସୁଷମା ଦେବୀ
ଏତେ ଗୁଣର ଅଧିକାରୀ ତୁମେ
କି ଉପମା ବା ଦେବି ।

ରୂପରେ ଗୁଣରେ ବୁଦ୍ଧିରେ
କେଉଁଥିରେ କମ ନୁହେଁ,
ତୁମେ ପରି ଆଉ କେହି ନାହିଁ
ମନେ ପକାଇବେ ସଭିହେଁ ।
ତୁମ ପ୍ରତିଭାର ଗୁଣ ବିକଶିଛି
ସ୍ମୃତି ହୋଇ ରହିଯିବ,
ତୁମ ସ୍ଥାନ ଶୁନ୍ୟ ହୋଇଲା
କିଏ ବା ପୂରଣ କରିବ ।
ତେଜସ୍ୱିନୀ ତୁମେ ଅଗ୍ନିଶମ
ନାମ ତୁମର ସୁଷମା,
ତୁମ ଆତ୍ମା ଶାନ୍ତି ପାଉ
ଭାରତବାସୀଙ୍କ କାମନା ।

ସଂଯୁକ୍ତା ସାହୁ
ପାରାଦୀପ

ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

# ବର୍ଷା



ପ୍ରୀତିରେଖା ପରିଡ଼ା

ବର୍ଷା ଆସିଛି
ଶୀତଳତରେ ଭରିଛି
ଏ ଧାରାକୁ
ନେଇ ଆସିଛି
ବାଦଲର ପଟୁଆର
ବିଜୁଳି ଆଲୋକରେ
ସଜେଇ ହୋଇ
ଘଡ ଘଡିର ଗଛ ବାଣ
ଫୁଟାଇ
ଝର ଝର ବର୍ଷାର ରୋଷଣୀ
ଜାଳି
ଧରଣୀ ମାର ଦେହକୁ
ଶୀତଳା ଇଛି
ଭରି ଦେଇଛି ସବୁଜିମାରେ ।
ନାନା କିସମର ଫୁଲରେ
ଚିତ୍ରିତ କରିଛି
ମାଆର ଦେହକୁ
ଭେଟି ଦେଇଛି
ଅନେକ ପର୍ବ ପର୍ବାଣୀର
ସମ୍ଭାର ।
ଜହ୍ନି ଫୁଲରେ ସଜେଇ
ହୋଇଛି ବାଡ଼
ଫୁଲ ଫଳରେ ଆତ୍ମହରା
ହୋଇ ଉଠିଛି
ପୃଥିବୀ ମାଆ
ସବୁଜ ପରିବାର ହାଟ
ବସିଛି ସଭିଙ୍କ ବାଡ଼ିରେ
ବୋଇଚି କଖାରୁ ଓ
ପୋଇତଙ୍କ ମଥାନ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଛୁଇଁଲାଣୀ

ବାଡ଼ରେ ମାଡ଼ିଥିବା ଡଙ୍କ ରେ

କଷି ଧରିଲାଣୀ

ବାଡ଼ିରୁ ତୋଳି ଆଣି

ଖାଇବାର ମଜା

ଆନମନା କରିଦିଏ

ବର୍ଷା ଆସିଛି ବୋଲି ତ

ସଭିଙ୍କ ଓଠରେ

ହସର ଜୁଆର

ପ୍ରୀତି ରେଖା ପରିଡ଼ା


ଜରଡା

ଅନୁଗୁଳ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଛିଦ୍ରକଲେ ରୁଦ୍ଧ



ଚିନ୍ମୟୀ ସାହୁ

ଗାନ୍ଧି ବୁଢା ଆମ ଜାତିର ଜନକ,
ବେଶୀ ଟିକେ ଥିଲେ ଭଲ ।
ପାକିସ୍ଥାନୀ ହେଲେ ସୁଏର୍ କି ଔଲାଦ୍ ।
ବୁଝିଲେ ତାହାକୁ ଭେଲ ।.....୧

କାଶ୍ମିରୀ ତ ଥିଲା ଭାରତରେ ଏକ ,
ଛିଦ୍ରଟିଏ ପରି ଯେଣୁ ।
ବହୁଦିନ ସେଠି ପଶି କରୁଥିଲେ ,
ଆତଙ୍କ ଭାରତେ ତେଣୁ ।.....୨

ଭାରତର ବୀର, ସାହସୀ ସନ୍ତାନ,
ମୋଦିଙ୍କୁ କୋଟି ପ୍ରଣାମ ।
ପ୍ଲାଷ୍ଟର କରି  ରୁଦ୍ଧ କଲେ ସେ ଛିଦ୍ରକୁ,
ତିନିଶ ସତୁରୀ ଥିଲା ଯା 'ନାମ ।.......୩

କେନ୍ଦ୍ର ର ଶାସନ ଅଧିନ କରିଲେ,
ହେବ ଏବେ ସବୁ ଜଣା ।
ଅସମ୍ଭବ ଏବେ ସମ୍ଭବ ହୋଇବ,
ଦୁଗ୍ଧ -ପାଣି ହେବ ଛଣା ।......୪

ଭୂସ୍ୱର୍ଗ ଆମର, ସୌନ୍ଦର୍ଯ୍ୟ ସମ୍ଭାର,
ତା'ର ପୂଜାରୀ ତ ଆମେ ।
ତା'ର ସୁନ୍ଦରତା ଉପଭୋଗ ଆଶେ,
ସଭିଙ୍କର ମନ ଝୁମେ ।.......୫

ରହିବନି  ଆଉ କେଉଁ କଟକଣା ,
ସେଠାର ବାସିନ୍ଦା ପାଇଁ ।
ମିଳିମିଶି ସବୁ ଭାଇ ଭାଇ ହୋଇ ,
ଚଳିବା ଖୁସିରେ ରହି ।......୬

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେଶଦ୍ରୋହୀ ଙ୍କୁ ତ  ଚିହ୍ନଟ କରିବା,
ତଡିବା ତଣ୍ଟିଆ ଦେଇ ।
ଦେଶ ର ଏକତା ବଜାୟ ରଖିବା,
ସୁ -ନାଗରିକ ଟେ ହୋଇ ।.......୭

ବ୍ୟାପାର -ବଣିଜ, ଝିଅ-ପୁଅ ବାହା,
ହେବାରେ  ବାଧା ତ ନାହିଁ ।
ସୁଷମା ଙ୍କ ଆଶା ମରିବା ପୂର୍ବରୁ,
ପୂରିଲା ମୋଦିଙ୍କ ପାଇଁ ।.......୮

ଧନ୍ୟ ମୋ ଭାରତ ଭୂଇଁ..... ..
ଯାହା ଅଛି ମୋର ଭାରତ ମାଟିରେ,
ଅବା ଥିବ ଆଉ କାହିଁ.  ? ?.....୯

ମୂଳିସିଂ ସଦର ।
ଜଗତସିଂହପୁର ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପ୍ରେମ ଚିରନ୍ତନ ସତ୍ୟ



ସଂଯୁକ୍ତା ରାଉତ

ସହଜରେ କେବେ
ବୁଝିତ ହୁଏନି
ପ୍ରେମ ବିରହର ଗାଥା
କହି ହୁଏ ନାହିଁ
ସହି ହୁଏ ନାହିଁ
ଅବ୍ୟକ୍ତ ଅକୁହା ବ୍ୟଥା ॥

ମିଳନ ବିରହ
ବିରହ ମିଳନ
ଅବୁଝା ଗଣିତ ଧାରା
କିଏ ଜିତେ ଏଠି
କିଏ ଯାଏ ହାରି
ପଥ ଯେ କଣ୍ଟକ ଭରା ॥

କେବେ ସେ ଫଗୁଣେ
କେବେ ଶ୍ରାବଣରେ
ଅଙ୍ଗେ ଅଙ୍ଗେ ପ୍ରୀତି ଫୁଲ
ହୃଦ ଡାଏରୀର
ପୃଷ୍ଠାରେ ପୃଷ୍ଠାରେ
ଲିପିବଦ୍ଧ ସ୍ମୃତି ଚିର ॥

ଦୂରେ ଥିଲେ ସାଥୀ
ଝୁରେ ଏହି ମନ
ବିରହରେ ଜଳି ଜଳି
ମିଳନର ସେହି
ମଧୁର ଲଗନ
ସଦା ହେଉଥାଏ ଭାଳି ॥

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଝୁରେ ନୀଳ କଇଁ

ତା' ଶଶାଙ୍କ ପାଇଁ

ପଦ୍ମ ଝୁରେ ଦିବାକର

ରାଇ ମନ ଝୁରେ

ଯମୁନାର କୂଳ

ଆତ୍ମା ତା'ର ବଂଶୀଧର ॥

ପ୍ରେମ ଯେ ଶାଶ୍ୱତ

ସତ୍ୟ ଚିରନ୍ତନ

ତ୍ୟାଗ ତପସ୍ୟାର ଗୀତି

ଯୁଗ ପରେ ଯୁଗ

ଯାଏ ସିନା ବିତି


ପ୍ରେମର ହୁଏନି ଇତି ॥

ଜୟପୁର, କୋରାପୁଟ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୁକୁଟ ମଣ୍ଡିତା ମାଆ



ବୈଜୟନ୍ତୀ ସାହୁ

ସମଗ୍ର ବିଶ୍ୱରେ ଭାରତ ମାଆର
ଅପୂର୍ବ ବୀରତ୍ୱ ଠାଣି
ମୁକୁଟ ମଣ୍ଡିତା ହୋଇଣ ମଥାରେ
ଗୌରବ ଅଧିକାରିଣୀ ।

ବିପୁଳ ଐଶ୍ୱର୍ଯ୍ୟ ନିର୍ମଳ ହୃଦୟ
ଅନୈକ୍ୟ ମଧ୍ୟରେ ଐକ
ବୈଶମ୍ୟ ମଧ୍ୟରେ ସାମ୍ୟ ବିଶେଷତ୍ୱ
ବିଶ୍ୱରେ ରଖିଛି ଟେକ ।

କାଶ୍ମୀରିଠାରୁ କୁମାରୀକା ଯାଏ
ଏକସୁତ୍ରେ ଗୁନ୍ଥି ମାଳ
ଜୀବନ ଦର୍ଶନେ ଶିଖାଇଛି ମୈତ୍ରୀ
ଅନ୍ୟ ସଂସ୍କୃତିରେ ବିରଳ ।

ନୂତନ ଆଲୋକେ ଆଲୋକିତ ଆଜି
ଭାରତ ନନ୍ଦନବନ
ସ୍ୱର୍ଗ ପାରିଜାତ ଫୁଟି ମହକୁଛି
ବିଶ୍ୱକୁ ଦିଏ ଦର୍ଶନ ।

ପୂଣ୍ୟଭୂମି, ଦେବଭୂମି, ଜନ୍ମଭୂମି
ସୁବର୍ଣ୍ଣ ସପନ ବୁଣି
ବହୁ ପ୍ରତୀକ୍ଷାର ଅବସାନ ପରେ
ଆଣିଲା ତା' ମଥାମଣି ।


ନୂଆ ସକାଳର ଆରମ୍ଭ ହୋଇଲା
ବଦଳିଲା ଭୌଗଳିକ
ପୂଣ୍ୟମୟୀ କୋଳେ ଉଜ୍ୱଳିତ ହେଲା
ନୂତନ ଅଧ୍ୟାୟ ଏକ ।

ନରସିଂହପୁର, ଶ୍ରୀରାମନଗର
ପିପିଲି,ପୁରୀ

ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

# କବି ସମ୍ମିଳନୀ



ପୂଜା ପଣ୍ଡିତ

କବି ନୁହେଁ ମୁଁ, ତଥାପି
କବି ସମ୍ମିଳନୀକୁ ଯାଇଚି
କେତେ କେତେ କବି
କେତେ ମାନପତ୍ର ପାଉଚି
ଏତେ ସବୁ ସମ୍ମାନକୁ ଦେଖି
ଶୋଇଥିବା କବି ମନଟା ଆଜି ଚେଇଁଚି
ପାହି ଯାଉ ପଛେ ଚାହିଁ ଚାହିଁ ରାତି
ରାତିକ ଭିତରେ କବିତାଟେ ମୁଁ ଲେଖୁଚି
ସକାଳ ବେଳକୁ ଦୁନିଆ ଆଗରେ
କବି ବୋଲି ନିଜକୁ କହୁଚି
ଦେଖିଲି କବିଟେ ମାନପତ୍ରଟିଏ ଧରିଚି
ମୁହଁର ହସ ତା କହୁଚି
ସତ ନୁହେଁ ମିଛ ହସ ସିଏ ହସୁଚି
ପଚାରିଲି ବନ୍ଧୁ ମାନପତ୍ରଟେ ତ ପାଇଚ
ମନେ ତୁମ କିଆଁ ହରସ ନାହିଁ
ମିଛ ହସଟେ ହସୁଚ
କଣ କହିବି କେମିତି କହିବି
ସେଇ କଥା ବସି ଭାବୁଚି
ଦଶ ହଜାରରେ ମାନପତ୍ରଟାକୁ କିଣିଚି
ଯାହାଠୁ ଧାର ଆଣିଚି
ସିଏ ମୋ ଦୁଆରେ ବସିଚି
ତା ଟଙ୍କା କେମିତି ଶୁଝିବି
ସେଇ  କଥା ବସି ଭାବୁଚି
ତାଙ୍କ ମୁହଁରୁ ଶୁଣି ଏମିତି କଥା
ମନ ମୋ  ହସି ହସି  କହୁଚି
ଏତେ ଟଙ୍କା ଯଦି ମୋ ପାଖେ ଥାନ୍ତା
ମୁଁ  ହେଇଥାନ୍ତି ଟାଟା ଅମ୍ବାନୀ
ମନ ମୋ ହସି ହସି ମୋତେ କହୁଚି
ଏଇ ଜନମରୁ ଧନ ଟଙ୍କା ସଞ୍ଚୁଥିବୁ
ଆର ଜନମରେ କବିଟେ ହୋଇବୁ
ଲକ୍ଷ ଟଙ୍କାର ମାନପତ୍ରଟେ କିଣି
ଦୁଆର ଆଗରେ ଟାଙ୍ଗିବୁ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନରସଂହାର



ପ୍ରଣତି ମହାପାତ୍ର

ଚାରିଆଡ଼େ ହୁରି ପଡିଗଲା ଭାଇ
ରାମୁଲୁଟା କେଣେ ଗାଏବ,
ପୁଅଟା ହସୁଛି ଝିଅ ମାଇପ ତା
କାନ୍ଦି କାନ୍ଦି ଭୁଇଁ ଭେଦେ ।
ଏଇ କିଛି ଦିନ ନିତି ଭୋର ଚାରିରୁ
ରାମୁଲୁଟା ଯାଏ କାମକୁ,
ରାତି ଦିଘଡିକୁ ଟୁଲଟାଲ ହୋଇ
ଫେରୁଥିଲା ତାର ଘରକୁ ।
ଟଙ୍କା ପଇସା ତ ଦୂରେଥାଉ ସିଏ
କହୁଥିଲା କାମ ସରିଲେ,
ବହୁତ ଧନ ସହରୀବାବୁ ଦେବ
ତା ହାତରେ ବୋଲେ ।

ଖୁଦ କଣିକାଟେ ଘରେ ତ ନ ଥାଏ
ସାତସିଆଁ ଲୁଗା ବୋହୁଛୁଆର,
ପରଘରେ ବାସିପାଇଟି କରିଲେ
ପିଲାଙ୍କ ପେଟକୁ ଯାଏ ଆହାର ।
ସକାଳୁ ସକାଳୁ କିଏ ଜଣେ ଆସି
ଖବରରେ କହିଗଲେ,
ଦୁଇଦିନ ହେଲା ରାମୁଲୁ କାମରେ
ଯୋଗ ଦେଇନାହିଁ କାଳେ ।
ଏମିତି ଚିନ୍ତାରେ ବସିଥିବା ବେଳେ
ଆସିଲା ଶହେଆଠ ଗାଡ଼ି,
ରାମୁଲୁର ଶବ ଗାଡ଼ି ଭିତରୁ
ଥୋଇଦେଲେ ବାବୁ କାଢ଼ି ।
ମଦ ପିଇ ପିଇ ହିତାହିତ ଭୁଲି
ଚାଲୁଥିଲା ସିଏ ରାସ୍ତାରେ,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦଶଚକିଆ ଗାଡ଼ି କାଲିଠାରୁ

ମାଡିଗଲା ତାର ଉପରେ ।

ଜୀଅନ୍ତା ରାମୁଲୁ ଶବ ହୋଇ ଗଲା

ମଦ ଆଉ କିଏ ପିଇବ,

ଦୋକାନୀ ବାବୁଟା ମଦସାଥେ ଆଉ

ଚାଖଣା ମାଗଣା କାହାକୁ ଖୋଇବ ।

ବେଶୀ ବିକିଥିଲେ ମଦୁଆଙ୍କ ସଂଖ୍ୟା

ବଢାଇ ପାଆନ୍ତା ପୁରସ୍କାର,

ରାମୁଲୁ ପରିକା ଯେତେ ମରିଯାନ୍ତୁ

ବଢୁ ପଛେ ଲୁଟ ବଳାତ୍କାର ।

ଧନ୍ୟ ଧନ୍ୟ ଆମ ପ୍ରଶାସନ ପୁଣି

ଧନ୍ୟ ଧନ୍ୟ ଆମ ସରକାର,

ପରୋକ୍ଷରେ ପ୍ରୋତ୍ସାହନ ଦେଇ ଦେଇ

ପ୍ରତ୍ୟକ୍ଷେ କରନ୍ତି ନରସଂହାର ।

ପ୍ରଣତି ମହାପାତ୍ର

ବାଲେଶ୍ୱର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବର୍ଷାରାଣୀ



ରଂଜିତା ପତି

ଆଦ୍ୟ ଆଷାଢରେ
ଶୁଭ୍ର ପାଲିଙ୍କିରେ
କଳା ମେଘ ପାଟ ପନ୍ଧି
ଟମକ, ରୋଷଣି ସାଥେ
ବାଦଲର ହାତ ଛନ୍ଧି.....
ମେଘ ମହ୍ଲାର ସୁରେ
ରୁଣୁଝୁଣୁ ପାଉଁଜିର ଛନ୍ଦେ
ଆସ ଆସ ବର୍ଷା ରାଣୀ
ଶାୟରୀର ଶବ୍ଦେ.....
ବାଦଲର ବାହୁ ପାଶେ
ମାନିନୀ ଅଳସୀ କନ୍ୟା
ଅଶ୍ରୁସଜଳାଗୋ,ପଦାର୍ପିତେ ତୁମ
ଲହରେ ଖୁସିର ବନ୍ୟା.....
ଅଜଣା ପୁଲକେ ହସେ ଏଇ
ଧରା, ତୁମରି ଅମୃତ ସ୍ପର୍ଶେ
ପହିଲି ଆଷାଢୀ ଅନୁପମା ତୁମେ
ନୃତ୍ୟ ରଚ ଯେବେ ହର୍ଷେ....

ଲଭିବ ମାତୃତ୍ୱ ତୁମ ପ୍ରତିଦାନେ
ଧରା ହୁଏ ରଜସ୍ୱଳା
ସବୁଜ ଶୋଭା ସମ୍ଭାର ନେଇ
ହେବାକୁ ଶସ୍ୟଶ୍ୟାମଳା.....
ଅମୃତମୟୀ ଗୋ ଢାଳି
ତବ ସୁଧା ପ୍ରୀତି
ଶୁଦ୍ଧପୂତ କର ଦୂଷିତ ଧରଣୀ
ହେଉ ସୁସୁପ୍ତିର ଇତି.....
କର ପଦାର୍ପଣ ଶଚୀଜେମା.
ଆଗୋ
ନବହି ମନରେ ରୋଷ
ତ୍ରସ୍ତ ଧରଣୀ ହେଉ ଋତୁମ୍ଭରା
ଲଭି ତୁମରି ଆଶ୍ୱାସ..... ।

ଗଂଜାମ, ଓଡ଼ିଶା

Magazine Downloaded from www.aahwaan.com

# ନିଦ ମାଉସୀ



ବର୍ଷା ମହାପାତ୍ର

ନିଦ ମାଉସୀ ଲୋ ନିଦ ମାଉସୀ
ପାଖରେ ବସି ଦେ ଆଉଁସି ।

ସୁନା ଝିଅ ମୋର ଅତି ଫୁଲେଇ
ଭାରି ଅଭିମାନି ପୁରା ଗେହ୍ଲେଇ ।

ରାତି ଘୋଡ଼ିକରେ ହେଲାଣି ଆସି
ଶୋଉନାହିଁ ସେତ ଖେଳୁଛି ବସି ।

ନିଦ ମାଉସୀ ଲୋ ନିଦ ମାଉସୀ
ଗେଲ୍ଲୀକୁ ମୋର ଦେ ଆଉଁସି ।

ଜହ୍ନ, ତାରା ସବୁ ଗଲେଣି ଲୁଚି
ଦୁଷ୍ଟାମି କରନା ଆଉତୁ ବେସି ।

ବସ୍ତା,ବାଲେଶ୍ୱର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତୁମେ କଣ ଠିକ୍ କଲ ?



କୁମୁଦିନୀ ବେହେରା

ସମୀର ହେ, ତୁମେ ଏକି କଲ
ସବୁ ମହତକୁ ଲୁଟି ନେଲ ।
ସରମର କଥା ମରମେ ମରୁଛି
କୁହ ଏମିତି କେମିତି କଲ ?

ପଣତକୁ ମୋର ଦେଲ ଟାଣି,
ଖୋଲିଲା ମୋ ମଥାର ଓଢଣୀ ।
ଅଲରା କଲ ମୋ' ଘନ କବରୀକୁ
ଭାବୁଛ କି ତୁମେ ଗଲ ଜିଣି ?

ସର୍ବାଙ୍ଗ ମୋହର ଗଲ ଛୁଇଁ
ଲାଜରେ ମଥା ମୋ ଗଲା ନଇଁ
ଅଙ୍ଗବାସ ମୋର ଅଣାୟତ୍ତ କଲ
ଏତେ ଅବିବେକୀ ହେଲ କାହିଁ ?

ଚୁମି ଗଲ ମୋର ଅଧରକୁ
ଦୃଶ୍ୟ ନ ହୋଇଲ ନୟନ କୁ
କେମିତି ଅବା ମୁଁ କରିବି ବାରଣ
ଭାବି ନ ପାରିଲି ମୋ ମନ କୁ ।

ହାତ ଯୋଡି କରେ ନିବେଦନ
ଆସ ପଛେ ହୋଇ ସମୀରଣ
ବହ୍ନି ମୁଖ ରୂପେ ଆସିବନି କେବେ
ଅସହ୍ୟ ହୁଏ ମୋ ତନୁ ମନ ।

ଅଲାଜୁକ ପଣ ମନେ ବୋହି
ପ୍ରଭଞ୍ଜନ ତୁମେ ହେଲ ବାଇ
ମରୁତ ହେ ତୁମ ଚଗଲା ପଣଟା
ମାନ ମହତ ମୋ ଦେଲା ଧୋଇ ।

ଶିକ୍ଷୟିତ୍ରୀ, ଭାଗୀରଥୀପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ
ବିଦ୍ୟାଳୟ, ଛେଣ୍ଡିପଦା, ଅନୁଗୋଳ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସ୍ମୃତି



ରୁକ୍ମିଣୀ ସାହୁ

ଦୀର୍ଘ ଦିନ  ଅତିକ୍ରାନ୍ତେ
ସେ ଦିନର ସ୍ମୃତି ସବୁ ଉଙ୍କିମାରେ
ମନ ଆକାଶରେ
ଯେଉଁଦିନ ବୁଲୁଥିଲେ
ସାଗରର ବେଳାଭୂମି ପାରେ
ମନର ଅଜସ୍ର କାହାଣୀ
ଶୁଣୁ ଥିଲେ ସାଗରର ନୀଳ ଉର୍ମିମାଳା
ବେଦନା ସିକ୍ତ ମନର ପରିଭାଷା
ମୂକସାକ୍ଷୀ ରହିଥିଲା
ନୀଳ ଯୋଜନର ନୀରବ ମୁହୂର୍ତ୍ତ

ବିଗତ ଦିନର ସେହି
ଅଭୁଲା ସ୍ମାରକୀ
ଆଜିକିନ୍ତୁ ସମୟର ଉଜାଣି ସ୍ରୋତରେ
ସବୁ ଯାଇଛି ଚାଲି
ଦୂରକୁ ବହୁ ଦୂରକୁ
କାଳବୈଶାଖୀର  ଘୁର୍ନିବଳୟ
ଛିନ୍ନ କରିଛି ସେହି ସମ୍ପର୍କ ର ସେତୁ
ରାଶି ରାଶି ଦୁଃଖ ଆଉ ଯନ୍ତ୍ରଣା ର
ପରିଧି ମଧ୍ୟରେ ବଂଦୀ
ଯେଉଁଠାରୁ ମୁକ୍ତି ସ୍ୱପ୍ନ ରେ ବି ନୁହେଁ

ମନରେ ଅସୁମାରୀ ପ୍ରଶ୍ନ
ସାଗରର ତରଙ୍ଗ ସମ
ଉଙ୍କିମାରି ପୁଣି ହଜିଯାଏ
ସ୍ମୃତିର ମାନସ ପଟ୍ଟରେ

ଶିକ୍ଷୟିତ୍ରୀ, ଉଦଳା, ମୟୁରଭଞ୍ଜ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆଗରୁ ଆଉ ଏବେ



ତପନ ସାହୁ

ମୁଁ ତ ଜଳକା ହୋଇ ଚାହିଁ ରହିଛି
ଶବ୍ଦ କୋଷର ଦୂର ଦିଗନ୍ତ ଯାଏଁ ,
ଫର୍ଦ୍ଦ ଫର୍ଦ୍ଦ କରି ଓଲଟାଇ ସାରିଲିଣି
ମନ ଅଭିଧାନର ଶେଷ ପୃଷ୍ଠାକୁ ।

ପରସ୍ତ ପରସ୍ତ ହନ୍ତାଳି ସାରିଲିଣି
ହୃଦୟର ସାତ ତାଳ ପଙ୍କକୁ,
ଗୋଡ ହାତ ଅବଶ ହୋଇ ଗଲାଣି
ଆଉ ଜୁ ନାହିଁ ମୋର.... ।

ଗୁଡାଏ ଅଣ ସ୍ଥିରୀକୃତ
ଶବ୍ଦ ମାନଙ୍କ ସହ ସନ୍ଧି କରି
ତୁମେ ଲୁଚକାଳି ଖେଳୁଛ
ମୋ ଆଖିରେ ଅନ୍ଧ ପୁଟୁଳି ବାନ୍ଧି ।

ଭାରି ଇଚ୍ଛା ଥିଲା ....... !
ତୁମକୁ କାବ୍ୟନାୟିକାର ରୂପ ଦେବାକୁ,
ଅଯୁତ ଚେଷ୍ଟାରେ ବି ବିଫଳ ମୁଁ
କେଜାଣି ଇଏ ମୋର ପାଗଳାମି ନା
ଆଉ କ'ଣ ?

ତୁମେ କାହିଁକି ଯେ ଲୁଚିଯାଅ
କବାଟ କୋଣରେ, ହାତେ ଲମ୍ବର
ଓଢଣା ଟାଣି
ଠିକ୍ ଭୂଆସୁଣୀଟେ ପରି
ଏତେ ଲାଜ କ'ଣ ପାଇଁ ଯେ .... ?

କନିଷ୍ଠ ଶିକ୍ଷକ,
ଗୌଡୁଣୀପୋଖରୀ ସରକାରୀ ଉଚ୍ଚ ପ୍ରାଥମିକ
ବିଦ୍ୟାଳୟ, ଚାନ୍ଦବାଲି, ଭଦ୍ରକ ।

 Magazine Downloaded from www.aahwaan.com

# ସେ ମାଆଟିଏ, ସେ ସାହାଟିଏ



ଡିଙ୍ଗର ନାଏକ

ସେ ମାଆଟିଏ, ସେ ସାହାଟିଏ
ନିରାଶ୍ରୟ ରୋଗୀଙ୍କ ସୁସ୍ଥ ହେବାର ରାହାଟିଏ
ସେ ମାଆଟିଏ, ସେ ସାହାଟିଏ ....... ।

ମେସିଡୋନିଆର ସ୍କୋପ୍ଜେରେ
ଜନ୍ମ କରିଥିବାର ନାରୀଟିଏ
ମାନବ ସମାଜରେ ଶାନ୍ତି ପ୍ରତିଷ୍ଠା କରିବାର
ଯିଏ ଦେବୀଟିଏ ।
ସେ ମାଆଟିଏ, ସେ ସାହାଟିଏ .......... ।

ସେବା ମମତାର ମାତୃମୂର୍ତ୍ତି
ଜୀବନ୍ତ ପ୍ରତିମାଟିଏ
ସୂର୍ଯ୍ୟସମ ଦିପ୍ତିମନ୍ତ ସେ
ତେଜସ୍ୱୀ ହସଟିଏ
ସେ ମାଆଟିଏ, ସେ ସାହାଟିଏ ....... ।

ମାନବ ସେବା ହିଁ ମାଧବ ସେବା
ଥିଲା ତାଙ୍କର ମୂଳମନ୍ତ୍ରଟିଏ
ବିଦେଶିନୀ ନାରୀ ଭାରତ ବର୍ଷରେ
ମଦର ଟେରେସା ନାମ ବୋଲାଏ
ସେ ମାଆଟିଏ, ସେ ସାହାଟିଏ ......... ।

'ମ'-ମଜ୍ଜିଗଲେ ମାନବ ସେବାରେ
'ଦ'-ଦୁଃଖି ଦରିଦ୍ରଙ୍କ ହୃଦୟ ପୃଷ୍ଠରେ
'ର'-ରୋଗୀଙ୍କର ଯିଏ ଆଶ୍ରୟସ୍ଥଳୀ ଟିଏ
ସେ ମାଆଟିଏ, ସେ ସାହାଟିଏ... ।

'ଟେ'-ଟେକ ରଖିଛନ୍ତି ଅର୍ନ୍ତରାଷ୍ଟ୍ରୀୟ ସ୍ତରରେ
'ରେ'-ରେଣୁର ଛିଟା ଯାଙ୍କ ସମଗ୍ର ବିଶ୍ୱରେ
'ସା'- ଶାନ୍ତିର ନୋବେଲ ପୁରସ୍କାର ପାଇଛି ଯିଏ
ସେ ମାଆଟିଏ, ସେ ସାହାଟିଏ ......... ।

କନାଗାଁ,କଳାହାଣ୍ଡି
ଭ୍ରାମ୍ୟ ଭାଷ-୮୭୫୮୯୧୭୪୧୧

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବର୍ଷା ଭିଜା



ଆଶୁତୋଷ ମେହେର

ବର୍ଷାରେ ଦେହ
ଭିଜିଗଲା ପରେ
ଶୀତଳ ହେବା ବଦଳରେ
ଏତେ ନିଆଁ କିଆଁ ଲାଗେ ? ?
ବର୍ଷାରେ ଦେହ
ଭିଜିଗଲା ପରେ
ରଂଗ ସବୁ ଧୋଇ ନ ଯାଇ
ଏତେ କିଆଁ ଦପ୍ ଦପ୍ ଦିଶେ ? ?

ଏ ସବୁର ଉତ୍ତର ତୁମ ପାଖେ
ଅଛି ଯଦି
ମନ ଖୋଲି
କହି ଦିଅ ସଖୀ କହ ଦିଅ । ।
କାହିଁକି ନା
ଏବେ ଏବେ ଭରିଯାଇଛି
ଆକାଶରେ
କଳା ଛମ୍ ଛମ୍ ମେଘ
ବର୍ଷିବି ବର୍ଷିବି
ଥମ୍ ଥମ୍ ହୋଉଛି
ଆଉ ମୁଁ
ମୁଁ ଭିଜିବାକୁ
ପ୍ରସ୍ତୁତ ହୋଇ ଯାଇଛି । ।

୫୪ ଆର୍ଯ୍ୟପଲ୍ଲୀ, କିଟଛକ, ପଟିଆ, ଭୁବନେଶ୍ୱର,
୭୫୧୦୨୪, ଦୂରଭାଷ ୯୪୩୭୦୮୫୩୯୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସୁପ୍ତ ମାନବ



ସରୋଜିନୀ ମିଶ୍ର

ସୁପ୍ତ ମାନବ ହୁଅ ଜାଗ୍ରତ
ସମୟ ଦିଏ ହୁଂକାର
ପୀଡିତ, ନଗ୍ନ, ଲାଞ୍ଛିତ, ମୃତ
ସ୍ୱାଧୀନତା ଅହଂକାର ।

ଅଭାବ କଷଣ ନୁହେ ବିକଟାଳ
ବିକଟାଳ ବୁଭୂକ୍ଷତା
ଅବଚେତନାର ଅପରିପକ୍ୱତା
ନଗ୍ନ ମାନସିକତା

ମୃତ ଆଜି ଆମ ସଂସ୍କାର ସଂସ୍କୃତି
କ୍ଷୁବ୍ଧ ମନୀଷି ଗଣ
ଅଶ୍ରୁର ଶ୍ରାବଣେ ବିଧୌତ ଶରୀର
ଜୀବନରେ ନାହିଁ ପ୍ରାଣ

କୁତ୍ସିତ କାମନା ସଂକୁଚିତ ମନ
ପ୍ରାଚୁର୍ଯ୍ୟର ଅଂହକାର
କରେ କଳୁଷିତ ଏ ଦେଶର ମାଟି
ଜାଗି ପ୍ରତିକାର କର

ସ୍ୱାଧୀନତା ଆଜି କରଇ ରୋଦନ
ଭଗ୍ନ ହୃଦୟ ନେଇ
ହେବେକି ଅବଳା ସଭିଙ୍କ ଭଗିନୀ
ପୂର୍ଣ୍ଣ ସ୍ୱାଧୀନ ହୋଇ ?

ହୋଇବକି ସତ୍ୟ ଗାନ୍ଧିଜୀଙ୍କ ସ୍ୱପ୍ନ
ଆସିବକି ରାମରାଜ୍ୟ
ଭାରତ ମାତାର ନୂତନ ଗଗନେ
ଉଇଁବେକି ନବ ସୂର୍ଯ୍ୟ

ଜାଗିଉଠ ଜାଗିଉଠ ଦେଶବାସୀ
ମା କରଇ ରୋଦନ
ମାଆର ଲହୁରେ ଖେଳନାହିଁ ହୋଲି
ଜାଗ୍ରତ କର ଚେତନ
ଜାଗ୍ରତ କର ଚେତନ

ଆଲୋକ ନଗର, ଆମ୍ବପୁଆ, ବ୍ରହ୍ମପୁର,
୯୯୩୮୪୭୪୨୦୭

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅନ୍ଧାରୀ ଦୁନିଆ



ରଙ୍କନିଧି ସେଠୀ

ଅନ୍ଧାରକୁ ସତେ କରିଛି ନିଜର
ଆଲୋକକୁ ଲାଗେ ଡର
ଦୁନିଆଁ ନିଆଁରେ  ଜଳୁଛି ମୁଁ  ଆଜି
ହୋଇ ଓହଳ ବିକଳ  ।

ଖୋଜିଖୋଜି ସାରା ଦୁନିଆ ଖୋଜିଲି
ସଂସ୍କାରିଟେ ନ ମିଳିଲା
ଅନ୍ଧାରି ଦୁନିଆ  କରୁଛି ରାଜୁତି
ଆଲୁଅ ବଳି ପଡିଲା  ।।

କେବେ ରାଗ,ହିଂସା, ମିଛ ମୋହମାୟା
ଏକୁ ଆରେକ ଟପିଲା
ଚୋରି, ଛିନତାଇ, ହତ୍ୟା ଓ ଠକେଇ
ମାନ ମହତ ସାରିଲା  ।।

କୁନି କୁନି ଛୁଆ  ହୋଇଲେ ଧର୍ଷିତା
ବାପ ଭାଇ ଗୁରୁ ଜନେ
ଗଣଧର୍ଷଣର  ଶିକାର ହୋଇଲେ
ସଭ୍ୟତାର ମାତାମାନେ  ।।

ସମ୍ପତ୍ତିର ଲୋଭେ ହଣାକଟା ଚାଲେ
ଭାଇ ଭାଇଙ୍କ ମଧ୍ୟରେ
ବିତ୍ତଶାଳୀ ଏଠି  ବଳବାନ  ହୁଏ
ଦୀନ ଦରିଦ୍ର ଲୁଟେ ରେ  ।।

ଏତିକି ଗୁହାରି  ଆହେ ଚକ୍ରଧାରୀ
ରକ୍ଷାକର ନିଜ ସୃଷ୍ଟି
ପାପୀ ଅଧର୍ମୀଙ୍କୁ  ବିନାଶ  କରିଣ
କର ପ୍ରଭୁ କୃପା ବୃଷ୍ଟି  ।।

ସେକ୍ଟର-୯, ରାଉରକେଲା
ମୋ.୯୯୩୭୨୪୦୫୭୨

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବର୍ଷା



କସ୍ତୁରୀ ଚରଣ ରାଉତ

ଶ୍ରାବଣ ମାସରେ ଆକାଶ ଆଖିରେ
ଅସରା ଲୁହର ଧାର
ବରଷା ରୂପରେ ଧରା ବୁକୁ ପରେ
ଝରୁଅଛି ଝରଝର ।

ଛୋଟ ଛୋଟ ଛୁଆ କେତେ ଖୁସି ଆହା
କାଗଜର ଡଙ୍ଗା ଧରି
ଚଷାପୁଅ ମନ ଭାରି ଛନଛନ
ଚାଷବାସକୁ ସୁମରି ।

ହଳିଆ ଗୀତର ସୁମଧୁର ସୁର
ଅଦୂର ବିଲରୁ ଶୁଭେ
ମୟୁର ପୁଚ୍ଛରେ ମେଘର ମହ୍ଲାର
ଖୁସିରେ ମଣ୍ଡୁକ ରାବେ ।

ବରଷାର ଜଳ ହୋଇଲେ ପ୍ରବଳ
ଅସମ୍ଭାଳ ନଈନାଳ
ହୋଇ ଗତିଶୀଳ ଲଙ୍ଘେ କରେ କୂଳ
ଜଳାର୍ଣ୍ଣବ ସମତଳ ।

ତଥାପି ବରଷା ଜୀବନର ଆଶା
ଧରଣୀର ମଧୁବାସ
ସୁଖର ଆସର ତା' ଅମୃତ ଧାର
ସାଧବ ବୋହୁର ବେଶ ।

ଶିକ୍ଷକ, ସତ୍ୟବାଦୀ ହାଇସ୍କୁଲ
ଧଣ୍ଡାମାଳ, ଦେଓଗାଁ, ବଲାଙ୍ଗିର
ମୋ.୯୯୩୭୯୮୨୮୪୬

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଖଟାମିଠା



ନାରାୟଣ ଚନ୍ଦ୍ର
ସେନାପତି

ସତ୍ୟଟା କମ୍ପୁଛି ପ୍ରବଳ ଜ୍ୱରରେ
ଅହିଂସା ହୋଇଛି ବନ୍ଦୀ
ଚୁଗୁଲିଆ ଆଜି ନଗରେ ମାତନ୍ତି
ସାଧୁ ଖୋଜେ ଗଳିକନ୍ଦି ।

ସ୍ନେହ ମମତାଏ ବାହୁନି କାନ୍ଦନ୍ତି
ଶ୍ରଦ୍ଧା ଝୁରେ ଦୁଃଖେ ବସି
କପଟ ନାଚୁଛି ଛନ୍ଦର ମଞ୍ଚରେ
ମାୟା ଛଳ ଜାଲ ଖୋସି ।

କନିଷ୍ଠ ସାଜୁଛି ସର୍ବଶ୍ରେଷ୍ଠ ଏଠି
ଜ୍ୟେଷ୍ଠ ଲାଜେ ମଥା ନଏଁ
ଛାତ୍ର ହସେ ଦେଖି ବିଚରା ଗୁରୁଙ୍କୁ
କି ଅସହାୟ ଆଃ ଇଏ !

ଶୃଙ୍ଖଳା ଲୁଚିଛି ଅସଭ୍ୟ ଗାତରେ
ସଂସ୍କାର ଗଲାଣି ବୁଡି
ଅଜ୍ଞାନ ଦେଖୁଛି ଦିବା ସ୍ୱପ୍ନ ଏଠି
ଜ୍ଞାନକୁ ପିନ୍ଧାଇ ଚୁଡ଼ି ।

ନ୍ୟାୟ ସାଜିଲାଣି ପଳାୟନ ପନ୍ଥୀ
ଅନ୍ୟାୟ ପିନ୍ଧେ ମୁକୁଟ
ବିଚାର ଘରଟା ପୋଡି ଧ୍ୱଂସ ହେଲା
ଠକ ମଡ଼ାଏ ମଲାଟ ।

ଧର୍ମ ଡାକୁଅଛି ରକ୍ଷାକର ପ୍ରଭୁ
ପାପଟା ନେଲାଣି ଶୋଷି
ପୁଣ୍ୟ କହେ କାନ୍ଦି ଭିକ୍ଷା ମୁଠେ ଦିଅ
ଅଧର୍ମ ଦୁଆରେ ବସି ।

ତେସ୍ତରୀ ବରଷ ବୁଢ଼ାଟା ହସୁଛି
ସ୍ୱାଧୀନତା ସଂଜ୍ଞା ଭୁଲି
ନିର୍ଲଜ କୃତଘ୍ନ ଭୁତଟା ପାଗଳ
ପରାଧୀନ କାଳି ବୋଳି ।

ଜମ୍ବରା, କେନ୍ଦୁଝର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଯୋଗ : ପରମ ଯୋଗ



ସେଠୀ କାର୍ତ୍ତିକ ଚନ୍ଦ୍ର

ନିରୋଗ ଶରୀର    ଶାନ୍ତିର ଆଧାର
    ଆଉ ସବୁ ତତପରେ
ଯୋଗ ସାଧନର    ମହତ୍ତ୍ୱ ଅପାର
    ବିଶ୍ୱ ଆଜି ଅନୁସରେ  । ।

ରତ୍ନଗର୍ଭା ଆମ    ଆର୍ଯ୍ୟ ଭୂମିକୁ
    ବିଶ୍ୱ ମାନେ 'ବିଶ୍ୱଗୁରୁ'
ନିରୋଗ ତନ୍ତ୍ରର    ଯୋଗ ବିଦ୍ୟା ଅଟେ
    ଆଧ୍ୟାତ୍ମିକ ପ୍ରେମ ତରୁ  । ।

ଯୋଗ ଠାରୁ ମିଳେ    ପୁଳା ପୁଳା ସୁଖ
    ଯିଏ ସାଧେ ସିଏ ଜାଣେ
ଆତ୍ମିକ ଉନ୍ନତି    କେବଳ ସମ୍ଭବ
    ଯେବେ ଥାଉ ସୁସ୍ଥ ମନେ  । ।

ମହାନ ବିଦ୍ୟା ଏ    ଭାରତ ଭୂମିର
    ସଂସ୍କାର ସଂସ୍କୃତି ବୀଜ
'ସୂର୍ଯ୍ୟ ନମସ୍କାର'    ଶକ୍ତି ମୂଳାଧାର
    ଅମୋଘ ଔଷଧି ଚିଜ  । ।

ଆସ ଆସ ଭାଇ    ଆସ ଯିବା ଗାଇ
    ପ୍ରେମ ଓ ମୈତ୍ରୀ ର ଗୀତି
ଯୋଗ ଆପଣେଇ    ବିଶ୍ୱ ଦରବାରେ
    ସୁଦୃଢ଼  କରିବା   ସ୍ଥିତି  । ।

ଚଉମୁଖ, ବାଲିଆପାଳ, ବାଲେଶ୍ୱର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିଦେଶୀ ମାୟାରେ !



ଅରୂପ କୁମାର ବିଶ୍ୱାଳ

ଆମର ସଂସ୍କୃତି ହରାଉଛି ସ୍ଥିତି
ପାଶ୍ଚାତ୍ୟର ଆକ୍ରମଣେ ।
ଶିରିହୀନ ହୁଏ ଆମରି ସମାଜ
ବିଗିଡଇ ପ୍ରତିକ୍ଷଣେ ।
ବିଦେଶୀ ମାୟାରେ ଯୁବକ ବାଇଆ
ଭୁଲି ଯାନ୍ତି ନିଜଭାଷା ।
ଶିଶୁଟିଏ ଡାକେ ମମି ଡାଡି ଡାକ
ଇଂରାଜୀ କରୁଛି ଘୋଷା ।
ବାପା ବୋଉ ଡାକ ଆହାକି ମଧୁର
ଶୁଣିବାକୁ ମିଳେନାହିଁ ।
ମାତୃଭାଷା ପ୍ରେମ ତୁଟିତୁଟି ଯାଏ
ଭାବିଲେ ଲାଜ ଲାଗଇ ।
କିଥିଲା ଏ ମାଟି କିଏ ଦେଲା କାଟି
ଚେତନାର ସେତୁ ବନ୍ଧ ।

ବିଦେଶୀ ପୋଷାକ ବିଦେଶୀ ପାନୀୟ
କରିଦେଲା କିବା ଅନ୍ଧ ।
ଗୋରା ସାହେବ କି ଛାଡି ଦେଇ ଗଲେ
ଅପସଂସ୍କୃତିର ଭୁତ ।
ସେଦିନୁ ଗଲେଣି ଏ ଦେଶକୁ ଛାଡି
କାହା କଥା ଏଠି ସତ ।
ସଭ୍ୟତା ବିଗିଡେ ବ୍ୟବସ୍ଥା ଭୁଷୁଡେ
ଦିନୁଦିନୁ ଅସମ୍ଭାଳ ।
ଦୂର୍ନିତୀ ଅନୀତି ଦୁଷ୍କର୍ମ ଦୁର୍ଗତି
ସମାଜେ ହୁଏ ପ୍ରବଳ ।
ଧନୀ ହୋଇଯାଏ ଧନର କୁବେର
ଗରିବ ଖାଉଛି ଧୋକା ।
ମଧ୍ୟବିତ୍ତ ଖାଲି ସପନ ଦେଖୁଛି
ଗଣତନ୍ତ୍ର ଲାଗେ ଫିକା ।

ସହକାରୀ ଶିକ୍ଷକ
ଏନ୍.ଏ.ସି ବାଳିକା ଉଚ୍ଚ ବିଦ୍ୟାଳୟ
ପାରାଦ୍ୱୀପ । ମୋ : ୯୦୪୦୮୭୦୧୦୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସ୍ୱପ୍ନର ସହରେ ହଜିଯାଏ ମୁଁ



ଅଜୟ କୁମାର ବେହେରା

ସ୍ୱପ୍ନର ସହରେ ହଜି ଯାଏ ମୁହିଁ
ମନରେ ଅନେକ ଭାବନା ନେଇ
ଅସୁମାରି ସ୍ୱପ୍ନ ଭାଙ୍ଗି ଯାଏ ଯେତେ
ପ୍ରିୟାର ଅପେକ୍ଷାରେ ରହି ଥାଇ... ।୧ ।

ମନେ ଗଢ଼ି ବସେ ପ୍ରେମରତାଜମହଲ
ଖୋଜେ ପୁଣି ବେଗମଙ୍କ ସ୍ମୃତିକୁ
ଧନ୍ୟ ତୁମେ ପ୍ରେମୀ ଅମର ହୋଇଲ
ଦେଇଗଲ ପ୍ରେମରସ୍ପର୍ଶ ଏ ସାରା ସଙ୍ଗସାରକୁ...୨

ତୁମ ପ୍ରେମ ସେତ ସ୍ୱର୍ଗୀୟ ଥିଲା
ଦୁଇ ପ୍ରେମୀଙ୍କ ବାର୍ତ୍ତାବହ ସାଜିଲା
ମୋ ପ୍ରେମରେ ବଧେ ସ୍ୱାର୍ଥ ନିହିତ ଥିଲା
ବିନା ବାଦଲରେ ମେଘ ବରଷି ଗଲା...୩

ଭୁଲିବାର ଯଦି ଥିଲା ସତେ ତୁମର
କାହିଁ କରୁଥିଲ ମୋତେ ଏତେ ନିଜର
ପ୍ରେମ ପକ୍ଷୀଟିଏ ହୋଇ ଆସିଥିଲ
ରହିବ ବୋଲି ସତେ ସାଥେ ମୋହର...୪

ସେ ଅଭୁଲା,ଅଫେରା ଅତୀତକୁ
ସତେ ଭୁଲିଲ କେମିତି କୁହ ପ୍ରିୟା
ତୁମ ହୃଦୟେ ଲେଖା ମୋର ନାମ
ଖୋଲି ଦେଖ ଥରେ ସତେ ତୁମ ହିଆ...୫

ଆଜିବି ଅନ୍ଧାରେ ଭାବୁଅଛି ମୁହିଁ
ତୁମ ଅପେକ୍ଷା ବାଟେ ବସୁଛି ଯାଇ
କାଳେ ଦେଖା ହେବ ସାଥେ ତୁମର
ନେଇ ଯିବି ମୁଁ ସତେ ପ୍ରୀତି ଗୋଲାପ ଦେଇ...୬

ଗ୍ରା/ପୋ : ମୋରଡ଼ା, ଜିଲ୍ଲା-ମୟୂରଭଞ୍ଜ ।
ପିନ-୭୫୭୦୨୦,
ମୋବାଇଲ: ୯୭୭୬୦୨୫୪୫୮

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସେଦିନର ସ୍ୱାଧୀନତା ଦିବସ



କୃଷ୍ଣଚନ୍ଦ୍ର ଡାକୁଆ

ମନେ ଅଛି ମୋର
ସେଦିନର ସ୍ମୃତି
ଭୁଲିନାହିଁ ଜମା ତାକୁ
ନ୍ୟାୟ ପାଇଁ ସତ ବନ୍ଧା ପଡ଼ିଥିଲା
ସ୍ୱାଧୀନେ ହରାଇଥିଲୁ ତାକୁ,

ନ୍ୟାୟର ମନ୍ଦିର ଅନ୍ୟାୟ କରିଲା
ମିଳିଲାନି ଜମା ନ୍ୟାୟ
ନ୍ୟାୟ ପାଇଁ ବାରଦ୍ୱାର ବୁଲିବୁଲି
ଥକି ପଡ଼ିଗଲୁ ଶେଷରେ
କରିଲୁ ଆମରଣ ଅନଶନ,

ଅନଶନ ଆମ ସଫଳ ହେଲାନି
ସଭିଏଁ ଦେଲେ ଛତ୍ର ଭଙ୍ଗ
ହେଲେ ପରିଣାମ ସ୍ୱରୂପ ଆଜି
ଅନ୍ୟାୟ ପୀଡିତ ସହଜେ ବୁଝୁଛି
ସେ ସମୟେ ଆଉ କିଛି
ପଦକ୍ଷେପ ନେବା
ନିତ୍ୟାନ୍ତ ରହିଥିଲା ଆବଶ୍ୟକ,

ତାକୁ ଏକ ବର୍ଷ ପୂର୍ତ୍ତି
ହୋଇଗଲା ସତ
ହେଲେ ଆଜି ଯାଏଁ ଜମା
ମିଳିଲାନି ନ୍ୟାୟ,

ତେବେ ଆମେ କି ସ୍ୱାଧୀନ
ନ୍ୟାୟର ମନ୍ଦିର
ଆମ ସାଥେ କରିଛି ଅନ୍ୟାୟ ।।

କରଚୁଲି (ବୁଗୁଡ଼ା), ଗଞ୍ଜାମ, ୭୬୧୧୦୩

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କଥାଦିଅ



ଅରୁନ୍ଧତୀ ମହାନ୍ତି

ମୋ ମୃତ୍ୟୁର ବହୁଦିନ ପରେ
ଯେବେ ଖବର ପାଇବ
ଜଳି ସାରିଥିବ ମୋର ହାଡ଼ ମାଂସ
ଆକାଶରେ ଖେଳୁଥିବ ଚିତାର ପାଉଁଶ
ପରିଚିତ ଲାଗୁଥିବ ମୋ ଅନୁପସ୍ଥିତି
ପରିଜନମାନଙ୍କଠୁ ସରିଥିବ
ସବୁ ଦେଣା ନେଣା
ସମୟ ବି ଭୁଲିଥିବ ମୋରି ଠିକଣା
ଧୀରେଧୀରେ ଭରି ଆସୁଥିବ
ମୋ ବିଚ୍ଛେଦର କଣା
ସ୍ମୃତି ମୋ ପଡିଥିବ
ଶୁଖିଲା ଫୁଲଟେ ପରି
ଗୋଟେ ଅଧେ ଆଲବମ୍ କୋଣରେ
ମୋ ଉଇ ଲଗା କବିତା ଖାତାରେ ।

ଜାଣେ
ତମେ ଧାଇଁ ଆସିବନି ଆମରି ଦୁଆର
ଅଧାରୁ ଅଫିସ୍ ଛାଡ଼ି ଫେରିବନି ଘର
ତମେ ଖାଲି କେଇଦଣ୍ଡ ଚୁପ୍ ହୋଇଯିବ
ତୁମ ଛାତିତଳ କଳଙ୍କି ସିନ୍ଦୁକ ଖୋଲି
ରଂକଟିଏ ପରି
ମୋତେ ଖାଲି ନିରେଖି ଚାହିଁବ ।
ମୁଁ ନିଶ୍ଚେ ଦିଶୁଥିବି ବିଶୁଦ୍ଧ ସତେଜ
ହୋଇଥିବି ରକ୍ତବୋଳା
କାକର ସାଉଁଳା ଦେହ
ବାସୁଥିବି ମହମହ
ହସୁଥିବି ଟହଟହ,
ସେତେବେଳେ ଡରିବନି
ଦେଖି ଗୋଟେ ଫ୍ରକ୍ ପିନ୍ଧା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଳ କଳ ନିଷ୍ପାପ ଆଖିକୁ
ଥରଟେ ଆଉଁସି ଦେଇ
ମନଭରି ଚୁମାଟିଏ ଦେବ
ଏବଂ କିଛି ନଘଟିଲା ପରି
ତୁମ ଟେବୁଲକୁ ଫେରି ଆସୁଥିବ ।
ତୁମେ କେବେ କିଛି ମାଗିନାହଁ
ଖୋଲିନ ବି କଣ୍ଠ
ମୁଁ ଯାଚିନି କି ମାଗିନି ବି ଦିନେ
ଫଟୋଟିଏ, ଚିଠିଟିଏ, କବିତାଟେ
ଖୋସି ଦିଅ ଗଭାରେ ଗୋଲାପ
କେବେ ମୋତେ ଛୁଇଁ ନାହଁ
କରିନ ବି ପାପ
ଆଜି କିନ୍ତୁ ତୁମକୁ ମାଗୁଛି ମୁଁ
କଥା ଦିଅ
ସେଦିନ ବି ମାଗିବନି କେବେ
କାହାଠାରୁ ମୋ ମୃତ୍ୟୁର ଗପ
ପାରିବ ତ ଫୁଙ୍କି ଦେବ
ମୋ ସ୍ମୃତିର ଦୀପ ।।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ହୁଅନ୍ତାକି ଦିନ ଚବିଶିଘଣ୍ଟା



ରବିନାରାୟଣ ବନ୍ଧ

ଲାଗିଛି ବାଜି ଖେଳଟା
କୁନାର ଏହିପାଳିଟା
ଜିତିଲେ ନେବ ବାଜିଟା
କରୁଛି ବହୁତ ଚେଷ୍ଟା
ଶୁଭିଲା ବଉ ରଡିଟା
ହବୁରେ ଟିଉସନଟା
ବିରକ୍ତି ଭାବରେ ଖେଳଛାଡି କହେ
ହୁଅନ୍ତାକି ଦିନ ୨୪ ଘଣ୍ଟା ।

କାଲି ପହିଲି  ରଜଟା
ଆଜିକିଣା ଲୁଗାପଟା
ଝିଅଙ୍କର ପଡ଼େ ଲଟା
ଭଲକରି ବାଛିବାଟା
ଫେରିବାଲା ହଟହଟା
ସାରିବ ଲୁଗା ଗାଣ୍ଠିଟା
ବେଳକୁସେ ଚାହିଁ ଗରାକ୍ଷୀଙ୍କୁ କୁହେ

ହୁନ୍ତାକି ଦିନ ୨୪ ଘଣ୍ଟା ।

ଶେଷ ବାହା ଲଗନଟା
ବର ଆସେ ଗୁଟାଗୁଟା
କାଲି ଅକ୍ଷୀ ତୃତୀୟାଟା
ବ୍ରାହ୍ମଣ ରଖିଲା ନୁଟା
ହାତଗଣ୍ଠି ଛନ୍ଦି ବାଟା
ପାଠ କରୁଅଛି ଛିଟା
ବରସୁଅ ଦେଖି ବ୍ରାହ୍ମଣ କହୁଛି
ହୁଅନ୍ତାକି ଦିନ ୨୪ ଘଣ୍ଟା ।

ଆଜି ସେସ ତାରିଖଟା
ମୁକଳିବ କୟଦିଟା
ଜଜ ଦେଖିଲେ ଘଣ୍ଟା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବାଜିଛି ଦିନ ଚାରିଟା

ଆଜିର ଏ କେସଟା

ଶୁଣାଣି କାଲି ଦଶଟା

ରାଗରେ କହିଲା କୟଦି ଗଡାରେ

ହୁଅନ୍ତାକି ଦିନ ୨୪ ଘଣ୍ଟା ।

ରଥେଦିଅଁ ଦେଖିବାଟା

ଚାଲିଛି ମଣ୍ଡା ଚକୁଟା

ମୁରୁକି ହସନ୍ତି ସ୍ରଷ୍ଟା

ଡୁବିଲା ସୂରୁଜଟା

ଗହଳି ପଡ଼ିଲା ଭଟା

ପ୍ରଭୁଙ୍କର ମନଖଟା

ସବୁତ କରିଲ କାହିଁକି ନକଲ

ଦିନଟାକୁ ପ୍ରଭୁ ୨୪ ଘଣ୍ଟା ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରେମରେ ଶ୍ରାବଣ



ପ୍ରଶାନ୍ତ କୁମାର ପଧାନ

ମେଘ ଢାଙ୍କିଥିଲା ନୀଳ ଆକାଶକୁ
ଶ୍ରାବଣର ଆଗମନେ
ବିରହ ନିଆଁରେ ଯାଉଥିଲି ଜଳି
ସତେକିବା ପ୍ରତିକ୍ଷଣେ ।।

ମନେଅଛି ଆଜି ଯାଇଥିଲେ ଭିଜି
କେଉଁ ଏକ ଶ୍ରାବଣରେ
ବାଟ ଚାଲୁଥିଲେ ନିରୋଳା ରାସ୍ତାର
ସୀମାହୀନ ଦିଗନ୍ତରେ ।।

ଅବେଳରେ ଆସି ଶ୍ରାବଣ ଢାଳିଲା
ପ୍ରଣୟର ମିଠା ମହୁ
ମନ ଚାହୁଁଥିଲା ନ ଫେରୁ ବରଷା
ଆଉ କିଛି କ୍ଷଣ ରହୁ ।।

ଓଠରେ ତୁମର ଲୁଚି ରହିଥିଲା
କେତେ ଯେ ଅକୁହା କଥା
ଛାତି ସ୍ପନ୍ଦନର ବଢୁଥିଲା ବେଗ
ଭାଙ୍ଗୁଥିଲା ନୀରବତା ।।

ନିଆରା ଥିଲା ସେ ମିଠା ଅନୁଭୂତି
ଖେଳୁଥିଲା ଶିହରଣ
ଯାଦୁଥିଲା କିବା ତୁମ ମୃଦୁ ସ୍ପର୍ଶେ
ହୋଇଥିଲି ସମ୍ମୋହନ ।।

ଗୋଟେଛତା ତଳେ ଅଧାଭିଜା ଦେହ
ମନ ବି ତ ଥିଲା ଓଦା
ମେଘ ଫେରିଥିଲା ଇନ୍ଦ୍ରଧନୁ ଆଙ୍କି
ରଖିଦେଇ ପ୍ରେମ ଅଧା ।।

ଗ୍ରାମ-ବୁରୋମୁଣ୍ଡା, ଜିଲ୍ଲା-ବରଗଡ, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବୋଉ ଓ ମମି



ମନୋଜ କୁମାର ପଣ୍ଡା

ବୋଉ ଡାକେ ଯେଉଁ ମଧୁରତାଥାଏ ସେ ସବୁ ମିଳେନା ମମିରଡାକେ,
ଭାତ ଖାଇସାରି ବୋଉର କାନିରେ ମୁହଁ ପୋଛିଦେଲେ କି ସୁଖ ସତେ ।
ଖାଇବା ସରିଲେ ମମି ଦେଇଥାନ୍ତି ଟାଉଏଲ ହାତ ପୋଛିବା ପାଇଁ ,
ସେତେବେଳେ ଭାରି ବୋଉ ମନେପଡେ କେଜାଣି କାହିଁକି ପାରୁନି କହି ।
ବୋଉ ଚାହିଁଥାଏ ଦୁଆର ମୁହଁରେ କେତେବେଳେ ପିଲା ଫେରିବ  ବୋଲି,
ମମି ଦେଖୁଥାନ୍ତି ଟି ଭି ସିରିଏଲ୍ ଗୋଟେ ପରେ ଗୋଟେ ଚ୍ୟାନେଲ୍ ମୋଡି ।
ସଞ୍ଜ ହେଲେ ବୋଉ ଚଉରା ମୂଳରେ ସଞ୍ଜବତୀ ଜାଳି ମୁଣ୍ଡିଆ ମାରେ,
ମମି ଯାଇଥାନ୍ତି ପାର୍ ଲରକୁ ତେଣେ ନିଘା ନାହିଁ ତାଂକ ସମୟ ଆଡେ ।
ବାହାରୁ ଫେରିଲେ ଝାଳ ନାଳ ହୋଇ ବୋଉ ତା କାନିରେପୋଛଇ ଦେହ,
ଆଉଁସି ପାଉଁସି ପଚାରୁଥାଏ ସେ କାହିଁକି ଦିଶୁଛି ଶୁଖିଲା ମୁହଁ ।
ବାହାରୁ ଫେରିଲେ ମମି ରାଗିଯାଇ କହନ୍ତି ଫ୍ୟାନ୍ ରେ ବସ ତୁ ଯାଇ,
ଝାଳଗନ୍ଧହେବ ଏଥିରେ ସେଥିରେ ଦେହମୁହଁ ସବୁ ତୁ ପୋଛେ ନାହିଁ ।
ଖାଇବାକୁ ଦେଲେ ପାଖେବସି ବୋଉ ନସରୁ ପଚାରେ କଅଣ ଦେବି,
ମମି ବାଢିଦେଇ କହି ଯାଇଥାନ୍ତି ଦରକାର ଯାହା ତାଙ୍କୁ ମାଗିବି
ପାଠପଢା ବୋଉ ବୁଝୁକିନବୁଝୁ କହେ ଭଲ ପଢି ମଣିଷ ହୁଅ,
ଟିଉସନ ଦେଇ ମମିକହଥାନ୍ତି ହୋମ୍ ଟାକ୍ସ ତାକୁ ଅଧିକ ଦିଅ ।

Magazine Downloaded from www.aahwaan.com

ବାହାରକୁଗଲେ ବୋଉ ଚାହିଁରହେ ଏରୁଣ୍ଡି ପାଖରେ ଲୁଚିବାଯାଏଁ,

କେମିତି ଫେରିବ ପିଲା ମୋର ବୋଲି ଦିଅଁଙ୍କୁ ମୁଣ୍ଡିଆ ସେ ମାରୁଥାଏ ।

ମମିତ ଥାଆନ୍ତି ତାଙ୍କ କାମେ ବ୍ୟସ୍ତକରିଯାଇଥାନ୍ତି ତାଗିଦ୍ ସିଏ

ଠିକ୍ ସମୟରେ ଘରକୁ ଫେରିବୁ ନହେଲେ ଚିହ୍ନିବୁ ସେବେ ମୁ କିଏ ।

ବୋଉ ଆଉ ମମି ଭିତରେ ତୁଳନାକରିବାକୁ ମୋର ନାହିଁ ସାହସ,

ଏତିକି ଜାଣିଛି ବାପା ରାଗିଗଲେସାହା ଏକା ମୋର ବୋଉ ପଣତ ।

ମନୋଜ କୁମାର ପଣ୍ଡା

ଅଡା,ବାଲେଶ୍ୱର

କ୍ରିଂକ୍ରିଂ--୯୩୪୦୦୪୫୩୩୫,୯୫୮୩୫୩୧୩୪୮

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିଶ୍ୱାସ



ଆନନ୍ଦ ସାଗରିଆ

କାହାକୁ କରିବି ବିଶ୍ୱାସ କହ
ତୁମକୁ ନା
ଜନ୍ମ ଦେଇଥିବା ବାପା ମାଆଙ୍କୁ  ନା
ଆକାଶର ଛାୟା ତଳେ
ବାସ କରୁଥିବା ଲୋକମାନଙ୍କୁ ।

ତୃଣଭୋଜୀ ପ୍ରାଣୀକୁ ନା
ସମାଜର କୁଚକ୍ରାନ୍ତ ଲୋକଙ୍କୁ ନା
ସରଳ ନିଷ୍କପଟ ସାଧୁ ସନ୍ଥକୁ ନା
ସରକାରୀ କର୍ମଚାରୀ ମାନଙ୍କୁ ।

ଷ୍ଟେଚ୍ୟୁ ଛକରେ ଥିବା
ଚା' ଦୋକାନୀକୁ ନା
ନିଜ ଭାତୃଦ୍ୱୟ ଭାଇକୁ ନା
ସମ୍ପର୍କୀୟ ବନ୍ଧୁ ବାନ୍ଧବୀ ମାନକୁ ।

ଏ ମାନେ ତ ସବୁ
ସ୍ୱାର୍ଥ ପରର ଲୋକ
ନିଜ କାମ ହାସଲ କରି
ପଛରେ ଗୋଇଠା ମାରି
ଠେଲି ଦେଇ ଚାଲି ଯାଆନ୍ତି କେତେ ଦୂର ।

ଏମାନଙ୍କୁ ଦିନେ
ବିଶ୍ୱାସ କରି ଥିଲି ବୋଲି
ପଛରେ ଛୁରୀ ମାରି
ଭସେଇ ଦେଇ ଗଲେ ଭବ ସାଗରେ
ଆଜି ଅନୁଭବ କରିପାରୁଛି
ନୁହେଁ କାହାର କିଏ ?  ସବୁ ପରର ! !

ଆଉ କାହାକୁ କରିବି ବିଶ୍ୱାସ କୁହ
ଆଉ କାହାକୁ କରିବି ବିଶ୍ୱାସ କୁହ...

ଭ୍ରାମ୍ୟଭାଷ : ୯୦୭୮୨୩୪୧୦୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସ୍ମୃତି ମରେନାହିଁ



ଅମ୍ବିକା ସ୍ୱାଇଁ

ସ୍ମୃତି କେବେ ମରେ ନାହିଁ
ସ୍ମୃତିର ତ ମୃତ୍ୟୁ ନାହିଁ
ସ୍ମୃତି ସର୍ବଦା ଜୀବିତ,
ବର୍ତ୍ତମାନ ଓ ଅତୀତ ।୧ ।

ଆଖି ତୋଳେ ସ୍ମୃତି ଝୁରେ,
ଆନମନା ମନ କରେ
ଫେରି ଆସନ୍ତା କି ସେଦିନ
ମଧୁ ବୋଳା ମିଠା ଦିନ ।୨ ।

ସବୁ ମଧୁଭରା ସ୍ମୃତି
ଗାଇଥା ଏ ପ୍ରେମ ଗୀତି
ଦୁଃଖ ଭାରା ସବୁ ସ୍ମୃତି
ବୁହା ଏ ଲୋତକ ତାତି ।୩ ।

ଦୁଃଖ ସୁଖ ସବୁ ସ୍ମୃତି
ହୃଦ ୟେ ଥାଏ ସାଇତି
ଯେତେବଳେ ମନ ଝୁରେ
ମନେ ଦୁଃଖ ସୁଖ ଭରେ ।୪ ।

ସ୍ମୃତି କେବେ ମରେ ନାହିଁ
ସ୍ମୃତିର ତ ମୃତ୍ୟୁ ନାହିଁ ।।

ଭୁବନେଶ୍ୱର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଯୌବନର ଆଗମନେ



ଭାରତୀ ସାହୁ

ଶୀତ ପରେ ଯେବେ ଆସେ ବସନ୍ତ
ଆନନ୍ଦରେ ଧରଣୀ ପାଗଳିନୀ ହୁଏ
ହୁଏ ତାର ବୁକୁ ଉଲ୍ଲସିତ ।

ସରଳ କିଶୋରୀ ମନରେ ଯେତେବେଳେ ଦେଖାଦିଏ କଅଁଳ ଯୌବନ
ସେ ବୁଝିପାରେ ସବୁ କଥାର ଅର୍ଥ
ବୁଝିପାରେ ସବୁରି ଇଙ୍ଗିତ ।

ମୁଁ ଯେତେବେଳେ ପହଞ୍ଚିଲି ଯୌବନର ପାଦଦେଶରେ
ସବୁ ଖାଲି ଲାଗୁଥିଲା ନୂଆ ନୂଆ
ସବୁତ ରଙ୍ଗୀନ ।

ବର୍ଷାର ଆଗମନେ କେକୀ ଯେହ୍ନେ ହୁଏ ଆତ୍ମହରା
ସବୁଠାରୁ ଲାଗୁଥିଲା ଭଲ
ଅତୀବ ତମର ସେ ଚୋରା ଚୋରା ଚାହାଣୀ
ଆଉ ତମ ପ୍ରୀତିର ଇଶାରା,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେତେବେଳେ ଦୁନିଆର ସବୁକିଛି ଭଲଲାଗେ

ଯେତେବେଳେ ଏ ଦେହରେ ଏ ମନରେ

ଥିରି ଥିରି ପାଦ ଚାପି ଆସେ ଯୌବନ

ତାର ରଙ୍ଗର ରୋଷଣୀ ଜାଳି

ଦେଇଯାଏ ପ୍ରେମର ଇଙ୍ଗୀତ ।

ସୁନିଦା ପାଟଣା,

ଦଶରଥପୁର, ଯାଜପୁର

ମୋ- ୮୮୯୫୯୪୭୩୨୩

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିରହୀ



ଶ୍ରୀ ସୋମନାଥ ରାଜଗୁରୁ

ଫୁର କିନା ଉଡ଼ିଗଲା ବଣି
ଫର କିନା ଉଡ଼ିଗଲା କାନି
ହାଇ ରେ ପଣତ କାନି
ନୀଳ ଶାଢ଼ୀର ପଣତ
ସତରେ କେତେ ସୁନ୍ଦର
ଅମାନିଆ ପବନ ବି
କହିଯାଏ କାନେ କାନେ
କେତେଯେ ଅକୁହା କାହାଣୀ
ଗୋଧୂଳିଭିଜା ସଂଜ ବେଳ ବି
ଗୀତଗାଏ ସେଇ 'ବଣି ଚଢ଼େଇ'

ବିରହୀ ମନର ଅଦେଖା ମନ୍ଦିରରେ
କେତେଯେ ସପନ ଉଙ୍କି ମାରେ
ଦେହର ଅସୁମାରୀ ଅପାସୋରା କଥା
କା ଆଗେ ଦେଖେଇ ହୁଏନା
କି କାହାକୁ କହି ହୁଏନା
ଅଳସ ଭାଙ୍ଗି ନିଦ ଯାଏ ମାମୁ ଘରକୁ
ସେଇଠି ରହିଥାଏ ଚିନ୍ତା ଆଉ ଚେତନା
ହଁ ଆସୁ ସେଦିନ
ସତେ କଣ ସେ ସପନ ସତ ହେବ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କୋଟିଏ ଭିତରେ ଗୋଟିଏ ସିଏ



ଶିଶିର କୁମାର ପଣ୍ଡା

ମୋଟି ମେହେବୁବା, ସେଏକା ଉମର
ଫଅଁ ତୁମ ଗଲା ବାହାରି
ଛପନ ଇଞ୍ଚର ଛାତିଟା କେବଳ
ମୋଦୀ ଛଡ଼ା ନୁହଁ କାହାରି ।
ବେପାରରେ ତୁମ ତାଲା ପଡ଼ିଲାଣି
ଫେରିଯାଆ ନିଜ ଘରକୁ
କପଡ଼ାରେ ଏବେ ମୁହଁ ଢାଙ୍କିପକା
ଦେଖେଇବ ଆଉ ଥରକୁ ।
ଦେଶପାଇଁ ଯାହା ଶୁଭଙ୍କର, ଆମ
ପ୍ରଧାନମନ୍ତ୍ରିରୀ ଜାଣନ୍ତି
ସେଥିପାଇଁ ସିଏ କଳେ, ବଳେ, ଛଳେ
ନିୟମ ସବୁକୁ ଆଣନ୍ତି ।
ଟ୍ରିପୁଲ୍ ତଲାକ୍ ପରେପରେ ପୁଣି
ତିନିଶ ସତୁରୀ ଉଠିଲା
ଇସଲାମ ଧର୍ମୀ ଲୋକଙ୍କ ଭିତରେ
ନୂଆ ଆଶା ଟିଏ ଛୁଟିଲା ।
କୋଟିଏ ଭିତରେ ଗୋଟିଏ ମଣିଷ
ଜନମିଛି ଆମ ଦେଶରେ
କିଏଜାଣେ ପ୍ରଭୁ ରାମଚନ୍ଦ୍ର ଅବା
ଆସିଛନ୍ତି ମୋଦୀ ବେଶରେ !

କୁଆଁସ, ମେରଦା କାଟିଆ, ଯାଜପୁର
ଆଳାପ-୮୯୯୨୭୩୭୨୨୮

Magazine Downloaded from www.aahwaan.com

# କବିତା ହେ ଜୀବନ



ସଂଯୁକ୍ତା ମହାପାତ୍ର

ହେ ଜୀବନ,
ଟିକେ ଆସ, ମୋ ପାଖରେ ବସ,
ଦି ଘଡି ସୁଖ, ଦୁଃଖ ହେବା ।
କିଛି ତୁମ କହିବ, କିଛି ମୁଁ କହିବି,
ଏଇ କୁହା ଶୁଣାରେ,
ମନ ଟିକେ ହାଲୁକା ହୋଇଯିବ ।

ତୁମ ସାଥେ ଚାଲୁ ଚାଲୁ,
କେତେ ଲୋକ, କେତେ କଥା,
ଏଇ ଚଲାପଥରେ ଆସିଲେ,
କିଛି ସାଥେ ରହିଗଲେ, ଆଉ କିଛି
ଅଧା ବାଟେ, ବାଟ ଭାଙ୍ଗି ଚାଲିଗଲେ ।

ଯିଏ ଗଲା ଆଉ ଯାହା ନମିଳିଲା,
ତା ପାଇଁ, ଲୁହ ତ ଆସିଛି ଆଖିରେ ।
ହେଲେ, କେବେ ଅଭିଯୋଗ କରିନି କାହାକୁ
ଅଭିମାନ କରିନି ବି କେବେ ।

ହେ ଜୀବନ, ତୁମେଇ ତ
ସବୁ ଠାରୁ ଅନ୍ତରଙ୍ଗ ମୋର,
ତୁମ କାନ୍ଧେ ମଥା ରଖି କାନ୍ଦି ତ ପାରିବି !
ମୋ ଦୁଃଖ ତୁମକୁ କହିବିନି ତ
ଆଉ କା' ଆଗେ କହିବି ?

ହେ ଜୀବନ, ବେଳେ ବେଳେ
ମନ ହଜିଯାଏ ଭାବନାରେ,
ଯାହା କିଛି ଦେଇଅଛ ତୁମେ
ସେତିକି ବି ମିଳୁନି କାହାକୁ,
ଯାହା କିଛି ମିଳିଅଛି ତୁମ ସଙ୍ଗତରେ
ଅନେକ ସନ୍ତୁଷ୍ଟି ମିଳିଛି ମନରେ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ହେ ଜୀବନ ବହୁତ ଧନ୍ୟବାଦ !

ତୁମେ ସଦା ଅଛ ସାଥେ ମୋର,

ତୁମ ବିନା ଅବା କାହିଁ ଅସ୍ତିତ୍ୱ ମୋହର ?

ଯେବେ ତୁମେ ଯିବାକୁ ଭାବିବ,

ମୋତେ ବି ତୁମ ସାଥି କରି ନେବ ।

ହେଲେ, ଗୋଟିଏ ବୀନତି,

ସାଥି ହୋଇ

ଆମେ ଏଇମିତି କିଛି ଦେଇ ଯିବା

ଆମେ ଗଲା ପରେ,

ଆମ କଥା ଭାବି ଦେଲେ ଥରେ,

କାହା ଓଠେ ହସ ଟିକେ ଖେଳି ଯିବ,

ଅବା ନୟନରେ ଲୁହ ଟୋପେ ଆସି ଯିବ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆଜି ବି ତୋତେ ଝୁରୁଛି



ଅନନ୍ୟା ଅନୁଷ୍କା

ସୂରୁଜ ଉଇଁଲେ ପୁରୁବ ଆକାଶେ,
ମନେ ପଡେ ତୋର ମୁହଁ ।
ପୁରୁଣା ସ୍ମୃତିକୁ ଝୁରିହୁଏ ନିତି,
ଆଖିରୁ ଝରାଇ ଲୁହ ।।
ସେ ଲୁହର ମୂଲ ତୁ କାହୁଁ ବୁଝିବୁ,
ରାଣ ଦେଇ କଲୁ ପର ।
ତୁ ଗଲା ଦିନୁ ତୋ ସାଇତା କଥାକୁ,
କରିଛି ମୁଁ ଆପଣାର ।।
ଅଙ୍କା ଛବି ସାଥେ ଗପି ଗପି ମୋର,
ସାରା ଦିନ ଯାଏ ବିତି ।
ଥରେ ଆସନ୍ତନି ଦେଖିବାକୁ ମୋତେ,
ତୋ ବିନା ଜିଇଁଛି କେମିତି ।।
ଜହ୍ନ ଆଲୁଅରେ ନିଜ ସାଥେ ଗପି,
ରାତି ମୋର ଯାଏ ପାହି ।
ତୋ ଛାଇକୁ ପାଖେ ପାଇବାକୁ ଟିକେ,
ପାଗେଳୀ ହେଉଛି ମୁହିଁ ।।
ଚିହ୍ନା ରାସ୍ତା ସବୁ ଛୁରୀ ଭୁସୁଛନ୍ତି,
ଜାଣିଜାଣି ହୃଦୟରେ ।
ଦଳିଦେଲୁ ଯେବେ ଫୁଲର ପାଖୁଡ଼ା,
ଆଣିଥିଲି ସରାଗରେ ।।
କି ସୁଖ ଦେବି ମୁଁ ବଣ ପାହାଡକୁ,
ଖୁସି ଆଜି ମୋର କୋହ ।
ପଥର କରିଛି ଏ ଛାତିକୁ ମୋର,
ତଥାପି ଝରୁଛି ଲୁହ ।।
କହ କେତେ କାଳ ଚାହିଁ ବସିଥିବି
ତୋ ଫେରିଲା ବାଟକୁ ଆଉ ।
ଦିନ ପରେ ଦିନ ବିତୁଛି ବରଷ,
ତଥାପି ଆସୁନୁ ତୁ ।।

କଳାରାହାଂଗ, ପଟିଆ, ଭୁବନେଶ୍ବର
ମୋ: ୯୪୩୭୪୮୬୬୮୦

ଆହ୍ବାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିରହିଣୀ ପଥିକା



ସୁମିତ୍ରା ପୃଷ୍ଟି

ଶ୍ରାବଣର ବାରିଧାରାରେ ପୃଥିବୀର
ଜୀବଜଗତ ସଜଳ ହୋଇଗଲାପରି
ତୁମ ଶୀତଳ ପରଶରେ ସିକ୍ତ ଦେହ ଆଉ
ମନ ମୋର ବାରମ୍ବାର ଖୋଜେ ତୁମକୁ
ମୋ ସ୍ୱପ୍ନର ନାୟକସାଜି ତୁମେ ଦିନେ
ଆସିଥିଲ
ମୋ କାନରେ ଶୁଣେଇଥିଲ ଜୀଇଁବାରମନ୍ତ୍ର
ଶିଖେଇଥିଲ ଚାଲିବା ଆଉ ଦେଖେଇଥିଲ
ରାସ୍ତା
ହଠାତ୍ କେଉଁଏକ ଅଶୁଭ ମୂହୁର୍ତ୍ତରେ
ମୋ ଠାରୁ ବିଚ୍ଛିନ୍ନହୋଇ ଚାଲିଗଲ
ଅନେକପଥ
ମୋତେ ମଝିରାସ୍ତାରେ ଏକା ଛାଡିଦେଇ
ଏବେ ମୋତେ ଭୟଲାଗେ ରାସ୍ତା ଚାଲିବାକୁ
ଥରେହେଲେ ଫେରିଚାହିଁଲନି ପଛକୁ
ଭାବିଲନି ବାଟବଣା ପଥିକର ଦୟନୀୟ
ଅବସ୍ଥାକୁ
ତୁମେ ତ ଅଫେରା ପଥିକ
କେମିତି ବୁଝିବ ପଥହରାର ହୃଦୟବେଦନା
ତଥାପି ତୁମ ସ୍ଥୂଳହସ୍ତ ନଥିଲେବି
ମୋ ସହ ଅଛି ତୁମ ସୂକ୍ଷ୍ମ ଆଶ୍ଳେଷ
ବିଶ୍ୱାସ,ଭରସା ଏବଂ ଆଶ୍ୱାସନାର
ତୁମ ପ୍ରେରଣାଦାୟୀ ହସ୍ତ ଆଜିବି
ପ୍ରସାରିତ ଅଛି ମୋ ପାଇଁ
ଏତିକି ମୋର ଯଥେଷ୍ଟ
ମୋ ଲକ୍ଷ୍ୟସ୍ଥଳରେ ପାଦଦେବା ଲାଗି
ମୋ ପଥଭ୍ରାନ୍ତ ଜୀବନକୁ ସଠିକ୍
ମାର୍ଗରେ ନେଇଯିବା ଲାଗି ।

ପ୍ରାକଗବେଷିକା, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶେଫାଳୀ



ଶିଶୁପାଳ ସାମ୍ରଥ

ଭୁରୁ ଭୁରୁ ଗନ୍ଧ ସେ ତୋହର
ମହ ମହ ବାସ
ହେ ଶେଫାଳୀ, କହ ତୋହର !
କେଉଁ ବନରେ ବାସ ।୧ ।
ଝରିପଡୁ ତୁହିଁ ନିଇତି ନିଇତି
ଦେଇ ମଧୁର ମହକ
ବିଧାତା କି ରଙ୍ଗେ ତତେ ଗଢିଲା
ପବନର ହେଲୁ ବାହକ ।୨ ।
ସଅଳ ସକାଳର ବାର୍ତ୍ତା ନେଇ
ମଧୁର ମହକ ବିଞ୍ଚିଲୁ
ଖୋଜି ଖୋଜି ମୁଁ ଭ୍ରମିତ ହୁଏ
କେଉଁ ବନେ ତୁ ଲୁଚିଲୁ ।୩ ।
ବାରେ ଦର୍ଶନ ମୋର ପ୍ରବଳ ଇଚ୍ଛା
ଖୋଜି ବୁଲୁଛି ଏ ବନରେ
କାୟା ନାହିଁ କି ତୋ ଛାୟା ନାହିଁ
କେମିତି ବୁଝିବ ମୋ ମନରେ ।୪ ।
ପବନର ମଧୁର ମହକ ପଛେ ପଛେ
ଖୋଜି ମୁଁ କ୍ଲାନ୍ତ ପଥିକ
ତଥାପି ମନରେ ଉତ୍ତେଳର ତରଙ୍ଗ
ଭରିଛି ମନରେ ଉତ୍ସୁକ ।୫ ।

ମଧୁ ନିମନ୍ତେ ଭ୍ରମର ପ୍ରାୟ ପାଗଳ
ଉଡୁଛି ତୋର ଅନ୍ୱେଷଣେ
ସେ ସଙ୍ଗେ ବିକଳ ଏ ମନ ମୋହର
ଆନନ୍ଦ ହେଉ ଚିତ୍ତ ନିରୀକ୍ଷଣେ ।୬ ।
ମନେ ନ ରଖି କେବେ ଗର୍ବ ଅହଙ୍କାର
ଫୁଟିପଡୁ ଏ ଧରାତଳେ
ହୃଦୟେ ନାହିଁ ତୋର ପାତରଅନ୍ତର
ରାଗ ରୋଷ ନାହିଁ ତିଳେ ।୭ ।
ଏତିକି ମୋ ପ୍ରାର୍ଥନା ହେ ଶେଫାଳୀ
ଜଣାଉଛି କର ଯୋଡି
ଗଢି ଦିଅ ମତେ ତବ ତନୁ ସମ
ଫୁଟି ଝରୁଥିବି ନିଇତି ।୮ ।

ଗ୍ରାମ-କୁମ୍ଭୋ, ପୋଷ୍ଟ-କୁମ୍ଭୋ
ଭାୟା-ଭୁକ୍ତା, ଜିଲ୍ଲା-ବରଗଡ଼, ପିନ୍-୭୬୮୦୪୫
ଇମେଲ୍ : sishupalsamrath5@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅବାଞ୍ଛିତ ଅତିଥି



ଡ: ପ୍ରତିମା ଉପାଧ୍ୟାୟ

ହେ ପ୍ରଭୁ !

ବିଚିତ୍ର ତୁମେ ନାଟ୍ୟକାର

ବିଚିତ୍ର ତୁମ ଏ ସଂସାର ।

ହସ ବି ଦେଇଛ ଲୁହ ବି ଦେଇଛ

ଦେଇଛ ଅନେକ ପ୍ରିତି,

ହେଲେ ଦେଇ ନାହଁ

ଜୀବନରେ କେବେ ଆସିବ ମରଣ ସ୍ଥିତି ।

ସଭିଏଁ ଜାଣନ୍ତି ଜନମ ମରଣ

ଭବ ସଂସାରେ ଦୁଇଟି ଦ୍ୱାର ,

ଯିବା ଆସିବାର ବାଟ ।

ଯିଏ ଦେଇଥାଏ ସେ ଫେରାଇ ନିଏ

ଜଗି ବସିଥାଏ ଘାଟ ।

ଆସେ ଏକା ଏକା, ଯାଏ ଏକା ଏକା,

କାଳର କବଳେ ସଂସାର ସାରା,

କେହି ଜାଣେ ନାହିଁ

ତା ରଙ୍ଗ କେମିତି, ତା ରୂପ କେମିତି ,

କେତେବେଳେ ଆସେ

କେମିତି ନିଏ ସେ ମଶାଣି ଭୂଇଁ ।

କିଏ ଜାଣେ ସିଏ ଦୁଃଖ ନିଏ ଅବା

ସାରା ସଂସାରର ସୁଖ ସେ ନିଏ ? ?

ଦେଇଯାଏ ପ୍ରିୟ ଜନଙ୍କ ଆଖିରେ

ଲୁହର ଶ୍ରାବଣ

ଜୀବନର କେତେ ଅଭୁଲା ସ୍ମୃତି,

ମୃତ୍ୟୁର କିଅବା ଭରସା ଜୀବନେ

ଦୁନିଆରେ ସେ ଅବାଞ୍ଛିତ ଅତିଥି ....... ।

(ମାରୁତି ଭିଲ୍ଲା, କିଟ୍ ଛକ, ପଟିଆ, ଭୁବନେଶ୍ୱର)

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମନ ମନ୍ଦିରେ



ଶାରଦା ପ୍ରସନ୍ନ ସାହୁ

ପୂର୍ଣ୍ଣିମା ରାତିରେ ଉଙ୍କି ମାର ତୁମେ ମୋ ମନ ମନ୍ଦିରେ
ତୁମ ମହକ ଭାସି ବୁଲେ ମୋ ବାସ ଚହଟରେ,
ମନ କାନଭାସ ରେ ଆଙ୍କି ହୁଏ ତୁମ ଚିତ୍ରପଟ
ମନ ହୁଏ ଶୀତଳ ପୂର୍ଣ୍ଣ ଚନ୍ଦ୍ର କୋଳେ କରିବାକୁ ଭେଟ ||

ନେତ୍ର ସାଗରରୁ ଝରି ଆସେ ଅସୁମାରୀ ଲୁହ
ହୃଦୟ ବୁକୁରେ ପ୍ରଜଳିତ ଆଞ୍ଜୁଳାଏ କୋହ,
ଇଚ୍ଛା ହୁଏ ବାହୁ ବନ୍ଧନରେ ଚୁମ୍ବିବାକୁ ତୁମ ମଥା
ଯେଉଁ ସ୍ପର୍ଶରେ ଜାଣି ଯିବ ମୋ ମନ କଥା ||

ମୋ ମନ ମନ୍ଦିରରେ ପ୍ରେମର ପୂଜାରୀ ସାଜି
ଖେଳି ଗଲ ମୋ ସାଥେ ମରୀଚିକା ବାଜି,
ମାୟାବିନୀ ସାଜି ହଜିଗଲ ତୁମେ ମାୟା ବନେ
ତୁମେ ପୂର୍ଣ୍ଣିମା ଚାନ୍ଦ ମୁଁ ତୁମ ବାମନ କହିଗଲ କାନେ ||

ଚତୁର୍ଥ ବର୍ଷ ଛାତ୍ର, କୃଷି ସ୍ନାତକ (ଓୟୁଏଟି), ଚିପିଲିମା, ସମ୍ବଲପୁର
କିଶିନାପୁର,ସାଲେପୁର, କଟକ, ମୋ-୯୦୯୦୨୭୪୮୭୭ / ୮୯୨୭୫୬୮୭୫୭

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶାଶ୍ୱତ ପ୍ରେମ



ସଂଗୀତା ବାରିକ

ସୂର୍ଯ୍ୟ ଯେବେ ନଇଁ ଯାଏ
ପଶ୍ଚିମ ଘାଟରେ,
ଚନ୍ଦ୍ର ଆସେ ସ୍ମିତ ହସି
ଗଗନ ବକ୍ଷରେ ।
ସିଞ୍ଚିଦିଏ ଶୀତଳତା
ଧରା ଧମନୀରେ,
ପୁଲକତା ଭରିଯାଏ
ପ୍ରତିଟି ପ୍ରାଣରେ ।

କମନୀୟ ଶୁଭ୍ରକାନ୍ତି
ପ୍ରେମସିକ୍ତ କରେ,
ପ୍ରେମୀ ଯୁଗଳ ହଜନ୍ତି
ବାହୁ ବନ୍ଧନରେ ।
ଚନ୍ଦ୍ରର ନଜର ଥାଏ
ସରୋବରେ ଲାଖି,
କଇଁ ହସୁଥାଏ ଜଳେ
ପ୍ରତିବିମ୍ବ ଦେଖି ।
ଶାଶ୍ୱତ ପ୍ରେମ ଅଟଇ
ଶୁଭ୍ର ଚିରନ୍ତନ,
ଆତ୍ମା ଯହିଁ ଖୋଜୁଥାଏ
ଆତ୍ମାର ମିଳନ ।

ବାଲେଶ୍ୱର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପରୀକ୍ଷା



ଭୂପେନ୍ଦ୍ର ବେହେରା

ପରୀକ୍ଷା ହିଁ ପରୀକ୍ଷା

ଜୀବନଟା ଖାଲି ପରୀକ୍ଷାମୟ

ପରୀକ୍ଷା ହିଁ ଜୀବନ

ଜୀବନ ହିଁ ପରୀକ୍ଷା

ପରୀକ୍ଷା ନାହିଁ ତ

ଜିଇଁବାର ଯୋଗ୍ୟ ବିବେଚିତ ବି ନୁହେଁ

କର୍ମମୟ ଜୀବନରେ

ବାରମ୍ବାର ଦେବାକୁ ପଡେ

ହୋଇ ସଂଘର୍ଷର ସମ୍ମୁଖୀନ ।

କେତେବେଳେ ଉଠୁଥିବ ତ

କେତେବେଳେ ପଡୁଥିବ ତ

କେତେବେଳେ ପୌରୁଷ ବଳରେ

ପହଁରି ପହଁରି କରୁଥିବ ଅତିକ୍ରମ

ଜୀବନ ସଂଘର୍ଷର ସମୂହରେ ।।

(ଗଣ୍ଡାମେର, ଗୋଲାମୁଣ୍ଡା, କଳାହାଣ୍ଡି)

ମୋ-୮୦୧୮୯୦୯୫୧୪

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବର୍ଷାର ସ୍ମୃତିରେ



ସତ୍ୟବ୍ରତ ସାହୁ

ବର୍ଷା ଆସିଲେ..
ଆମ ବାଡ଼ିରେ ଆପେ ଆପେ ଉଠିପଡେ
ଓଲ ଗଛ ଓ ହଳଦୀ ଗଛ
ମୁଣ୍ଡ ଟେକନ୍ତି ଆହୁରି ଅନେକ ଅନାବନା ଗଛ,
ବୋଉ ପୋତିଦିଏ ଖଡା, ପୋଇ ଓ ଛଚିନ୍ଦ୍ରା
ବାପା ତିଆରି କରିଦିଅନ୍ତି ମଞ୍ଚା
ପିଲାଦିନେ ଓହଳିଥିବା ଛୋଟ ଛଚିନ୍ଦ୍ରା ଲାଞ୍ଜରେ ମୁଁ ବାନ୍ଧିଦିଏ ଛୋଟ ଇଟା ଖଣ୍ଡେ,
ଛଚିନ୍ଦ୍ରା ଲମ୍ବା ହେବ ବୋଲି ।
ବର୍ଷାକୁ ନେଇ ଅନେକ ସ୍ମୃତି ..
କାଗଜ ଡ଼ଙ୍ଗା, ପାଣି ଫୋଟକା, ଓଦା ଓଦା ସ୍କୁଲ ଫେରନ୍ତା ସମୟ..
ଏବେ ଆଉ ସେମିତି ବର୍ଷା ନାହିଁ ଯେମିତି ଥିଲା ମୋ' ପିଲାଦିନେ ।
ଏବେ ତ ଶ୍ରାବଣରେ ବି ଲୋଡା ପଡୁନି ଛତା କି ପକ୍ଷୀଆଟିଏ
ଅଥଚ ମୁଁ ବର୍ଷାଦିନେ ରଖିଥାଏ ବର୍ଷାତିଟିଏ ମୋ' ବ୍ୟାଗରେ ।
ସେଦିନ କଲେଜରୁ ଫେରୁଥିବା ବେଳେ ବର୍ଷାର ଦାଉ ସହିନପାରି ରାସ୍ତା ତଳକୁ ପଡିଯାଇଥିବା ଝିଅ ବର୍ଷାର ସ୍ମୃତି ପରି ଏବେ ବର୍ଷା ସ୍ମୃତିଟିଏ ।
ଏବେ ବର୍ଷା ପାଇଁ କବିତା ମନେପଡୁନି,
ମନେପଡୁଛି ସେହି ଝିଅ ବର୍ଷାର ସ୍ମୃତିରେ ।

ପଲ୍ଲୀସାହି, କମାଲପୁର,
ଅହିୟାସ, ଯାଜପୁର-୭୫୫୦୩୬
ମୋ-୯୩୩୮୧୬୫୬୧୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅବାଞ୍ଛିତ



ବନ୍ଦନା ନାୟକ

କେଉଁ ପାପର ସ୍ୱାକ୍ଷର ବହନ କରି ଭୂମିଷ୍ଠ ହୋଇଥିଏ

ନବଜାତକଟି କେଜାଣି !!!

ବର୍ଜ୍ୟବସ୍ତୁ ପରି ଅବିଳମ୍ବେ

ଫିଙ୍ଗି ଦିଆଯାଏ ଡଷ୍ଟବିନ୍ ରେ,

ରେଳ ଧାରଣାରେ କିମ୍ବା କେଉଁ

ଅପନ୍ତରା ବୁଦା ଉହାଡରେ.....

ନିଜ ଭାଗ୍ୟ ସହ ସଙ୍ଘର୍ଷ କରିବାକୁ

କେତେ ନିରିହ,କେତେ ନିର୍ମଳ

ସୂର୍ଯ୍ୟଙ୍କ ପହିଲି କିରଣ ପରି

ଚକ୍ ଚକ୍ ସୁନା ଦେହ

ଶିକାର ହୋଇଯାଏ କାଉ ଶାଗୁଣାଙ୍କର ତ କେବେ

କୁକୁର ଝୁଣି ଝୁଣି ଟାଣି ଆଣେ

ଲୋକ ଲୋଚନକୁ.....

ମାଆ ତ ସବୁ ବେଳେ ମାଆ

ନିଜ ରକ୍ତର ଅବିକଳ

ପ୍ରତିଲିପିକୁ ନିର୍ମମ ଭାବେ

 Magazine Downloaded from www.aahwaan.com

ଫିଙ୍ଗିଲା ବେଳେ କଣ

କମ୍ପି ଉଠେନି ହାତ ?

ଫାଟି ପଡେନି ହୃଦୟ ?

କେତେ କେତେ ଯନ୍ତ୍ରଣାକୁ

ଆତ୍ମସ୍ଥ କରି ଦଶ ମାସର

ଦୀର୍ଘ ପ୍ରତୀକ୍ଷା ପରେ

ଧରା ପୃଷ୍ଠକୁ ଓହ୍ଲାଇ ଆଣିଥିବା

ଅମୃତର ସନ୍ତାନଟିକୁ ଏଇମିତି

ଅବାଞ୍ଛିତ ଭାବେ ଫିଙ୍ଗିଦେବାକୁ

ମାଆଟିଏ ବାଧ୍ୟ ହୁଏ କାହିଁକି ?

ନିର୍ମୟା ଅଜ୍ଞାନ ଶିଶୁଟି କଣ

ଖୋଜିଥାଏ ବାପାର ସଜ୍ଞା, ସାନିଧ୍ୟ ନା ପରିଚୟ ?

ତେବେ କଣ ଏଇ ଉଦ୍ଧତ ସମାଜର ସାମାଜିକ ଅଂହଙ୍କାର ପାଖରେ ହାରମାନେ ମାତୃତ୍ୱ ?

ମାଆଟି ବିବଶ ହୁଏ...

ସବୁ ଦୁଃଖ ଆଉ ଲୁହକୁ ଉଦରସ୍ଥ କରି ସେ ନିଜର

କଲିଜାକୁ ଆଲଗା କରିଦିଏ

କେବେ ଅନାଥର କଟୁକ୍ତି ସହେ ଶିଶୁଟି ତ କେବେ ଜାରଜର କଳଙ୍କିତ ନାମକୁ ବୁଜୁଳା କରି

ଉପେକ୍ଷିତ ହେଉଥାଏ .....

ହେଲେ ମାଆଟିକୁ କଣ


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କ୍ଷମା କରିପାରେ ସିଏ ?

ସେଦିନ ଶକୁନ୍ତଳା କଣ କ୍ଷମା କରି ପାରିଥିଲେ ମାତା ମେନକାଙ୍କ ଅସହାୟତା କୁ

ବ୍ୟାସ କଣ କ୍ଷମା କରି ପାରିଥିଲେ ରାଜମାତା ସତ୍ୟବତୀ ଙ୍କୁ ?

କର୍ଣ୍ଣ କଣ ବୁଝି ପାରିଥିଲେ

ମାତା କୁନ୍ତୀଙ୍କର ବିବଶତା କୁ ?

ଏଠି ପ୍ରଶ୍ନ ଉଠେ ନାରୀଟିଏ

କଣ ଛାଏଁ ଛାଏଁ ମାଆ ହୋଇଯାଏ ?

ଏଥି ପାଇଁ ଦାୟୀ କିଏ

ଇଏତ ବଡ଼ ଗହନ ପ୍ରଶ୍ନ

ଦୋଷ ସମାଜ ର ଥାଉ କି ବାପା ର କିମ୍ବା ମାଆ ର

ପରିଣାମ ତ ଭୋଗିଥାଏ

ସିଏ ଯିଏ ନା ପାପରେ ଥାଏ

ନା ପୁଣ୍ୟରେ

ନା ଦୋଷରେ ଥାଏ ନା .......

ଭୁବନେଶ୍ୱର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବର୍ଷା ତୁମେ ସତକୁହ



ପ୍ରାଧ୍ୟାପିକା
ଜ୍ୟୋତ୍ସ୍ନା ରାୟ

ବର୍ଷା !

ତୁମକୁ ମୁଁ ମାଗିଥିଲି
ଶଙ୍ଖେ ପ୍ରେମ, ଶାମୁକେ ବିଶ୍ୱାସ,
ଗଣ୍ଡୁଷେ ଜଳର ସ୍ପର୍ଶ,
ମେଘ ମହ୍ଲାରର ରାଗ,
କାଣିଚାଏ ଇନ୍ଦ୍ରଧନୁ ରଙ୍ଗର ବିଭବ,
ଭରିବାକୁ ଜୀବନରେ ମୋର
ସାରାଜନ୍ମ ବନ୍ଧା ମୁଁ ଯେ
ପ୍ରେମରେ ତୁମର ।

ଅଥଚ ଜାଣେନା ମୁହିଁ
କାହାର ପ୍ରେମରେ ହଜି,
ତୁମେ ମତେ କରିଲ ବିବଶ,
ଜାଣେନା ମୁଁ କିଏ ନେଲା ଲୁଟି
ତୁମ ମନୁ ଏତେ ଆତ୍ମୀୟତା,
ଭରିଦେଲା ଅବିଶ୍ୱାସ
ଈର୍ଷା ଆଉ ଦ୍ୱେଷର କଳୁଷ,
ତୁମେ ମୋତେ କରିଲ ନିରାଶ,
ପାଇନାହିଁ ଶାନ୍ତି କାହିଁ ତୁମବିନା
ଲଭିନାହିଁ ସୁଶୀତଳ -
ମଧୁମୟ ପ୍ରୀତିର ପରଶ ।

ଏବେ ବି ଶୁଭୁଛି ମୋତେ ତୁମ ସ୍ୱର,
ତୁମର ସେ ଛମ୍ ଛମ୍ ପାଦର ନୂପୁର
ଆଜି ବି ବିଭୋର ହୁଏ ତୁମରି ସ୍ମୃତିରେ
ଖୋଜୁଥାଏ ପଦଚିହ୍ନ -
ସପନର କାଗଜ ଡଙ୍ଗାରେ ।

ବର୍ଷା !

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ତୁମେ ସତକୁହ

କାହାକୁ ଝୁରୁଛ,

କାହାପାଇଁ ଆନମନା

କାନ୍ଦୁରା କାନ୍ଦୁରା ମୁହଁ,

କାହାପାଇଁ ଏତେ ଲୁହ

ନୀରବେ ଢାଳୁଛ

ବିରହ ରାଗିଣୀ କୁହ -

କା' ପାଇଁ ତୋଳିଛ ?

ଆଜିମାବାଦ, ବାଲେଶ୍ୱର, ଓଡ଼ିଶା

ମୋ: ୮୭୬୩୧୪୧୦୨୨

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୋପ୍ରିୟା ରାଗିକି ନିଆଁ



ଜ୍ୟୋତିରଞ୍ଜନ ମହାରଣା

ମୋ ପ୍ରିୟା ରାଗିକି ନିଆଁ
କହୁଥିଲା ସେ ଖାଇବ ବୋଲି ମସଲା ମୁଢି,
ତାକୁ ମୁଁ ବୁଝେଇଲି ଏମିତି
ଯଦି ଖାଇବୁ ହୋଇଯିବୁ ବୁଢି ।
ମନା କରିଦେଲା ଖାଇବନି ଆଉ
ମୁଢି କୁ ସାଇଡ୍ କଲି
ଦୁଃଖରେ ଆଖିକୁ ଛଳଛଳ କଲା
ଆଖିଟି ପଡିଲା ଲିପ୍‌ଷ୍ଟିକ୍ ପରି ନାଲି ।
ମୁଁ କହିଲି ଚାଲ ଯିବା
ଖାଇବାକୁ ପରା ଗୁପ୍ ଚୁପ୍,
ସେ କହିଲା ଖାଇଲେ ଗୁପ୍ ଚୁପ୍
ପାଟି ହୋଇଯିବ ପୁରାଚୁପ୍ ।
ଆଇ ମା କହିଚି ଖାଇବୁକିରେ ନାତୁଣୀ
ବରା ଆଉ ତରକାରୀ ,
ହୋଇଯିବୁ ପରା ତୋ ସ୍ୱାମୀର
ସବୁଠାରୁ ହୃଦୟର ପରୀ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ତାହେଲେ ଚାଲ ପିଇବା ସ୍ପ୍ରାଇଟ୍

ନ ହେଲେ କୋକାକୋଲା,

ପାଇପ୍ ନ ହେଲେ ମୁଁ ପିଇ ପାରିବେନି

ବୋତଲ କରିକି ଖୋଲା

ତୁ ଥା ମୁଁ  ଖାଉଚି ସେଠି,

ତୁମେ ମୋର ସ୍ୱାମୀ ଖାଇଦେଲେ

ପେଟ ପୁରିଯିବ ଏଠି ।

ଜ୍ୟୋତିରଞ୍ଜନ ମହାରଣା

ସିଠାଲୋ, ନିଆଳି

କଟକ, ୭୫୪୨୯୪

ମୋ : ୯୯୩୮୮୫୭୪୪୮

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଏବେ ବି ମନେପଡ଼



ଶୟନ ନାୟକ

ଏବେ ବି ମନେପଡ଼ ତୁମେ,
ସନ୍ଧ୍ୟା ଯେବେ ଆସେ
ଭାବନା ମନରେ ବସେ
ରାତ୍ରିରେ ଦେଖଇ ମୁଁ ଅନେକ ସ୍ୱପ୍ନ,
କିନ୍ତୁ କାହିଁକି ?
ସତ ହୋଇନାହିଁ ମିଛ ମିଛିକରେ ମୁହଁ ଦିଶୁଛି ମିଳିନ
ମୋ ଯୌବନ ଦିପ୍ତିମନ୍ତ
ତୁମେ ଥିଲ ମୁଁ ବି ଥିଲି
ଏବେ ଶରୀର ହୋଇଛି ମ୍ଳାନଚର୍ମ ,ହୋଇଛି ଶୀର୍ଣ୍ଣ
କେତେ ଭାବିଲେବି ଆସୁ ନାହଁ ତୁମେ
ଭାବିକି ପାରୁଛ ହସି ଦେଉଥାଅ ବୟସର ତଳେ
ଚାହିଁ ଦେଉଥାଅ ସାଙ୍ଗ ସାଥି ମେଳେ
ଲାଜକୁଳୀ ଲତା ଲୁଚାଉଥିଲ ମୁହଁ
ମତେ କହୁ ନଥିଲ କଥା
ସେଥିପାଇଁ ତ !
ବୟସର ସଞ୍ଜବେଳେ
ଏବେ ବି ମନେପଡ ତୁମେ .

ଭଞ୍ଜନଗର ,ଗଂଜାମ
ମୋ: ୯୯୩୮୮୦୭୬୦୨

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅଭିବାଦନ



ନବୀନ କୁମାର
ପଧାନ

ମୋ ପାଖୁ ବିଦାୟ ନେଉଥିବ ତମେ
ତୁମ ଆଗେ ମୁହିଁ ଥିବି
ଅତି ପରିଚିତ ବଦନକୁ ତୁମ
ବାରମ୍ବାର ଦେଖୁଥିବି ।।

ଉପହାର ଦେବି ସଜ ଗୋଲାପ ମୁଁ
ଭାଳେ ବିଜୟ ତିଳକ
ଅପେକ୍ଷା କରିବି ଲେଉଟା ପଥକୁ
ସାଜି ମୁଁ ଏକ ଚାତକ ।।

ତୁମରି ଛାତିରେ ମୋର ମଥା ରଖି
କଥା କିଛି ମୁଁ କହିବି
ହୃଦୟରେ ତୁମ ଭାରତ ମାତା କି
ଜୟ ଶବ୍ଦ ଲେଖିଦେବି ।।

ଚାଲିଯିବ ତୁମେ ତୁମ କର୍ମକ୍ଷେତ୍ର
ଜମ୍ମୁ ଓ କାଶ୍ମୀରକୁ
ଜନମ ନେଇଛ ପ୍ରିୟତମ ମୋର
ଦେଶ ରକ୍ଷା କରିବାକୁ ।।

ଆତଙ୍କବାଦୀଙ୍କ ସହ ଲଢ଼ିକରି
ରଖିବ ମୋ ଦେଶ ମାନ
ଜୟଲାଭ କରି ଫେରିବ ଯେ ଦିନ
କରିବି କୋଟି ପ୍ରଣାମ ।।

ଧୂପ ଦୀପ ଜାଳି ତୁମ ପଦ ଧୌତ
ଜଳକୁ କରିବି ପାନ
ପଣତ କାନିରେ ତୁମ ପାଦ ପୋଛି
କରିବି ଅଭିବାଦନ ।।

ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ବାବୁଫାସଡ, ବଲାଙ୍ଗିର
ମୋ : ୯୧୬୮୩୨୨୮୪୧

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଛବି



ଲିପ୍‌ସା ଆଚାର୍ଯ୍ୟ

ଅଲଗା ହେବା ପୂର୍ବରୁ
ଟିକିଏ ଅଟକି ଗଲି...
ପଛକୁ ଫେରି ଅନାଇଲି
ତମେ ଆଙ୍କି ଥିବା ଛବିକୁ ।
ମୋତେ ନ ଦେଖିବି ...
ସଠିକ୍ ଛବିଟେ କିପରି ଆଙ୍କିଥିଲ ? ? ?
ତମ ବିଶ୍ୱାସକୁ ଦେଖିଲେ ଆଶ୍ଚର୍ଯ୍ୟ ଲାଗେ....
ମୁଁ ବାହାଘର ଦିନ ଯେପରି ଦେଖାଯାଉଥିଲି,
ଛବିଟି ଠିକ୍ ସେପରି ହେଇଛି ।
ସପନର ନାୟିକାକୁ ନେଇ....
ଏତେ ସୁନ୍ଦର ପରିକଳ୍ପନା କରିଥିଲ ।
ଜାଣ, ମୁଁ କଣ ଚିନ୍ତା କରୁଛି ? ? ?
ଯୋଗ୍ୟ ନଥିଲି ତୁମର ।
ଆଜି ଲାଗୁଛି ତୁମେ ନୁହେଁ
ବରଂ ମୁଁ ତମଠାରୁ ଅଲଗା ହେବାକୁ ଚାହୁଁଥିଲି
ନାରୀ ଉଚ୍ଚଶିକ୍ଷିତା ହେଲେ.....

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବୋଧହୁଏ ତା' ସାମାଜିକ ଦାୟିତ୍ୱକୁ ଭୁଲିଯାଏ

ସେଥିପାଇଁ ଦେଖିପାରି ନଥିଲି....

ତମ ଭଲପାଇବାକୁ ।

ଯଦି ତମକୁ କଷ୍ଟ ହଉଥିଲା ,

କହୁ ନ ଥିଲ କାହିଁକି ? ? ?

ମୋ ଉଦଣ୍ଡପଣିଆ ଦେଖି ଚୁପ୍ ହେଇଯାଉଥିଲ ।

ଭାବିଥିବ ଟିକିଏ ନଇଁ ଗଲେ ଝଡ ମୁଣ୍ଡ ଉପର ଦେଇ ଚାଲିଯିବ ।

କଥା ଏତେ ଆଗକୁ ମୁଁ ନେଇଗଲି ....

ଆଲଗା ହେବାକୁ ଚାହୁଁଥିଲି ।

ଆଜି ନ୍ୟାୟାଳୟର ସମୟ ସରିଗଲା ।

କାହିଁକି କେଜାଣି ଅଲଗା ହେବାକୁ ଚାହୁଁନି ? ?

ମୁଁ ଅଲଗା ହେଇଗଲେ ବି ...

ତମେ ଆଙ୍କିଥିବା ଛବି,

କଣ ମୋତେ ତମଠାରୁ ଅଲଗା କରିଦବ ? ? ? ?

ମୋ ଆତ୍ମଚିତ୍କାର ତମ ପାଖରେ ପହଞ୍ଚି ପାରିବ ନାହିଁ ! !

ମୋ ଆଖିର ଭାଷାକୁ ପଢି ଉତ୍ତର ଦିଅ ।

ଶୁଣିବା ଅପେକ୍ଷାରେ ମୁଁ ......

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପ୍ରେମର ପୃଥିବୀ



ନୂତନ କୁମାର ବେହେରା

ପ୍ରେମର ପୃଥିବୀଟାରେ ବି
ଅଣ ତିରିଶ ଭାଗ ସ୍ଥଳ,
ଆଉ ଏକସ୍ତରୀ ଭାଗ ଜଳ ।
ସୁଖ ଦୁଃଖର ଏକ ଆନୁପାତିକ ମିଶ୍ରଣ,
କେତେବେଳେ ଫଗୁଣର ଭରା ମହକ
ପୁଣି କେତେବେଳେ ଧାରା ଶ୍ରାବଣ ।
ସୁଖ ଯଦି ହୁଏ ସ୍ଥଳଭାଗ
ପାଞ୍ଚ ମହାଦେଶର ଗୋଟାଏ
ବୈଦେଶିକ ନୀତିର ସୁସମ୍ବନ୍ଧ,
ଦୁଃଖ ଅଟେ ସାତ ସମୁଦ୍ରର
ପ୍ରବଳ ଜୁଆର
ଆଗକୁ ମାଡ଼ି ଯିବାର ପ୍ରତିବନ୍ଧ ।
ହସ ଲୁହର ଖେଳ ଭିତରେ
ବେଳେବେଳେ ବଦଳି ଯାଏ
ପ୍ରେମର ସାତ ରଙ୍ଗ,
ମିଳନର ଉଲ୍ଲାସ ବିଚ୍ଛେଦର ବିଷାଦ
ସନ୍ତୁଳିତ କରେ ମନର ପ୍ରସଙ୍ଗ ।
ଭଲ ପାଇବା ହୃଦୟର ଏକ
ନିଛକ ଆକର୍ଷଣ,
ଚିରନ୍ତନ ସତ୍ୟର ଜୀବନ ଜାଗରଣ ।
ଛଳନାର କୁଜ୍ଝଟିକା ପ୍ରେମର ପ୍ରତିଫଳନକୁ
ହୁଏତ ଦେଇ ପାରେ ସାମୟିକ ବାଧା,
ହେଲେ ବାସ୍ତବରେ ସୂର୍ଯ୍ୟାଲୋକର
କେବେ ହୁଏ ନାହିଁ ତିଳେ ବି ଅସୁବିଧା ।
ପ୍ରେମର ପୃଥିବୀରେ ମଧ୍ୟ ହୁଏ
ଆବର୍ତ୍ତନ ଓ ପରିକ୍ରମଣ,
ଦିନରାତି ହୁଏ ଋତୁ ବଦଳେ
ଉଚ୍ଚାଟନ ହୁଏ ମନ ପ୍ରାଣ ।
ପ୍ରେମ ଆତ୍ମିୟତାର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏକ ମାଧ୍ୟାକର୍ଷଣ ବଳ,

ଆତ୍ମା ସାଥେ ଆତ୍ମାର ହେଲେ ମିଳନ

ଏକ ଆରେକର ହୁଏ ଆକର୍ଷଣର ଫଳ ।

ପ୍ରେମ ବିନା ଏ ପୃଥିବୀଟା

ଲାଗେ ଶୂନ୍ୟ ଶୂନ୍ୟ ମହାଶୂନ୍ୟ,

ପ୍ରେମ ଦିଏ ଶାଶ୍ୱତର ପରିଚୟ

କରେ ଜୀବନକୁ ଧନ୍ୟ ।

କୋହି, ଗଡ଼ିଆ, ମୟୂରଭଞ୍ଜ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆତ୍ମ ନିର୍ଭରଶୀଳ



ଅବିନାଶ ବେହେରା

ପଛକୁ ନଯାଇ ଆଗକୁ ବଢିବୁ,
ନିଜ କାମ ନିଜେ କରିବୁ,
ନିଜେ ସବୁବେଳେ ଆତ୍ମନିର୍ଭରଶୀଳ ହୋଇବୁ ।

ନିଜକୁ ନିଜେ କରିବା ବିଶ୍ୱାସ,
ମନରେ ଆଣିବା ଅଦମ୍ୟ ସାହସ,
ବଢାଇବା ଆମେ ଆମ ଆତ୍ମବିଶ୍ୱାସ ।

କରି ସଂଶୋଧନ ନିଜର ଭୁଲକୁ,
ଆମ ଭବିଷ୍ୟତ ଆମେ ଗଢିବୁ,
ଆମେ ଆମ ଚଲାପଥକୁ ନିଜେ ପରିଷ୍କାର ରଖିବୁ ।

ପରକୁ କରି ଅନୁସରଣ ଚାଲିବୁ ନାହିଁ ବାଟ,
କାହାରି ସହ କେବେ କରିବୁ ନାହିଁ କପଟ,
ନିଜେ ହୋଇ ଯୋଗ୍ୟ ଅନ୍ୟକୁ ଦେଖାଇବା ବାଟ ।

କାହାରିକୁ ଦେବା ନାହିଁ ଆଘାତ,
ନିଜ କାମରେ ନିଜେ ରହିବା ରତ,
ସଦା ହରସେ ସାଧିବା ହିତ,
ନିଜକୁ କରି ଦୃଢ ଅନ୍ୟର ଧରିବା ହାତ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପରିଶ୍ରମ କରିବାକୁ ହେବା ନାହିଁ କାତର,
ପ୍ରଚେଷ୍ଟା କରି ଚାଲିବା ବାରମ୍ବାର,
ସଫଳତା ମିଳିବ ଆମକୁ ଆମ କର୍ମର ।

ସତ୍ୟର ପଥରରେ ଅଗ୍ରସର ହେବା,
ନିଜ ବିଚାରକୁ ନିଜେ ତଉଲିବା,
ନିଷ୍ଚେ ଆମେ ଆମ ରାହା ପାଇବା ।

ଜୀବନେ ଯେବେ ଆମେ ଆତ୍ମନିର୍ଭରଶୀଳ ହେବା,
ଆମ ପାଇଁ ଆମେ ସବୁ କରିପାରିବା,
ଜୀବନ ଆମର ହେବ ସୁଗମ,
ଆମେ ସବୁଥିରେ ହେବୁ ପାରଂଗମ ।

ସଂସ୍କୃତ ଶିକ୍ଷକ,
କୁଜିଡିହୀ ସରକାରୀ ଉଚ୍ଚ ବିଦ୍ୟାଳୟ,
ମୟୂରଭଞ୍ଜ, ଓଡ଼ିଶା
ଭ୍ରାମ୍ୟଭାଷ:-୯୯୩୮୩୩୪୨୨୫

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଲୋଡ଼ାନାହିଁ ମୋର...



ନିବେଦିତା ମହାପାତ୍ର

ଲୋଡା ନାହିଁ ମୋର ଫୁଲର ଝୁଲଣା
ଲୋଡା ନାହିଁ ସ୍ୱର୍ଗ ସୁଖ
ଲୋଡା ନାହିଁ ମୋର ଚାନ୍ଦର ଅଗଣା
ମାଆ କୋଳେ ମୋ ଆନନ୍ଦ ॥

ଲୋଡା ନାହିଁ ମୋର ପାରିଜାତ ପୁଷ୍ପ
ଲୋଡା ନାହିଁ ବଇଭବ
ଲୋଡା ନାହିଁ ମୋର କୁବେର ଭଣ୍ଡାର
ତା' ପଣତରେ ମୋ ଲୋଭ ॥

ଲୋଡା ନାହିଁ ମୋର ରାଣୀ ହଂସପୁର
ଲୋଡା ନାହିଁ ରତ୍ନ ଖଟ
ଲୋଡା ନାହିଁ ମୋର ସୁସ୍ୱାଦ ବ୍ୟଞ୍ଜନ
ହାତ ରନ୍ଧା ତା' ଅମୃତ ॥

ଲୋଡା ନାହିଁ ମୋର ସେବା ମହୋଷଧି
ଲୋଡା ନାହିଁ ଜଡିବୁଟି
ଲୋଡା ନାହିଁ ମୋର କାଉଁରି ପରସ
ତା' ସ୍ପର୍ଶେ ମିଳଇ ଶାନ୍ତି ॥

ଲୋଡା ନାହିଁ ମୋର ବିଷ୍ଣୁ ଆରାଧନା
ଲୋଡା ନାହିଁ ପୂଜା ଜପ
ଲୋଡା ନାହିଁ ମୋର ବ୍ରତ ଉପବାସ
ତା' ସେବାରେ ମିଳେ ମୁକ୍ତି ॥

ଲୋଡା ନାହିଁ ମୋର ତୀର୍ଥ ପୂଣ୍ୟ ଫଳ
ଲୋଡା ନାହିଁ ଧର୍ମ କର୍ମ
ଲୋଡା ନାହିଁ ମୋର ଯିବା ଚାରିଧାମ
ତା'ପାଦେ ସକଳ ସୁଖ ॥

ନିବେଦିତା ମହାପାତ୍ର
ମୁକୁନ୍ଦ ମିଶ୍ର ନଗର,ପୁରୀ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କୋଣାର୍କର ଯନ୍ତ୍ରଣା



ଜୟନାରାୟଣ ପରିଡ଼ା

ପଥର ଯୁଗର ପଥର ମଣିଷ
ଆଙ୍କିଛି ପଥର ଦେହେ
ଅତୀତର କିଛି ବୀରଗାଥା ପୁଣି
ଖୋଳିଛି ନିହାଣ ମୁହେଁ ।
ଘରଦ୍ୱାର ଛାଡ଼ି ବାର ବର୍ଷ ଯାଏ
ତପସ୍ୟା ଯେ ନିଜେ କରିଛି
ଚନ୍ଦ୍ରଭାଗା କୂଳେ ଅରଣ୍ୟର ମୂଳେ
ତା କଷ୍ଟର ମୂଲ୍ୟ ପାଇଛି ।
ପୃଥିବୀର ମୁହିଁ ଅଦ୍ୱିତୀୟ ଶିଳ୍ପ
ଭାସ୍କର୍ଯ୍ୟପୂର୍ଣ୍ଣ ମନ୍ଦିର
ଦାର୍ଶନିକ ମୋତେ ଲେଖେ ଇତିହାସେ
ଭାବି କାମନାର ଘର ।
ଯାନ୍ତ୍ରିକ ଯୁଗର ଯାନ୍ତ୍ରିକ ସନ୍ତାନ
ତୁମେ କି ସେ କଷ୍ଟ ବୁଝିବ
ଯିଏ ମୋତେ ଏତେ ମର୍ମରେ ଗଢ଼ିଛି
ମୂଲ୍ୟ କଣ ତାର ସୁଝିବ ।
ନିଜ କାମନାକୁ ତୁଚ୍ଛ ମନେ କରି
ଫୁଟାଇଛି ମୋ ମଧ୍ୟେ କମନୀୟତା
ଆଜି ମୋତେ ଦେଖି ବୁଲାଉଛ ତୁମେ
ନଥିଲା କି ତାଙ୍କ ପାଖେ ନିର୍ଲଜତା

ନାରାୟଣ ପୁର, ବାଲିଆପାଳ, ବାଲେଶ୍ୱର
ପିନ୍ : ୭୫୬୦୮୩

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାଆର ସ୍ୱର୍ଗୀୟ ସ୍ୱପ୍ନ



ବୁଲୁ ପୋଲାଇ

ଦେଖି ନବଜାତ ଶିଶୁ
ମା'ମନ ବ୍ୟାକୁଳ
ହୃଦୟ କୋହଳ
ଝରେ ନୟନରୁ ଅଶ୍ରୁ ।
ନାରୀ ଜୀବନ ସାର୍ଥକତା
ଲଭିବା ପାଇଁ ବ୍ରତ ଓଷା
କେତେ ମନ୍ଦିର ଦିଅଁ ଦେବତା
ପାଇଛି ଶେଷେ ସ୍ୱଚ୍ଛ ଅଭିଳାଷା ।
ମନେ ଅଛି ଆଶା ଅସୁମାରୀ
ଗଗନୁ ଦେବ ତାରା ଫୁଲ ତୋଳି
ରଖିଲେ ଦେଖାଇବ ସରଗ ଶଶୀ
କୋଳରେ ଶୁଆଇ ଦେବ ଆଉଁସି ।
ଖୋଇ ଦେବ ଦଧି ଭାତ
ଗାଇ ନାନା ଗପ ଗୀତ
ଦେଖାଇ ପଶୁ, ପକ୍ଷୀ ଅନାବନା
କିଣି ଦେବ ଭଳି ଭଳି ଖେଳନା ।

ହାତ ଚଟକଣୀ ପାଦ ଗୋଇଠି
ହସି ହସି ସବୁ ନେବ ସହିଟି
କୁନି ହାତ ଧରି ଶିଖେଇବ ଚାଲି
ପଡିଲା ବେଳକୁ ନେବଟି ସମ୍ଭାଳି ।
ଜୀବନର ଇଚ୍ଛା ସବୁ କରିବ ପୂରଣ
ତା'ଜୀବନ ପଛେ ହୋଇଯାଉ ଖିନ୍ନଭିନ୍ନ
ଲୋଡ଼ା ନାହିଁ ତାର ଜୀବନେ ସୁଖ
ଦିନେ ସେ ଶୁଣିବ କର୍ଣ୍ଣେ ମା' ଡାକ ।
ଭାବିବ ପାଇଗଲା ସବୁ କିଛି
ସଂସାରେ ଯେତେ ସୁଖ ଅଛି
ସ୍ୱର୍ଗୀୟ ଅପୂର୍ବ ଅମୃତ ସୁଖ
ମମତା ର ଧାରା ଅବ୍ୟାହତ ।

ହିଣ୍ଡଳ, ଗଞ୍ଜାମ, ଭ୍ରାମ୍ୟଭାଷ : ୯୮୬୧୧୮୪୯୭୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଲକି ନାଁରେ ସବୁ ଝିଅ ଲକି ନୁହନ୍ତି



ଦିଲ୍ଲୀପ କୁମାର ତ୍ରିପାଠୀ

ଦେଖ ! ମୋତେ ଆଉ ବେଶୀ ହସାଅନି
ନହେଲେ ତମେ ଜାଣିଦବ
ମୋ ଭିତରେ ମୁଁ ଯନ୍ତ୍ରଣାରେ ଅଣନିଶ୍ୱାସୀ
ହଉଛି
ଜାଣିଦବ ସବୁ ଅକୁହକଥା ମୋ ମନର
ଶୁଣିଦବ ମୋ ହସ ଭିତରୁ ଆର୍ତ୍ତ ଚିତ୍କାର
ଦେଖିଦବ ଦୀପ ତଳ ବହଳ ଅନ୍ଧାର ।

ମୋ ପାଖରେ ବେଶୀ ରୁହନି
ନହେଲେ ତମେ ପଢ଼ିଦବ
ମୋ ଦେହର ଭୂଗୋଳରେ
ଅଙ୍କା ଯାଇଥିବା ରାଜ ରାସ୍ତାର ନକ୍ସା,
ମୋ ମଥାର ସିନ୍ଦୂର ଗାର କେତେ କଚ୍ଚା ,
କେତେ ପକ୍କା

ଶୁଣ ! ତମେ ଏଥର ଯାଅ
ନହେଲେ, ତମେ ନପଚାରିଲେ କାଳେ ମୁଁ
କହିଦେବି
'ଲକି' ନାଁ ରେ ସବୁ ଝିଅ ଲକି ନୁହନ୍ତି ମ' !

ଢେଙ୍କାନାଳ, ପର୍ଜଙ୍ଗ,କୁନ୍ଦନଦେଇପୁର ଶାସନ
ଇ-ମେଲ୍ ଠିକଣା:dkt.writer@gmail.com
ଦୂରଭାଷ:୯୭୭୮୧୦୬୧୦୫/୯୯୧୬୦୬୫୮୬୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରଭୁ



ଇପ୍ସିତାରାଣୀ ସାହୁ

ଜାଣି ନାହିଁ ପ୍ରଭୁ ତୁମ ପରିଚୟ
ଜାଣି ନାହିଁ ତୁମ ମାୟା,
ଜାଣି ନାହିଁ ତୁମ ସ୍ଥିତି ଯେ କେଉଁଠି
କେଉଁଠି ତୁମରି ଛାୟା ।
ଜାଣେ ନାହିଁ ମୁହିଁ ପୂଜାପାଠ କରି
ପ୍ରେମ ଦେବା ଖାଲି ଜଣା,
ଜାଣେ ନାହିଁ ଧୂପ ଦୀପ ଲଗେଇବା
ଲୁହ, ଢାଳିଦେବା ଖାଲି ଜଣା ।
ମନେ ନାହିଁ ତୁମ ସହସ୍ର ନାମ ଯେ
କୃଷ୍ଣ ଖାଲି ମନେ ରହେ,
ମନେ ନାହିଁ ତୁମେ ଆସ କେତେବେଳେ
ବଂଶୀ ସ୍ୱନେ ଜାଣିଯାଏ ।
କିଏ ଜାଣେ କେବେ ସେଇ ସ୍ୱନେ ମୁହିଁ
ମନ୍ତ୍ରମୁଗ୍ଧ ହୋଇଯିବି,
କୃଷ୍ଣପ୍ରିୟା ଠାରୁ କୃଷ୍ଣଦାସୀ ହୋଇ
କୃଷ୍ଣ ଠାରେ ଲୀନ ହେବି ।

ଗ୍ରା/ପୋ - ବିଜେପୁର
ଜିଲ୍ଲା- ବରଗଡ଼

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅହିଂସା



ତୁଷାରକାନ୍ତ ପ୍ରସାଦ

ଯୁଦ୍ଧରେ ରାଜ୍ୟ ଜୟ କରିହୁଏ,
ଜୟ କରିହୁଏ ଧନ, ସମ୍ପତ୍ତି ।
ଶକ୍ତି, ସାମର୍ଥ୍ୟ ତା'ର କିବା ଲୋଡା,
ଯା'ର ହତିଆର ଅହିଂସା ନୀତି ।।

ବିତ୍ତ ଓ ଶକ୍ତି ଯାହା ପାଶେ ଥାଏ,
ଅହଂକାରୀ ଯଦି ହୁଏ ସେ ଜନ ।
ନିଜ ବଡପଣ ଦେଖାଏ ସିନା,
ବୁଝେ ନାହିଁ ଦୁଃଖି ଜନର ମନ ।।

ଅହିଂସା ବାର୍ତ୍ତା ଜଗତ କଲ୍ୟାଣ,
ନିଜେ ବଞ୍ଚ ଓ ବଞ୍ଚାଅ ଆନ କୁ,
ପଶୁ ଜାତି ସମ ହିଂସ୍ର ପ୍ରବୃତ୍ତି,
ହରଇ ବିବେକ, ବୁଦ୍ଧି, ଜ୍ଞାନକୁ ।।

ଏକତା ରଜ୍ଜୁରେ ବାନ୍ଧି ରଖିଛି,
ଭାଷା, ଜାତି ମଧ୍ୟେ ଥାଇ ଭିନ୍ନତା ।
ଭାଇ-ଭାଇ ମଧ୍ୟେ ସମ୍ପତ୍ତି ବାଣ୍ଟ,
ବାଣ୍ଟିକେ ପାରିଛ ମାଆ ମମତା ।।

ଧୈର୍ଯ୍ୟହରା ପାଇଁ ଅହିଂସା ତୁଛ,
ତା ପାଇଁ ଅହିଂସା ଶବ୍ଦ ମାତର ।
ସେ କାହୁଁ ବୁଝିବ ଅହିଂସା ଶକ୍ତି,
ବିପଦ ନଦେଖି ହୁଏ କାତର ।।

ପ୍ରେମର ବୀଜ ମନ୍ତ୍ର ଯିଏ ହୃଦେ,
କରିପାରି ନାହିଁ କେବେ ରୋପଣ ।
ସେ କାହୁଁ ବୁଝିବ ବିଶ୍ୱ ପ୍ରେମକୁ,
ହିଂସା, ଦ୍ୱେଷ ଭାବ ଯା ଆଭୂଷଣ ।।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଶତ୍ରୁକୁ ଅହିଂସାରେ ଜିଣି ହେବ,
ନଷ୍ଟ କରି ତା'ର ଶତ୍ରୁତା ଭାବ ।
ଧୈର୍ଯ୍ୟ ବଳ ଯା'ର ଅହିଂସା ନୀତି,
ଅସମ୍ଭବ ମଧ୍ୟ ହୁଏ ସମ୍ଭବ ।।

ମହାଭାରତ ଯୁଦ୍ଧ ନୋହିଥାନ୍ତା,
ମାନି ନେଇଥିଲେ ଶାନ୍ତି ପ୍ରସ୍ତାବ ।
ଅହଙ୍କାରେ ଅନ୍ଧ ମାନଗୋବିନ୍ଦ,
ଦେଖିଥାନ୍ତେ କୁହ ଭାଇଙ୍କ ଶବ ।।

ଇତିହାସ କହେ ରାଜା ଅଶୋକ,
ଅହିଂସା ନୀତିକୁ ଆଦରି ନେଲେ ।
କଳିଙ୍ଗ ଯୁଦ୍ଧର ରକ୍ତପାତରେ,
ବିଜୟୀ ହୋଇବି ବ୍ୟଥିତ ଥିଲେ ।।

ହୃଦୟ କାହାର ଜୟ ନିମନ୍ତେ,
ଲୋଡା ହୁଏ କୁହ ତରବାରିକି ।
କୋଟିଏ ହୃଦୟ ଜିତିଥିଲେ ଯେ,
ଚାଲୁଥିଲେ ବାପୁ ଲାଠି ଧରିକି ।।

ହିଂସା ମାର୍ଗରେ ଚାଲିଲେ ଜୀବନେ,
ଅର୍ଜନ କରିବ ଶତ୍ରୁ ବହୁତ ।
ଅହିଂସା ପଥେ ଯେ ପଥିକ ସାଜେ,
ଶତ୍ରୁ ମଧ୍ୟ କରେ ତା' ମଥା ନତ ।।

ତୁଷାରକାନ୍ତ ପ୍ରସାଦ
ବରୀ, ଯାଜପୁର
ମୋ - ୯୮୫୩୦୯୨୬୩୦

 Magazine Downloaded from www.aahwaan.com

# ବିଶ୍ୱଯୁଦ୍ଧ



ମହେଶ୍ୱର ସାହୁ

ଅଦିନିଆ ମେଘ ଆସିବ ଆକାଶେ
ହେବ ଚାରିଦିଗ ଅନ୍ଧାର:
ସୁବୁଠାରେ ଧୂଆଁ ବାରୁଦର ବାସ୍ନା
ପଡିବ ଯେ ହାହାକାର::

ନିଶ୍ୱାସ ପ୍ରଶ୍ୱାସ ହେବ କଷ୍ଟ ସାଧ୍ୟ
ଅଭାବରେ ଅମ୍ଳଜାନ:
ଖାଇବା ପିଇବା ନମିଳିବ ଜନେ
ପୃଥ୍ୱୀହେବ ଶ୍ମଶାନ::

ବାପା ମାଆ ମୁଁହ ଚାହିଁ କାନ୍ଦୁଥିବେ
ବିକଳରେ ପୁଅ ଝିଅ:
ହୃଦୟ ବେଦନା ବୁଝିବେନି କେହି
ଥିବ ଜୀବନର ଭୟ::

ଆକାଶୁ ଖସିବ, ଗଦା ଗଦା ନିଆଁ
ତରୁ ଲତା ଜାଳି ଦେବ:
ନଦୀ ନାଳ ହ୍ରଦେ, ଲାଗିଯିବ ନିଆଁ
ସାଗର ବି ଜଳୁଥିବ::

ଆରମ୍ଭ ହୋଇବ ଆମେରିକଠାରୁ
ଉତ୍ତର କୋରିଆ ଦ୍ୱାରା:
ଚୀନ ବି ଲଢ଼ିବ, ଆମେରିକା ସହ
କୋରିଆ ପାଇଁ ସାହାରା::

ପାକିସ୍ତାନ ସଦା ଚାହିଁ ରହି ଅଛି
ଭାରତକୁ ଦେବ ଧକା:
ଚାଇନା ସହିତ, ମିଶି ପାକିସ୍ତାନ
ମାରିବାକୁ ନେବ ଛକା::

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭାରତ ମଧ୍ୟରେ, ଚାଲୁଥିବ ଦଙ୍ଗା
ହିନ୍ଦୁ ଓ ମୁସଲମାନ::
କିଛି ଦିନ ପାଇଁ, ପ୍ରବଳ ଦଙ୍ଗାରେ
ମରିବେ ନିରୀହ ଜନ::

ହିନ୍ଦୁ ମୁସଲମାନ ବୁଝାମଣା ହେବେ
ପାକିସ୍ତାନ ଚାଲାକି ଦେଖି:
ଲଢ଼ିବେ ଶେଷରେ ଏକ ସାଥିହୋଇ
କାନ୍ଧରେ କାନ୍ଧକୁ ରଖି::

ପାକିସ୍ତାନ ଚୀନ, ଭୟରେ ଥରିବେ
ଏକତା ଦେଖି ଭାରତେ:
ପଛ ଘୁଞ୍ଚା ଦେଇ ବିକଳେ କାନ୍ଦିବେ
ଶାନ୍ତି ଲୋଡ଼ା ଯେ ଜଗତେ::

ଗୋପୀବିନ୍ଧା, ବ୍ରାହ୍ମଣ ଗାଁ,
ବାଲେଶ୍ୱର(ଭଦ୍ରକ)

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆମ ଓଡ଼ିଶା



ଅଙ୍କିତା ପାଢ଼ୀ

ସତ୍ୟ ସାଧନାର ଦୀକ୍ଷା ଧର୍ମର
ଆମର ଏହି ଓଡିଶା
ଆମେ ଅଟୁ ଭାଇ ସ୍ୱାଭିମାନ ଶିଖା
ହେବାନି କେବେ ନିରାଶା ।
ଯାହାର ବକ୍ଷରେ ବହୁଅଛି ସଦା
ସ୍ରୋତସିନୀ ମହାନଦୀ
ଶସ୍ୟ ଶ୍ୟାମଳାରେ ଭରି ଅଛି ଏହି
ବୋହି ଚାଲେ ବକ୍ଷ ଭେଦି ।
ଜଗନ୍ନାଥ ଧାମ ପୃଥିବୀ ବିଖ୍ୟାତ
ଶ୍ରୀକ୍ଷେତ୍ର ନାମରେ ଖ୍ୟାତ
ଚନ୍ଦ୍ରଭାଗା କୂଳେ ସୂର୍ଯ୍ୟ ମନ୍ଦିର
କାରୁକାର୍ଯ୍ୟରେ ବିଖ୍ୟାତ ।

ମାଆ ସମ୍ବଲାଇ ସମ୍ବଲପୁରରେ
ଯାଜପୁରେ ମାଆ ବିରଜା
ନୀଳଗିରି ଧାମେ ଜୟ ଜଗନ୍ନାଥ
ରାଜପୁରୀ ମହାରାଜା ।
ଧାମରା ବନ୍ଦର ଇରମର ସ୍ତମ୍ଭ
ଆରଡିରେ ବାବାମଣି
କେଉଁଝର ପୀଠ ମା’ ତାରିଣୀର
ଅଟେ ସେ ନଡ଼ିଆ ରାଣୀ ।
ବାରିପଦା କୀର୍ତ୍ତି ତିନିରଥେ ଉଭା
ଜଗା ବଳିଆ ସୁଭଦ୍ରା ମା’
ଜାହାଜର ଭେଳା ଲାଗିଥାଏ ସଦା
ପାରାଦୀପର ସୁଷମା ।
ବ୍ରହ୍ମପୁରରେ ତାରା ତାରିଣୀ ସେ
କରୁଣାମୟୀ ସେ ଆମ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବଡ ଡାକ୍ତରଖାନା ଉଚ୍ଚ ନ୍ୟାୟାଳୟ

କଟକ ସହର ୟେ ରମ୍ୟ ।

ରହି ଅଛି କେତେ କିରତି ଅତୀତ

ଆମ ଏହି ଓଡ଼ିଶାର

ସୁବାଷ ବୋଷ ସୁରେନ୍ଦ୍ର ସାଏ

ଲଢ଼ିଛନ୍ତି ଯେ କେତେ ସମର ।

ମଧୁବାବୁ ଠାରୁ ଫକୀରମୋହନ

କବି ଗଙ୍ଗାଧର ମେହେର

ରଖିଯାଇଛନ୍ତି ଆମର କୀର୍ତ୍ତି

କରିବା ତାଙ୍କର ଆଦର ।

ବାପା: ରଞ୍ଜନ ପାଢ଼ୀ,

ଜେନିଥ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟ,

ଗଗନବାବୁ ଛକ, ଏଡ଼ତାଳ, ଭଦ୍ରକ

Magazine Downloaded from www.aahwaan.com

# ରଙ୍ଗ ଶ୍ରାବଣର



ସୁଜାତା ଗିରି

ପ୍ରିୟ...
କିଛି ମୁହୂର୍ତ୍ତ ସ୍ମୃତିର
କିଛି କଥା ଅତୀତର
କିଛି ସୁଖ ଲଗ୍ନର
ସେ ମନମହାନିଆ
ପ୍ରେମ ସଂଗୀତର !

ଫେରିଛି ପୁଣି ଶ୍ରାବଣ
ପ୍ରୀତି ଭାବନାରେ ମନ
ଦୂର ଲାଗେ ଏବେ ନିକଟ
ଭିଜା ଭିଜା ଏହି
ଶ୍ରାବଣର ରଙ୍ଗ !

ପୁଲକିତ ହୁଏ
ପଲ୍ଲବିତ ମନ
ପ୍ରଫୁଲୀତ ମନ ମୟୁର

ଏମିତି ଏକ ଗୀତ
ଗାଇ ଦିଅ ମୋ ମିତ
ଅନ୍ତର ମନକୁ
ଛୁଇଁ ଯାଉ
ଏ ଶ୍ରାବଣର ରଙ୍ଗ !

ରିମ ଝିମ ଝରେ
ବର୍ଷାର ଶୀତଳ ଝର
ହୃଦୟେ କମ୍ପନ
ସ୍ୱର ମୋ ପ୍ରିୟର
ଶ୍ରାବଣର ଛୁଆଁରେ
ଆପେ ଆପେ ରଙ୍ଗେଇ
ଯାଏ !
ମୋ ରୂପର ଶୃଙ୍ଗାର !!!

ଚନ୍ଦନେଶ୍ୱର, ବାଲେଶ୍ୱର
ମୋବଇଲ ନମ୍ବର - ୭୯୭୮୯୭୩୯୮୭

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରେମିକା ପରି କେହିଜଣେ



ଅଖିଳେଶ
ମହାନ୍ତି

କାଲି
ତମେ ଯେମିତି ଥିଲ
ଆଜି
ଅବିକଳ ସେମିତି,
ଏଠି କିନ୍ତୁ
ରାତିଏ ସ୍ୱପ୍ନ ପାଇଁ
ପହଁରୀବାକୁ ହୁଏ
ନିଜ ଭିତରେ ନିଇତି ।

କିଏ ତମକୁ ଝୁଲାଏ
କୁହ ମେଘ
ଦୋଳିରେ
ତମେବି ଝୁଲ
ସମୁଦ୍ର କୂଳରେ
ସତେକି
କାହା ଲୁଣି ଦେହର
ଅନାସକ୍ତ ମୋହରେ ।

ମୁଁ ' କିଛିବି ମାଗିନି
ତମକୁ
ତମେ କହିଲ ନବତ
ନିଅ
ପ୍ରେମ,
ମୁଁ' ଜାଣିଛି
ତମକୁ ମାଗିବାକୁ ପଡ଼େନି
ତମେ ଖୋଲିଦିଅ
ଗଭାରୁ ଗଜରା,
ଓଠରୁ ବିଶ୍ୱାସ
ପାଦରୁ ଘୁଙ୍ଗୁର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଆଖି ଭର୍ତ୍ତି ସ୍ୱପ୍ନ ଓ ତମାମ
ଫୁଙ୍ଗୁଳା ଦେହକୁ
ତମର ।

ତମେ କେମିତି ଜାଣିବ
ମୁଁ ' ଗୋଟେ ପ୍ରେମ ମନସ୍କ
ପକ୍ଷୀ
ମୋର ଟିକିଏ ଛାଇ
ଦରକାର,
ମୁଠାଏ ଆଲିଙ୍ଗନ
ଓ କେରାଏ ଜହ୍ନ ରାତିର
ବାସ୍ନାବି ତା'ଦେହରେ
ଥିବ,
ତମେ କହିଲ
ନିଅ
ମୋ'ଭିତରେ ଥିବା
ପୁଣ୍ୟ
ତମେବି କହିଛ
ଫେରେଇ ଦବାର ଅଛି
ଯେତେ ଯେତେ
ଶତ୍ରୁପଣକୁ ମୋର ।

ଏମିତି ହେଲେ କଣ
ସରେନି ରାତିର
ଆୟୁଷ
ତମକୁ ବି' ଧାଡି
ଅଳତା ପିନ୍ଧିବା ପାଇଁ
ଅଣ୍ଟେନି ସମୟ,
ହଜାରେ ବାରଣ ଥାଉ
ତମେ ଟିକେବି
ବଦଳିନ
ମୁଁ ' ପାଦ ତିନ୍ତେଇଲେ
ତମେ ପୁରା ଓଦା ହେଇପଡ଼ ।
ତମେ ଯଦି
ଅଟକିବ ଭାବିଲ
ଯୋଉଠି ଅଟକୁଛ
ଅଟକ,
ମୁଁ 'କଣ ଜାଣିନିକି ସେଠିତମେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମହମହ ହ୍ବାସୁଥିବା
ଗୋଟେ ଜହ୍ନରାତିର
ସରୁନଥିବା ସ୍ୱପ୍ନ ।

ମୁଁ 'ଦେଖୁଚି
ତମ ହାତରେ ଆଗଭଳି
ସେଇ ଗୋଲାପୀ ଚିଠିର
ଧାଡିଧାଡି
ଅନ୍ତରଙ୍ଗତା ଛାଇହେଇ ଯାଏ,
ରୂପା ସକାଳ ଛାତିରେ
ଦି' ପଟ ପାଉଁଜି ତମର
ସୁନା ରଙ୍ଗର ସଂଜ ଭିତରେ
ପବନରେ ଝୁଲୁଥିବା
ଝରା ଫୁଲରୁ କେରାଏ ।

ତମେ ଜାବୁଡି ଧରୁଚ
ସେଇ ପବନକୁ
ଯିଏ
ଆକାଶରୁ ଚୁମେ
ଗୁଡ଼ାଏ ଅନ୍ୟମନସ୍କ ଇଛା,
ମୋତେ
ବିଭୋର କରେ
ମେଘ ଭିତରେ ଆହୁରି
ମେଂଚାଏ ମେଘ
ଗୋଟେ ଦେହ ଭିତରେ
ଯେମିତି ଆଉକାହ
ଦେହର ଭୁରୁଭୁରୁ ଗଂଧ ।

ସବୁଥର
ମୁଁ 'ଯାହାଯାହା ଦେଇଛି
ତମେତ
କିଛିବି ନେଇନ,
ଗୋଟିଗୋଟି କରି
ସବୁ ଫେରେଇ ଦେଇଛ
ଓ କହିଛ
ଦେଇଦେବାକୁ ହୁଏ
ଏମିତି ପ୍ରେମରେ ପଡିଲେ
ମନ ଓ ହୃଦୟ ।

Magazine Downloaded from www.aahwaan.com

କହିଲିତ'
ନିଅ
ଜହ୍ନ ରାତିର
ଆଞ୍ଜୁଳା ଆଞ୍ଜୁଳା
ସ୍ମୃତି,
ପୁଣି କହିଲି
ନଉନ
କିଆ ଫୁଲରେ ମହକୁଥିବା
କେରାଏ ସଂଜ,
ତମର କିଛିବି ଇଛା
ନଥାଏ
ଥାଏ କେବଳ ମୋର
ଶୋରିଷ କ୍ଷେତର
କେଇ ଧାଡି ଗୀତରେ
ତମେ ଝୁରିହୁଅ
ଅନେକ ଲାଜୁଆ ସକାଳ ।

ଏମିତି ଅନେକ ଥର
ପଚାରିବାକୁ ପଡ଼େ
କାଳେ
କିଛି ଘଟନ୍ତାକି
ମୋ' ଅଜଣାତରେ,
ପଚାରି ଦିଅନ୍ତି
ପ୍ରେମିକା ପରି
ତମେବୋଧେ
କେବେଠୁ ହେଇସାରିଲଣି
କାହାରକି' କଣ,
ତମକୁ ବାଣ୍ଟିବାକୁ
ରାତିର ଅଂଧାର
ନା' ଦିନର
ଆଲୁଅ ଲୋଡ଼ା
ସେଇ ସେତିକିବୋଧେ
ମୋର ଅବୁଝାପଣ ।

ଏଇ ଏତିକି' ବୋଲିତ
କଥା
ଏଣିକି କେବଳ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମୋ' ଭିତରେ ମୁଁ
ତମର ନିରୀହ ପଣକୁ
ଝୁରୁ ଝୁରୁ
କହି ଦିଅନ୍ତି
ହେଇ ନେଇଯାଅ,
ମୁଁ ଆଉ
ମୋର ହେଇକି ନାହିଁ
ଠିକ ତମପରି
ଅବିକଳ ମୂର୍ତ୍ତିର ମଣିଷ
ଛୁଇଁଲେ ଜାଣିବ ।

ତମେ ମତେ
ହାତଧରି ଡ଼ାକିନେଲ
ମାଗିବା ପାଇଁ
ସମୁଦ୍ରକୁ ସାରା
ଶ୍ରଦ୍ଧାପଣ,
ଓ କହିଲ ଟିକେ ରହିଯା'
ସିଏ କିନ୍ତୁ ମୁହୂର୍ତ୍ତକ ଲାଗି
ଅଟକି ଯିବାକୁ ମନାକଲା

ଏବେ ଦିଶୁଚି ତମେ
ସେମିତି ନିରୀହ ନିରୀହ
ପ୍ରେମିକା ପରି
ଯେମିତି ଥିଲ ସେମିତି
କିଛି ବଦଳିନ ।

ତମେ
କେବଳ ଦବା ଜାଣିଛ
ନବାକୁ ମନା ତମର,
ସେଇ ପାଦ
ପାପୁଲି
ଆଖି ଓ ଓଠ ଭିତରେ
ବିଶ୍ୱାସ ବୋଲି
ଯାହାଯାହା ଅଛି
ସିଏ ଆଜିଠାରୁ ଆଉକା'ର ।

ପ୍ରେମିକା ପରି
କେହିଜଣେ
ମୋ' ଭିତରେ ମୋର ହେଇକି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ରହୁ

ଯା'ଠାରୁ ଅଧିକ ଆଉକଣ

ଲୋଡ଼ା ମୋର,

ମୁଁ ' ପସିଯାଉଥାଏ

ଗଭୀର ସମୁଦ୍ର ଭିତରକୁ

ଯୋଉଠି

ମୋତେ ବୁଝିବା ପରି

ହୃଦୟଟେ ଅଛି,

ଯିଏ ମୋର ହେଇକି

ଚିରକାଳ

ମହମହ ବାସୁଥିବ

ଅବିକଳ ପ୍ରେମିକା ଯେମିତି !!

କୋଠପଦା, କୁଆଁପାଳ, ମାହାଙ୍ଗା, କଟକ,

୭୫୪୨୦୪,

ଫୋନ (୭୦୦୮୭୫୭୨୭୨)

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଈର୍ଷା



ବସନ୍ତ କୁମାର ପଣ୍ଡା

ହୀନ ମନା ନର କ୍ରୋଧେ ଜର ଜର
ଆନ ସୁଖ ସନମାନେ
ଧରି ଏ ଚରିତ୍ର ହୁଅଇ ଜନ୍ମିତ
ଛାଡିଥାଏ ସମଶାନେ ।
ବୁକୁ ତଳେ ଚାପି ବିଳପି ବିଳପି
କୁହୁଳାଇ ପ୍ରତିହିଂସା
ପିଇ ଉତ୍ତରଳ- ଉତ୍ତାଳ ଗରଳ
ନିରବେ ଉଦ୍ଗାରେ ଈର୍ଷା ।
ଲକ୍ଷେ ତାରା ମିଳି କରୁଥାନ୍ତି କଳି
ଚାନ୍ଦ କି ପଡେ ମଳିନ
ଚାନ୍ଦିନୀ ଚମକ ଗୁଣ ଜକ ଜକ
ଜଗତର ମୋହେ ମନ ।
ବନ ବିଛୁଆତି ଲଟେଇ ରଖନ୍ତି
ଦବେଇ ଗୁଳ୍ମ ଉହାଡ଼େ
ହେଲେ ପୂଜାରିଣୀ ଗୁଣି ଗୁଣ ଜାଣି
ତୁଳସୀର ଅଙ୍ଗ ଭିଡ଼େ ।

ଈର୍ଷାରେ ଆକାଶ ଶହ ଶହ ବର୍ଷ
ଢାଳୁଛି ବାରିଧି ଜଳ
ଧୋଇବାକୁ ସତ୍ତା ଉର୍ବୀ ଉର୍ବରତା
ହେଇନି କେବେ ସଫଳ ।
କାକ ବଂଶ ଦେଖି ପିକ ହୁଏ ଦୁଃଖି
ଷଡ଼ଯନ୍ତ୍ରେ ଭାଙ୍ଗେ ଅଣ୍ଡା
ପିକ ଶିଶୁ ପାଳି- ଥାଇ କାକ ଆଳି
ହେଲେ କାଉ ଗଣ୍ଡା ଗଣ୍ଡା ।
ଆରେ ଈର୍ଷାମନା ବୃଥା ତୋ କାମନା
ବନ୍ଧ୍ୟା କି ଫଳ ଫଳାଏ
ତତଲା ପାଣି କି ଚାଳରେ ଢାଳିଲେ
ନିଆଁ ପରି ଘର ଜଳାଏ ? ।

ବଇଞ୍ଚା, ଭଦ୍ରକ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କବିର ଭାବନା



ଚିତ୍ତରଞ୍ଜନ ନାୟକ

କବିର ଭାବନା
ଭାବପ୍ରବଣତାରେ
ଯେବେ ଢଳି ଯାଏ
ତା କୋମଳ ହୃଦୟ
ହୁଏ ଆନ୍ଦୋଳିତ
କବି ନୁହେଁ ଆତଙ୍କବାଦୀ
କବି ନୁହେଁ ଉଗ୍ରବାଦୀ
କବି ସତ୍ୟବାଦୀ
କବି ରାଷ୍ଟ୍ରବାଦୀ !

କବି ପାଶେ ନାହିଁ
ବନ୍ଧୁକର ଗୁଳି
କବି ପାଶେ ନାହିଁ
ଗୋଲା ବାରୁଦ ଖଣି
କବି ନୁହେଁ ନିରବ
କବି ପରିସ୍ଥିତିକୁ
ଦେଖି କଲମରେ
ମାରେ ଶବ୍ଦର ଭେଦ !

ଅଭୟା ରୁ ଉନାଓ
ବେବିନା ରୁ କୁନ୍ଦୁଲି
ନିକଟରେ ପାଞ୍ଚ ବର୍ଷର
ନିଷ୍ପାପ ଶିଶୁ
ଅନଗୁଳର
ଧର୍ଷଣ ହତ୍ୟାର
ପୈଶାଚିକ ପିପାସାର
ଭୟ ଲଜ୍ୟାର କାହାଣୀ
ଭାବି ଦେଲେ ଥରେ
ଆଖିରୁ ଝରି ଯାଏ ପାଣି !

ମୁଁ ଭାବୁଛି ଅଫୁଟା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଢି ମାନଙ୍କୁ
ପାପ ହାତର
ସ୍ପର୍ଶରେ
ଫୁଲ ଫୁଟିବା ପୂର୍ବରୁ
ପଡନ୍ତି ଝରି..

ମୁଁ ଭାବୁଛି ଝଲ ମଲ
ରୋଷଣୀକୁ
ପ୍ରକାଶ ପୂର୍ବରୁ
ଯେଉଁ ମାନେ ଭୋକ ଉପାସର
ଅନ୍ଧାରରେ ଛଟ ପଟ ହୋଇ
ପ୍ରାଣକୁ ଦିଅନ୍ତି ଆହୁତି  !

ମୁଁ ଭାବୁଛି
ସୁନ୍ଦର କୋମଳ
ରଙ୍ଗୀନ ପ୍ରଜାପତିକୁ...
ଡେଣା ମେଲିବା ପୂର୍ବରୁ
ତାର ଡେଣାକୁ ଦିଅନ୍ତି କାଟି  !

ମୁଁ ଭାବୁଛି
ହତଭାଗା ମାଆ ବାପା
ମାନଙ୍କ ପୀଡା ଯନ୍ତ୍ରଣାକୁ
ମମତାର ଝୁଲଣାରେ
ଝୁଲୁଥିବା କନ୍ୟାକୁ
ଗାଁ ରୁ ସହର ଯାଏ
ସଭ୍ୟ ଆଧୁନିକ
ସଚେତନ ସମାଜରେ
ନଂପୁସକ ରାଜନେତାଙ୍କ
ପ୍ରଶାସନର ଆଖିରେ
ଧୂଳି ପକାଇ, ନିର୍ଭୟରେ
ଗଳି ଗଳିରେ
ମାନବର ମୁଖାରେ
ରାକ୍ଷସ ମାନେ କେମିତି
ଖିନ ଭିନ କରି
ଦିଅନ୍ତି ଦଳି ଚକଟି  !

ଗ୍ରାମ / ପୋଷ୍ଟ - ନଖେଇ
ଜିଲ୍ଲା - ଯାଜପୁର
ପିନ - ୭୫୫୦୦୭
ମୋବାଇଲ - ୯୩୨୦୪୫୦୦୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରେମିକ



ମନୋରମା ହାତୀ

ପ୍ରେମିକ

ଶହ ଶହ ମିଠା ପ୍ରତିଶ୍ରୁତି ର
ଅସଂଖ୍ୟ ଢେଉ ଭରା
ନୀଳ ଦରିଆଟେ - ୧

ପ୍ରେମିକା ର ହଜାରେ ଦୋଷକୁ
କ୍ଷଣକେ କ୍ଷମା କରି ଦଉଥିବା
ଆକାଶ ପରି ବିଶାଳ ଉଦାର ହୃଦୟଟେ - ୨

ଦୁନିଆଯାକର ଫାଜିଲପଣକୁ
ସାଇତିରଖିଥିବା ପୁରୁଣା ଲାଇବ୍ରେରୀଟେ - ୩

ଦିନ ଦ୍ୱିପ୍ରହରରେ ଆଖିରେ
ଅସୁମାରି ସ୍ୱପ୍ନ ବୁଣୁଥିବା
ପରଦେଶୀ ସୌଦାଗରଟେ - ୪

ଅନାୟାସରେ ରାତିର ବଗିଚାରୁ
ନିଦର ରଜନୀଗନ୍ଧାକୁ
ଚୋରି କରି ନଉଥିବା ଫୁଲ ବିକାଳିଟେ - ୫

ପ୍ରତିଟି ଶବ୍ଦରେ ପ୍ରତିଟି ବାକ୍ୟରେ
ପ୍ରେମର କବିତା ଲେଖୁଥିବା
ଯାଦୁଗରୀ ଲେଖନୀଟେ - ୬

ହୃତପିଣ୍ଡକୁ ଫୁଲ ବଗିଚା
ମନେ କରାଉଥିବା
ଅବିଶ୍ୱସନୀୟ କଳ୍ପନାଟେ - ୭

ଭାବି ଭାବି ସରୁ ନ ଥିବା
ନଦୀ ବାଲି ପରି ଅସରନ୍ତି ଭାବନାଟେ - ୮

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯେତେ ଦେଖିଲେ ବି

ବିରକ୍ତି ଲାଗୁ ନ ଥିବା

ମନଛୁଆଁ ଧାରାବାହିକଟେ - ୯

ଦେହ ମନ ପୃଥିବୀରେ ଥାଇ

ଆବେଗ ଅନୁଭବକୁ

ଅଜଣା ଗ୍ରହକୁ ନେଇ ପାରୁଥିବା

ଅଦଭୁତ ବୈଜ୍ଞାନିକ ଯାନଟେ - ୧୦

ଖୁସି ପାରିଜାତ କାନନକୁ

ଘର ଅଗଣାର କାନଭାସରେ ଆଙ୍କି

ଦଉଥିବା ବିଖ୍ୟାତ ଚିତ୍ରକରଟେ - ୧୧

ପଦିଏ କଥାରେ ଜହ୍ନକୁ

ଝରକା ପାଖେ କ୍ୟାଲେଣ୍ଡର ପରି

ଟାଙ୍ଗି ଦଉଥିବା ଦୁଃସାହସ ଚରିତ୍ରଟେ - ୧୨

ହଜାରେ ଭିଡ ଭିତରେ

ନିଜ ଆଡକୁ ଆକର୍ଷିତ କରୁଥିବା

କମନୀୟ ପ୍ରକୃତିର ସତେ

ଲୋଭନୀୟ ଦୃଶ୍ୟଟେ - ୧୩

ଶେଷରେ ପ୍ରେମିକର

ଆକ୍ଷରିକ ଅର୍ଥ କହିଲେ କବି

"ରାଧାନାଥ ରାୟ "ଚିଲିକା ଉଦ୍ଦେଶ୍ୟରେ

କହିଥିବା ବାକ୍ୟଟି ପରି

"ସୁନ୍ଦର ତୃପ୍ତିର ଅବସାଦ ନାହିଁ

ଯେତେ ଦେଖୁଥିଲେ ନୂଆ ଦିଶୁଥାଇ ।

ସତରେ ! ପ୍ରେମିକ ସବୁବେଳେ ନୂଆ

ଖାଲି ଅଣପ୍ରେମିକ ମାନେ ଯାହା

ଅତୀତର ପୁରୁଣା ଡାଏରୀ ପାଲଟିଯାଆନ୍ତି ।

କନ୍ହେଇପୁର, କଟକ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପୁରୀକ୍ଷେତ୍ର ବର୍ଣ୍ଣନା



ଦୁଷ୍ମନ୍ତ କୁମାର ମିଶ୍ର

ରାଗ -ବଙ୍ଗଳାଶ୍ରୀ

ମନଦେଇ ଶୁଣ ହେ ସୁବୁଦ୍ଧିଗଣ
କ୍ଷେତ୍ର ରାଜର ମହିମା
ଗୁଣନ୍ତେ ଶୁଣନ୍ତେ ନେତ୍ରାନ୍ତେ ଭୁକ୍ତାନ୍ତେ
ଭାଙ୍ଗେ ଯମର ଗାରିମା । ।୧ । ।

ଶଙ୍ଖ ଆକାରରେ ପଞ୍ଚ କୋଷ ବିସ୍ତାର
ଅଟଇ ଯେ ପୂଣ୍ୟ ସ୍ଥଳୀ
ମାନବେ କି ତାହା ବିଚାରି ପାରିବେ
ଦେବେ ନ ପାରନ୍ତି କଳି । ।୨ । ।

ବିରାଟ ସୁରାଟ ବିଚିତ୍ର ମୁରାଟ
ତିନି ମୂର୍ତ୍ତି ଦାରୁ ହରି
କଇବଲ୍ୟ ହାଟ ପସରା ପ୍ରକଟ
ବିରାଟକେ ମୁକ୍ତି ଚାରି । ।୩ । ।

ରୋହିଣୀକୁଣ୍ଡରେ ପଡିକି ଚାଣ୍ଡରେ
କାକ ହେଲା ଚତୁର୍ଭୁଜ
ଯମନିକ ରାଜା କ୍ଷେତ୍ର ନାମ ବହେ
ସେବା କରି ଦେବରାଜ । ।୪ । ।

ଚତୁର୍ଦ୍ଦଶ କୋଟି ଶିବଗଣ ଭେଟି
ପାତାଳ ନାଥ ନାମରେ
ପତିତ ପାବନ ମୁରତି ଦର୍ଶନ
କର ସିଂହଦର ଜାରେ । ।୫ । ।

ଭୋଗ ମଣ୍ଡପ ଯେ ତୁଣ୍ଡ ଶ୍ରୀ ହରିର
ଜାନୁ ମୁକତି -ମଣ୍ଡପ
ହୃଦୟରେ ବସି ବିଚାରନ୍ତେ ହୃଷୀ
କେଶ ସଙ୍ଗତେ ଯଦୁପ । ।୬ । ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପତାକାକୁ ଅନା  କରୁଅଛି ମନା
ଅନ୍ତକର  ଅଧିକାର
ନାହିଁଟି ଏଥିରେ  ପ୍ରବେଶ ଯେ ଧୀରେ
କଇବଲ୍ୟ ସେବନର  । ।୭ । ।
ତିନିପୁର ବାସୀ  ନର ପରି ଦିଶି
କରନ୍ତି କୈବଲ୍ୟ ଜୁର
ମହାପାପମାନ  ଦହନ୍ତି  ବହନ
ଅନାଇଁ ପ୍ରାଚୀର ଦ୍ୱାର  । ।୮ । ।
ଚାରିଦ୍ୱାରେ ଚାରି  ମୁକତି ପ୍ରସାରି
ଦଇତାରି ଅରିଧାରୀ ,
ଭାଇ-ଭଗ୍ନୀ ଘେନି  ଦାରୁ ରୂପେ ପୁଣି
ମାନସରୁ  ପାପହରି  । ।୯ । ।
ସେ କ୍ଷେତ୍ର  ରାଜକୁ  ଚିନ୍ତିଣ  ସୁମନେ
ପ୍ରାଣ ତେଜିଲେ ମାନବ,
କହଇ ଦୁଷ୍ମନ୍ତ  ଯମଦଣ୍ଡ  ତା'ର
ଛେଦନ୍ତି  ଶ୍ରୀବାସୁଦେବ  । ।୧୦ । ।

ପ୍ରଧାନ ଶିକ୍ଷକ
ଓରିଙ୍ଗା ବାଲିସାହି, ମଠକରଗୋଳା
ଢେଙ୍କାନାଳ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅଳି କରେ ପୀତବାସ



ପିଣ୍ଟୁ ମିଶ୍ର

ପ୍ରଭୁ ପ୍ରଭୁ ଡାକି ପଡିଲିଣି ଥକି
ଡାକ ମୋ ଶୁଣିଲ ନାହିଁ
ହେ ନୀଳ ଶଇଳ କାହିଁ କର ଛଳ
ଦୋଷ ମୋର ଦିଅ କହି
ରତନ ବେଦୀରେ ବସିଛ ସୁଖରେ
ଷାଠିଏ ପଉଟି ଖାଇ
ବଳିପଡେ ଦୁଃଖ ହଜିଛି ମୋ ସୁଖ
ବଞ୍ଚୁଛି ଲୁହକୁ ପିଇ

ଦିଅ ବାରେ ଦେଖା ହେ ଅନାଥ ସଖା
ଡାକୁଛି ହାତକୁ ଯୋଡି
ସଂସାର ଯନ୍ତ୍ରଣା କରେ ବାଟବଣା
ପିନ୍ଧିଛି ଦୁଃଖର ବେଡି
ଏତିକି ମିନତୀ ହେ ଜଗତପତି
ଦିଅ ଏ କଷଣୁ ମୁକ୍ତି
ରହିଥାଉ ମନେ ମୋର ସବୁଦିନେ
ତବ ପାଦେ ଲୟ ଭକ୍ତି
ଗଲେ ଏ ଜୀବନ ଛାଡି ଇହଧାମ
ବୈକୁଣ୍ଠରେ ଦେବ ବାସ
ଆଉ ମୁଁ ନ ଜନ୍ମେ ଏ ମରତଧାମେ
ଅଳି କରେ ପୀତବାସ

ହଳଦିଆ, ନିଶ୍ଚିନ୍ତକୋଇଲି, କଟକ
ମୋ- ୭୭୮୮୨୭୬୭୪

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କବି ଓ କବିତା



ପର୍ଶୁରାମ ସାହୁ

ସତରେ କବି ହେବା କେତେ ଯେ କଠିନ
କେତେ ଲିଭାଇ କେତେ ଲେଖିବାକୁ ପଡ଼େ
କେତେବେଳେ ପଦକୁ ପଦ ମିଶେନା
ଆଉ କେବେ ପୁଣି ମନକୁ ଭାବନା ଆସେନା
ଅନେକ ଭାବିଥିବା କବିତା ଭୁଲିଯାଏ
ପୁଣି ଭାବିଲେ ଆଉ ନୂଆ କିଛି ମନକୁ ଆସେ
ବେଳେ ଶବ୍ଦ ଥାଇ ମଧ୍ୟ ନଥାଏ ମନର ଭାବନା
ପୁଣି ଭାବନା ଆସିଲେ ଖୋଜେ ସେ ଶବ୍ଦ ଗୁଡ଼ିକୁ
କେତେବେଳେ ପ୍ରକୃତିକୁ ନେଇ ଲେଖିବାକୁ ପଡ଼େ
ଆଉ କେବେ ଭକ୍ତି, ପ୍ରେମ,ଭଲପାଇବା ଏମିତି ଅନେକ କିଛି
ଭିନ୍ନ ଭିନ୍ନ ଶବ୍ଦ ସବୁ ଯୋଡ଼ି କରେ ସେ ଅନେକ ଉପମା
ଶେଷେ ସେହି ଉପମାକୁ ରୂପ ଦିଏ ସେ ଏକ ପୂର୍ଣ୍ଣ କବିତାର
ଯାହା ବି ଲେଖିଲେ କବିର ମନ ବୁଝେନା
ଭାବେ ଆଉ ଟିକେ କାଳେ ଭଲ ହୋଇପାରିଥାନ୍ତା
ସତରେ କବିର ସେ ଭାବନାକୁ ପ୍ରଣାମ
ପ୍ରଣାମ ତା'ର ସେ କବିତ୍ୱକୁ
ଯେ ସୃଷ୍ଟି କରିଛି ଅନେକ କବିତା ।

ପର୍ଶୁରାମ ସାହୁ
ଧର୍ମଶାଳା, ଯାଜପୁର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କୋଣାର୍କ



ଧୀରେନ୍ଦ୍ର କୁମାର ପ୍ରଧାନ

ଅତୀତ କହୁଛି ହାତଠାରି ଦେଖ
ଇତିହାସ ବହି ପୃଷ୍ଠାରେ
ଉତ୍କଳ ମାତାର ସନ୍ତାନ ମୁହିଁ ରେ
ମଥା ଉଚ୍ଚ ଗରବରେ ।

କୋଣାର୍କ ଝୁରୁଛି ଧରମପଦକୁ
ଏକାଏକା ଠିଆ ହୋଇ
ମୃତ ପଥରରେ ଜୀବନ୍ତ ଏ କୃତି
ଯାଇଛି ପରଶ ଦେଇ ।।
ବାରଶବଢେଇ ନିହାଣ ମୂନରେ
ପଥର ସାଜିଛି ଜୀବନ୍ତ

ଜୀବନ୍ତ ବୁଲନ୍ତି ମୃତକ ପରାଏ
ଭଗ୍ନାଂଶ ହୁଏ ଚିନ୍ତିତ ।।।
ସ୍ଥିରଚକ ସିଏ କଳିଙ୍ଗ ଗରବ
ଘୁରୁଅଛି ନିରନ୍ତର
ସୁଅରେ ଠିକଣା ଖୋଜେ ଏକବିଂଶ
ଲାଜେ ମଥାନତ ମୋର ।।।।

ଗଉରବମୟ ଇତିହାସ ମୋର
ବର୍ତ୍ତମାନ କରେ ଶପଥ
ଉତ୍କଳ ର କୃତି ଉତ୍କଳ ସଂସ୍କୃତି
ଉତ୍କଳୀୟ ମୋ ରକତ ।

ଝଜିରୀବାହାଳ, ଅନୁଗୋଳ, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୋ ଦେଶ ହସୁଛି...



ପ୍ରେମଶିଳା ରାଉତ

ଦେଶରେ ମୋହର ପାପର ଭାରା
ବଢ଼ି ବଢ଼ି ସତେ ଚାଲିଛି
ନାରୀ ନିର୍ଯାତନା ନାରୀକୁ ଅସମ୍ମାନ
ସବୁବେଳେ ସତେ କରୁଛି
ତଥାପି.... ମୋ ଦେଶ ହସୁଛି ।୧

ଦିନରେ ରାତିରେ ଚୋରି ଡକାୟତି
ମୋ ଦେଶ ଭାଇ କରୁଛି
କାହାର ସଂସାର ଛାରଖାର କରି
କାହାକୁ ଜୀବନ୍ତୁ ମାରୁଛି
ତଥାପି .... ମୋ ଦେଶ ହସୁଛି ।୨

ଛୋଟ ଦେଖୁନାହିଁ ବଡ଼ ଭାବୁନାହିଁ
ମାଁ ଭଉଣୀ ସାଙ୍ଗେ ଖେଳୁଛି
କୁକର୍ମ ବଳେ ଜୀବନ କରି ନଷ୍ଟ
ବାହାଦୁରି କେତେ ମାରୁଛି
ତଥାପି.... ମୋ ଦେଶ ହସୁଛି ।୩

ସମାଜ ରେ କେତେ ନୃଶଂସ କାମ
ଭ୍ରୁଣ ହତ୍ୟା କିଏ କରୁଛି
ଭଲ ଚାଷ ପାଇଁ ଚଷା ଭାଇ ସତେ
ଶିଶୁ ବଳି ଚଢ଼ାଉଛି ।
ତଥାପି ..... ମୋ ଦେଶ ହସୁଛି ।୪

ପାଠ ପଢ଼ିବାକୁ ଶରଧାରେ କେତେ
ଝିଅ ମୋର ସ୍କୁଲ ଯାଉଛି
ସ୍କୁଲ ରେ ଶିକ୍ଷକ ଶିକ୍ଷାଦାନ ବଦଳେ
ଆରାମ ଚେୟାର୍ ରେ ଶୋଉଛି ।
ତଥାପି.... ମୋ ଦେଶ ହସୁଛି । ।୫

ଗ୍ରାମ- ବୃନ୍ଦାବାହାଲ, ବ୍ଲକ- ଗୋଲାମୁଣ୍ଡା
ଜିଲ୍ଲା- କଳାହାଣ୍ଡି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବୋଉ



ବିଜୟ ପାଣିଗ୍ରାହୀ

ବରଷାରେ ଛତା ତୁ
ଶୀତରେ କମ୍ବଳ
ତୋ ପଣତ ଛାଇ ଦିଏ
ଗ୍ରୀଷ୍ମ ରେ ଶୀତଳ । ୧

କଥା ତୋ ଅମୃତ ବାଣୀ
ଗୀତା ଭାଗବତ
ଭାବନା ପବିତ୍ର ତୋର
ହାତ ଆଶୀର୍ବାଦ । ୨

କୋଳ ତୋ ଝୁଲଣା ମୋର
ହୃଦୟ ସାଗର
ସ୍ନେହ,ପ୍ରେମ,କରୁଣାରେ
ଭରା ତୋ ଅନ୍ତର । ୩

ପେଟ ତୋର ପୁରିଯାଏ
ମୋ ପେଟ ପୁରିଲେ
ସବୁ ଦୁଃଖ ଭୁଲିଯାଉ
ମୋ ସୁଖ ଦେଖିଲେ । ୪

କ୍ଷତରେ ମଲମ ତୁହି
ଛାତିର ସ୍ପନ୍ଦନ
ଆଖିର ପଲକ ତୁହି
ମଥାରେ ଚନ୍ଦନ । ୫

ମହିୟସୀ ଗରୀୟସୀ
ଅଟୁ ତୁ ମହାନ
ମଥା ମୋର ନଇଁଥାଏ
ସଦା ତୋ ଚରଣ । ୬

ଆଖି ମୋର ଖୋଲିଦେଲେ
ତୁ ସର୍ବ ମୟ
ତୁ ନଥିଲେ ଏ ଜୀବନ
ଅଥୟ ଅଥୟ । । ୭

ଫିରିଙ୍ଗିଆ, କନ୍ଧମାଳ, ଓଡ଼ିଶା
ଭ୍ରାମ୍ୟଭାଷ : ୭୭୫୩୨୦୦୦୫୧

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମୁଁ ନାରୀ...



ମିହିର ରଞ୍ଜନ ପାତ୍ର

ପିଲା ଦିନରୁ ହିଁ ଶିଖିନେଇଥିଲି
ଜନ୍ହଣି ସହ ସ୍ନେହ ମିଶେଇବା
ଅଳ୍ପ ବଡ଼ ହେଉ ହେଉ ଶିଖିନେଲି
ଚକିରେ ଚାଉଳ ସହ କଷ୍ଟ ସବୁ ପେଶି ନେବା
ଭାଇର ସାର୍ଟର ବୋତାମ ଲଗାଇଲାବେଳେ
ଶିଖିନେଲି ସଂପର୍କସବୁଙ୍କୁ ମରାମତି କରିବା
ବାରି ଚୁଲିରେ ଅଙ୍ଗାର ଦେଖି
ଜାଣିଥିଲି ଅପେକ୍ଷାର ମଜା ଆଉ
ଶିଖିଥିଲି ଧୈର୍ଯ୍ୟର ମହତ୍ୱ
ମାର୍ଗଶିର ଗୁରୁବାରରେ ମୁହଁ ଅନ୍ଧାରରେ
ଝୋଟି ପକାଇଲା ବେଳେ
ଶିଖିଥିଲି ଜୀବନକୁ ନିଜ ରଙ୍ଗରେ ରଙ୍ଗେଇବା
ଗ୍ରୀଷ୍ମ ଦିପହରେ ଗାଁ ବଗିଚାରେ ଆମ୍ବ ବାଛୁ ବାଛୁ
ବାଛି ନେଇ ଥିଲି ସଙ୍ଗାତ, ମକର ଆଉ ସାଙ୍ଗ ସବୁ
ମନ୍ଦିର ବେଢ଼ାରେ ମାଳ ବୁଣୁ ବୁଣୁ
ଶିଖିଥିଲି ସଂପର୍କ ସବୁକୁ ବୁଣିନେବା
ଜୋଡି ହେବା ଶିଖିଛି, ଜୋଡିବା ଶିଖିଛି
ସଜାଡ଼ିବା ଶିଖିଛି, ସଂଭାଳିବା ଶିଖିଛି
ତିଳ ତିଳ ମରି ଶିଖିନେଇଛି ମୁଁ ଜୀଇଁବାର କଳା
ଅଳ୍ପ ନିଜ ପାଇଁ
ଅନେକ ସାରା ଅନ୍ୟଙ୍କ ପାଇଁ......

Magazine Downloaded from www.aahwaan.com

# ତୁମେ ଆଉ ମୁଁ !



ପ୍ରଦୀପ ବନ୍ଧ

ଜୀବନର ପ୍ରତିଟି ମୁହୂର୍ତ୍ତ
ତୁମେ ଆସ
ମୋ ଖିଆଲି ମନରେ
ସପନର ପ୍ରତିଟି
ସକାଳ ହୁଏ
ଆଖି ମଳି
ତୁମ ଛବି ଆଙ୍କି ଦେଲା ପରେ । ।

କଥା ଥିଲା ଛାଡିବାନି ହାତ
ଝୁଣ୍ଟିଲେ
ଏ ଦୁନିଆ ହାଟରେ
ଜୀଇଁଥିବା ଯେତେଦିନ
ଚାଲୁଥିବା
ପଦାକୁ ପାଦ ମିଶାଇ
ଏମିତି ସାଥିରେ । ।

ଆଜି କିନ୍ତୁ ଏକା ଏକା
ଝୁଲି ପଡିଲ ଫଟୋ ହୋଇ
ସବୁ ଭୁଲି
କାଦୁଅ କାନ୍ଥରେ
ହେଲେ
ଏବେବି ଆଁକୁଛି
ଆପଣାପଣରେ
ତୁମ ଛବି ମେଳିଛିଆ
କାଗଜ ଛାତିରେ । ।

ପ୍ରଦୀପ ବନ୍ଧ, ଭଦ୍ରକ, ବାସୁଦେବପୁର
ଭ୍ରାମ୍ୟଭାଷ : ୮୦୭୨୭୮୩୨୨୦

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆସହେ ଗାନ୍ଧିଜୀ ଆଉଥରେ



ରୋଜା ପଣ୍ଡା

ମହାତ୍ମା ପୁରୁଷ ଗାନ୍ଧୀ ଥିଲେ ଦିନେ
ଆମରି ଜାତିର ପିତା
ଦେଉଥିଲେ ସଦା ଶାନ୍ତିର ବାରତା
ଥିଲେ ସେ ଜଗତଜିତା ।।
କୁଟି ଖାଇ,କାଟି ପିନ୍ଧିବା ପାଇଁ କି
ଦେଉଥିଲେ ପରାମର୍ଶ
ଗୋଟିଏ ଗାଲରେ ଚାପୁଡ଼ା ବାଜିଲେ
ଦେଖାନ୍ତେ ଅପର ପାର୍ଶ୍ୱ ।।
ସତ୍ୟାଗ୍ରହ କରି ଛଡାଇ ଆଣିଲେ
ଆମରି ଶାସନ ଭାର
ତିଳେ ହେଁ କାତର ନକରି ସହିଲେ
କଳାପାଣି,କାରାଗାର ।।
ଶେଷରେ ବ୍ରିଟିଶ ମୁଣ୍ଡ ନୁଆଁଇଲେ
ତାଙ୍କ ଆନ୍ଦୋଳନ ଦେଖି
ଛାଡି ପଳାଇଲେ ମୁଲକ ଆମର
ଇତିହାସ ତାର ସାକ୍ଷୀ ।।
ଆଜି ସିନା ଆମେ ଗାନ୍ଧୀ ଜୟନ୍ତୀରେ
ପାଳୁଛୁ ଗାନ୍ଧୀଙ୍କ ଜନ୍ମ
ଗାନ୍ଧୀଙ୍କ ବାରତା ମନୁ ଭୁଲି କିନ୍ତୁ
କରୁଛୁ ଅସତ୍ୟ କର୍ମ ।।

ଗାନ୍ଧୀଗିରି ଏବେ ଚଳୁନାହିଁ ଆଉ
ଅହିଂସା ଗଲାଣି ଲୁଚି
ହିଂସା,ଅହଂକାର ଉତ୍ପାତ ଚାଲିଛି
ଧର୍ମ କାନ୍ଦେ ମୁଣ୍ଡ ପିଟି ।।
ସତ୍ୟ,ଶାନ୍ତି ସବୁ ଲୁଚିଯାଇଅଛି
ଅସତ୍ୟ କୁହୁଡ଼ି ତଳେ
ପାପ ଖାଲି ପାପ ତାଣ୍ଡବ କରୁଛି
ଘରେ ଘରେ ପୁରେ ପୁରେ ।।
ଆସ ହେ ମହାତ୍ମା ଆଉଥରେ ଆସ
ସାଜି ଆମ ପୁଜ୍ୟ ପିତା
ସତ୍ୟ,ଅହିଂସାର ମନ୍ତ୍ର ବୁଣିଦିଅ
ଡାକୁଛି ଭାରତ ମାତା ।।

ପୂର୍ଣ୍ଣାନନ୍ଦ ଭବନ,ନେତାଜୀ ନଗର,ମଧୁପାଟଣା,
କଟକ-୭୫୩୦୧୦
ଦୁରଭାଷ-୯୪୩୮୧ ୭୫୯୩୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଲୋ ରେବୀ !



ଲକ୍ଷ୍ମୀପ୍ରିୟା ଓଝା

ସୂର୍ଯ୍ୟ ଉଠୁଛି, ବୁଡୁଛି,
ଜହ୍ନ ଉଇଁଛି, ଡୁବୁଛି
ନିଆଁ ଜଳୁଛି, ଲିଭୁଛି
ରୋଗ, ବନ୍ୟା, ବାତ୍ୟା
ଆସୁଛି, ଯାଉଛି ।
ନ ଜାଣେ ମୋ ଉତ୍‌ଥାନ ପାଇଁ
କେତେ ସ୍କିମ୍‌ର ଶିଳାନ୍ୟାସ
କେତେ ସଭା, ସମାରୋହ
କେତେ ଆଇନ, କାନୁନ
ଏ ଯୁଗ ଲେଖୁଛି ।

ଅନେକ ସମୟ ବାକି
ତଥାପି ମୋ ଚାରିପଟେ
ମାଳ ମାଳ ଭଅଁରଙ୍କ ଆଖି
ପ୍ରେମରେ, ଭୋକରେ, ଘୃଣାରେ
ଧୋକାରେ, କାମୁକତାରେ
ମୁଁ ଜଳୁଛି ଅହରହ
ତୋ ଠୁ ଅଧିକ ଏଠି ।

ଲୋ ରେବୀ, ଲୋ ନିଆଁ, ଲୋ ଚୁଲି
ଦେଖ ମୋତେ
ମୁଁ ଏ ଯୁଗର ରେବୀ
କଢ଼ିଟିଏ ଖାଲି,
ଫୁଲ ହେବାପାଇଁ

ବି-୪୦୧, ଦି ଆଟ୍‌ଲାଣ୍ଟିକ୍
ଏସ୍‌ଆର୍‌ପି ଗ୍ରାଉଣ୍ଡ - ୯ ନିକଟ
ମକରପୁରା ରୋଡ଼, ବରୋଦା
ଗୁଜୁରାଟ, ୩୯୦୦୧୦
ଭ୍ରାମ୍ୟଭାଷ : ୭୪୯୦୯୯୬୮୭୫
ଇମେଲ୍ : laxmipriyaojha70@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୃତ୍ୟୁ ଆସେ



ପଙ୍କଜ କୁମାର ମାହାନା

ଏକ ଅଦିନିଆ ଝଡ ପରି ଆସେ
ସବୁ ଖୁସି ସାଥିରେ ନେଇ
ଆରପାରିରୁ
ବସିଦେଖେ ।
ମୃତ୍ୟୁ ଆସେ .....
କ'ଣ ସୁଖମିଳେ ?
ଦୁଃଖର ସାଗରରେ
ସମବେଦନାର ସୁଅ ଛୁଟିଆସେ ।
ଖାଲି ମେଞ୍ଚାଏ ଲୁହ
ପଡିଏ କଥା
କ'ଣ ସବୁ ଦୁଃଖ ପୋଛିଦିଏ ?

କାହା ମୁହଁରୁ କଥାଟିଏ
ଭାସି ଆସେ
ଥିଲା ଭଲ ଲୋକଟିଏ !
ପୁଣି କିଏ କୁହେ -
ଭଲ ହେଲା ମରିଗଲା !!
ସତରେ କଣ ଆମ ସମାଜ
ତା'ର ମୃତ୍ୟୁ ପାଇଁ ଦାୟୀ ?
ନାଁ
ନିଜ ପୂର୍ବ କର୍ମର ଫଳ ??
ମୃତ୍ୟୁଆସେ .....

ବାରିପଦା,ମୟୁରଭଞ୍ଜ
ଭ୍ରାମ୍ୟଭାଷା - ୯୫୮୩୨୫୪୯୨୮

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶୁଭ୍ର ଶରତ



ହୀରାବତୀ ପାତ୍ର

ବରଷା ଶେଷରେ ଶରତ ଆସଇ
କାଶତଣ୍ଡୀ ଫୁଲ ଫୁଟେ,
ସବୁଜ କ୍ଷେତର ସବୁଜିମା ଭରା
ଆକାଶ ନିର୍ମଳ ଦିଶେ । । ୧ ।
ଭାଦ୍ରବ ଆଉ ଆଶ୍ୱିନ ଦୁଇ ମାସେ
ବିରାଜିତ ଏଇ ଋତୁ,
କୁଟା ଭାଡିତଳେ ବଣ ବୁଦା ମୂଳେ
ବେଳେବେଳେ ଫୁଟେ ଛତୁ । ।୨ ।
ଭାଦ୍ରବ ଅଟଇ ବିଲ ବାଡି ମାସ
ଚାଷ ବାସ କାମ ସରେ,
ଚଷା ଭାଇନା ଚାଷ କାମ କରି
ମନ ଆନନ୍ଦରେ ନାଚେ । । ୩ । ।
ଏଇ ମାସେ ପଡେ ବଡ ଏକାଦଶୀ
ଖୁଦୁରୁକୁଣୀ ଆଉ ରାକ୍ଷୀ,
ଭାଇ ହାତେ ଭଉଣୀ ବାନ୍ଧେ ରାକ୍ଷୀ
ଶୁଭ ମନାସିବା ପାଇଁ । । ୪ । ।

ଭାଦ୍ରବ ରବିବାରେ ଖୁଦୁରୁକୁଣୀ ଓଷା
ପୂର୍ବେ ତଅପୋଇ ପୂଜିତା,
ଜନ୍ମାଷ୍ଟମୀ ଲାଗେ ତା' ଠାରୁ ନିଆରା
ପାଳିଥାନ୍ତି ଗୋପବାଳା । । ୫ । ।
ଗଣେଶ ଚତୁର୍ଥୀ ପାଳଇ ବିଦ୍ୟାର୍ଥୀ
ନୂଆଖାଇ ଭେଟ୍ ବିଧି,
ଆମ ପରମ୍ପରା ସଂସ୍କୃତିର ଦେଖ
ରହିଅଛି ଛନ୍ଦାଛନ୍ଦି । । ୬ । ।
ଆଶ୍ୱିନ ଅଟଇ ଦେବୀଙ୍କ ମାସଟି
ପାର୍ବଣ ଯାତ ଆସଇ,
ନାଚଇ ମନ ନାଚେ ପରାଣ ଆଜି
ମଣ୍ଡପେ ମାଆଙ୍କୁ ଦେଖି । । ୭ । ।
ପାଦ ଥାପି ଥାପି କାକର କୁହୁଡ଼ି
ଆସଇ ଧରାକୁ ମାଡି,
ଲାଜ ସରମରେ ଶୁଭ୍ର ଶରତଟି
ଚାଲିଯାଏ ବାଟ ଛାଡି । । ୮ । ।

(ନଳଗଜା), ମୟୂରଭଞ୍ଜ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାଟି ମାଆ



ବିକାଶ ଚନ୍ଦ୍ର
ଧୁଙ୍ଗିଆ

ଦୁନିଆରେ ମୁହିଁ ଜନମିଲାପରେ,
ଯୋଉଠି ପଡିଲା ପାଦ ।
ସର୍ବଂସହା ସେଇ ମାଟି ମାଆ କୋଳେ,
ଜୀବନ ହୁଏ ଆରମ୍ଭ ।।

ସଂସାର ଭିତରେ କେତେ ଗଲେ ଆସି,
ପଡିତ ରହିଛି ମାଟି ।
ତାହାରି ପାଇଁ ତ ଏ ଜୀବ ଜଗତ,
ହସି ଖେଳେ ନାଚି ଗାଇ ।।

ବରଷା ରାଣୀର ଛମ ଛମ ପାଦେ,
ଯେବେ ଆସି ଚାଲିଯାଏ ।
ମାଟିର ମହକ ଚହଟେ ସଂସାରେ,
ଗେଣ୍ଡୁ ମଲ୍ଲି ଫିକା ପଡେ ।।

ଦେଶ ଦେଶ ଆଜି ଲଢେଇ ଚାଲିଛି,
ମୁଠାଏ ମାଟିର ପାଇଁ ।
ଭାଇ ଭାଇ ମଧ୍ୟେ ହାଣ କାଟ ହୁଏ,
କମିଗଲେ ଭାଗ ପୁଣି ।।

ମହାଭାରତରେ ମାନୀ ଦୁର୍ଯ୍ୟୋଧନ,
ଚାହିଁ ପାଣ୍ଡବକୁ କହି ।
ବିନା ଯୁଦ୍ଧେ ମୁହିଁ ଦେବି ନାହିଁ କେବେ,
ସୂଚ୍ୟଗ୍ରେ ମେଦିନୀ ପୁଣି ।।

ମାଟିରେ ଫସଲ ଫସଲେ ଜୀବନ,
ଚାଲୁଛି ସଂସାର ରଥ ।
ମାଟି ମାଆ କଥା କେହି ବୁଝୁନାହିଁ,
ଚାଷୀହୁଏ ଛଟପଟ ।।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମାଟି ସାଥେ ଯୋଡା ଚାଷୀର ଜୀବନ,

ସେଇଠି ହୁଅଇ ଲୀନ ।

ସରକାର ଏଠି ଦେଖି ଅଣଦେଖା,

ଚାଷୀ ରଣେ ଯାଏ ପ୍ରାଣ ।।

କେତେ କେତେ ବୀର ଆଲେକଜାଣ୍ଡାର,

ହିଟିଲର ମୁସୋଲିନୀ ।

ମାଟି ମାଆ କୋଳେ ହୋଇଛନ୍ତି ଲୀନ,

କଙ୍କାଳ ସାରଯେ ହୋଇ ।।

ବୃଥା ଅହଙ୍କାର ମନରେ ନ ଧରି,

ସଭିଏଁ ହୋଇବା ଏକ ।

ମାଟି ସଂରକ୍ଷଣ କରିବା ସଭିଏଁ,

ହାତରେ ମିଶାଇ ହାତ ।।

ବିକାଶ ଚନ୍ଦ୍ର ଧୁଙ୍ଗିଆ ।

ଶୁଳିଆପଦା,ମୟୂରଭଞ୍ଜ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପରିବେଶ ସୂରକ୍ଷା : ଅନୁଚିନ୍ତା



ପ୍ରଦ୍ୟୁତ କୁମାର
ମହାକୁଡ଼

ସୁନ୍ଦର ଧରିତ୍ରୀ ମାତାର କୋଳରେ
ହୋଇ ଆମେ ଆତଯାତ
ଅମୃତ ସମାନ ପାଣି ପବନରେ
କଳେବର ସୁରକ୍ଷିତ । ।

ଭାସ୍କର ଆଲୋକେ ଆଲୋକିତ ଆମେ
ଖଣିଜ ସମ୍ପଦେ ଧନୀ
ଚିର ସ୍ରୋତା ନଦୀ ପାହାଡ଼ ପର୍ବତ
ସାଗର ହ୍ରଦ ବନାନୀ । ।

କାହିଁକି କେଜାଣି ନିଜର କୁରାଢି
ନିଜ ବେକେ ଲଗାଉଛେ
ବିପର୍ଯ୍ୟୟ ପରେ ବିପର୍ଯ୍ୟୟ ଡାକି
ନିଜ କବର ଖୋଳୁଛେ । ।

ଫାଲଗୁନ ମାସରେ ଅଂଶୁଘାତ ହୁଏ
ବୈଶାଖରେ ହୁଏ ବଢି
ଧରମ ମାସରେ ମହାବାତ୍ୟା ହୁଏ
ଶ୍ରାବଣରେ ହୁଏ କାଢି । ।

ବିଶ୍ୱତାପନରେ ଜଳୁଛି ପୃଥିବୀ
ସବୁଜ ଘର ପ୍ରଭାବ
ଅଙ୍ଗାର କାମ୍ଳର ଆଶାତୀତ ବୃଦ୍ଧି
ଅମ୍ଳଜାନର ଅଭାବ । ।

ଆଣବିକ ବୋମା ପରୀକ୍ଷଣ ହୁଏ
ବାଲିଷ୍ଟିକ କ୍ଷେପଣାସ୍ତ୍ର
ଉଦଜାନ ବୋମା ଆହୁରି ବିପଦ
ରସାୟନ ଅସ୍ତ୍ରଶସ୍ତ୍ର । ।

କଳ କାରଖାନା ପରିବହନ ରେ
ଜଳ ବାୟୁ ପ୍ରଦୂଷଣ
ଓଜୋନ ରନ୍ଧ୍ରକୁ ବାଇଗଣୀ ରଶ୍ମି
ଦେବେ ଅନେକ କଷଣ । ।

ଏ ମହା ବିପଦୁ ପରିତ୍ରାଣ ପାଇଁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆମେ ପ୍ରୟାସ କରିବା

ନୂତନ ଜଙ୍ଗଲ ସୃଷ୍ଟି କରିବାକୁ

ଅଙ୍ଗୀକାର ବଦ୍ଧ ହେବା ।।

ପ୍ରତି ଜଣକରେ ଗୋଟିଏ ଦୁଇ ଟି

ଗଛ ପ୍ରତି ବରଷ ରେ

ଯତ୍ନ କରି ତାକୁ ରଖିଲେ ସାଇତି

ଅରଣ୍ୟ ହୋଇବ ଧୀରେ ।।

ସବୁଜ ସୁନ୍ଦର ଗହନ କାନନ

ଚିତ୍ତ ବିନୋଦନ ହେବ

ମାନବ ସମାଜ ଚିରଞ୍ଜିବୀ ହୋଇ

ବିପଦ ଆପେ ହଟିବ ।।

ଚାଲ ସର୍ବେ ମିଶି ଆନନ୍ଦରେ ହସି

ହାତକୁ ମିଳାଇ ହାତ

ସବୁଜିମା ଧରା ନିର୍ମାଣ କରିବା

ପ୍ରାର୍ଥନା କରେ ପ୍ରଦ୍ୟୁତ ।।

ବିଜ୍ଞାନ ଶିକ୍ଷକ, ପଞ୍ଚାୟତ ଉଚ୍ଚବିଦ୍ୟାଳୟ

ଇଛାବତୀପୁର, ଢେଙ୍କାନାଳ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବାପା



ଶୁଭ ପଧାନ

ମୋତେ ପଚିଶ ଫଗୁଣ ଛୁଇଁବା ଓ ମୁଁ
ଦୌଡ଼ ପ୍ରତିଯୋଗିତାରେ ଭାଗନେବା
ବିଷୟରେ
ତୁମେ ଶେଷ ପର୍ଯ୍ୟନ୍ତ ଅଗୋଚର ଥିଲ
ତେଣୁ ତୁମ କାଉକାଉ ଡାଉ ଡାଉ
ଓମ୍ ଡିଡି ମାମ୍‌ମାମ୍ ବଜାୟ ରଖିଥିଲ ।
କେହି ଜାଣିନାହାନ୍ତି ଯେ
ତୁମ ନିରାପଦ କାନ୍ଧରେ ବସି ମୁଁ ଅନେକଥର
ଜହ୍ନମାମୁଁ ଘରକୁ ଯାଇଛି
ଓ ତାରାମାନଙ୍କୁ ଚିମୁଟି ଆମ୍ପୁଡ଼ି
ତୁମ ଆଢୁଆଳରେ ଲୁଚିଛି ।
ମୋ ଚାରିପଟେ ବେଢ଼ି ରହିଥିବା
ଏଇ ନାହିଁ ନଥିବା ଶୂନ୍ୟତା ଦୂରିବାକୁ
କେବଳ ତୁମର ହିଁ କ୍ଷମତା ଥିଲା
ତୁମ ତର୍ଜନୀ ଅଙ୍ଗୁଳି ଅଗରେ
ଅଭେଦ୍ୟ ଦୁର୍ଗର ନିରାପତ୍ତା ଥିଲା ।
ଅବଶୋଷର ବୋଝରେ ମୁଁ ସଂକୁଚିତ
ହେଉଛି
ଆଗାମୀ ଜନ୍ମର ଆଶା ଅଂକୁରିତ ହେଉଛି
ତୁମ ପ୍ରତିରୂପ ସାଜିବି ପୁଣି,
ଇତି, ତୁମଠାରେ ଚିର ଋଣୀ ।

ଇଂରାଜୀ ଶିକ୍ଷକ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଗାଇସିଲେଟ
୭୭୫୨୦୯୦୮୪୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କୃପାଶିଷ ଦିଅଗୋ ଝରାଇ



ଜୟଶ୍ରୀ ମହାରଣା

ସବୁଜିମା ରଙ୍ଗ ଢାଳି ମଉସୁମୀ ରାଣୀ
ବିଦାୟ ନେଇଛି ଧରା ହୃଦୟକୁ ଜିଣି ।
ନାହିଁ ଆଉ ଜଳକଷ୍ଟ ନାହିଁ ହାହାକାର
ଧାନକ୍ଷେତ ସ୍ୱପ୍ନ ବୁଣେ ଆଶା ଭରସାର ।
ଶରତର ଆଗମନେ ନିର୍ମଳ ଗଗନ
ଶଶାଙ୍କ କରୁଛି ତୋଫା ରଶ୍ମି ବିକିରଣ ।
ସରୋବରେ ନୀଳକଇଁ ପ୍ରସ୍ଫୁଟିତ ହୋଇ
ଧରିତ୍ରୀର ସୁଷମାକୁ ବଢ଼ାଉଛି ସେହି ।
ଗହୀର ପାଟରେ ଶୁଭ୍ର କାଶତଣ୍ଡି ଫୁଟି
ଦୋଳି ଖେଳୁଅଛି ସତେ ପବନରେ ଲୋଟି ।

ଶ୍ୟାମଳି ମହୀର ଦେହେ ପୁଷ୍ପର ସମ୍ଭାର
ଅପରୂପ ଶୋଭା ଦେଖି ସକଳେ ବିଭୋର ।
ଦୁଃଖକଷ୍ଟ ଚିହ୍ନ ସବୁ ଲିଭାଇ ମନରୁ
ପାର୍ବଣର ହସଖୁସି ଝଲସେ ମୁଖରୁ ।
ଦଶଭୂଜା କାତ୍ୟାୟିନୀ ଦୁର୍ଗତି ନାଶିନୀ
ଉଭା ହେବେ ଧରାଧାମେ ମହିଷ ମର୍ଦ୍ଦିନୀ ।
ଆଲୋକ ମାଳାରେ ସଜାହୋଇ ପୁରପଲ୍ଲୀ
ଆୟୋଜନେ ମଜ୍ଜିଛନ୍ତି ସର୍ବେ ମାନଖୋଲି ।
ଆନନ୍ଦ ମନରେ ସର୍ବେ ହୋଇ ଏକ ମନ
ଆଡ଼ମ୍ବରେ ମାଆଙ୍କର କରୁ ଆବାହନ ।
ସଂସାରରୁ ପାପତାପ ବିନାଶିବା ପାଇଁ
ମାଆ ତୁମ କୃପାଶିଷ ଦିଅ ଗୋ ଝରାଇ ।

ବାଣପୁର, ଖୋର୍ଦ୍ଧା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାଁ ମଙ୍ଗଳା



ଦୀପା ମହାନ୍ତି

କେଉଁ ଶବ୍ଦ ନେଇ ଲେଖିବି ଲୋ ମା
ଶବ୍ଦ ଜମା ପାଉନାହିଁ,
ଲେଖୁଲେଖୁ ତୁମ ନାମ ଯେ ଅନେକ
ସ୍ମରଣରେ ଆସୁଥାଇ ।।

କାକଟପୁରେ ମା ମଙ୍ଗଳା ସାଜିତୁ
ଭକତ ଆପଣା କଲୁ,
ଘଟଗାଁରେ ମା ତାରିଣୀ ନାମରେ
ଭକତ ମନ ମୋହିଲୁ ।।

ଫୁଲ ଭିତରେ ମା ବାଛିନେଲୁ ପୁଣି
ମନ୍ଦାର ଫୁଲକୁ ସାର,
ନାଲିନାଲି ପୁଣି ଦେଖାଯାଉଥାଏ
ମୋହିନିଏ ମନ ତୋର ।।

ଭୁବନେଶ୍ୱରରେ ଗୌରୀ ସାଜିତୁ
ସ୍ୱୟଂ ବିଜମାନ ହେଲୁ,
ସମ୍ବଲପୁରରେ ସମଲେଇ ସାଜି
ସ୍ୱୟଂ ବିମୋହିତ କଲୁ ।।

ପଣାପାଣିରେ ମା ଆଗ୍ରହ କରିଛୁ
ଭକତ ଜାଣିଲେ ମନ,
କଳିଯୁଗେ ମହାକାଳୀକା ସାଜିତୁ
କରିଲୁ ଦୁଷ୍ଟ ଦମନ ।।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅସ୍ତରାଗ



ସୂର୍ଯ୍ୟକାନ୍ତ ବେହେରା

କ'ଣ ଖୋଜୁଛି
ନିଜେ ହିଁ ଜାଣିନି
ପଳାଶ ଫୁଲର ବାସ୍ନା ନା ଡିମିରି ଫୁଲ
ସୂର୍ଯ୍ୟୋଦୟ ନା ସୂର୍ଯ୍ୟାସ୍ତ
ବିଦ୍ୟାଳୟ ନା ବେଶ୍ୟାଳୟ
ମନ୍ଦିର ନା ପଥର ମୂର୍ତ୍ତି
ଦେବତା ନା ଭୂତ ପିଶାଚ
କେହି ଦେଖାହେଲେ ପଚାରିଲେ
ମଉଳା ମୁହଁ ଛଡ଼ା କିଛି ନଥାଏ
ନା କାନ୍ଦି ହେଉଥାଏ କି ହସି ହେଉଥାଏ
ନା ମୁଁ ସୁଖୀ ନ ଥାଏ ।

ପ୍ରେମ ନଥିଲା, ଠି ଥିଲା, କାହିଁକି ନା
ଅପ୍ରେମ ଭିତରେ ବଞ୍ଚିବା ସାଙ୍ଗେ ସାଲିସ୍
କରିଦେଇଥିଲି
କିନ୍ତୁ ଏବେ ଅପ୍ରେମଟା ହାତ ଛଡ଼ା ହେଉଛି ।
ଭାରି ଅସହ୍ୟ ସେ ମୁହୂର୍ତ୍ତଗୁଡ଼ା
ଯେଉଁଠି ତୁମେ ଏକୁଟିଆ ଖରାରେ ଶିଝୁଥାଅ
ପାଣିଟୋପେ ଦେବାକୁ କି ଆହାପଦେ
କହିବାକୁ କେହିନଥାଏ ।

ଅସମାପ୍ତ କେତୋଟି କବିତା
କିଛି ଅଡୁଆ ସମ୍ପର୍କର ଖିଅ
ଗୀତର ରାଗ ମନେ ପକେଇ ଦିଏନି
ବେସୁରା ହୁଏ, ଆତ୍ମଶ୍ଲାଘାରେ ନୀରବି ଯାଏ ।

ବଉଳଫୁଲ ଝଡ଼ିଯାଏ
ସଁବାଳୁଆ ସାଲୁ ବାଲୁ କଦମ୍ବ ଗଛରେ କି
ମୋ ମନ ଭିତରେ କେଜାଣି;
କେବେ ସେ ସବୁ ରଙ୍ଗୀନ ପ୍ରଜାପତି

Magazine Downloaded from www.aahwaan.com

ପାଲଟିବେ

ମୋ ହୃଦୟ ଗୁମ୍ପାକୁ ହାଲୁକା କରି

ଅନ୍ଧକାରରୁ ଆଲୁଅ ଆଡ଼କୁ ହାତଠାରି ନେବେ

ବୋଧହୁଏ ସେଦିନ ମୁଁ ଯାହା ଖୋଜୁଛି

ପାଇଯିବି ।

ଦେଉଳି ଗ୍ରାମେଶ୍ୱର, ଜଗତସିଂହପୁର

ଭ୍ରାମ୍ୟଭାଷ : ୮୧୦୧୨୧୦୯୮୧

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଏମିତି କାହିଁକି ହୁଏ !



କାହ୍ନୁଚରଣ ସାହୁ

ରାତିପରେ ରାତି ଚେଇଁ
ଭଲପାଉଥିବା ମଣିଷକୁ
ଅନେକ ସାରା ପ୍ରେମ କରିବାପରେ
ଇନ୍ଦ୍ରଧନୁର ସାତ ରଙ୍ଗପରି
ସ୍ୱପ୍ନ ଦେଖିବାପରେ
ଭୁଲିହୁଏନି ଗୋଟେ ସେକେଣ୍ଡ ପାଇଁ
ସେତେବେଳେ ଦୂରେଇ ଯାଏ ସିଏ... ।

ଖୁବ୍ କଷ୍ଟ ହୁଏ...
କଷ୍ଟ ହେଲେ ବି ତୁନି ରହିବାକୁ ହୁଏ
ଅନୁଭବ କରି ପାରୁନଥିବା ମଣିଷକୁ
ଭଲପାଇ ନିଜର କଳାପରେ... ।

କେଜାଣି ଏମିତି କାହିଁକି ହୁଏ
ଯିଏ ଯାହାକୁ ଭଲ ପାଉଥାଏ
ତା'କଥା ନିରନ୍ତର ଭାବୁଥାଏ
ହେଲେ ସିଏ ପାରେନା ବୁଝି
ଭଲପାଉଥିବା ମଣିଷର
ଅଛି ହୃଦୟଟିଏ...
ସିଏ ସହଜରେ ଭୁଲେଇ ଦିଏ
କେଜାଣି କାହିଁକି ଏମିତି ହୁଏ... ! !

ପ୍ରତିଷ୍ଠାତା-ସମ୍ପାଦକ, ସୃଷ୍ଟି-ସମ୍ଭାର
ପଣ୍ଡକାମାଳ, ମ.ରାମପୁର, କଳାହାଣ୍ଡି
ଭ୍ରାମ୍ୟଭାଷ : ୮୨୪୯୫୨୦୮୮୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅଭିମାନ



ଶିବଶଙ୍କର ସାହୁ

ଆଜି ବୁଝୁଛି,
ସେସବୁ ମାୟା ଥିଲା
ଦେହ ଓ ଦାୟରେ କଟେଇଥିବା
ସେ ସବୁ କାଳ
ଯେମିତି ସାହୁକାର କ୍ଷେତରେ
ଫସଲ ଉତାରୁଥିବା ମୂଲିଆ ।

ବୁଝିବାରେ ଡେରି ହେଲା
କେହି କାହାକୁ ଖୋଜନ୍ତିନି
ଖାଲି ଗୋଟେ ବାହାନା, ନିରନ୍ତର
ଗୋଟେ ଖେଳ ଚାଲିଥାଏ
ଆତ୍ମ ପ୍ରବଞ୍ଚନାରେ !

ନିଜ ଭିତରେ ନିଜକୁ ଜାଳୁଥିବା ଜୀବନ
ନା ଅଛି ଆରମ୍ଭ
ନା ଅଛି ଶେଷ,
ବୁଝିବା ବେଳକୁ ଆକାଶରୁ ଲିଭିଯାଏ
ଇନ୍ଦ୍ରଧନୁ
ଶୋଷ - ମନ ଓ ଦେହରୁ
ଆଉ ଯାହା ରହିଯାଏ
ଅଭିମାନର ବଳକା ଆୟୁଷ !

ସହକାରୀ ଯନ୍ତ୍ରୀ (ରେଳପଥ)
ପ୍ରଧାନ ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟ
ନର୍ଥ ବ୍ଲକ୍, ରେଳ ସଦନ
ପୂର୍ବତଟ ରେଳବାଇ, ଭୁବନେଶ୍ବର - ୧
ଭ୍ରାମ୍ୟଭାଷ : ୯୪୩୭୬୫୮୪୫୮୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାଁ ମହିଷାମର୍ଦ୍ଦିନୀ



ପ୍ରଦୀପ କୁମାର ପଧାନ

ଜୟ ମାତ ସିଂହବାହିନୀ ମାଁ ମହିଷାମର୍ଦ୍ଦିନୀ
କେତେ ସ୍ଥାନେ ପୂଜାପାଉଛୁ ନାମ ସହସ୍ର ଘେନି ।
କଙ୍କାଳୀ କାଳୀ ତୁ କରାଳୀ ଅଟୁ ବ୍ୟାଘ୍ର ବାହିନୀ
ବିରଜା ଭବାନୀ ଡୋକରୀ ମାଗୋ ଗୋଜବାୟାଣୀ ।
ନାମ ଭଗବତୀ ବିରଜା ମାଗୋ ମାଣିକେଶ୍ୱରୀ
ଚର୍ଚ୍ଚିକା ମଙ୍ଗଳା ଚଣ୍ଡୀ ତୁ ଅଟୁ ସମଲେଶ୍ୱରୀ ।
ସହସ୍ରନାମ ଯେ ତୋହର ଅଟୁ ସହସ୍ରଭୁଜା
ହେଲେ ତୁ ଜଗତମାତା ଗୋ ତତେ କରୁଛି ପୂଜା ।
ଆଶ୍ୱୀନ ମାସରେ ଆସୁ ମା ହୋଇ ସିଂହବାହିନୀ
ଦଶଭୁଜା ବୋଲି ଜାଣିଛି ସାରା ଜଗତ ପୁଣି ।
ମେଢ଼ପରେ ବସିଥାଇ ମା ତୁହି ପାଉଛୁ ପୂଜା
କିପରି ପୂଜିବି ଜାଣିନି ତତେ ମା ଦଶଭୁଜା ।
ମନ୍ତ୍ରପାଠ ସବୁ ଅଜଣା ମୁଁ ଯେ ଅଟେ ଅଜ୍ଞାନ
ହେଲେ ଭକ୍ତିଭାବେ ଡାକୁଛି ଘେନ ମୋର ପ୍ରଣାମ ।
ତିନିପୁରବାସୀ ବିକଳ ମାଗୋ ସହି ନପାରି
ଦଶଭୁଜା ହୋଇ ଧରାକୁ ଆସିଲ ଅବତରି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଧର୍ମ ସନ୍ଥଜନ ପାଳନ ପାଇଁ ମହୀରେ ବାସ

ତେଣୁ ମହିଷାସୁର ଦୈତ୍ୟ କଲୁ ତୁହି ବିନାଶ ।

କୋଟି କୋଟି ତତେ ପ୍ରଣାମ ତୋର ପାଦ ଯୁଗଳେ

କରୁଛି ତତେ ଆରାଧନା ରଖିଥିବୁ ମଙ୍ଗଳେ ।

କଛାରଡେଙ୍ଗେନ, ମ.ରାମପୁର, କଳାହାଣ୍ଡି

ଭ୍ରାମ୍ୟଭାଷ : ୭୬୫୩୯୦୪୭୫୭

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆତ୍ମା ପରମାତ୍ମା



ଅକ୍ଷୟ କୁମାର
ବେହେରା

ପଞ୍ଚଭୂତେ ଗଢ଼ା ଆମ ଏ ଶରୀର
ପିତାମାତା ବରଦାନ
ବାୟୁ, ଜଳ, ଅଗ୍ନି, ଆକାଶ, ପୃଥିବୀ
ଅଟେ ଏଇ ଉପାଦାନ ।୧
ପ୍ରକୃତି ପୁରୁଷ ମିଳନ ଫଳରେ
ସୃଷ୍ଟି ଏ ସାରା ସଂସାର
ମାତାଙ୍କ ରଜରେ ପିତାଙ୍କର ବ୍ରହ୍ମ
ମିଶ୍ରଣେ ଗଢ଼ା ଶରୀର ।୨
ମାତୃଗର୍ଭ ମଧ୍ୟେ ଧିରେ ଧିରେ ହୋଇ
ବଢ଼ଇ ଶିଶୁର ତନୁ
ଆତ୍ମାର ସଂଯୋଗ ପରଠୁ ହୃଦୟେ
ପ୍ରଭୁଙ୍କୁ ଭଜେ ସେ ଦିନୁ ।୩
ରକ୍ଷାକର ନାଥ ଏ ନର୍କ କୁଣ୍ଡରୁ
ତୁମଠି ଗଲି ଶରଣ
ନାମ ରସାମୃତ ପାନ କରୁଥିବି
ଯେତେଦିନ ଥିବ ପ୍ରାଣ ।୪
ଜନ୍ମ ହୋଇ ଶିଶୁ ପଡ଼ିଲେ ଧରାରେ
ସଂସାର ଦେଖି ଚକିତ
ମାୟା ବନ୍ଧନରେ ବାନ୍ଧି ହୋଇ ସିଏ
ହରାଏ ଭକ୍ତିର ଚିତ୍ତ ।୫
ପ୍ରଭୁଙ୍କର ସତ୍ତା କେଉଁଠି ନ ପାଇ
କାନ୍ଦି ଉଠେ କୁଆଁ କୁଆଁ
କିପରି ପାଇବ ବିଷ୍ଣୁଚକ୍ରଧର
ବିଚିତ୍ର ଅଟେ ଦୁନିଆ ।୬
ଷଡ଼ରିପୁ ପଞ୍ଚ ଇନ୍ଦ୍ରିୟ ଆୟତେ
ଯିଏ ଚାଲେ ସଦା ବାଟ
ଚଲାପଥେ ତାର ଫୁଲ ଫୁଟୁଥାଏ
ନ ଆସେ କେବେ ସଂକଟ ।୭
ସଦବୁଦ୍ଧି ଜ୍ଞାନରେ ଈଶ୍ୱର ଠାରେ
ଯେ ରଖେ ଭକ୍ତିର ଭାବ
ମନୁଷ୍ୟ ଜନମୁ ମୁକ୍ତିପାଇ ଆତ୍ମା
ବ୍ରହ୍ମ ଲୋକେ ମିଶିଯିବ ।୮

କେନ୍ଦୁଡିଆ, ବଡ଼ସାହି, ମୟୂରଭଞ୍ଜ
ଭ୍ରାମ୍ୟଭାଷ : ୯୩୪୮୮୧୯୯୧୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅନାଥ ଆଶ୍ରମ



ସନାତନ ମହାକୁଡ଼

ମୂଳ ରଚନା(ବଙ୍ଗଳା) : ମାନସ କୁମାର ଚିନି
ଓଡ଼ିଆ ଭାଷାନ୍ତର : ସନାତନ ମହାକୁଡ଼

ବାଳକଟି ଜାଣେନା ତା ବାପାମା କେଉଁଠି ।
ଗଛର ଲତାପରି ସେ
ପିଲାଙ୍କ ସାଥେ ବଢ଼ି ଉଠିଛି,
ବନ୍ଦଘରୁ କେବେ
ସେ ଝରକା ଦିଗେ ଚାହିଁରହେ
ଦେଖେ ଖେଳସାରି
ଘରକୁ ଫେରୁଥିବା ପିଲାମାନେ
ବାଳକଟି ଜାଣେନା ତା'ର ଘର କେଉଁଠି
ମାତ୍ର ଅନ୍ଧ ହୋଇ ସେ କାନ୍ଦେ
ମା'ର ଡାକେ ଘରେ ଫେରିବ କେବେ ?

ଗ୍ରା/ପୋ : ବେରୁଆଁବାରୀ, ୭୫୨୦୮୨
ନୟାଗଡ଼ ଜିଲ୍ଲା, ଓଡ଼ିଶା
ଭ୍ରାମ୍ୟଭାଷ : ୦୯୩୩୯୭୧୦୧୬୮
ଇମେଲ୍ : sanmahakud@gmail.com
ୱେବ୍‌ସାଇଟ୍ : www.sanatanamahakud.in

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କବି



ବିଭୁପ୍ରସାଦ ସାହୁ

କେଉଁଠୁ ତୁ ସୃଷ୍ଟି କିଏ ତୋର ସ୍ରଷ୍ଟା
କହିଦେ ତୁ ଥରେ ମୋତେ,
କାହାକୁ କେଉଁଠୁ ସାଉଁଟି ଆଣୁଛୁ
ପୁନଶ୍ଚ ଯୋଡୁଛୁ ତୁ କେତେ ।

ଛାୟାକାଶ ଜହ୍ନପାଶେ ତୁହି କରୁ
କଇଁକୁ ଗାଢ଼ପ୍ରେମେ ପ୍ରେରିତ,
ମୟୁରୀ ମନ ଇଲାକାରେ ସଞ୍ଚାରୁ
ବର୍ଷାପାଇଁ ହୃଦପ୍ରେମ ଗୀତ ।

ମାନବିକତାର ଉର୍ଦ୍ଧ୍ୱରେ ଜୀବନ୍ତ
ପ୍ରତିଭା ସମ୍ପନ୍ନ ତୋ ବ୍ୟକ୍ତିତ୍ୱ,
କଲମ ମୂନ ତୋ ସଶକ୍ତ ସଶସ୍ତ୍ର
ତର୍କଯୁଦ୍ଧେ ନିଭାଉ ଦାୟିତ୍ୱ ।

ସତ୍ୟତା ପ୍ରକାଶ ପୁଣି ଆନ୍ଦୋଳନ
ସବୁରି ପାଇଁ ତୋ ପ୍ରୋତ୍ସାହନ,
ଭାରାକ୍ରାନ୍ତ ମନେ ସୁଶୀତଳ ସ୍ପୃହା
ସହୃଦୟେ କରୁ ପ୍ରସାରଣ ।

ଏତେ ଦାୟିତ୍ୱର ଠୁଳ ଗୋଛା ପଛେ
ଲୁପ୍ତ ତୋର ପ୍ରୀତି ପ୍ରତିଛବି
ସୂଚନା ଦିଏ ତୁ ନିଷ୍ଠେ ଗୋଟେ
ଦୁଷ୍କର୍ମ ବିଦ୍ରୋହୀ ବ୍ୟକ୍ତି କବି ।

ସାହାସପୁର, କଟକ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗଣେଶ ବନ୍ଦନା



ଶଶିଭୂଷଣ ଗୌଡ଼

ଜୟ ଗଣନାଥ ଗଜପତି ହେ

ଘେନ ଘେନ ଆମ୍ଭର ବିନତୀ ହେ ।

ଆମେ ଅବୋଧ ବାଳକ ଶିଶୁ ହେ

କିସ ଜାଣିବୁ ତୁମ୍ଭ ଭକତି ହେ ।

ତୁମେ ହସ୍ତେ ଧରି ଅଛ ଲିଖନୀ

ସଦାସର୍ବଦା ଲେଖି ହେଲ ଜ୍ଞାନୀ ।

ବିଦ୍ୟା ମାଗୁଛୁ ତୁମ୍ଭକୁ କିଛି ହେ

ନ ମାଗିଲେ ମାଗିବୁ କାହାକୁ ହେ ।

ଆମ୍ଭମାନଙ୍କ ଗୁହାରି ଶୁଣିବ

ଏଇ ମହୀତଳେ ଯଶ ରଖିବ ।

ଗଣପତି ଚରଣେ ମୋ ମଥା ହେ

କଣ୍ଠ ସୁତ କରେ ବିନତୀ ହେ ।

ଜୟ ଗଣନାଥ ଗଣପତି ହେ

ଘେନ ଘେନ ଆମ୍ଭର ବିନତୀ ହେ ।

ଏଲ୍ଆଇଜି - ୧୯, ଫେଜ୍ - ୩
ଡୁମୁଡୁମା ହାଉସିଂ ବୋର୍ଡ଼ କଲୋନୀ
ଭୁବନେଶ୍ୱର - ୭୫୧୦୧୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସଂପର୍କର ଶେଷ ଖିଅ



ଯଶୋବନ୍ତ
ପଟ୍ଟନାୟକ

ମୁଁ ଜାଣେନା...
ତୁମେ ମୋ ଭିତରେ ସଂପର୍କଟା କେବେଠୁ;
ତୁମେ ମୋର ସ୍ରଷ୍ଟା ଏତିକି ଜାଣିଛି ।
ତୁମକୁ ମୁଁ ଚିହ୍ନିଲି ଯେବେଠୁ,
ତୁମ ମୋ ସଂପର୍କଟା ପ୍ରାୟତଃ ସେବେଠୁ
କେବେ କେଉଁ ରୂପରେ ତୁମେ
ମୋ ଚିନ୍ତନେ ଆସ
ମୋ ହୃଦୟେ ବସ
ମୁଁ ତୁମକୁ ଡାକିବା ଦିନଠୁ । ୧

ମୁଁ ଜାଣେନା...
ତୁମେ ମୋତେ କେତେ ଭଲପାଅ;
ତୁମକୁ ମୁଁ ଖୁବ୍ ଭଲପାଏ ଏତିକି ଜାଣିଛି ।
ବେଳେ ବେଳେ କାହିଁ ହଜିଯାଅ
ଆଖି ଲୁହେ ବ୍ୟଥିତ ଆତ୍ମାକୁ ଭିଜାଅ
କେବେ କେଉଁ ନିଦ୍ରାରେ ତୁମେ
ମୋ ସ୍ୱପ୍ନରେ ଆସ
ମୋ ନିକଟେ ବସ
ହାତଧରି ପାଶେ ତୋଳିନିଅ । ୨

ମୁଁ ଜାଣେନା...
ଆଉ କେତେ ଜୀଇଁବି ମୁଁ ପାର୍ଥିବ ଜୀବନ;
ସଂପର୍କର ଶେଷଖିଅ ତୁମେ ଏତିକି ଜାଣିଛି ।
ସେଥିପାଇଁ ରହିଛି ମଉନ
କର୍ମର ବଗିଚାରେ କଟିଯାଏ ଦିନ
ଆହେ ପରଂବ୍ରହ୍ମ ତୁମେ
ଅବତରି ଆସ
ଧରି ମୁକ୍ତଫାଶ
ଦେଇ ତବ ଦିବ୍ୟଦର୍ଶନ । ୩

ଓଡ଼ଗାଁ, ଗାନ୍ଧୀନଗର, ନୟାଗଡ଼, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କାଳିଆ ଗୁଡ଼ିଆ



ପଣ୍ଡିତ ରଞ୍ଜନ ଦାଶ

ନୀଳ ପାହାଡ଼ିଆ ଦରିଆ କୂଳିଆ
କାଳିଆ ଗୁଡ଼ିଆ ଡାକୁଛି ।
ଅବଢ଼ା କୁଡୁଆ ବାଢ଼ିକି ବଢ଼ିଆ
ଆନନ୍ଦ ବଜାରେ ବିକୁଛି ।
ସେ ତ ଆନନ୍ଦ ବଜାରେ ବିକୁଛି । [ଘୋଷା]
ତା ଅନ୍ନବ୍ୟଞ୍ଜନ କଲେ ଆହରଣ
ତାହାରି ଭୋଜନ ତାକୁ ଅରପଣ ।
ଗଜା ଖଜା ମଜା ପାଇ ମନ ରଜା
କାଳିଆ ସୁଆଦ ଚାଖୁଛି । ୧

ପାଉଥାରେ ଧନ ତୁଳସୀର ଜଳ ।
ଗାଉଥାରେ ମନ ଜଗା ଆଉ ବଳ ।
ପିଉଥାରେ ଟାଙ୍କି ଟଙ୍କ ତୋରାଣୀକି
ପେଟ ପାଟି ଯାହା ଟାକିଛି । ୨

ଭାତରୁ ଚାଉଳ କରିଛି ଗୁଡ଼ିଆ
ମୋକ୍ଷପ୍ରଦାୟକ ନିର୍ମାଲ୍ୟ ପୁଡ଼ିଆ
କାଳିଆ ପସରା ସଂସାର ପାଶୋରା
ରଞ୍ଜନ ପଣ୍ଡିତ ଲେଖୁଛି । ୩

ପଣ୍ଡାଳମ୍, ରାଞ୍ଚୀ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନିର୍ବାଚନ



ବିଦ୍ୟୁତଲତା ମିଶ୍ର

ଘାଇଁ ଘାଇଁ ଚାଲେ ଗାଡି ମଟର
ଚାରିଆଡେ ହୋର୍ଡିଂଗ ପୋଷ୍ଟର,
କିଏ ଏଠି ସାତ କିଏ ସତର
କିଏ ଅବା ଚୋର କେ ଚୌକିଦାର ।

କିଏ କହେ ଦେବୁ ଛତା ଓ ଜୋତା
କିଏ କହେ ଦେବୁ ମାସିକ ଭତ୍ତା,
କିଏ କହେ ହେବ ସବୁ ଚୀଜ ଶସ୍ତା
କେ କହେ କରିବୁ ସବୁଠି ରାସ୍ତା ।

କାଲି ଥିଲା ଯିଏ ଗୁଡଠୁ ମିଠା
ଆଜି ଲାଗେ ସିଏ ନିମ୍ବ ଠୁ ପିତା,
ପାଇବାକୁ ଏଠି ଆସନ ସତ୍ତା
ଲଢେଇ କରନ୍ତି ପୁତ୍ର ଓ ପିତା ।

ଉପରେ ଗାଳିକୁ ଭିତରେ ମେଳି
ଜନତା ହୁଅନ୍ତି ଖାଲି ବାଉଳି,
ନେତାଙ୍କର ରଙ୍ଗ ଭଳି କି ଭଳି
ଦେଖୁଥା ବାବୁରେ ଟିକେ ସମ୍ଭାଳି ।

ଆତସ ବାଜିରେ ଫାଟୁଛି କାନ
ନେତା ଙ୍କର ଏଠି ମନ ଉଚ୍ଛନ୍ନ
ନୋଟ ଦେଇ ଭୋଟ କିଣିବେ ବାବୁରେ
ଦିନରେ ଦେଖାଇ ଆକାଶେ ଜହ୍ନ ।

ନେତା ଅଭିନେତା ସଭିଏଁ ମିଶି
ଶହେ ଶହେ ଖେଳ କରନ୍ତି ବସି,
ଚକ ଘୁଞ୍ଚି ଗଲେ ପାଞ୍ଚ ବର୍ଷ ବାବୁ
ଜିତିଗଲେ ଦେବେ କୋଣକୁ ଠେସି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିରକ୍ଷର ଅବା ହେଉ ସାକ୍ଷର
ବାଜିଗଲେ ମୁଣ୍ଡେ ନେତା ମୋହର,
ଜନତା ନାଁରେ ହୋଇ ଲହର ଫର
ଦେବେ କଥା ଯାହା ପାଣି ର ଗାର ।

ମାରିଦେବେ ନେତା ଛକା ଚଉକା
କାବୁ କରିବେରେ ଦେଖି ମଉକା,
କାଗଜ କଲମେ ପ୍ରଗତି କରିବେ
ଚାହିଁ ରହିଥିବୁ ହୋଇ ଜଳକା ।

ଶିକ୍ଷିତ ଚିହ୍ନିବେ ନେତାଙ୍କୁ ଯେବେ
ଦଳ ଓ ବ୍ୟକ୍ତିକୁ ପରଖୁ ଥିବେ,
ଟଙ୍କା ଲୋଭ ଛାଡି ଦେଶ ଲୋଭ କରି
ସଠିକ ଲୋକ ଦେଖି ଭୋଟ ଦେବେ ।

ରାଜତନ୍ତ୍ର ନୁହେଁ ଏ ଗଣତନ୍ତ୍ର
ପରିବର୍ତ୍ତନ ତା ଯ୍ୱା ମୂଳମନ୍ତ୍ର,
ନେତା ଓ ଜନତା ଜାଗ୍ରତ ହୋଇଲେ
ରାମରାଜ୍ୟ ହେବ ଆମରି ରାଷ୍ଟ୍ର ।

ବିଦ୍ୟୁତଲତା ମିଶ୍ର
ବ୍ରହ୍ମପୁର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବନ୍ଧୁ



ହରେରାମ ପଣ୍ଡା

ବନ୍ଧୁ ବୋଲି ଆଉ କାହାକୁ ଡାକିବି
ଥାଉ ଥାଉ ଜଗବନ୍ଧୁ,
ଭକତି ଡୋରରେ ବନ୍ଧା ଯେଉଁ ବନ୍ଧୁ -
ସେ ପରା କରୁଣାସିନ୍ଧୁ !
ମନଖୋଲି ମନକଥାଟି କହିଲେ -
କାନଡେରି ଯିଏ ଶୁଣେ,
ସୁଖରେ, ଦୁଃଖରେ, ହସରେ, କାନ୍ଦରେ,
ସାଥେଥାଏ ପ୍ରତିକ୍ଷଣେ ॥
ପେଟଭୋକ କଥା କହିବା ଆଗରୁ -
ଅନ୍ନଥାଳି ଆଣିଦିଏ ,
ରୋଗ କି କଷଣ ଆସିଲେ ଜୀବନେ -
କ୍ଷଣିକେ ଦୂରେଇ ଦିଏ ॥

ଆଖି ମିଶିଗଲେ ତା ଚକାଆଖିରେ -
ଝରିପଡ଼େ ଲୁହଧାର ,
ଶୟନେ , ସ୍ୱପନେ ଅବା ଜାଗରଣେ -
ଦିଶଇ ଶ୍ରୀମୁଖ ତାର ॥
ବନ୍ଧୁ ଅଧିକାରେ କିଛି ମାଗିନାହିଁ
କେବେ ବି ହାତପତେଇ ,
ଭାବଗ୍ରାହୀ ବନ୍ଧୁ ପରି ବନ୍ଧୁଟିଏ -
ମିଳୁ ଜନ୍ମଜନ୍ମ ପାଇଁ ॥

କୁଆଁସ, ମେର୍ଦ୍ଧା କାଟିଆ ଛକ, ଯାଜପୁର
ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ
ମଧୁପୁର ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ
ଭ୍ରାମ୍ୟଭାଷ - ୯୪୩୮୦୬୫୧୯୫ .

Magazine Downloaded from www.aahwaan.com

# ସହିଦ୍



ପ୍ରକାଶ ଚନ୍ଦ୍ର ପଣ୍ଡା

ଅଶ୍ରୁଳ ବିଦାୟ ଦେଉଛୁ ତୁମକୁ
ହେ ବୀର ତୁମେ ଅମର
ବ୍ୟର୍ଥ ହେବନି ବଳିଦାନ ତୁମ
ତୁମକୁ କୋଟି ଜୁହାର ।
କୋଟି ଜନତାଙ୍କ ତ୍ରାଣକର୍ତ୍ତାସାଜି
ଲଢୁଥିଲ ରଣାଙ୍ଗନେ
ବର୍ଷା ଖରା ଅବା ଶୀତକାକରରେ
ଶୟନେ ଅବା ସପନେ ।
କାନ୍ଦୁଛି ଜନତା କାନ୍ଦେ ପିତାମାତା
କାନ୍ଦୁଛି ପୁରପଲ୍ଲୀ
ସଭିଙ୍କ ଆଖିରେ ଲୋତକର ବନ୍ୟା
କିଏ ବା ପାରିବ ଭୁଲି ।
ବୁଢ଼ାବାପା ତୁମ କୋହଭରା କଣ୍ଠେ
କହେ ସହିଦ୍ ମୋ ପୁଅ
ବୁଢ଼ୀମା ତୁମର ଚାହିଁ ବସିଅଛି
ଆଖିରୁ ଝରାଇ ଲୁହ ।
ହେ ବୀର ତୁମ ପାଇଁ ଗର୍ବିତ
ଏହି ମାଟିମାଆ ମୋର
ଶତ୍ରୁପକ୍ଷ ଦିନେ ତୋ ବନ୍ଧୁକ ମୂନେ
ନୁଆଇଁବ ନିଶ୍ଚେ ଶିର ।

ତୁମେ ବନ୍ଧୁ ସଖା ସହୋଦର ମାନେ
ଏବେ ବି ସିମାନ୍ତେ ଜାଗି
ପ୍ରତିଶୋଧ ନେବା ବହ୍ନି ଜଳୁଅଛି
ସହଜେ ଯିବନି ଲିଭି ।
ଏକତ୍ରିତ ପୁରା ଅଖଣ୍ଡ ଭାରତ
ଆବାଳ ବୃଦ୍ଧ ବନିତା
ସନ୍ତ୍ରାସବାଦର ବିଲୋପ ହେବ
ପଣ ନେଇଛି ଜନତା ।
ହେ ବୀର କରେ କୋଟିଦଣ୍ଡବତ
କରଚରଣରେ ତୋର
ଅମର ହେଉ ସେ ପାର୍ଥିବ ଶରୀର
ଅମର ହୁଅ ହେ ବୀର,
ଅମର ହୁଅ ହେ ବୀର...

କଲ୍ୟାଣପୁର, ଭୁଇଁପୁର, ଯାଜପୁର
ଭ୍ରାମ୍ୟଭାଷ : ୮୭୬୩୫୨୫୫୩୫

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପଂଚରାଗିଣୀ



ପୁଷ୍ପାଞ୍ଜଳୀ ପଟ୍ଟନାୟକ

ଚଇତ ଅଙ୍ଗନେ ଚାତକ ଚାହିଁଛି
ଆଶାର ପ୍ରଦୀପ ଜାଳି,
ଶ୍ରାବଣ ଆସିବ ଧରା ଚମକାଇ
ନୀର ଧାରା ଓଷ୍ଠେ ଢାଳି । ୧

ରାତ୍ରୀର ଅନ୍ଧାରେ ରୁଣୁଝୁଣୁ ସ୍ୱରେ
ବର୍ଷା ସଙ୍ଗୀତ ଗାଇଲା,
ମୋ' ହୃଦ ଭିତରେ କାହିଁକି କେଜାଣି
ତୁମ ରୂପ ଦିଶୁଥିଲା । ୨

ମନମୟୁରୀ ମୋ' ନାଚି ଉଠୁଥିଲା
ଶ୍ରାବଣ ଧାରାରେ ମିଶି,
ବିଶାଳ ତନ୍ତ୍ରୀରେ ପଂଚରାଗିଣୀରେ
ଘୁଙ୍ଗୁର ନିନାଦେ ହସି । ୩

ହୃଦୟର ବୁକୁ ଚିରି ବର୍ଷା ଯେବେ
ସ୍ମୃତି ହୋଇ ଆସେ ଝରି,
ସମ୍ପର୍କ ନଈରେ ଆସିଯାଏ ବନ୍ୟା
ମାଡ଼ିଯାଏ ମନ ଚିରି । ୪

ଦିନେ ବର୍ଷୁଥିଲା ଶ୍ରାବଣ ବରଷା
ମହାଶୂନ୍ୟ ଆକାଶରୁ,
ଏବେ କିନ୍ତୁ ସବୁଦିନେ ବର୍ଷାହୁଏ
ମୋ' ଦୁଇ ଆଖି ଭିତରୁ । ୫

ବ୍ରହ୍ମପୁର, ଓଡ଼ିଶା
ଭ୍ରାମ୍ୟଭାଷ : ୯୪୩୭୦୪୩୯୫୧

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଧୈର୍ଯ୍ୟ ହୁଏ ଆତ୍ମହରା



ଜୟନ୍ତ କୁମାର ସାହୁ

ଠପ୍ ଠପ୍ ବର୍ଷାପରି
ଆଖିରୁ ଝରୁଥିବା ପ୍ରୀତି
ନିଶବ୍ଦ ରାତ୍ରୀର ଆକାଂକ୍ଷା
ବଉଦ ତଳେ
ଭାସିଯାଉଥିବା ସ୍ୱପ୍ନକୁ
ଧରିବାକୁ ଯାଉଥିବା
ଧୈର୍ଯ୍ୟ ଆଜି ଚୁପ୍ ।

ସେ ପାଲଟିଛି ଆତ୍ମହରା ।
କାରଣ ସେ ଚାହେଁନି
ବିବେକ ଆଉ ସମୟର
କଳହ ଭିତରେ ଯୁକ୍ତି ବାଢ଼ିବାକୁ ।

ସେ ଚାହେଁନି ଆଉ ଏକ
ସହନଶୀଳତାର ପରୀକ୍ଷାରେ
ଉତ୍ତୀର୍ଣ୍ଣ ହେବାକୁ ।


ହେଲେ ଧୈର୍ଯ୍ୟ ବି ବୁଝିବାର ଥିଲା
ତା'ର ଏହି ଭୁଲ ପାଇଁ
କେତେ ରାତ୍ରୀର ସ୍ୱପ୍ନ
ମନକୁ ଅଧିର କରି ଚାଲୁଥିବ
କେତେ ପୁଣି ଲୁହର
ଜୁଆରଠାରୁ ବଞ୍ଚିବାକୁ
ଧୈର୍ଯ୍ୟର ବାଟକୁ ଅପେକ୍ଷା କରିଥିବ ।

କିନ୍ତୁ ଧୈର୍ଯ୍ୟ ଆଜି ଦ୍ୱନ୍ଦରେ
ଲୁଚକାଳି ଖେଳିଚାଲେ
କାହାର ବିଜୟ ଦେଖିବ
ସମୟର ନା ତା ନିଜ ବିବେକର
ହେଇଚାଲେ ସେ ଆତ୍ମହରା ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବନ୍ଦକର ବଳିପ୍ରଥା



ଆଶିଷ ବେହେରା

ସୁନ୍ଦର ସୃଷ୍ଟି ମା ଗୋ ଏ ପୃଥିବୀ ତୁମ୍ଭର
ଏଇଠି ମାନବ ଯେ କରୁଛି ଅତ୍ୟାଚାର ।
ସକଳ ଜୀବ ମା ଗୋ ତୋହର ସନ୍ତାନ
ବଳିନାମେ ମାରି ତତେ ଦିଏ ତୋ ସନ୍ତାନ ।
କଣ କେବେ ଖାଇପାରେ ମା ପୁଅର ରକ୍ତ, ମାଂସ
ତତେ ମା ଏ ମାନବ କରୁଛି ବଦନାମ ।
ଯଦି ମା ଗୋ ସତେ ତୁହି ଅଛୁ ଏ ସୃଷ୍ଟିରେ
ପାପୀଙ୍କୁ ଦଣ୍ଡ ଦେ ମା ଯିଏ ବଳି ତୋଠି ଦିଏ ।
କେତେ ନିରୀହ ଜୀବ ଉପରେ କରେ ଅତ୍ୟାଚାର
ଯେ କରିପାରେ ନାହିଁ ନିଜର ରକ୍ଷଣ ।
ଛୋଟ ଛୋଟ ଶିଶୁଙ୍କୁ ବି ମାରନ୍ତି ଏମାନେ
ଏପରି ପାପୀଙ୍କୁ ମା' ନ ରଖ ଧରାରେ ।
ସଚେତନ ହୁଅନ୍ତୁ ଜୀବନ ବଞ୍ଚାନ୍ତୁ
ଜୀବନର ମୂଲ୍ୟ କେତେଥରେ ଭାବି ଦେଖନ୍ତୁ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାଟି ପଲଙ୍କ



ମନୋରଞ୍ଜନ ମୁଦୁଲି

ନିରାଶା ଅନ୍ଧାରେ ଭାବେ ନାହିଁ ମା କେବେ ବେସାହାରା,
ସିନ୍ଦୂର ସିମନ୍ତ ଚାଲିଗଲା ପରେ ଚନ୍ଦନ ଟୋପାଏ ବି ତା ପାଇଁ ସାହାରା,
ତୁଳସୀ ମାଳିକୁ ସଞ୍ଜସକାଳେ ଗଣୁଥାଏ ନିତି ହାତେ ରଖି,
ଅପେକ୍ଷା ଶେଷ ନିଃଶ୍ୱାସ ଆଶାରେ ଆକାଶଦୀପକୁ ରଖିଛି ସାକ୍ଷୀ ।

ଗାଁରୁ ସହର ନେଇଆସେ ପୁଅ କାମ ଲୋକ ଅଭାବରୁ,
ମାଆର ଆନନ୍ଦ, ମୋ ପୁଅ ଆଣିଛି ସହରକୁ ନିପଟ ଗାଁରୁ ।
ଖେଳେଇବି ନାତିଟାକୁ ମଜ୍ଜାରେ କହି ଗପ କେତେ,
ମଲାବେଳେ ପୁଅନାତି ମୁହଁରେ ତ ଦେବେ ପାଣି ଟୋପେ ।

ଅଜବ ଏଇଠି ସବୁ ସମ୍ପର୍କ ସମୟ ସୁଅରେ,
ପୁଅଟା ଯାଇଛି ବଦଳି ତା ବାହାଘର ପରେ ।
କେମିତି ବଦଳିଗଲା କାନକୁହା କଥା କେଇଟାରେ,
ତଥାପି ମାଆଟା କେତେ ଖୁସି ପୁଅଟା ଉପରେ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମା ଛାତି ଫୁଲିଉଠେ ପୁଅ ଚାକିରୀ କମ୍ପାନୀରେ,
ବୋହୂ ବି ଚାକିରୀ ସରକାରୀ ଦପ୍ତରେ,
ନାତିଟାକୁ ଖେଳେଇ ବି ଚାକରାଣୀ ଅଛି ଘରେ,
ବିଡ଼ମ୍ବନା, ଚାକରାଣୀ ବିଦାହୁଏ ମାଆ ଆସିବାର ପରେ ।

ପୁଅବୋହୁ ନାତି ବାହାରନ୍ତି ନିଇତି ସନ୍ଧ୍ୟା ସାତଟାରେ,
ଖାଇ ପିଇ ଫେରନ୍ତି ଗାଡ଼ିରେ ରାତି ଦଶଟାରେ,
ମାଆପାଇଁ ଦୁଇଟି ପୁଡିଆ ଖାଦ୍ୟ ତାଙ୍କରି ହାତରେ,
ଟିଭି ଦେଖି ମାଆ ଶୋଇ ଯାଇଥାଏ କେବେ ବି ରାତିରେ ।

ପୁଅବୋହୂ ଶୋଉଚନ୍ତି ଦେଢ଼ଲକ୍ଷ ଟଙ୍କା ପଲଙ୍କରେ,
ଅଦମ୍ୟ ଖୁସିଥାଏ ମାଆର ମନରେ,
ଯଦି ବା ମା ଶୋଉଅଛି ମାର୍ବଲ ଚଟାଣ ଉପରେ,
କନ୍ଥା ଖଣ୍ଡେ ଚଦର ଉପରେ ....., ବିନା ତକିଆରେ ।

ନାତି ଚାଲିଚାଲି ଆସୁଥାଏ କୁନି ତକିଆ ଧରି ତା ହାତରେ,
କହି କହି ଶୋଇବି ମୁଁ ଜେଜେମାଙ୍କ ପାଖରେ....,
ପୁଅ ସଙ୍ଗେ ସଙ୍ଗେ ଆସିଯାଏ, କୋଳକରି ନେଇଯାଏ...,
କହୁଥିଲା, ନାଇଁ ବାବୁ ଥଣ୍ଡା ଲାଗିଯିବ ତୋତେ ଚଟାଣରେ ।

 Magazine Downloaded from www.aahwaan.com

ମାଆ କହେ ଶୋଇଥାଉ, ନେଇଯିବୁ ନିଦ ହେଲାପରେ ।
ତୋ ବାପା ଥିଲେ କେତେ ଖୁସି ହୋଇଥାନ୍ତେ,
ତୋର ଏ ସୁନ୍ଦରପଲଙ୍କ ଦେଖିଥିଲେ ଥରେ
କିଣିଥିଲେ କାଠଗଣ୍ଡି ପଲଙ୍କ ପାଇଁ ସେ, ଦେଇଦେଲି ସବୁ ତାଙ୍କରି ଚିତାରେ...

ମାଆଟା ଶୋଇ ପଡେ ନିଘୋଡ଼ ନିଦରେ ଚଟାଣ ଉପରେ,
ଚଦର ଖଣ୍ଡେ ସାହାରା ରାତିର ଥଣ୍ଡା ଅନ୍ଧାରେ,
କାଶ କି ଘୁଙ୍ଗୁଡି କେବେ ଯଦି ହୁଏ ଥରେ,
ପୁଅବୋହୂଙ୍କର ବ୍ୟାଘାତ ହୁଅଇ ନିଦ୍ରାରେ ।

ଦେଖିଦେଲେ ପୁଅବୋହୁ ଛୋଟ ନାତିଟାକୁ ଥରେ,
ତଥାପି ମାଆ ଖୁସିରେ ଗର୍ବ କରେ.....,
ମାଆଟା କି ଅଭିଶପ୍ତା ଶୋଉଅଛି ମାଟି ଚଟାଣରେ.... !
ତଥାପି ମାଆ ଗର୍ବକରେ ଶୋଇ ଶୋଇ ମାଟି ପଲଙ୍କରେ ।

Magazine Downloaded from www.aahwaan.com

# ସକାଳ



ସାଗର ନାୟକ

ମନେ ପଡେ ମୋ ଗାଆଁ
ସେଇ ବର୍ଷା ଦିନିଆ ସକାଳ
ବାଦଲ ଆଉ ପୂରୁବେ ଉଠେ ସୁରୁଜ
ଆମ ମହାନଦୀର ମଧୁର ଜଳ
ଗାଆଁ ଗୋହିରୀ ବରଗଛ ମୂଳ
ନାଚି ଉଠେ ଧାନବିଲ ତନୁ ମନ .... ! ! ! !(୧)

ସକାଳ ର ପହିଲି ପରସେ
କୋକିଳର କୁହୁତାନ
କବିର ମସୀରେ ନେସି ହେଇଯାଏ
ଦୂର ରାଇଜରୁ କିଛି
ପ୍ରେମ, ପ୍ରୀତି ଭରା
ମଧୁର ମଧୁ ଲଗନ ....... ! ! !(୨)

କାହିଁକି କେଜାଣି ମନେ ପଡେ
ଏ ଦିନ ବହୁତ ନିଜର
ଏ ସକାଳ ପ୍ରୀତି ଭରା ଚିହ୍ନ
ସେଇ ଲେଖା ମନେ ପଡେ
ସକାଳ ର ପାହାନ୍ତି ପ୍ରହର
ନିଦ ହଜିଯାଏ
ଭୋକ ମେଣ୍ଟି ଯାଏ
ନିଶା ଥାଏ ମୋ ପାଖେ
ସ୍ୱାଧୀନତା ଦିବସ ର ମଳୟ ପବନ .....(୩)

ମନେ ପଡେ ପଞ୍ଚଭଟି
ଆଉ କେତେଯେ ସ୍ମୃତି ର ଶାନ୍ତ ପରିବେଶ
ମୋ ଗୁରୁ ଆଶୀର୍ବାଦ ଥାଏ ସବୁବେଳେ
ବିଜୟର ଅତି ନିକଟର
ଗର୍ଜନର ତାଣ୍ଡବରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦୋହଲାଇ ଦେଇ ଆକାଶ ଆଉ ପାହାଡ଼

ମନ ରେ ବିଶ୍ୱାସ

ରଖି ମୁଁ ସବୁବେଳେ

ଥାଏ ଅତି ପରିଚିତ......(୪)

ଖୋଜେ ସେଇ ସକାଳର  ପରେଡ଼ ସମୟ କୁ

ଦେଖିବାକୁ ଇଚ୍ଛା ହୁଏ ସେଇ ତିରଙ୍ଗା ପତାକା

କୁ

ମୁଁ ଖୋଜେ ମୋ ନାଆଁ ଲେଖା ଥିବା

ପୁରସ୍କାର ପତ୍ରକୁ

କରତାଳି ର ସ୍ୱର କୁ

ପ୍ରିୟା ର ଲାଜୁଆ ଆଖିକୁ

ସ୍ମୃତି ହଜିଯାଇଛି

ଯଦୁମଣି ସ୍ମୃତି ପରିଷଦ ଶେଷ ଭାଗକୁ.....(୫)

ରିୟାଦ

ଭ୍ରାମ୍ୟଭାଷ : +୯୭୬୫୪୯୧୯୪୮୧୪

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବର୍ଷା



ସୁଦର୍ଶନ ସାହୁ

ଯେବେ ବର୍ଷାର ହୁଏ ଆଗମନ,
ଧରା ଶସ୍ୟରେ ହୁଅଇ ପୂରଣ
ଧାନକ୍ଷେତ ଓ ସବୁଜ ପଡ଼ିଆ,
ସବୁଜିମାରେ ପୁରେ ଏ ଦୁନିଆଁ ।
ବର୍ଷାଦିଏ କୃଷକକୁ ଆନନ୍ଦ,
କୃଷି କାର୍ଯ୍ୟେ ତା ମନ ଗଦଗଦ
ଦିବସେ କ୍ଷେତେ ସେ କରେ କାମ,
ନିଶିରେ କରେ ଆନନ୍ଦ ଶୟନ ।
ଆଦର କରଇ ସେହୁ ବର୍ଷାକୁ,
ମେଘ ବଞ୍ଚାଏ ତା ପରିବାରକୁ
କୃଷକ ପାଇଁ ଜଗତ ଜୀବନ୍ତ,
ଦୂର କରେ ଜଗତର ବିଷାଦ ।
ଏ ସବୁ ଦାନ ଅଟେ ତାହାଙ୍କର,
ତେଣୁ ତାଙ୍କୁ ମୁଁ କରେ ନମସ୍କାର
ରଜନୀଗନ୍ଧା, ଜୁଇ, ଜାଇ, ମାଳତୀ
ବରଷା କାଳେ ଫୁଟି ସେ ବାସନ୍ତି ।

ଅତିବ ସୁନ୍ଦର ଦିଶେ ଏ ଧରା,
ସବୁଆଡେ ଦିଶେ ସବୁଜିଆ ପରା
ଆବେଗରେ ଚକ୍-ଚକ୍ ଜଳେ ବିଜୁଳି,
ଘଡଘଡି ସଙ୍ଗେ ବର୍ଷାଦିଏ ଢାଳି ।
ଏ ଲୀଳା ଅଟଇ ପ୍ରଭୁଙ୍କର,
ମୁଁ କି ବର୍ଣ୍ଣନା କରିବି ପାମର ?
ରମଣୀୟ ପରାଏ ବର୍ଷାକାଳ,
ଉପଭୋଗ୍ୟ ସେ ବତାସ ହେମାଳ ।

ଗ୍ରାମ-କାଳିଆହତା, ଡାକ-ଗାଙ୍ଗିଯୋଡି
ଥାନା-ତୁମୁସିଂହା, ଭାୟା-ଅଁଳାବେରେଣୀ
ଜିଲ୍ଲା-ଢେଙ୍କାନାଳ, ପିନ୍-୭୫୯୦୨୬
ଦୂରଭାଷା-୭୦୦୮୫୯୯୮୨୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମଣିଷର ଏଇ ମନ



ଅନୁରାଧା ମିଶ୍ର

ଗାଁ ଦାଣ୍ଡ ଧୂଳିବାଲିରେ ଲଟପଟ ହେଉଥିବା
ଅକପଟ ପିଲାଦିନ ।
ସିଲଟ୍ ଉପରେ ମା' ହାତଧରି ମୁଣ୍ଡୁଳା ମଡ଼ାଇ
ବିଶ୍ୱ ବ୍ରହ୍ମାଣ୍ଡକୁ ଚିହ୍ନିବାର
ସେଇ ସବୁ ମଧୁର କ୍ଷଣ ।

କାନ୍ଧରେ ବୋହି ବସ୍ତାନୀକୁ
ବିଦ୍ୟାଳୟର ସେ ପ୍ରଥମ ଦିନ ।
ମାତାପିତାପରେ ଭେଟ ହେଲା ଯେବେ
ଆଉ ଜଣେ ସିଏ, ଗୁରୁ ତାଙ୍କ ନାମ ।

ଭୟମିଶା ଭକ୍ତିରେ ମଥାକରି ନତ
କରୁଥିଲେ ବନ୍ଧୁ
ଯାହାଙ୍କ ଅଭିବାଦନ !
ଯାହାଙ୍କ ଶାସନ, ଶିକ୍ଷାଦାନର ମନ୍ତବ୍ୟ ସବୁ
ଶ୍ରେଣୀ ପରେ ଶ୍ରେଣୀ ଚଢ଼ାଇ ଆମକୁ
ଚରିତ୍ରକୁ କଲା ଅନୁଭୂତିପୂର୍ଣ୍ଣ ।

କେମିତି ଭୁଲିବ ଜୀବନେ ଏ ସ୍ମୃତି
ମଣିଷର ଏଇ ମନ !
ଶିକ୍ଷା ସାଥେ ଦୀକ୍ଷା, ଭକ୍ତି, ପ୍ରେମ ଦାର୍ଢ୍ୟତା
ସବୁ ମିଳୁଥିଲା ଯାହାଙ୍କଠାରୁ
ସିଏତ ଅଟନ୍ତି ଗୁରୁ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶିକ୍ଷା ଦୀକ୍ଷା ସାଥେ
ଲଭିଲା ଯେ ଆତ୍ମଜ୍ଞାନ
ଜୀବନ ତାହାର ଗତିଶୀଳ ହେଲା
ଅନ୍ଧାରରୁ ଆଲୋକକୁ ।

ଜ୍ଞାନକୁ ଯାହାର ଆବୃତ କଲା
ଅଜ୍ଞାନ ତମସା
ସେ ତ ହୋଇଗଲା ଅହଙ୍କାରୀ
ସଂକୀର୍ଣ୍ଣ ହେଲା ତା ଗତିପଥ ।
କୁଶିକ୍ଷା, କୁସଂଗ, କୁପ୍ରବୃତ୍ତି ସବୁ
ଜୀବନକୁ ତାର କଲେ କବଳିତ ।

ଜୀବନର ଏହି କ୍ରମିକତାକୁ
କିଏ ବା କେମିତି କରିବ ସେ ଉପଭୋଗ ।
ପ୍ରଗତିର ପଥ ଊର୍ଦ୍ଧ୍ୱଗାମୀ ଆଉ
ସ୍ଖଳନର କ୍ରିୟା ସର୍ବଦା ନିମ୍ନ
ସକାରାତ୍ମକ ଭାବନା ନଥିଲେ
କେମିତି ମନେ ରଖିବ ଏ ସତ
ମଣିଷର ଏଇ ମନ !

ନୀଚ ସଂସର୍ଗରୁ ନଷ୍ଟ ହୁଅଇ ଚରିତ୍ର
ମାନବୀୟ ସତ୍ତା ହୁଏ ରସାତଳ,
ବଦଭ୍ୟାସ, ନିଶା, ଧ୍ୱଂସ ସେ କୀଟର
ନଷ୍ଟ କରିଦିଏ ଅନ୍ତଃଶରୀର ।

ମାନସିକ ସ୍ତର ହୁଅଇ ଦୁର୍ବଳ
ଶକ୍ତିହୀନ ପାଦ ସଦା ଟଳମଳ !

ପ୍ରାଣବାନ ଅଂଗ ଯୁବଶକ୍ତି ସମାଜର
ଏ କଥାକୁ ଯଦି ଭୁଲିଯିବା ସତେ -
କେମିତି ସୁସ୍ଥ ସମାଜ ହୋଇବ ଗଢ଼ା ?

ବିସ୍ମରି ଯାଇ କର୍ତ୍ତବ୍ୟର ପଥ
ହେବେ କି ନିଶ୍ଚିତ
ମଣିଷର ଏଇ ମନ !

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମା'



ସୁବାସ ଚନ୍ଦ୍ର ମୁଦୁଲି

ମାତୃଭୂମି ପରି ମା

ଶିଶୁ ତୁଣ୍ଡେ କୁହାଏ ସେ ମାତୃଭାଷା

କୋଳ ତାର ପିଲା ପାଇଁ

ବାଇ ଚଢ଼େଇର ବସା ଭଳି

ନାହିଁ ଯହିଁ ଝଡ ଓ ବରଷା

କବିର ଭାଷାରେ

ନାଁ' ଟି ତାର

"ମଧୁର ଅତି ଅମୃତ ସମାନ"

ଥନ ଭାଙ୍ଗି ଶିଶୁକୁ ଯେ

ଦିଅଇ ଜୀବନ

ତା' ଲାଗି ବଡ଼ ଆଲେକଜାଣ୍ଡାର, ନେପୋଲିୟନ

ବିବେକାନନ୍ଦ, ଗାନ୍ଧିଜୀ

ସୁଭାଷ ବୋଷ, ଲାଲବାହାଦୁର

ଆଉ  ଛତ୍ରପତି ଶିବାଜୀ

ବରିଷ୍ଠ ପ୍ରାଯୁକ୍ତିକ

ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ , ସମ୍ବଲପୁର, ମୋ - ୯୪୩୭୭୮୯୦୫୪

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗୁହାରୀ



ପ୍ରକାଶ ଚନ୍ଦ୍ର ମୁଦୁଲି

ଭାବ ଭକତରେ ବନ୍ଧା କଳା ଠାକୁର
ଅଭାବରେ ଦେଖାଦିଏ ସେ ନିରନ୍ତର ...

ଜଗତଜନ ହିତକାରୀ ହେ ଲକ୍ଷ୍ମୀପତି
ଅଭାବେ ଡାକୁଛି ମୁଁ ଶୁଣ ଗୁହାରୀ ...

ଏହି ବୁଦ୍ଧି ଜ୍ଞାନ ଦିଅ ପ୍ରଭୁହେ ମୋତେ
ଗାଉଥିବି ତୁମ ଗୀତି ସଞ୍ଜ ସକାଳେ ...

ସହକାରୀ ଶିକ୍ଷକ

ରାୟଗଡା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୃତ୍ୟୁ



ସୁଶାନ୍ତ କୁମାର ଧଳ

ଅଫେରା ପଥ ସେ ଅଟେ ବନ୍ଧୁର
ନାହିଁ ଇଚ୍ଛା ତହିଁ ଯିବାକୁ କାହାର ।
ବାଲ୍ୟ ଯୌବନ ଆଉ ବୃଦ୍ଧର ତନୟ
ପରିବର୍ତ୍ତନରେ କାଳ ପରାଭୟ ।
ଜୀବନ ପ୍ରଦୀପ ହୋଇଯିବ ସାଂଗ
ନିସ୍ତେଜ ହୋଇବ ତୋର ପ୍ରତି ଅଙ୍ଗ ।
ତହିଁରୁ ସମାପ୍ତ ଯାତ୍ରା ଜୀବନର
ମାଟିରେ ମିଶିବ ତୋହର ଶରୀର ।
ପିତାମାତା ପତ୍ନୀ ପୁତ୍ର ଓ ଦୁଲ୍ଲଣୀ
ନିଷ୍ଫଳେ ନୟନୁ ଝରାଇବେ ପାଣି ।

ବଡ଼କ୍ରୁର ଏଇ ମୃତ୍ୟୁର ଭିଆଣ
ଆଚମ୍ବିତେ ନିଏ ସଭିଙ୍କ ପରାଣ ।
ମୃତ୍ୟୁ ତ ଆସିବ ଏହା ଅଟେ ସତ୍ୟ
ଆପଣାର ନୁହେଁ ଏ ମିଛ ଜଗତ ।
ମାୟାର ଖେଳରେ ହୁଅନାହିଁ ବାଇ
ପରମ କାରଣେ ସଦାମନ ଧ୍ୟାୟୀ ।
ଧର୍ମାଦି କାର୍ଯ୍ୟେ ବାରେ ମନ ଦିଅ
ମିଛ ଚାକଚକ୍ୟେ ବାଉଳା ନ ହୁଅ ।

ବ୍ରାହ୍ମଣୀକୂଳ, ଦଶରଥପୁର
ଯାଜପୁର, ୭୫୫୦୦୬
ଭ୍ରାମ୍ୟଭାଷ : ୮୩୩୮୯୩୪୫୨୭

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜୀବନ୍ତ ଠାକୁର



ରଶ୍ମୀକାନ୍ତ ବାରିକ

ହେ ମୋର ପିଲାଦିନ... !
ମୁଁ ତ, ଆଗେଇ ଆସିଲି
ଭାଗ୍ୟର ହାତଧରି
କ'ଣ ଗୋଟେ ପାଇବା ଆଶାରେ ।
ହେଲେ ତୁ>
କୋଉଠି ଅଟକି ଗଲୁ !
ନା ଲୁଚିଗଲୁ !
ନା ପୁଣି ଭାସିଗଲୁ !
ସମୟର ସୁଅରେ ।
ଆଜି କାଇଁ ଭାରି ମନେ ପଡୁଛି,
ମୋ ଗାଁ ଭଙ୍ଗା ଚାଳଘର
ଝାଟିମାଟି କାନ୍ଥ
ତା ଦେହରେ ଝୁଲୁଥିବା
ସେଇ ହାତୀଶୁଣ୍ଢିଆ ଠାକୁର ।
ତଳେ ବସି...
ଧ୍ୟାନ କରୁଥିବା
କାଠର ଚଉକି
ତା ଉପରେ ବସିଥିବା
ଜୀବନ୍ତ ଠାକୁର ।
ଆଉ ତାଙ୍କ ବେତ ପାହାର ।

ନାଉଗାଁ, ଜଗତସିଂହପୁର
ଭ୍ରାମ୍ୟଭାଷ : ୯୦୭୮୩୫୦୫୩୫

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମହିମା



ଲିଲି ଗୌଡ଼

ହୃଦରୁ ଲିଭୁନି ତୋ
ରୂପ ଦରଶନ
ବାଟ ଓଗାଳୁଛି ମୋ
ଜଞ୍ଜାଳ ଜୀବନ ।
ଭକତ ଭିଡ଼ରେ ତୁ
ଭୁଲିଗଲୁ ମୋତେ
କହ କେଉଁନାମଧରି
ଡାକିବି ତୋତେ ।
ଦୁଃଖିର ଦୁଃଖିଧନ
ସୁଖୀର ରତନ
ମୋ ପାଇଁ ତୁ ପରା
ଅଟୁ ପରାଣ ଧନ ।
ମନକୁ ବୁଝୁ ବୋଲି
ମନୁଆ ଠାକୁର
ପିଣ୍ଡ ବ୍ରହ୍ମାଣ୍ଡ ତତ୍ତ୍ୱ
ସବୁକିଛି ତୋର ।

ତୋ ପାଦଧୂଳି ମୋର
କରୁଣା ସାଗର
ପାଖରେ ଥିଲେ ତୁ
ଡର ନାହିଁ କାହାର ।
ତୁଣ୍ଡେ ଥିବ ତୁଳସୀ
ଶୁଭୁଥିବ ହରି
ପାପ ପୁଣ୍ୟର ଭାର
କାନ୍ଧେଥିବ ମୋରି ।
ଏତିକି ମାଗୁଣୀ ମୋ
ଶୁଣ ହେ ମଣିମା
ଚରଣେ ଆଶ୍ରାଦିଅ
କରିଣ ମହିମା ।

ମାର୍ଫତ : ସନାତନ ମହାକୁଡ଼
ଗ୍ରା/ପୋ : ବେରୁଆଁବାରୀ, ୭୫୨୦୮୨, ନୟାଗଡ଼
ଭ୍ରାମ୍ୟଭାଷ : ୦୯୪୭୭୭୭୭୧୯୪
ଇମେଲ୍ : mahakud.gouda@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପରାଜିତ ବିଜୟ



ରାଧେଶ୍ୟାମ
ମିଶ୍ର (ଅଂଶୁ)

ଏମିତି ସରିସରି ଯାଉଥିବା ବୟସ ଭିତରେ ,
ଖୋଜୁଥାଏ ତୁମକୁ
ଶୁନ୍‌ଶାନ୍ ମଶାଣୀର ଅଶୁଭ ଥୁନ୍‌ଟା ବରଗଛ
ଦଦରା ଡାଳରେ ବସିରହିଥିବା
ମଡାଖିଆ ବୁଢାଶାଗୁଣାଟେ ପରି
କାହିଁକି ନା ........ ? ? ?
ମତେ ତ ବଖାଣିବାର୍ ଅଛି ଅନ୍ତତଃ ତୁମକୁ
ମୋ ଜୀବନର ଅସ୍ତବ୍ୟସ୍ତ ଆଶା
ଆଉ ଦେବାର ଅଛି ଶେଷ ଇଚ୍ଛାପତ୍ର
ମୋ ବଳକା ଆୟୁଷର । ୧
ଏମିତି ଅନିର୍ଦ୍ଦିଷ୍ଟ ଆକାଂକ୍ଷା ନେଇ
ଘୁରିବୁଲୁଥାଏ ଅର୍ହନିଶୀ
ଉନ୍ମୁକ୍ତ ହେବାକୁ
ନୀଳରାତ୍ରୀ ର ପଞ୍ଜୁରୀ ଭିତରୁ ,
ଆଉ କେବେ କେମିତି
ଭାସିଯାଉଥାଏ ସିମାହୀନ ଆକାଶର୍ ଛାତିରେ
ପାପୁଲିଏ ଅଧୁରା ଜିଜ୍ଞାସା କୁ
ଛାତିରେ ଗୁଞ୍ଜି
ଲେଖିବି ବୋଲି ପାପ ପୂଣ୍ୟର
ନୂତନ ଆଉ ଏକ ଶବ୍ଦକୋଷ । ୨

ଏମିତି ଘୁଞ୍ଚି ଘୁଞ୍ଚି ଯାଉଥାଅ
ମୋ ହାତ ପାହାନ୍ତାରୁ
ତଲାସୁ ଥାଅ ମୋ ପ୍ରତିଟି ନିଶ୍ୱାସ ଭିତରେ
ପିଞ୍ଜରା ଆବଦ୍ଧ ମୋ ନିରୀହ
ଜୀବନ ପକ୍ଷୀର ନିଃସ୍ୱ , ନିଃସଙ୍ଗ ନିରବତା
ମୁଁ କିନ୍ତୁ ମାଡିଚାଲୁଥାଏ
ଆବୁଡା ଖାବୁଡା ରାସ୍ତା ଛାତିରେ
ପାହୁଣ୍ଡ ପରେ ପାହୁଣ୍ଡ
ଖୋଜିବାକୁ ଅୟୁତ ଯୁଗର
ବିଜୟୀ ପାଣ୍ଡବ ଙ୍କ
ପରାଜିତ ଅଭିମନ୍ୟୁର
ପ୍ରତାରିତ କାହାଣୀ ।

ଅଭିପ୍ସା ନିବାସ, ଖଣ୍ଡହତା
ବୀରମହାରାଜପୁର, ସୁବର୍ଣ୍ଣପୁର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସ୍ୱାଧୀନତା ଦିବସ



ସହଦେବ ପ୍ରଧାନ

ଅଗଷ୍ଟ ପନ୍ଦର ଆସିଛି ପୁଣି,

ସ୍ୱାଧୀନତାର ବାର୍ତ୍ତା ଆଣି । । ।୧ । ।

ତ୍ରିରଙ୍ଗା ପତାକା ଉଡ଼େ ଫରଫର,

ସ୍କୁଲ, କଲେଜ, ଅଫିସ୍ ଆଉ କଚେରୀ ଘର । । ।୨ । ।

ସ୍ୱାଧୀନତା ଆମ ଜନ୍ମଗତ ହକ,

ସ୍ୱାଧୀନଭାରତର ରଖିବା ଟେକ । । ।୩ । ।

ଗାନ୍ଧି, ନେହୁରୁ, ସୁବାସ ବୋଷ୍,

ଦେଶରୁ ତଡ଼ିଲେ ନିଷ୍ଠୁର ବ୍ରିଟିଶ୍ । । ।୪ । ।

ହେଲେ ଆଜିର ସ୍ୱାର୍ଥୀ ନେତାଙ୍କୁ ଦେଖ,

ଛାଡ଼ି କି ପାରନ୍ତି ଆପଣା ସୁଖ । । ।୫ । ।

ଅନେକ ଯୋଜନା କରନ୍ତି ସିନା,

ସବୁ ଯୋଜନା ଅନୁଦାନ ବାଟମାରଣା । । ।୬ । ।

ନିଜ ଦଳ ଦୃଢ଼ କରିବା ପାଇଁ,

ପ୍ରୀୟାପ୍ରୀତି ତୋଷଣ ନୀତ, ଆବୋରି ନେଇ । । ।୭ । ।

ଜାତି, ଧର୍ମ ମଧ୍ୟେ ଲଗାନ୍ତି କଳି,

ଭାଇ ଭାଇ ପ୍ରାଣ ଦିଅନ୍ତି ବଳୀ । । ।୮ । ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମିଥ୍ୟା ପ୍ରତିଶ୍ରୁତିରେ ଆମ ପୁରୁଛି ପେଟ,

ପା ବରଷରେ ଥରେ ନେତାଙ୍କ ଭେଟ । । ।୯ । ।

ହିଂସା, ଦ୍ୱେଷ, ଈର୍ଷା, ସ୍ୱାର୍ଥ, ଲୋଭ,

କାମ, କ୍ରୋଧ ଆଉ ଅହଂଭାବ । । ।୧୦ । ।

ଆଜିର ନର ଏ ସବୁର ଅଧୀନ,

ତଥାପି କହୁଛି ମୁଁ ସମ୍ପୂର୍ଣ୍ଣ ସ୍ୱାଧୀନ । । ।୧୧ । ।

ନେତା, ନେତ୍ରୀ, ମନ୍ତ୍ରୀ ଯେ ଯାହା ହେଉ,

ନୀତି, ପ୍ରତିଶ୍ରୁତି, ଭାଷଣ ଚୂଲିକି ଯାଉ । । ।୧୨ । ।

ଅଗଷ୍ଟ ପନ୍ଦର ଆଜି, ସ୍ୱାଧୀନତା ଦିବସ,

ପାଳନ ସମାରୋହରେ ଆମେ ଅତି ହରଷ । । ।୧୩ । ।

ପୁଣି ରାକ୍ଷୀବନ୍ଧନ ଆଜି କି ସୁନ୍ଦର ସଂଯୋଗ,

ଖାଇବା ଏକତ୍ର ଭୋଜି, ମିଠା, ପିଠା, ଭୋଗ । । ।୧୪ । ।

ସୁବର୍ଣ୍ଣପୁର, ଜରଡ଼ା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବନ୍ଧୁଟିଏ



ଶୈଳବାଳା
ଷଡ଼ଙ୍ଗୀ

ଏ ମନ ଖୋଜୁଥିଲା ବନ୍ଧୁଟିଏ
ସେ ରୂପରେ ପାଇଲି ମୁଁ, ସାଥୀଟିଏ ।
ସାରା ଜୀବନ ପାଇଁ, ସାଥୀରେ ରହିଲା
ସ୍ନେହର ରଙ୍ଗରେ ମୋତେ ରଙ୍ଗିତ କଲା ।
ଲାଗେ ନାହିଁ ଏକୁଟିଆ, ଏ ଜୀବନ ମୋର
ସବୁବେଳେ ବନ୍ଧୁ ହୋଇ, ରହିଲା ମନର ।
ବହୁତ ଖୋଜିଲାପରେ, ପାଇଛି ମୁଁ ତାକୁ
ଲାଗିବନି ମୋତେ ଡର, ଆଉ କାହାକୁ ।
ସାଥୀରେ ମୋ ରହିଥିବ, ସବୁଦିନ ପାଇଁ
ତା ହାତଧରି ମୁଁ ବାଟ ଯିବି ଆଗେଇ ।
ମନରେ ମୋ ଏହି ସ୍ୱପ୍ନ, କେବେଠାରୁ ଥିଲା
ସେ ଆସିଲା ପରେ, ମୋ ଆଶା ପୂରିଲା ।


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କ୍ରୋଧ



ନୃସିଂହ ଚରଣ ବେହେରା

କ୍ରୋଧ,
କେଡେ ଛୋଟିଆ ଶବ୍ଦଟିଏ ହେଲେ
ସତରେ ସେ କେତେ ଭୟଙ୍କର
କ୍ଷଣିକେ ସେ ନିଆଁ ଲଗେଇ ଦିଏ ଗାଁ ଗଣ୍ଡା ମୂଲକରେ
ତ କେତେବେଳେ ଉଜାଡି ଦିଏ କେତେ କେତେ
ସୁନାର ସଂସାର ଆଉ ସ୍ୱପ୍ନର ସହର,
କ୍ଷଣିକେ ଭାଙ୍ଗିଯାଏ ନବ ବଧୂର ହାତର ପାଣିକାଚ
ଆଉ ଲିଭିଯାଏ ପାଦରୁ ଅଳତା ସାଥେ ମଥାର ସିନ୍ଦୁର ।
କ୍ରୋଧ,
ଯେତେବେଳେ ଆସେ ମଣିଷକୁ କରିଦିଏ ଅମଣିଷ
ନାଁ ସେ ନୁହେଁ ମାଓବାଦୀ ଅବା ଆତଙ୍କବାଦୀ
ତଥାପି ସେ ଛୁରିଟେ ପରି କାଟିଦିଏ କଲିଜା,
ଆଉ ଭୁଜାଲୀଟେ ପରି ମାରିଦିଏ ମଣିଷକୁ
ଠିକ୍ ଗୋଟିଏ ହିଂସ୍ର ଜାନୁଆର ପରି
ଖୋଦ ଦେଇପାରେ ସେ ଦଶଦିଗ ଆଉ
ଭାଙ୍ଗିଦିଏ ମୂହୁର୍ତ୍ତକେ ସବୁ ବାଡ ବନ୍ଧ ସମ୍ପର୍କର ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କ୍ରୋଧ,

ଯିଏ ହେଉଛି ଏକ ଜୀବନ୍ତ ଜହର,

ମଣିଷକୁ କରେ ଉନ୍ମତ୍ତ ପ୍ରମତ୍ତ ଯେତେବେଳେ

କରିନିଏ ସେ ମନକୁ ଆରତ୍ତ,ବଶୀଭୂତ

ସର୍ବଦା କ୍ରୋଧର ପରିଣତୁ ହୁଅଇ ଦୁଃଖଦ

କ୍ରୋଧ ମୋର ହେଉ ଅବା ଆଉ କାହାର,

ଗୋଟିଏ ଆକସ୍ମିକ ଅସ୍ୱାଭାବିକ ଭାବରେ

ଦେଇଯାଏ ଦାରୁଣ ଆଘାତ ଅସହାୟତାର ।

୨୧୭,ୟୁନିଟ-୯(ଫ୍ଲାଟ)
ବାୟାବାବା ମଠ ଲେନ
ଭୁବନେଶ୍ୱର-୨୨
ଫୋନ-୯୦୯୦୪୫୯୭୪୫

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବସନ୍ତ



ଚନ୍ଦ୍ରକାନ୍ତ ଜେନା

ଶୀତ ସରିଗଲା, ବସନ୍ତ ଆସିଲା
ମୃଦୁ ମଳୟକୁ ନେଇ ।
ମଳୟକୁ ମୁଁ ଯେ, ଖୋଜି ହେଉଥିଲି
ନିଦାଘ ଆସିଲା ଧାଇଁ ।
କୋଇଲିର କୁହୁ, ଶୀତଳ ପବନ
ଆହା କି ସୁନ୍ଦର ପରିବେଶ ।
ସବୁ ହଜିଗଲା, ଖୋଜି ହେଉଥିଲି
ଅପୂର୍ବ ସେ ଧରା ବେଶ ।
ମଳିନ ପଡ଼ିଲା, ଶ୍ରୀହୀନ ଦିଶିଲା
ବସନ୍ତର ପରିପାଟି ।
ନିସ୍ତବ୍ଧ ହୋଇଲା ନିସ୍ତେଜ ପାଲଟି
ମୁଖେ ଅନ୍ଧକାର ଆସେ ଘୋଟି ।
ମନୋହରୀ ସେହି ମୃଦୁତାର ପ୍ରୀତି
ମନୋରମା ତାର ରୀତି ।
ସତେ କିଆଁ ଅବା ନିଦାଘର ଉଷ୍ମ
ଭରିଦେଲା ତହିଁ ତାତି ।
ଶୀତଳ ତା ଛୁଆଁ, କୋମଳ ତା ପ୍ରେମ
ପୁଲକିତ କରେ ମନ ।
ହେ ବସନ୍ତ ତୁମ ଚମତ୍କାରିତାର
ହଜେଇ ଦେଲ କି ଦିନ ?
ସ୍ମୃତି ଆକାଶରେ ବିସ୍ମୃତିର ଚିହ୍ନ
କେବେ... ? ହୃଦୟକୁ କରେ ଶୂନ୍ୟ ।
ଶୂନ୍ୟତାର ଭବେ, ପୂର୍ଣ୍ଣତା ଆଣିଲେ
ପୁଣି ଫେରନ୍ତା ଯେ, ସେହି ଦିନ ।
ଅଫେରା ରାଇଜୁ ଯାଇଛ କି ଚାଲି
ପ୍ରକୃତି ରାଣୀକୁ ଗଲଣି କି ଭୁଲି ?
ଚାଲି ଆସ ଫେରି, ନ ଯାଅ ନ ଭୁଲି
ଚହଟିବ ଚମ୍ପା, ଚହଟିବ ମଲ୍ଲି ।
ଫେରିଆସୁ ସୁଖ ଫେରିଆସୁ ଶାନ୍ତି
ଉପଶମ ହେଉ କ୍ଳାନ୍ତି ।
ହେ ବସନ୍ତ ଆଜି ତୁମ ଆଗମନେ
ହସି ଉଠନ୍ତା ଏ ଧରିତ୍ରୀ ।

ପୁରୁଷୋତ୍ତମପୁର, ଫୁଲନଖରା, ଓଡ଼ିଶା

ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

# ପଲ୍ଲୀସକାଳ



ଶ୍ରୀରାଜଶେଖର
ସି 'ଚିମା'

ପଲ୍ଲୀ-ସକାଳ କେତେ ଯେ ପରିମଳ,
କୁକ୍କୁଟ ସ୍ୱରେ ଆରମ୍ଭ ହୁଏ କର୍ମବେଳ,
କୁହୁଡିଆ ମେଘ ଦିଶୁଥାନ୍ତି ଅତି ନିର୍ମଳ,
ବନଫୁଲ ଫୁଟିବାକୁ ହୁଅନ୍ତି ବହୁ ବ୍ୟାକୁଳ ।୧ ।

ଲହରୀରୁ ସୁନ୍ଦର ଦିଶୁଛି ଗାଆଁ ପୋଖରୀ,
ସୂର୍ଯ୍ୟ ନମସ୍କାର କରୁଛନ୍ତି ମନ୍ଦିର ପୁଜାରୀ,
ମାଠିଆରେ ପାଣି ନେଉଛନ୍ତି ପଲ୍ଲୀ ନାରୀ,
ପକ୍ଷୀ କୂଜନ କରୁଛନ୍ତି ହୋଇ ବିନୋଦ ବିହାରୀ ।୨ ।

ବିଲ ଯିବାପାଇଁ ପ୍ରସ୍ତୁତ ହେଲେଣି କୃଷକ,
ଗୋରୁ କାମଧେନୁ ସମ୍ଭାଳୁଛନ୍ତି ଗୋରକ୍ଷକ,
ବିଦ୍ୟାର୍ଥୀଙ୍କୁ ପାଠ ପଢ଼ାଉଛନ୍ତି ଶିକ୍ଷିକା ଶିକ୍ଷକ,
ଗ୍ରାମ୍ୟ ହାଟରେ କୋଳାହଳ ହେଲାଣି ଅଧିକ ।୩ ।

ଗୁଡ଼ିରେ ଶ୍ରୀଜୀଉ ଗ୍ରାମଦେବତା ହୋଇଛନ୍ତି ସମଳଙ୍କୃତ,
ଘଣ୍ଟ ଘଣ୍ଟି ଶଙ୍ଖନାଦରୁ ମନ ହେଲାଣି ପ୍ରଫୁଲ୍ଲିତ ପୁଲକିତ,
ନିଜ ବିଧି ସଙ୍ଗତ କାମରେ ଅଧିବାସୀ ହେଲେଣି କାର୍ଯ୍ୟରତ,
ସୁଚାରୁ ରୂପେ ପଲ୍ଲୀ-ସକାଳରହୁ ସବୁକାଳରେ ଶାନ୍ତ ଶୃଙ୍ଖଳିତ ।୪।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କେବଳ ତୁମେ



ପବିତ୍ର ଦାସ

ତୁମ ଓଠ ପାଖୁଡାରେ
ଗୋଲାପି ହସର ଜହର
ତୁମ ଆଖି ପତାରେ
ନାଗଫେଣୀ କଣ୍ଟାର ଯନ୍ତ୍ରଣା
ତଥାପି ମନ କହେ
ସେ ଜହର ପିଇ ଭୋଗନ୍ତି କି ଯନ୍ତ୍ରଣା ।।

ତୁମ ଆଖିରେ ଭରିଅଛି
ମତୁଆଲା କରିବାର ପିପାସା
ତୁମ ଚାହାଣୀରେ ସତେ କି
ବାଟ ହୁଡିବାର ସମସ୍ୟା ।।

ତଥାପି ଇଚ୍ଛା ହୁଏ ଥରେ
ହାତରେ ହାତ ଛନ୍ଦି ଚାଲନ୍ତି କି
ଅନେକ ବାଟ ।।

ତୁମେ ଏମିତି ଚପଳଛନ୍ଦା ଯେ
ତୁମ ଆଗମନରେ ଖେଳିଯାଏ
ମୋ ଅନ୍ତରରେ ନୂଆ ଏକ ଫଲ୍‌ଗୁ
ମୁଁ ଭୁଲିଯାଏ ଦେହ ମନର
ସବୁତକ ଯନ୍ତ୍ରଣା ।।

କେବଳ ତୁମେ ହିଁ ତୁମେ
ଆସୁଥାଅ ମୋ ସ୍ୱପ୍ନରେ;
ମୋ ଖିଆଲରେ,ଆଉ ମୋ ଜୀବନର
ପ୍ରତିଟି ମୁହୂର୍ତ୍ତରେ ।

ଗବେଷକ,ରେଭେନ୍‌ସା ବିଶ୍ୱବିଦ୍ୟାଳୟ,କଟକ
ମୋ ନଂ-୭୦୦୮୪୮୯୭୫୧

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସଂବଲପୁରୀ

# ବିଭାଗ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନୂଆଁଖାଇ ତିହାର



ଦେବାଶିଷ ସାଗର

ଖିଲ୍ ଖିଲାଉଛେ ଉଁକିଆ ତରା
ଚକ୍ ଚକାଉଛେ ଦିନର୍ ଖରା
    ନାଚୁଛେ କଲିଆ ବାଦଲ୍ ......
ସଅଁ ସଅଁ କରି ବହୁଛେ ଧୁକା
    ସମିଆଁ ବଜାଉଛେ ମାନ୍ଦଲ୍ ।
ଭିନ୍ ଭିନ୍ ରଂଗେ ଫୁଲର୍ ଭେସ୍
ରୂପ୍ ରଂଗ ତାର୍ ନାଇଁନ ଶେଷ୍
    ମହଁକୁଛେ ଚାରି ଦିଗେ ......
ଗହ ଗହ ମନେ ଗୁଟେ ହେଲେନ
    ସବୁ ପଶୁ - ପକ୍ଷୀ ସତେ ।
ଗର୍‌ଜି ଘୁମ୍‌ରି ମାଡ଼ି ଆସୁଛେ
ସତେ ଯେନ୍‌ତା ପାହାଡ୍ ଦିଶୁଛେ
    ସମୁଦର୍ ସେ ଲହରୀ .......

ସବୁ ଭିଡ୍ ଭିତ୍‌ରୁ ଆଗ୍‌କେ ଯାଇ
    ଶୁନାବା ମାଆଁକେ ତାର୍ ଗୁହାରି ।
ଫୁଟିଛେ ପଦମ୍ ଫୁଟିଛେ କଇଁ
ଲାଲିଆ ମନ୍ଦାରେ ସୁନ୍ଦରୀ ମୁହିଁ
    ଷୁଲ୍‌ହ ଘରନି ଇ ସୁରେ ......
ମଘା ଗଲାନ ପୁର୍‌ବା ଆସିଛେ
    ଆମର୍ ତିଥି - ବାର୍ ସୁରେ ।
ମଗ୍ ମଗାଉଛେ ଆମର୍ ଗାଆଁ
ବଢ଼ିଯାଇଛେ ତାହାର୍ ନାଆଁ
    ଆସିଛେ ଆମର୍ ତିହାର୍ .......
ହିଂସା - ଅହଁକାର୍ ଭୁଲି କରି
    ମାନ୍‌ମା ଆସ ନୂଆଁଖାଇ ତିହାର୍ ।

ବଡ଼ନୂଆଁପାଲି , ଡୁଙ୍ଗୁରିପାଲି
ସୁବର୍ଣ୍ଣପୁର, ମୋ.ନଂ - ୯୯୩୮୮୪୪୯୫୭

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ନୂଆଁଖାଇ ତିହାର



ବେଦବ୍ୟାସ ମାଝୀ

ନୂଆଁଖାଇ ତିହାର୍ ଆଜି
ନୂଆଁଖାଇ ତିହାର,
ଛୋଟ୍ ମାନକୁ ସ୍ନେହ ଆଉ
ବଡ୍ ମାନକୁ ଜୁହାର୍ ।୧

ଭୁଦୋ ମାସେ ତ ନିସାନ୍ ତାସା
ବାଜି ଯାଏସି ଢୋଲ୍
ନୂଆଁଖାଇ ଆସ୍‌ଲେ ସଭେ
ଘରେ ହେସନ୍ ଠୋଲ୍ ।୨

ପହ ପହନୁ ନୂଆଁଧାନ୍ ଯେ
ଘରେ ଦେସି ଝାକର୍,
ନୂଆଁଖାଇ କେ ନୂଆଁଚରା
ଖାଏସୁ ଗାଁ ଯାକର ।୩

ନୂଆଁଖାଇର୍ ନୂଆଁଚରା ଖାଇ
ପୁରି ଯାଏସି ପେଟ୍
ଖାଇ ସାଏଲେ ନୂଆଁଚରା
ହେସୁ ସଭେ ତ ଭେଟ୍ ।୪

ଛୋଟ୍‌କୁ ଦେଇ ଆଶିର୍‌ବାଦ୍
ବଡ଼କୁ କରୁ ଜୁହାର୍
ସବୁଠାନୁ ଯେ ଅଲଗା ଆମର
ନୂଆଁଖାଇ ତିହାର୍ ।୫

କେନ୍ ଠାନେ କା ହାଣିପିଟାନି
କେନ୍ ଯେ ବାଡ଼ି ଖେଲ୍
ତାସ୍ ଖେଲର୍ ଯମକ୍ ପଡ଼େ
ହେଇ ବସୁଥିଲେ ବେଲ୍ ।୬

ବେଲ୍‌ବୁଡ଼ାକେ ଗାଆଁର ସଭେ
ଗୁଟେ ନ ଭେଟ୍ ଘାଟ୍

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କିଏ ପିନ୍ଧିଥେ ନୂଆଁ ଧୂତି କିଏ

ସମ୍ବଲପୁରୀ ପାଟ୍ ।୭

ଢୋଲ୍, ମୁହୁରୀ, ତାସା ବାଜ୍‌ଲେ

ଗର୍ଜି ଯାଏସି ଖୁଲି

ନୂଆଁଖାଇର୍ ସେ ଭେଟ୍‌ଘାଟ୍

ନାଇ ହୁଏ ଯେ ଭୁଲି ।୮

ଗୁଟେ ଡୁରେ ବାନ୍ଧି ରଖିଛେ

ଆମର୍ ଇ ତିହାର୍

ଛୋଟ୍ ମାନ୍‌କୁ ସ୍ନେହ ଆଉ

ବଡ୍ ମାନକୁ ଜୁହାର୍ ।୯

କୁଚିପାଲି, ବରଗଡ଼, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନୂଆଖାଇ



ଯୋଗେଶ୍ୱର ସାହୁ

ରାଗରୁଷା ଭୁଲି ସବେ ଏକଜୁଟ ହେମା ଆସ

ଆସିଗଲାରେ ଅମର ଗରବ ତିହାର

ନୂଆ ଖାଏମା ଆସ ।

ଦୁର ବିଦେସେ ଅଛନ୍ ଯେତେ ଆମର ଭାଏ ବୁହେନ୍

ମନେ ପକେଇ କରି ସମକେ ଆମେ ଡାକି ଆନମା ଆସ ।

ସରିଆଁ ଧାନ ଆଉ କୁରେ ପତର

ନୂରମା ଆସ,

ଘର ଦୁଆର ସବୁ ଲିପିକରି ଚକଚକେଇ ଦେମା ଆସ ।

ନୂଆ ଖାଇକରି ଭେଟ ହେମା ସବେ ଆସ,

ଛୋଟ କେ ସେନହ ବଡ଼ କେ ଜୁହାର କରମା ଆସ ।

ସବେ ମିଶିକରି ଏକ୍ ହେଇକରି ନୂଆ ଖାଏମା ଆସ,

ଆସରେ ପିଲେ ଆସ ଆମର ଗରବ ତିହାର ନୂଆ ଖାଏମା ଆସ ।

ଘସିଏନ୍, ବଲାଙ୍ଗିର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନୂଆଖାଇ



କବି ପ୍ରସାଦ

ଶରତ୍ ରୁତୁ ଆଏସି
ଆନିକରି ଭୋଦୋ ମାସ
ମନ୍‌ରସା ଦିଶେ ଚାର୍‌ହିକୁତି
ଧୋପ୍ ଫର୍‌ଫର୍ କାଇଁଶ ।
ଭୋଦୋ ମାସର୍ ପନ୍ଦର ଦିନ୍
ଅନ୍ଧାର୍ ପକ୍ଷେ ଯାଏସି
ଉଜଲ୍ ପକ୍ଷେର୍ ପଞ୍ଚମୀ ତିଥିକେ
ସଁସାର୍ ଗୁରୁ ପଞ୍ଚମୀ କହେସି ।
ଘରେ ଘରେ ପୁରେ ପୁରେ ମହକି ଉଠ୍‌ସି
ମଡା ପିଠା ପୁରର୍ ମହକ୍
ଛୁଆ ଠାନୁ ବୁଢ଼ା ଯାହାକେ ଦେଖ
ମନ୍ ଥିସି ସମିକଁର୍ ଗହକ୍ ।
ଘର୍ ଦୁଆର୍ ଗାଁ ଠାନୁ ସହର୍
ସବୁ ଲାଗୁଥିସି ନୂଆ ନୂଆ
ସଭେ ପିନ୍ଧିଥିସନ୍ ନୂଆ ବସ୍ତର୍
ଛୁଆ ହଉ କି ହେଇଥଉ ବୁଆ ।
ନୂଆ କୁରେ ପତରର୍ ଦନାଥି
ନୂଆ ଭୋଗ୍ ଦେସୁଁ ମାଆ ସମଲେଇକେ
ସଭେ ବସି ଫେନ୍ ଗୁଟେ ଠାନେ
ଭାଗ୍ ବଟା କରି ଖାଏସୁଁ ତାହାକେ ।

ସାନେ ସୁରୁ କେ କରସୁଁ ଗେଲ୍
ସିଆନ୍ ସୁଜନ୍‌କୁଁ ନୂଆଖାଇ ଜୁହାର୍
ସଁଭେ ମିଲିଜୁଲି ତିହାର୍ ମନାସୁଁ
ନାଇଁ ଥେ ହିଂସା ଅହଂକାର୍ ।
ଘୁମୁରୁ ଥିସି ଘୁମୁରା ଦୁଲ୍‌ଦୁଲି
ଖୋଲ୍ କୁବ୍‌ଜା ହରିନାମ୍
ଉଛବ୍ ଆନନ୍ଦ୍ ଥି ସଭେ ମାତିଥିସନ୍
ସଭେ ଛାଡିକରି ସବୁ କାମ୍ ।
ନୂଆ ଧାନର୍ କଏଁସି ଚୂରା
ଭୋଗ୍ ଖାଏସି ମାଆ ସମଲେଇ
ସବୁ ନୂଆ ନୂଆ ବଲିକରିତ
ତାକେ କହେସୁଁ ନୂଆଖାଇ
ତାକେ କହେସୁଁ ନୂଆଖାଇ ।

ସର୍ଗିଗୁଡା , ମଣ୍ଡଳ , ବେଲପଡା ,ବଲାଙ୍ଗୀର୍
ମୋବାଇଲ୍ - ୭୬୦୬୦୫୧୩୯୫

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପର୍ ଆଶରି



ରାଜେଶ ପୂଜାରୀ

ପର ଆଶରି ବଲି
ହୁଲା ଜାରି କର ନିଯେ
ବିନା ଆଶରା ଥିନ୍ କେନ୍ ଲହଁକି ହେସି
ନଏଦ
ହେଥିର୍ ଲାଗି ଭିଲ୍ ତ
ଡଙ୍ଗା ଟେ ଚାହି
କାତ ପତରେ ଚାହି
ମଙ୍ଗୁଆ ଝନେ ଚାହି ।

କୁଶମେଲ, ଝାରସୁଗୁଡ଼ା
ମୋ-୯୭୭୭୨୮୦୫୯୪


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅନ୍ମୁନ୍ଷିଆ



ହରୀଶ୍ ତାଣ୍ଡି

ମୁନୁଷ୍ ଆରୁ ମୁନୁଷ୍ ନୁହେଁସେ
ଦେଖ୍ ପଏସାର୍ ରୁବାବ୍
ହାତେଥିଲେ ଧନ୍ ମୋର୍ ଲୋକ୍ଜନ୍
ବଦ୍ଲି ଯଉଛେ ସଭାବ୍ ।

ହିଁସା ଅଁହକାର୍ ନାଇଁନ ବିଚାର୍
କମାଲେ ଘିଚ୍ବେ ଗୁଡ୍
ପଏସା ପାଏଲେ କାଏଁ ଲୋକ୍ବାକ୍
କାଟ୍ବେ ମୁନୁଷ୍ ମୁଡ୍ ।

ଧନ୍ ଥିଲେ ସଭେ ନର୍ଧି ପଡ୍ବେ
ବିପଦ୍ ପଡ୍ଲେ ଉଭା
ଠଁକି ନେଲେ ଧନ୍ କିଏ ଲୋକ୍ଜନ୍
କାହିଁ ପାଏବୁ ଦେଖା ।

ମୁନୁଷ୍ ଜିବନ୍ ନାଇଁନ ଧରମ୍
ଆହା ବୋଲି ଗୁଟେ ପଦ୍
ସକାଲ୍ ପାଏଲେ ହିଁସା ଅଁହକାର୍
କିଏ କହୁଛେ ସତ୍ ।

ମୁନୁଷ୍ ହେଇ ଇ ମୁନୁଷ୍ ଜିବନ୍
ପଶୁ ସାଁଗେ ସମାନ୍
ଧରତୀର୍ ବଡ୍ ଜିବ୍ ହେଇ କଲୁ
ଅନ୍ମୁନ୍ଷିଆ କାମ୍ ।

ସାଲେପାଲି , ଗଜବନ୍ଧ , ସୁବର୍ଣ୍ଣପୁର
ମୋ-୮୦୧୮୪୦୫୭୮୨

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆମେ ଆଦିବାସୀ



ଦେବାଶିଷ ସାଗର

ସିର୍‌ଜିନା ଦିନୁ ଘର୍ ଦୁଆର୍ ଗାଡି
ଜଂଗ୍‌ଲେ ଅଛୁରେ ରହି ,
ଜଂଗଲ୍ ଆମର୍ ମାଆଁ – ବୁଆ ଆଏ
ଜୀବନ୍ ଦେଇଛେ ଗଢି ।୧

ପିଢ଼ି ପିଢ଼ି କରି କେତେ ବାପ୍ – ଅଜା
ମାଟି ମିଶିଛନ୍ ଇନ୍ ,
ଇନ ଆମର୍ ଜନମ୍ – ମରନ୍
ଇ ମାଏଟ୍ ଆମର୍ ଜୀବନ୍ ।୨

ଦେଇଛେ ଆହାର୍ ରହନି ବାସ୍
ଖେଲେଇଛେ କୁଲେ ଧରି ,
ମାଏଟ୍ ମାଆଁକେ ଜୀବନ୍ ଆଗ୍‌ରୁ
ନାଇଁ ହୁଏ ସତେ ଦୂରେଇ ।୩

କରୁଛେ ସର୍‌କାର୍ କେତେ ଭୁର୍‌କୁଟି
ଜଂଗ୍‌ଲୁ ଆମ୍‌କୁ ତଡ୍‌ବାର୍‌କେ ,
ମନେ ରଖିଥା ସର୍‌କାର୍ ତୁଇ
ଜଂଗଲ୍ ମାଲିକ୍ ଆମେରେ ।୪

ଭାବୁଛୁ କାଏଁ ହାତେଁ ନାଇଁ ନ ବଲ୍
ଆମେ ଆଦିବାସୀ ଜାତି ,
ମନେ ରଖ୍‌ବୁ କଥା ଗୁଟେକେ
ବାଘର୍ ଚିର୍‌ସୁ ଛାତି ।୫

ନାଇଁ ମେଟି ଆମର୍ ଟଙ୍ଗାରିର୍ ଧାର୍
କୁଢେର୍ - ପନ୍‌ଖି – ଦାଆ ,
ବର୍‌ଛା – ଶାବଲ୍ – ଧନୁଶର – ଟାଙ୍ଗୀ
ହାତେ ହେଇଛେ ଥୁଆ ।୬

କରୁଛୁ ଯେତେ ନିଅମ୍ – କାନୁନ୍
କରୁଥିବୁ ତୁଇ ସେନ୍ ,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜଂଗଲ୍ ଭିତର୍‌କେ ଆଏଁକ୍ ପକାଇଲେ
ଟାଣ୍‌ମୁ ଆଏଁକ୍ ଇନ ।୭
ଜାନିଥିବୁ ତୁଇ ଶୁନିଥିବୁରେ
ଆମର୍ ବାହାଁ ବଫୁ ,
ଜଂଗଲ୍ ଭିତ୍‌ରେ ବରଷ୍ ବରଷ୍
ରହିଛୁ ଆମେ ସବୁ ।୮
କେତେ ବର୍‌ଷା – ଖରା – ଶୀତ୍
ସହିଛେ ଇ ଦିହିଁ ,
ଲଢେଇ ଲାଗିର୍ ନାଇଁ ଡାକ୍‌ବୁ
ଚୀରି ଦେମୁ ଥୁଇ ।୯
ତୋର୍ ଭଲେ ତୁଇଁ ଆମର୍ ଭଲେ ଆମେ
ରହି ଥିସୁରେ ଇନ ,
ଶୁଇଲା ବାଘ୍‌କେ ଉଠେଇ ଦେଲେ
ଶୁଇ ଥିବୁ ତୁଇଁ ସେନ ।୧୦

ବଡ଼ନୂଆଁପାଲି, (ଡୁଙ୍ଗୁରିପାଲି )
ସୁବର୍ଣ୍ଣପୁର ,
ମୋ.ନଂ - ୯୯୩୮୮୪୯୫୭

Magazine Downloaded from www.aahwaan.com

# ମଦୁଆ ହେବା ହିରୋ



ଆର୍ତ୍ତତ୍ରାଣ ଖୁର୍ଦ୍ଦିଆ

ଇ ସ୍କୁଲ୍ ମାନକେ ମାଷ୍ଟ୍ର୍ ନାଇନ
ସର୍କାରର୍ ନାଇ ଚିନତା,
ମଦୁଆ ବନଜିଆ ଇନାମ୍ ପାଏବେ
ଦେଖତ ଘାଏ ଇ କଥା.
ଜାତିର୍ ଗରବ୍ ଦେଶର୍ ଉଜଲ୍ ତାରା
ଆଓନ୍ ଇ ପିଲା ଛୁଆ,
ଡିଂଡା ନେତା ମଂତିରି ଜାନବେ କାଁଏଟା
ମଦଟା ତାକର୍ ଚାହା.
ଇଲେକସନେ ମଦ୍ ପିଆଇ ପିଆଇ
ଜିତୁଛନ୍ ପାଁଚ ବଛର୍ ,
ଲୁଟି ଖାଏବେ ଅଫିସର୍ କେ ଦେଖାବେ
MP,MLA ଦପ୍ତର୍ .

ବାପର୍ ପୁତାତ ଏଜୁକେଶନ୍ ରୁଲ୍
ବଦଲାଇ ଦେଖ ଘାଏ,
ଖତ୍ ଗଦାଠାନୁ ପଦମ୍ ଫୁଟବା
ଓଡିଶାର୍ ହେବା ଜଏ.
ଇଠାନୁ ବାହାରବେ କେତେଟେ APJ
ଆରୁ କେତେ ଆଇନଷ୍ଟାଇନ୍ ,
ସୁଧରାଇ ଦିଅ ଇ ସ୍କୁଲ୍ ଅରକଲ୍
ବଦଲାଅ ଶିକ୍ଷାର୍ ଆଇନ୍ .
ବିକାଶର୍ ମୁଲ୍ ଏଜୁକେଶନ୍ ରୁଲ୍
ବରକସ୍ ଜେନ ଥିବା,
ସେଠାନର୍ ଇ ଶିଖିତ୍ ପିଲା କାଁଏ
ଦାଦନ୍ ଖଟି ଯିବା,
କାଁଏଟା କରବା ଆରୁ ହେଲେ ଭାଇ
ଚାକରୀ ଆଶଟା ମାନ୍ଦା,

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଖରଚା କରି କରି ଜମିନ୍ ଟାକେ ବୁଆ

ପକେଇ ଦେଇଛେ ବନ୍ଧା.

ଶିଖିତ୍ ମାନକୁ ନାଇନ ଚାକରୀ

ବୁଲୁଛନ୍ ସବୁ ବେକାରୀ,

ସାମାଜିକ୍ ଆଏ ଯଦି ମଦୁଆ ବେପାର

ଧଏନ୍ ଇ କୁଟ୍ କଚରୀ.

ମାଷ୍ଟର୍ ଜେନନେ ଦରମାର୍ ଲାଗି

ପେଟ୍ ନିଁ ପାରେ ପୁଷି,

ସେଠାନୁ କେନତା ବନେ ରକମର୍

ରିଜଲ୍ ଆଏବା ବେଶୀ.

ମାଷ୍ଟର୍ ଇଠାନେ ଭିଲିଏନ୍ ହେବା

ମଦୁଆ ବନବା ହିରୋ,

ସେନର୍ ଇସ୍କୁଲ୍ ରିଜଲ୍ ହୋ ଭାଇ

ଆଏବାନ ଏନତା ଜିରୋ.

ଆଏବାନ ଏନତା ଜିରୋ.

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଖେତ୍ ଖଲା



କ୍ଷମାନିଧି ସାହୁ

ସଁସାର୍ ଭିତରେ ଜୀଁବାର୍'କେ ହେଲେ
ଅରନ୍ ମୁଠାକ ଆଶ୍
ଚଷା ଭେଇ ପୁଷସି ଦେଶକେ
କରି ଇନେ ଚାଷବାସ୍..

ଅକ୍ଷି ତୃତୀୟାନୁ ମୁଲ୍ ହେସି ଚାଷ୍
ନିରୋଲ୍ ବିହାନ୍ ବୁନି
ପୂଜା ପାଏସନ୍ ଧରତି ମାଁ'
ଫଲ୍ ଦେସନ୍ ମନ୍ ଜାନି..

ଘିଡ୍ ଘିଡେଇ ବରଷିଲା ପାଏନ୍
ଫୁଲେ ଖେଲଲା ଭଅଁର୍

ଧରଲା ଚାଷୀ ହଲ୍ ନଙ୍ଗଲ ଜୁଏଡ୍
ମାଏଟ୍ ଜୁଡି କଲା ବତର୍

ଅର୍ ତ..ତ..ତ ବୋଲ୍ ବୋଲ୍ କରି
ନଙ୍ଗଲେ ମାଏଟ୍ ହେଲା ଝାରି
ଚାରା ପଲ୍ହାକେ କିସମ୍ କିସମ୍ ଚାଷ୍
କେଲେଇ ହେସି ଫଲ୍ ଧରି..

ମାଏଟ୍ ଜାନିକରି ତୁଲି ବଏରଛା
କେତେ କିସମର୍ ଫେର୍ ନାଆଁ
ବୁନ୍ଦେନ୍,ପାଁକେଲ୍,ମୁଡାତୁଲି ବଲି
ଏନ୍ତା କେତେ ଥିସି ନାଆଁ..


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଧାନ୍,କଁକୋଡୋ,ମିରଚା,ବାଏଗନ୍
ପତାଲି,ଭେଣି,ଝୁଲେର୍
ଜହ୍ନି,କର୍ଲା,କାଁକେଁର୍ ସାଙ୍ଗେ
ଭାଜି,ନଏଲତା,କୁଲେର୍..

ଧାନ୍'କେ ଚେହିଁ ରୁଆ-ବିହିଡା
କଁକୋଡୋଥି ରାଁଞ୍ଜ୍-ରୁଇ
ମିରଚା,ପତାଲି,ବାଏଗନ୍ ରିଢାମା
ଖତ୍ ସାର୍ ଉସୋ ଦେଇ..

କୁର୍ମା ଭିତରେ ସୁଲସୁଲିଆ ପବନ୍
ମନକେ ନେସି ଘିନି
ବାସି ପଖାଳେ ଛଡି ପୁରଗା ଟା
ଘିଚାସି ଠାନ୍'କେ ଜାନି..

ଦିନକ ଥରେ ନାଇଁ ବୁଲଲେ ଇ
ଖେତ୍ ଖଲା, ଡୁଲି,ବଏରଛା
ବନ୍ଧଲିର୍ ପାନି ନାଇଁ ଉଧଲିଲେ ଘାଏ
ମନ୍ ନାଇଁ ଲାଗେ ପଏରଛା..

ଇଟାକେ ହିଁ ଚଷା ଉଧା କରସି
ଇଡାର୍ ବିନା ଦେଶ୍ ମଲା
ସମକିରର୍ ଲାଗି ଖାଆନା ଯେନୁ ତିଆର୍
ନାଆଁ ତାର୍ ଖେତ୍ ଖଲା..

ଜାମପାଲି,ସାଲେପାଲି,ମେଲଛାମୁଣ୍ଡା,ବରଗଡ଼
୭୦୭୭୦୪୯୩୪୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଟଁଢେଇ



ସୁଧୀର ପଣ୍ଡା

ସାନ୍ ବେଳେଁ କଥାନି କହୁଥିଲା ଆଇ
ତୁରତି କେନ୍ତା ମତେ ଦେବା ଶୁଏଇ ।
ଜୀବନ୍ ସାରା କେଭେଁ ନାଇଁ ଦେଖି ମୁଇଁ
ଦାଁତ୍ରି ପେତେନ୍ କାଲି ଭୁଷକି ଟଁଢେଇ ।
ଇଏ ପରେ ପିଇସନ୍ ମୁନୁଷର୍ କଁଚା ରକତ୍
କଁଚାରକତ୍ ପିଇଲେଁ ଉଭରିସି ତାକତ୍ ।
ସତେମିଛେଁ କେଭେଁ ନାଇଁ ଦେଖିମୁଇଁ
ଗୋଡ୍ ଉପର୍କେ ଟେକି ହାତେଁ ଚାଲସି
ଟଁଢେଇ ।
ଅଧା ରାତିଁ ଯାଏସି ଭଟାକେ ଚରି
କେଭେଁ କିଏ ତାକେ ନାଇଁ ପାରନ୍ ଧରି ।
ଯଦି କିଏ ତାକେ କରବା ପିଛା
ବୁଦ୍ଧି ହଜିଯିବା ହଏବା ମୂର୍ଚ୍ଛା ।
ହରାଳି ଉଆଁଶ୍ ତାକର୍ ବଡ ପରବ
ସେଦିନ ଜାନବ ତାହାକର୍ ଭାବ ।
ଜୁଆନ୍ ବଏସେଁ ମୁଇଁ ଥିଲି ଗାଆଁନ
ଟଁଢେଇ ଦେଖବାରକେ କଲା ମୋର୍ ମନ ।
ଗାଆଁଥିଁ ଥିଲା ଗୁଟେ ବଡ୍ ଗୁନିଆଁ
ବାଗଡି ବାଲଥିଁ ଖୁଚେ ଶିଂଘ୍ ପାନିଆଁ ।
ସିନ୍ଦୁର୍ ଲଗାଏ କପାଳେଁ ତାର
ଟଁଢେଇକେ ତାର ନାଇଁଥାଏ ଡର ।
କାନେ ପିନ୍ଧେ କୁଣ୍ଡଳ ମୁଠନିନ ବଳା
ଟଁଢେଇକେ କରିଦେସି ଗୁଲଗୁଲା ।
ସେଥିର୍ଲାଗି ପାଁଚପାଲିଥିଁ ତାର୍ ନାମ
ଟଁଢେଇ ଟାଙ୍ଗେନ୍ ଛଡ଼ା ତାହାର କାମ ।
ଦୁର୍ବଲିଆ ଲୁକକୁ ଯଦି କେନ୍ ଦେଖବା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଟଁଢେଇ ତାହାକେ ଚୁହୁଅଛେ ବଲବା ।
ଗାଆଁନ ତାର୍ ପଛେଁ କିଏ କାଣା କହେ
ଟଁଢେଇର୍ ଅସଲି ଗୁରୁ ଗୁନିଆଁ ଇଏ ।
କଲାଦହନା ପତରେଁ ପିନ୍ଧିଛେ ମାଳ
ଲାଲ୍ ପାଗେଁ ଖୁଚିଛେ ମନ୍ଦାର ଫୁଲ ।
ମତେ କହେଲା ଦିନେ ଅଧରାତିରେ
ଟଁଢେଇ ଦେଖିଯିବୁ ମୋର ସାଥୀରେ ।
ମନ୍ତର ଫୁକି କିଲି ଦଉଛେଁ ତତେ
କର୍ଲା ଡାଁଡିଥିଁ ଫେର୍ ଦାଗଲା ମତେ ।
ଦୁହେଁ ଗଲୁ କଁଟା ଆରିକେ ସିଧା
ଟଁଢେଇକେ ଜରୁର୍ ଦେବା ଦୁଇବିଧା ।
ଉଆଁଶ୍ ରାତିନ କିଛି ନାଇଁ ଦିଶେ
ଲବାର୍ ଟଁଢେଇ ଆସିବା କେନ୍ ସାହସେ ।
ଗୁନିଆଁ ବସି ଅନ୍ଧାରେଁ ପଢେ ମନ୍ତର
କଲାଛାଏ ଗୁଟେ ଯାଏ ସେପାର ।

ଚକନି ଭିତରେଁ ଜଲୁଛେ ସଏଲତା
ଧିରେ କହେଲିଁ ମୁଇଁ ଇଏ କିଏ ବତା ।
ଗୁନିଆଁ କହେଲା ବବା ଚୁପ୍ ଚାପ୍ ବସିଥା
ଇ ଶାଳୀକେ ସାବାଡ୍ କରମି ଦେଖୁଥା ।
ତାର୍ ପଛେଁ ଗୁନିଆଁ ଗଲା ପଲେଇ
ଡରହେଁ ବସିଥିଲିଁ ଏକେଲା ହଇ ।
ଅଧା ଘଁଟା ଉତାରୁ ଆଏଲା ଗୁନିଆଁ
ତାହାକେ ଦେଖି ମୁଇଁ ହେଲି ଛାନିଆଁ ।
ଗମଗମ୍ ଗହଦୁଥିଲା ବରଷା ଦିନେ
ସଁ ସଁ ହଉଥିଲା ପରାନ୍ ଯିବା ଇଖେନେ ।
ମହାଲବାର୍ ଟଁଢେଇ ଚଢିଛେ ବୀରବାନ୍
କେଁଚି ବସିଥିଲା ନେଇଥିତା ପରାନ୍ ।
ହେଁକେଇ ହେଁକେଇ ବେବଲଉ ଥିଲା ଗୁନିଆଁ
ବାଗଡ଼ି ବାଲେଁ ଚଲଉଥିଲା ପାନିଆଁ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଟଁଢେଇ କେନକେ ଗଲା ପଚାରଲିଁ
ହୁତୁଥିଲା ଗୁନିଆଁ, ହାରାମଜାଦୀ ଶାଳୀ ।
ବୀରବାନ୍ ଚଢିଛେ ଚାଲସି ପାଏନ୍ ଉପରେ
ପେଲେହିଛେଁ ମନ୍ତର ଇଗାଁକେ ଆସି ନି
ପାରେ ।
ମୋର୍ ବପୁ ଦେଖି ଦିରିପ୍ ଛାଡି ଭାଗିଛେ
ଯିବାର୍ ସମେନ୍ ଦୁଇଶହ ଟଁକା ଦେଇଛେ ।
ଟଁଢେଇ ଟଁକା ତତେ କାଏଁଜେ ଦେଲା
ଟଁକା ଦେଇ କେନଆଡ଼େ ଭାଗଲା ।
ଗୁନିଆଁ ବଏଲା ମୁଇଁ ଚିନହିଛେଁ ତାହାକେ
କାଏଁ ଲାଜେଁ ଶାଳୀ ଆଏବା ଇଠାନକେ ।
ସବୁକଥା ବବା ନିପାରେଁ ତତେ ବୁଝେଇ
କାଏଲ୍ କେ ଆମର୍ ଘରକେ ଆଏବୁ ତୁଇଁ ।
କେତେ ଟଁଢେଇ ଟାଙ୍ଗେନ୍ କେ ଶୂଇନ୍ କରି
ଠେଁକି ଆଉର୍ ବୁତଲ୍ ଥିଁ ରଖିଛେ ଭରି ।
ରାନ୍ଧନି ଗାଧୁଆ ସମେନ୍ ଆଏବୁ ମୋର୍ ଘର
ରାନ୍ଧିଥିମି ବବା କୁକରା ଶିକାର ।
ଅଘେଇ ଯିବାର୍ ତକ୍ ଖାଏବୁ ମୋର୍ ଘରେଁ
ଇକଥା ନିକହେବୁ କାହାର ଆଗରେ ।

ସୁରୁ ଗୁନିଆଁ

Magazine Downloaded from www.aahwaan.com

# ପ୍ରବନ୍ଧ ବିଭାଗ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଇତିହାସ କହେ ଆଜି କାହାଣୀ



ମନୋଜ କୁମାର ପଣ୍ଡା

ଇତିହାସ ଜାତିର ଅତୀତ ସମ୍ପର୍କରେ ଏହାର ନାଗରିକ ମାନଙ୍କୁ ସ୍ମରଣ କରାଇଦିଏ । ଅତୀତ ଗୌରବ ବର୍ତ୍ତମାନର କାର୍ଯ୍ୟ ନିର୍ଦ୍ଧାରଣ ପାଇଁ ପ୍ରେରଣା ଦିଏ । ତେଣୁ ଇତିହାସ ହେଉଛି ଜାତୀୟ ଜୀବନର ଏକ ଚିର ସ୍ରାବି ନିର୍ଝର । କୈଣସି ଦେଶର ଏକ  ଐତିହାସିକ ସ୍ଥାନ ତାହାର ନାଗରିକ ମାନଙ୍କ ଆଗରେ ଇତିହାସ ସାକ୍ଷୀ ସ୍ୱରୁପ ଦଣ୍ଡାୟମାନ ହୋଇଥାଏ ।

"କହ କହ କେଉଁ ଜାତି ପାଇଛି ମୁକତି,କରି ହରି-ହାରି-ଗୁହାରି"

ସେଦିନ ସଂଗ୍ରାମୀ କବିର ଦୃପ୍ତ କଣ୍ଠରୁ ଶୁଣା ଯାଇଥିଲା ସ୍ୱାଧିନତାର ଆବାହନୀ ମନ୍ତ୍ର । କେବେ କେଉଁ ଜାତି ବିକଳ ଆକୁତି ବାଢ଼ି ନିଜର ସ୍ୱାଧିନତା ରୂପ ପରମ ସଂପଦକୁ ଲାଭ କରିପାରିନାହିଁ । ସ୍ୱାଧୀନତା ଏକ କଷ୍ଟଲବ୍ଧ ସଂପଦ, ଏହାର ଅନ୍ତରାଳରେ ଭରି ରହିଛି କେତେ ଗଣହତ୍ୟା, କେତେ ରକ୍ତପାତ, କେତେ ନର ଦମନର ନାରକୀୟ ବୀଭତ୍ସତା । ଜାତୀୟ ଜୀବନକୁ ଦୃଢ଼ କରି ଗଢ଼ିତୋଳିବା ନିମିତ୍ତ ସ୍ୱାଧୀନତା ହେଉଛି ମହାର୍ଘ ସଂପଦ, ଜାତୀୟ ଐକ୍ୟ ଆଉ ସଂଗ୍ରାମର ଆହ୍ୱାନ ନେଇଆସେ ସ୍ୱାଧୀନତା । ପ୍ରତିଟି ସ୍ୱାଧୀନ ଜାତି ଇତିହାସର ଜୀର୍ଣ୍ଣ ପୃଷ୍ଠାରେ ସଂଚିତ ହୋଇ ରହିଛି ସେହି ସ୍ୱର୍ଣ୍ଣଲିପି ।

ସୁଜଳା-ସୁଫଳା-ଶସ୍ୟ-ଶ୍ୟାମଳା,  ତଟିନୀ-ମେଖଳା-ଅରଣ୍ୟ-କୁଣ୍ଡଳା ସ୍ୱର୍ଣ୍ଣପ୍ରସୁ ଭାରତ ବର୍ଷ ବିଶ୍ୱ ସରସୀର ସ୍ୱର୍ଣ୍ଣ କମଳ, ରୂପେ ଥିଲା ବିଦିତ । ଶୌର୍ଯ୍ୟମୟୀ ଭାରତଭୂମିର ଐଶ୍ୱର୍ଯ୍ୟରେ ପ୍ରଲୁବ୍ଧ ହୋଇ ସେଦିନ ବିଦେଶୀ ବଣିକ ଗୋଷ୍ଠି ସାତ-ଦରିଆ ସେପାରିରୁ

ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

ମେଲିଥିଲେ ବାଣିଜ୍ୟ-ପୋତ । ଦୁଃଖ-ଦୁର୍ଭାଗ୍ୟ- ପୀଡ଼ିତ ଭାରତମାତାର ବୀର ସନ୍ତାନଗଣ ପାରସ୍ପରିକ ଆଭ୍ୟନ୍ତରିଣ ଯୁଦ୍ଧ ପ୍ରମତ୍ତ ଥିବା ବଣିକ ଇଂରେଜମାନେ ଆରମ୍ଭ କରି ବସିଲେ ରାକ୍ଷସୀ ମାୟା । ବ୍ୟବସାୟ କରୁକରୁ ଚତୁର ଇଂରେଜ ଜାତି ଶଠତା ଓ ଛଳନାରେ ଭାରତର ଶାସନ ଡୋରିକୁ ଭିଡ଼ି ଧରିଲେ । ଶାସନ ନାମରେ ଏ ଦେଶରେ ଆରମ୍ଭ କଲେ ଶୋଷଣ ଓ ଅତ୍ୟାଚାରର ପୈଶାଚିକ ନାଟକ । ଜ୍ଞାନ-ବିଜ୍ଞାନ-ଶୌର୍ଯ୍ୟ-ବୀର୍ଯ୍ୟ-ଐଶ୍ୱର୍ଯ୍ୟମୟୀ ଭାରତ ଭୂମିର ସ୍ୱାଧୀନତାକୁ ଛିନ୍ନ କରିନେଲେ ସେମାନେ ।

ବ୍ରିଟିଶ ଇଷ୍ଟ ଇଣ୍ଡିଆ କମ୍ପାନୀର ସେହି ଧୁର୍ତ୍ତ କ୍ଲାଇବଙ୍କ ଚାତୁର୍ଯ୍ୟ ଆଉ ଶଠତାରେ ବଶୀଭୁତ ହୋଇ କ୍ଷମତା ନିଶାରେ ପାଗଳହେଲେ ଦେଶଦ୍ରୋହୀ ମୀର୍ ଜାଫର । ହତଭାଗ୍ୟ ସିରାଜ ଉଦ୍ଦୌଲାଙ୍କ ଦେଶପ୍ରୀତି ହେଲା ଭୁଲୁଣ୍ଠିତ ଆଉ ଆରମ୍ଭ ହେଲା ପଲାସୀ ଯୁଦ୍ଧ । ୧୭୫୭ର ଏଇ ସମର ହିଁ ଭାରତ ପାଇଁ ଆଣିଥିଲା ଚରମ ଦୁର୍ଭାଗ୍ୟ । ଶଠ କ୍ଲାଇବ୍ ର ଦୈତ ଶାସନ ହିଁ ଭାରତୀୟଙ୍କ ଭାଗ୍ୟାକାଶରେ ଢାଙ୍କି ଦେଲା ଦୁର୍ଦ୍ଦିନର କଳା ବାଦଲ । ଚୀରସ୍ଥାୟୀ ବନ୍ଦୋବସ୍ତ, ସୂର୍ଯ୍ୟାସ୍ତ ଆଇନ, ବଳରେ ବିଦେଶୀମାନେ ଏ ଦେଶର ବ୍ୟକ୍ତିମାନଙ୍କୁ କ୍ରମେ ପଙ୍ଗୁ ଏବଂ କ୍ଷମତାହୀନ କରିବାକୁ ଆରମ୍ଭ କରିଦେଲେ ।

ମନୀଷା ମଙ୍ଗଳ ଜ୍ୟୋତି ଶୁଭଶାନ୍ତି ଗନ୍ତାଘର  
ସୃଷ୍ଟି ର ସୁଗନ୍ଧି ପୁଷ୍ପ ଉତ୍କଳ ଜନନୀ ମୋର୍ ।

ଭାରତମାତାର ବିଳାସ ପ୍ରକୃତିର ଅଲିଅଳି ହେଉଛି ଆମର ପ୍ରିୟ ଜନ୍ମଭୂମି ଉତ୍କଳ । ଶୋଭାମୟୀ ଏଇ ପ୍ରକୃତି ପ୍ରତ୍ୟେକ ରସଗ୍ରାହି ପ୍ରାଣକୁ କରେ ପ୍ରଲୁବ୍ଧ । ପଟାନ୍ତରହୀନ ଏଇ ଶୋଭାର ବର୍ଣ୍ଣନା ପ୍ରଦାନ କରି କବି କଣ୍ଠରୁ ଶୁଣାଯାଏ

"ଆହା ଏ ଶୋଭାର ନାହିଁ ପଟାନ୍ତର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଥିଲେ ଥିବ ସ୍ୱର୍ଗେ,ମର୍ତ୍ତ୍ୟେ ଅଗୋଚର ।

ଉତ୍କଳର ଚାରୁ ପ୍ରକୃତିର ମନଲୋଭା ସୌନ୍ଦର୍ଯ୍ୟରେ ଲାଳାୟିତ ହୋଇ ଦିନେ ଇଂରେଜ ମାନେ ଆସିଥିଲେ ଏବଂ ବହୁ ବର୍ବର ଅତ୍ୟାଚାର କରିଥିଲେ ।

ଉତ୍କଳ ଇତିହାସର ବାରବାଟି ଏକ ପ୍ରଧାନ କୀର୍ତ୍ତି, ଏବଂ ଏହାର ଅବଦାନ ଅତୁଳନୀୟ । ଓଡିଶାର ନଗରମାନଙ୍କ ମଧ୍ୟରେ କଟକ ଅପେକ୍ଷାକୃତ ନୂତନ । ଯାଜପୁର, ପୁରୀ ଓ ଭୁବନେଶ୍ୱର କ୍ରମାନ୍ୱୟରେ କେଶରୀ ବଂଶର ପ୍ରଥମ ନୃପତିମାନଙ୍କର ରାଜଧାନୀ ଥିଲା ।

କେଶରୀ ବଂଶର ରାଜା ନୃପ କେଶରୀଙ୍କ ଦ୍ୱାରା ୯୮୯ ଖ୍ରୀ.ଅ.ରେ[୧][୨] ଏକ ସେନା ଛାଉଣି ଭାବରେ କଟକର ପ୍ରତିଷ୍ଠା ହୋଇଥିଲା । ପୁରୀ ଜଗନ୍ନାଥ ମନ୍ଦିରର ମାଦଳା ପାଞ୍ଜିରୁ ଏହାର ପ୍ରମାଣ ମିଳିଥାଏ । ସନ ୧୦୦୬ରେ ରାଜା ମର୍କତ କେଶରୀଙ୍କ ଶାସନ କାଳରେ ମହାନଦୀ ଉପରେ ପଥର ବନ୍ଧ ତିଆରି ହୋଇଥିଲା, ଆଉ ଲୋକଙ୍କୁ ବନ୍ୟା ଦାଉରୁ ବଞ୍ଚାଇବା ପାଇଁ ଏହି ପଥରବନ୍ଧ ତିଆରି ପଛରେ ଥିଲେ ସେକାଳର କୁଶଳୀ ବିନ୍ଧାଣି ବାଇଧର ମୁଣ୍ଡି (ଲୋକତୁଣ୍ଡରେ ବାଇମୁଣ୍ଡି ନାମରେ ଜଣାଶୁଣା) ।

କେଶରୀ ବଂଶ ପରେ କଟକ ୧୨୧୧ ଖ୍ରୀ.ଅ.ରେ ଗଙ୍ଗ ବଂଶଜ ଅନଙ୍ଗଭୀମ ଦେବଙ୍କ ସାମ୍ରାଜ୍ୟର ରାଜଧାନୀ ରୂପେ ରହିଥିଲା । ଗଙ୍ଗବଂଶ ପରେ କ୍ଷମତାରେ ଥିବା ସୂର୍ଯ୍ୟବଂଶଜ ଗଜପତି ରାଜା (୧୪୩୫-୧୫୪୧ ଖ୍ରୀ.ଅ.)ମାନେ ମଧ୍ୟ କଟକକୁ ନିଜ ରାଜଧାନୀର ମାନ୍ୟତା ଦେଇଥିଲେ । ଓଡ଼ିଶାର ଶେଷ ହିନ୍ଦୁରାଜା ମୁକୁନ୍ଦଦେବଙ୍କ ଅନ୍ତେ କଟକ ମୁସଲିମ ଓ ମୋଗଲମାନଙ୍କ ଅକ୍ତିଆରକୁ ଆସିଥିଲା କଟକ । ଅଠର ଦଶକର ମଝି ଆଡ଼କୁ, ପ୍ରାୟ ୧୭୫୦ ବେଳକୁ କଟକ ମରହଟ୍ଟାମାନଙ୍କ ଅଧୀନକୁ ଆସିଲା । ନାଗପୁରର ମରହଟ୍ଟା ଏବଂ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କୋଲକାତା (ତତ୍କାଳୀନ କଲିକତା)ର ଇଂରେଜ ବଣିକମାନଙ୍କ ସହ ଗମନାଗମନ ଓ ଯୋଗାଯୋଗ ଲାଗି ଉତ୍ତମ ସ୍ଥାନରେ କଟକ ଅବସ୍ଥିତ ହୋଇଥିବାରୁ ଏହି ସମୟରେ କଟକର ବାଣିଜ୍ୟିକ ପ୍ରତିପତ୍ତି ବୃଦ୍ଧି ପାଇଲା । ୧୮୦୩ରେ ଇଂରେଜମାନେ କଟକକୁ ଦଖଲ କଲେ ଏବଂ ୧୮୧୬ରେ ଏହାକୁ ଓଡ଼ିଶା ଡିଭିଜନ୍‌ର ରାଜଧାନୀ ଘୋଷିତ କରାଗଲା । ଯଦିଓ ସ୍ୱାଧୀନତା ପରବର୍ତ୍ତୀ କାଳରେ ୧୯୪୮ରେ ଭୁବନେଶ୍ୱର ଓଡ଼ିଶାର ରାଜଧାନୀରେ ପରିଣତ ହେଲା ତଥାପି ଶାସନତନ୍ତ୍ରରେ ଏଯାବତ୍ କଟକ ନିଜର ଏକ ସ୍ୱତନ୍ତ୍ର ପତିଆରା ବଜାୟ ରଖିଛି ।

କଟକ ଇତିହାସର ମୂକସାକ୍ଷୀ ରୂପେ ଓଡ଼ିଶା ବିଦିତ ପୁରାତନ ବାରବାଟି ଦୁର୍ଗ ଏଯାବତ୍ ସଗର୍ବେ ଦଣ୍ଡାୟମାନ । ଏହି ଦୁର୍ଗର ସମୀପରେ ଅତ୍ୟାଧୁନିକ ସୁବିଧାସୁଯୋଗ ଯୁକ୍ତ ବାରବାଟି ଷ୍ଟାଡିଅମ ରହିଛି । ଗଙ୍ଗ ବଂଶର ପଞ୍ଚମ ନରପତି ଅନଙ୍ଗଭୀମ ଦେବ ବାରବାଟି ଦୁର୍ଗ ନିର୍ମାଣ କରାଇଥିଲେ । ଅନଙ୍ଗଭୀମ ଦେବ ତାଙ୍କ ରାଜତ୍ୱର ପ୍ରଥମାର୍ଦ୍ଧରେ ଯାଜପୁରରେ ବାସ କରୁଥିଲେ । ସେ ଉତ୍ତର ଦିଗରୁ କ୍ରମେ ଆଫଗାନ ଆକ୍ରମଣର ଆଶଙ୍କା ଦେଖି ଗୋଟାଏ ସୁରକ୍ଷିତ ସ୍ଥାନରେ ସୁଦୃଢ଼ ଦୁର୍ଗ ନିର୍ମାଣର ଆବଶ୍ୟକତା ଅନୁଭବ କଲେ ଏବଂ ଖ୍ରୀଷ୍ଟୀୟ ଦ୍ୱାଦଶ ଶତାବ୍ଦୀର ଶେଷଭାଗରେ ବାରବାଟି ଦୁର୍ଗ ନିର୍ମାଣ କରାଇଥିଲେ । ଯାଜପୁରରୁ ସେ ବାରବାଟିକୁ ତାଙ୍କର ରାଜଧାନି ଉଠାଇ ଆଣିଥିଲେ ।

ପାଇକ ବିଦ୍ରୋହର ଦୁଇଶହ ବର୍ଷରେ ମନେପଡ଼େ ଏହାକୁ ନେଇ ରଚିତ ଗୋଦାବରୀଶ ମିଶ୍ରଙ୍କ ୧୮୧୭ ଉପନ୍ୟାସ, ଯାହା ଦୂରଦର୍ଶନରେ ଧାରାବାହିକ ଭାବରେ ପ୍ରଦର୍ଶିତ ହୋଇଥିଲା । ଉପନ୍ୟାସର ଗୋଟିଏ ପଟେ ଧୂର୍ତ୍ତ ସର୍ବରାକାର ଚରଣ ପଟ୍ଟନାୟକ ଥିଲାବେଳେ ଅପର ପାଶ୍ୱର୍ରେ ଥିଲେ ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର । ତେଣୁ ବକ୍ସିଙ୍କ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜୀବନ ଥିଲା ସଦାସର୍ବଦା ବିପଦପୂର୍ଣ୍ଣ । ସେଦିନ ବାଣପୁର ହନ୍ତୁଆଡ଼ଠାରେ ସେ ମରୁ ମରୁ ବଞ୍ଚିଲେ । ଆସନ୍ତୁ ପଢ଼ିବା ୧୮୧୭ ଉପନ୍ୟାସର ସେଇ ଅଂଶ .....

ଫଗୁ ଦଶମୀ ସନ୍ଧ୍ୟାରେ ହନ୍ତୁଆଡ଼ ଚକାଠାକୁରଙ୍କ ମଣ୍ଡପରେ ଚନ୍ଦ୍ର ଆଲୋକରେ ଜଣେ ପ୍ରବାସୀ ଏକାକୀ ଏକଧ୍ୟାନରେ ବସିଛି । ଖଣ୍ଡେ ଦୂରରେ ଆଉ ଜଣେ ଲୋକ କିଆବାଡ଼ ଆଢୁଆଳରେ ନଇଁ ନଇଁ କେତେବେଳେ ଆଗକୁ ଓ କେତେବେଳେ ପଛକୁ ଛୋଟ ନଦୀର ଘାଟଉଙ୍ଗାପରି ଯିବା ଆସିବାରେ ଲାଗିଛି । ଲୋକଟା କଳା ନୁହେଁ; ମାତ୍ର କଳା ବୋଲି ସମଗ୍ର ଦେହଟାକୁ ଚନ୍ଦ୍ରପକ୍ଷ ରାତିର ଛାଇ ସହିତ ମିଶାଇଦେବା ପାଇଁ ଶ୍ୟାମଳ ବର୍ଣ୍ଣ କରି ପକାଇଛି । ଫସଲ ଜଗାଳି ଭାଡ଼ିଶୁଆଙ୍କ ଭଳି ସେ ହାତରେ ଗୋଟାଏ ତେଣ୍ଟା ଧରିଛି; ତାର ଅପର ହାତରେ ଅଛି ଏକ ଦଉଡ଼ି । ସେ ବୁଦାମୂଳେ ଠେକୁଆଛୁଆ ପରି ଆଗକୁ ପଛକୁ ଚାହୁଁଛି, ପତ୍ର ଖଡ଼ ଖଡ଼ ହେଲାମାତ୍ରେ ଗୋଡ଼ର ବୁଢ଼ା ଆଙ୍ଗୁଠି ଟିପରେ ଦଶହାତ ଧାଇଁ ଯାଉଛି ।

ଜଙ୍ଗଲରେ ବାଘ ଗୟଳକୁ ଛକି ରହିଥାଏ ଓ ଧରିବାକୁ ସୁବିଧା ଉଣ୍ଡୁଥାଏ । ସେ ଲୋକ ସେହିପରି ଆଉ ପଛଘୁଞ୍ଚା ନଦେଇ ମଣ୍ଡପ ଉପରେ ପ୍ରବାସୀ ପାଖେ ଯାଇ ହାଜର ହୋଇଗଲା । ପ୍ରବାସୀ ଏକାବେଳକେ ଧ୍ୟାନମଗ୍ନ; ସୁତରାଂ ତାହା ଜାଣି ସୁଦ୍ଧା ପାରିଲାନି । ସେ ସୁବିଧା ପାଇ ଲୋକଟା ତା ଦୁଇହାତ ପଛଆଡ଼କୁ ଖସାଇ ଆଣି ଦଉଡ଼ିର ଗୋଟାଏ ଅଗରେ ଧୀରେ ଧୀରେ ବାନ୍ଧି ପକାଇଲା । ତା'ପରେ ସେ ଆର ଅଗଟାରେ ଗୋଟାଏ ଫାଶ ପକାଇ ତା ମୁଣ୍ଡବାଟେ ବେକ ଉପରକୁ ଗଳାଇଦେଲା । ସେତେବେଳେ ତାର ଆନନ୍ଦର ସୀମା ରହିଲାନାହିଁ । ସେ ମନକୁ ମନ ଭାବିଲା, ଆଉ ଯାଏ କୁଆଡ଼େ ? ଏଥର ମୋର ପାଟଶାଢ଼ି ଥୁଆ । ଭାବି ସେ ଫାଶଟା ହାତରେ ଟାଣିଦେଲା । ପ୍ରବାସୀ ଆଖି ଫିଟାଇ ଫିଟାଉ

 Magazine Downloaded from www.aahwaan.com

କହିଲା, "କିଏ ନୃସିଂହ ? ଏ କଣ ?"

"ନୃସିଂହ ଫୃସିଂହ କେହି ନୁହେଁ, ଚଣ୍ଡାଳ; ଏ ସାକ୍ଷାତ ନୃସିଂହ ଅବତାର । ତୁ ଗୋଟାଏ ହିରଣ୍ୟକଶିପୁ କିନା; ଆଜି ତତେ ଦି'ଫଡ଼ା କରି ଚିରିଦେବି । ଦେଖୁଚୁନା ଏଇ କନ୍ତ ?" ସେ ହାତରେ ଧରିଥିବା କନ୍ତର ମୁନ ପ୍ରବାସୀ ମୁହଁ ପାଖକୁ ଟେକି ଦେଖାଇଲା । ତା'ପରେ କହିଲା, "ଆଜି ଦେଖିବୁ, ତୁ କେତେକର, ଆଉ ଚରଣ ପଟ୍ଟନାୟକ କେତେକର । ଜାଣୁ, ତୁ'ଟା ଦାଣ୍ଡର ଭିଖାରୀ, ଭିକ ମାଗି ପେଟ ପୋଷୁଚୁ ? ଆଉ ସେ ହେଉଛନ୍ତି ବିଶାଶହେ ବାଟିର ମାଲିକ ।" କହି, ସେ ଫାଶଟା ଟିକିଏ ଭିଡ଼ିଦେଲା । ପ୍ରବାସୀ ଆଉ କିଛି ଉପାୟ ନଦେଖି ଡେଇଁ ଦୁଇପାଦରେ ଠିଆ ହୋଇପଡ଼ିଲା ।

ମଣ୍ଡପ ତଳେ ଜଣେ ଅଶ୍ୱାରୋହୀ ଦୁମୁକିନି ଘୋଡ଼ାରୁ ଡେଇଁ ପଡ଼ିଲା । ହନ୍ତକକୁ ଚତୁର୍ଦ୍ଦିଗ ଅନ୍ଧାର ଦିଶିଗଲା । କିନ୍ତୁ ଆତତାୟୀଙ୍କ ପାଦ ଅନ୍ଧାରରେ ହିଁ ଭଲ ଚଳିପାରେ । ସେ ଦଉଡ଼ିଟା ଛାଡ଼ି କନ୍ତଟା ପକାଇଦେଇ ଛାଟିପିଟି ହୋଇ ପଳାଇଗଲା ।

ଅଶ୍ୱାରୋହୀ ପ୍ରବାସୀ ବେକରୁ ଫାଶ ଫିଟାଇ ହାତର ଗଣ୍ଠି କାଟିପକାଇ କହିଲା, "ଏ କଣ ମଣିମା ? ମୁଁ ଆଉ ମୁହୂର୍ତ୍ତେ ବିଳମ୍ବ କରିଥିଲେ ତ ସରିଥିଲା । ମୁଁ ଭଲ ଖବର ଧରି ଆସୁଚି । ତଥାପି ବାଁ ଆଖିଟା ଡେଇଁଲା । ପଡ଼ିଉଠି ତ ଧାଇଁଚି ।"

"କଣ ଖବର କହ ଦେଖି ନୃସିଂହ !"

"ଘୁମୁସରରୁ ଚାରିଶ' କନ୍ଧ ପାଇକ ଆସୁଚନ୍ତି; ବରବରା ପାଖଆଖ ଆସି ହେଇଗଲେଣି । ଦୁଇଟା ରଣପାରେ ଦି'ଜଣ ଦଳେଇ ଆଗରୁ ଆସିଯାଇଚନ୍ତି । ଏ ଆଡ଼େ ସବୁ ଯୋଗାଡ଼ ହେଲାଯାଏ ସେମାନେ ସମସ୍ତେ ସେଇ ବରବରାରେ ରହିବେ । ମଧୁ ଗଡ଼େଇ ତ ଫେରିଲେ ନାଇଁ; ଏତେବେଳ ପର୍ଯ୍ୟନ୍ତ କୁଆଡ଼େ ଗଲେ କେଜାଣି ?"

 Magazine Downloaded from www.aahwaan.com

"ଆସୁଥିବେ ନୃସିଂହ । କାମ ତେବେ ଠିକ୍ ଚାଲିଚି । ଗଜପତି କହିଥିଲେ, ଓଡ଼ିଶା ସାରା ନିଆଁ କୁହୁଳେଇ ରଖ । ମୁଁ ଗୋଟାଏ ଲୋକ ଯାହା ପାରେ କରିଚି । ମୁଁ ତ ବସି ମା' ଭଗବତୀଙ୍କ ଧ୍ୟାନ କରୁଥିଲି । ସେ ଲୋକଟା କିଏ ? ଓଃ ମତେ ମାରି ତ ଥିଲା ! ଦେଖ ନୃସିଂହ, ଏ ପ୍ରାଣଟା ଏଡ଼େ ସହଜରେ ଯିବାର ନୁହେଁ । ମତେ ଯେବେ ବଞ୍ଚେଇଲ ମୋଠୁ ଷୋଳଅଣା କାମ ଅସୁଲ କରିନିଅ ।"

ଦୁଇଜଣ ଲୋକ ଧଇଁସଇଁ ହୋଇ ଆସି ପହଞ୍ଚିଲେ । ନୃସିଂହ ପଚାରିଲା, "କଣ ମଧୁ, ଗଦେଇ ? ଏପରି ଧାଇଁଚ କାହିଁକି ? ଦଳବେହେରା କଣ କହିଲେ ?"

"ସେ ଠିକ୍ ଅଛନ୍ତି ଦଳେଇ ଆଜ୍ଞା ! ମଣିମାଙ୍କ ନାଁ ଧରି କହିଲେ, ସେ ଆଜ୍ଞା ଯୋଉ ମୁହୂର୍ତ୍ତରେ ହୁକୁମ କରିବେ, ମୁଁ ବାହାରିବି । ତାଙ୍କ ହାତେ ସୀମାଟା ଯାକର ପାଇକ ଅଛନ୍ତି; ଅଠରଶ'ରୁ ଅଧିକ ।"

"ବେଶ୍ ବେଶ୍ । ତେବେ ଏମିତି ପଡ଼ିଉଠି ଧାଇଁଥିଲ କିଆଁ ?"

"ଦଳେଇ ଆଜ୍ଞା, ଏତେ ବାଟ ତ ରାତି ରାତି ଆସିଲୁ; କାହିଁ କିଛି ଦେଖିଲୁ ନାଇଁ । ହେଲେ, ଏଇଠି ଖଣ୍ଡେ ଦୂରରେ ହେଲା କଣ କି, ଦେଖିଲୁ, ଗୋଟାଏ ଲୋକ ଛାଟିପିଟି ହେଇ ପଳେଉଚି; ଅମଡ଼ା ଅତଡ଼ା, ବଣ ନାଇଁ, ବୁଦା ନାଇଁ, ଆଖିବୁଜି ଧାଇଁଚି ତ । ଇମିତି କିଏ ଯିବ ? ଏ ଥାନଟା ଟିକିଏ ଭୟଥାନ ନା ? ଭୂତ କି ବ୍ରହ୍ମରାକ୍ଷସ କଣ ହବ କେଜାଣି । ଆମର ତ ପିଳେହୀ ପାଣି ।

ବକ୍ସି ହସି ହସି ସବୁ କହିଗଲେ; ନୃସିଂହ ମଧ୍ୟ ସେଥିରେ ଯୋଗଦେଲା । ତାପରେ ମଧୁ କହିଲା, "ଗଦେଇ ଭାଇ, ମୁଁ କହିଲିନାଇଁ, ଡରନା; ଏ ତ ଭୀଁପୁର ନିରଞ୍ଜିନିଆମିତି ଲାଗୁଚି ।"

 Magazine Downloaded from www.aahwaan.com

ଶାନ୍ତି ସ୍ତୁପ, ଧଉଳିଗିରି :

ଧଉଳିଗିରି ଓଡ଼ିଶାରେ ଥିବା ଏକ ବୌଦ୍ଧ ବିହାର ଓ ସ୍ତୁପ । ଏହା ଦୟା ନଦୀ କୂଳରେ ଧଉଳି ପାହାଡ଼ ଉପରେ ରହିଛି । ଏହି ପାହାଡର ପଥର ଉପରେ ବ୍ରାହ୍ମୀରେ ଅଶୋକଙ୍କ ଶିଳାଲେଖ ଅଛି । ଏଠାରେ କଳିଙ୍ଗଯୁଦ୍ଧ ହୋଇଥିଲା ବୋଲି ଐତିହାସିକମାନେ ମତ ଦେଇଥାନ୍ତି ।

ଧଉଳି ଭୁବନେଶ୍ୱର ଠାରୁ ୮ କିମି ଦୁରରେ ରହିଛି । ଏଠାରେ ଥିବା ଏକ ଶିଳାଲେଖରେ ଅଶୋକ ପୁରା ପୃଥିବୀର ମଙ୍ଗଳ ପାଇଁ ହାତକୁ ନେଇଥିବା ସବୁ କାମ ଉପରେ ଲେଖାଯାଇଛି । ପଥରରେ ତିଆରି କରାଯାଇଥିବା ହାତୀ ଯାହା ଏହି ଶିଳାଲେଖ ଉପରେ ଅଛି ତାହା ଅନେକ ଦିନ ଆଗରୁ ତିଆରି କରାଯାଇଥିବା ଓଡ଼ିଶାର ବୌଦ୍ଧ କୀର୍ତ୍ତି । ଏହାର ବିଶେଷତା ହେଉଛି, ଏହି ହାତୀ ବୁଦ୍ଧଙ୍କ ଶିଷ୍ୟମାନଙ୍କ ପାଇଁ ଖୋଦ ବୁଦ୍ଧଙ୍କୁ ହିଁ ସୂଚାଏ । ଅଶୋକ ଏହି ଜାଗାରେ କଳିଙ୍ଗ ଯୁଦ୍ଧ ଲଢ଼ିବା ପରେ ହଜାର ହଜାର ଲୋକଙ୍କ ମରଣ ତାଙ୍କୁ ଶାନ୍ତି ଆଡ଼କୁ ବାଟ ଦେଖାଇଥିଲା ବୋଲି ବିଶ୍ୱାସ କରାଯାଏ । ତେବେ ଏହା ଏବେ ବି ସବୁ ଗବେଷକମାନଙ୍କ ଦେଇ ଗ୍ରହଣ କରାଯାଇନାହିଁ, କିଛି ଗବେଷକ ଅଶୋକଙ୍କ ସମୟରେ ହୋଇଥିବା କଳିଙ୍ଗ ଯୁଦ୍ଧ ତାଙ୍କୁ ପ୍ରଭାବିତ କରିନଥିଲା ବୋଲି ଯୁକ୍ତି ବାଢ଼ନ୍ତି । ସେ ବୌଦ୍ଧ ଧର୍ମରେ ନିଜକୁ ବଦଳାଇବା ପରେ ଅନେକ ବୌଦ୍ଧ ସ୍ତୁପ, ସ୍ତମ୍ଭ ଗଢ଼ାଇଥିଲେ । ସାଧାରଣ ଲୋକଙ୍କ ପାଇଁ ସେ 'ଦଣ୍ଡନୀତି' ଲାଗୁକରାଇଥିଲେ । ୧୯୭୦ରେ ଜାପାନ ବୁଦ୍ଧ ସଙ୍ଘ ଓ କଳିଙ୍ଗ ବୁଦ୍ଧ ସଙ୍ଘର ମିଳିତ ଚେଷ୍ଟାରେ ଧଉଳି ପାହାଡ଼ ଉପରେ ଏକ ଶାନ୍ତି ସ୍ତୁପ ତୋଳାଯାଇଥିଲା, ଯାହା ଗବେଷକମାନଙ୍କ ପାଇଁ ଏକ ବିଶେଷ ଜାଗା । ଏକଦା ଧଉଳି ପାହାଡ଼ ସୁରଭିଗିରି ନାମରେ ଐତିହାସିକ ସ୍ୱାକ୍ଷର ବହନ କରିଥିଲା । ଏହାର ଶିଖର


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେଶରେ ଏକ ଭେଷଜ ଉପବନ ଓ ପ୍ରମୋଦ ଉଦ୍ୟାନ ମଧ୍ୟ ଥିଲା । ଅଶୋକଙ୍କ ଧର୍ମାନୁଶାସନ ବହନ କରିଥିବା ଦକ୍ଷିଣ ସୀମାନ୍ତବର୍ତ୍ତୀ ପାହାଡରେ ପ୍ରିୟଦର୍ଶୀ ରାଜତ୍ୱର ମୂକସାକ୍ଷୀ ରୂପେ ବିଦ୍ୟମାନ ଶିଳାହସ୍ତୀକୁ ମହାଭାରତ ସମୟର ଅଶ୍ୱତ୍‌ଥାମା ହସ୍ତୀ ନାମରେ ଓ ପାହାଡ଼ଟିକୁ ଅଶ୍ୱତ୍‌ଥାମା ପାହାଡ଼ ନାମରେ ନାମିତ କରାଯାଇଛି । ଜତୁଗୃହରୁ ଆତ୍ମରକ୍ଷା ପାଇଁ ମାତା କୁନ୍ତୀଙ୍କ ସହ ପଞ୍ଚୁପାଣ୍ଡବ ଏଠାରେ ରହିଥିବାରୁ ଏହାର ଗୁମ୍ଫା ସମୁହକୁ ପଞ୍ଚୁପାଣ୍ଡବ ଗୁମ୍ଫା ନାମରେ ନାମିତ କରାଯାଇଛି  ।.......

ଆଜିଠାରୁ ପ୍ରାୟ ଦୁଇ ହଜାର ତିନିଶହ ବର୍ଷ ତଳ ଆଜିର ଏହି ଓଡିଶା କଳିଙ୍ଗ ସାମ୍ରାଜ୍ୟ ନାମରେ ଖ୍ୟାତି ଅର୍ଜନ କରିଥିଲା । ଧନ ସମ୍ପଦ, ଜ୍ଞାନକୌଶଳ, ସଂସ୍କୃତି ସଭ୍ୟତା, କଳା ଓ ବାଣିଜ୍ୟରେ ଉତ୍କର୍ଷତା ଲାଭ କରି ଏକ ସମୃଦ୍ଧ ରାଜ୍ୟ ରୂପେ ପରିଚିତ ଥିଲା । ଠିକ୍ ସେହି ସମୟରେ ମଗଧର ମୌର୍ଯ୍ୟ ବଂଶୀୟ ରାଜାମାନେ ନିଜର ସାମ୍ରାଜ୍ୟ ବିସ୍ତାର କରି ପୃଥିବୀର ଏକ ଶ୍ରେଷ୍ଠ ସାମ୍ରାଜ୍ୟ ରୂପେ ନିଜକୁ ପ୍ରତିଷ୍ଠିତ କରିଥିଲେ । ମଗଧ ଠାରୁ ଆୟତନରେ ଛୋଟ ଏକ ସମୃଦ୍ଧଶାଳୀ ରାଜ୍ୟ କଳିଙ୍ଗକୁ ନିଜର ଶାସନାଧୀନ କରିବାର ଇଛା ମୌର୍ଯ୍ୟ ବଂଶୀୟ ରାଜା ଚନ୍ଦ୍ରଗୁପ୍ତ ମୌର୍ଯ୍ୟ ଓ ତାଙ୍କ ପୁତ୍ର ବିନ୍ଦୁସାରଙ୍କ ରାଜତ୍ୱ କାଳରେ ସମ୍ଭବ ହୋଇପାରି ନଥିଲା । ଖ୍ରୀ. ପୂ ୨୬୧ରେ ଅଶୋକ ମୌର୍ଯ୍ୟ ମଗଧର ରାଜଗାଦି ଦଖଲ କରିବାର ଆଠବର୍ଷ ପରେ କଳିଙ୍ଗକୁ ନିଜ ସାମ୍ରାଜ୍ୟରେ ମିଶାଇବାର ଅଦମ୍ୟ ଇଛାକୁ ଫଳବତୀ କରିବାପାଇଁ କଳିଙ୍ଗ ଆକ୍ରମଣ କରିଥିଲେ । ସେ କଳିଙ୍ଗ ଜୟ କରିଥିଲେ ସତ୍ୟ ହେଲେ କଳିଙ୍ଗବାସୀଙ୍କର ହୃଦୟକୁ ଜୟ କରି ପାରିନଥିଲେ ।

ଅଡା,ବାଲେଶ୍ୱର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମୋ ଭାଷା ଓଡ଼ିଆ



ପଙ୍କଜ କୁମାର ମାହାନା

## ମୋ ଭାଷା ଓଡ଼ିଆ, ବର୍ତ୍ତମାନର ସ୍ଥିତି ଓ ତା'ର ଭବିଷ୍ୟତ !

ଉତ୍କୃଷ୍ଟ କଳାର ଦେଶ ଉତ୍କଳ । ରାଜ୍ୟରେ ପ୍ରାୟ ୪୨ ପ୍ରକାରର ଜନଜାତି ବାସ କରନ୍ତି । ସବୁ ଜନଜାତିମାନଙ୍କର ଭିନ୍ନ ଭିନ୍ନ ଆଞ୍ଚଳିକ ଭାଷା ଥିବା ସତ୍ତ୍ୱେ ମଧ୍ୟ ସେମାନଙ୍କର ଗୋଟିଏ ଭାଷା ହେଉଛି ମାତୃଭାଷା ଓଡ଼ିଆ । ଖଣ୍ଡବିଖଣ୍ଡିତ ଭାଷାଭିତ୍ତିକ ରାଜ୍ୟ ଗଠନପାଇଁ କେତେ ଯେ, କଷ୍ଟସହ୍ୟ କରିବାକୁ ପଡ଼ିଛି ତାର ସାକ୍ଷୀ ଉତ୍କଳ ଜନନୀ । ତେଣୁ 'ମାତୃଭୂମି' ଓ 'ମାତୃଭାଷା' ଏ ଶବ୍ଦଦୁଇଟି ଶବ୍ଦ ଉଚ୍ଚାରଣ କରିବା ମାତ୍ରକେ କବିର ଚେତନାରେ ଏକ ଅନନ୍ୟ ଶିହରଣ ଖେଳିଯାଏ ତେଣୁ ମାତୃଭୂମି ଓ ମାତୃଭାଷାର ପବିତ୍ର ଭାବନାରେ ଉଦ୍‌ବୁଦ୍ଧ ହୋଇ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ହୃଦୟକନ୍ଦରରୁ ସ୍ରୋତସ୍ୱିନୀ ଗଙ୍ଗାର ଧାରାପରି ପ୍ରବାହିତ ହୋଇଥିଲା । ସେହି ଅମୃତର ସୁଧାବର୍ଷି ବାଣୀଟିଏ ଯଥା-

"ମାତୃଭୂମି ମାତୃଭାଷାର ମମତା
ଯା ହୃଦୟେ ଜନମିନାହିଁ ।
ତାକୁ ଯଦି ଜ୍ଞାନୀ ଗଣରେ ଗଣିବା
ଅଜ୍ଞାନ ରହିବ କାହିଁ ।"

ମଣିଷ ଯେଉଁ ଭୂମିରେ ଜନ୍ମ ନିଏ, ସେ ତା'ର ଜନ୍ମଭୂଇଁ - ମାତୃଭୂମି । ସେହି ଦେଶର ଭାଷା ତା'ର ମାତୃଭାଷା । ଏହି ମାତୃଭୂମି ଓ ମାତୃଭାଷା ତା'ର ନିଜର ମା'ପରି । ମାତୃଭୂମିର ସେବା ହିଁ ମା'ର ସେବା । ସେମିତି ମାତୃଭାଷାର ସେବା ମଧ୍ୟ ମା'ର ସେବା। ତେଣୁ

 Magazine Downloaded from www.aahwaan.com

କୁହାଯାଏ ଯେ-

"ପ୍ରତି ମଣିଷ ପାଇଁ ପ୍ରିୟ ତା'ର ମାତୃଭୂମି ।

ପ୍ରତି ମଣିଷ ପାଇଁ ପ୍ରିୟ ତା'ର ମାତୃଭାଷା ।"

ଆମ ଜନ୍ମ ଓଡ଼ିଶାରେ । ଓଡ଼ିଶା ଆମର ମାତୃଭୂମି । ଓଡ଼ିଆ ଆମର ମାତୃଭାଷା । ଓଡ଼ିଆ ଏକ ସୁନ୍ଦର ମଧୁର ତଥା ମନମୁଗ୍ଧକର ଭାଷା । ଭାରତୀୟ ଭାଷାମାନଙ୍କ ମଧ୍ୟରେ ଏହା ଖୁବ୍ ପୁରୁଣା ଭାଷା । ଏହି ମାଟିରେ ବହୁ କବିମାନେ ଜନ୍ମ ନେଇଛନ୍ତି । ମହାନ ଏ ଓଡ଼ିଆ ଜାତି । ଯେଉଁ ଜାତି ନିଜକୁ ଏକ ପରିଚୟ ଦେବାପାଇଁ ସହି ଅଛି କେତେ ଯେ ଝାଞ୍ଜି ଖରା କେତେ ଯେ କଷଣ । ତା'କୁ ଶୁଣିବାକୁ ପଡ଼ିଛି ଯେ;

"ଓଡ଼ିଆ ଏକଟା ଭାଷା ନଇ ।"

ଏହା ଥିଲା ବଙ୍ଗୀୟମାନଙ୍କର ମତ । କିନ୍ତୁ ଆମର ଓଡ଼ିଶାରେ ଜନ୍ମ ନେଇଥିବା ଯୁଗଜନ୍ମା ମନିଷୀମାନଙ୍କ ଦ୍ୱାରା ତାହା ପରିବର୍ତ୍ତିତ ହୋଇ ଓଡ଼ିଆ ଏକ ଭାଷା ବୋଲି ଗୁଞ୍ଜରିତ ହୋଇ ଉଠିଲା । ତେଣୁ ଭକ୍ତ କବି ମଧୁସୁଦନ ରାଓଙ୍କ ଭାଷାରେ;

"ମାତୃଭୂମି ମାତୃଭାଷା ଉଭୟେ ଜନନୀ,

ସେବତାଙ୍କୁ ଭକ୍ତି ଭରେ ଦିବସ ରଜନୀ ।"

ଭାଷାବିନା ମାନବ ଜୀବନ ଅନ୍ଧକାରମୟ । 'ଭାଷା' ଶବ୍ଦଟି ସଂସ୍କୃତ ଶବ୍ଦ 'ଭାସ୍' ଧାତୁରୁ ଉତ୍ପନ୍ନ ହୋଇଛି । ଏହାର ଶାବ୍ଦିକ ଅର୍ଥ ହେଉଛି 'କହିବା' । ତେଣୁ କୁହାଯାଏ- "ଭାଷ୍ୟତେ ଅନେନ ଇତି ଭାଷା ।"

ଅର୍ଥାତ୍ ସ୍ୱଜାତୀୟ ପ୍ରାଣୀ ସ୍ୱଜାତୀୟ ପ୍ରାଣୀଠାରେ ତା'ର ମନର ଭାବକୁ ବ୍ୟକ୍ତ କରିବାକୁ ଭାଷା କୁହାଯାଏ । ମହର୍ଷି ପତଞ୍ଜଳି ପାଣିନୀଙ୍କର ଅଷ୍ଟାଧ୍ୟାୟୀର ମହାଭାଷ୍ୟରେ ଭାଷାର ପରିଭାଷା ବ୍ୟକ୍ତି କରିଛନ୍ତି ଯେ-

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

"ବ୍ୟକ୍ତା ବାଚି ବର୍ଣ୍ଣଯେଷା ତ ଇମେ ବ୍ୟକ୍ତବାଚଃ ।"

ନୀତିଶତକର ରଚୟିତା ଭର୍ତ୍ତୃହରି ଶବ୍ଦର ଉତ୍ପତି ଗ୍ରହଣକୁ ଆଧାର କରି ଭାଷାକୁ ପରିଭାଷିତ କରିଛନ୍ତି । ଯଥା-

"ଶବ୍ଦ କାରଣାମର୍ଥସ୍ୟ ସହିତେନୋଜାୟତେ ।

ତଥାଚ ବୃଦ୍ଧିବିଜ୍ଞାୟ୍ୟାଦର୍ଥାଛନ୍ଦଃ ପ୍ରତୀୟତେ

ଯୁଦ୍ଧ ଯଥାର୍ଥଦେବ ବୁଦ୍ଧଯର୍ଥଦେବ ବୁଦ୍ଧଯର୍ଥ-

ଜାତେ ତଦାନି ଦୃଶ୍ୟତେ" ।

ଅମରକୋଷରେ ମଧ୍ୟ ଉଲ୍ଲେଖ ଅଛ ଭାଷା ସମ୍ପର୍କରେ;

"ବ୍ରହ୍ମାତୁ ଭାରତୀ ଭାଷା ଗୀର ବାକ୍ ଗାଣୀ ସରସ୍ୱତୀ"

ଓଡିଆ ଭାଷାର ବର୍ତ୍ତମାନର ସ୍ଥିତି:-

ବର୍ତ୍ତମାନର ଯୁଗ ବିଜ୍ଞାନ ଯୁଗ । ଅଳ୍ପକ୍ଷଣ ମଧ୍ୟରେ ଗ୍ରହ ଗ୍ରହାନ୍ତରୁ ଭ୍ରମଣ କରି ଆସୁଥିବା ମଣିଷ ଧିରେ ଧିରେ ସେ ନିଜେ ତା'ର ମାତୃଭାଷାକୁ ଭୁଲିବାରେ ଲାଗିଛି ।

ଆଜିର ସଭ୍ୟ ଓ ସାମାଜିକ ଜୀବନଯାପନର ରଙ୍ଗ ପରିବର୍ତ୍ତନ ହୋଇଛି । ଯେଉଁଠି ଦେଖିଲେ ବି କେହି ଜାଣିଥିବା ଲୋକ ମଧ୍ୟ କହିବାକୁ ପଛଘୁଞ୍ଚା ଦେଉନାହିଁ । ଦିନେ ଏହି ଓଡ଼ିଆ ଭାଷା ପାଇଁ ଲହୁର ସ୍ରୋତ ବହି ଯାଇଥିଲା । ଆଜି ମଧୁବାବୁଙ୍କର "ଛବିଳ ମଧୁ ବର୍ଣ୍ଣବୋଧ"କୁ ଭୁଲିବାରେ ଲାଗିଛି ସମାଜ । ଯେଉଁ ପୁସ୍ତକ ଦିନେ ଓଡିଆଭାଷା ଶିକ୍ଷା କରିବାର ସବୁଠାରୁ ବଡ ମାଧ୍ୟମ ଥିଲା ତାହା ଆଜି ଇଂରାଜୀ ସଭ୍ୟତାର କଂକ୍ରିଟ୍ ଛାତତଳେ ଚାପିହୋଇ ଯାଉଛି ।

ପିଲାମାନଙ୍କୁ ମାତୃଭାଷାରେ ଶିକ୍ଷା ଦିଆଯାଉଥିବା ବେଳେ ଯେପରିକି-

"ସତ କହିବାକୁ କିଆଁ ଡରିବି

 Magazine Downloaded from www.aahwaan.com

ସତ କହିପଛେ ମଲେ ମରିବି”

ଆଜି କିନ୍ତୁ ଇଂରାଜୀ ଶିକ୍ଷା ଦିଆଯାଉଛି । ଯଥା-

“ଜନି ଜନି ଇଏସ୍ ପାପା,

ଇଟିଂ ସୁଗାର ନୋ ପାପା.........

ଆଜି ଶିକ୍ଷା କ୍ଷେତ୍ରରେ ମନୁଷ୍ୟ ପ୍ରବୀଣ ହୋଇଛି । ତଥାପି ସେ ଭୁଲି ଯାଇଛି ତା’ର ମାତୃଭାଷାକୁ ମାତ୍ରା ନଥିବା ଅକ୍ଷରକୁ ନେଇ ସେ ଆଜି ଗର୍ବ ଅନୁଭବ କରୁଛି । ଯେଉଁ ମା’ ଡାକରେ ପୁରି ରହିଥିଲା ଏକ ସ୍ନେହଭରା ମମତା ତାହା ଆଜି ପରିବର୍ତ୍ତିତ ହୋଇ ଏକ ନୂଆ ରୂପ ସୃଷ୍ଟି ହୋଇଛି ଯଥା-ମମି । ବାପା ଶବ୍ଦ ପରିବର୍ତ୍ତିତ ହୋଇ ଡାଡି ପାପା ଇତ୍ୟାଦି ହୋଇଛି । ଏହା ପ୍ରତି ଓଡିଆ ଘରେ ନିତିଦିନିଆ ଘଟୁଥିବା ଘଟଣା ।

ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୨୯(୧) ଅନୁସାରେ ଭାରତର ପ୍ରତ୍ୟେକ ନାଗରିକ ନିଜ ନିଜ ଭାଷା, ଲିପି ଓ ସଂସ୍କୃତିର ବିକାଶ କରିବାରେ ମୌଳିକ ଅଧିକାର ପ୍ରାପ୍ତ ଅଟେ । ପ୍ରତ୍ୟେକ ସ୍ଥାନରେ ଇଂରାଜୀ ଭାଷାର ଉଚ୍ଚାରଣକୁ ଆଖି ଆଗରେ ରଖି ଲେଖା ହେଉଥିଲା ଯେପରି Orissa ତା ପରିବର୍ତ୍ତିତ ହୋଇ Odisha ହୋଇଛି ।

ଓଡ଼ିଆ ଭାଷାର ଭବିଷ୍ୟତ:-

ସୁନ୍ଦର ଭବିଷ୍ୟତ ନିର୍ମାଣ କରିବାରେ ଓଡିଆ ଭାଷାର ଗୁରୁତ୍ୱ ରହିଛି । ତେଣୁ ସ୍ୱାମୀ ବିବେକାନନ୍ଦ କହିଛନ୍ତି ଯେ-

“ଯେ ସାମ୍ ଉତ୍କୃଷ୍ଟଃ ଭୂତକାଳଃ ଅସ୍ତି ତେଷାମ୍ ଏବ ଭବିଷ୍ୟତ କାଳଃ ଉତ୍ତମଃ ସମ୍ଭବିଷ୍ୟତି ଇତି ।”

ଅର୍ଥାତ୍ ଯେଉଁମାନଙ୍କର ସୁନ୍ଦର ଅତୀତ ଅଛି ସେମାନଙ୍କର ଭବିଷ୍ୟତ ମଧ୍ୟ ସୁନ୍ଦର ହୋଇ ପାରିବ । ତେଣୁ ଭବିଷ୍ୟତ ଓଡିଆ ଭାଷାର କ’ଣ ତାହା ଆପଣମାନେ ନିଜେ

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ଅନୁମାନ କରୁଥିବେ । ସେହି ପେରିପ୍ରେକ୍ଷିରେ କବିତାର କେତୋଟି ପଂକ୍ତି-

"ଆମ ଜନ୍ମ ଭୂମି ଏହି ଓଡିଶା

ସବୁଠୁ ସୁନ୍ଦର ଓଡିଆ ଭାଷା ।

ଇ, ଈ, ଉ, ଊ, ର ଦେଖ ଏ କି ହାଲ୍ଚା

ହଜାଇ ଦେଇଛି ଆମ ଅ, ଆ ।

ମମି ଡାଡି ଡାକ ପୁଣି ଅଙ୍କଲ

ତହିଁରେ ନାହିଁଟି ମାଆର ମୂଲ ।

ଭାଷା ଜାଗରଣେ ନାହିଁ ତା ପ୍ରାଣ

ସଭିଏଁ ବୋଲାଇବା କେଉଁ କାରଣ ?

ଆସ ଭାଇ ଭଉଣୀ ମିଶି ସଂକଳ୍ପ ନେବା

ଓଡିଆ ଭାଷାକୁ ନୂତନ ଜୀବନ ଦେବା ।"

ସହାୟକ ଗ୍ରନ୍ଥ ସୂଚୀ:-

୧. ଓଡିଆ ଭାଷା ଓ ସାହିତ୍ୟ

ଡଃ ଶୁଭେନ୍ଦ୍ର ମୋହନ ଶ୍ରୀଚନ୍ଦନ ସିଂହ

୨. ଭଞ୍ଜ ଭାରତୀ-

ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱଂୟ ଶାସିତ ମହାବିଦ୍ୟାଳୟ, ତକତପୁର,

ବାରିପଦା-୨୦୧୧-୧୨

୩. ସଂସ୍କୃତେ କିମ୍ ନାସ୍ତି

ଅତିଥି ଅଧ୍ୟାପକ, ସଂସ୍କୃତ ବିଭାଗ

ମହାରାଜା ପୂର୍ଣ୍ଣଚନ୍ଦ୍ର କନିଷ୍ଠ ମହାବିଦ୍ୟାଳୟ,

ବାରିପଦା, ମୟୂରଭଞ୍ଜ, -୯୪୮୩୨୫୪୯୨୮

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭାଷା



ଲକ୍ଷ୍ମଣ କୁମାର ବେହେରା

ଓଡ଼ିଆ ଛବିଳ ମଧୁ ବର୍ଣ୍ଣବୋଧ ପୁସ୍ତକ ପୋଡ଼ିବାର ଭାଇରାଲ ଦୃଶ୍ୟ ମୋବାଇଲରେ ଘୁରୁଥିବାକୁ ନେଇ ଆମ ଗାଁର କନ୍ତାରୁ ଆଉ କନ୍ଦର୍ପ ସେଦିନ ଭାଗବତ ଟୁଙ୍ଗୀରେ କଥୋପକଥନ କରୁଥାନ୍ତି । ମୁଁ ତାଙ୍କଠାରୁ ଟିକିଏ ଦୂରରେ କଦମ୍ବ ଗଛମୂଳେ ବସି ଦୁଇଜଣଙ୍କ କଥା ସବୁ ନିରବରେ ଶୁଣୁଥାଏ । ପ୍ରଥମେ କନ୍ତାରୁ କହିଲା,

- ତୁଇ କେଉଁ ଭାଷାକୁ ଅଧିକ ଭଲ ପାଉ ବ କନ୍ଦର୍ପ ?

- (କନ୍ଦର୍ପ) ମୁଇଁ ସମ୍ବଲପୁରୀ ଭାଷାକୁ ବେଶୀ ଭଲପାଏ । ତୁଇ ସମ୍ବଲପୁରୀ ଭାଷାକୁ ଭଲ ନାଇଁ ପାଇବାର କି ?

- ଭଲ ପାଏ ତ । ସମ୍ବଲପୁରୀ ଭାଷା ସହିତ ଓଡ଼ିଆ, ହିନ୍ଦୀ, ତେଲୁଗୁ, ଇଂରାଜୀ, ସାନ୍ତାଳୀ, ସାଦ୍ରୀ... ସବୁ ଭାଷାକୁ ପ୍ରାଣଦେଇ ଭଲପାଏ । ହେଲେ ସବୁଠାରୁ ଅଧିକା ଭଲପାଏ ସେଇ ଛବିଳ ମଧୁବର୍ଣ୍ଣବୋଧ, ମଲାଟରେ ଯେଉଁ ବିଲେଇ ଚିତ୍ର ଅଛି ସେଇ ବହିଟି । ମୋ ପିଲାଦିନର ପାଠପଢ଼ା ମୁଁ ସେଇ ବହିରୁ ଆରମ୍ଭ କରିଥିଲି । ସେଇ ବହିଟି ମୋର ଭାରି ପ୍ରିୟ । ଆଜି ବି ମୋ ବହିଥାକରେ ସେଇ ବହିକୁ ସାଇତିକି ରଖିଛି । ମୁଁ ଆଜି ବହୁତ ଦୁଃଖିତ ସେ ବହି ପୋଡ଼ିବାର ଦୃଶ୍ୟ ଦେଖି । ତୁ କ'ଣ ପିଲାଦିନେ ସେ ବହିଟି ପଢ଼ିନୁ କି ?

- ପଢ଼ିଛି ! ସେ ବହି ପଢ଼ିନଥିଲେ ସମ୍ବଲପୁରୀ କେମିତି ଲେଖୁଥାନ୍ତି ଯେ !

ସେ ଦୁହିଁଙ୍କ କଥା ଶୁଣି ମୁଁ ସେଦିନ ପ୍ରଚୁର ଆନନ୍ଦ ପାଉଥାଏ । ମୁଁ ସେମାନଙ୍କ କଥା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶୁଣି ହସିଲି । ମୋ ହସିବାର ଦେଖି ସେମାନେ ମୋ ପାଖକୁ ଆସି କହିଲେ, "ତୁ ତ ବିଭିନ୍ନ ଭାଷା ସାହିତ୍ୟ ଉପରେ ଗବେଷଣା କରୁଛୁ, ତା'ହେଲେ, ଆମକୁ କହ ଆମେ ଓଡ଼ିଆ ଭାଷାକୁ ବେଶୀ ଭଲ ପାଇବୁ ନା ସମ୍ବଲପୁରୀ ଭାଷାକୁ ?"

ମୁଁ ଦ୍ୱନ୍ଦରେ ପଡ଼ିଗଲି । କେଉଁ ଭାଷାକୁ ଶ୍ରେଷ୍ଠ ବୋଲି କହିବି ? ଜାଣିଛି ଓଡ଼ିଶାର ପ୍ରିୟ ଭାଷା ଓଡ଼ିଆ । ତା' ସହ ରାଜ୍ୟରେ ଅନେକ ଆଞ୍ଚଳିକ ଭାଷା ଅଛି । ସେ ମଧ୍ୟରୁ ସମ୍ବଲପୁରୀ ଏକ ଆଞ୍ଚଳିକ ଭାଷା । ମନ ଭିତରେ ଏମିତି ଅନେକ ବିଚାର ବିମର୍ଷ କଲାପରେ ମୁଁ ସେମାନଙ୍କୁ କହିଲି ଆଗ ତୁମେ ଦୁହେଁ ଛିଡ଼ା ନ ହୋଇ ମୋ ପାଖରେ ବସ ତା'ପରେ ମୁଁ ତୁମକୁ ଭାଷା ଉପରେ ସବୁ କଥା କହିବି । ସେମାନେ ଉତ୍ସୁକତାର ସହ ପାଖରେ ବସି ଶୁଣିବାପାଇଁ ସଜ ହୋଇଗଲେ ।

- ଏ ପୃଥିବୀ ଆମର ବାସସ୍ଥାନ । ଏଠାରେ ବସବାସ କରୁଥିବ ସମସ୍ତ ମାନବ ହିଁ ଆମର କୁଟୁମ୍ବ । ଆମକୁ ପରସ୍ପର ସହ ହାତକୁ ହାତ ମିଳାଇ ଭବିଷ୍ୟତର ରାସ୍ତାରେ ଆଗକୁ ବଢ଼ିବାକୁ ହେବ । ସମସ୍ତଙ୍କୁ ଭଲ ପାଇବାକୁ ହେବ । ସମସ୍ତଙ୍କର ଭାଷାକୁ ଆମକୁ ଭଲ ପାଇବାକୁ ହେବ, ସମ୍ମାନ ଦେବାକୁ ହେବ, ସମାନ ବୋଲି ଭାବିବାକୁ ହେବ । ଆମ ପାଇଁ ଆମ ଭାଷା ଯେତିକି ମହାନ, ସେମାନଙ୍କ ପାଇଁ ମଧ୍ୟ ସେମାନଙ୍କ ଭାଷା ସେତିକି ମହାନ । ଭାଷା ନ ହେଲେ ଭାବ ବ୍ୟକ୍ତ କରିବା କେମିତି ?

ପ୍ରତିଦିନ ଆମେ ଯେଉଁ ଭାଷାରେ ନିଜ ପ୍ରିୟ ମଣିଷମାନଙ୍କ ସହ ବାର୍ତ୍ତାଳାପ କରନ୍ତି ସେଇ ଭାଷା ତ ଆମର ପ୍ରିୟ ତଥା ମାତୃଭାଷା । ମାତୃଭାଷାର ଉନ୍ନତି ପ୍ରତ୍ୟେକଙ୍କୁ କରିବା ଦରକାର । ତା'ବୋଲି ଅନ୍ୟର ଭାଷା ପୁସ୍ତକକୁ ପାଦରେ ଦଳି, ନିଆଁରେ ଜାଳି ନିଜ ଭାଷାର ଉନ୍ନତି କଣ କେବେ ସମ୍ଭବ ? ଅନ୍ୟ ଭାଷା ଯଦି ଲୋପ ପାଇଲେ କଣ ନିଜ ଭାଷା ଉନ୍ନତି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୋଇପାରିବ ? ଯଦି ନୁହେଁ । ତା ହେଲେ ପୁସ୍ତକକୁ ନ ପୋଡ଼ି ନିଜ ଭାଷାରେ କାଳଜୟୀ ସାହିତ୍ୟ ସୃଷ୍ଟି ହିଁ ଭାଷା ଓ ସାହିତ୍ୟର ଉନ୍ନତିର ଏକ ମାତ୍ର ପନ୍ଥା ।

ଭାଷା ସାହିତ୍ୟର ସେବାରେ ନିଜକୁ ସମ୍ପୂର୍ଣ୍ଣ ଭାବେ ସମର୍ପିତ କରି ତା'ର ପ୍ରସାର ଓ ପ୍ରଚାର କରିବା ହିଁ ଜଣେ ଭାଷାପ୍ରେମୀର ପରମ କର୍ତ୍ତବ୍ୟ । ଭାଷା ସାହିତ୍ୟରେ ଯେ ପ୍ରତିଟି ମୁହୂର୍ତ୍ତ ବଞ୍ଚେ, ସେ ଭାଷାକୁ ଭଲପାଏ, ଜାତିକୁ ଭଲପାଏ ଆଉ ଏ ଧରାକୁ ବି ଭଲପାଏ ।

ଭାଷା ଆମ ମାଆ । ଭାଷାର ଅସମ୍ମାନ କଥା ଚିନ୍ତା କରିବା ହିଁ ମାଆକୁ ଅପମାନ ଦେବା ସହ ସମାନ । ଏଇ ଭାଷା ପାଇଁ ହିଁ ଆମେ ବିଶ୍ୱରେ ପରସ୍ପର ସହ ମିତ୍ରତା ସ୍ଥାପନ କରି ପାରୁଛନ୍ତି । ଯଦି ପୃଥିବୀରେ କୌଣସି ଭାଷା ନଥାନ୍ତା ଆମେ କେହି କାହାରିର ଭାବନାକୁ ସଠିକ ଭାବରେ ବୁଝିପାରନ୍ତେ ନାହିଁ ।

ଭାଷାର ଅଦ୍ଭୁତ ଶକ୍ତି ରହିଛି । ଏକଥା ମୁଁ ସ୍ୱୀକାର କରୁଛି । କେଉଁ ଭାଷା ଶ୍ରେଷ୍ଠ ଏକଥା କେବଳ ସ୍ରଷ୍ଟା ହିଁ କହିପାରିବେ । ମୁଁ ତ ଛାର ମାନବ । ଏ ସଂସାରରେ ଭିନ୍ନ ଭିନ୍ନ ଭାଷା ଅଛି । ମଣିଷ ମାନଙ୍କ ଭାଷା କଥାକୁ ତୁମେ ଦୁହେଁ ସମ୍ପୂର୍ଣ୍ଣ ରୂପେ ଭୁଲିଯାଅ । ଭୁଲିଲ କି ନାହିଁ ?

- ହଁ, ହଁ, ଭୁଲିଗଲୁ ।

ଏବେ ଚିନ୍ତାକର ଯେ, ବାଛୁରୀ କେଉଁ ଭାଷାରେ ଗାଈକୁ ଡାକେ ? ସେ ଯେତେ ଦୂରରେ ଥିଲେ ବି ଅତି ଶୀଘ୍ର ବାଛୁରୀ ପାଖକୁ ଦୌଡ଼ିଯାଏ । କଳାହାଣ୍ଡିଆ ମେଘ କେଉଁ ଭାଷାରେ ଗୀତ ଗାଏ ଯେ, ମୟୁରୀ ପୁଚ୍ଛ ମେଲେଇ ନୃତ୍ୟ ରଚନା କରେ । ସୂର୍ଯ୍ୟମୁଖୀ ଫୁଲ ସୂର୍ଯ୍ୟର କେଉଁ ଭାଷା ବୁଝିପାରେ ଯେ, ସୂର୍ଯ୍ୟ ଉଇଁଥିବା ଦିଗକୁ ସେ ମୁହଁ କରି ଅନାଇ ରହିଥାଏ । ବେଙ୍ଗ କେଉଁ ଭାଷା ଶିଖିଛି ଯେ ସେ ବର୍ଷା ଆରମ୍ଭ ହେବାକ୍ଷଣି ରାବ କରେ । ଅର୍ଥାତ ଏ

 Magazine Downloaded from www.aahwaan.com

ସମସ୍ତଙ୍କ ଭିତରେ ଭାଷା ଅଛି । ହେଲେ ଭିନ୍ନ ଭିନ୍ନ । ଯଦି ପ୍ରକୃତିର ଭାଷା ନଥା'ନ୍ତା, ଏମାନେ କଣ ପରସ୍ପରକୁ ବୁଝିପାରି ଖୁସିରେ ଆତ୍ମବିଭୋର ହୋଇ ପାରୁଥାନ୍ତେ ?

ଭାଷାର କୌଣସି ଜାତି ନଥାଏ । ସେ ଉଚ୍ଚ କି ନୀଚ ନୁହେଁ । ଭାଷା ତ କେବଳ ଭାଷା ହିଁ ହୋଇଥାଏ । ସେ କର୍ଣ୍ଣକୁ ଶ୍ରୁତିମଧୁର ଆଉ ମନରେ ପ୍ରସନ୍ନତା ଭରି ଦେଇଥାଏ । ଆମେ କୌଣସି ଭାଷାକୁ ନୀଚ କହି କାହା ମନର ଆଘର ଦେଇ ପାରିବା ନାହିଁ କି ଅପମାନିତ କରି ପାରିବା ନାହିଁ । ଏହା ଏକ ଦଣ୍ଡନୀୟ ଅପରାଧ । ଭାଷାକୁ ବୁଝିବା ଆଗରୁ ପ୍ରଥମେ ଆମକୁ ଭାବକୁ ବୁଝିବାକୁ ପଡ଼ିବ । ବିନା ଭାବରେ କ'ଣ ବ୍ଃଆଷା ଉନ୍ନତି ସମ୍ଭବ ? ନିଜ ହୃଦୟରେ ଯେବେ ଭାଷା ପ୍ରତି ପ୍ରେମଭାବ ସୃଷ୍ଟି ହେବ ସେବେ ଭାଷାର ଉନ୍ନତି ନିମନ୍ତେ ପଥ ପରିଷ୍କାର ହେଇଯିବ । ଭାଷା ବିନା ଏ ସଂସାରର ଅସ୍ତିତ୍ୱ ଯେପରି ଶୂନ୍ୟ, ଭାବ ବିନା ମନର ଅସ୍ତିତ୍ୱ ମଧ୍ୟ ସେହିପରି । ଭାବ ଓ ଭାଷା ପରସ୍ପର ପରିପୂରକ । ଜଣେ ଅନ୍ୟଠୁ ଅଭିନ୍ନ ।

ଧରାରେ ପ୍ରତ୍ୟେକଟି ଜୀବଙ୍କର ନିଜ ନିଜର ଭାଷା ମାଧ୍ୟମରେ ସେମାନଙ୍କର ଭାବକୁ ସେମାନେ ପରସ୍ପର ମଧ୍ୟରେ ବିନିମୟ କରି ଆତ୍ମସନ୍ତୋଷ ଲାଭ କରନ୍ତି । ପରସ୍ପରକୁ ଭଲଭାବରେ ବୁଝିବାପାଇଁ ସମର୍ଥ ହୁଅନ୍ତି । ଭାଷା ମାଧ୍ୟମରେ କବି, ଲେଖକ, କଳାକାରମାନେ ନିଜ ନିଜର ପରିଚୟ ସୃଷ୍ଟି କରି ପାରିଛନ୍ତି । ଯଦି ଭାଷା ନଥାନ୍ତା ଏ ସୃଷ୍ଟି ଆଜି ଅଚଳ ପ୍ରାୟ ଚଳୁଥାନ୍ତା । ଯଦି ସ୍ରଷ୍ଟା ମନରେ ଭାବ ସୃଷ୍ଟି କରିନଥାନ୍ତେ ତେବେ ଏ ଜଗତରେ ସମସ୍ତେ ରାକ୍ଷସ ସ୍ୱଭାବର ହୋଇଥାନ୍ତେ । ଦଶଦିଗ ବିଷମୟ ପରିସ୍ଥିତି ସୃଷ୍ଟି ହୋଇଥାନ୍ତା ।

ମୋ ଭାଷାକୁ ମୁଁ ଯଥାସମ୍ଭବ ବଞ୍ଚାଇବା ପାଇଁ ଚେଷ୍ଟା କରିବି । ଯଦି ଏମିତି ଭାବନା ମନରେ ଜାଗ୍ରତ ହେଲା ତେବେ ଭାଷା ନିଶ୍ଚିତ ବଞ୍ଚିବ । ଯଦି ଭାଷା ବଞ୍ଚିଲା ତେବେ ଭାଷା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସାହିତ୍ୟ ସୃଷ୍ଟି କରୁଥିବା ସ୍ରଷ୍ଟାଗଣ ବଞ୍ଚିଯିବେ ଧରା ଥିବା ଯାଏ, ଯୁଗ ଯୁଗ ଆଉ ଅନନ୍ତ ଅନନ୍ତ କାଳଯାଏଁ ।

ଥରୁଟିଏ ତୁମେ ଭାଷାକୁ ମନପ୍ରାଣ ଦେଇ ଭଲ ପାଇ ଦେଖ । ଦେଖିବ ଏ ଭାଷା ତୁମକୁ ଏତେ ଭଲ ପାଇବ ଯେ, ନା ତୁମେ ତାକୁ ଭୁଲିପାରିବ ନା ତୁମକୁ ସେ କେବେ ଭୁଲିବା ପାଇଁ ଦେବ । ତୁମ ଭିତରେ ଭାଷାର ଅଜସ୍ର ସୃଷ୍ଟି ସମ୍ଭାବନା ଅଛି । ତୁମେ ବି ସୃଷ୍ଟି କରିପାରିବ ସାହିତ୍ୟ । ସ୍ରଷ୍ଟାହୋଇ ପାରିବ ଆପଣା ରଚିତ ଜଗତର । ତୁମ ନିର୍ମିତ ଜଗତର ତୁମେ ସମ୍ରାଟ ହୋଇପାରିବ । ଭାଷାକୁ, ଭାବକୁ ସମ୍ମାନ ଦେବାକୁ ହେବ । ଯଥାସମ୍ଭବ ଭାଷା ସାହିତ୍ୟର ସୁରକ୍ଷା ସହିତ ପୂଜା କରିବାକୁ ହେବ । ତେବେ ଜଗତରେ ଭାଷା ବଞ୍ଚିବ, ତୁମେ ବଞ୍ଚିବ ।

ଭାଷାର ମୃତ୍ୟୁ ଚିନ୍ତା କରୁଥିବା ହୀନ ମସ୍ତିଷ୍କଧାରୀ ଜୀବ ହିଁ ନିର୍ଜୀବ । ଶୂନ୍ୟ ମସ୍ତିଷ୍କ ଆଉ ଶୂନ୍ୟ ହୃଦୟରେ ଏ ଧରାରେ ବିଚରଣ କରେ । ଜ୍ଞାନଶୂନ୍ୟ ଆଉ ବିବେକ ଶୂନ୍ୟ ତା'ର ମସ୍ତିଷ୍କ । ଭାଷାର ହୀନ ଚିନ୍ତାକରି କରି ସେ ରୋଗଗ୍ରସ୍ତ ହୋଇଯାଏ । ଯେଉଁ ରୋଗରୁ କି ସେ କେବେ ବି ଜୀବନକାଳ ଭିତରେ ମୁକୁଳିପାରେ ନାହିଁ ବରଂ ରୋଗ ବଢ଼ିଥାଏ । ଆଉ ଶେଷରେ ଏ ମର୍ତ୍ତ୍ୟରୁ ସେ ଲୋପ ହୋଇଥାଏ ।

ଯିଏ ଯେତେ ଉପରକୁ ଉଠିଥାଉନା କାହିଁକି ଯେବେ ଏ ଭାଷା ଯାହାକୁ ହୁଡ଼େ ସେ ତଳକୁ ନୁହେଁନିନ୍ଦା ଅପମା ପାଇ ସବୁଦିନ ପାଇଁ ଉପରକୁ ଉଠିଯାଏ । ଏ ଜଗତ ଭାଷାର ଜଗତ । ଏ ଜଗତ ସାହିତ୍ୟର ଜଗତ । ଏଠାରେ ଭାଷା ସାହିତ୍ୟର ନିନ୍ଦା ଅକ୍ଷମଣୀୟ ।

ଯଦି ନିଜେ ଅମର ହେବାକୁ ଇଚ୍ଛା କରୁଛ ତା'ହେଲେ ଭାଷା ଜ୍ଞାନର ଅଧିକାରୀ ହୁଅ । ଯଦି ନିଜ ଆତ୍ମାକୁ ପରମାତ୍ମାଙ୍କ ଠାରେ ଲୀନ କରିବାକୁ ଚାହୁଁଛ, ମିଶାଇବାକୁ ଚାହୁଁଛ

 Magazine Downloaded from www.aahwaan.com

ତେବେ ଭାଷାକୁ ଆପଣାର ଆତ୍ମା ସହ ପ୍ରଥମେ ମିଶାଅ ପ୍ରେମରେ, ସତ୍ୟରେ କେବେ ବି ପ୍ରତାରଣା କିମ୍ବା ଅସତ୍ୟରେ ନୁହେଁ । ଯେତେ ପାର ସମ୍ଭବ ଭାଷାର ପ୍ରଚାର ପ୍ରସାରରେ ନିଜକୁ ନିୟୋଜିତ କରିରଖ । ଭାଷାକୁ ସମସ୍ତଙ୍କ ହୃଦୟର ନିଭୃତ ଦେଶରେ ପହଞ୍ଚାଅ । ବିଭିନ୍ନ ସତ୍‌ସାହିତ୍ୟ ସୃଷ୍ଟିକର ଯାହା ସମାଜର ହିତରେ ଲାଗିବ । ବିଭିନ୍ନ ଗଳ୍ପ, ପ୍ରବନ୍ଧ, କବିତା ରଚନା କରି ଭାଷାର ଉନ୍ନତି ଚିନ୍ତା କଲେ ଭାଷାର ଉନ୍ନତି ଆମେ ଆପେ ହୋଇଯିବ । ପରସ୍ପର ଆରୋପ ପ୍ରତ୍ୟାରୋପରେ କଣ ଭାଷାର ଉନ୍ନତି ସମ୍ଭବ ? କେବେ ନୁହେଁ । ଭାଷାର ଉନ୍ନତି ଆଶା କରିବା ହିଁ ବୃଥା । ଭାଷାର ସେତେବେଳେ ଉନ୍ନତି ହେବ ଯେତେବେଳେ ଭାଷା ସାହିତ୍ୟର ସ୍ରଷ୍ଟାମାନେ ଭାଷାର ଉନ୍ନତି ଚିନ୍ତା କରୁଥିବା ଫୌଜିମାନେ ସତ୍‌ସାହିତ୍ୟ ସୃଷ୍ଟି କରି ସମାଜକୁ ଦାନ କରିବେ । ତା'ର ପ୍ରଚାର ପ୍ରସାର କରି ଜନମାନସର ଚିତ୍ତବୃତ୍ତିରେ ହଜାଇଦେବେ ସେବେ ଭାଷାର ଉନ୍ନତି ସମ୍ଭବ । ନଚେତ୍ ଭାଷା ରସାତଳଗାମୀ ହେବ ସିନା କେବେ ଉନ୍ନତି ନୋହିବ ।

ଆପଣମାନଙ୍କ ଆନ୍ତରାତ୍ମା କଣ କହୁଛି ? ଭାଷାର ଉନ୍ନତି କରିବେ ନା ନାହିଁ ? ଯଦି କରିବେ, ତା'ହେଲେ କେମିତି କରିବେ ? କେଉଁଠାରୁ ଆରମ୍ଭ କରିବେ ? କଳି ଝଗଡ଼ା ଲାଗି, ପରସ୍ପରକୁ ଦୋଷାରୋପ କରି, ଅନ୍ୟକୁ ବ୍ୟଙ୍ଗ କରି ? ନୁହେଁ ନା ! କେବଳ ପରସ୍ପରକୁ ଭାଷାର ମନ୍ତ୍ରରେ ଅଭିମନ୍ତ୍ରିତ କରି, ପ୍ରେମ କରି । ଏହା ହିଁ ଶେଷ ସ୍ୱର ହେଉ । ବିନା ପ୍ରେମର ବାର୍ତ୍ତାରେ ଏ ଜାତି କେବେ ବି ଭାଷାକୁ ବୁଝିପାରିବ ନାହିଁ । ତେଣୁ ପ୍ରେମ ମାଧ୍ୟମରେ ସଭିଙ୍କୁ ଏକାଠି କରିବାକୁ ହେବ । ବିନା ପ୍ରେମର ଭାବରେ, ଶବ୍ଦରେ, ଭାଷାରେ କ'ଣ ସାହିତ୍ୟ ସୃଷ୍ଟି ସମ୍ଭବ ? କେବେ ବି ସମ୍ଭବ ନୁହେଁ । ଆପଣା ଭାଷାର ଉନ୍ନତି ସେତେବେଳେ ହେବ ଯେତେବେଳେ ଏ ସଂସାରବାସୀ ପ୍ରକୃତିକୁ ପ୍ରେମ କରିବା ଶିଖିଯିବେ । ପରସ୍ପରକୁ ପ୍ରେମକରି

 Magazine Downloaded from www.aahwaan.com

ପ୍ରେମର ଅର୍ଥକୁ ହୀନ ଆଉ ଋଗ୍‌ଣ ବୋଲି ବିଚାର ନ କରିବେ । ପ୍ରେମ କେବେ ବି ପାପ ନୁହେଁ ବୋଲି ପବିତ୍ର ବୋଲି ଭାବିବେ ।

ପ୍ରେମ ସାହିତ୍ୟର ମଶାଲ ଜାଳି ଯେ କୌଣସି ଭାଷାର ଉନ୍ନତି ସାଧନ କରି ହେବ । ନା କେବେ ଭାଷାର ଉନ୍ନତି ହିଂସାରେ କରିହେବ ନା ଆରୋପ ପ୍ରତ୍ୟାରୋପରେ ।

ମଇନା ହେଉ ବା ଶାରୀ କଥା ଶିଖାଇଲେ ସେମାନେ ଶିଖନ୍ତି । ସେମାନେ କେବେ ପଚାରନ୍ତି ନାହିଁ ଏହା କେଉଁ ଜାତିର, କେଉଁ ରାଷ୍ଟ୍ରର କି କେଉଁ ଭୂଖଣ୍ଡର ଭାଷା ବୋଲି । ସେମାନେ କେବଳ ଭାଷା ଶିଖନ୍ତି । ଯାହା ଶିକ୍ଷା ପାଆନ୍ତି ମାଲିକକୁ ତାହା ଶୁଣାନ୍ତି । ମାଲିକର କାର୍ଯ୍ୟରେ ସହଯୋଗ କରନ୍ତି । ଏଠାରେ ଭାଷା ଶିଖାଉଥିବା ଆଉ ଭାଷା ଶିଖୁଥିବା ଦୁହିଁଙ୍କ ଭିତରେ ଭାଷା ପ୍ରତି ପ୍ରଗାଢ଼ ପ୍ରେମ ଥାଏ ।

ପ୍ରଥମେ ଭାଷାର ମହତ୍ତ୍ୱକୁ ବୁଝିବାକୁ ହେବ । ଭାଷା ପାଇଁ ନିଜର କେତେ ଉନ୍ନତି ହୋଇଛି ମନ ଭିତରେ ବିଚାର କରିବାକୁ ହେବ । ତା'ହେଲେ ଅନ୍ୟ ଭାଷପ୍ରତି ଥିବା ଅହମିକା କ୍ଷଣିକେ ମନରୁ ଦୂରିଭୂତ ହେଇପାରିବ ।

ଯେ ନିଜକୁ ଭଲ ପାଏନାହିଁ ସେ ନିଜ ଭାଷାକୁ କେତେବେଳେ ଭଲ ପାଇବ ? ଆଉ ଯେ ନିଜ ଭାଷାକୁ ଭଲ ପାଇବାରେ ଅସମର୍ଥ ସେ କେବେ ମଧ୍ୟ ଅନ୍ୟଭାଷାକୁ ଆଦର କି ସମ୍ମାନ ପ୍ରଦର୍ଶନ କରି ପାରିବ ନାହିଁ । ଅର୍ଥାତ ସେ ଧରାର ଭାର ସଦୃଶ । କେବଳ ଜୀବିତ ହେଲେ ବୁଦ୍ଧି ବିବେକ ଶୂନ୍ୟ ମୃତପ୍ରାୟ ଅଚଳ । ଯଦି ମୁଁ ମୋ ଦେଶକୁ ଭଲ ପାଇବି ନାହିଁ ତେବେ ଗାଆଁକୁ କିପରି ଭଲ ପାଇପାରିବି ? ଏହା କଣ କେବେ ସମ୍ଭବ ? ବୃକ୍ଷକୁ ଯଦି ଭଲ ପାଇବି ନାହିଁ ତା'ର ଡାଳପତ୍ରକୁ କେତେବେଳେ ଭଲ ପାଇବି ? ସେହିପରି ରାଜ୍ୟର ଭାଷା ଓଡ଼ିଆକୁ ମନରେ, ହୃଦୟରେ ଆଳାପରେ ଯଦି କେବେ ଭଲ ପାଇବି ନାହିଁ ତେବେ ମୁଁ କଦାପି

 Magazine Downloaded from www.aahwaan.com

ଜୀବନରେ ଆଞ୍ଚଳିକ ଭାଷାକୁ ଭଲପାଏ ବୋଲି ସ୍ୱୀକାର କରି ପାରିବି ନାହିଁ ।

ତୁମେ କଣ ସତରେ ଭଲପାଅ ନିଜ ଭାଷାକୁ ? ସତରେ କ'ଣ ତୁମେ ସାହିତ୍ୟ ସୃଷ୍ଟି କରି ମାନବ କଲ୍ୟାଣ କରିବାକୁ ଇଚ୍ଛୁକ ? ଏ ଧରାକୁ, ଭାଷା ସାହିତ୍ୟକୁ ତୁମେ କ'ଣ ସତରେ ଭଲପାଅ ? ତୁମେ ମୋ ପ୍ରଶ୍ନର ଉତ୍ତର ଦେଇ ପାରିବ ନାହିଁ । କାରଣ ମୁଁ ଜାଣିଛି ନା ତୁମେ ନିଜ ଭାଷାକୁ ଭଲପାଅ ନା ମାଟିକୁ, ନିଜ ଗାଆଁକୁ ଭଲପାଅ ନା ମାଆକୁ ! ତୁମେ କେବଳ ଭଲପାଇବାର ଅଭିନୟ କରୁଛ । ବାସ୍ତବରେ ଭଲ ପାଉନ । ଯେ ନିଜ ମାଆକୁ ଭଲପାଏ ସେ ନିଜ ମାତୃଭାଷା ଓ ମାତୃଭୂମିକୁ ନିଶ୍ଚିତ ଭଲ ପାଇବ । ଓଡ଼ିଶାରେ ବସବାସ କରୁଥିବା ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ତଥା ପ୍ରିୟଭାଷା ହେଉଛି ଓଡ଼ିଆ । ଓଡ଼ିଆ ଭାଷା ଆମର ପ୍ରିୟ । ସକାଳୁ ସଞ୍ଜଯାଏଁ ରାତିରୁ ପାହାନ୍ତି ପର୍ଯ୍ୟନ୍ତ ତ ଆମେ ଓଡ଼ିଆ ଭାଷାରେ ବଞ୍ଚିଛୁ । ଓଡ଼ିଶା ଭିତରେ ଆମେ ଯେଉଁ ଅଞ୍ଚଳକୁ ଭ୍ରମଣରେ କିମ୍ବା ଅନ୍ୟ କାମରେ ଯାଉ ସେଠାରେ ଆମେ ଆଞ୍ଚଳିକ ଭାଷାର ବ୍ୟବହାର କରିଥାଉ । ଆଞ୍ଚଳିକ ଭାଷାତ ଅନେକ ଅଛି । ହେଲେ କୌଣସି ଆଞ୍ଚଳିକ ଭାଷାକୁ ଆମେ କ'ଣ ରାଜ୍ୟର ରାଜଭାଷା କରିପାରିବା ? ଏମିତି ହେଲେ ତ ଓଡ଼ିଶାରେ ବସବାସ କରୁଥିବା ଆଦିମ ଅଧିବାସୀମାନେ ନିଜ ନିଜ ଭାଷାକୁ ରାଜ୍ୟର ମୁଖ୍ୟଭାଷା କରିବାକୁ ଆନ୍ଦୋଳନ କରିବେ । ସେତେବେଳେ ତ ଜଗନ୍ନାଥଙ୍କ ଅହିଂସା ରାଜ୍ୟ ହିଂସାରେ ହୋଲି ଖେଳୁଥିବ ।

ତୁମେ କ'ଣ କେବେ ନିଜ ଭାଷାର ଅସମ୍ମାନ କିଏ କରୁଥିବା ଦେଖି ସହି ପାରିବ ? କେବେ ନୁହେଁ ଟି ! ହେଲେ ଅନ୍ୟଜଣେ କେମିତି ଦେଖି ସହିପାରିବ ତା' ଭାଷାକୁ ତୁମେ ଅସମ୍ମାନ କରୁଥିଲେ ?

ମୁଁ ଯେବେ ଆମେରିକା ଯାଏ ସେବେ ଇଂରାଜୀରେ କହେ, ଯେବେ ଦିଲ୍ଲୀଯାଏ ହିନ୍ଦୀରେ,

 Magazine Downloaded from www.aahwaan.com

ତାମିଲନାଡୁରେ ତାଲିମ୍ ଭାଷାରେ । ତା ବୋଲି କ'ଣ ମୋ ପ୍ରିୟ ଓଡ଼ିଆ ଭାଷାକୁ ସେଠାରେ ମୁଁ ଅସମ୍ମାନ କରିବି ? ଭୁଲିଯିବି ତା'କୁ ଯେ ମୋତେ ଭାଷା ଶିଖେଇ ଏଡୁଟିଏରୁ ଏଡ଼େଟିଏ କଲା ? ମୁଁ କେମିତି ଭୁଲିଯିବି ମୋ ଆଞ୍ଚଳିକ ଭାଷା ସମ୍ବଲପୁରୀକୁ ? ସେ ତ ମୋ ଅତିପ୍ରିୟ ଭାଷା । ମୋ ଗାଆଁର ଆଖପାଖ ଅଞ୍ଚଳରେ ଅନେକ ଭାଷାଭାଷୀ ଲୋକ ବାସ କରୁଛନ୍ତି । ସେମାନଙ୍କ୍ ସହ ଯେବେ ବାର୍ତ୍ତାଳାପ କରେ ସେବେ ମୁଁ ସେମାନଙ୍କର ଭାଷା ହିଁ କହିଥାଏ । କାରଣ ସବୁ ଭାଷା ମୋର ପ୍ରିୟ । ମୁଁ ପୃଥିବୀର କୌଣସି ଭାଷାକୁ ନା ଘୃଣା କରିପାରେ ନା ଅସମ୍ମାନ । ମୁଁ ମାନବ ଜାତିକୁ ଯେତେ ଭଲପାଏ, ମାନବ ମାନେ କହୁଥିବା ଭାଷାକୁ ମଧ୍ୟ ସେତିକି ଭଲପାଏ । ଆଉ ଆପଣ ଦୁହେଁ ?

ମୋ ପ୍ରଶ୍ନଶୁଣି କନ୍ଦର୍ପ ଆଉ କାନ୍ତାରୁ ଉଭୟ ଏକ ସ୍ୱରରେ ଉତ୍ତର ଦେଲେ, "ହଁ ହଁ ଆମେ ବି ଭଲପାଉ ।"

ପ୍ରେମସମ୍ରାଟ ଲକ୍ଷ୍ମଣ କୁମାର ବେହେରା (ଯତି)
ନିର୍ଦ୍ଦେଶକ, ପ୍ରେମ ସମ୍ରାଟ ପ୍ରକାଶନୀ,
ଦଣ୍ଡାସିଂହା, ଦେବଗଡ଼, ଓଡ଼ିଶା

 Magazine Downloaded from www.aahwaan.com

# ଉତ୍ତରଜୀବନରେ ସାମାଜିକ ଉତ୍ତରଦାୟିତ୍ୱ



ସୁଦେଷ୍ଣା ତ୍ରିପାଠୀ

ଭଦ୍ର ବ୍ୟକ୍ତି ଜଣକ ମୋର ପରିଚିତ ନଥିଲେ । ଘଟଣା କ୍ରମେ ତାଙ୍କ ସହିତ କଥା ବାର୍ତ୍ତା ହେବାର ସୁଯୋଗ ମୁଁ ପାଇଥିଲି । ସେ ରହୁଥିଲେ ଆମ ଆଖପାଖ ସାହିରେ କେଉଁଠି । ଅବସରପ୍ରାପ୍ତ, ମୋଟା ଅବସର ଭତ୍ତା ପାଉଥିବା ଜଣେ ବ୍ୟକ୍ତି । ସୁସ୍ଥ ଚେହେରା ଆଉ ମୁଖମଣ୍ଡଳରେ ସାହସର ଦୀପ୍ତି । ମୋର କିଛି ପରିବାରବ୍ୟକ୍ତିଙ୍କ ସହ ତାଙ୍କର ଥିଲା ପରିଚୟ । ଆଉ କିଛି କଥୋପକଥନ ଆଳରେ ସେ ଆସି ଥିଲେ ଆମ ଘରକୁ ।

ଆମ ଅଞ୍ଚଳ, ଗ୍ରାମ ପଞ୍ଚାୟତ ଅଞ୍ଚଳ ଥିଲା । ଯେଉଁଥିପାଇଁ ଖୁବ୍ ଭଲ ସରକାରୀ ସହାଯତା ମିଳୁଥିଲ । ଅଞ୍ଚଳବାସୀଙ୍କୁ । କିନ୍ତୁ ସମସ୍ୟା ଥିଲା ଯେ ସରକାରୀ ସହାୟତାର ଉପଯୋଗ ସବୁ ଅଞ୍ଚଳରେ ସମାନ ଭାବରେ ହୋଇପାରୁନଥିଲା । ମୁଖ୍ୟ ରାସ୍ତା ତଥାସହର ବଜାର ଅଞ୍ଚଳର ଉନ୍ନତି ହେଉଥିବା ବେଳେ ଅପେକ୍ଷାକୃତ ଦୂର ସାହି ଗୁଡ଼ିକରେ ସମପରିମାଣରେ ସୁବିଧା ପହଞ୍ଚି ପାରୁନଥିଲା । ଫଳରେ ବଢୁଥିଲା ଜନ ଅସନ୍ତୋଷ । ଆଉ ଏହାର କାରଣ ଥିଲା ଗ୍ରାମ ପଞ୍ଚାୟତ ସଦସ୍ୟଙ୍କ ମଧ୍ୟରେ ସମନ୍ୱୟର ଅଭାବ ।

ଅଞ୍ଚଳର ଯୁବକମାନେ ସାହିରେ ଯାନିଯାତ୍ରା । କରିବାପାଇଁ ଯେତିକି ଆଗ୍ରହ ଦେଖେଇଥିଲେ ସମପରିମାଣର ଆଗ୍ରହ ଉନ୍ନତିମୂଳକ କାର୍ଯ୍ୟ କରିବାପାଇଁ ଦେଖାଉ ନଥିଲେ । କିଛି ଯୁବକଙ୍କ ନିକଟରେ ଜୀବିକା ଉପାର୍ଜନ ଜନିତ ସମୟର ଅଭାବ ଥିଲା । ଆଉ କିଛି ଏ ଅପରିଚ୍ଛନ୍ନ କାମ କରିବାକୁ ଚାହୁଁନଥିଲେ । ଆଉ କିଛି କରିବାର ଇଚ୍ଛା ଥାଇ


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମଧ୍ୟ ରାଜନୈତିକ ଭୟ କାରଣରୁ ଚୁପ୍ ରହୁଥିଲେ ।

ଭଦ୍ରବ୍ୟକ୍ତି ଜଣଙ୍କର କିଛି ପାରିବାରିକ ସମସ୍ୟା ନ ଥିଲା । ଜୀବନର ଅର୍ଦ୍ଧାଧିକ ସମୟ ଅନ୍ୟର ଚାକିରିରେ ବିତେଇ ଦେଇଥିବା ଯୋଗୁଁ ଏବେ ସେ ଏକ ସ୍ୱାଧୀନ ଜୀବନ ବଞ୍ଚିବାକୁ ଚାହୁଁଥିଲେ । ଏସବୁ ସାହି ସମସ୍ୟାର ସମାଧାନ ପାଇଁ ସେ ଆଗଭର ହେଲେ । ଆଉ ତାଙ୍କୁ ସାହାସ ଓ ବଳ ଦେଇଥିଲେ ତାଙ୍କ ଭଳି ଆଉ କିଛି ଅବସରପ୍ରାପ୍ତ ବନ୍ଧୁ ।

ଏମାନେ ସମସ୍ତେ ଥିଲେ ନିସ୍ୱାର୍ଥପର । କାରଣ ଉତ୍ତର ଜୀବନରେ ସେମାନେ ସମସ୍ତେ ଚାହୁଁଥିଲେ କିଛି ସାମାଜିକ କର୍ମ କରିବାକୁ, ଯାହା ତାଙ୍କୁ ଦେବ ଆତ୍ମସନ୍ତୋଷ । ଏହି ଜୀବନର ଉତ୍ତର ପର୍ଯ୍ୟାୟରେ ପହଞ୍ଚିଥିବା ଶିକ୍ଷିତ ବ୍ୟକ୍ତିଙ୍କ ନିକଟରେ ପ୍ରକୃତରେ ଥାଏ ପର୍ଯାପ୍ତ ସମୟ । ସାମାଜିକ ଭୂଲକୁ ଲୋକଲୋଚନକୁ ଆଣିବାର ଦମ୍ଭ । ଆଉ ନଥାଏ ମରଣର ଭୟ । ବିଭିନ୍ନ କ୍ଷେତ୍ରର ଅଭିଜ୍ଞତାକୁ ଆଧାର କରି ସମସ୍ୟାର ସମାଧାନ କରିବାରେ ଧୁରନ୍ଧର ଏଇ ବ୍ୟକ୍ତି ସମୂହଙ୍କ ସମାବେଶ ତଥା ଇଚ୍ଛାଶକ୍ତି କଣ ସତରେ ଏକ ସାମାଜିକ ବାର୍ତ୍ତାବହ ନୁହେଁ କି ?

ସରକାରୀ କଳର ଦୋଷ ତ୍ରୁଟିକୁ ସୁଧାରିବା ପାରିବାରିକ ଲାଭରୁ ଉର୍ଦ୍ଧ୍ୱରେ ରହି ସାମାଜିକ ଲାଭପ୍ରତି ଦୃଷ୍ଟି ଦେବ । ଯଦି ଏହି ବ୍ୟକ୍ତିମାନଙ୍କ ଲକ୍ଷ୍ୟ ହୁଅନ୍ତା, ତା'ହେଲେ ନିଶ୍ଚିତ ଭାବରେ କିଛି ସାମାଜିକ ସମସ୍ୟାର ଅନ୍ତ ହୋଇପାରନ୍ତା ନାହିଁକି ?

କରାପଲ୍ଲୀ, ଓଡ଼ିଶା, ଭ୍ରାମ୍ୟଭାଷ : ୭୩୭୭୦୯୦୬୬୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଲୀଳାମୟ ଜଗନ୍ନାଥ



ଶାନ୍ତିଲତା ସାହୁ

ହେ ନୀଳାଦ୍ରିନାଥ ! ତୁମ କଥା ଭାବିବାରେ ଆନନ୍ଦ ଅଛି । ତୁମ ଚିତ୍ର ମନରେ ଆଙ୍କିବାରେ ଆନନ୍ଦ ଅଛି, ତୁମ ମହିମାର ଗୀତ ଗାଇବାରେ ଆନନ୍ଦ ଅଛି । ତୁମ ଲୀଳା ରଚନାର ଆଲୋଚନାରେ ଆନନ୍ଦ ଅଛି । କାରଣ ତୁମେ ଆନନ୍ଦମୟ, ମଧୁମୟ, କି ଅପୂର୍ବ ଲୀଳା ତୁମର, ସେ ଲୀଳାର ପଟାନ୍ତର ନାହିଁ । ହେ ଅସୀମ ଲୀଳାମୟ, ପାଖରେ ଥାଅ, ମାତ୍ର ଦୂରରେ ଥିଲାପରି ଜଣାପଡୁଥାଅ । ଆମକୁ ଚାହିଁଲେ ପଛରେ ହସୁଥାଅ । ପଛକୁ ଚାହିଁଲେ ଆଗରେ ମହମହ ବାସୁଥାଅ । କେତେ ଶାସ୍ତ୍ରରେ ତୁମ ପ୍ରଶସ୍ତି ଓ ତୁମ ଧାମର ପ୍ରଶସ୍ତି ବର୍ଣ୍ଣିତ ହୋଇଛି । ସ୍କନ୍ଦ ପୁରାଣରେ ଶ୍ରୀକ୍ଷେତ୍ରର ବିସ୍ତୃତ ବିବରଣୀ ରହିବା ସହିତ ରହିଛି । ତୁମର ନବକଳେବର ନିମନ୍ତେ ଦାରୁ ସଂଗ୍ରହ, ମୂର୍ତ୍ତି ନିର୍ମାଣ, ମୂର୍ତ୍ତିପ୍ରତିଷ୍ଠା ତଥା ବହୁ ନୀତିକାନ୍ତିର ତତ୍ତ୍ୱ ଓ ତଥ୍ୟ ।

ହେ ଲୀଳାବିଳାସୀ ମହାପ୍ରଭୁ; ବାରମାସରେ ତୁମର ତେରଯାତ୍ରା, ଯଥା - ଚନ୍ଦନଯାତ୍ରା, ସ୍ନାନଯାତ୍ରା, ଶ୍ରୀଗୁଣ୍ଡିଚାଯାତ୍ରା, ଶୟନ ଏକାଦଶୀ, ପାର୍ଶ୍ୱ ପରିବର୍ତ୍ତନ, ଉତ୍‌ଥାପନ, ଦକ୍ଷିଣାୟନ ଯାତ୍ରା, ପ୍ରାବରଣ ଷଷ୍ଠୀ, ପୁଷ୍ୟାଭିଷେକ, ମକର ସଂକ୍ରାନ୍ତି, ଦୋଳଯାତ୍ରା, ଦମନକ ଚତୁର୍ଦ୍ଦଶୀ, ନୀଳାଦ୍ରୀ ମହୋଦୟ ମହୋତ୍ସବ । ଏଥିମଧ୍ୟରୁ ସ୍ୱୟଂଲୀଳା ଦୁଇଟି, ତାହା ହେଉଛି ସ୍ନାନଯାତ୍ରା ଓ ଗୁଣ୍ଡିଚାଯାତ୍ରା । ଶ୍ରୀ ଗୁଣ୍ଡିଚାଯାତ୍ରାରେ ବଡ଼ଦେଉଳରୁ ଆସି ତୁମେ ବଡ଼ଦାଣ୍ଡରେ ଉଭାହୁଅ । ସମସ୍ତଙ୍କ ଭାବବିଭବରେ ମଜ୍ଜିରହି ତୁମେ ଭାବଗ୍ରାହୀ ନାମର ଯଥାର୍ଥତା ପ୍ରତିପାଦନ କର । ସମସ୍ତେ ତୁମର ଓ ତୁମେ ସମସ୍ତଙ୍କର ଏଇ ପ୍ରତ୍ୟକ୍ଷ ଅନୁଭବ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଣିବାପାଇଁ ଏଇ ଗୁଣ୍ଡିଚାଯାତ୍ରା ଏକ ବିରଳ ପରିବେଶ ସୃଷ୍ଟି କରେ । ଯାତ୍ରାମାନଙ୍କ ଭିତରେ ଏହା ଶ୍ରେଷ୍ଠ ଯାତ୍ରା । ଏହାର ଭିନ୍ନ ଭିନ୍ନ ନାମ ରହିଛି, ଶ୍ରାସ୍ତ୍ରପୁରାଣ ମାନଙ୍କରେ ଯଥା ଆଡ଼ପମଣ୍ଡପ ଯାତ୍ରା, ଦଶାବତାର ଯାତ୍ରା, କନକପୁରୀ ଯାତ୍ରା, ଘୋଷଯାତ୍ରା, ନବଦିନାତ୍ମକ ଯାତ୍ରା, ଅନ୍ତର୍ବେଦୀ ଯାତ୍ରା, ପତିତପାବନ ଯାତ୍ରା, ଜନ୍ମବେଦୀ ଯାତ୍ରା, ଦକ୍ଷିଣାଭିମୁଖୀ ଯାତ୍ରା ଇତ୍ୟାଦି ଇତ୍ୟାଦି । ହେ ମହାବାହୁ ବାରମାସରେ ତୁମର ବାରଗୋଟି ନାମ ରହିଛି ଯଥା ମାର୍ଗଶୀର ମାସରେ କେଶବ, ପୌଷମାସରେ ନାରାୟଣ, ମାଘ ମାସରେ ମାଧବ, ଫଗୁଣ ମାସରେ ଗୋବିନ୍ଦ, ଚୈତ୍ର ମାସରେ ବିଷ୍ଣୁ, ବୈଶାଖ ମାସରେ ମଧୁସୂଦନ, ଜ୍ୟେଷ୍ଠମାସରେ ତ୍ରିବିକ୍ରମ, ଆଷାଢ଼ମାସରେ ବାମନ, ଶ୍ରାବଣ ମାସରେ ଶ୍ରୀଧର, ଭାଦ୍ରବମାସରେ ହୃଷୀକେଶ, ଆଶ୍ୱିନମାସରେ ପଦ୍ମନାଭ ଏବଂ କାର୍ତ୍ତିକ ମାସରେ ଦାମୋଦର ଇତ୍ୟାଦି ।

ହେ ଅଗତିର ଗତି ଅସହାୟର ସହାୟ ପରମପ୍ରଭୁ, ମୋର କିଛି ନାହିଁ ତୁମକୁ ଦେବାକୁ । ଯାହା ଅଛି ମୋର ବୋଲି ସବୁ ତ ତୁମର ଦାନ, ନିଜକୁ ମୁଁ ତୁମ ପାଦେ କରି ସମର୍ପଣ ଜଣାଉଛି ମହାପ୍ରଭୁ କୋଟିଏ ପ୍ରଣାମ । ମୋତେ ଦୁଃଖଯନ୍ତ୍ରଣା ସହିବାପାଇଁ ଶକ୍ତିଦିଅ । ତୁମ ଆଶ୍ରାବିନା ଅନ୍ୟଭରସା ପ୍ରତି ଜନ୍ମେ ଜନ୍ମେ ମନ ନ ବଳୁ । ବିପଦ ବେଳେ ତଥା ଜୀବନର ସାୟଂକାଳରେ ମନରେ କେବଳ ତୁମରି ଚିନ୍ତନ ଜାଗ୍ରତ ହେଉ ।

Magazine Downloaded from www.aahwaan.com

# ବ୍ରହ୍ମାଙ୍କର ମତିଭ୍ରମ ହେଲା କାହିଁକି !



ନରେନ୍ଦ୍ର ପ୍ରସାଦ ବେହେରା

ଭାଗବତ କଥା-୧୩

ଗୋପପୁରରେ ଅନ୍ୟାନ୍ୟ ଗୋପବାଳକମାନଙ୍କ ସହିତ ଶ୍ରୀକୃଷ୍ଣ ପ୍ରତିଦିନ ଗୋରୁପଲ ସହ ପାହାଡ ତଳ ସମତଳ ଭୂମିକୁ ଗୋରୁ ଚରାଇବା ପାଇଁ ଯା'ନ୍ତି । ଦିନେ ବାଛୁରୀମାନଙ୍କୁ ଚରିବାକୁ ଛାଡିଦେଇ ଶ୍ରୀକୃଷ୍ଣ ସଖାମାନଙ୍କ ସହିତ ବଣଭୋଜି କରୁଥାନ୍ତି । ସେମାନେ ସମସ୍ତେ ମଣ୍ଡଳାକାରରେ ବସି ଖାଉଥିବା ସମୟରେ ଶ୍ରୀକୃଷ୍ଣ ଆନନ୍ଦରେ ଆତ୍ମହରା ହୋଇ ସାଥୀମାନଙ୍କ ଉଚ୍ଛିଷ୍ଟ ମଧ୍ୟ ଖାଉଥିଲେ । ଏହି ସମୟରେ ବ୍ରହ୍ମା ଉପରେ ଥାଇ କୃଷ୍ଣଙ୍କର ଏ ପ୍ରକାର କୌତୁକ ଲକ୍ଷ୍ୟ କରି ଦେଖୁଥାନ୍ତି । ବ୍ରହ୍ମାଙ୍କ ମନରେ ସନ୍ଦେହ ଜାତ ହେଲା । ସେ ଭାବିଲେ, ଯେ କ'ଣ ସେହି ପରମପୁରୁଷ ବିଷ୍ଣୁ ? ଯେ ତ ଗୋଟିଏ ଗଉଡ ପିଲା । ଗୋଠରେ ଗାଇ ଚରାଉଛି । ସାଥୀମାନଙ୍କର ଅଇଁଠା ଖାଦ୍ୟ ଖାଉଛି । ନିଜ କାନ୍ଧ ଉପରେ ସାଙ୍ଗମାନଙ୍କୁ ବସାଇ ଖେଳୁଛି । ସତରେ କଅଣ ଯେ ସେହି ପରମ ପୁରୁଷ ? ବ୍ରହ୍ମାଙ୍କର ମତିଭ୍ରମ ହେଲା ।

ଏହାର ସତ୍ୟାସତ୍ୟ ପରୀକ୍ଷା କରିବା ନିମନ୍ତେ ସେ ଗୋଟିଏ ଉପାୟ ସ୍ଥିର କଲେ । ଶ୍ରୀକୃଷ୍ଣ ସାଥୀମାନଙ୍କ ସହିତ ଖେଳ କୌତୁକରେ ମାତିଥିବା ବେଳେ, ସେମାନଙ୍କର ଅନ୍ୟମନସ୍କତାର ସୁଯୋଗ ନେଇ ବ୍ରହ୍ମା ଗୋଠରେ ଥିବା ବାଛୁରୀମାନଙ୍କୁ ଚୋରାଇ ନେଇ ନିକଟବର୍ତ୍ତୀ ପାହାଡର ଗୋଟିଏ ଗୁମ୍ଫା ମଧ୍ୟରେ ଲୁଚାଇ ଦେଲେ । ଗୋପ ବାଳକମାନେ ଖେଳ କୌତୁକ ଶେଷ କରି ଗୋଠକୁ ଅନାଇ ଦେଖନ୍ତି ତ ବାଛୁରୀ ସବୁ ନାହାଁନ୍ତି । ବାଛୁରୀ ସବୁ ଗଲେ କୁଆଡେ ? ସେମାନେ ବ୍ୟସ୍ତ ହୋଇ ପଡିଲେ । କୃଷ୍ଣ ସେମାନଙ୍କୁ ଆଶ୍ୱାସନା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେଇ କହିଲେ, ମୁଁ ଯାଏ ଦେଖେ ବାଛୁରୀ ସବୁ ଆଉ କେଉଁଠି ଚରୁଥିବେ । ଏହା କହି କୃଷ୍ଣ ବାଛୁରୀ ଖୋଜିବାକୁ ନିକଟବର୍ତ୍ତୀ ଏକ ପଡିଆକୁ ଯାଇ ବାଛୁରୀମାନଙ୍କୁ ଖୋଜିବାକୁ ଲାଗିଲେ । ଏହି ସମୟରେ ବ୍ରହ୍ମା ଶ୍ରୀକୃଷ୍ଣଙ୍କ ଅନୁପସ୍ଥିତିରେ ଗୋପ ବାଳମାନଙ୍କୁ ମଧ୍ୟ ହରଣ କରି ନେଇ ଆଉ ଗୋଟିଏ ପାହାଡ ଗୁମ୍ଫା ଭିତରେ ଲୁଚାଇଦେଲେ । ଏଣେ ଶ୍ରୀକୃଷ୍ଣ ବାଛୁରୀମାନଙ୍କୁ ଖୋଜି ଖୋଜି ଥକି ପଡିଲେ । କେଉଁଠି ହେଲେ ସେମାନଙ୍କର ଚିହ୍ନବର୍ଣ୍ଣ ପାଇଲେ ପାଇଁ । ସେ ନିରାଶ ହୋଇ ସାଥୀମାନେ ଥିବା ସ୍ଥାନକୁ ଫେରି ଆସିଲେ । ଶ୍ରୀକୃଷ୍ଣ ହଠାତ୍ ଚମକି ପଡିଲେ । ଇଏ କଅଣ ? ମୋ ସାଙ୍ଗମାନେ ଗଲେ କୁଆଡେ ? ସେ ପୁଣି ସାଥୀ ଗୋପ ବାଳକମାନଙ୍କୁ ଖୋଜିଲେ । କିନ୍ତୁ କେଉଁଠି ହେଲେ ଦେଖିବାକୁ ପାଇଲେ ନାହିଁ । ସେ କ୍ଷଣକ ପାଇଁ ଚିନ୍ତାକଲେ ଗୋଠ ମଧ୍ୟରୁ ସବୁତକ ବାଛୁରୀ ଓ ମୋ ସାଙ୍ଗ ପିଲାମାନେ କିପରି ଅଦୃଶ୍ୟ ହୋଇଗଲେ ? ସେ ଭାବି ଭାବି କୂଳକିନାରା ପାଇଲେ ନାହିଁ । ଏପରି କାର୍ଯ୍ୟ କଲା କିଏ ? ସେ ପୁଣି ସାଙ୍ଗମାନଙ୍କୁ ଖୋଜିଲେ ଆଉ ଚିତ୍କାର କରି ଡାକିଲେ । ଶ୍ରୀଦାମ ସୁଦାମ କେଉଁଠି ଅଛ ଆସ । କିନ୍ତୁ କାହାରି ଦେଖା ନାହିଁ । ଶ୍ରୀକୃଷ୍ଣ ଭାବିଲେ, ଆଚ୍ଛା ଠିକ୍ ଅଛି, ଯେଉଁ ବ୍ୟକ୍ତି ଜଣକ ଏପରି କାର୍ଯ୍ୟ କରିଥିବେ, ତାଙ୍କୁ ପାନେ ଶିକ୍ଷା ଦେବି । କିଏ ଏ କାର୍ଯ୍ୟ କରିଛନ୍ତି, ସେ ଜାଣିପାରି ମନେ ମନେ ହସିଲେ, ଆଉ ତାପରେ ତାଙ୍କ ମାୟା ବଳରେ ସୃଷ୍ଟି କଲେ ସେହିସବୁ ବାଛୁରୀ ଓ ସାଥୀ ବାଳକମାନଙ୍କୁ । ସବୁକିଛି ସ୍ୱାଭାବିକ । ଗାଈସବୁ ସେମାନଙ୍କର ବାଛୁରୀମାନଙ୍କୁ ପାଇ ଖୁସି । ଶ୍ରୀକୃଷ୍ଣଙ୍କ ସହିତ ସାଥୀ ପିଲାମାନେ ସେମାନଙ୍କ ଘରକୁ ଫେରି ଯାଇଥିଲେ । ସେମାନଙ୍କ ପରିବାରରେ କେହି ଜାଣିପାରିଲେ ନାହିଁ ଯେ ଏମାନେ ଶ୍ରୀକୃଷ୍ଣଙ୍କ ମାୟା ବଳରେ ସୃଷ୍ଟି ହୋଇଥିବା ପିଲା ।

ଏହିପରି ଭାବରେ ଗୋଟିଏ ବର୍ଷ ଅତୀତ ହୋଇଗଲା । ପୂର୍ବପରି କୃଷ୍ଣ ସାଥୀ ବାଳକମାନଙ୍କ ସହିତ ଗାଈ ଚରାଇବାକୁ ଗୋଠକୁ ଯା'ନ୍ତି । ସେଠାରେ ପୂର୍ବପରି ଭୋଜି ହୁଏ,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କ୍ରୀଡା କୌତୁକ ହୁଏ । ଦିନେ ବ୍ରହ୍ମା ଆସି ଉପସ୍ଥିତ ହେଲେ । ସେଠାକୁ ଆସି ସେ ଯାହା ଦେଖିଲେ ସେଥିରେ ତାଙ୍କର ବିସ୍ମୟର ସୀମା ରହିଲା ନାହିଁ । ବ୍ରହ୍ମା ଦେଖିଲେ ଯେ ଯେଉଁ ସବୁ ବାଛୁରୀ ଓ ଗୋପ ବାଳକମାନଙ୍କୁ ସେ ଚୋରାଇ ନେଇ ଗୁମ୍ଫା ଭିତରେ ରଖିଦେଇ ଆସିଥିଲେ, ସେମାନେ ଏଠାରେ ଉପସ୍ଥିତ । ଭାବିଲେ, ସେମାନେ କଅଣ କୌଣସି ପ୍ରକାରେ ଏଠାକୁ ଖସି ଆସିଲେ କି ? ବ୍ରହ୍ମା ଧାଇଁଲେ ଗୁମ୍ଫା ଭିତରକୁ । ଦେଖିଲେ ସବୁତକ ବାଛୁରୀ ଓ ଗୋପ ବାଳକମାନେ ସେଠାରେ ନିଦ୍ରିତାବସ୍ଥାରେ ରହିଛନ୍ତି । ବ୍ରହ୍ମା ପୁଣି ଫେରି ଆସିଲେ ଶ୍ରୀକୃଷ୍ଣ ଗାଈ ଚରାଉଥିବା ସ୍ଥାନକୁ । ଦେଖିଲେ, ସେହି ସବୁ ବାଛୁରୀ ଖେଳୁଛନ୍ତି ଆଉ ମା'ମାନଙ୍କ ଠାରୁ କ୍ଷୀର ପିଉଛନ୍ତି । ସେହି ସବୁ ଗୋପବାଳକ ଶ୍ରୀକୃଷ୍ଣଙ୍କ ସହିତ ଖେଳୁଛନ୍ତି । ବ୍ରହ୍ମାଙ୍କର ମତିଭ୍ରମ ହେଲା । ସେ ସ୍ଥିର କରିପାରିଲେ ନାହିଁ, କେଉଁଟା ସତ ଆଉ କେଉଁଟା ମିଛ । ସତେ ଯେପରି ଗୋଟାଏ ମାୟାରେ ସେ ବିମୋହିତ ହୋଇ ପଡିଛନ୍ତି । ଏହି ମାୟା ଅପସରି ଯିବାରୁ ସେ ମନେ ମନେ ହସିଲେ ଲୀଳାଙ୍କର ଅପାର ଲୀଳାକଥା ଭାବି । ସେ ଯେଉଁ ବାଳକକୁ ଜଣେ ସାଧାରଣ ଗୋପାଳ ବାଳକ ବୋଲି ମନେ କରିଥିଲେ, ସେ ଯେ ସ୍ୱୟଂ ପରମବ୍ରହ୍ମ ଏଥିରେ ତାଙ୍କର ଆଉ ସନ୍ଦେହ ରହିଲା ନାହିଁ । ଏହି ସମୟରେ ବ୍ରହ୍ମାଙ୍କର ଦୃଷ୍ଟି ପଥରେ ଆବିର୍ଭୂତ ହେଲେ ଶଙ୍ଖ-ଚକ୍ର-ଗଦା-ପଦ୍ମଧାରୀ ସ୍ୱୟଂ ବିଷ୍ଣୁ । ବ୍ରହ୍ମାଙ୍କର ମୋହଭଙ୍ଗ ହେଲା । ସେ ଶ୍ରୀକୃଷ୍ଣଙ୍କର ସ୍ତବଗାନ କରିବାକୁ ଲାଗିଲେ । ଗଦଗଦ କଣ୍ଠରେ କହିଲେ, ହେ ଭଗବାନ ! ତୁମେ ସତ୍ୟ, ନିତ୍ୟ, ଅକ୍ଷୟ, ଅନନ୍ତ । ତୁମେ ସନାତନ ପୁରୁଷ, ସ୍ୱପ୍ରକାଶ, ନିରବଚ୍ଛିନ୍ନ ସୁଖସ୍ୱରୂପ । ତୁମେ ତୁଳନା ରହିତ, ସର୍ବାତ୍ମା, ସର୍ବକାରଣ ସ୍ୱରୂପ, ଉପାଧିବର୍ଜିତ ଓ ଅମୃତମୟ । ତୁମକୁ ମୋର କୋଟି କୋଟି ପ୍ରଣାମ । ମର୍ତ୍ତ୍ୟମଣ୍ଡଳରେ ତୁମର ଆଉରି ଲୀଳା ଦେଖିବାକୁ ବାକି ରହିଲା । ଏହା କହି ବ୍ରହ୍ମା ଅନ୍ତର୍ଦ୍ଧାନ ହୋଇଗଲେ ।

ଆଳଦା, ଖଇରା, ବାଲେଶ୍ୱର, ମୋ–୯୮୫୩୧୯୨୫୧୦

 Magazine Downloaded from www.aahwaan.com

# ଗାନ୍ଧୀ ଓ ଲବଣ ସତ୍ୟାଗ୍ରହ



ନାରାୟଣ ଚନ୍ଦ୍ର ସେନାପତି

ସ୍ୱଦେଶ ଦ୍ରବ୍ୟକୁ ବିଦେଶୀଠୁ କିଣି
ନୂଆଁଇବ ନାହିଁ ଶୀର
ଗୋଲାମ ନୁହେଁ ମୋ ପ୍ରିୟ ଭାରତୀୟ
ଲକ୍ଷ୍ୟ ନ୍ୟାର୍ଯ୍ୟ ଅଧିକାର ।

ନିଜ ଜୀବନକୁ ତିଳ ତିଳ ଦଗ୍ଧ କରି ଭାରତମାତାର ମୁଖରେ ଟିକେ ହସ ଫୁଟାଇବାର ସ୍ୱପ୍ନ ଯେଉଁ ବୀର ଭାରତୀୟ ଗଣ ଦେଖିଥିଲେ ସେମାନଙ୍କ ମଧ୍ୟରେ ସର୍ବାଗ୍ରେ ଥିଲେ ମହାମାନବ ମହାତ୍ମାଗାନ୍ଧୀ । ସମସ୍ତଙ୍କ ଠାରୁ ତାଙ୍କ ଆନ୍ଦୋଳନର ତରିକା ଥିଲା ଭିନ୍ନ, ସ୍ୱତନ୍ତ୍ର ଓ ଅନନ୍ୟ । ସତ୍ୟକୁ ସାରଥୀ କରି ଅହିଂସାର ପାଞ୍ଚଜନ୍ୟ ଶଙ୍ଖରେ ନିଷ୍ଠାପର ଭାବେ ଆଗ୍ରହ ରଖି କରିଥିଲେ ସତ୍ୟାଗ୍ରହ । ସବୁଠାରୁ ଆଶ୍ଚର୍ଯ୍ୟଜନକ ଓ କଠିନ ଦୁର୍ବାର ପଥ ଥିଲା ଲବଣ ସତ୍ୟାଗ୍ରହ ।

ଆମ ଭାରତ ସୀମାରେ ଲୁଣ ମାରି ଆମକୁ ବିକ୍ରୟ କରିବା, ଆମ ଉପରେ ଟିକସ ବସାଇବା ସତରେ କେତେ ଅନ୍ୟାୟ ! କେତେ ସ୍ୱାର୍ଥପରତା ! ବାରମ୍ବାର ଏପରି ଅସମାହିତ ପ୍ରଶ୍ନ କ୍ଷତାକ୍ତ କରିଥିଲା ସ୍ୱାଭିମାନୀ ସ୍ୱାଧୀନଚେତା ଗାନ୍ଧିଜୀଙ୍କୁ । ସତରେ ଆମେ ଏତେ ଦୁର୍ବଳ ? ଆମେ କଣ ଗୋଲାମ ? ନ୍ୟାର୍ଯ୍ୟଦାବୀ ସାବ୍ୟସ୍ତ କରିବା କଣ ଆମର ଅଧିକାର ନୁହଁ ? ଅଠସ୍ତରୀ ଜଣ ସଚ୍ଚା ଅନୁଗାମୀଙ୍କୁ କାର୍ଣ୍ଣମନ୍ତ୍ର ଦେଇ ଆରମ୍ଭ କଲେ ଦାଣ୍ଡିଯାତ୍ରା । ସେଦିନ ଗାନ୍ଧୀଙ୍କ ନେତୃତ୍ୱରେ ୧୯୩୦ ମାର୍ଚ୍ଚ ୧୨ ଦେଖିଥିଲା ଲୁଣମାରିବାର ସୁନେଲି ସ୍ୱପ୍ନ । ଇଂରେଜର ଏକଚ୍ଛତ୍ରବାଦୀ ବେଆଇନ ଶାସନ ବିରୁଦ୍ଧରେ ଅପ୍ରେଲ-୬ ପର୍ଯ୍ୟନ୍ତ ଦୀର୍ଘ ଚବିଶ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଦିନର ପଦଯାତ୍ରା । ପୂଣ୍ୟ ସାବରମତୀ ଆଶ୍ରମରୁ ବିଜୟର ତିଳକ ପିନ୍ଧି ମୁଖରେ ସ୍ଲୋଗାନର ଜୟଧ୍ୱନି ଓ ହାତରେ ସ୍ୱାଭିମାନୀ ଶବ୍ଦ ଲିଖନର ଇସ୍ତାହାର । ସତେ ଯେମିତି ଚମକିଥିଲା ଆର୍ଯ୍ୟାବର୍ତ୍ତ ଭୂଖଣ୍ଡ । ଦୀର୍ଘ ୨୪୦ ମାଇଲ ବା ୩୮୦ କି.ମି.ର ଦୀର୍ଘତମ ପଥ ଅତିକ୍ରମର ଦୁଃସାଧ୍ୟ ଆଶା । ପଥପ୍ରାନ୍ତରରେ ଧୂପ ଦୀପ ଓ ପୁଷ୍ପର ଅର୍ଘ୍ୟ ଢାଳି ବନ୍ଦାପନା କରୁଥିଲେ ସଚ୍ଚା ଭାରତୀୟ । ଶୋଭାଯାତ୍ରା ମଇଦାନକୁ ଓହ୍ଲାଉଥିଲେ ସ୍ୱେଚ୍ଛାକୃତ ଭାବେ ଶହ ଶହ, ହଜାର ହଜାର, ଲକ୍ଷ ଲକ୍ଷ ଦରଦୀ ଆର୍ଯ୍ୟ ସନ୍ତାନ । ନରନାରୀ କୌଣସି ଭେଦଭାବ ନ ଥିଲା ସେଠାରେ, କେବଳ ଥିଲା ବ୍ରିଟିଶର ଅନ୍ୟାୟ ଅନୀତି ଦମନ ଓ ନ୍ୟାର୍ଯ୍ୟ ଦାବୀ ନ୍ୟାୟର ସହ ଅକ୍ତିଆର । ବ୍ରିଟିଶ ହୃଦୟରେ ସୃଷ୍ଟି ହେଲା କମ୍ପନ । ଭାଙ୍ଗିଲେ ଲବଣ ଆଇନ ମାରିଲେ ଲୁଣ । ହଜାର ହଜାର ଦେଶପ୍ରେମୀ ଆନନ୍ଦରେ ସହିଲେ ବ୍ରିଟିଶ ପୋଲିସ ବାହିନୀର ଲାଠିମାଡ଼ । ୧୯୩୦ ମସିହା ଅପ୍ରେଲ ୬ ସକାଳ ୬.୩୦ରେ ଗାନ୍ଧିଜୀ ଭାଙ୍ଗିଦେଲେ ଲବଣ ସତ୍ୟାଗ୍ରହ ବା ଦାଣ୍ଡିଯାତ୍ରାର ନୀରବ ଅହିଂସା ବିପ୍ଳବ । ଏହି ଲବଣ ସତ୍ୟାଗ୍ରହରେ ଓଡିଶା ହେଲା ପ୍ରଭାବିତ । ସରୋଜିନୀ ନାଇଡୁ ଓ ଉତ୍କଳମଣୀ ଗୋପବନ୍ଧୁଙ୍କ ନେତୃତ୍ୱରେ ଓଡ଼ିଶାର ସମୁଦ୍ରବେଳାରେ ମାରିଲେ ଲୁଣ ଉଡାଇଲେ ବିଜୟର ପରଵାନା ।

ମାତ୍ର ଦୁଃଖର ବିଷୟ ଦ୍ୱିତୀୟ ଗୋଲଟେବୁଲ ବୈଠକର ନିଷ୍ପତ୍ତି ଅନୁସାରେ ଲବଣ ସତ୍ୟାଗ୍ରହ ଅପରାଧରେ ବନ୍ଦୀ ହୋଇ ଜେଲଦଣ୍ଡ ଭୋଗିଲେ ୬୦,୦୦୦ ନିରୀହ ଭାରତୀୟ ।

ହେଲେ ଦେଶ ସ୍ୱାଧୀନ ହେବାକୁ ସ୍ୱାଧୀନତା ନିଜ ଅଧିକାର ରୂପେ ସାବ୍ୟସ୍ତ କରିବାକୁ ଗାନ୍ଧୀଙ୍କର ଲବଣ ସତ୍ୟାଗ୍ରହ ଥିଲା ଏକ ପ୍ରଶସ୍ତ ଓ ବଳିଷ୍ଠ ଅଭିଯାନ । ଯାହାର ପ୍ରଭାବରେ ଭାରତୀୟଙ୍କ ଐକ୍ୟ ଓ ଶକ୍ତି ସଂଗଠିତ ହୋଇ ପରବର୍ତ୍ତୀ ସମୟରେ ଭେଟିଦେଲା ସୁଖ,ସ୍ୱାଚ୍ଛଂଦ୍ୟ ଓ ଉଲ୍ଲାସର ସ୍ୱାଧୀନତା ।

 Magazine Downloaded from www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାର ଆଗାମୀ ସଂସ୍କରଣ : ଅକ୍ଟୋବର ୨୦୧୯

ଲେଖା ପଠାଇବାର ଶେଷ ତାରିଖ : ୩ ଅକ୍ଟୋବର ୨୦୧୯

ଲେଖା ପଠାଇବା ସମୟରେ ଇମେଲ୍‌ରେ ସବ୍‌ଜେକ୍ଟ ଲେଖିବେ :

Your name (**ଆପଣଙ୍କ ନାମ**) : October 2019

ଲେଖା ଗୁଡ଼ିକ ଯଦି ଓଡ଼ିଆରେ ଟାଇପ୍ କରି ୱାର୍ଡ଼ ଫାଇଲରେ ପଠାଇବେ ତା ହେଲେ ଆମକୁ ପୁଣିଥରେ ସେହି ସବୁ ଲେଖା ଟାଇପ୍ କରିବାକୁ ପଡ଼ିବ ନାହିଁ । ହାତ ଲେଖାକୁ ଫଟୋ ଉଠାଇ କିମ୍ବା ସ୍କାନ୍ କରି ଇମେଲ୍ ଆଟାଚ୍‌ମେଣ୍ଟ ଭାବରେ ପଠାଇବେ । ହସ୍ତଲେଖା ସୁନ୍ଦର ଓ ପଠନଯୋଗ୍ୟ ହେବା ଅନିବାର୍ଯ୍ୟ, ନଚେତ ଯଦି ପ୍ରକାଶନରେ କୌଣସି ତ୍ରୁଟି ରହେ ସେଥିପାଇଁ ସମ୍ପାଦକ ଦାୟୀ ରହିବେ ନାହିଁ ।

ଯଦି ଗଳ୍ପ ବା କାହାଣୀ କିମ୍ବା ପ୍ରବନ୍ଧ ପଠାଉଛନ୍ତି ତେବେ ଧ୍ୟାନ ଦିଅନ୍ତୁ, ପ୍ରତ୍ୟେକ ଶବ୍ଦ ମଧ୍ୟରେ କେବଳ ଗୋଟିଏ ଖାଲି ସ୍ଥାନ ଛାଡ଼ିବେ, କମା, ପୂର୍ଣ୍ଣଚ୍ଛେଦ, ଯୁକ୍ତାକ୍ଷର ଆଦି ବ୍ୟାକରଣ ତ୍ରୁଟି ପ୍ରତି ସାବଧାନ ରହି ଟାଇପ୍ କରିବେ । ବ୍ୟାକରଣଗତ ତ୍ରୁଟି ପାଇଁ ପ୍ରକାଶନରେ ଅହେତୁକ ବିଳମ୍ବ ହୁଏ । ତେଣୁ ଯଦି ସମ୍ଭବ ହେଉଛି ଆପଣଙ୍କ ନିକଟରେ ଥିବା କେହି ଓଡ଼ିଆ ବନ୍ଧୁଙ୍କ ଦ୍ୱାରା ନିଜ ଲେଖାକୁ ସଠିକ ଭାବରେ ପରୀକ୍ଷା କରି ନିଅନ୍ତୁ ।

ଲେଖା ସହିତ ନିଜର ଗୋଟିଏ ପାସପୋର୍ଟ୍ ଫଟୋ (ଯଦି ନାହିଁ, ତେବେ ଭଲ ଦେଖାଯାଉଥିବା ସୁନ୍ଦର ଫଟୋଟିଏ) ସହିତ ନିଜର ଠିକଣା ଲେଖି ପଠାଇବେ ।

ଆମର ଲେଖା ସଂଗ୍ରହ ଇମେଲ୍ : aahwaan@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିଶେଷ ସୂଚନା

ଦୟାକରି ପ୍ରତ୍ୟେକ ମାସର ସଂସ୍କରଣ ନିମନ୍ତେ କେବଳ ଗୋଟିଏ ବା ଦୁଇଟି ଲେଖା ହିଁ ପଠାନ୍ତୁ । କିଛି ବନ୍ଧୁ ଏକାଧିକ ଲେଖା ପଠାଇ ଆମକୁ ଚିନ୍ତାରେ ପକାଇ ଦେଉଛନ୍ତି । ଆମେ ସେ ମଧ୍ୟରୁ ଚୟନ କରିବାକୁ ଅସୁବିଧାର ସମ୍ମୁଖୀନ ହେଉଛୁ । ସୂଚନାଯୋଗ୍ୟ ଯେ କିଛି ବନ୍ଧୁ ବିଗତ ମାସରେ ଅନ୍ୟୁନ ଦଶରୁ ଅଧିକ କବିତା ପଠାଇଛନ୍ତି । ଏହାଦ୍ୱାରା ଆମ ଇମେଲ୍ ବକ୍ସ ଭର୍ତ୍ତି ହେଉଛି ଏବଂ ସମ୍ପାଦନା କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ।

ବାରମ୍ବାର ଅନୁରୋଧ ସତ୍ତ୍ୱେ ଅନେକ ବନ୍ଧୁ ଟାଇପ୍ ନ କରି ଲେଖା ପଠାଉଛନ୍ତି । ଏହା ଫଳରେ ଆମକୁ ସମ୍ପାଦନା ପୂର୍ବରୁ ଅନ୍ୟୁନ ଅର୍ଦ୍ଧାଧିକ ପୃଷ୍ଠା ନିଜେ ଟାଇପ୍ କରିବାକୁ ପଡୁଛି ଏବଂ ଏଥିପାଇଁ ପତ୍ରିକା ପ୍ରକାଶନରେ ବିଳମ୍ବ ଦେଖା ଦେଉଛି । ଦୟାକରି ନିଜସ୍ୱ ଲେଖା ଟାଇପ୍ କରି ମାଇକ୍ରୋସଫ୍ଟ ୱାର୍ଡ୍ ଫାଇଲରେ ପଠାନ୍ତୁ । ଯଦି ଟାଇପ୍ କରି ପାରୁନାହାନ୍ତି ତା ହେଲେ ଅନ୍ୟ ଉପାୟ କରନ୍ତୁ । ପିଡ଼ିଏଫ୍ ଫାଇଲରେ ପଠାଉଥିବା ଲେଖାକୁ ୱାର୍ଡ୍ ଫାଇଲରେ ପଠାନ୍ତୁ ।

ହ୍ୱାଟ୍ସଆପ୍‌ରେ ଲେଖା ପଠାନ୍ତୁ ନାହିଁ । ଏହା ସ୍ୱୀକାର୍ଯ୍ୟ ହେବନାହିଁ । କେବଳ ଇମେଲ୍ ଦ୍ୱାରା ହିଁ ଲେଖା ପଠାନ୍ତୁ । ଆହ୍ୱାନ ଇ-ପତ୍ରିକାର ଆଣ୍ଡ୍ରଏଡ୍ ଆପ୍ ଡାଉନଲୋଡ୍ କରନ୍ତୁ ।

**ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।**

ଆମ ଇମେଲ୍ ଠିକଣା :

**aahwaan@gmail.com**